# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୬/୨୦୧୮ (୨୦ ପୃଷ୍ଠା) | Bhubaneswar, Wednesday, September 26/ 2018 | ★★★★★★

୪୪ଶ ଭାଗ ୩୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## 'ଅର୍ଜୁନ ରେଡ୍ଡୀ'ର ରିମେକ୍ ପାଇଁ ଉତ୍ସାହିତ

'ଅର୍ଜୁନ ରେଡ୍ଡୀ'ର ହିନ୍ଦୀ ରିମେକ୍‌ରେ ଶାହିଦ୍ କପୁରଙ୍କ ସହିତ କାର୍ଯ୍ୟ କରିବାକୁ ଅଭିନେତ୍ରୀ କାଇରା ଆଡଭାନୀ ଉତ୍ସାହିତ ଥିବା କହିଛନ୍ତି।

୦୭

୧୯

## ଶର୍ମିଳା କୁମାରୀଙ୍କୁ ପ୍ରଥମ ସ୍ୱର୍ଣ୍ଣ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଜାଭେଲିନ୍ ଥ୍ରୋରୁ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଛନ୍ତି ରେଲୱେର ଶର୍ମିଳା କୁମାରୀ।



### ଆଧାରର ସାମ୍ବିଧାନିକ ବୈଧତା

## ସୁପ୍ରିମକୋର୍ଟ ରାୟ ଆଜି

**ନୂଆଦିଲ୍ଲୀ,୨୫।୯:** ଆଧାରର ସାମ୍ବିଧାନିକ ବୈଧତା ସମ୍ପର୍କରେ ସୁପ୍ରିମକୋର୍ଟ ବୁଧବାର ରାୟ ପ୍ରକାଶ କରିବେ। ସରକାରଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ସହ ୧୨ ସଂଖ୍ୟାବିଶିଷ୍ଟ ବାୟୋମେଟ୍ରିକ୍‌କୁ ଯୋଡାଯିବାକୁ ଗତବର୍ଷ ବିରୋଧ କରାଯାଇଥିଲା। ରାୟ ପ୍ରକାଶ ପର୍ଯ୍ୟନ୍ତ ବାଧ୍ୟତାମୂଳକ ଭାବେ ବ୍ୟାଙ୍କ ଓ ମୋବାଇଲ ନମ୍ବରକୁ ଆଧାର ସହିତ ଯୋଡାଯିବା ଚାଲୁ ରହିବ ବୋଲି ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟ ଅନ୍ତରୀଣ ରାୟରେ ସ୍ପଷ୍ଟ କରିଥିଲେ। ଆଧାର ସଂଯୋଗ ଦ୍ୱାରା ନାଗରିକଙ୍କ ଗୋପନୀୟତା ଭଙ୍ଗ ହେଉଛି ବୋଲି ଅଭିଯୋଗ କରାଯାଇ ସୁପ୍ରିମକୋର୍ଟରେ ଆଧାର ସଂଯୋଗ ବିରୋଧରେ ଏକାଧିକ ମାମଲା ଦାଏର କରାଯାଇଛି।



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ରାଜୀବ ଗାନ୍ଧୀ ଖେଳ ରତ୍ନ ପୁରସ୍କାର ଗ୍ରହଣ କରୁଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। **(ରିପୋର୍ଟ ଖେଳ ପୃଷ୍ଠାରେ)**

### ■ ରାଜନୀତିରେ ଅପରାଧୀକରଣ: ସୁପ୍ରିମକୋର୍ଟଙ୍କ ରାୟ

# ନିର୍ବାଚନ ଲଢ଼ିପାରିବେ ଦାଗୀ ନେତା

ନୂଆଦିଲ୍ଲୀ,୨୫।୯(ପି.ଟି.)

ଦାଗୀ ନେତା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏପରି କି ଯେଉଁମାନଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଥିବ ସେମାନେ ମଧ୍ୟ ପ୍ରାର୍ଥୀ ହୋଇପାରିବେ। ଏଭଳି ନେତାଙ୍କୁ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷଣା କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ତେବେ ରାଜନୀତିକୁ ଅପରାଧମୁକ୍ତ କରିବା ପାଇଁ ଏ ସଂକ୍ରାନ୍ତ ଆଇନ ପ୍ରଣୟନ ଲାଗି ପାର୍ଲାମେଣ୍ଟ ଉପରେ ନିଷ୍ପତ୍ତି ଛାଡ଼ି ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଏହାସହ ପ୍ରାର୍ଥୀଙ୍କ ବିରୋଧରେ ଥିବା ଆପରାଧିକ ମାମଲାଗୁଡ଼ିକ ସମ୍ପର୍କରେ ବିସ୍ତୃତ ତଥ୍ୟ ଭୋଟରଙ୍କ ଅବଗତି ନିମନ୍ତେ ନିଜ ୱେବ୍‌ସାଇଟ୍ ତଥା ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମରେ ସ୍ପଷ୍ଟ ଭାବେ ପ୍ରକାଶ କରିବା ପାଇଁ ରାଜନୈତିକ ଦଳଗୁଡ଼ିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ରାଜନୀତିରେ ବଢ଼ିଚାଲିଥିବା ଅପରାଧୀକରଣକୁ ନେଇ ସୁପ୍ରିମକୋର୍ଟ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ମଙ୍ଗଳବାର ଏ ସଂକ୍ରାନ୍ତ ଏକାଧିକ ପିଟିଶନର ଶୁଣାଣି କରି ରାୟ ଶୁଣାଇଛନ୍ତି। ଜଷ୍ଟିସ୍ ଆର୍.ଏଫ୍. ନରିମାନ୍, ଏ.ଏମ୍. ଖାନ୍‌ୱିଲକର, ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଇନ୍ଦୁ ମାଲହୋତ୍ରାଙ୍କୁ ନେଇ ଗଠିତ ପୀଠ ୧୦୦ ପୃଷ୍ଠାର ରାୟରେ କହିଛନ୍ତି, ରାଜନୀତିର ଅପରାଧୀକରଣ ଅତ୍ୟନ୍ତ ବିପର୍ଯ୍ୟୟ ଓ ଶୋଚନୀୟ ସ୍ଥିତି ସୃଷ୍ଟି କରିଛି। ଏହା ଆମର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଦୋହଲାଇ ଦେଇଛି। ଦେଶରେ ଏହି ଧାରା ବଢ଼ିବାରେ ଲାଗିଛି। ଭ୍ରଷ୍ଟାଚାର ହେଉଛି ଏକ ଜାତୀୟ ଅର୍ଥନୈତିକ ଆତଙ୍କ। ଗଣତନ୍ତ୍ରରେ ନାଗରିକମାନେ ଅନ୍ଧ, ମୂକ ଓ ବଧିର ଭାବେ ଅସହାୟ ହୋଇ ରହିବା ଅନୁଚିତ। ତେଣୁ ରାଜନୀତିରେ ବଢ଼ିଚାଲିଥିବା ଅପରାଧ ଗଣତନ୍ତ୍ର ପାଇଁ ଘାତକ ସାଜିବା ପୂର୍ବରୁ ଏହାକୁ ରୋକାଯିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିସକାଶେ ରାଜନୈତିକ ସ୍ରୋତକୁ ଯେପରି ଆପରାଧିକ ପୃଷ୍ଠଭୂମିର ନେତା ନ ଆସନ୍ତି ତାହା ସୁନିଶ୍ଚିତ କରିବା ପାର୍ଲାମେଣ୍ଟର ଦାୟିତ୍ୱ। ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତରେ କଠୋର ଆଇନ ପ୍ରଣୟନ କରାଯାଉ। ଏହାଦ୍ୱାରା ଯେଉଁ ନେତାଙ୍କ ବିରୋଧରେ ଘୃଣ୍ୟ ଓ ସଙ୍ଗିନ ଅପରାଧ ମାମଲାରେ ଚାର୍ଜଶିଟ ହୋଇଥିବ, ତାଙ୍କ ସଦସ୍ୟତା ରଦ୍ଦ ☞ପୃଷ୍ଠା-୧୬



### ସ୍ପଷ୍ଟ କଲେ ସାମ୍ବିଧାନିକ ପୀଠ

- ■ ରାଜନୀତିକୁ ଅପରାଧମୁକ୍ତ କରାଯିବା ଜରୁରୀ
- ■ ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ଆଇନ ପ୍ରଣୟନ କରାଯାଉ
- ■ ଚାର୍ଜଶିଟ୍ ଆଧାରରେ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷଣା କରାଯାଇ ପାରିବ ନାହିଁ
- ■ ନିଜ ବିରୋଧରେ ଥିବା ମାମଲା ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବେ ପ୍ରାର୍ଥୀ
- ■ ରାଜନୈତିକ ଦଳ ନିଜ ୱେବ୍‌ସାଇଟ୍, ମୁଦ୍ରଣ ଓ ବୈଦ୍ୟୁତିକ ଗଣମାଧ୍ୟମରେ ତାହା ଦର୍ଶାଇବେ



### ଆଇନପ୍ରଣେତାଙ୍କୁ ମନା ନୁହେଁ ଓକିଲାତି

ପୃଷ୍ଠା ୨

# ଖାତକୁ ଖସିଲା ଗାଡ଼ି, ପରିବାରର ୫ମୃତ

ପୁରୀ ଅଫିସ/ପାତ୍ରପୁର, ୨୫।୯ (ଡି.ଏନ୍.ଏ.)



**ଅସ୍ଥି ବିସର୍ଜନ ପାଇଁ ଆସିବା ବେଳେ ଦୁର୍ଘଟଣା**

ପୁରୀ ଜିଲାରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମହୋଦଧିରେ ଅସ୍ଥି ବିସର୍ଜନ କରିବାକୁ ଆସୁଥିବା ଗୋଟିଏ ପରିବାରର ୫ଜଣ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଅନ୍ୟ ୬ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଚନ୍ଦନପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଡାକ୍ତର ପୁଣ୍ୟଶ୍ଳୋକ ଦାଶ କହିଛନ୍ତି। ମଙ୍ଗଳବାର ଭୋର ୫ଟାରେ ପୁରୀ ନୂଆ ଜଗନ୍ନାଥ ସଡ଼କ ଭାଇଲିପୁର ଓ ରୁଆ ଛକ ମଝିରେ ଘଟିଛି ଏହି ଦୁର୍ଘଟଣା। ଡ୍ରାଇଭରର ଆଖି ଲାଗିଯିବାରୁ ଟାଟା ମ୍ୟାଜିକ ରାସ୍ତାକଡ଼ ଖାତରେ ଖସିପଡ଼ିଥିଲା। ମୃତକମାନେ ହେଲେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଖମ୍ବାରିଙ୍ଗା ପଞ୍ଚାୟତ ଲାଲ କମାଗାଁ ଗ୍ରାମର କେ. ଜଗଦୀଶ, କେ. କ୍ରିଷ୍ଣା, କେ. ହେମାବତୀ, କେ. ଅଭିମନ୍ୟୁ (୧୦) ଓ କେ. ସାଇଲୁ (୫)। ଚନ୍ଦନପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

ସୂଚନା ମୁତାବକ, ଗତ ୧୫ ଦିନ ତଳେ ପରିବାରର ମୁଖ୍ୟ କେ. ମୁରଲୀଙ୍କର ୭୫ ବର୍ଷ ବୟସରେ ମୃତ୍ୟୁ ଘଟିଥିଲା। ☞ପୃଷ୍ଠା-୧୬

### ■ ସହରୀ ଲୋକଙ୍କୁ ପ୍ରତାରଣା

# ସହର ପାଣି ପରଖିବ ଘରୋଇ ସଂସ୍ଥା

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ସରକାରୀ ସଂସ୍ଥା ଉପରୁ ଭରସା ତୁଟୁଛି। ଘରୋଇ ସଂସ୍ଥା ହେବେ ସର୍ବେସର୍ବା। ସହରାଞ୍ଚଳକୁ ଯୋଗାଇ ଦିଆଯାଉଥିବା ପାଣିର ନମୁନା ଆଉ ସରକାରଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଜନସ୍ୱାସ୍ଥ୍ୟ ପରୀକ୍ଷାଗାର ଦ୍ୱାରା ଯାଞ୍ଚ ହେବ ନାହିଁ। ସରକାରୀ ଘରୋଇ ସହଭାଗିତା (ପିପିପି) ମୋଡ୍‌ରେ ଘରୋଇ ସଂସ୍ଥା ହାତରେ ଏହି ବ୍ୟବସ୍ଥାକୁ ଟେକି ଦିଆଯିବ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ଉଦ୍ୟମ ଆରମ୍ଭ ହୋଇଛି।

ପ୍ରଥମ ପର୍ଯ୍ୟାୟରେ ୯ଟି ଅମୃତ ସହରକୁ ଘରୋଇ ସଂସ୍ଥା ହାତରେ ଟେକିଦେବା ପରେ ଏବେ ରାଜ୍ୟର ୧୦୨ଟି ସହରାଞ୍ଚଳର ପାନୀୟ ଜଳ ପରୀକ୍ଷା ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଚାଲିଯିବ। ଏନେଇ ଯୁଦ୍ଧକାଳୀନଭିତ୍ତିରେ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। ଖୁବ୍‌ଶୀଘ୍ର ଏ ନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ସହରାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପୂର୍ବରୁ ପାଣିର ନମୁନା ପରୀକ୍ଷା କରିବା ଅପରିହାର୍ଯ୍ୟ। ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ(ବିଆଇଏସ୍) ଅନୁଯାୟୀ ପାନୀୟ ଜଳକୁ ଅତି କମ୍‌ରେ ୮୦ଟି ପାରାମିଟର ପରୀକ୍ଷା କରି ଏହା ପିଇବା ଉପଯୋଗୀ କି ନୁହେଁ ତାହା ନିଶ୍ଚିତ କରିବାକୁ ପଡ଼ିବ। ସେଥିପାଇଁ ସହରାଞ୍ଚଳର ଜଳ ନମୁନା ପରୀକ୍ଷା କରିବା ପାଇଁ ସରକାର ରାଜ୍ୟ ବିଜ୍ଞାନାଗାର ସମେତ ୧୯ଟି ଜନସ୍ୱାସ୍ଥ୍ୟ ଡିଭିଜନ ଖୋଲିଥିଲେ। ଦୀର୍ଘ ବର୍ଷ ଧରି ଏହି ସଂସ୍ଥା ଜଳର ମାନ ଯାଞ୍ଚ କରି ଆସୁଛି। ଏଥିପାଇଁ କର୍ମଚାରୀ ଓ ଜଳ ପରୀକ୍ଷା ପାଇଁ ସରଞ୍ଜାମ ମଧ୍ୟ ଯୋଗାଇ ଦିଆଯାଇଛି। ତେବେ ଏହି ସଂସ୍ଥାକୁ ସମ୍ପୂର୍ଣ୍ଣ ଅକାମୀ କରି ଦେବା ସହ ଘରୋଇ ସଂସ୍ଥା ହାତରେ ଜଳ ପରୀକ୍ଷା ଭାର ଟେକି ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି।

କେନ୍ଦ୍ର ସରକାର ଅଟଳ ମିଶନ ଫର ରିଜୁଭେନିସନ ☞ପୃଷ୍ଠା-୧୬



■ **ସରକାରୀ ବ୍ୟବସ୍ଥାକୁ ବୁଡ଼ାଇବାକୁ ଚକ୍ରାନ୍ତ**


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,900/- 10gm.
Gold 22 CT - ₹ 30,800/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE 25.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 59 | 105 | 115 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 60 | 106 | 116 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers


### ମହାରଥୀଙ୍କ ବିବାଦୀୟ ଭିଡିଓ ଭାଇରାଲ

........ ୪ ........

**ଆଜିର ସମ୍ପାଦକୀୟ**

### ଉତ୍ତମ ରାୟ

**ଆଜିର ମନ୍ତବ୍ୟ**

" ନ୍ୟାୟପାଳିକା ସମ୍ବିଧାନର ଧର୍ମନିରପେକ୍ଷ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ଉଚିତ।

-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ






"ସିରିଆ ଓ ୟେମେନରେ ଯୁଦ୍ଧ ବନ୍ଦ କରିବାରେ ବିଶ୍ୱ ସମୁଦାୟ ବିଫଳ ହୋଇଛି। ରୋହିଙ୍ଗ୍ୟା ଶରଣାର୍ଥୀ ସଙ୍କଟ ଓ ଆତଙ୍କବାଦ ବିରୋଧରେ ମଧ୍ୟ ଆଖିଦୃଶିଆ ପଦକ୍ଷେପ ନିଆଯାଇ ପାରିନାହିଁ। ଏହି ପ୍ରସଙ୍ଗଗୁଡ଼ିକୁ ନେଇ ବିଶ୍ୱରେ ଭୟଙ୍କର ସ୍ଥିତି ସୃଷ୍ଟି ହେଲାଣି।"

-ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ

## ସଂକ୍ଷେପରେ

### ୨ ଆତଙ୍କବାଦୀ ନିହତ

ଶ୍ରୀନଗର, ୨୫।୯(ପି.ଟି.): ଜମ୍ମୁ-କଶ୍ମୀରରେ ମଙ୍ଗଳବାର ସୁରକ୍ଷାବଳକୁ ମିଳିଛି ସଫଳତା। ବାରମୁଲ୍ଲା ଜିଲାରେ ଏନ୍‌କାଉଣ୍ଟରବେଳେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସୋପୋର୍ ଟାଉନ୍‌ରେ ଥିବା ବୋମାଇ ଅଞ୍ଚଳରେ ଆତଙ୍କବାଦୀ ଲୁଚିରହିଥିବା ସୂଚନା ମିଳିଥିଲା। ଏହାପରେ ପୂର୍ବାହ୍ନରେ ଉକ୍ତ ଅଞ୍ଚଳରେ ଘେରାବନ୍ଦୀ କରି ତଲାସି ଅଭିଯାନ ଚଳାଇଥିଲେ ସୁରକ୍ଷାକର୍ମୀ। ଏତିକିବେଳେ ଲୁଚିରହିଥିବା ଆତଙ୍କବାଦୀ ଗୁଳିମାଡ଼ ଆରମ୍ଭ କରିଦେଇଥିଲେ। ଜବାବୀ ହମ୍‌ଲାରେ ୨ ଆତଙ୍କବାଦୀ ଟଳିପଡ଼ିଛନ୍ତି ବୋଲି ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। ଏମାନେ କେଉଁ ଆତଙ୍କବାଦୀ ସଙ୍ଗଠନର ସଦସ୍ୟ ଥିଲେ, ତାହା ଜଣାପଡ଼ି ନାହିଁ।

### ଉତ୍ତରପୂର୍ବରେ ଭୂକମ୍ପ

କୋଲ୍‌କାତା, ୨୫।୯: ଆସାମ, ମେଘାଳୟ ସମେତ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ମଙ୍ଗଳବାର ପୂର୍ବାହ୍ନରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୭ ଥିବା ସୂଚନା ମିଳିଛି। ଆସାମର ବାର୍‌ପେଟା ଜିଲା ହେଉଛି ଭୂକମ୍ପର କେନ୍ଦ୍ରସ୍ଥଳ। ଅରୁଣାଚଳପ୍ରଦେଶ, ନାଗାଲାଣ୍ଡ ଏବଂ ମଣିପୁରରେ ମଧ୍ୟ ଦୁଇଥର ଝଟକା ଅନୁଭୂତ ହୋଇଥିଲା। ପ୍ରଥମେ ୯ଟା ୧୭ ଏବଂ ପରେ ୯ଟା ୨୧ରେ ଭୂକମ୍ପ ହୋଇଥିଲା। ଲୋକେ ଭୟରେ ଘରୁ ବାହାରକୁ ଚାଲିଯାଇଥିଲେ। କ୍ଷୟକ୍ଷତିର କୌଣସି ସୂଚନା ମିଳି ନାହିଁ।

### ଇତିହାସର ଆଇନାରେ
### ସେପ୍ଟେମ୍ବର ୨୬ର ପ୍ରମୁଖ ଘଟଣା

୧୯୮୦ ସେପ୍ଟେମ୍ବର ୨୬ରେ ଜର୍ମାନୀର ମ୍ୟୁନିକ୍‌ରେ ଅକ୍ଟୋବରଫେଷ୍ଟ ସମୟରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ୧୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୧୧ ଜଣ ଆହତ ହୋଇଥିଲେ। ଏହି ବିସ୍ଫୋରଣରେ ଆଇଆଇଡି ବ୍ୟବହାର କରାଯାଇଥିଲା। ଏହି ଆକ୍ରମଣ ପଛରେ ଦକ୍ଷିଣପନ୍ଥୀ ଛାତ୍ର ଗୁଣ୍ଡୋଲଫ୍ କୋହଲ ସମ୍ପୃକ୍ତ ଥିଲେ।

୧୯୧୦ ସେପ୍ଟେମ୍ବର ୨୬ରେ ଭାରତୀୟ ସାମ୍ବାଦିକ କେ. ରାମକୃଷ୍ଣ ପିଲାଇଙ୍କୁ ଗିରଫ କରାଯିବା ସହ ଇଂରେଜ ସରକାର ତାଙ୍କୁ ଦେଶରୁ ନିର୍ବାସିତ କରିଥିଲେ। ତାଙ୍କ ଦ୍ୱାରା ସମ୍ପାଦିତ ଖବରକାଗଜ ସ୍ୱଦେଶଭିମାନୀ(ଦ ପାଟ୍ରିୟଟ) ଜରିଆରେ ଇଂରେଜ ସରକାରଙ୍କୁ ସେ କଡ଼ା ସମାଲୋଚନା କରୁଥିଲେ। ସେଥିପାଇଁ ତାଙ୍କୁ ତ୍ରାଭାନ୍‌କୋରରୁ ଗିରଫ କରାଯାଇଥିଲା।

# ଆଇନପ୍ରଣେତାଙ୍କୁ ମନା ନୁହେଁ ଓକିଲାତି

ନୂଆଦିଲ୍ଲୀ, ୨୫।୯(ପି.ଟି.)





■ ଏମ୍‌ପି, ବିଧାୟକ ହେବା ପରେ ବି ପେସା ଜାରି ରଖିପାରିବେ ଆଇନଜୀବୀ

■ ନିର୍ବାଚିତ ଲୋକ ପ୍ରତିନିଧି ପୂର୍ଣ୍ଣଭାବେ ଦରମାଭୋଗୀ ନୁହନ୍ତି: ସୁପ୍ରିମକୋର୍ଟ

ଆଇନଜୀବୀରୁ ଆଇନପ୍ରଣେତା ହୋଇଥିବା ଏମ୍‌ପି, ଏମ୍‌ଏଲଏ ଏବଂ ଏମ୍‌ଏଲ୍‌ସିଙ୍କ ପାଇଁ ଖୁସି ଖବର। ଏଣିକି ଏମାନେ ଲୋକ ପ୍ରତିନିଧି ଥାଇ ସୁଦ୍ଧା କୋର୍ଟରେ ଓକିଲାତି କରିପାରିବେ। ମଙ୍ଗଳବାର ଏହି ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ପାର୍ଲାମେଣ୍ଟ, ବିଧାନସଭା ଏବଂ ବିଧାନ ପରିଷଦରେ ସଦସ୍ୟ ଥିବା ଆଇନପ୍ରଣେତାଙ୍କୁ ଆଇନଜୀବୀ ପେସା ଜାରି ରଖିବାରେ କେହି ରୋକ୍ ଲଗାଇପାରିବେ ନାହିଁ। କାହିଁକି ନା ସେମାନଙ୍କ ପେସାରେ ବାଧାଦେବା ନିମିତ୍ତ କୌଣସି ଆଇନକାନୁନ ନାହିଁ ବୋଲି ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

ଆଡଭୋକେଟ୍ସ ଆକ୍ଟ-୧୯୬୧ ଓ ଏହା ଅଧୀନରେ ପ୍ରଣୀତ ନିୟମକୁ ଆଧାର କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ବିସିଆଇ) କରିଥିବା ନିୟମ ଅର୍ଥାତ୍ ରୁଲ୍-୪୯ ନିର୍ବାଚିତ ଲୋକ ପ୍ରତିନିଧିଙ୍କ କ୍ଷେତ୍ରରେ ଲାଗୁହେବ ନାହିଁ। କାରଣ ସେମାନେ କୌଣସି ବ୍ୟକ୍ତି, ଫାର୍ମ, ସରକାର, କର୍ପୋରେଶନ କିମ୍ବା ଅନ୍ୟ ସଂସ୍ଥାର ପୂର୍ଣ୍ଣ ଦରମାଭୋଗୀ କର୍ମଚାରୀ ନୁହନ୍ତି। ଆଇନପ୍ରଣେତାଙ୍କ ପରିଚୟ ହେଉଛି, ସେମାନେ ଏକ ଗୃହ (ପାର୍ଲାମେଣ୍ଟ/ବିଧାନସଭା)ର ସଦସ୍ୟ। ରାୟ ପ୍ରକାଶବେଳେ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ ସଦସ୍ୟ ଥିବା ଖଣ୍ଡପୀଠ ଏହା କହିଛନ୍ତି। ଏଥିସହ ଭାଜପା ନେତା ଅଶ୍ୱିନୀ ଉପାଧ୍ୟାୟ ଦାଏର କରିଥିବା ଜନସ୍ୱାର୍ଥ ଆବେଦନ (ପିଆଇଏଲ୍)କୁ କୋର୍ଟ ଖାରଜ କରିଦେଇଛନ୍ତି। ଏମ୍‌ପି ଓ ବିଧାୟକମାନେ କାର୍ଯ୍ୟକାଳ ମଧ୍ୟରେ ଯେପରି ଓକିଲାତି ପେସାରେ ରହି ନ ପାରିବେ, ଏଥିଲାଗି ଆଇନ ଅନୁସାରେ କଟକଣା ହେଉ ବୋଲି ଅଶ୍ୱିନୀ ଆବେଦନରେ ଦର୍ଶାଇଥିଲେ। ତାଙ୍କ ଯୁକ୍ତି ବିରୋଧରେ ମତ ଦେଇ ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ୧୯୫୪ ଆକ୍ଟ ଅନୁଯାୟୀ ଏମ୍‌ପି, ଏମ୍‌ଏଲ୍‌ଏ ଓ ଏମ୍‌ଏଲ୍‌ସି ଦରମା ଓ ଅନ୍ୟାନ୍ୟ ଭତ୍ତା ପାଆନ୍ତି। କିନ୍ତୁ ଏହା ଦ୍ୱାରା ସରକାର ଏବଂ ଆଇନପ୍ରଣେତାଙ୍କ ମଧ୍ୟରେ ନିଯୁକ୍ତିଦାତା ଓ ନିଯୁକ୍ତ କର୍ମଚାରୀ ଭାବେ ସମ୍ପର୍କ ଗଢ଼ାହୁଏ ନାହିଁ। ନିର୍ବାଚିତ ଆଇନପ୍ରଣେତାଙ୍କୁ ଲୋକସେବକ ଭାବେ ପରିଗଣିତ କରାଗଲେ ସୁଦ୍ଧା ସେମାନଙ୍କ ସ୍ଥିତି ଭିନ୍ନ। ସେମାନେ ପୂର୍ଣ୍ଣ ଭାବେ ନିଯୁକ୍ତି ପାଇଥିବା ଏବଂ ଦରମା ନେଉଥିବା କର୍ମଚାରୀ ନୁହନ୍ତି। ବରଂ ସେମାନେ ପାର୍ଲାମେଣ୍ଟ/ବିଧାନସଭାର ଏକ ଆସନରେ ଲୋକ ପ୍ରତିନିଧି ଭାବେ ନିର୍ବାଚିତ ହେଉଥିବା ସଦସ୍ୟ। ଗୃହଭଙ୍ଗ ନ ହେବା ପର୍ଯ୍ୟନ୍ତ ସେମାନେ ଏକ ସ୍ୱତନ୍ତ୍ର ପାହ୍ୟା ପାଆନ୍ତି। ତା'ପରେ ସ୍ଥିତି ବଦଳିଯାଏ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ରାୟ ଦେବାବେଳେ ଖଣ୍ଡପୀଠ କହିଛନ୍ତି ଯେ, ଏମ୍‌ପି, ଏମ୍‌ଏଲ୍‌ଏ ଓ ଏମ୍‌ଏଲ୍‌ସିଙ୍କୁ ରାଷ୍ଟ୍ରପତି ଏବଂ ରାଜ୍ୟପାଳ ଶପଥପାଠ କରାନ୍ତି। ସେମାନଙ୍କ ବିରୋଧରେ ଗୃହର ବାଚସ୍ପତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି। ଏହାର ଅର୍ଥ ନୁହେଁ, ସେମାନଙ୍କୁ ପୂର୍ଣ୍ଣ ଦରମାଭୋଗୀ କର୍ମଚାରୀ ଭାବେ ବିବେଚନା କରାଯିବ। ଅବଶ୍ୟ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦର ସଦସ୍ୟ ଥିବା ମନ୍ତ୍ରୀଙ୍କ ସ୍ଥିତି ଭିନ୍ନ। ସେମାନଙ୍କ କ୍ଷେତ୍ରରେ ପୃଥକ୍ ଆଇନକାନୁନ ଲାଗୁ ହୁଏ ଏବଂ ଭିନ୍ନ ବ୍ୟବସ୍ଥା ରହିଛି। ତେଣୁ ଆଇନପ୍ରଣେତାମାନେ ଓକିଲାତି ପେସା ଜାରି ରଖିବାରେ ଅସୁବିଧା ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

## ରାୟ ପରେ ନେତାମାନେ ଖୁସି

ନୂଆଦିଲ୍ଲୀ, ୨୫।୯(ଆଇଏଏନ୍‌ଏସ୍)



ସୁପ୍ରିମକୋର୍ଟଙ୍କ ରାୟ ରାଜନେତା ସାଜିଥିବା ବରିଷ୍ଠ ଆଇନଜୀବୀ କପିଲ ଶିବଲ, ପି. ଚିଦାମ୍ବରମ୍, ଅଭିଷେକ ମନୁ ସିଂଘଭୀ, କେ.ଟି.ଏସ୍. ତୁଲସୀ, ପିନାକୀ ମିଶ୍ର, ମୀନାକ୍ଷୀ ଲେଖୀ ଏବଂ କେ. ପରାଶରନ୍‌ଙ୍କ ପାଇଁ ଖୁସି ଆଣିଦେଇଛି। ଏହି ଆଇନଜୀବୀମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ନ୍ୟାୟିକ ଲଢ଼େଇ ଲଢ଼ୁଛନ୍ତି। କଂଗ୍ରେସ ନେତା ସଲମାନ ଖୁର୍ସିଦ, ଶିବଲ ଏବଂ ଚିଦାମ୍ବରମ୍ ୨୦୧୪ ଲୋକ ସଭା ନିର୍ବାଚନରେ ପରାଜିତ ହେବା ପରେ ଓକିଲାତି ପେସାକୁ ଫେରିଥିଲେ। ଏହାପରେ ଶିବଲ ବିସିସିଆଇ ଦୁର୍ନୀତି ମାମଲାରେ ଅଭିଯୁକ୍ତ ଏନ୍. ଶ୍ରୀନିବାସନ୍‌ଙ୍କ ପାଇଁ ମାମଲା ପରିଚାଳନା କରିଥିଲେ। ଟ୍ରିପଲ୍ ତଲାକ୍ ଏବଂ ଅଯୋଧ୍ୟା ମାମଲାରେ ତାଙ୍କ ଯୁକ୍ତିକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ବଳାତ୍କାର ମାମଲାରେ ଜେଲ୍ ଦଣ୍ଡାଦେଶ ପାଉଥିବା ବିବାଦୀୟ ଧର୍ମଗୁରୁ ଆଶାରାମ ବାପୁଙ୍କ ପାଇଁ ମାମଲା ଲଢ଼ିବେ ବୋଲି ଖୁର୍ସିଦ ଘୋଷଣା କରିବା ପରେ ସଭିଏଁ ଚକିତ ହୋଇଯାଇଥିଲେ। ନିକଟରେ କୋଇଲା ଦୁର୍ନୀତି ମାମଲାରେ ଚିଦାମ୍ବରମ୍ ଓ ଶିବଲ କୌଣସି ଏକ ପକ୍ଷର ଯୁକ୍ତି ଉପସ୍ଥାପନ କରିଥିଲେ। ଜାତୀୟସ୍ତରର ଦୁଇ ପ୍ରମୁଖ ରାଜନୈତିକ ଦଳ ଭାଜପା ଓ କଂଗ୍ରେସର ଅନେକ ନେତା ମଧ୍ୟ ଓକିଲାତି କରୁଛନ୍ତି। ତନ୍ମଧ୍ୟରେ ଅଛନ୍ତି ମନୀଷ୍ ତିୱାରୀ। ଜଣେ ରାଜନେତାମାନେ ସମ୍ବେଦନଶୀଳ ମାମଲା ପରିଚାଳନା କରିବା ଅନୁଚିତ ବୋଲି କୁହାଯାଉଥିଲେ ସୁଦ୍ଧା କୋର୍ଟଙ୍କ ସଦ୍ୟ ରାୟ ନେତାଙ୍କ ହାତ ମଜଭୁତ କରିଛି।

## ୧,୫୮୧ ନେତାଙ୍କ ନାଁରେ ରହିଛି ଆପରାଧିକ ମାମଲା

ନୂଆଦିଲ୍ଲୀ, ୨୫।୯

ଦେଶର ୧୫୮୧ ନେତାଙ୍କ ବିରୋଧରେ ରହିଛି ଆପରାଧିକ ମାମଲା। ସେମାନଙ୍କ ମଧ୍ୟରେ ୯୮ ଏମ୍‌ପି ଅଛନ୍ତି। ସେହିପରି ୩୫ ଜଣଙ୍କ ବିରୋଧରେ ବଳାତ୍କାର, ହତ୍ୟା, ଅପହରଣ ଭଳି ସଙ୍ଗିନ ମାମଲା ରହିଛି। ଆସୋସିଏସନ୍ ଫର୍ ଡେମୋକ୍ରାଟିକ ରିଫର୍ମ୍ସ(ଏଡିଆର୍) ପକ୍ଷରୁ ପ୍ରକାଶିତ ଏକ ସର୍ଭେ ରିପୋର୍ଟରେ ଏହା ଉଲ୍ଲେଖ ରହିଛି। ୪୮୯୬ ଜଣ ପ୍ରତିନିଧିଙ୍କ ମଧ୍ୟରୁ ୪୮୫୨ ଜଣ ନିର୍ବାଚନବେଳେ ଦାଖଲ କରିଥିବା ସତ୍ୟପାଠକୁ ଅନୁଧ୍ୟାନ କରି ଇଲେକ୍ସନ୍ ୱାଚ୍‌ଡଗ୍ ଏହି ରିପୋର୍ଟ ପ୍ରକାଶ କରିଛି। ୭୭୬ ଏମ୍‌ପିଙ୍କ ମଧ୍ୟରୁ ୭୭୪ ଜଣଙ୍କର ସତ୍ୟପାଠର ଯାଞ୍ଚ କରାଯାଇଥିଲା। ସେହିପରି ୪୧୨୦ ବିଧାୟକଙ୍କ ମଧ୍ୟରୁ ୪୦୭୮ ଜଣଙ୍କ ସତ୍ୟପାଠର ବିଶ୍ଳେଷଣ ହୋଇଥିଲା।

■ ଭାଜପା କାର୍ଯ୍ୟକର୍ତ୍ତା ମହାକୁମ୍ଭରେ ମୋଦିଙ୍କ ଟାର୍ଗେଟ

# ବିଦେଶରେ ସହଯୋଗୀ ଖୋଜୁଛି କଂଗ୍ରେସ

ଭୋପାଳ,୨୫।୯(ପି.ଟି.)

୧୨୫ ବର୍ଷ ପୁରୁଣା ଦଳ କଂଗ୍ରେସ ମିଛର ଆଶ୍ରୟ ନେଉଛି। ଏହି ଦଳ ତାଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ବିଦେଶରେ ମେଣ୍ଟ ସହଯୋଗୀ ଖୋଜୁଛି ବୋଲି ମଙ୍ଗଳବାର ସାଂଘାତିକ ଅଭିଯୋଗ ଆଣିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜନସଂଘର ସହ ପ୍ରତିଷ୍ଠାତା ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଉପଲକ୍ଷେ



ମଧ୍ୟପ୍ରଦେଶର ଭୋପାଳରେ ମଙ୍ଗଳବାର ଭାଜପା କାର୍ଯ୍ୟକର୍ତ୍ତା ମହାକୁମ୍ଭ ଆୟୋଜିତ ହୋଇଛି। ଏହି ଅବସରରେ ଦଳର କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରି ମୋଦି କଂଗ୍ରେସ ଓ ଏହାର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ରାଫେଲ ଚୁକ୍ତି ବିବାଦ ପରିପ୍ରେକ୍ଷୀରେ କଂଗ୍ରେସ ଓ ପାକିସ୍ତାନ ତାଙ୍କୁ ଶାସନ କ୍ଷମତାରୁ ହଟାଇବା ପାଇଁ ଷଡ଼ଯନ୍ତ୍ର ରଚିଛନ୍ତି। କଂଗ୍ରେସ ଏତେ ତଳକୁ ଖସିଯାଇଛି ଯେ, ମେଣ୍ଟ ଗଢ଼ିବା ପାଇଁ ଛୋଟ ଛୋଟ ରାଜନୈତିକ ଦଳଗୁଡ଼ିକ ଆଗରେ ହାତ ପତାଉଛି। ଏସବୁ ସତ୍ତ୍ୱେ ମେଣ୍ଟ ଗଠନରେ କଂଗ୍ରେସ ବିଫଳ ହେବା ପରେ ଏବେ ଅନ୍ତର୍ଜାତୀୟ ସ୍ତରରେ ସହାୟତା ନେଉଛି। ଦେଶରେ ପ୍ରଧାନମନ୍ତ୍ରୀ କିଏ ହେବ ତାହା କ'ଣ ବିଦେଶୀ ଶକ୍ତି ସ୍ଥିର କରିବେ ବୋଲି ମୋଦି ପ୍ରଶ୍ନ କରିଛନ୍ତି।

■ ରାଜକୁମାର ଅପହରଣ ମାମଲା

## ବୀରାପ୍ପାନଙ୍କ ୯ ସହଯୋଗୀ ନିର୍ଦ୍ଦୋଷ

ଏରୋଡ୍,୨୫।୯(ପି.ଟି.)



କନ୍ନଡ ସୁପରଷ୍ଟାର ସ୍ୱର୍ଗତ ରାଜକୁମାରଙ୍କ ଅପହରଣ ମାମଲାର ୧୮ ବର୍ଷ ପରେ ତାମିଲନାଡୁର ଏରୋଡ୍ କୋର୍ଟରେ ଏହାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଦସ୍ୟୁ ବୀରାପ୍ପାନଙ୍କ ୯ ସହଯୋଗୀଙ୍କୁ ତୃତୀୟ ଅତିରିକ୍ତ ସେସନ୍ସ ଜଜ୍ ଗୋବିଚେଟ୍ଟିପଲାୟମ୍ ମଣି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଠିକ୍ ଭାବେ ତଦନ୍ତ କରାଯାଇନାହିଁ। ସେହିପରି ୪୭ ସାକ୍ଷୀଙ୍କ ସାକ୍ଷ୍ୟ ଓ ଅଭିଯୋଜନକାରୀ ପକ୍ଷଙ୍କ ଯୁକ୍ତିରେ କିଛି ତାଳମେଳ ରହୁ ନ ଥିବା ଦର୍ଶାଇ ଅଦାଲତ ଏହି ରାୟ ଦେଇଛନ୍ତି। ପ୍ରକାଶ ଯେ, ୨୦୦୦ ଜୁଲାଇ ୩୦ରେ ତାମିଲନାଡୁର ଦୋଦ୍ଦା ଗଜାନୁରେସ୍ଥିତ ରାଜକୁମାରଙ୍କ ବାସଭବନରୁ ତାଙ୍କୁ ବୀରାପ୍ପାନଙ୍କ ସମେତ ଅନ୍ୟ ୧୪ ଜଣ ଅପହରଣ କରିନେଇଥିଲେ। ଅଭିନେତା ରାଜକୁମାରଙ୍କୁ ସେମାନେ ୧୦୮ ଦିନ ପଣବନ୍ଦୀ ରଖିବା ପରେ ନଭେମ୍ବର ୧୮ରେ ଛାଡ଼ିଦେଇଥିଲେ। ୨୦୦୪ରେ ଏକ ଏନ୍‌କାଉଣ୍ଟରରେ ବୀରାପ୍ପାନ ନିହତ ହୋଇଥିଲେ। ୨୦୦୬ ଏପ୍ରିଲ ୧୨ରେ ରାଜକୁମାରଙ୍କ ପରଲୋକ ହୋଇଥିଲା।

## ବରଫ ଝଡ଼ରୁ ଜର୍ମାନ ଦମ୍ପତି ଉଦ୍ଧାର

ନୂଆଦିଲ୍ଲୀ,୨୫।୯(ପି.ଟି.)

ହିମାଚଳ ପ୍ରଦେଶର ଲାହାଉଲ-ସ୍ପିତି ନିକଟରେ ବରଫ ଝଡ ଯୋଗୁ ୩ ଦିନ ଧରି ଜର୍ମାନୀର ଏକ ଦମ୍ପତି ଫସି ରହିଥିଲେ। ମଙ୍ଗଳବାର ଏହି ଦମ୍ପତିଙ୍କୁ ଭାରତୀୟ ବାୟୁସେନା ଉଦ୍ଧାର କରିଛି। ସେମାନେ ଟ୍ରେକିଂ କରିବାକୁ ରିଙ୍ଗଡୁମ୍‌ରୁ ଡିବଲିଙ୍ଗ ଯାଇଥିବାବେଳେ ବରଫ ଝଡରେ ଫସି ଯାଇଥିଲେ। ବାୟୁସେନାର ସୂଚନା ଅନୁସାରେ ଜର୍ମାନର ଦମ୍ପତି ମିଚେଲ ଏବଂ ତାଙ୍କ ସ୍ତ୍ରୀ ଆନିଟି ଟ୍ରେକିଂ ବେଳେ ଏଭଳି ଏକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ପିଆରବି ଦ୍ୱାରା ଏହି ଦମ୍ପତି ବାୟୁସେନା ସହ ଯୋଗାଯୋଗ ସ୍ଥାପନ କରିପାରିଥିଲେ। ସୋମବାର ଉଦ୍ଧାର କାର୍ଯ୍ୟ ସମ୍ଭବ ନ ହେବାରୁ ମଙ୍ଗଳବାର ସକାଳେ ଦୁହିଁଙ୍କୁ ଉଦ୍ଧାର କରାଯାଇଛି।

DSPL-157

# ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ-୨୦୧୯

ତା୦୧।୦୧।୨୦୧୯ରିଖକୁ ଯୋଗ୍ୟତା ସୂଚକ ତାରିଖ ଭାବେ ଭିତ୍ତିକରି ଭାରତ ନିର୍ବାଚନ କମିଶନ ରାଜ୍ୟର ୧୪୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ନିମ୍ନଲିଖିତ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି।

| | | |
|---|---|---|
| ଚିଠା ଭୋଟର ତାଲିକା ପ୍ରକାଶନ | : | ୦୧।୦୯।୨୦୧୮ |
| ଦାବି ଓ ଆପତ୍ତି ଦାଖଲ | : | ୦୧।୦୯।୨୦୧୮ଠାରୁ ୩୧।୧୦।୨୦୧୮ |
| ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ | : | ୦୪।୦୧।୨୦୧୯ |

- ଆସନ୍ତା ୩୧।୧୦।୨୦୧୮ରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ସରକାରୀ କାର୍ଯ୍ୟଦିବସରେ ଚିଠା ଭୋଟର ତାଲିକାକୁ ଭୋଟରମାନେ ତନଖି କରିପାରିବେ।
- ଆପଣଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଭୋଟର ତାଲିକାରେ ନିର୍ଭୁଲ ଭାବରେ ପଞ୍ଜୀକୃତ ହୋଇଛି କି? ଯଦି ଆପଣ ୦୧।୦୧।୨୦୧୯କୁ ୧୮ ବର୍ଷ ବା ତଦୂର୍ଦ୍ଧ୍ୱ ଏବଂ ଭୋଟର ତାଲିକାରେ ଆପଣଙ୍କ ନାମ ନାହିଁ ତେବେ ଫର୍ମ-୬ରେ ପାସପୋର୍ଟ ସାଇଜ୍ ଫଟୋ, ଜନ୍ମତାରିଖ ପ୍ରମାଣ ଏବଂ ବାସସ୍ଥାନ ପ୍ରମାଣ ସହ ଦରଖାସ୍ତ ଦିଅନ୍ତୁ।
- ଭୋଟର ତାଲିକାରେ ନାମ ତ୍ରୁଟି ସଂଶୋଧନ କରିବା ପାଇଁ ଫର୍ମ-୮ରେ ଦରଖାସ୍ତ ସମ୍ପୃକ୍ତ ବୁଥ୍‌ସ୍ତରୀୟ ଅଧିକାରୀ (ବି.ଏଲ୍.ଓ.) / ବ୍ଲକ୍/ ମୁନିସିପାଲିଟି / ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ।
- ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ଶୁଦ୍ଧ ଏବଂ ବିଶ୍ୱସନୀୟ କରିବା ନିମନ୍ତେ ଏହି ପ୍ରୟାସରେ ଆପଣଙ୍କର ସହଯୋଗ ଏକାନ୍ତ ଆବଶ୍ୟକ।
- ଭୋଟର ତାଲିକାରେ ନାମ ଯୋଗ, ବାଦ୍ ବା ସଂଶୋଧନ ନିମନ୍ତେ www.nvsp.in / www.ceoorissa.nic.inରେ online ଦରଖାସ୍ତ ଦେଇପାରିବେ।

**ଜାଣିରଖନ୍ତୁ:**

- ସ୍ୱତନ୍ତ୍ର ଅଭିଯାନ ଦିବସ- ୨୩।୦୯।୨୦୧୮, ୦୭।୧୦।୨୦୧୮ ଏବଂ ୨୮।୧୦।୨୦୧୮ (ରବିବାର)
- ଗୋଟିଏ ଭୋଟର ପରିଚୟପତ୍ର ସାରା ଭାରତରେ ବୈଧ।
- ଭୋଟର ତାଲିକାରେ ଆପଣଙ୍କ ନାମ ଯାଞ୍ଚ କରିବା ନିମନ୍ତେ website: www.ceoorissa.nic.in / www.nvsp.in ଦେଖନ୍ତୁ।
- ଅଧିକ ଜାଣିବା ପାଇଁ ନିଃଶୁଳ୍କ ନମ୍ବର 0674-1950 / 1950କୁ ଫୋନ୍ କରନ୍ତୁ।

ଶ୍ରୀ ସୁରେନ୍ଦ୍ର କୁମାର, ଭା.ପ୍ର.ସେ.
ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

12001/13/0021/1819

## 'ଦୟାକରି ଅପରାଧ ଘଟାଅ ନାହିଁ'

ପାଟନା,୨୫।୯(ପି.ଟି.)

ବିହାରରେ ଅପରାଧ କମ୍ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି ଅପରାଧୀଙ୍କୁ ହାତ ଯୋଡି ଅନୁରୋଧ କରିଛନ୍ତି। ସୁଶୀଲ କହିଛନ୍ତି, ଆଗକୁ ପିତୃପକ୍ଷଙ୍କ ଶ୍ରାଦ୍ଧ ଅଛି। ତେଣୁ ଆସନ୍ତା ୧୦-୧୫ ଦିନ ମଧ୍ୟରେ ଅପରାଧୀମାନେ କୌଣସି ଅପରାଧ ନ କିଆନ୍ତୁ। ପିତୃପକ୍ଷ ଶେଷ ହେବା ପରେ ଲୁଟ୍, ଅପହରଣ ଓ ଗୁଳିକାଣ୍ଡ ଭଳି ଯାହା ଅପରାଧ କରିବାର ଅଛି ସେମାନେ କରିପାରନ୍ତି।



ସୁଶୀଲ କୁମାର ମୋଦି

## ମଣ୍ଡେଲାଙ୍କୁ ମନେପକାଇଲେ ସୁଷମା

ଜାତିସଂଘ,୨୫।୯(ପି.ଟି.)




ସଂଘର୍ଷ, ଆତଙ୍କ ଓ ଘୃଣ୍ୟ ବିଚାରଧାରାରେ ସାରା ବିଶ୍ୱ ଜର୍ଜରିତ ହେଉଥିବାବେଳେ ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ନେଲ୍‌ସନ ମଣ୍ଡେଲାଙ୍କ ମାନବୀୟ ମୂଲ୍ୟବୋଧଗୁଡ଼ିକର ପ୍ରାସଙ୍ଗିକତା ଅଧିକ ଅନୁଭୂତ ହେଉଛି। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ) ୭୩ତମ ଅଧିବେଶନର ଅବ୍ୟବହିତ ପୂର୍ବରୁ ନ୍ୟୁୟର୍କରେ ଅନୁଷ୍ଠିତ ମଣ୍ଡେଲା ଶାନ୍ତି ଶିଖର ସମ୍ମିଳନୀ ଅବସରରେ ଏହା କହିଛନ୍ତି ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ। ସୁଷମା କହିଛନ୍ତି, ମଣ୍ଡେଲାଙ୍କ ଜୀବନ ଆମ ସମସ୍ତଙ୍କ ପାଇଁ ଏକ ପ୍ରେରଣା। ସେ ଆମକୁ ବୈଷମ୍ୟ ଓ ପ୍ରତିକୂଳ ପରିସ୍ଥିତିରେ ନିର୍ଭୀକତା ଓ ସାହସର ପଥ ଦେଖାଇଯାଇଛନ୍ତି। ଏଥିପାଇଁ ତାଙ୍କୁ ଆମେ ଭାରତ ରତ୍ନ ଭାବେ ଅଭିହିତ କରି ଗର୍ବ ଅନୁଭବ କରୁ।

## ଜେଲରେ ସଂସ୍କାର: କମିଟି ଗଠନ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୫।୯(ପି.ଟି.)

ଦେଶବ୍ୟାପୀ ଜେଲଗୁଡ଼ିକରେ ଅନେକ ସମସ୍ୟା ରହିଛି। କେଉଁଠି ଆବଶ୍ୟକତାଠାରୁ ଅଧିକ କଏଦୀ ଅଛନ୍ତି, ଆଉ କେଉଁଠି ବିଭିନ୍ନ ଜେଲରେ ନିହାତି ଆବଶ୍ୟକ ସୁବିଧା ନାହିଁ। ଫଳରେ କଏଦୀମାନେ ଅତି ଦୟନୀୟ ଅବସ୍ଥାରେ ରହୁଛନ୍ତି। ଜେଲ ବିଧି ବ୍ୟବସ୍ଥାରେ ସଂସ୍କାର ଆଣିବା ଲାଗି ମଙ୍ଗଳବାର ସୁପ୍ରିମକୋର୍ଟ ଏକ ତିନିଜଣିଆ କମିଟି ଗଠନ କରିଛନ୍ତି। ଏହାର ଅଧ୍ୟକ୍ଷତା କରିବେ ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତି ଅମିତାଭ ରାୟ। ପୋଲିସ ଗବେଷଣା ଓ ବିକାଶ ବ୍ୟୁରୋର ପୋଲିସ ଆଇଜି ଏବଂ ଦିଲ୍ଲୀସ୍ଥିତ ତିହାର ଜେଲର ଡିଜି ମଧ୍ୟ ଏଥିରେ ସଦସ୍ୟ ରହିବେ। ଏହି କମିଟି ଜେଲ୍ ସଂସ୍କାର ବିଷୟରେ ଅନୁଧ୍ୟାନ କରିବା ପରେ ସମାଧାନର ଦିଗ ଉପରେ ସୁପାରିସ କରିବେ ବୋଲି ଜଷ୍ଟିସ୍ ମଦନ ବି. ଲୋକୁରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଦେଶବ୍ୟାପୀ ୧,୩୮୨ ଜେଲ୍‌ର ଅତି ଖରାପ ପରିସ୍ଥିତିକୁ ଦେଖି କୋର୍ଟ ଏହି ରାୟ ଦେଇଛନ୍ତି। ଉକ୍ତ କମିଟିର ଅଧ୍ୟକ୍ଷ ସୁପ୍ରିମକୋର୍ଟ ବିଚାରପତିଙ୍କ ଭଳି ଆର୍ଥିକ ସୁବିଧା ଲାଭ କରିବେ ଏବଂ ଦିଲ୍ଲୀରେ ତାଙ୍କର କାର୍ଯ୍ୟାଳୟ ରହିବ ବୋଲି କୋର୍ଟ କହିଛନ୍ତି।

■ ୟୁଏନ୍‌ଜିଏରେ ଚାଇନା, ଇରାନକୁ ଟ୍ରମ୍ପଙ୍କ ସମାଲୋଚନା

# ଭାରତରେ ଦାରିଦ୍ର୍ୟ ହଟିଛି

ଜାତିସଂଘ,୨୫।୯(ପି.ଟି.)



ଭାରତ ଏକ ମୁକ୍ତ ସମାଜ। ଏହି ଦେଶ ଲକ୍ଷ ଲକ୍ଷ ଲୋକଙ୍କ ଦାରିଦ୍ର୍ୟ ଦୂର କରିବାରେ ସକ୍ଷମ ହୋଇଛି ବୋଲି ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶଂସା କରିଛନ୍ତି।

ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୭୩ ତମ ଅଧିବେଶନରେ ବିଶ୍ୱନେତାଙ୍କୁ ମଙ୍ଗଳବାର ଦ୍ୱିତୀୟ ଥର ପାଇଁ ଟ୍ରମ୍ପ ସମ୍ବୋଧିତ କରିଛନ୍ତି। ୩୫ ମିନିଟ୍‌ର ଭାଷଣରେ ସେ କହିଛନ୍ତି, ଭାରତ ଗଣତନ୍ତ୍ର ଓ ସ୍ୱାଧୀନତାକୁ ବଜାୟ ରଖି ସଫଳତାର ସହ ଲକ୍ଷ ଲକ୍ଷ ଲୋକଙ୍କ ଦାରିଦ୍ର୍ୟ ହଟାଇବା ସହ ବିଶ୍ୱରେ ଏକ ଉଦାହରଣ ସୃଷ୍ଟି କରିଛି। ସେ ଭାରତକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାର୍ଯ୍ୟରତ 'ସୁନ୍ଦର ରାଷ୍ଟ୍ରସମୂହ'ର ଏକ ଅଂଶ ବୋଲି ଅଭିହିତ କରିଛନ୍ତି। ଏହି ଅବସରରେ ଟ୍ରମ୍ପ ଆମେରିକା ଫାଷ୍ଟ ନୀତି ଉପରେ ଗୁରୁତ୍ୱାରୋପ କରିବା ସହ ଦେଶାତ୍ମବୋଧ ପାଇଁ ବିଶ୍ୱବାଦର ବିଚାରଧାରାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହାସହ ସେ ଚାଇନା, ଇରାନ ଓ ଭେନେଜୁଏଲା ଭଳି ଦେଶ ବିରୋଧରେ ନିଜ କଠୋର ଆଭିମୁଖ୍ୟକୁ ଦୋହରାଇଛନ୍ତି। ତେହରାନର ନେତୃତ୍ୱ ଅରାଜକତା, ମୃତ୍ୟୁ ଓ ଧ୍ୱଂସର ବୀଜ ବୁଣିବାରେ ଲାଗିଛନ୍ତି। ତେଣୁ ଇରାନର ଅତିକ୍ରମଣ ଜାରି ରହିଥିବାରୁ ଏହି ଦେଶକୁ ଅନ୍ୟ ସମସ୍ତ ରାଷ୍ଟ୍ର ଏକଘରିକିଆ କରିବା ଉଚିତ ବୋଲି ଟ୍ରମ୍ପ ଆହ୍ୱାନ ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୬ ସେପ୍ଟେମ୍ବର, ୨୦୧୮



ହିମାଚଳ ପ୍ରଦେଶର ଲାହାଲଉ ଉପତ୍ୟକାରେ ଫସି ରହିଥିବା ପ୍ରାୟ ୫୦ ଜଣ ଆଇଆଇଟି ଛାତ୍ରୀଛାତ୍ରଙ୍କୁ ଭାରତୀୟ ବାୟୁସେନା ଉଦ୍ଧାର କରିଛି। ଏବେ ବି ଆହୁରି ୫୦୦ରୁ ଅଧିକ ଲୋକ ଫସି ରହିଛନ୍ତି। ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଯୋଗୁ ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷେ ଦିଲ୍ଲୀ ଓ ଶିମ୍ଲାର ୬ ଜଣିଆ ପର୍ବତାରୋହୀ ଟିମ୍ କିନ୍ନାଉର ଜିଲାରେ ନିଖୋଜ ହୋଇଯାଇଛନ୍ତି।









# ଚେନ୍ନାଇରେ ଓଡ଼ିଶା ଭବନ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସନ୍ଧ୍ୟାରେ ଚେନ୍ନାଇଠାରେ ଓଡ଼ିଶା ଭବନ ଉଦ୍‌ଘାଟନ କରିଛନ୍ତି। ଏହାକୁ ମିଶାଇ କୋଲକାତା, ମୁମ୍ବାଇ, ନୂଆଦିଲ୍ଲୀଠାରେ ଓଡ଼ିଶା ସରକାର ନିଜର ଆବାସିକ ଗୃହ ନିର୍ମାଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦୁଇଦିନିଆ ଚେନ୍ନାଇ ଗସ୍ତରେ ଯାଇଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ସେଠାରେ ଅନୁଷ୍ଠିତ 'ମେକ୍ ଇନ୍ ଓଡ଼ିଶା ରୋଡ୍ ଶୋ'ରେ ଯୋଗ ଦେବେ। ସେଠାରେ ସେ ପୁଞ୍ଜିନିବେଶକାରୀଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିବା ସହ ରୋଡ୍ ଶୋ'ରେ ଅଭିଭାଷଣ ରଖିବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ମୁମ୍ବାଇ ଓ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ରୋଡ୍ ଶୋ'ରେ ଯୋଗଦେଇ ପୁଞ୍ଜିନିବେଶକାରୀଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେବାକୁ ଆମନ୍ତ୍ରଣ କରିଛନ୍ତି। ଓଡିଶା ଭବନ ୨୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ଏହା ୬ମହଲା ବିଶିଷ୍ଟ। ଏଥିରେ ୨୧ଟି ରୁମ୍ ସହିତ ଏକ ବଡ ସମ୍ମିଳନୀ କକ୍ଷ ରହିଛି। ନିର୍ଦ୍ଧାରୀତ ସମୟରେ ନିର୍ମାଣ ଶେଷ ହୋଇଥିବାରୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଅଧିକାରୀ ଏବଂ ସହଯୋଗ ପାଇଁ ତାମିଲନାଡୁ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ଚେନ୍ନାଇଠାରେ ଓଡ଼ିଶା ଭବନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ପ୍ରମୁଖ ଯୋଗ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ୨୦୧୨ ମେ ୧୧ରେ ତାମିଲନାଡୁର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜୟଲଳିଥାଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ଭବନର ଶିଳାନ୍ୟାସ କରିଥିଲେ।




ଲୋକାର୍ପିତ ଓଡ଼ିଶା ଭବନ।







Regd Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For more information, contact nearest Hero MotoCorp's authorised outlet or call Toll Free No.: 1800-266-0018 or visit heromotocorp.com. Always wear a helmet while riding a two-wheeler. Accessories and features shown may not be part of standard fitment. #Finance available at the sole discretion of the financiers. For more details please contact the nearest Hero MotoCorp dealership. *Terms and Condition apply. Offers valid in select states only. Limited period offers.

FINANCE PARTNER HeroFinCorp. HDFC BANK We understand your world IndusInd Bank TWO WHEELER LOANS
HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com HeroMotoCorp

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ଏସେନ୍ ହୀରୋ - 7799766425. ସନୀ ହୀରୋ - 7799766401. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମାୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଣ୍ୟ ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ - 7008906387. ସୋରୋ: ଟୁଇଙ୍କିଲ ମୋଟର୍ସ - 221711, 9337375571. ହୀରୋ ସିଓର! ସାର୍ଟିଫାଏଡ ପ୍ରି-ଓନ୍ଡ- ଟୁ ହୁଇଲର୍ - ବିଦ୍ୟାଧରପୁର, କଟକ - 8093080012.



ବିମାନରେ ଯାତ୍ରା କରୁଥିବାବେଳେ ଜଣେ ଯାତ୍ରୀ ଶୌଚାଳୟ ଭାବି ବାହାରକୁ ଯିବା କବାଟ ଖୋଲିବା କାରଣରୁ ପୋଲିସ ତାଙ୍କୁ ଅଟକ ରଖିଥିଲା। ସୋମବାର ଦିଲ୍ଲୀରୁ ଆଜମେର ଅଭିମୁଖେ ଯାଉଥିବା ବିମାନରେ ଏଭଳି ଘଟଣା ଘଟିଛି। ସେ ଜଣେ ବ୍ୟାଙ୍କ ଅଧିକାରୀ। ପ୍ରଥମ ଥର ପାଇଁ ବିମାନରେ ଯାତ୍ରା କରୁଥିବାରୁ ତାଙ୍କ ଦ୍ୱାରା ଏଭଳି ଭୁଲ ହୋଇଛି ବୋଲି ବିମାନବନ୍ଦର ପୋଲିସ ପକ୍ଷରୁ କୁହାଯାଇଛି। ବିମାନର ଦ୍ୱାର ଖୋଲିବାରେ ତାଙ୍କର କୌଣସି ଖରାପ ଉଦ୍ଦେଶ୍ୟ ନ ଥିବା ଜଣାପଡିବା ପରେ ଯାତ୍ରୀ ଜଣଙ୍କୁ ପୋଲିସ ଛାଡି ଦେଇଛି ।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଶ୍ୱେତା
ପରିବାରବର୍ଗ


ଜଗତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





### BRIDE WANTED

Widower groom Manager 42, Bank Officer 35 (Caste-no-bar). Contact: 7873374269. D-8523

Wanted bride divorcee Karan boy age 48+ job at Birla Sunlife & doing business. Contact: 7008201045. D-8547

### GROOM WANTED

Asst. Professor 7th Pay Scaleରେ ଚାକିରି କରୁଥିବା ବଣିଆ ପାତ୍ରୀ (31)ଙ୍କ ପାଇଁ ଯେକୌଣସି ଜାତିର ବର ଖୋଜା ଚାଲୁଅଛି। ଯୋଗାଯୋଗ: 7381460016. D-60815

Beautiful Karan girl 1991, 5'3" MBA serving HDFC Bank 'Sunasansar'. 9937512659. D-8498

Very beautiful Brahmin girl, 30, 5'5", MBBS MD Doctor. 9437555525.D-63373

Wanted B.Tech/ MBA groom Khandayat/ Karan working in reputed company for a fair and beautiful Khandayat girl B.Tech, MBA, working in an MNC at Bangalore, 5'4", 27 yrs. Contact: 9619485527, 9167149844. D-8528

Wanted only Karan groom for B.Tech girl 36/5'2" (Rasi 11/5) working in MNC at Hyderabad as Business Analyst. Contact No.: 8093545435 for early marriage. D-63848

Khandayat girl 5'6, DOB-1985, working in MNC, Noida. 9337019409.D-8562

Agriculture Department ରେ ଚାକିରୀ 43 ବର୍ଷ ଝିଅ ପାଇଁ ଯେ କୌଣସି ଜାତିର ଚାକିରିଆ କିମ୍ବା ବ୍ୟବସାୟିକ ବରପାତ୍ର ଆବଶ୍ୟକ। 8658204685. D-8567

Now Matrimonial ads. only on Wednesday & Sunday
Book 1 Get 1 FREE

# classified




### LEASE

2015 Model LPT 407 for lease on monthly basis in and around Twincity. Contact: 9040551000.D-60922




### SALE

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64176

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,60,000/- ପ୍ରତାପ ନଗରୀ, ଧାଙ୍କୁଲେଇପିଠ NH-5ରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ plot ମିଳୁଅଛି। 9938177361, 9776934361. D-64323

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Bhubaneswar AIIMS Hospital Doon School 30' road gharabari possession plot. 9438191293. D-62793

1600 sqft. land private property with a 3 storied building with 3750 sqft. builtup is for sale near Dhauli OTDC Tourist Centre, Bhubaneswar. Suitable for guesthouse. Contact: 8249185093.D-63376

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry , gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8550

2650 sqft. gharabari plot at Pokhariput, Bhubaneswar. Price- 45 lakhs. 7504392698. D-64180

Book 3BHK duplex house Jagamara, Bhubaneswar having land area 1260 sqft. and 1900 sqft. construction area. Price- 77 lakh. Bank finance available. 9078151122. D-64181

ଜଟଣୀଗେଟ୍ ପାଖରେ NHକୁ ଲାଗି ଘରବାରି ପାଚେରି ପ୍ଲଟ୍ ମିଳୁଅଛି। 9439864322. D-64329

ଭୁବନେଶ୍ୱର ବାଲକାଟି ବଜାରରୁ 3km. ଦୂରତାରେ 30' road, eletricity ସୁବିଧାଥାଇ ଘରବାରି ପାଚେରି ପ୍ଲଟ୍ ପିଚୁରୋଡକୁ ଲାଗି sqft. 450/-ରେ ବିକ୍ରିହେବ। 9438855652, 9090053827. D-64330

20,000 sqft. (approx) land for sale/ lease near NH. before Reliance Petrol-pump, Nayagarh. Contact: 9040551000. D-60924




Family accommodation having 2 rooms, 2 bathrooms, modular kitchen and car parking space at Madhusudan Nagar, Bhubaneswar very close to main road Sachibalayamarg near Akash Medical Coaching Centre and Appolo Pharmacy. Rent-12,000/-. Contact: 9861023510. D-63375

3BHK flat, 3rd floor on Patia Station road. Contact: 8480744664. D-61023

2BHK house (ground floor) with garage at Nayapalli (near UCO Bank), Bhubaneswar for family (officials). Mobile: 9338578779, 9777644160. D-64174

Single room near Sanjivani Hospital, Samantrapur, Puri road. 9937210090, 9437001226. D-63377

2500 sqft. first floor for rent at Patrapada NH. side for godown. Contact: 9040551000. D-60923




Shivam logistic packers movers. Household/ car relocation countrywide. 9777044177, 9338461133. D-8576




Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304.D-64118

Pamper yourself this Mansoon profesional massage. Contact Purple Orchid. 9776598888.D-64117

Newly opening ayurvedic full body massage by expert lady therapist. 9583125024. D-63098

Saishree ayurvedic full body massage ladies & gents. 9078429117, 7438896074. D-63100

G.S Spa herbal full body massage ladies/ gents. 9938526614, 8658292358. D-63099

Newly open herbal full body massage with refreshment well trained therapist. 7381239385.D-8556

ଫୁଲ୍ ବଡି ମସାଜ (ଦେଶୀ ମୋଡାଘଷା) only gents @ 250/-. 9583978590, 7064653554. D-8551

Newly opening ayurvedic body massage in joint pains, smart therapist. 9776383819. D-64177

Newly opening ayurvedic body massage smart therapist, Shree Herbal. 7750020754. D-64178

Experience full body massage with us by experts. Enquiry: 7377048581. D-64179

Opening newly ayurvedic full body massage ladies, gents. 7609972705, 7438851534. D-38532

All type of massage and good therapy full body massage Sai herbal spa. 7609005923. D-64205

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8565

### AFFIDAVIT

By virtue of an affidavit sworn before Kaberi Muduli E.M. Puri on dated 04.09.18. I changed my surname from Bijayini Sahoo to Bijayini Mohanty. Henceforth I am known as Bijayini Mohanty for all purposes. D-63728

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ଜଗତ୍ ଜ୍ୟୋତି ବେହେରା**
ପଟିଆ

ଆଜି ତୋର ତୃତୀୟ ଜନ୍ମଦିନ ଅବସରରେ ଆମ୍ଭେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ କି ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: **ଜେଜୀ, ବଡବାପା, ବଡମା, ବାବା, ମାମା ଓ ପରିବାରବର୍ଗ।** ଧ-୮୪୮୬

### ଜନ୍ମଦିନ ଶୁଭେଚ୍ଛା



**ଗୁଡୁଲ (ଶ୍ୱେତା)**
**Unit-IX, Road- 3, Bhubaneswar**

ଆଜି ତୋର ଜନ୍ମଦିନରେ ମା' ମଙ୍ଗଳାଙ୍କ ନିକଟରେ ଆମର ଏତିକି ଗୁହାରି, ମା' ତୋତେ ପଣତକାନି ତଳେ ଘଣ୍ଟ ଘୋଡାଇ ରଖନ୍ତୁ। ନୀରୋଗ ରଖନ୍ତୁ, ବିଦ୍ୟା, ବୁଦ୍ଧି ଦିଅନ୍ତୁ ଓ ଭଲମଣିଷଟିଏ କରନ୍ତୁ। ଶୁଭେଚ୍ଛା ସହ: ତୋର ଅଜା-ଧଡୁ, ଆଇ-ଅର୍ଚ୍ଚନା, ମାଆ-ରୀତା, ବାପା, ବାବା, ମାମା, ମାଉସୀ-କୁନୁ, ଗେଲୁ, ସାନଭାଇ-ଆଶୁ। ଧ-୮୫୪୯

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### କିଛି ତଥ୍ୟ

କେନ୍ଦ୍ର ସରକାରଙ୍କ ଭାରତ ନେଟ୍ ପ୍ରକଳ୍ପ ଅନ୍ତର୍ଗତ ପ୍ରାୟ ୩୦ କୋଟି ଜନସାଧାରଣ ବର୍ତ୍ତମାନ ନିୟମିତ ଇଣ୍ଟରନେଟ୍ ସୁବିଧା ପାଉଛନ୍ତି। ୨୦୨୨ ବେଳକୁ ଏହାକୁ ୭୦ କୋଟିରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। –ଦୂରସଞ୍ଚାର ବିଭାଗ

# ମହାରଥୀଙ୍କ ବିବାଦୀୟ ଭିଡିଓ ଭାଇରାଲ



ପୁରୀ ବଡ଼ଦାଣ୍ଡରେ ମହାରଥୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି ।

■ ମନ୍ତ୍ରୀ ପଦରୁ ବହିଷ୍କାର ଦାବି କଲା ଭାଜପା ମହିଳା ମୋର୍ଚ୍ଚା
■ ବଡ଼ଦାଣ୍ଡରେ ମହାରଥୀଙ୍କ କୁଶ ପୁତ୍ତଳିକା ଦାହ

ପୁରୀ ଅଫିସ, ୨୫ା୯

କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଏକ ଭିଡିଓ ସୋସିଆଲ ମଡିଆରେ ଭାଇରାଲ ହୋଇଛି। କୃଷିମନ୍ତ୍ରୀ ଉକ୍ତ ଭିଡିଓରେ ମହିଳାଙ୍କ ପ୍ରତି ତାଚ୍ଛଲ୍ୟ ଓ ଆକ୍ଷେପ କରି କହିଛନ୍ତି। ଏହି ଭିଡିଓକୁ ନେଇ ମହିଳାମାନଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ। ୨୪ ଘଣ୍ଟା ମଧ୍ୟରେ ମନ୍ତ୍ରୀ ପଦରୁ ବହିଷ୍କାର କରିବା ଲାଗି ଦାବି କରିଛି ଭାଜପା ମହିଳା ମୋର୍ଚ୍ଚା। ଅନ୍ୟପକ୍ଷରେ ବଡ଼ଦାଣ୍ଡ ଟାଉନ ଥାନା ସମ୍ମୁଖରେ ଭାଜପା ନଗର ମହିଳା ମୋର୍ଚ୍ଚା ପକ୍ଷରୁ କୃଷିମନ୍ତ୍ରୀ ମହାରଥୀଙ୍କ ଇସ୍ତଫା ଦାବି କରି କୁଶ ପୁତ୍ତଳିକା ଦାହ କରାଯାଇଛି।

ସୂଚନା ମୁତାବକ, ଉତ୍ତରା ଛକଠାରୁ ପିପିଲିର ସାତଶଙ୍ଖ ଛକ ପର୍ଯ୍ୟନ୍ତ ୩୦ହଜାର ମହିଳା ଛିଡା ହୋଇଥିଲେ। ଯଦି ୩୦ହଜାର ମହିଳା ଛିଡା ହେଲେ ତେବେ ତାଙ୍କର କେତେଟା ସ୍ୱାମୀ। ୨ଟା ଲେଖାଏ ହେଲେ ୬୦ହଜାର ସ୍ୱାମୀ। ପିଲାପିଲି କେତେଟା ? କିଛି ଲୋକଙ୍କ ଗହଣରେ ବସି ମହିଳାଙ୍କ ପ୍ରତି ଏଭଳି ତାଚ୍ଛଲ୍ୟ କରି କୃଷି, ପଶୁ ସମ୍ପଦ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ କହୁଥିବା ଦୃଶ୍ୟ ଅପଲୋଡ ହୋଇଥିବା ଭିଡିଓରେ ରହିଛି। ଏହାକୁ ନେଇ ଗର୍ଜିଛି ଭାଜପା ମହିଳା ମୋର୍ଚ୍ଚା। ଏକ ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, କୃଷିମନ୍ତ୍ରୀଙ୍କୁ ମହିଳାଙ୍କ ସ୍ୱାମୀ ଗଣିବାର ଅଧିକାର କିଏ ଦେଲେ। କୃଷିମନ୍ତ୍ରୀ ପଶୁପକ୍ଷୀ ଗଣିବା ମଧ୍ୟରେ ସୀମିତ ରୁହନ୍ତୁ। ମୁଖ୍ୟମନ୍ତ୍ରୀ ୨୪ଘଣ୍ଟା ମଧ୍ୟରେ ମନ୍ତ୍ରୀ ପଦରୁ ପ୍ରଦୀପ ମହାରଥୀଙ୍କୁ ବହିଷ୍କାର କରନ୍ତୁ। ଯଦି ନ କରନ୍ତି ତେବେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପରିଡା କହିଛନ୍ତି।

ଅନ୍ୟପକ୍ଷରେ ପୁରୀ ନଗର ଭାଜପା ମହିଳା ମୋର୍ଚ୍ଚା ଟାଉନ ଥାନା ସମ୍ମୁଖରେ କୃଷି ମନ୍ତ୍ରୀଙ୍କ ଇସ୍ତଫା ଦାବି କରି କୁଶପୁତ୍ତଳିକା ଦାହ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ମହିଳା ସଭାପତି ସସ୍ମିତା ବେହେରା କହିଛନ୍ତି ଯେ, ଜଣେ ବରିଷ୍ଠ ମନ୍ତ୍ରୀ ଏଭଳି ଅଶାଳୀନ ମନ୍ତବ୍ୟ ଦେବା ଗ୍ରହଣଯୋଗ୍ୟ ନୁହେଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମା'କୁ ସମ୍ମାନ କଥା କହୁଥିବାରୁ ଦଳର ଜଣେ ବରିଷ୍ଠ ନେତା ନିଜ ଉଚ୍ଚାରଣ ଓ ଆଚରଣରେ ସଂଯମତା ଆଣନ୍ତୁ। ନୈତିକତା ଦୃଷ୍ଟିରୁ ମହାରଥୀ ଇସ୍ତଫା ଦିଅନ୍ତୁ ଅଥବା ମୁଖ୍ୟମନ୍ତ୍ରୀ ତାଙ୍କୁ ବହିଷ୍କାର କରନ୍ତୁ। ନଚେତ୍ ଆଗାମୀ ଦିନରେ ମହିଳା କଂଗ୍ରେସ ପକ୍ଷରୁ ବିରୋଧ କରାଯିବ।

କୃଷିମନ୍ତ୍ରୀ ମହାରଥୀଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ତାଙ୍କ ମୋବାଇଲ ଫୋନ ନମ୍ବର ୯୪୩୭୦୩୬୮୦୫କୁ ଯୋଗାଯୋଗ କରାଯାଇଥିଲା। ତାହା ସୁଇଚ୍ ଅଫ୍ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ବିରୋଧୀଙ୍କୁ କଥା ମିଳୁ ନ ଥିବାରୁ ଏଭଳି ଅକଥାକୁ ନେଇ ରାଜନୀତି କରୁଛନ୍ତି। ପ୍ରଦୀପ ମହାରଥୀଙ୍କ ସମ୍ପୂର୍ଣ୍ଣ ବକ୍ତବ୍ୟ ଦେଖିଲେ ଶୁଣିଲେ ଭାଜପା ଓ କଂଗ୍ରେସ ଜାଣିପାରିବେ ତାଙ୍କର କିଛି ଭୁଲ୍ ନାହିଁ। ବିରୋଧୀଙ୍କ ଅଭିଯୋଗ ଉଦ୍ଦେଶ୍ୟମୂଳକ।

# ୪୦ ଟଙ୍କା ପାଇଁ ଯୁବକଙ୍କୁ ହତ୍ୟା

କପ୍ତିପଦା,୨୫ା୯(ଡି.ଏନ.ଏ)

ଜୁଆ ଖେଳ ବେଳେ ମାତ୍ର ୪୦ ଟଙ୍କା ପାଇଁ ଜଣଙ୍କୁ ତଣ୍ଟି ଚିପି ହତ୍ୟା କରିବା ଭଳି ଘଟଣା ପଦାକୁ ଆସିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧିନ ଶାଳଚୁଆ ପଞ୍ଚାୟତ ପଠାଣପକା ଗ୍ରାମର ଚାମା ସିଜୟି(୩୫) । ଗତ ୧୭ ତାରିଖରେ ଗାଁଠାରୁ ୨ କି.ମି. ଦୂର ଗଣ୍ଡିହୁଡି ଜଙ୍ଗଲରେ ତାଙ୍କୁ ହତ୍ୟା କରି ଏକ ନିର୍ଜନ ସ୍ଥାନରେ ମୃତଦେହକୁ ପୋତି ଦେଇଥିଲେ। ଦୀର୍ଘ ୮ ଦିନ ପରେ ପୋଲିସ ଘଟଣାର ପର୍ଦ୍ଦାଫାସ କରି ମଙ୍ଗଳବାର ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର କରିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ଅଲକୁନ୍ଦର ଗ୍ରାମର ସୁରେନ୍ଦ୍ର ପାତ୍ର ଓ ସହଯୋଗୀ ସିରକା ହେମ୍ବ୍ରମ୍ବଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ହତ୍ୟା ମାମଲା (ନଂ ୧୧୦/୧୮) ରୁଜୁ କରିଛି । କପ୍ତିପଦା ଥାନାଠାରୁ ୯ କି.ମି. ଦୂର ପଠାଣପକା ଗ୍ରାମର ଚାମା ସିଜୟି ଗତ ୧୭ ତାରିଖରେ ନିକଟସ୍ଥ ଉପିସାହି ହାଟକୁ ଯାଇଥିଲେ। ରାତି ସୁଦ୍ଧା ସେ ଘରକୁ ଫେରି ନ ଥିଲେ । ପରଦିନ ପରିବାର ଲୋକେ ଖୋଜାଖୋଜି କରି କୌଣସି ସନ୍ଧାନ ପାଇ ନ ଥିଲେ। ସେମାନେ ସନ୍ଦେହରେ ଗାଁ ପାଖ ଜଙ୍ଗଲକୁ ଯାଇ ଖୋଜିବା ବେଳେ ଏକ ସ୍ଥାନରେ ତାଙ୍କ ସାଇକେଲ ଓ ଜୋତା ପଡିଥିବା ଦେଖିଥିଲେ । ଏଥିରେ ସନ୍ଦେହ ପ୍ରକାଶ କରି ଚାମାଙ୍କ ଦାଦା କପ୍ତିପଦା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଦଶାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପଲକ୍ଷେ



**ସ୍ୱର୍ଗତ ଦେବଦତ୍ତ ସେନ୍**
ଇନ୍ଦିପୁର, କେନ୍ଦ୍ରାପଡା ଓ ଚିନ୍ତାମଣିଶ୍ୱର ଏରିଆ, ଭୁବନେଶ୍ୱର
ଆବିର୍ଭାବ: ୨୪।୦୬।୧୯୫୫
ତିରୋଧାନ: ୧୨।୦୯।୨୦୧୮
ସମସ୍ତ ବନ୍ଧୁବର୍ଗ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଅଶ୍ରୁଳ ପ୍ରାର୍ଥନା ଜଣାଉଛୁ। ଇତି ବନ୍ଧୁବର୍ଗ, ଆତ୍ମୀୟସ୍ୱଜନ ଓ ହତଭାଗ୍ୟ ପରିବାରବର୍ଗ। ଧ-୮୫୭୭

**ଏକାଦଶାହ ଉପଲକ୍ଷେ**
****ଶ୍ରଦ୍ଧାଞ୍ଜଳି****



**✓ଦୋଳଗୋବିନ୍ଦ ପ୍ରଧାନ**
ଆବିର୍ଭାବ: ୨୮.୦୭.୧୯୨୬
ତିରୋଧାନ: ୧୭.୦୯.୨୦୧୮
ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରାକ୍ତନ ମନ୍ତ୍ରୀ ଶ୍ରୀଯୁକ୍ତ ଦୋଳଗୋବିନ୍ଦ ପ୍ରଧାନଂକର ବିୟୋଗରେ ପରିବାର ଓ ବନ୍ଧୁବର୍ଗ ମର୍ମାହତ। ସେ ଜଣେ ଆଦର୍ଶବାଦୀ, ସ୍ୱାଭିମାନୀ ଓ ଦେଶ ବତ୍ସଳ ବ୍ୟକ୍ତି ଥିଲେ। ତାଙ୍କର ବ୍ୟକ୍ତିତ୍ୱ ଓ କର୍ମମୟ ଜୀବନକୁ ନେଇ ଆମ୍ଭେମାନେ ଗର୍ବିତ । ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ଶୋକ ସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
**ପରିବାର ଓ ବନ୍ଧୁବର୍ଗ**
ଧ-୮୫୭୮



**Late Nihar Satpathy**
**(22.11.1966 - 15. 09. 2018)**
"With lots of love we miss you every moment. Your strength & love will always be a source of inspiration, to cherish, honour & emulate."
With profound grief and sadness we inform that Nihar Satpathy departed for his heavenly abode on 15th September 2018.
In grief: **Family & friends**.
D-8564

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶ୍ରୀଚନ୍ଦ୍ର ହେତୁ ଅର୍ଥ ସମ୍ପର୍କୀୟ ସମସ୍ୟାକୁ ସୁଧାରି ନେବାର ଚେଷ୍ଟା କରିବେ। ଯାତ୍ରା, ବିବାଦ, ଗୃହାରମ୍ଭ ପ୍ରଭୃତି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ। ଭ୍ରମଣ ଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ନୂତନ ସ୍ଥାନ ପରିଦର୍ଶନରେ ଯାଇପାରନ୍ତି। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସିଯାଇପାରେ।

**ବୃଷ** ବଳବାନ୍ ମଙ୍ଗଳ ପ୍ରଭାବରୁ ନିଜର ଶକ୍ତି ଓ ସାମର୍ଥ୍ୟ ଉପରେ ଭରସା କରି କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ନୂତନ କର୍ମାରମ୍ଭ, ଯାନ୍ତ୍ରିକ ଜିନିଷ କ୍ରୟ,ଗୃହ ଓ ଯାନବାହନ ସମ୍ପର୍କୀୟ ଆଲୋଚନାରେ ଅଗ୍ରଗତି କରିବେ। ବିଗତ ଦିନର କଳହକୁ କେନ୍ଦ୍ରକରି ଆତ୍ମୀୟସ୍ୱଜନଙ୍କ ସହ ସମ୍ପର୍କରେ ନ୍ୟୂନତା ପରିଲକ୍ଷିତ ହେବ। ନୂତନ ଯୋଜନା କିମ୍ବା ଜମିଜମା ସମସ୍ୟାକୁ ନେଇ ମାନସିକ ସ୍ଥିରତା ରହି ନ ପାରେ। ବ୍ୟବସାୟ ଓ ପରିବହନରେ ମଧ୍ୟ ସାମୟିକ ବାଧାପ୍ରାପ୍ତ ହୋଇପାରେ।

**କର୍କଟ** କର୍ମସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି କାର୍ଯ୍ୟ ହାସଲ ଦିଗରେ ସହାୟକ ହେବ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଅଫିସରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି। ପରିବାର ସଦସ୍ୟମାନଙ୍କ ନିକଟରୁ ସ୍ନେହ ଶ୍ରଦ୍ଧା ପାଇପାରନ୍ତି।

**ସିଂହ** ଆର୍ଥିକ ଉନ୍ନତି କାରଣରୁ ନୂଆ ନୂଆ କାମ ଓ ଯୋଜନା ସକାଶେ ବନ୍ଧୁମାନଙ୍କ ସହ ଆଲୋଚନା କରିବେ। ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ। ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ନିଜ ରାଶିରେ ବୁଧଙ୍କ ସ୍ଥିତି ଶାରୀରିକ ସୁସ୍ଥତା ଓ ବିଶିଷ୍ଟବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ପ୍ରଦାନ କରିବ। କର୍ମକ୍ଷେତ୍ରରେ ତରବର ନ ହୋଇ କାମକଲେ ସମସ୍ୟାର ସରଳ ସମାଧାନ ହୋଇପାରିବ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପରେ।

**ତୁଳା** ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ଆଶା କରୁଥିବା କାମଟି ସମ୍ପନ୍ନ ନେଇ ଅନୁକୂଳ ସୁବିଧା ମନକୁ ଆହ୍ଲାଦିତ କରିବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ। କର୍ମକ୍ଷେତ୍ରରେ, ସଭା ସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ବୃଦ୍ଧି ପାଇବ। ଜମିଜମା, ଆରକ୍ଷୀ ମାମଲା ପ୍ରଭୃତିରେ ସମାଧାନ ହୋଇଯିବ।

**ବିଛା** ଆଜିର ଚନ୍ଦ୍ର ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ ପ୍ରୀତିଦାୟକ ରହିବା ସହ ସାଧାରଣ ବ୍ୟତିକ୍ରମ ମଧ୍ୟରେ ସ୍ୱାସ୍ଥ୍ୟୋନ୍ନତି କାରଣରୁ ମନ ହାଲୁକା ରହିପାରେ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିର କାରଣ ହେବ।

**ଧନୁ** ଉଚ୍ଚାରୋହୀ ଶନି ରାଶିରେ ରହି ଆର୍ଥିକ, ଆଇନଗତ, ସାଂଗଠନିକ ତଥା ରାଜନୈତିକ କ୍ଷେତ୍ର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିପାରେ। କଳା, କ୍ରୀଡା, ସାହିତ୍ୟ, ଚଳଚ୍ଚିତ୍ରରେ ସମସ୍ୟା ସମାଧାନପୂର୍ବକ ସାମାନ୍ୟ ଅଗ୍ରଗତି ଘଟିବ।

**ମକର** ଚନ୍ଦ୍ରଙ୍କ ସ୍ଥିତି କାରଣରୁ ପରିବାରର ନିର୍ଦ୍ଦେଶରେ ଆପଣ କାମ କରିବାକୁ ବାଧ ହେବେ। ପାଖ ପଡୋଶୀମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। ସନ୍ଧ୍ୟା ସମୟରେ ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନସନ ଲାଗି ରହିବ।

**କୁମ୍ଭ** ତୃତୀୟ ଚନ୍ଦ୍ର ନବମ ଭାବକୁ ଦେଖୁଥିବାରୁ ଧାର୍ମିକ କାର୍ଯ୍ୟ ପାଇଁ ପୂର୍ବ ପ୍ରସ୍ତୁତି କରିପାରନ୍ତି। ନିଜ ଲୋକମାନେ ଯେତେ ପ୍ରକାର ସମସ୍ୟା ସୃଷ୍ଟି କଲେ ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ। ସମୟାନ୍ତରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ।

**ମୀନ** ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ବୃହସ୍ପତି ଆପଣଙ୍କୁ ଅର୍ଥ ଓ ସମ୍ମାନ ଦେବାର ପରିବେଶ ସୃଷ୍ଟି କରିପାରେ। କିନ୍ତୁ ପରିବାରରେ ଆନ୍ତରିକତାର ଅଭାବ ଜନିତ କେତେକ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ବହୁତ ଦିନରୁ ଲାଗି ରହିଥିବା ରୋଗ ଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଅଟକି ରହିଥିବା କାମଟି ଅପରାହ୍ନେ ସମ୍ପନ୍ନ କରିବେ।

ଆଜି ଆଶ୍ୱିନ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ବୁଧବାର, ସେପ୍ଟେମ୍ବର ୨୬ ତାରିଖ, ବିଶ୍ୱ ମୂକ ବଧିର ଦିବସ, ରାଶି ନକ୍ଷତ୍ର-ରେବତୀ/ମୀନ, ଧନୁ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଦ୍ୱିତୀୟାର ଶ୍ରାଦ୍ଧ, ଦିବା ଘ୭।୧୧ମି. ଗତେ ଘ୮।୪୧ମି. ମଧ୍ୟେ, ଘ୨।୩୫ମି. ଗତେ ଘ୪।୦୫ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୧୧ମି. ମଧ୍ୟେ ଘ୧୦।୧୧ମି. ଗତେ, ଘ୧୧।୪୧ମି. ମଧ୍ୟେ ଘ୪।୦୫ମି. ଗତେ, ଘ୫।୩୫ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୧।୩୮ମି. ଗତେ ଘ୧।୦୭ମି. ମଧ୍ୟେ ରାହୁକାଳ।



ବିହାର ନାଳନ୍ଦାର ୧୯ ବର୍ଷ ବୟସ୍କ ସୌରଭ ପ୍ରତୀକଙ୍କୁ ମୃତ୍ୟୁ କରିଛି ଅମର। ତାଙ୍କୁ ଡାକ୍ତର ବ୍ରେନ୍ ଡେଡ୍ ଘୋଷିତ କରିଥିଲେ। ତାଙ୍କ ପିତାମାତା ସୌରଭଙ୍କ ଅଙ୍ଗଦାନର ଅନୁମତି ଦେଇଥିଲେ। ଫଳରେ ତାଙ୍କର ଆଖି ପାଟନାରେ ଜଣେ ଲୋକଙ୍କୁ ଦିଆଯାଇଥିବାବେଳେ ହୃଦୟ କଲିକତାର ଜଣେ ହୃଦ୍‌ରୋଗୀଙ୍କୁ ଦିଆଯାଇଛି। ସେହିପରି ଲିଭର ଦିଲ୍ଲୀର ଜଣେ ରୋଗୀଙ୍କୁ ପ୍ରଦାନ କରାଯାଇଥିବା ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ହସ୍ପିଟାଲ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି।






## ସଂକ୍ଷେପରେ

ନିର୍ବାଚନୀ କାମରେ ନିୟମ ଉଲ୍ଲଂଘନ

### ଦୁଇ ବରିଷ୍ଠ କିରାଣି ନିଲମ୍ବିତ

**ଝାରସୁଗୁଡ଼ା ଅଫିସ,୨୫।୯:** ନିର୍ବାଚନୀ କାମରେ ନିୟୋଜିତ ଥିବା ସମୟରେ ନିୟମ ଉଲ୍ଲଂଘନ କରି ସୋସିଆଲ ମିଡିଆ ବ୍ୟବହାର କରିବା ଅଭିଯୋଗରେ ମଙ୍ଗଳବାର ଦୁଇ ବରିଷ୍ଠ କିରାଣିଙ୍କୁ ନିଲମ୍ବନ କରାଯାଇଛି। ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କିରାଣି ବଳଦେବ ପଟେଲ ଏବଂ ବ୍ରଜମୋହନ ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଥମ ପର୍ଯ୍ୟାୟ ଇଭିଏମ୍ ଯାଞ୍ଚ କାମ ଚାଲିଛି। ଏହି ଯାଞ୍ଚ ପ୍ରକ୍ରିୟା ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇଥିବା ବେଳେ ଅକ୍ଟୋବର ୧ ମଧ୍ୟରେ ଶେଷ କରିବାକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଇତିମଧ୍ୟରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ପଶ୍ଚିମ ଓଡ଼ିଶା ବାର୍ ସମୂହକୁ ନେଇ ଗଠିତ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଇଏସି) ତରଫରୁ ନ୍ୟାୟିକ ଏବଂ ରାଜସ୍ୱ ଅଦାଲତ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ ନିର୍ବାଚନୀ ଜରୁରୀ କାର୍ଯ୍ୟ ଭାବେ ଇଭିଏମ୍ ଯାଞ୍ଚ ଚାଲିଛି। ଇଭିଏମ୍ ଯାଞ୍ଚ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଦୁଇ କିରାଣି ବଳଦେବ ଏବଂ ବ୍ରଜମୋହନ ସୋସିଆଲ ମିଡିଆ ବ୍ୟବହାର କରିଥିଲେ। ଯାହା ଦ୍ୱାରା ନିର୍ବାଚନୀ କାମରେ ବାଧା ସୃଷ୍ଟି ହେବା ଏବଂ ସରକାରୀ କର୍ମଚାରୀ କଣ୍ଡକ୍ଟ ରୁଲ-୧୯୫୯ ଉଲ୍ଲଂଘନ ହୋଇଥିବା ଦର୍ଶାଇ ଜିଲାପାଳ ସେମାନଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବନ ଆଦେଶ ପରେ ବରିଷ୍ଠ କିରାଣି ପ୍ରଧାନ ଲଖନପୁର ତହସିଲରେ ଏବଂ ପଟେଲ ଝାରସୁଗୁଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନିୟୋଜିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# କଲେଜ ଛାତ୍ରୀଙ୍କୁ ଭୁଜାଲିରେ ଆକ୍ରମଣ

- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ
- ଏକତରଫା ପ୍ରେମ ଆକ୍ରମଣର କାରଣ
- ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ

**କଣ୍ଟାପଡା, ୨୫।୯(ଡି.ଏନ୍.ଏ.)**

କଟକ ଜିଲା ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁରସ୍ଥିତ ଏକ କଲେଜର ଜଣେ ଛାତ୍ରୀଙ୍କୁ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଭୁଜାଲିରେ ଆକ୍ରମଣ କରାଯାଇଛି। ଏଥିରେ ଛାତ୍ରୀଙ୍କ ପିଠି, ଡାହାଣ ଗୋଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏକତରଫା ପ୍ରେମ କରି ବିଫଳ ହେବାରୁ ଜଣେ ଯୁବକ ଏଭଳି କାଣ୍ଡ ଘଟାଇଥିବା ଜଣାପଡିଛି। ତେବେ ଛାତ୍ରୀଙ୍କ ବାପା ଓଲଟପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ବାଲିଅନ୍ତା ଥାନା ଅଞ୍ଚଳର ଛାତ୍ରୀ ଜଣଙ୍କ ଅଡଶପୁର କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷ କଳାରେ ଅଧ୍ୟୟନ କରନ୍ତି। ସେହି ଥାନା ଅନ୍ତର୍ଗତ ଦେଉଳି ଗ୍ରାମ ଉପରସାହିର ରାକେଶ ବେହେରା(୨୩) ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲେ। କିଛିଦିନ ତଳେ ରାକେଶ ପ୍ରେମ ନିବେଦନ କରି ସମ୍ପୃକ୍ତ ଛାତ୍ରୀଙ୍କଠାରୁ ମାଡ ଖାଇଥିଲେ। ଫଳରେ ରାକେଶ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲେ। ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଛାତ୍ରୀ ଓ ତାଙ୍କର ୨ଜଣ ସାଙ୍ଗ କ୍ଲାସ୍ ସାରି ଚାଲିଚାଲି ଘରକୁ ଫେରୁଥିଲେ। ଅଡଶପୁର ଶିଶୁ ବିଦ୍ୟାମନ୍ଦିର ନିକଟରେ ରାକେଶ ଓ ତାଙ୍କର ୨ଜଣ ସହଯୋଗୀ ଏକ ବାଇକ୍‌ରେ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ହଠାତ୍ ରାକେଶ ପାଖରେ ରଖିଥିବା ଏକ ଭୁଜାଲିରେ ସମ୍ପୃକ୍ତ ଛାତ୍ରୀଙ୍କୁ ପଛପଟୁ ଆକ୍ରମଣ କରି ପଳାଇ ଯାଇଥିଲେ। ଛାତ୍ରୀ ଜଣଙ୍କ ଚିତ୍କାର କରିବାରୁ ସେଠାରେ କେତେଜଣ ଲୋକ ପହଞ୍ଚି ଚିକିତ୍ସାଲାଗି ତାଙ୍କୁ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ଏହି ଘଟଣା ଜଣାପଡିବା ପରେ ଛାତ୍ରୀଙ୍କ ଗ୍ରାମର ଲୋକମାନେ ଉତ୍ତ୍ୟକ୍ତ ହୋଇପଡିଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ସେମାନେ ବରାହିପୁର ନିକଟରେ ଫୁଲନଖରା-ନିଆଳି ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ କଟକ ସଦର ଏସ୍‌ଡିପିଓ ଜିତେନ୍ଦ୍ର ଦଳାଇ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ପୋଲିସ ଅଭିଯୁକ୍ତ ଯୁବକଙ୍କ ବାପାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ତେବେ ଶେଷ ଖବର ଅନୁଯାୟୀ ରାକେଶ ବାଲିଅନ୍ତା ଥାନାରେ ଆତ୍ମ ସମର୍ପଣ କରିଥିଲେ। ଓଲଟପୁର ପୋଲିସ ସେଠାରେ ପହଞ୍ଚି ରାକେଶଙ୍କୁ ନିଜ ଜିମାକୁ ନେଇଥିବା ବିଶେଷ ସୂତ୍ରରୁ ଜଣାପଡିଛି।



ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଲୋକମାନେ ରାସ୍ତାରୋକୋ କରିଛନ୍ତି।

# ଅଧିକାଂଶ କର୍ମଚାରୀଙ୍କ ମାସିକ ଆୟ ୧୦ ହଜାରରୁ କମ୍



- ଚାଷୀଙ୍କ ପ୍ରକୃତ ଆୟରେ ହେଉନି ଆଶାନୁରୂପ ବୃଦ୍ଧି
- ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ମିଳୁଛି କମ୍
- ଶ୍ରମିକଙ୍କ ଦକ୍ଷତା ଅନୁସାରେ ବଢୁନି ଆୟ

**ନୂଆଦିଲ୍ଲୀ,୨୫।୯(ପି.ଟି.)**

ବିଭିନ୍ନ କ୍ଷେତ୍ରରେ କର୍ମଚାରୀମାନଙ୍କର ଦରମା ତଥା ମଜୁରି ବୃଦ୍ଧି ପାଉଥିଲେ ମଧ୍ୟ ଏବେ ବି ଅଧିକାଂଶ କର୍ମଚାରୀ ମାସକୁ ୧୦,୦୦୦ ଟଙ୍କାରୁ କମ୍ ଆୟ କରୁଛନ୍ତି। ସରକାର ଚାଷୀମାନଙ୍କର ଆୟ ଦ୍ୱିଗୁଣିତ କରିବା ପାଇଁ ଡିଣ୍ଡିମ ପିଟୁଥିବା ବେଳେ ସେମାନଙ୍କର ରିୟଲ ଇନ୍‌କମ୍ ବା ପ୍ରକୃତ ଆୟରେ ବିଶେଷ ବୃଦ୍ଧି ଘଟୁନାହିଁ। ବିଭିନ୍ନ ରିପୋର୍ଟ ଆଧାରରେ କୁହାଯାଉଛି ଯେ, ବର୍ଷକୁ ବର୍ଷ ମୁଦ୍ରାସ୍ଫୀତି ୭% ହାରରେ ବୃଦ୍ଧି ପାଉଥିବା ବେଳେ କୃଷି କ୍ଷେତ୍ରରେ ନିୟୋଜିତ ଶ୍ରମିକମାନଙ୍କର ପ୍ରକୃତ ଆୟ ୨% ବି ବଢୁନାହିଁ। ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ସଷ୍ଟେନେବଲ୍ ଏମ୍ପ୍ଲଏମେଣ୍ଟ(ସିଏସ୍‌ଇ) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ଏକ ରିପୋର୍ଟରେ ଏଭଳି କୁହାଯାଇଛି। 'ଷ୍ଟେଟ୍ ଅଫ୍ ୱାର୍କିଂ ଇଣ୍ଡିଆ ୨୦୧୮' ଶୀର୍ଷକ ଏହି ରିପୋର୍ଟ ଅନୁସାରେ କୃଷି କ୍ଷେତ୍ର ବାଦ୍ ଅନ୍ୟ ସମସ୍ତ କ୍ଷେତ୍ରରେ ପ୍ରକୃତ ଆୟ ୩% ହାରରେ ବୃଦ୍ଧି ପାଉଛି। ୨୦୧୫-୧୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଜାତୀୟ ନମୁନା ସର୍ବେକ୍ଷଣ ସମେତ ଏକାଧିକ ସୂତ୍ରରୁ ତଥ୍ୟ ସଂଗ୍ରହ କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ ଦର୍ଶାଯାଇଛି ୮୨% ପୁରୁଷ ଏବଂ ୯୨% ମହିଳା କର୍ମଚାରୀ ମାସକୁ ୧୦ ହଜାର ଟଙ୍କାରୁ କମ ଆୟ କରୁଛନ୍ତି। ୯୦% ସଂଗଠିତ ବିନିର୍ମାଣ ଶିଳ୍ପ କେନ୍ଦ୍ରୀୟ ବେତନ ଆୟୋଗ ସୁପାରିସ ଆଧାରିତ ସର୍ବନିମ୍ନ ମାସିକ ଦରମାଠାରୁ ମଧ୍ୟ କମ୍ ମଜୁରି ଦେଉଛନ୍ତି। ଦୁର୍ଭାଗ୍ୟର କଥା ଶ୍ରମିକମାନଙ୍କର ଦକ୍ଷତା ଗତ ୩ ଦଶନ୍ଧିରେ ୬ଗୁଣ ବୃଦ୍ଧି ପାଇଥିବା ବେଳେ ସେମାନଙ୍କର ମଜୁରି ମାତ୍ର ଦେଢ଼ ପ୍ରତିଶତ ବଢିଛି। ଆଉ ଏକ ସାଂଘାତିକ ଦିଗ ଉପରେ ଏହି ସର୍ଭେ ଗୁରୁତ୍ୱ ଦେଇ କହିଛି, ପୁରୁଷମାନଙ୍କର ଦରମା ଯାହା ତା'ଠାରୁ ୧୫% କମ୍ ମଜୁରି ପାଉଛନ୍ତି ମହିଳା। ଏପରିକି ଅନେକ କ୍ଷେତ୍ରରେ ଯଦି ପୁରୁଷ ୧୦୦ ଟଙ୍କା ରୋଜଗାର କରୁଛନ୍ତି ସେଠାରେ ମହିଳାଙ୍କୁ ମାତ୍ର ୩୫ ଟଙ୍କା ମିଳୁଛି।

**ଲୋକାୟୁକ୍ତ ନିଯୁକ୍ତି ପ୍ରସଙ୍ଗ**

# ସୁପ୍ରିମକୋର୍ଟଙ୍କୁ ଅଧିକ ସମୟ ମାଗିବେ ରାଜ୍ୟ ସରକାର

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ଲୋକାୟୁକ୍ତ ନିଯୁକ୍ତି ନେଇ ସୁପ୍ରିମକୋର୍ଟ ଅନ୍ୟ ରାଜ୍ୟ ସମେତ ଓଡିଶାକୁ ୩ ମାସ ସମୟ ଦେଇଥିଲେ। ନିଯୁକ୍ତି ନେଇ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ଜଣାଇବାକୁ ସର୍ବୋଚ୍ଚ ଅଦାଲତ ଜୁଲାଇ ୧୦ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ତେବେ ରାଜ୍ୟ ସରକାର ଏ ନେଇ ପ୍ରସ୍ତୁତ ହୋଇ ନ ଥିବାରୁ ସୁପ୍ରିମକୋର୍ଟଙ୍କୁ ଅଧିକ ସମୟ ମାଗିବେ ବୋଲି ଜଣାପଡିଛି। ଓଡିଶା ଲୋକାୟୁକ୍ତ ବିଲ୍ ୨୦୧୪ ଫେବୃୟାରୀରେ ବିଧାନସଭାରେ ପାରିତ ହୋଇଥିଲା। ୨୦୧୫ରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ଚଳିତ ବର୍ଷ ଜୁଲାଇ ୭ ତାରିଖରୁ ସେହି ଆଇନ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ତେବେ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ଅକ୍ଟୋବର ୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଚୟନ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ଏହି କମିଟିକୁ ଆଉ ଜଣେ ସଦସ୍ୟଙ୍କୁ ମନୋନୀତ କରାଯିବ।

ଚୟନ କମିଟିରେ ବିଧାନସଭା ସଚିବ, ବିରୋଧୀ ଦଳ ନେତା, ହାଇକୋର୍ଟ ମୁଖ୍ୟ ବିଚାରପତି କିମ୍ବା ତାଙ୍କ ଦ୍ୱାରା ମନୋନୀତ ସଦସ୍ୟ, ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ବ୍ୟକ୍ତି ସଦସ୍ୟ ରହିଛନ୍ତି। ଲୋକାୟୁକ୍ତ ଆଇନ ଅନୁଯାୟୀ ଏହି କମିଟି ସର୍ଚ୍ଚ କମିଟି ଗଠନ କରିବ। ଏହି କମିଟିର କାର୍ଯ୍ୟକାଳ ୨ ବର୍ଷ ରହିବ। ଏହି କମିଟି ଲୋକାୟୁକ୍ତ ଅଧ୍ୟକ୍ଷ ନିଯୁକ୍ତି ପାଇଁ ୫ ଜଣଙ୍କ ନାମ ଚୟନ କରିବା ସହ ୧୫ ଜଣ ସଦସ୍ୟଙ୍କ ନାମ ସୁପାରିସ କରିବ।

- ଆଜିଠାରୁ ସୁନ୍ଦରୀ ଧରା ଅଭିଯାନ

# ପହଞ୍ଚିଲେ ଡେରାଡୁନ, ଭୁବନେଶ୍ୱର ଟିମ୍

**ବନ୍ତଲା, ୨୫।୯ (ଡି.ଏନ.ଏ.)**



ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଛଡ଼ାଯାଇଥିବା ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀକୁ ନେଇ ସମସ୍ୟା ବଢୁଥିବା ବେଳେ ଶେଷରେ ତାକୁ କାବୁ କରିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବୁଧବାରଠାରୁ ସୁନ୍ଦରୀକୁ ଧରାଯିବା ପ୍ରକ୍ରିୟା ଆରମ୍ଭ କରାଯିବ। ୨/୩ ଦିନ ମଧ୍ୟରେ ଯେମିତି ହେଲେ ସୁନ୍ଦରୀକୁ କାବୁ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଗତ ୧୨ ତାରିଖ ଠାରୁ ଅଭୟାରଣ୍ୟର ବିଭିନ୍ନ ଗ୍ରାମ ନିକଟକୁ ଯାଇ ସୁନ୍ଦରୀ ମଣିଷ ଓ ଗୋରୁଙ୍କୁ ଆକ୍ରମଣ କରୁଛି। ୧୦ ଦିନ ହେଲା ବାଘୁଣୀ ଆଠମଲ୍ଲିକ ବନଖଣ୍ଡ ହାତୀଧର ଜଙ୍ଗଲରେ ଥିବାରୁ ସ୍ଥାନୀୟ ଲୋକେ ଭୟ ଓ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତେଣୁ ସୁନ୍ଦରୀକୁ ଧରିବା ପାଇଁ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ, ଡବ୍ଲ୍ୟୁସିସି, ସ୍ପେଶାଲ ଇନ୍‌ଭେଷ୍ଟିକେଶନ ଓ ଭୁବନେଶ୍ୱର ପିସିସିଏଫ୍‌ର ଟିମ୍ ମଙ୍ଗଳବାର ରାତିରେ ଏଠାରେ ପହଞ୍ଚିଛନ୍ତି। ଡେରାଡୁନ ଓ ଭୁବନେଶ୍ୱର ଟିମ୍ ପହଞ୍ଚିଥିବାରୁ ମୋଟ୍ ୪ଟି ଟିମ୍‌କୁ ନେଇ ଗୋଟିଏ କମିଟି ଗଠନ କରାଯିବ। ବୁଧବାରଠାରୁ ବାଘୁଣୀକୁ ଧରିବାକୁ ଏହି କମିଟି ଅପରେସନ ଆରମ୍ଭ କରିବ। ଏଥିପୂର୍ବରୁ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟରେ ରଖାଯାଇଥିବା ୮ ଫୁଟ ଲମ୍ବା ଓ ୪ ଫୁଟ ଉଚ୍ଚତାର ଯନ୍ତାକୁ ୪ ଦିନ ପୂର୍ବରୁ ଆଠମଲ୍ଲିକ ବନଖଣ୍ଡ କାର୍ଯ୍ୟାଳୟକୁ ଅଣାଯାଇଛି। ଅନ୍ୟ ଏକ ଯନ୍ତା ରାଇଗୁଡ଼ା ରେଞ୍ଜ କାର୍ଯ୍ୟାଳୟରେ ରଖାଯାଇଛି।

ଏ ସମ୍ପର୍କରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା କୁହନ୍ତି, ଭୁବନେଶ୍ୱର ଓ ଡେରାଡୁନର ୨ଟି ଟିମ୍ ଆସିଛନ୍ତି। ସମୁଦାୟ ୪ଟିମ୍‌କୁ ନେଇ ଗୋଟିଏ କମିଟି ଗଠନ ହେବ। ଟ୍ରାଙ୍କୁଲାଇଜ କରାହେବ କି ନାହିଁ କିଛି ନିଷ୍ପତ୍ତି ହୋଇନାହିଁ। ଅନ୍ୟ ପ୍ରକ୍ରିୟାରେ ଧରାଯିବା ପାଇଁ ଚେଷ୍ଟା କରାଯିବ। ଠିକ୍ ସମୟ ଆସିଲେ ପରିସ୍ଥିତି ଦେଖି ଆୟତ୍ତ କରାଯିବ। ଏଥିପାଇଁ ୨ରୁ ୩ ଦିନ ଲାଗିବ ବୋଲି ଡ. ପଣ୍ଡା ପ୍ରକାଶ କରିଛନ୍ତି।










ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁ ଦୁଃଖ,ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

# ଉତ୍ତମ ରାୟ

ଭାରତୀୟ ରାଜନୀତିରେ ଅପରାଧୀକରଣ ପ୍ରସଙ୍ଗ ଦୀର୍ଘ ବର୍ଷ ଧରି ରହିଆସିଛି। ଅତୀତକୁ ଦେଖିଲେ ଉତ୍ତର ଭାରତରେ ରାଜନେତାଙ୍କୁ ଆପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିମାନେ ସମର୍ଥନ କରିଆସୁଥିଲେ। କିନ୍ତୁ ଏହି ବ୍ୟକ୍ତିମାନେ ଯେତେବେଳେ ସିଧାସଳଖ ରାଜନୀତିକୁ ଆସିବା ପାଇଁ ମନ ବଳାଇଲେ, ସେତେବେଳେ ନେତାମାନେ ସେମାନଙ୍କୁ ଅଟକାଇ ପାରିଲେ ନାହିଁ। ଫଳରେ ଲୋକ ସଭା ଓ ରାଜ୍ୟ ବିଧାନସଭାରେ ବିଭିନ୍ନ ଅପରାଧରେ ସମ୍ପୃକ୍ତ କେତେକ ନିର୍ବାଚିତ ହେବାରେ ଲାଗିଲେ। ପରିସ୍ଥିତି ଗମ୍ଭୀର ହେବା ପରେ ଏହି ପ୍ରସଙ୍ଗ ବିରାଟ ରୂପ ଧାରଣ କରିଛି। କେଉଁ ଧରଣର ଅପରାଧ ଥିଲେ ଜଣେ ନିର୍ବାଚନ ଲଢ଼ିପାରିବେ ନାହିଁ ତାହା ଉପରେ ଅନେକ ସମୟରେ ବିତର୍କ ଲାଗି ରହିଛି। ତେବେ ସମ୍ପୂର୍ଣ୍ଣ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ଆଇନ ରହିଛି। କିନ୍ତୁ ଜଣଙ୍କ ନାମରେ ଚାର୍ଜଶିଟ୍ ବା ଅଭିଯୋଗପତ୍ର ଦାଖଲ ହୋଇଥିଲେ ତାଙ୍କୁ ନିର୍ବାଚନ ପାଇଁ ଅଯୋଗ୍ୟ ଘୋଷଣା କରାଯିବା ଦରକାର ବୋଲି ହୋଇଥିବା ଏକାଧିକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସେପ୍ଟେମ୍ବର ୨୫ରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇଥିଲେ ମଧ୍ୟ ସେ ନିର୍ବାଚନ ଲଢ଼ିପାରିବେ। ଏ ସଂକ୍ରାନ୍ତରେ ପାର୍ଲାମେଣ୍ଟ ନିଷ୍ପତ୍ତି ନେଉ। ରାଜନୀତିରୁ ଅପରାଧକୁ ଦୂରେଇ ଦେବା ଲାଗି ଆଇନ ପ୍ରଣୟନକାରୀମାନେ ଆଇନ ଆଣିବା ଦରକାର ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ଲକ୍ଷ୍ମଣରେଖା ଅତିକ୍ରମ କରିବାକୁ ଚାହିଁ ନାହାନ୍ତି। କାର୍ଯ୍ୟପାଳିକା ଚାହିଁଲେ ଅପରାଧ ରୋକାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି।

ଏଠାରେ ଏକ ଉଦାହରଣ ଦିଆଯାଇପାରେ। ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉନ୍ନତିମୂଳକ କାର୍ଯ୍ୟ ହେଉ ନ ଥିଲେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥାଆନ୍ତି ବା ସ୍ଥଳବିଶେଷରେ ସଭା କରି ପ୍ରତିବାଦ କରୁଥିବା ଦେଖାଯାଏ। ଏଭଳି ପରିସ୍ଥିତିରେ ସ୍ଥାନୀୟ ନେତା ବା ବିଧାୟକ କିମ୍ବା ସାଂସଦ ପ୍ରତିବାଦ କରୁଥିବା ଲୋକଙ୍କ ସହ ସାମିଲ ହେବାକୁ ବାଧ୍ୟ ହୋଇଥାଆନ୍ତି। ଏହି ପରିପ୍ରେକ୍ଷୀରେ ଥାନାବାବୁମାନେ ଆନ୍ଦୋଳନ ବା ବିକ୍ଷୋଭ କରୁଥିବା ଲୋକଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଅବରୋଧ ହଟାଇବା ପାଇଁ ପଦକ୍ଷେପ ନେଇଥାଆନ୍ତି। ତେଣୁ ସମ୍ପୃକ୍ତ ରାଜନେତାମାନେ ମଧ୍ୟ ପୋଲିସ ଅଫିସରଙ୍କ ଆକ୍ରୋଶର ଶିକାର ହୋଇଥାଆନ୍ତି। ସମସ୍ତେ ଜାଣନ୍ତି, ସ୍ଥାନୀୟ ଅଞ୍ଚଳରେ ସରକାର କହିଲେ ବିଡିଓ, ତହସିଲଦାର, କନିଷ୍ଠ ଯନ୍ତ୍ରୀ ଏବଂ ଥାନାବାବୁଙ୍କୁ ବୁଝାଯାଇଥାଏ। ତେଣୁ ନିର୍ଦ୍ଦିଷ୍ଟ ଥାନା ଅଞ୍ଚଳରେ ଘଟିଥିବା ଘଟଣାରେ ଥାନା ଅଧିକାରୀ ସମ୍ପୃକ୍ତ ରାଜନେତାଙ୍କ ଉପରେ ମାମଲା ରୁଜୁ କରିଥାଆନ୍ତି। ତାହାହେଲେ ହିଁ ଗିରଫ ଯଥାର୍ଥ ହୋଇଥାଏ। ଏପରିକି ସେହି ପୋଲିସ ଅଫିସର ଅତିଶୀଘ୍ର ଏଭଳି ଘଟଣାରେ ଅଭିଯୋଗପତ୍ର ପ୍ରସ୍ତୁତ କରିଥାଆନ୍ତି। ସାଧାରଣରେ ଥାନା ଅଧିକାରୀମାନେ ବାସ୍ତବ ଅପରାଧ ଘଟଣାରେ ଏହି ଅଭିଯୋଗପତ୍ର ଦାଖଲ କରିବାରେ ଅହେତୁକ ବିଳମ୍ବ କରୁଥିବା ବେଳେ ରାଜନେତାମାନଙ୍କ ବିରୋଧରେ ତତ୍‌କ୍ଷଣାତ୍ ପଦକ୍ଷେପ ନେଇଥାଆନ୍ତି।

ଭାରତରେ ନିର୍ବାଚନ ସଂସ୍କାର ଦାବି କରୁଥିବା ଗୋଟିଏ ଗୋଷ୍ଠୀ ଚାହୁଁଥିଲା ଯେ, ଥାନା ତରଫରୁ ଅଭିଯୋଗପତ୍ର କଚେରିରେ ଦାଖଲ ହେବା ମାତ୍ରେ ନିର୍ବାଚିତ ପ୍ରତିନିଧି କିମ୍ବା ନିର୍ବାଚନ ଲଢ଼ିବାକୁ ଯାଉଥିବା ପ୍ରାର୍ଥୀ ଅଯୋଗ୍ୟ ଘୋଷିତ ହେବା ଉଚିତ। ଅପରପଟେ ମିଥ୍ୟାରେ ପୋଲିସ ଦ୍ୱାରା ଦିଆଯାଇଥିବା ମାମଲାଗୁଡ଼ିକ ଅଧିକାଂଶ ସମୟରେ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥାଏ। ଏ କ୍ଷେତ୍ରରେ ନିର୍ଦ୍ଦୋଷ ସାବ୍ୟସ୍ତ ହେବା ସତ୍ତ୍ୱେ ଲୋକପ୍ରତିନିଧିଙ୍କ ସୁଯୋଗ ହାତଛଡ଼ା ହୋଇଯାଇଥାଏ। ଅର୍ଥାତ୍ ସରକାରୀ କର୍ମଚାରୀଙ୍କ ହାତରେ ରାଜନେତାଙ୍କ ଭାଗ୍ୟଡୋରି ସର୍ବଦା ବନ୍ଧା ପଡ଼ିଥାଏ। ଆମ ଦେଶ ବିଶେଷକରି ଆମ ରାଜ୍ୟର ଥାନାଗୁଡ଼ିକରେ ଥିବା ଅଧିକାଂଶ ପୋଲିସ ଅଫିସରଙ୍କ ନୈତିକତା ଓ ସଚ୍ଚୋଟପଣିଆ ସମ୍ପର୍କରେ ରାଜ୍ୟବାସୀ ଅତି ଭଲ ଭାବେ ଜାଣିଛନ୍ତି। ସାଧାରଣ ଲୋକ ବାଛିଥିବା ପ୍ରତିନିଧିର ଭାଗ୍ୟ ଯେତେବେଳେ ଏହିଭଳି ସରକାରୀ କର୍ମଚାରୀଙ୍କ ହାତରେ ସମ୍ପୂର୍ଣ୍ଣ ଭାବେ ବନ୍ଧା ପଡ଼ିଯିବ, ସେତେବେଳେ ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ। ଉପରେ କରାଯାଇଥିବା ଅବତାରଣା ଏକ କ୍ଷୁଦ୍ର ଦୃଷ୍ଟାନ୍ତ ମାତ୍ର। ତେଣୁ ସୁପ୍ରିମକୋର୍ଟ ବିଭିନ୍ନ ଦିଗକୁ ବିଚାର କରି ଦେଇଥିବା ରାୟ ଅତି ଉତ୍ତମ।

## ଚିରନ୍ତନୀ

ମୋ ବିରହେ ପରା ତାରକା ଗହଳେ ଆକାଶ ନଇଁଛି ଧରିଣୀର ତଳେ
ମୋ ବିରହେ ସତେ ସାଗର ବକ୍ଷେ ଲାଗିଛି ଚିର ପରାସ
ଆଜି ଚଳିବି ମୁଁ ପରବାସ।
(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୬ ସେପ୍ଟେମ୍ବର ୧୯୯୩

- ଦୀର୍ଘ ୪୭ ବର୍ଷ ପରେ ଭାରତ ଦକ୍ଷିଣ ଆଫ୍ରିକା ଉପରୁ ତା'ର ବାଣିଜ୍ୟ ଓ ବିନିଯୋଗ (ଅର୍ଥନୈତିକ) କଟକଣାକୁ ଆଜିଠାରୁ ପ୍ରତ୍ୟାହାର କରିନେଇଛି।
- ଭାରତର ସୋଲି ଜାହାଙ୍ଗୀର ସୋରାବ୍‌ଜୀ ପୂର୍ବତନ ଯୁଗୋସ୍ଲାଭିଆ ପାଇଁ ଅନ୍ତର୍ଜାତୀୟ ଯୁଦ୍ଧ ଅପରାଧୀ କୋର୍ଟର ପ୍ରୋସିକ୍ୟୁଟର ମନୋନୀତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | | | 4 | 7 | | | | | | | | | |
| | | | | 5 | | 1 | 8 | | | | 0 | | | E |
| | | | C | | 1 | 2 | | B | | 3 | | | | |
| D | | | 6 | | | | 5 | 9 | | E | B | | 7 | 4 |
| | | | | 0 | | A | | | 9 | | | | | 5 |
| | | 8 | 4 | | | 9 | E | 3 | 5 | | | | | |
| | | | | | 3 | | | | | 2 | D | | | |
| 6 | 9 | 7 | | | | | | 1 | | | 4 | A | | |
| | 3 | | D | | | C | 6 | 4 | | | | | E | 7 |
| | | | 2 | | | D | | | B | | C | | | |
| | 1 | 5 | | | | | 3 | | A | 9 | 7 | | | D |
| 7 | 6 | B | | | | | | | C | 4 | | | | |
| C | 0 | | | 9 | | 4 | | | | | | 2 | | |
| | | | 1 | 3 | | | | | | 5 | | | | 6 |
| | | | 7 | A | D | | 0 | E | 2 | | 8 | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 9 | D | 4 | 6 | E | 3 | A | 7 | 0 | C | 5 | B | 8 | 1 |
| 4 | 1 | 5 | 3 | 7 | 2 | 0 | B | D | A | 8 | E | 6 | 9 | C |
| 0 | C | 3 | 9 | 5 | 8 | 4 | E | 2 | 1 | 6 | B | A | 7 | D |
| B | E | 6 | 0 | 1 | A | 8 | C | 9 | D | 2 | 7 | 5 | 4 | 3 |
| 7 | 8 | A | B | D | C | 6 | 1 | 5 | 9 | 4 | 3 | E | 0 | 2 |
| C | 3 | 7 | E | B | 1 | 5 | 9 | 6 | 8 | D | 0 | 2 | A | 4 |
| E | 5 | 8 | A | 4 | D | 1 | 7 | C | B | 9 | 2 | 3 | 6 | 0 |
| 6 | B | 2 | C | 0 | 3 | D | 8 | 4 | E | 5 | A | 9 | 1 | 7 |
| 1 | 0 | 9 | 6 | 2 | 5 | E | 3 | A | C | 7 | 4 | D | B | 8 |
| D | A | 4 | 8 | 9 | 7 | B | 2 | 0 | 6 | 3 | 1 | C | E | 5 |
| 3 | 4 | E | 5 | 8 | 9 | C | D | 1 | 7 | B | 6 | 0 | 2 | A |
| 9 | D | 1 | 7 | A | B | 2 | 4 | E | 3 | 0 | C | 8 | 5 | 6 |
| A | 7 | C | 2 | E | 0 | 9 | 6 | 3 | 5 | 1 | 8 | 4 | D | B |
| 8 | 2 | 0 | 1 | C | 6 | A | 5 | B | 4 | E | D | 7 | 3 | 9 |
| 5 | 6 | B | D | 3 | 4 | 7 | 0 | 8 | 2 | A | 9 | 1 | C | E |

ଗତକାଲିର ଉତ୍ତର



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

# ସମ୍ପଦର ଯାତନା

ବଙ୍କାଟେଢ଼ା ଏକ ବାଡ଼ି ସାହାରାରେ ବଡ଼ କଷ୍ଟରେ ଚାଲୁଛନ୍ତି ଅଶୀତିପର ବୃଦ୍ଧ ସୁନା ପ୍ରଧାନ। ଘରେ ତାଙ୍କର ଯୁବତୀ ବୋହୂ ପାଞ୍ଚବର୍ଷରୁ ଅଧିକ କାଳ ହେଲାଣି ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ପାଣି ଗଳୁଥିବା ନୁଆଁଣିଆ ଚାଳଘରଟିରୁ ଦାରିଦ୍ର୍ୟର ଚିତ୍ର ପୂରା ବାରି ହୋଇଯାଉଛି। ସୁନା ପ୍ରଧାନ ବାରମ୍ବାର ଦୌଡ଼ନ୍ତି ପଞ୍ଚାୟତକୁ, ଏପରି କି କେତେଥର ଦୌଡ଼ିଛନ୍ତି ତାଙ୍କ ଗାଁ ତଳକାଇଁସାରିରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା ବାଂଶପାଳ ବ୍ଲକ୍ ଅଫିସକୁ। କେବଳ ଗୋଟିଏ ଆଶାରେ ଯେ, ବାର୍ଦ୍ଧକ୍ୟ ଭତ୍ତାଟିଏ ପାଇଁ ସେ ହକ୍‌ଦାର ବୋଲି ସରକାର ମାନିବେ। ମାତ୍ର ସରକାର ମାନିନାହାନ୍ତି ଏଯାଏ। କେନ୍ଦୁଝର ଜିଲାର ସେହି ତଳକାଇଁସାରି ଗାଁ ମୁଣ୍ଡରୁ ହିଁ ଶିଖକୁ ତୀଖ ହୋଇ ଛିଡାହୋଇଛି ଗନ୍ଧମାର୍ଦ୍ଦନ ପାହାଡ଼। ପାହାଡ଼ ଉପରେ ଓଡ଼ିଶା ଖଣି ନିଗମ ଖୋଳିଚାଲିଛି ଭରଣ ଭରଣର ଲୁହାପଥର। କୁଆଡ଼େ କରୁଛି ଓଡ଼ିଶା ଓ କେନ୍ଦୁଝର ଜିଲାକୁ ସମୃଦ୍ଧ। କିନ୍ତୁ ସେହି ପାହାଡ଼ରୁ ଦିନେ ଫଳ, ପତ୍ର, ଛତୁ, କନ୍ଦା ଗୋଟେଇ ତଥା ସେହି ପାହାଡ଼ରୁ ବାହାରୁଥିବା ଝରରୁ ନିଜର ସ୍ୱଳ୍ପଜମିରେ ଫସଲ ଫଳାଇ ନିଜ ଜୀବନକୁ ସାଉଣ୍ଟି ଏବେ ଅସହାୟ ହୋଇସାରିଥିବା ସୁନାଙ୍କ ଭଳି ବୃଦ୍ଧଙ୍କୁ ଭତ୍ତାଟିଏ ମଧ୍ୟ ମିଳିପାରୁନି। ଗନ୍ଧମାର୍ଦ୍ଦନ ପାହାଡ଼ର ଆରପଟେ ଆଉ ଏକ ଗାଁ- ଲୁଣାଘର। ବସ୍ତିରେ ଗତବର୍ଷ ଯାଏ ପିଇବା ପାଣିର ବନ୍ଦୋବସ୍ତ ନ ଥିଲା। ନଳକୂଅ ଥିଲା, କିନ୍ତୁ ପାଣି ପିଇବାଯୋଗ୍ୟ ନୁହେଁ। ଗତବର୍ଷ ବିଦ୍ୟାଳୟ ହତାରେ ଖୋଳା ହୋଇଥିବା ନଳକୂଅରୁ ଯୋଗକୁ କେମିତି ମିଠା ପାଣି ବାହାରିଲା ଯେ, ସେଇଦିନଠୁ ସେଇ ନଳକୂଅ ଗୋଟିକ ହିଁ ଗାଁ ଲୋକଙ୍କ ସାହାରା। ଆଗରୁ ବଡ଼ ମଉଜରେ ବ୍ୟବହାର କରୁଥିବା ଛାମୁଣ୍ଡା ନାଳର ପାଣି ଏବେ ଟ୍ରକ୍‌ଗୁଡ଼ିକର ଗାଧୁଆ ତୁଠ ହୋଇସାରିଛି। ଆଉ ଗୋଟିଏ ଗାଁ- ଆମ୍ବଡହରା। ଗାଁର ଦୁଇଜଣ ଆଦିବାସୀ ଚାଷୀ ଚାରିବର୍ଷ ତଳୁ ମନରେଗା ଯୋଜନାରେ ତାଙ୍କ ଜମିରେ ଚାଷ-ପୋଖରୀ ଖୋଳି ଏଯାଏ ପଇସା ପାଇବାକୁ ଅପେକ୍ଷା କରି ରହିଛନ୍ତି- ବୋଧହୁଏ ଆଉ ମିଳିବନି। କାରଣ ସେ ଲାଞ୍ଚ ଦେବାକୁ ମନା କଲେ। ଗନ୍ଧମାର୍ଦ୍ଦନ ପାହାଡ଼ର ଆଉ ଗୋଟିଏ କୋଣରେ ଅଛି ଉପର ଜାଗର ଗାଁ। ଗାଁ ମୁଣ୍ଡରୁ ହିଁ ଖଣି ଖୋଳା ଆରମ୍ଭ ହୋଇଛି। ଗାଁର ପ୍ରାୟ ସମସ୍ତେ ଶ୍ରମଜୀବୀ। ଅଳ୍ପ କିଛି କିଛି ଜମି ଅଛି, ଯାହା କିଛି ମାସ ହିଁ ଖାଦ୍ୟ ଯୋଗାଇଥାଏ। ଜଙ୍ଗଲ ହିଁ ଥିଲା ତାଙ୍କର ପ୍ରମୁଖ ସାଧନ। ଏବେ ସେଇ ପାହାଡ଼ ଓ ଜଙ୍ଗଲ ତାଙ୍କୁ ଅପହଞ୍ଚ। କାରଣ ତାହା ଆଉ ତାଙ୍କ ଇଲାକା ହୋଇ ରହିନାହିଁ, ତାହା ଖଣି କମ୍ପାନୀର ହୋଇଯାଇଛି। ଗାଁରେ ରହୁଥିବା ୧୪୬ ପରିବାର ମଧ୍ୟରୁ ପ୍ରାୟ ସମସ୍ତେ ଆଦିବାସୀ ଓ ଗରିବ। କିନ୍ତୁ କେବଳ ୪୫ଟି ପରିବାର ପାଖରେ ବିପିଏଲ କାର୍ଡ ଅଛି। ପାହାଡ଼ ଉପର ଆଲୁଅରେ ଝଲସି ଯାଉଛି ଖଣି କିନ୍ତୁ ଗାଁ ଲୋକଙ୍କ ପାଇଁ ଡିବିରି ହିଁ ଭରସା। ମୋଟେ ୧୪ଟି ଘରେ ହିଁ ବିଜୁଳି ସଂଯୋଗ ହୋଇଛି। ଖଣିଠାରୁ କୋଶ କୋଶ ଦୂରରେ ଥିବା ଗାଁଗୁଡ଼ିକର ସାହିବସ୍ତି, ଅଗଣା କେବେଠୁ କଂକ୍ରିଟ ହୋଇସାରିଲାଣି ଖଣିର ଲାଭ ପଇସାରେ କିନ୍ତୁ ଏଇସବୁ ଗାଁର ଦାଣ୍ଡ ଏବେ ବି ନୁଖୁରା ହୋଇ ପଡିଛି। କୁନି କୁନି ପିଲାଙ୍କ ଦୁର୍ଭାଗ୍ୟକୁ ଇଚିଣ୍ଡା ଗାଁ ବିଦ୍ୟାଳୟଟି ଠିକ୍ ରାସ୍ତାକଡ଼ରେ ଅଛି। ଅନ୍ୟମାନଙ୍କ ପାଇଁ ରାସ୍ତାକଡ଼ ଅଧିକ ପସନ୍ଦ। କିନ୍ତୁ ଏଠି ତାହା ନରକ। ବିଦ୍ୟାଳୟର ପିଲା ଓ ଶିକ୍ଷକ ଦଣ୍ଡେ ବି ଭଲରେ ନିଃଶ୍ୱାସ ମାରି ପାରୁନାହାନ୍ତି। ଖଣି ଓ ଟ୍ରକ୍ ଧୂଳିରେ ଜର୍ଜରିତ ସେମାନେ। ତଥାକଥିତ 'ଡେଭଲପ୍‌ମେଣ୍ଟ' ବା ଉନ୍ନତି ଏହି ଗାଁରେ ଅପହଞ୍ଚ କହିଲେ ଭୁଲ୍ ହୋଇଯିବ, ସେଠି 'ଉନ୍ନତି'ର କରାଳ ରୂପ ସ୍ଥାନୀୟ ଲୋକଙ୍କୁ ଗ୍ରାସି ଦେଇଛି। ଲୋକଙ୍କ ଜଙ୍ଗଲ ତାଙ୍କ ହାତପାଆନ୍ତାରୁ ଚାଲିଯାଇଛି, ଝରଣା ଶୁଖିଯାଇଛି, ଜମିରେ ଖଣି ମଇଳାର ପରସ୍ତ ବସି ଉତ୍ପାଦକତା ଖସି ଯାଉଛି, ଘାସଲତାବୁଦାରେ ଖଣି ଓ ଟ୍ରକ୍ ଧୂଳିର ବହଳ ଆସ୍ତରଣ ବସି ଗାଈଗୋରୁ, ଛେଳିମେଣ୍ଢାଙ୍କ ଖାଦ୍ୟ ହଜିଯାଇଛି। ରାସ୍ତା ଉନ୍ନତ ହୋଇଛି ସତ, କିନ୍ତୁ ତାହା ଖଣିଜବୁହା ଟ୍ରକ୍‌ଗୁଡ଼ିକ ପାଇଁ। ଟ୍ରକ୍ ତାଡ଼ନାରେ ଗାଁ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ସ୍କୁଲ ପିଲାମାନେ ଉପର ଶ୍ରେଣୀର ବିଦ୍ୟାଳୟକୁ ଯିବା ପାଇଁ ଡରୁଛନ୍ତି। ଜଙ୍ଗଲରୁ କାଠ, ପତ୍ର କି ଫଳମୂଳ ସଂଗ୍ରହ କରି ବିକିଲେ ହିଁ ଗାଁ ଲୋକେ ବଜାରରୁ ତେଲଲୁଣ ଟିକେ କିଣିପାରନ୍ତି। ଏବେ ସେତିକି ବି ସଂଗ୍ରହ କରିବା ଲୋକଙ୍କ ପାଇଁ ଦୁରୂହ ହୋଇଯାଇଛି।

ଇଂଲିଶରେ 'ରିସୋର୍ସ କର୍ସ' ବା 'ସମ୍ପଦର ଯାତନା' ବୋଲି ଗୋଟେ ପ୍ରବାଦ ଅଛି। ସମ୍ପତ୍ତିକୁ ଭୋଗ କରିବା ପାଇଁ ଆଧୁନିକ ମଣିଷର ପ୍ରୟାସ ସମ୍ପଦ ଥିବା ଅଞ୍ଚଳରେ ରହୁଥିବା ଲୋକଙ୍କ ବିପତ୍ତି ହିଁ ବଢ଼ାଇଛି। ସମ୍ପଦର ଲାଭ ଅନ୍ୟମାନେ ଉଠାଇଛନ୍ତି କିନ୍ତୁ ସମ୍ପଦକୁ ସମ୍ଭାଳି ରଖିଥିବା ଲୋକେ ତଳିତଳାନ୍ତ ହୋଇଛନ୍ତି। ଉପରୋକ୍ତ କିଛି ଉଦାହରଣ ତାହାର ପ୍ରମାଣ। ସେହିଭଳି 'ସମ୍ପଦର ଯାତନା' ଦ୍ୱାରା ପୀଡ଼ିତ ଲୋକମାନଙ୍କର ଯାତନା ହ୍ରାସ କରିବା ତଥା ଖଣି-ଅଧୁଷିତ ଅଞ୍ଚଳର ଲୋକଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ଲକ୍ଷ୍ୟରେ ସରକାର 'ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ' ନାମରେ ଏକ ଆଇନ ଆଣିଛନ୍ତି। ଏହି ଆଇନ ଅନୁସାରେ ଖଣିଜ ଦ୍ରବ୍ୟ ଉତ୍ପାଦିତ ହେବାମାତ୍ରେ ଲାଭର ଏକ ନିର୍ଦ୍ଦିଷ୍ଟ ଭାଗ ସିଧା ଜିଲା ଖଣିଜ ପାଣ୍ଠିରେ ଜମା ହୁଏ, ଯାହାକୁ ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କ ଜୀବନ ଓ ଜୀବିକାକୁ ଉନ୍ନତ ଏବଂ ସ୍ଥିର କରିବାରେ ବିନିଯୋଗ କରାଯିବା କଥା। କେନ୍ଦୁଝର ଖାଲି ଓଡ଼ିଶାରେ ନୁହେଁ, ଭାରତର ସବୁଠାରୁ ଅଧିକ ପାଣ୍ଠି ସଂଗ୍ରହ କରିଥିବା ଜିଲା। ଏହି ଫାଉଣ୍ଡେଶନ ଆରମ୍ଭ ହେବା ଦିନରୁ ବିଗତ ଅଢ଼େଇ ବର୍ଷରେ କେନ୍ଦୁଝର ଜିଲା ୨,୦୦୦ କୋଟି ଟଙ୍କାର ବିପୁଳ ପାଣ୍ଠି ସଂଗ୍ରହ କରିସାରିଲାଣି। ଜିଲାର ସମଗ୍ର ଜନସଂଖ୍ୟାକୁ ହିସାବକୁ ନେଲେ ମୁଣ୍ଡପିଛା ହାରାହାରି ୧୧,୧୦୦ ଟଙ୍କାରୁ ବି ଅଧିକ ହେବ। ସାଧାରଣ ହାରାହାରି ହିସାବରେ ବି ସେହିଭଳି ଗୋଟିଏ ଗୋଟିଏ ଗାଁରେ ବର୍ତ୍ତମାନ ସୁଦ୍ଧା ୭୦-୮୦ ଲକ୍ଷ ଲେଖାଏଁ ଟଙ୍କା ପହଞ୍ଚି ଯାଇସାରିଥିବା କଥା। ଆଉ ଇଏ ତ ପ୍ରତ୍ୟକ୍ଷ ଭାବରେ ଖଣି ପ୍ରଭାବିତ ଗାଁ, ଅନ୍ୟୂନ ତିନି ଚାରି କୋଟି ଲେଖାଏଁ ଟଙ୍କା ସେହି ଗାଁମାନଙ୍କରେ ଖର୍ଚ୍ଚ ହୋଇସାରିଥିବା କଥା। କିନ୍ତୁ ଖଣି ଦ୍ୱାରା ପ୍ରତ୍ୟକ୍ଷ ଓ ପ୍ରଭୂତ ଭାବରେ ପ୍ରଭାବିତ ଏହି ତିନି ଗାଁରେ ସେହି ପାଣ୍ଠିରୁ ଗୋଟିଏ ଟଙ୍କା ବି ପହଞ୍ଚି ନାହିଁ ଏଯାଏ।

ଆମ ବିଚାରରେ ଆସୁଥିବା କିଛି ଚିନ୍ତନ ଆମ ଆଚାରରେ ଆଦୌ ପ୍ରତିଫଳିତ ହୋଇପାରୁନାହିଁ। ଖଣି ଆକ୍ରାନ୍ତ ଲୋକଙ୍କ ପାଇଁ 'ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ' ଏକ ବଢିଆ ଚିନ୍ତନ, କିନ୍ତୁ ତାହାର ରୂପାୟନ ଅତ୍ୟନ୍ତ ନୈରାଶ୍ୟଜନକ। ସେହି ପାଣ୍ଠି ବି ଲକ୍ଷ୍ୟସ୍ଥଳରେ ପହଞ୍ଚୁନାହିଁ। ଖଣି ଆକ୍ରାନ୍ତ ଲୋକଙ୍କ ବର୍ତ୍ତମାନର ଯନ୍ତ୍ରଣାକୁ ଉପଶମ କରିବାର ଆବଶ୍ୟକତା ତ ନିହାତି ଅଛି। କିନ୍ତୁ ତାଙ୍କ ଭବିଷ୍ୟତକୁ ଆଲୋକିତ ନ କଲେ ବି ଅନ୍ଧାର ନ କରିବାର ଦାୟିତ୍ୱ ସରକାର ଓ ଆମ ସମସ୍ତଙ୍କ ଉପରେ ରହିଛି। ଆଉ ୧୦-୨୦ ବର୍ଷରେ ଗନ୍ଧମାର୍ଦ୍ଦନ ପାହାଡ଼ ତଥା ସେଭଳି ଅନ୍ୟ ଖଣିରୁ ସବୁ ଲୁହାପଥର ଖୋଳି ନେବାପରେ ଆଉ କିଛି ନ ଥିବ। ଜଙ୍ଗଲ, ଝରଣା, ଚାଷଜମି ସବୁ ଉଜୁଡି ଯାଇଥିବ। ସେତେବେଳେ ଖଣିଜ ପାଣ୍ଠି ବି ମିଳିବ ନାହିଁ। ଖଣି କାରଣରୁ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ଲୋକଙ୍କର ଭବିଷ୍ୟତକୁ ସୁରକ୍ଷିତ କରିବାରେ ଟିକିଏ ବି ହେଳା କ୍ଷମଣୀୟ ନୁହେଁ।



ରୁଦ୍ର ପ୍ରସନ୍ନ ରଥ

# ଆମ ପୋଲିସ ଓ ଆମେ

ଓଡ଼ିଆରେ ଗୋଟିଏ ଢଗ ଅଛି- ଚାକିରି କରିବ ପୋଲିସ, ମାଛ ଖାଇବ ଇଲିଶି। ପୋଲିସ ଚାକିରିର ରାଜକୀୟ ଠାଣିକୁ ନେଇ କୁହାଯାଇଥିଲା ଏ କଥା। ଆଉ ସେହି ଧାରାକୁ ଧରି ଆମେ ପୋଲିସ ଚାକିରିକୁ ଅନେକ ଦିନ ଧରି ଶ୍ରେଷ୍ଠ ବୋଲି ମନେ କରିଆସିଥିଲେ। ଅନେକଙ୍କ ପାଇଁ ପୋଲିସ ହେଉଛି କ୍ଷମତାର ପ୍ରତୀକ, ଆଉ ଥୋକେଙ୍କ ପାଇଁ ଏହା ଏକ ବର୍ବର ଏବଂ ବିଫଳ ବ୍ୟବସ୍ଥା। କିନ୍ତୁ ପ୍ରକୃତରେ ଆମ ପୋଲିସକୁ ଆମେ କିପରି ଦେଖିବାକୁ ଚାହୁଁଛେ, ତାହା ଅନେକାଂଶରେ ଆମ ମାନସିକତା ଉପରେ ନିର୍ଭରଶୀଳ।

ଆମ ଗଣମାଧ୍ୟମ, ଫିଲ୍ମ ଏବଂ ସାହିତ୍ୟ ବାରମ୍ବାର ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଥାଏ। ତା'ର ଦକ୍ଷତାକୁ ନେଇ ଆମେ ଦାଣ୍ଡରେ ଘାଟରେ ବେଶ୍ ଅରୁଚିକର ଭାଷାରେ କଥାବାର୍ତ୍ତା କରୁ। ସତେଯେମିତି ଘଟଣା ଘଟିଗଲା ପରେ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚୁଥିବା, ଲାଞ୍ଚ ଖାଉଥିବା କିମ୍ବା କଥା କଥାରେ ନାଲି ଆଖି ଦେଖାଉଥିବା ପୋଲିସ ଜଣକ ସାରା ଓଡ଼ିଶା କିମ୍ବା ଭାରତର ପୋଲିସ ବାହିନୀର ପ୍ରତିନିଧି। ଆମ ଫିଲ୍ମରେ ପୋଲିସକୁ ବୋକା ବନାଉଥିବା କିମ୍ବା ହତ୍ୟା କରି ଜେଲରୁ ଫେରାର ହୋଇଯାଉଥିବା ଚୋର କିମ୍ବା ଡକାୟତ ବି ଆମ ଆଗରେ କିଛି ସମୟ ପାଇଁ ହେଉ ପଛେ ହିରୋର ମାନ୍ୟତା ପାଏ। ପୋଲିସକୁ ମାଡ଼ ମାରିପାରୁଥିବା କିମ୍ବା ପୋଲିସ ସହ ଯୁକ୍ତି କରିପାରୁଥିବା ଲୋକ ବି ଅନେକ ସମୟରେ ଏ ଦେଶରେ ନେତା ପାଲଟିଯାଏ।

ପୋଲିସ କର୍ମଚାରୀଟିଏ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଆମରି ହିଁ ସେବା କରିଥାଏ। ଆଇନ ଶୃଙ୍ଖଳା ପରିସ୍ଥିତି, ନିର୍ବାଚନ, ପ୍ରାକୃତିକ ଦୁର୍ବିପାକ, ନେତାଙ୍କୁ ସୁରକ୍ଷା ଯୋଗାଇବା, ବିଭିନ୍ନ ପୂଜାପାର୍ବଣରେ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରିବା, ଦଙ୍ଗା ଆଦିକୁ ପ୍ରତିହତ କରିବା ପାଇଁ ନିରନ୍ତର କାର୍ଯ୍ୟରତ ଥାଏ। ଅନେକ କ୍ଷେତ୍ରରେ ପୋଲିସ ଭାଇମାନେ ରକ୍ତ ଦାନ କିମ୍ବା ସମାଜ ସଚେତନତା ପାଇଁ ପରୀ ରଥ ପରି କାର୍ଯ୍ୟକ୍ରମମାନ ଆୟୋଜନ କରିଥାନ୍ତି। ଏତେସବୁ କାମ କରୁଥିବା ପୋଲିସର ଲୋକବଳ ବେଶ୍ ସୀମିତ। ପୋଲିସର ପ୍ରାୟ ଛୁଟି ନ ଥାଏ। ଦିନରାତି ଡ୍ୟୁଟି। ଅନେକ ସମୟରେ ତଳିଆ ପୋଲିସର ଜୀବନ କର୍ମଚାପରେ ଦୁର୍ବିଷହ ହୋଇଗଲେ ବି ଶୁଣିବାକୁ କେହି ନ ଥାନ୍ତି। ଖରାବେଳେ ଖାଇବାକୁ କିମ୍ବା ରାତିରେ ଭଲଭାବେ ଶୋଇବାକୁ ମଧ୍ୟ ସୁଯୋଗ ମିଳେନି। ଏମିତି ଚାଲିଥାଏ ବର୍ଷ ବର୍ଷ ଧରି। ନିଜ ଦେହ ଖରାପ ହେଲେ ବିଶ୍ରାମ ପାଇଁ କିମ୍ବା ପିଲାଙ୍କ ପାଠପଢ଼ା ଦେଖିବା ପାଇଁ ପୋଲିସ ପାଖରେ ସମୟ ନ ଥାଏ। ଅଥଚ ପୋଲିସ ଆଖିଆଗରେ ଆଇନକୁ ଭାଙ୍ଗିଦେବା ପାଇଁ ଆମେ ସତତ ଚେଷ୍ଟିତ ଥାଉ। ହେଲମେଟ ନ ପିନ୍ଧି, ମଦ ପିଇ ଗାଡି ଚଳାଇବା କିମ୍ବା ପୋଲିସ ସାମ୍ନାରେ ଗାଳିଗୁଲଜ କରିବାକୁ ଆମେ ବୀରପୁଙ୍ଗବର କାର୍ଯ୍ୟ ବୋଲି ବିଚାର କରୁ!

୨୦୧୪ରେ ପାର୍ଲାମେଣ୍ଟରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ଦେଶରେ ୨୨.୮ଲକ୍ଷ ଅନୁମୋଦିତ ପଦବୀ ରହିଥିଲା। ଏବେ ଏଥିରୁ ପ୍ରାୟ ୨୫% ଅର୍ଥାତ୍ ୫.୬ ଲକ୍ଷ ପଦବୀ ଖାଲିପଡିଛି। ପୁଣି ୨୦୧୫ ସୁଦ୍ଧା ଭାରତରେ ପ୍ରତି ୧ ଲକ୍ଷ ଜନସଂଖ୍ୟା ପାଇଁ ମାତ୍ର ୧୪୫ ଜଣ ପୋଲିସ ରହିଥିବା ବେଳେ ଜାତିସଂଘର ହିସାବ ଅନୁଯାୟୀ, ଏହା ୨୨୨ ହେବା କଥା। ଅର୍ଥାତ୍ ଆମ ପାଖରେ ଆବଶ୍ୟକ ସଂଖ୍ୟକ ପୋଲିସ ନାହାନ୍ତି। କର୍ମଚାରୀ ଅଭାବ ସାଙ୍ଗକୁ ଦିନକୁ ଦିନ ବଢୁଥିବା ସହରର କାୟା, ବେରୋଜଗାରି, ନୂଆ ଅପରାଧ ଏବଂ ଅପରାଧର ନୂଆ ନୂଆ ତରିକା ପୋଲିସ ଉପରେ ଅତ୍ୟଧିକ କାର୍ଯ୍ୟଚାପ ସୃଷ୍ଟି କରୁଛି। ୨୦୧୫ରେ ବ୍ୟୁରୋ ଅଫ୍ ପୋଲିସ ରିସର୍ଚ୍ଚ ଆଣ୍ଡ ଡେଭ୍‌ଲପ୍‌ମେଣ୍ଟ ଏବଂ ଆଡ୍‌ମିନିଷ୍ଟ୍ରେଟିଭ ଷ୍ଟାଫ୍ କଲେଜ ଅଫ୍ ଇଣ୍ଡିଆ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ପୋଲିସ ସ୍ୱାସ୍ଥ୍ୟକୁ ନେଇ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା ବେଶ୍ ଭୀତି ଉଦ୍ରେକକାରୀ। ଏହି ଅଧ୍ୟୟନ ଅନୁଯାୟୀ ପ୍ରାୟ ୯୦% ପୋଲିସ ଦିନକୁ ୭-୧୬ ଘଣ୍ଟା ଯାଏ କାମ କରନ୍ତି। ଆଉ ପ୍ରାୟ ୭୩% ପୋଲିସ ମାସକୁ ଦିନଟିଏ ବି ଛୁଟି ପାଇବା କଷ୍ଟକର ହୋଇପଡେ। ଏପରି କାର୍ଯ୍ୟଚାପରେ କାମ କରୁଥିବା ପୋଲିସ ପାଇଁ ଆମ ମନରେ ସମ୍ବେଦନଶୀଳତା ନାହିଁ। ପୋଲିସ ଅନେକ ସମୟରେ ନିଜେ ଦୁର୍ଘଟଣାଗ୍ରସ୍ତ ଗାଡିରୁ ଲୋକଙ୍କୁ ଉଦ୍ଧାର କରେ, ନିଜେ ଶବକୁ ନେଇ ମେଡିକାଲ ଯାଏ, ମାତ୍ର ଏ ସବୁ ସ୍ଥାନରୁ ଅନେକ କ୍ଷେତ୍ରରେ ସାକ୍ଷୀଟିଏ ଯୋଗାଡ଼ କରିବା ପୋଲିସ ଲାଗି କଷ୍ଟକର ହୋଇପଡ଼େ।

ଓଡ଼ିଶା କଥା ଦେଖାଯାଉ। ୧।୧।୨୦୧୬ ସୁଦ୍ଧା ଓଡ଼ିଶାରେ ମୋଟ ଅନୁମୋଦିତ ପୋଲିସ ସଂଖ୍ୟା ୬୬,୧୮୪ ହୋଇଥିବା ବେଳେ ୫୫,୪୪୧ ଜଣ ହିଁ କାର୍ଯ୍ୟରତ ଥିଲେ ବୋଲି ଜଣାପଡିଛି। ଉତ୍ତରପ୍ରଦେଶ ପରି ରାଜ୍ୟରେ ଗୋଟିଏ ଗୋଟିଏ ଥାନାରେ ୬୦-୭୦ କର୍ମଚାରୀ ଥିଲା ବେଳେ ଓଡ଼ିଶାରେ ଏହି ସଂଖ୍ୟା ୧୫-୨୫ ଭିତରେ। ଓଡ଼ିଶାରେ ପ୍ରତି ୧୦୦ କିମି ପିଛା ୩୫ ଜଣ ପୋଲିସ ଥିବା ବେଳେ ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ୧୩୦ ଜଣ ପୋଲିସ ଅଛନ୍ତି। ଏତଦ୍‌ବ୍ୟତୀତ ପୋଲିସ ପାଖରେ ଆବଶ୍ୟକ ସାଜସରଞ୍ଜାମର ଘୋର ଅଭାବ ରହିଛି। ଯେଉଁ ହାରରେ ଅନ୍ୟ ସରକାରୀ ପ୍ରତିଷ୍ଠାନଗୁଡିକର ଆଧୁନିକୀକରଣ ହେଉଛି, ତା' ତୁଳନାରେ ପୋଲିସ ବିଭାଗ ବେଶ୍ ପଛରେ।

ଅନେକ ସମୟରେ ବିଭିନ୍ନ କାରଣ ପାଇଁ ପୋଲିସ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚେ। ରାଜନୈତିକ ଫାଇଦାକୁ ଆଖିଆଗରେ ରଖି ନେତାଙ୍କ ହାତବାରିସି ହୋଇ କାମ କରେ, ଲାଞ୍ଚ ନେଇ ଧରାପଡ଼େ। ମାତ୍ର ଏସବୁ ପୋଲିସର ସାମଗ୍ରିକ ଚେହେରା ନୁହେଁ। ପୋଲିସ ଆମ ଭିତରୁ ଆସିଥିବା ଜଣେ ସାଧାରଣ ମଣିଷ। ଆମ ପରି ତା'ର ମଧ୍ୟ ନିଜର ଶାରୀରିକ ଆଉ ମାନସିକ ଦକ୍ଷତାର ସୀମା ଅଛି। ସେ ସେତେବେଳେ ହିଁ ଭଲଭାବେ ଦାୟିତ୍ୱ ସମ୍ପାଦନ କରିପାରିବ, ଯେତେବେଳେ ଆମ ସହାୟତା ଏବଂ ସମ୍ବେଦନଶୀଳତା ତା'ସହ ରହିବ।

ଧବଳଗିରି, ଯାଜପୁର ରୋଡ୍,
ମୋ- ୭୯୭୮୬୭୧୭୭୬

## ଏଇ ଭାରତରେ

ଅନେକ ସମୟରେ ଇସ୍ରାଏଲ୍ ପୋଲିସ ଅଫିସରମାନେ କେରଳର କନ୍ନୁର ସହରକୁ ବୁଲି ଆସନ୍ତି। ଏହି ସହରର ଏକ ପୋଷାକ ତିଆରି କାରଖାନାରେ ଇସ୍ରାଏଲ୍ ପୋଲିସ ନିମନ୍ତେ ହାଲୁକା ନୀଳରଙ୍ଗର ୟୁନିଫର୍ମ ତିଆରି ହୁଏ। ହସ୍ତତନ୍ତର ସୁନ୍ଦର କାରିଗରି ଏବଂ ବସ୍ତ୍ର ରପ୍ତାନିରେ ଏହି ଅଞ୍ଚଳର ଏକ ଗୌରବମୟ ପରମ୍ପରା ରହିଛି। କନ୍ନୁର ଜିଲାର ଭାଲିୟାଭେଲିଚମ୍‌ସ୍ଥିତ ଇଣ୍ଡଷ୍ଟ୍ରିଆଲ୍ ପାର୍କରେ ମେରିଆନ୍ ଆପାରେଲ୍ ପ୍ରା. ଲିଃ. ନାମକ ଏହି କମ୍ପାନିରେ ଶହ ଶହ ଟେଲର ବସ୍ତ୍ର ସିଲେଇ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଇସ୍ରାଏଲ୍ ପୋଲିସ ନିମନ୍ତେ କାରିଗରମାନେ ଦୁଇ ପକେଟ୍ ବିଶିଷ୍ଟ ଶାର୍ଟ ତିଆରି କରିବା ସହିତ ଏଥିରେ ଟ୍ରେଡ୍‌ମାର୍କ ଚିହ୍ନ ସିଲାଇ କରନ୍ତି। ସ୍ଥାନୀୟ ଡ୍ରେସ୍‌ମେକରମାନେ ଦୀର୍ଘ ୩ ବର୍ଷ ହେଲା ବର୍ଷକୁ ପାଖାପାଖି ୧ଲକ୍ଷ ଶାର୍ଟ ଇସ୍ରାଏଲ୍ ପୋଲିସକୁ ଯୋଗାଇ ଆସୁଛନ୍ତି। ଏହି କମ୍ପାନି କୁଏଟ୍ ଅଗ୍ନିଶମ କର୍ମଚାରୀ ଏବଂ ଜାତୀୟ ନିରାପତ୍ତା ରକ୍ଷୀଙ୍କୁ ୟୁନିଫର୍ମ ଯୋଗାଇବାକୁ ଅର୍ଡର ମଧ୍ୟ ପାଇଛି। ସବୁକିଛି ବିଧିବଦ୍ଧ ଭାବରେ ଚାଲିଲେ ମେରିଆନ୍ ଆପାରେଲ୍ ମଧ୍ୟ ଫିଲିପାଇନ୍ସ ସେନାଙ୍କ ନିମନ୍ତେ ୟୁନିଫର୍ମ ସିଲେଇ କରିବ ବୋଲି କମ୍ପାନୀର ଜଣେ ବରିଷ୍ଠ ଅଫିସର ସୂଚନା ଦେଇଛନ୍ତି।



ଜିଲା ଡାଏରୀ

ବରଗଡ଼

## ଚିନ୍ତାରେ ଚାଷୀ

ଚଳିତ ଖରିଫ ଋତୁରେ ବରଗଡ଼ ଜିଲାରେ ଆଖିଦୃଶିଆ ଧାନ ଫସଲ ହୋଇଥିବା ଖବର ମିଳୁଛି। ତା' ସତ୍ତ୍ୱେ ଚାଷୀକୁଳ ମଧ୍ୟରେ ଚକଡ଼ା ପୋକ ପାଇଁ ଭାଲେଣି ଦେଖାଦେଇଛି। କାରଣ ପଡ଼ୋଶୀ ବଲାଙ୍ଗିର ଜିଲାର କେତେକ ଅଞ୍ଚଳରେ ଚକଡ଼ା ପୋକର ପ୍ରାଦୁର୍ଭାବ ଦେଖାଦେଇଛି। ୩/୪ଦିନ ହେଲା ଜିଲାରେ ବର୍ଷା ଛାଡ଼ି ଯାଇ ଖରାପାଗ ଆରମ୍ଭ ହୋଇଛି। ପୁଣି ମଝିରେ ମେଘୁଆ ପାଗ ସାଙ୍ଗକୁ ଅସରାଏ ବିକ୍ଷିପ୍ତ ବର୍ଷା ହେଉଛି। ଏଭଳି ପାଗ ଚକଡ଼ା ପୋକ ପାଇଁ ଅନୁକୂଳ। ତେବେ ନିକଟ ଭବିଷ୍ୟତରେ ଆଉ ବର୍ଷା ନ ହେଲେ ଅଣଜଳସେଚିତ ଅଞ୍ଚଳରେ ଗର୍ଭିଣୀ ଅବସ୍ଥାରେ ରହିଥିବା ଧାନ ନଷ୍ଟ ହେବାର ବି ଭୟ ରହିଛି। ତେବେ ଚକଡ଼ା ପୋକର ଆଶଙ୍କା ଥିବାରୁ ଜିଲା କୃଷିବିଭାଗ ପକ୍ଷରୁ ଏବେଠାରୁ ତତ୍ପରତା ପ୍ରକାଶ ପାଇବା ଉଚିତ ବୋଲି ମତପ୍ରକାଶ ପାଉଛି। ନଚେତ୍ ବିଗତ ଦିନ ପରି ଚକଡ଼ା ପୋକ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇପାରେ।

-ଶଙ୍କର ବଲ୍ଲଭ ମିଶ୍ର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ବ୍ୟାପାରରେ ହସ୍ତକ୍ଷେପ

ମହାଶୟ,
ଶ୍ରୀମନ୍ଦିର ହିନ୍ଦୁଙ୍କର ଆରାଧ୍ୟ ଠାକୁର ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ। ଏହାର ଗରିମା କ୍ଷୁଣ୍ଣ କରିବା ଧର୍ମନିରପେକ୍ଷ ରାଷ୍ଟ୍ରର ଆଦର୍ଶ ନୁହେଁ। ବଡ଼ ଦେଉଳକୁ ଦଳିତ, ବିଦେଶୀ ଓ ବିଧର୍ମୀଙ୍କ ପ୍ରବେଶ, ଠାକୁର/ରଥ ସ୍ପର୍ଶ, ହୁଣ୍ଡି ସ୍ଥାପନ, ଦଇତାଙ୍କ ଦୌରାତ୍ମ୍ୟ ଦମନ ପରି ସ୍ପର୍ଶକାତର ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିବା ପରିବର୍ତ୍ତେ ଗଜପତି ମହାରାଜା ଓ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତାମତକୁ ପ୍ରାଧାନ୍ୟ ଦିଆଯାଉ।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋରଧା

### ଧର୍ମ ବନାମ ଆଧ୍ୟାତ୍ମିକତା

ଧରିତ୍ରୀ (୧୨।୮)ରେ ପ୍ରକାଶ ତ୍ରିପାଠୀଙ୍କ ଦ୍ୱାରା ଲିଖିତ 'ଧର୍ମ ବନାମ ଆଧ୍ୟାତ୍ମିକତା' ପାଠ କରି ଖୁବ୍ ଆନନ୍ଦ ପାଇଲି। ଏଥିରେ ଛଦ୍ମ ଧର୍ମାନ୍ଧତା ଅପେକ୍ଷା ମାନବିକତାପୂର୍ଣ୍ଣ ସମ୍ବେଦନଶୀଳ ଆଧ୍ୟାତ୍ମିକତାର ଏକ ସୁନ୍ଦର ଉଦାହରଣ ପ୍ରଦାନ କରାଯାଇଛି। ବାସ୍ତବରେ ଅନ୍ୟକୁ ସହାୟତା କରିବାରେ ହିଁ ଜୀବନ ଅର୍ଥପୂର୍ଣ୍ଣ ମନେହୁଏ। ଚେତନଶୀଳ ଲୋକମାନେ ଉକ୍ତ ପ୍ରବନ୍ଧରୁ ଅନେକ କିଛି ଶିଖିପାରିଲେ ସମାଜର ମଙ୍ଗଳ ହୁଅନ୍ତା।

ଡ. ବିଦ୍ୟାଧର ବେହେରା, ଘୁଟୁରୁ, କେନ୍ଦୁଝର

### ଶ୍ରୀମନ୍ଦିରରେ ଜଗନ୍ନାଥ ଦର୍ଶନ

ଦେବ ଦେବ ମହାଦେବଙ୍କୁ ବୃଷଭ ପଛରେ ରହି ଓ ଜଗତର ନାଥ ଜଗନ୍ନାଥଙ୍କୁ ଗରୁଡ ପଛରେ ରହି ଦର୍ଶନ କରିବା ବିଧି ଆଗରୁ ଥିବାରୁ ଭକ୍ତ ସାରିଆ ଭିକ 'ଥକାମନ ଚାଲ ଯିବା-ଚକା ନୟନ ଦେଖିବା' ଭଜନରେ ଲେଖିଛନ୍ତି, 'ଗରୁଡ଼ ପଛରେ ଦେଖ କି ଶୋଭା କଳାଶ୍ରୀମୁଖ'। ସେ ବିଧିରେ ଗରୁଡ ପଛରେ ଯଦି ଦର୍ଶନ ମିଳନ୍ତା, ତା' ହେଲେ ଆଉ ଭିତରକୁ ଲୋକେ ଯିବାକୁ ମନ ବଳାଉ ନ ଥାନ୍ତେ। ମନ୍ଦିର ଭିତରେ ଠେଲାପେଲା, ଦଳାଚକଟା ହୁଅନ୍ତା ନାହିଁ କି ରୋଗଣା ବୁଢ଼ାବୁଢ଼ୀ ଓ ଆମର ମାଆ ଭଉଣୀ ଦର୍ଶନ ନ ପାଇ ନିରାଶ ହୁଅନ୍ତେ ନାହିଁ।

କାଳିଚରଣ ରଥ, ବ୍ରହ୍ମପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"କେବଳ ହିରୋ, ହିରୋଇନ୍‌ଭିତ୍ତିକ କାହାଣୀ ନ ନେଇ ଫିଲ୍ମ ନିର୍ମାତାମାନେ ବିଷୟବସ୍ତୁ ଆଧାରିତ ଫିଲ୍ମ ନିର୍ମାଣ କରିବା ଉଚିତ।

-ଦିବ୍ୟା ଦତ୍ତ, ବଲିଉଡ୍ ଅଭିନେତ୍ରୀ

# ୪ ବର୍ଷ ପୂରଣ କଲା ମାର୍ସ ପ୍ରୋବ୍

ନୂଆଦିଲ୍ଲୀ



ଭାରତର ମଧ୍ୟମ ଆକୃତିର ଇଣ୍ଟରପ୍ଲାନେଟାରି ସାଟେଲାଇଟ୍-ମାର୍ସ ଅର୍ବିଟର ମିଶନ୍ (ମମ୍) ଲୋହିତ ଗ୍ରହ ମଙ୍ଗଳକୁ ପ୍ରଦକ୍ଷିଣ କରିବାରେ ୪ ବର୍ଷ ସମ୍ପୂର୍ଣ୍ଣ କରିଛି। ୨୦୧୩ ନଭେମ୍ବର ୫ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ଏହାକୁ ଲଞ୍ଚ୍ କରାଯାଇଥିଲା। ୨୦୧୪ ସେପ୍ଟେମ୍ବର ୨୪ରେ ଏହାକୁ ସଫଳତାର ସହିତ ପ୍ରଥମ ଉଦ୍ୟମରେ ମଙ୍ଗଳର କକ୍ଷପଥରେ ଅବସ୍ଥାନ କରାଯାଇ ପାରିଥିଲା। ମମ୍‌ର ମିଶନ୍ ଲାଇଫ୍‌ର ଡିଜାଇନ୍ ୬ମାସ ଅବଧି ବିଶିଷ୍ଟ କରାଯାଇଥିବାବେଳେ ଉକ୍ତ ସାଟେଲାଇଟ୍ ଦୀର୍ଘ ୪ବର୍ଷ ଧରି ମଙ୍ଗଳର ଫଟୋଚିତ୍ର ପଠାଇଆସୁଛି। 'ମୁଁ ପ୍ରଦକ୍ଷିଣ କରିବା ୪ବର୍ଷ ହୋଇଗଲାଣି। ଆପଣମାନଙ୍କ ସ୍ନେହ ଓ ସମର୍ଥନ ପାଇଁ ଧନ୍ୟବାଦ'- ଶୀର୍ଷକ ଏକ ବାର୍ତ୍ତା ମାର୍ସ ଅର୍ବିଟର ଟୁଇଟ୍ କରିଛି।

ମମ୍‌କୁ ଏପରି ନିର୍ମାଣ କରାଯାଇଛି, ଏଥିରେ ସବୁ ପ୍ରକାର ଆତ୍ମନିୟନ୍ତ୍ରଣ ବ୍ୟବସ୍ଥା ରହିଛି। ବୈଜ୍ଞାନିକଙ୍କ କୌଣସି ସହାୟତା ବିନା ଏହା ଦୀର୍ଘ ଦିନ ଧରି ନିଜର ରକ୍ଷଣାବେକ୍ଷଣ କରିପାରିବ। ଉକ୍ତ ସାଟେଲାଇଟ୍ ଦ୍ୱାରା ମଙ୍ଗଳର ସମ୍ପୂର୍ଣ୍ଣ ଡିସ୍କ ଫଟୋଚିତ୍ର ଉତ୍ତୋଳନ କରାଯାଇ ପାରିଛି। ମାର୍ସ ରୋଭର କଲର କ୍ୟାମେରା ଏ ପର୍ଯ୍ୟନ୍ତ ୯୮୦ଟି ଫଟୋ ଉତ୍ତୋଳନ କରିସାରିଲାଣି। ଉକ୍ତ ମିଶନ୍ ସହାୟତାରେ ବୈଜ୍ଞାନିକମାନେ ମଙ୍ଗଳ ଗ୍ରହର ସମ୍ପୂର୍ଣ୍ଣ ମାନଚିତ୍ର ପ୍ରସ୍ତୁତ କରିବାକୁ ସମର୍ଥ ହୋଇଛନ୍ତି।

# 'ଅର୍ଜୁନ ରେଡ୍ଡୀ'ର ରିମେକ୍ ପାଇଁ ଉତ୍ସାହିତ



କାଇରା ଆଡଭାନୀ

ମୁମ୍ବାଇ: 'ଅର୍ଜୁନ ରେଡ୍ଡୀ'ର ହିନ୍ଦୀ ରିମେକ୍ ନିର୍ମାଣ ହେବାକୁ ଯାଉଥିବା ବେଳେ ଅଭିନେତା ଶାହିଦ୍ କପୁରଙ୍କ ସହିତ କାର୍ଯ୍ୟ କରିବାକୁ ଉତ୍ସାହିତ ଥିବା କଥା ଅଭିନେତ୍ରୀ କାଇରା ଆଡଭାନୀ ପ୍ରକାଶ କରିଛନ୍ତି। କାଏରା ମଙ୍ଗଳବାର ଟୁଇଟର୍ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି-'ଗତବର୍ଷର ସର୍ବାଧିକ ଲୋକପ୍ରିୟ ଫିଲ୍ମଗୁଡିକ ମଧ୍ୟରୁ ଅନ୍ୟତମ 'ଅର୍ଜୁନ ରେଡ୍ଡୀ'ର ରିମେକ୍ ହେବାକୁ ଯାଉଥିବା ବେଳେ ଏ ଦିଗରେ ଆପଣମାନଙ୍କ ସ୍ନେହ ଓ ସଦିଚ୍ଛା କାମନା କରୁଛି। ଏଥିରେ ଶାହିଦ କପୁର, ସନ୍ଦୀପ୍, ଅଶ୍ୱିନ୍ ଭାର୍ଦ୍ଦେ, ମୁରାଦ ଖେତାନି ଏବଂ ଭୂଷଣ କୁମାର କାର୍ଯ୍ୟ କରୁଛନ୍ତି। ଏହି ଟିମ୍‌ରେ ସାମିଲ ହୋଇ ଅଭିନୟ କରିବାକୁ ସେ ଉତ୍ସାହିତ ଅଛନ୍ତି। ପ୍ରଯୋଜକ ତଥା ଟି-ସିରିଜ୍‌ର ଭୂଷଣ କୁମାର ଫିଲ୍ମ ନିର୍ମାଣ ପାଇଁ କାଏରାଙ୍କୁ ଆମନ୍ତ୍ରଣ କରିଛନ୍ତି। ସେ ଟୁଇଟ୍ କରି ଜଣାଇଛନ୍ତି-'ଅର୍ଜୁନ ରେଡ୍ଡୀ'ର ରିମେକ୍ ପାଇଁ ପ୍ରମୁଖ ଚରିତ୍ରରେ ଶାହିଦ କପୁରଙ୍କ ସମେତ କାଇରା ଆଡଭାନୀଙ୍କୁ ନେଇ ଆମେ ଖୁସି। ଉକ୍ତ ପ୍ରକଳ୍ପର ସଫଳତା ପାଇଁ ଆଗାମୀ ଦିନକୁ ଅପେକ୍ଷା।

# ଦୁନିଆର ସବୁଠୁ ମହଙ୍ଗା ଜୋତା

**ଆବୁଧାବି:** ଦୁନିଆର ସବୁଠୁ ମୂଲ୍ୟବାନ ଜୋତା ବୁଧବାର ଲଞ୍ଚ୍ ହେବ। ହୀରା ଏବଂ ସୁନା ଖଚିତ ଏହି ବିଳାସମୟ ଫୁଟ୍‌ୱିୟର୍‌ର ଡିଜାଇନ୍ ଓ ପ୍ରସ୍ତୁତି ଦୀର୍ଘ ୯ମାସ ଧରି ଚାଲିଥିଲା। ଏହି ଜୋତାର ମୂଲ୍ୟ ୬୨.୪ ନିୟୁତ ଦିରହାମ୍ (୧୭ ନିୟୁତ ଆମେରିକୀୟ ଡଲାର ବା ୧୨୩ କୋଟି ଟଙ୍କା)। ଜୋତା ଦୁଇଟିରେ ଶହ ଶହ ହୀରା ଖଚିତ ହୋଇଛି। ୟୁନାଇଟେଡ ଆରବ ଏମିରେଟ୍‌ସର ବ୍ରାଣ୍ଡ ଜାଡା ଦୁବାଇ ଏବଂ ପାସନ୍ ଜୁଏଲର୍ସର ମିଳିତ ଉଦ୍ୟମରେ ଏହା ତିଆରି ହୋଇଛି। ଏହି ଜୋତାକୁ ବିଶ୍ୱର ଏକମାତ୍ର ୭-ଷ୍ଟାର ହୋଟେଲ ବୁର୍ଜ ଅଲ୍ ଆରବରେ ଲଞ୍ଚ୍ କରାଯିବ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୨୨.୭ |
| ଚାନ୍ଦବାଲି | ୩୫.୨ | ୨୬.୦ |
| କଟକ | ୩୪.୮ | ୨୪.୨ |
| ପାରାଦ୍ୱୀପ | ୩୨.୪ | ୨୭.୭ |
| ଭୁବନେଶ୍ୱର | ୩୪.୨ | ୨୫.୨ |
| ଗୋପାଳପୁର | ୩୩.୭ | ୨୬.୨ |
| ପୁରୀ | ୩୪.୦ | ୨୭.୦ |
| ଅନୁଗୋଳ | ୩୪.୧ | --- |
| ବାରିପଦା | ୩୫.୦ | ୨୫.୦ |
| ଝାରସୁଗୁଡ଼ା | ୩୪.୨ | ୨୬.୧ |
| କେନ୍ଦୁଝର | ୩୧.୮ | ୨୩.୨ |
| ସମ୍ବଲପୁର | ୩୪.୩ | ୨୬.୦ |
| ସୁନ୍ଦରଗଡ଼ | --- | ୨୨.୫ |
| ହୀରାକୁଦ | ୩୪.୧ | ୨୬.୨ |
| ତାଳଚେର | ୩୩.୬ | ୨୪.୯ |
| ଭବାନୀପାଟଣା | --- | ୨୪.୦ |
| ବଲାଙ୍ଗୀର | ୩୫.୦ | ୨୪.୫ |
| କୋରାପୁଟ | ୨୯.୬ | ୧୯.୦ |
| ଫୁଲବାଣୀ | ୩୨.୦ | ୧୯.୨ |
| ଟିଟିଲାଗଡ଼ | ୩୪.୦ | ୨୧.୫ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୪.୮ | ୨୪.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୧୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ପ୍ରତି ୧୦ ନିଖୋଜଙ୍କ ମଧ୍ୟରୁ ୬ ଜଣଙ୍କ ପତ୍ତା ମିଳୁନାହିଁ

ନୂଆଦିଲ୍ଲୀ

ରାଜଧାନୀ ଦିଲ୍ଲୀରେ ପ୍ରତି ୧୦ ନିଖୋଜ ପିଲାଙ୍କ ମଧ୍ୟରୁ ୬ଜଣଙ୍କ ପତ୍ତା ମିଳୁନାହିଁ। 'ଆଲିଆନ୍ସ ଫର ପିପୁଲ୍ସ ରାଇଟ୍'(ଏପିଆର) ଏବଂ ସ୍ୱେଚ୍ଛାସେବୀ ସଂଗଠନ 'ଚାଇଲ୍ଡ ରାଇଟ୍‌ସ ଆଣ୍ଡ ୟୁ' (କ୍ରାଏ) ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହି ସୂଚନା ମିଳିଛି।

ଏନ୍‌ସିଆରବି ଡାଟା ଏବଂ ପୋଲିସଠାରୁ ମିଳିଥିବା ଆରଟିଆଇ ଉତ୍ତର ଭିତ୍ତିରେ ପ୍ରସ୍ତୁତ ଉକ୍ତ ରିପୋର୍ଟ ଅନୁଯାୟୀ ସମଗ୍ର ଦେଶରେ ନିଖୋଜ ପିଲାଙ୍କ ମଧ୍ୟରୁ ୩୦%ଙ୍କର ଆଦୌ ପତ୍ତା ମିଳୁ ନ ଥିବା ବେଳେ କେବଳ ଦିଲ୍ଲୀରେ ଏହି ହାର ୬୩%। ବିଗତ ୫ବର୍ଷ ମଧ୍ୟରେ ଦିଲ୍ଲୀରେ ୨୬,୭୬୧ ପିଲା ନିଖୋଜ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯,୭୨୭ ପିଲାଙ୍କର ସନ୍ଧାନ ମିଳିପାରିଛି ବୋଲି 'ମିସିଙ୍ଗ୍ ଚିଲ୍ଡ୍ରେନ୍ ଇନ୍ ଦିଲ୍ଲୀ-୨୦୧୮' ଶୀର୍ଷକ ରିପୋର୍ଟରେ ଦର୍ଶାଯାଇଛି। ଅବଶ୍ୟ ଦିଲ୍ଲୀ ପୋଲିସର ତଥ୍ୟ ଅନୁଯାୟୀ ଦିଲ୍ଲୀରେ ନିଖୋଜ ପିଲାଙ୍କ ସଂଖ୍ୟା ହ୍ରାସ ପାଇଛି। ୨୦୧୫ରେ ଦିଲ୍ଲୀରେ ଦୈନିକ ହାରାହାରି ୨୨ ପିଲା ନିଖୋଜ ହେଉଥିବା ବେଳେ ୨୦୧୭ରେ ଏହି ସଂଖ୍ୟା ୧୮କୁ ହ୍ରାସ ପାଇଛି।

ଆରଟିଆଇ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ କ୍ରିଷ୍ଣା ରାଜ୍ ଦର୍ଶାଇଛନ୍ତି, ୨୦୧୨ ଜାନୁୟାରୀ ୧ରୁ ୨୦୧୭ ମାର୍ଚ୍ଚ ୨୦ ମଧ୍ୟରେ ଦେଶରେ ୨,୪୨,୯୩୮ ପିଲା ନିଖୋଜ ହୋଇଥିବା ବେଳେ ୧,୭୦,୧୭୩ ପିଲାଙ୍କ ସନ୍ଧାନ ମିଳିପାରିଥିଲା।


ଜାତୀୟ ଔଷଧୀୟ ଉଦ୍ଭିଦ ପରିଷଦ
ଆୟୁର୍ବେଦ, ଯୋଗ ଏବଂ ନେଚୁରୋପାଥି, ୟୁନାନୀ, ସିଦ୍ଧ ଓ ହୋମିଓପାଥି (ଆୟୁଷ) ମନ୍ତ୍ରଣାଳୟ
ରୁମ୍ ନଂ.୩୦୯, ୩ୟ ମହଲା, ବି-ବ୍ଲକ୍,
ଆୟୁଷ ଭବନ, ଜିପିଓ କମ୍ପ୍ଲେକ୍ସ, ନୂଆଦିଲ୍ଲୀ - ୧୧୦୦୨୩

**ନୋଟିସ ବାତିଲ**

ଆଠ(୮) ଗୋଟି ରିଜିଓନାଲ୍ ର' ଡ୍ରଗ୍ ରିପୋଜିଟୋରିଜ୍ (ଆର୍‌ଆର୍‌ଡିଆର୍‌ଏସ୍) କେନ୍ଦ୍ର ସ୍ଥାପନ ପାଇଁ ଏନ୍‌ଏମ୍‌ପିବି, ଆୟୁଷ ମନ୍ତ୍ରଣାଳୟର ପୂର୍ବର ନୋଟିସ୍ ଏଫ୍. ନଂ. ଜେଡ୍.୧୮୦୧୭/୧୮୭/ପିଆର୍.ଜିଓ/କେଆର୍-୦୫/୨୦୦୯-୧୦-ଏନ୍‌ଏମ୍‌ପିବି, ତାରିଖ ୧୮।୦୨।୨୦୧୭ ମାଧ୍ୟମରେ ଆମନ୍ତ୍ରଣ ପ୍ରତି ଦୃଷ୍ଟି ଆକର୍ଷଣ କରାଯାଉଛି। ଏ ସଂକ୍ରାନ୍ତରେ, ସମସ୍ତ ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ସୂଚିତ କରାଯାଉଛି ଯେ ଉକ୍ତ ନୋଟିସକୁ ବାତିଲ କରାଯାଇଛି ।

(ଅଶୋକ କୁମାର)
ଆର୍ଥିକ ଏବଂ ପ୍ରଶାସନିକ ଅଧିକାରୀ
ଏନ୍‌ଏମ୍‌ପିବି

davp 17203/11/0002/1819

"ଯଦି ବିଜ୍ଞତା ହର୍ବାଲ୍ ହୋଇଥାଏ, ଅନେକ ବିକାର ଆରୋଗ୍ୟଯୋଗ୍ୟ ହୋଇଯାଏ"



**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No.: C/71, Sector-7, CDA, Cuttack-753014
FORM NO. ITCP-1
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
R.P. No.: 115/2018/CTC
(Arising out of O.A. No.: 306 of 2013)
Next Date: 05.10.2018

**State Bank of India, Stressed Assets Management Branch (SAMB), Bhubaneswar,** At: OSCARD Bank Building, Pandit Jawaharlal Nehru Marg, Bhubaneswar, Dist.: Khurda, PIN-751001 ...Certificate Holder Bank

Vs.

**M/s. Seema Granites & others** ...Certificate Debtors

To,
1. **M/s. Seema Granites,** At: Bhojpur, PO: Karamdihi, Dist.: Sundargarh-770002 (Represented through its Proprietress, **Smt. Seema Manjari Patel).**
2. **Smt. Seema Manjari Patel,** W/o: Shri Gagan Kumar Mishra, At: Bhojpur, PO: Karamdihi, Dist.: Sundargarh-770002.
3. **Shri Suresh Chandra Patel,** S/o: Late Mitrabhanu Patel, At: Lokedega, Sargipalli, Dist.: Sundargarh-770002.

Take notice that Certificate arising out of **O.A. No. 306 of 2013** issued by the Hon'ble Presiding Officer, Debts Recovery Tribunal, Cuttack under Section 19(22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs.82,89,413.85 (Rupees Eighty Two Lac Eighty Nine Thousand Four Hundred Thirteen and Paise Eighty Five Only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | | : Rs.82,89,413.85 |
| 2. Cost allowed | (+) | : Rs. 89,000.00 |
| 3. Interest @ 13.75% p.a. with quarterly rests from 08.07.2013 to 30.06.2018 | | : Rs.35,94,835.02 |
| Total | | : Rs.1,19,73,248.87 |
| 4. Recovery Amount made from 08.07.2013 to 30.06.2018 | (-) | : Rs.64,14,600.00 |
| | | : Rs.55,58,648.87 |

**(Rupees Fifty Five Lac Fifty Eight Thousand Six Hundred Forty Eight and Paise Eighty Seven Only)** with of Interest @ 13.75% p.a. with quarterly rests on the amount due from 01.07.2018 till realization of the entire Dues.

2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **05.10.2018** and report the details of payment made by you.

Given under my hand & seal at Cuttack on this **13th day of July, 2018.**

Sd/- (S. R. Parida)
Recovery Officer



DSPL-168

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାର
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ

## କୁଷ୍ଠ ରୋଗ ଚିହ୍ନଟ ଅଭିଯାନ - ୨୦୧୮

ଏହି ଅଭିଯାନ ଚଳିତ ବର୍ଷ ୨୭ ସେପ୍ଟେମ୍ବର ଠାରୁ ୬ ଅକ୍ଟୋବର ୨୦୧୮ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠରୋଗ ସର୍ବେକ୍ଷଣ କରିବେ । ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ ।

**ଆପଣ ଜାଣନ୍ତି କି?**
- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁଲେ ବ୍ୟାପିନଥାଏ କିମ୍ବା ଏହା ଏକ ଅଭିଶାପ ନୁହେଁ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଗୁଳି ସୃଷ୍ଟି ହେବା, ହାତ, ଗୋଡ଼ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।



ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ ଏବଂ ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣାରେ ମିଳେ ।

ଶୀଘ୍ର ଚିକିତ୍ସା କଲେ ବିକଳାଙ୍ଗ ହେବ ନାହିଁ,
ଅଧିକ ସୂଚନା ପାଇଁ ଆଶା ଦିଦି କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0081/1819
facebook.com/HFWOdisha http://www.health.odisha.gov.in/ @HFWOdisha



**ସିଣ୍ଡିକେଟ୍ ବ୍ୟାଙ୍କ**
सिंडिकेटबैंक SyndicateBank
କ୍ଷେତ୍ରୀୟ କାର୍ଯ୍ୟାଳୟ-୧: ପ୍ଲଟ୍ ନଂ.: ୧୫୫୬ ଏବଂ ୧୫୬୧, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯
**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସ୍‌ମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ ସିଣ୍ଡିକେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଏବଂ ସେଠାରେ ଯାହାଅଛି ଭିତ୍ତିରେ" ଇ-ନିଲାମ କରାଯିବ।

| ପୋଡାଡିହ ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି / ବିଡ୍ ମୂଲ୍ୟ ବୃଦ୍ଧି | ମୋଟ ବକେୟା/ ଡିମାଣ୍ଡ ନୋଟିସ୍/ ଦଖଲ ତାରିଖ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|
| ଋଣଗ୍ରହୀତା : ମେସର୍ସ ସୀତା ସର୍ଭିସ ଷ୍ଟେସନ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁ, ସା./ପୋ.: ପାଟପୁର, ଭାୟା : ଉଦଳା, ଜିଲ୍ଲା : ମୟୁରଭଞ୍ଜ / ଗ୍ୟାରେଣ୍ଟିଦାତାମାନେ: ୧) ଜଶ୍ମି ମାଝି, ଗ୍ରାମ: ଅଡ଼ପାଳ, ପୋ.: କୁଆଳିଆ, ଭାୟା : ଉଦଳା, ଜିଲ୍ଲା: ମୟୁରଭଞ୍ଜ, ୨) ଶ୍ରୀ ରବିନ୍ଦ୍ରନାଥ ଦାସ, ସା.: ଦୂତିକାଦେଇପୁର, ପୋ.: ଭୀମହାଟୀ, ଭାୟା : ଉଦଳା, ଜିଲ୍ଲା : ମୟୁରଭଞ୍ଜ | ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁ ଏବଂ ଜଶ୍ମି ମାଝିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ମୌଜା: ପାଟପୁର, ଖାତା ନଂ.: ୧୯, ପ୍ଲଟ୍ ନଂ.: ୩୪୫, କ୍ଷେତ୍ର : ଏକର୦.୧୯ଡିସିମିଲି, କିସମ: ଘରବାରୀ, ପୋ.: ପୋଡାଡିହ, ଥାନା : ଉଦଳା, ତହସିଲ : ଉଦଳା, ଜିଲ୍ଲା: ମୟୁରଭଞ୍ଜ | ଟ.୨୭,୫୦,୦୦୦/- / ଟ.୨,୭୫,୦୦୦/- / ଟ.୧୦,୦୦୦/- | ଟ.୬୮,୮୫,୦୫୫.୨୧ / ୩୧.୦୧.୨୦୧୨ / ୧୩.୦୯.୨୦୧୨ | ୨୯.୧୦.୨୦୧୮ ପୂର୍ବାହ୍ନ ୧୧ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| ଋଣଗ୍ରହୀତା : ଭୁକିଲା ମଢ଼େଇ ଏଜୁକେସନାଲ୍ ଟ୍ରଷ୍ଟ, ପରିଚାଳନା ଟ୍ରଷ୍ଟୀ: ଶ୍ରୀମତୀ ବାସନ୍ତୀ ମଢ଼େଇ, ଗ୍ରାମ: ମାଣିକପୁର ହାଟଛକ (ନଛିପୁର), ପୋ.: ପୋଡାଡିହ, ଜିଲ୍ଲା: ମୟୁରଭଞ୍ଜ / ଗ୍ୟାରେଣ୍ଟିଦାତାମାନେ : ୧) ଶ୍ରୀ ଭାସ୍କର ମଢ଼େଇ, ୨) ଶ୍ରୀ କୃଷ୍ଣଚନ୍ଦ୍ର ବିଶ୍ୱାଳ, ଉଭୟଙ୍କ ଠିକଣା : ନଛିପୁର, ପୋ.: ପୋଡାଡିହ, ଜିଲ୍ଲା : ମୟୁରଭଞ୍ଜ, ୩) ଶ୍ରୀ ବିଷ୍ଣୁପଦ ସଡୁଆଲ, ୱାର୍ଡ ନଂ.-୧୦, ପୋ.: ଉଦଳା, ଜିଲ୍ଲା : ମୟୁରଭଞ୍ଜ | ଭୁକିଲା ମଢ଼େଇ ଏଜୁକେସନାଲ୍ ଟ୍ରଷ୍ଟଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ମୌଜା: କଦମ୍ବସୁଳ, ପୋ.: ଉଦଳା, ଥାନା : ଉଦଳା, ତହସିଲ : କପ୍ତିପଦା, ଜିଲ୍ଲା : ମୟୁରଭଞ୍ଜ, ଖାତା ନଂ.: ୧୧୭/୫୮, ପ୍ଲଟ୍ ନଂ.: ୪୪୦, କ୍ଷେତ୍ର : ଏକର୦.୫୫୦ଡିସିମିଲି, ପ୍ଲଟ୍ ନଂ.: ୪୫୫, କ୍ଷେତ୍ର : ଏକର୦.୦୮୦ଡିସିମିଲି., | ଟ.୫୫,୦୦,୦୦୦/- / ଟ.୫,୫୦,୦୦୦/- / ଟ.୧୦,୦୦୦/- | ଟ.୧,୫୧,୬୭,୯୬୫.୫୧ / ୧୧.୦୯.୨୦୦୯ / ୧୩.୦୯.୨୦୧୨ | ୨୯.୧୦.୨୦୧୮ ପୂର୍ବାହ୍ନ ୧୧ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |

ପ୍ଲଟ୍ ନଂ.: ୫୫୧, କ୍ଷେତ୍ର : ଏକର୦.୧୩୦ଡିସିମିଲି., ପ୍ଲଟ୍ ନଂ.: ୬୧୫, କ୍ଷେତ୍ର : ଏକର୧.୬୦୦ଡିସିମିଲି., ପ୍ଲଟ୍ ନଂ.: ୬୧୭, କ୍ଷେତ୍ର : ଏକର୧.୦୭୦ଡିସିମିଲି., ପ୍ଲଟ୍ ନଂ.: ୬୨୦, କ୍ଷେତ୍ର : ଏକର୦.୦୨୦ଡିସିମିଲି., ପ୍ଲଟ୍ ନଂ.: ୬୨୧, କ୍ଷେତ୍ର : ଏକର୦.୦୩୦ଡିସିମିଲି., ପ୍ଲଟ୍ ନଂ.: ୬୨୨, କ୍ଷେତ୍ର : ଏକର୦.୦୩୦ଡିସିମିଲି., ପ୍ଲଟ୍ ନଂ.: ୬୩୧, କ୍ଷେତ୍ର : ଏକର୦.୧୭୦ଡିସିମିଲି., ପ୍ଲଟ୍ ନଂ.: ୬୩୭, କ୍ଷେତ୍ର : ଏକର୦.୦୩୦ଡିସିମିଲି., ପ୍ଲଟ୍ ନଂ.: ୬୪୩, କ୍ଷେତ୍ର : ଏକର୦.୧୧୦ଡିସିମିଲି., ପ୍ଲଟ୍ ନଂ.: ୬୪୪, କ୍ଷେତ୍ର : ଏକର୦.୧୩୦ଡିସିମିଲି., **ସମୁଦାୟ କ୍ଷେତ୍ର: ଏକର ୩.୯୫୦ଡିସିମିଲି, ମୌଜା : ନୂଆସାହି,** ଖାତା ନଂ.: ୨୪୭/୮୨, ପ୍ଲଟ୍ ନଂ.: ୩୦, କ୍ଷେତ୍ର : ଏକର୦.୨୫୦ଡିସିମିଲି., ପ୍ଲଟ୍ ନଂ.: ୪୬, କ୍ଷେତ୍ର : ଏକର୦.୪୨୦ଡିସିମିଲି., ପ୍ଲଟ୍ ନଂ.: ୪୭/୩୭/୧୪୭୪, କ୍ଷେତ୍ର : ଏକର୦.୨୦୦ଡିସିମିଲି., ପ୍ଲଟ୍ ନଂ.: ୨୪, କ୍ଷେତ୍ର : ଏକର୦.୧୭୦ଡିସିମିଲି., ପ୍ଲଟ୍ ନଂ.: ୨୬, କ୍ଷେତ୍ର : ଏକର୦.୫୧୦ଡିସିମିଲି., ପ୍ଲଟ୍ ନଂ.: ୩୧, କ୍ଷେତ୍ର : ଏକର୦.୦୩୦ଡିସିମିଲି., ପ୍ଲଟ୍ ନଂ.: ୩୩, କ୍ଷେତ୍ର : ଏକର୦.୩୧୦ଡିସିମିଲି., ପ୍ଲଟ୍ ନଂ.: ୩୮, କ୍ଷେତ୍ର : ଏକର୦.୫୭୦ଡିସିମିଲି., **ସମୁଦାୟ କ୍ଷେତ୍ର: ଏକର ୨.୪୬୦ଡିସିମିଲି, ମୌଜା : କୋଲିଆଲାମ ସାମିଲି ପଗଡଡିହ, ଖାତା ନଂ.: ୧୩୯/୮୧,** ପ୍ଲଟ୍ ନଂ.: ୧୫୬, କ୍ଷେତ୍ର : ଏକର୦.୦୭୦ଡିସିମିଲି., ପ୍ଲଟ୍ ନଂ.: ୭୪୬, କ୍ଷେତ୍ର : ଏକର୦.୩୩୦ଡିସିମିଲି., ପ୍ଲଟ୍ ନଂ.: ୭୪୭, କ୍ଷେତ୍ର : ଏକର୦.୨୩୦ଡିସିମିଲି., ପ୍ଲଟ୍ ନଂ.: ୭୪୮, କ୍ଷେତ୍ର : ଏକର୦.୨୭୦ଡିସିମିଲି., ପ୍ଲଟ୍ ନଂ.: ୭୪୯, କ୍ଷେତ୍ର : ଏକର୦.୧୧୦ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୧.୦୧୦ଡିସିମିଲି, ସର୍ବ ମୋଟ କ୍ଷେତ୍ର: ଏକର ୭.୪୨୦ଡିସିମିଲି,** ସମସ୍ତ ଜମିର କିସମ: ଘରବାରୀ

**ନିୟମ ଓ ସର୍ତ୍ତାବଳୀ :**
୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଏବଂ ସେଠାରେ ଯାହାଅଛି ଭିତ୍ତିରେ" ସମ୍ପନ୍ନ ହେବ ।
୨) ଅମାନତ ରାଶି ଏବଂ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: **ତା୨୬.୧୦.୨୦୧୮ରିଖ ଅପରାହ୍ନ ୪.୦୦** ଘଟିକା ପର୍ଯ୍ୟନ୍ତ । ଇ-ନିଲାମ ତାରିଖ ଓ ସମୟ: **ତା.୨୯.୧୦.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ରୁ ମଧ୍ୟାହ୍ନ ୧୨.୦୦ ଘଟିକା।**
୩) ଇଚ୍ଛୁକ ନିଲାମଧାରୀମାନେ ଯେକୌଣସି ଜାତୀୟକରଣ ବ୍ୟାଙ୍କରୁ **ସିଣ୍ଡିକେଟ୍ ବ୍ୟାଙ୍କ** (ସମ୍ପୃକ୍ତ ଋଣଗ୍ରହୀତା) ସପକ୍ଷରେ ଅମାନତ ଜମା ରାଶି ରୂପେ ଡ଼ିମାଣ୍ଡ ଡ୍ରାଫ୍ଟ ଡ୍ର କରି ପୈଠ କରିପାରିବେ।
୪) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ସମ୍ପତ୍ତିର କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ । ଇଚ୍ଛୁକ ନିଲାମଧାରୀମାନେ ନିଜେ ସମ୍ପତ୍ତିର ମାଲିକାନା, ଏନ୍‌କମ୍ବ୍ରାନ୍‌ସେସ୍ ବିଷୟରେ ଅନୁସନ୍ଧାନ କରି ଏବଂ ସମ୍ପତ୍ତି ତନଖି କରି ନିଜେ ସନ୍ତୁଷ୍ଟ ହେବା ଉଚିତ । **ସମ୍ପତ୍ତି ତା.୨୨.୧୦.୨୦୧୮, ୨୩.୧୦.୨୦୧୮ ଏବଂ ୨୪.୧୦.୨୦୧୮ରିଖ ଅପରାହ୍ନ ୨.୦୦ଘଟିକା ରୁ ୪.୦୦ଘଟିକା** ମଧ୍ୟରେ ତନଖି କରିପାରିବେ।
୫) ଅମାନତ ରାଶି ଦାଖଲ କରିଥିବା ଇଚ୍ଛୁକ ନିଲାମଧାରୀମାନେ ଲଗ୍‌ଇନ୍ ଆଇଡି, ପାସ୍‌ୱାର୍ଡ, ଡାଟା ଅପଲୋଡ କରିବା, ବିଡ୍ ଦାଖଲ କରିବା, ଇ-ନିଲାମ ତାଲିମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଇତ୍ୟାଦି ବିଷୟରେ ସହାୟତା ନିମନ୍ତେ ଇ-ନିଲାମ ତାରିଖ ପୂର୍ବରୁ **M/s. e-Procurement Technologies Limited, (Auctiontiger) Ahmedabad** ଙ୍କ ସହ ଯୋଗାଯୋଗ କରିପାରନ୍ତି । ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ନାମ **https://syndicatebank.auctiontiger.net** ରେ ପଞ୍ଜିକରଣ କରି ୟୁଜର ଆଇଡି, ପାସୱାର୍ଡ ଏବଂ ଇ-ନିଲାମ ତାଲିମ **M/s. e-procurement Technologies Ltd. (Auctiontiger) Ahmedabad** ରୁ ମାଗଣାରେ ପାଇପାରିବେ: **ହେଲ୍ପଲାଇନ୍ ନଂ.: ଶ୍ରୀ ରାମ ଶର୍ମା, ମୋ.: ୦୮୦୦୦୦୨୩୨୯୭, ରାକେଶ, ମୋ.: ୦୯୯୩୭୨୨୦୩୧୯, ଟେଲିଫୋନ୍: ୦୭୯-୪୦୨୩୦୮୧୧/୮୧୨/୮୧୦, ଶ୍ରୀ ରିକିନ୍, ମୋ.: ୦୯୯୭୮୫୯୧୮୮, E-mail ID: orissa@auctiontiger.net, rikin@auctiontiger.net & support@auctiontiger.net** ଏବଂ ସମ୍ପତ୍ତି ବିଷୟରେ ଅନୁସନ୍ଧାନ ନିମନ୍ତେ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ **ଉପର ଦର୍ଶିତ ଆକାଉଣ୍ଟରେ ଦର୍ଶାଯାଇଥିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ.: ୯୪୩୭୪୬୩୧୩୩ ଏବଂ ୯୪୩୭୫୭୯୫୩୧** ରେ ଯୋଗାଯୋଗ କରନ୍ତୁ: **E-mail id: ro.bhubaneswar@syndicatebank.co.in**
୬) ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ୱେବସାଇଟ୍ **https://syndicatebank.auctiontiger.net** ଦେଖନ୍ତୁ।
୭) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ବିବେଚନା କରାଯିବ ଏବ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ । ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ପରେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ **୭୫%** ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ ଦାଖଲ କରିବାକୁ ପଡିବ । ସଫଳ ନିଲାମଧାରୀଙ୍କ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତ କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ ।
୮) କ୍ରେତା ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟିକସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି ଯଦି କାହାକୁ ଦେବାକୁ ଥାଏ, ତାହା ବହନ କରିବେ ।
୯) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ / ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି ।
୧୦) ସଫଳ ନିଲାମଧାରୀ/କ୍ରେତା ଆୟକର ଆଇନ ୧୯୬୧ର ଧାରା **194 IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **26QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣପତ୍ରର ମୂଳ ରସିଦ ବ୍ୟାଙ୍କରେ ଜମା କରିବେ ।

**ସ୍ଥାନ : ଭୁବନେଶ୍ୱର, ତାରିଖ : ୨୫.୦୯.୨୦୧୮** **କ୍ଷମତାପ୍ରାପ୍ତ ଅଧିକାରୀ, ସିଣ୍ଡିକେଟ୍ ବ୍ୟାଙ୍କ**



କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରି ଆପତ୍ତିଜନକ ମନ୍ତବ୍ୟ ଦେବା ସହ ଅପଶବ୍ଦ ବ୍ୟବହାର କରୁଛନ୍ତି। କେନ୍ଦ୍ର ସରକାରଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ଲୋକଙ୍କୁ ସେ ଭୁଆଁ ବୁଲାଉଛନ୍ତି। ରାହୁଲ 'ଶେହଜାଦା' (ରାଜକୁମାର)ରୁ ମିଛର ସମ୍ରାଟ ପାଲଟିଯାଇଛନ୍ତି ବୋଲି ଉତ୍ତରପ୍ରଦେଶ ମନ୍ତ୍ରୀ ସିଦ୍ଧାର୍ଥ ନାଥ ସିଂ କହିଛନ୍ତି।



## ବାଳ ସୁଧାରଗୃହ ଅନ୍ତେବାସୀଙ୍କ ତୁମୁଳକାଣ୍ଡ



ଅନ୍ତେବାସୀଙ୍କ ଆକ୍ରମଣରେ ଆହତ ଚୌକିଦାର।

ଅନୁଗୋଳ ଅଫିସ, ୨୫।୯- ଅନୁଗୋଳ ବାଳ ସୁଧାର ଗୃହ (ଜୁଭେନାଇଲ ଜଷ୍ଟିସ ହୋମ୍)ରେ ଅନ୍ତେବାସୀମାନେ ମଙ୍ଗଳବାର ତୁମୁଳକାଣ୍ଡ ଭିଆଇଛନ୍ତି। ସେମାନେ ବିଭିନ୍ନ ଦାବି ଓ ଜଣେ ଅନ୍ତେବାସୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ କରି ମୁଖ୍ୟ ଫାଟକ ନିକଟରେ ଧାରଣା ଦେବା ସହ ଚୌକିଦାର କେ.ଏଲ.ଏନ୍. ରେଡ୍ଡିଙ୍କୁ ଆକ୍ରମଣ କରିଛନ୍ତି। ଏଥିସହ ତାଙ୍କୁ ଏକ କୋଠରିରେ ବନ୍ଦ କରି ରଖିବା ଓ ସେଠାରେ ଥିବା ଶିକ୍ଷକ ଅନ୍ତର୍ଯ୍ୟାମୀ ରାଉତଙ୍କ ଏକ ମୋଟର ସାଇକେଲକୁ ପୋଡ଼ି ଦେଇଛନ୍ତି। ଖବରପାଇ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସହ ଏସ୍‌ଡିପିଓ ହରିହର ପାଣି ଓ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ପହଞ୍ଚି ବୁଝାଶୁଝା କରି ପରିସ୍ଥିତି ଆୟତ୍ତକୁ ଆଣିଥିଲେ। ଅନ୍ତେବାସୀମାନେ କରିଥିବା ଦାବିଗୁଡ଼ିକର ବିଚାର କରାଯିବ ଓ ଅଭିଯୋଗ ହୋଇଥିବା କର୍ମଚାରୀଙ୍କୁ ଏଠାରୁ ବଦଳି କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି

# ବଲାଙ୍ଗୀରରେ ପୁଣି ଚକଡ଼ା ପୋକ

ବଲାଙ୍ଗୀର ଅଫିସ,୨୫।୯

ବଲାଙ୍ଗୀର ସଦର ବ୍ଲକ ଅଧୀନ କୁଡ଼ାସିଂହା, ସାହାଜବାହାଲ ଅଞ୍ଚଳରେ ଧାନ କ୍ଷେତରେ ଚକଡ଼ା ପୋକ ପ୍ରାଦୁର୍ଭାବ ଦେଖାଦେଇଛି। ପ୍ରାୟ ୭୦ ଏକର ଜମିରେ ଚକଡ଼ା ପୋକ ପ୍ରାଦୁର୍ଭାବକୁ ନେଇ ଚାଷୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଗତବର୍ଷ ଚକଡ଼ା ପୋକ ବ୍ୟାପକ କ୍ଷତି ଘଟାଇଥିଲେ। ରୋଗପୋକ ଅଣାୟତ୍ତ ହେବାରୁ କେତେକ ସ୍ଥାନରେ ଚାଷୀ ନିଜ ଜମିରେ ନିଆଁ ଲଗାଇବା ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଥିଲା। ଚଳିତବର୍ଷ ବିଳମ୍ବ ବର୍ଷା ଯୋଗୁ ଜିଲାର ବିଭିନ୍ନ ବ୍ଲକରେ ମରୁଡ଼ି ପରିସ୍ଥିତି ଦେଖାଦେଇଥିଲା। ଅନେକ ସ୍ଥାନରେ ବର୍ଷାଭାବ ଯୋଗୁ ଚାଷୀମାନେ ଚାଷ କରି ନ ଥିଲେ। ତେବେ ପରବର୍ତ୍ତୀ ସମୟରେ ଭଲ ବର୍ଷା ହେବାରୁ ଚାଷୀମାନେ ବିଳମ୍ବରେ ଧାନ ଚାଷ ଆରମ୍ଭ କରିଥିଲେ। ଏବେ ଅନେକ ସ୍ଥାନରେ ଭଲ ଫସଲ ହେବ ବୋଲି ଆଶା କରାଯାଉଥିବା ବେଳେ ଚକଡ଼ା ପୋକ ପ୍ରାଦୁର୍ଭାବ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ କୁଡ଼ାସିଂହା ଓ ସାହାଜବାହାଲ ଅଞ୍ଚଳରେ ୭୦ରୁ ଊର୍ଦ୍ଧ୍ୱ ଏକର ଧାନ ଫସଲରେ ଚକଡ଼ା ପୋକ



କୁଡ଼ାସିଂହା ଅଞ୍ଚଳରେ ଜଣେ ଚାଷୀ ଚକଡ଼ା ପୋକ ଲାଗିଥିବା ଧାନ କ୍ଷେତ ଦେଖାଉଛନ୍ତି।

ଲାଗିଥିବା ଅଭିଯୋଗ ହୋଇଛି। ଚକଡ଼ା ପୋକ ପ୍ରାଦୁର୍ଭାବ ଆରମ୍ଭ ହେବା ପରେ ଏନେଇ ଚାଷୀମାନେ କୃଷି ବିଭାଗକୁ ଜଣାଇ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଚକଡ଼ା ପୋକ ପାଇଁ କୀଟନାଶକ ଆବଶ୍ୟକ ଥିବା ବେଳେ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ କୌଣସି ସହାୟତା ଦିଆଯାଇ ପାରି ନ ଥିଲା। ଫଳରେ ଚାଷୀ ଚିନ୍ତାରେ ପଡ଼ିଥିଲେ। ରିହାତି ଦରରେ ଚାଷୀଙ୍କୁ କୀଟନାଶକ ଯୋଗାଇବା ପାଇଁ

### କୁଡାସିଂହା, ସାହାଜବାହାଲ ଅଞ୍ଚଳ ଚାଷୀ ଆତଙ୍କିତ

ସରକାରୀ ନିୟମ ଥିଲେ ମଧ୍ୟ ବଲାଙ୍ଗୀର ଜିଲାରେ କୀଟନାଶକ ଉପଲବ୍ଧ ନ ହେବାରୁ ଚାଷୀମାନେ ଚକଡ଼ା ଆରମ୍ଭ ହେବା ବେଳେ କୀଟନାଶକ ସିଞ୍ଚନ କରିପାରି ନ ଥିଲେ। ଫଳରେ କମ୍ ଦିନ ମଧ୍ୟରେ ପୋକ ଏକର ଏକର ଚାଷଜମିକୁ ବ୍ୟାପିଥିବା ଜଣାପଡ଼ିଛି।

## ସୁପ୍ରିମକୋର୍ଟଙ୍କ ରାୟକୁ ସବୁ ରାଜନୈତିକ ଦଳର ସ୍ୱାଗତ

ଭୁବନେଶ୍ୱର,୨୫।୯(ବ୍ୟୁରୋ):

ଚାର୍ଜଶିଟ୍ ଆଧାରରେ କେବଳ ଦାଗି ନେତାମାନଙ୍କ ନିର୍ବାଚନ ଲଢ଼ିବା ଉପରେ କୌଣସି କଟକଣା ଲାଗି ପାରିବ ନାହିଁ। ଏଥିପାଇଁ ପାର୍ଲାମେଣ୍ଟରେ ଆଇନ ପ୍ରଣୟନ କରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ରାଜନୈତିକ ଦଳଗୁଡିକ ମଧ୍ୟ ପ୍ରାର୍ଥୀମାନଙ୍କ ସବିଶେଷ ତଥ୍ୟ ୱେବ୍‌ସାଇଟ୍‌ରେ ଅପଲୋଡ୍ କରିବେ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ଜଣିଆ ଖଣ୍ଡପୀଠରେ ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। କୋର୍ଟଙ୍କ ଏହି ରାୟକୁ ରାଜ୍ୟର ସବୁରାଜନୈତିକ ଦଳଗୁଡ଼ିକ ସ୍ୱାଗତ କରିଛନ୍ତି। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟକୁ ଅଭିନନ୍ଦନ ଜଣାଉଛୁ। ଧର୍ତ୍ତବ୍ୟ ଅପରାଧ କ୍ଷେତ୍ରରେ ଯଦି କୌଣସି ନେତା ଆସୁଛନ୍ତି ତେବେ ଏହା ଉପରେ ପାର୍ଲାମେଣ୍ଟ ବିଚାର କରିବାର ଆବଶ୍ୟକତା ରହିଛି। ଶାସକ ଦଳର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତଯୋଗ୍ୟ ବୋଲି କହିବା ସହ ଦୋଷୀ ସାବ୍ୟସ୍ତ ନେତା ପାର୍ଲାମେଣ୍ଟରେ ଆଇନ ପ୍ରଣୟନ ହେବା ନିତାନ୍ତ ଆବଶ୍ୟକ। ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି, ଏହିଭଳି ଆଇନ ପାର୍ଲାମେଣ୍ଟରେ ଆସିବାର ନିତାନ୍ତ ଆବଶ୍ୟକତା ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାଡ଼ିଲି ସକଳ ଆଶା**
**କେବଳ ଗୋବିନ୍ଦ ଭରସା ।**

ଭଗବାନ ହେଉଛନ୍ତି ସକଳ ସୃଷ୍ଟିର ଆଧାର। ସେ ସର୍ବ ଶକ୍ତିମାନ୍। ତାଙ୍କ ଶକ୍ତି ଆଗରେ ସମସ୍ତେ ନତମସ୍ତକ ହେବାକୁ ବାଧ୍ୟ ହୁଅନ୍ତି। ଦୁଃଖକଷ୍ଟରୁ ମୁକୁଳିବା ନିମନ୍ତେ ସକଳ ପ୍ରଚେଷ୍ଟା ଯେବେ ବିଫଳ ହୋଇଯାଏ, ସେତେବେଳେ ତାଙ୍କ ଶରଣ ପଶିବା ଛଡ଼ା ଆଉ କିଛି ବାଟ ନ ଥାଏ। ଭଗବାନଙ୍କ ଶରଣ ପଶିଲେ ସକଳ ଦୁଃଖକଷ୍ଟ ଲାଘବ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛ' ଗାଁରେ ସେରେ**
**ନ' ଗାଁରେ ସେରେ ।**

ପରିଶ୍ରମ ଅଳ୍ପ ହେଉ ଅବା ବହୁତ, ଆୟ ଯେତିକି ସେତିକି। ପରିଶ୍ରମ ଅନୁସାରେ ଆୟରେ ସେଭଳି ଆଖିଦୃଶିଆ ଉନ୍ନତି ଘଟୁ ନ ଥିବା ବା ସେତେ ଅଧିକ ଲାଭ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବଜ୍ରପାତରେ ୩ ମୃତ, ୨ ଗୁରୁତର

ଗୁଡାରୀ/ପାପଡାହାଣ୍ଡି, ୨୫।୯ (ଡି.ଏନ୍.ଏ.)

ରାୟଗଡା ଜିଲା ଗୁଡାରୀ ବ୍ଲକ ଓ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକରେ ବଜ୍ରପାତରେ ମଙ୍ଗଳବାର ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । ମୃତକମାନେ ହେଲେ ଗୁଡାରୀ ବ୍ଲକ ପେଣ୍ଡିଲି ପଞ୍ଚାୟତ କାତିଗୁଡା ଗ୍ରାମର ଗୁରୁବାରୀ ପିଡ଼ିକାକା ଓ ଶଶୀ ପଡ଼ିକାକା ଏବଂ ପାପଡାହାଣ୍ଡି ବ୍ଲକ ତୁମ୍ବର୍ଲା ପଞ୍ଚାୟତ ରଜାମାଟୁ ଗ୍ରାମର ବାଳକ ଚନ୍ଦ୍ର ଜାନୀ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧00000-୯000000 ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

FINANCE
No File Charge No Guarantor
KMB ଋଣ ଲିମିଟେଡ୍ ଭରସାର ପ୍ରତୀକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
Apply Online From Home
Lane No - 5, MG Road, Bangalore
8445013573
7895667899

SMS JOB
Send SMS, Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

DOORSANCHAR YOJNA
(A GOVT. APPROVED)
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193
08700152155

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିଷ୍କରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ଯାନ୍ତ୍ରିକ ଉପକରଣ
All India Govt. (ପଞ୍ଜୀକୃତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀରୁ ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ 90,000,00 ଭଡ଼ା 45,000, ବାଇକ୍ + ଅନ୍ୟାନ୍ୟ ସୁବିଧାସୁଯୋଗ। ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ।
7056060195
7065897645
G-72(A), Jahangir Puri, Galli No.-8, Delhi

FINANCE
କମ ସୁଧ ଆକର୍ଷଣୀୟ ଛାଡ
Maa mangalam Finance
ସମସ୍ତ ଋଣ ୩ରୁ ୬ ଦିନ ମଧ୍ୟରେ ଘରେ ବସି ପାଆନ୍ତୁ । ଉଦ୍ୟୋଗ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ ଋଣ ଉପଲବ୍ଧ । ୩୦ହଜାର ପର୍ଯ୍ୟନ୍ତ ମହିଳାଙ୍କ ଗ୍ରାହକଙ୍କ ପାଇଁ ବିଶେଷ ଛାଡ । (ସର୍ତ୍ତାବଳୀ ଲାଗୁ)
E-36, Ground Floor, Krishna Apartment Boring Rd, Patna-24
9546657102

SMS JOB
କମ୍ପାନୀରେ SMS JOB କରି Part/Full Time ଘରେବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Bike + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
09631847145
09006905977

ଇନ୍‌ଫ୍ରା ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟ୍‌ୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ ୭0 ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟ୍‌ୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ।
ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office
G-79 Aadrsh Nagar Krolbagh Delhi
Contact: 8009586581, 8881393751

FINANCE
ନବରାତ୍ର ଋଣ ଧମାକା । ଭାରତର ସବୁଠାରୁ ବଡ କମ୍ପାନୀ Kuber Finance ୧୨ଘଣ୍ଟା ମଧ୍ୟରେ ଯୋଗାଇ ଦେଉଛି 2% ବାର୍ଷିକ ସୁଧରେ ମାର୍କଶିଟ, ଆଧାରକାର୍ଡ, ପ୍ରପର୍ଟି, ବ୍ୟବସାୟ, ପ୍ରୋଜେକ୍ଟ ଋଣ ।
ମହିଳା ଓ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର 50% ରିହାତି ।
ଅନଲାଇନ ଠକେଇ ପ୍ରତି ସାବଧାନ।
9634685376
7895118679

ଫାଇନାନ୍ସ
ଓଡ଼ିଶା ଫାଇନାନ୍ସ ଭାରତୀୟ ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ସରକାରୀ ଜନକଲ୍ୟାଣ ଯୋଜନା ଦ୍ୱାରା ସବୁ ପ୍ରକାର ଋଣ ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, କୃଷି, ରାଶନକାର୍ଡ ସମସ୍ତ ଋଣ ୪୦% ସବ୍‌ସିଡି, ୨% ସୁଧ।
(ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ)
9193648143
9193648156
Koharaulia, Liladewa, Sonbhadra Yogichaura, Uttar Pradesh, 231222

ମୋବାଇଲ ଉପକରଣ
ଆମ୍ବନୀ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ନାମ-ଠିକଣା ଏସ୍‌ଏମ୍‌ଏସ୍/ଫୋନ୍ କରନ୍ତୁ)
9634734514
23/315, Block-23, Trilok Puri, Delhi

ଠକମାନଙ୍କ ପ୍ରତି ସାବଧାନ
ନଂ.1 Govt. Approved Vision Group ଦ୍ୱାରା ଆପଣଙ୍କ ଖାଲି ଜମି, ପ୍ଲଟ୍‌ରେ ଡିଜିଟାଲ ଉପକରଣ ଲଗାନ୍ତୁ ମାତ୍ର 7 ଦିନରେ ଏବଂ ପାଆନ୍ତୁ: ଭଡ଼ା- 60,000/-, ଅଗ୍ରିମ- 45 ଲକ୍ଷ। ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ।
ପୂଜା ବର୍ମା
7526990563
A-65 - Anoop Nagar, Block-A, Bindapur, Indore

Ambujha Group
Govt. Registered Gold Medalist
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ ସବୁ କମ୍ପାନୀର ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ ୨0 ଲକ୍ଷ, ଭଡ଼ା - 45,000/- + ବାଇକ୍ ଓ ଅନ୍ୟାନ୍ୟ ସୁବିଧା ପାଆନ୍ତୁ ।
9671892171
7060089488
WZ-94B, TF, Gali No.3, Guru Nanak Nagar, Delhi

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ।
ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
DHANLAXMI FINANCE
Ram Nagar, Narnel, Haryana
7310612716
7310613702

FINANCE
ଭାରତ ସରକାର ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପକୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

M. GROUP FINANCE
freedom Economic Services
• Personal Loan
• Business Loan
• Salary Slip Loan
1% interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
BALASORE
9776040555, 9668427353
GANJAM
8895847878, 9439636215
Email: freedomeconomicservices@gmail.com
Block Chack, Balasore-756027

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

!! ବିନା ଗ୍ୟାରେଣ୍ଟର!!
ମହାବୀର ଫାଇନାନ୍ସ
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
7292015349
8447083534
41/14, SECTOR-1, PUSHP VIHAR, DELHI-110017

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ । ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ । ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର , ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ । କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରନ୍ତୁ।
Address:- Head Office
181/182 Janta Complex Rajiv Chok, Delhi
Contact:- 08826963806, 09319359816

ଭାରତର ନଂ.1 କମ୍ପାନୀ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଦେଉଛି ବେରୋଜଗାର ଭାଇମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ
ମାର୍କେଶିଟ୍, ଆଧାରକାର୍ଡ ଆଦି ଋଣ ମାତ୍ର 2 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି
1% ସୁଧ, 50% ରିହାତି
6388753739
6399376206
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (* GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ପୁଡୁଚେରୀରେ ଧନ ଲୋଭରେ ଜଣେ ବ୍ୟକ୍ତି ଗର୍ଭବତୀ ସ୍ତ୍ରୀଙ୍କୁ ବଳି ଦେଇଛନ୍ତି। ତାନ୍ତ୍ରିକ କଥା ଅନୁସାରେ ସେ ଏପରି କରିଥିବା କହିଛନ୍ତି। ବ୍ୟକ୍ତି ଜଣକ ତାଙ୍କ ସ୍ତ୍ରୀ ନିଖୋଜ ଥିବା ନେଇ ସେପ୍ଟେମ୍ବର ୧୮ରେ ଥାନାରେ ଏତଲା ଦେଇଥିଲେ। ପୋଲିସ ଅନୁସନ୍ଧାନ କରି ମହିଳାଙ୍କ ମୃତଦେହ ଗଳା କଟା ଅବସ୍ଥାରେ ପାଇଥିଲା। ସ୍ୱାମୀଙ୍କୁ ପଚରା ଉଚରା କରିବା ପରେ ପ୍ରକୃତ ଘଟଣା ପଦାକୁ ଆସିଥିଲା।



## ସଂକ୍ଷେପରେ

### ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

୨୩ ବ୍ଲକରେ ମରୁଡ଼ି ପରିସ୍ଥିତି

**ଭୁବନେଶ୍ୱର, ୨୫।୯ (ବ୍ୟୁରୋ):** ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡିଶାର ଅଧିକାଂଶ ସ୍ଥାନରେ ଏବଂ ଉତ୍ତର ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। ଭୁବନେଶ୍ୱରରେ ୨୮.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱରରେ ୪, କେନ୍ଦୁଝରରେ ୬, ସମ୍ବଲପୁରରେ ୭, ଟିଟିଲାଗଡରେ ୩୯, ଦାରିଙ୍ଗିବାଡିରେ ୨୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ରାଜ୍ୟରେ ସ୍ୱାଭାବିକ ଠାରୁ ୧୬ ପ୍ରତିଶତ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ୮ ଜିଲାର ୧୯ ବ୍ଲକରେ ସ୍ୱଳ୍ପ ବୃଷ୍ଟି ହୋଇଥିବା ବେଳେ ୪ ଜିଲାରେ ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅନୁଗୋଳ ଜିଲାର ଛେଣ୍ଡିପଦା ବ୍ଲକରେ ୧୯.୭ ପ୍ରତିଶତ କମ ବର୍ଷା ହୋଇଥିବା ବେଳେ ପାଲଲହଡାରେ ୨୫.୫, ଅନୁଗୋଳରେ ୩୧.୭, ବଲାଙ୍ଗୀରରେ ୨୧.୩, ପଦ୍ମପୁରରେ ୨୧.୧, ସୋହେଲାରେ ୨୪.୬, ଚମ୍ପୁଆରେ ୨୨.୧, ବନ୍ଧୁଗାଁରେ ୨୯.୧, ନାରାୟଣ ପାଟଣାରେ ୩୫.୧, ରାସଗୋବିନ୍ଦପୁରରେ ୨୨.୧, ବିଶୋଇରେ ୧୯.୬ ପ୍ରତିଶତ ବର୍ଷା ହୋଇଛି।

### ଗୁଳିମାଡ଼ରେ ପୁଅ ଗୁରୁତର, ବାପା ଆହତ

ଯୁବନେତାଙ୍କୁ ଆକ୍ରମଣର ପ୍ରତିଶୋଧ

**ଜୟପୁର,୨୫।୯(ନି.ପ୍ର./ଡି.ଏନ୍.ଏ.):** ଜୟପୁର ସହରର ଜନଗହଳିପୂର୍ଣ୍ଣ ସ୍ଥାନ ରଜାନହର ଛକରେ ମଙ୍ଗଳବାର ସ୍ପଷ୍ଟ ଦିବାଲୋକରେ ଗୁଳି ଫୁଟିଛି। ପଥର ମାଡ଼ ବି ହୋଇଛି। ଏଥିରେ ବାପା-ପୁଅ ନରେନ୍ଦ୍ର ନାୟକ ଓ ସନ୍ତୋଷ ନାୟକ ଗୁରୁତର ହୋଇଛନ୍ତି। ସୋମବାର ଜୟପୁର ଟାଉନ ଯୁବ ବିଜେଡି ସଭାପତି ବିକାଶ ପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହାପଛରେ ବାପା-ପୁଅଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ପ୍ରତିଶୋଧ ନେବା ପାଇଁ ଯୁବନେତା ଏଭଳି କରିଥିବା ଅଭିଯୋଗ ହୋଇଛି। ତେବେ ସହରରେ ଦିନ ଦିପହରେ ଗୁଳି ଫୁଟିବା ପରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥିବା ବେଳେ ଦୋକାନ ବଜାର ବନ୍ଦ ରହିଛି। ସୂଚନା ଅନୁଯାୟୀ, ନରେନ୍ଦ୍ର ଓ ତାଙ୍କ ପୁଅ ସନ୍ତୋଷ ମଙ୍ଗଳବାର ଅପରାହ୍ନ ଗୋଟାଏ ପରେ ବାଇକରେ ଯାଉଥିବା ବେଳେ ରଜାନହରଠାରେ ୮ ଜଣ ଦୁର୍ବୃତ୍ତ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ସନ୍ତୋଷଙ୍କ ପିଠିରେ ଗୁଳି ବାଜିଥିବା ବେଳେ ନରେନ୍ଦ ପଥର ମାଡ଼ରେ ଗୁରୁତର ହୋଇଥିଲେ। ହଠାତ୍ ଗୁଳି ଶବ୍ଦ ଶୁଣି ହତଚକିତ ହୋଇଯାଇଥିଲେ ଶତାଧିକ ଜନତା। ଗୁଳିମାଡ଼ କରି ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ବାପ-ପୁଅଙ୍କୁ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରୁ ପୋଲିସ ୨ଟି ଜୀବନ୍ତ ଗୁଳି, ପିସ୍ତଲର ଭଙ୍ଗାଅଂଶ ଓ ବାଇକ ଜବତ କରିଛି।

### ପ୍ରେମିକଙ୍କ ଯୌନାଙ୍ଗ କାଟିଦେଲେ ପ୍ରେମିକା

**ଲୋଇସିଂହା,୨୫।୯(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ କନ୍ଦାଜୁରୀ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବତୀ ନିଜ ପ୍ରେମିକଙ୍କୁ ସାକ୍ଷାତ କରିବାକୁ ଡାକି ବ୍ଲେଡ୍‌ରେ ତାଙ୍କ ଯୌନାଙ୍ଗ କାଟିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗୁରୁତର ଅବସ୍ଥାରେ ପ୍ରେମିକଙ୍କୁ ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କନ୍ଦାଜୁରୀ ଗ୍ରାମର ଜଣେ ଯୁବକ ଓ ବସ୍ତିର ଜଣେ ଯୁବତୀଙ୍କ ପ୍ରେମ ସମ୍ପର୍କ ଥିଲା। ଉଭୟଙ୍କ ପରିବାର ଏହା ଜାଣିଥିଲେ। ଇତିମଧ୍ୟରେ ଯୁବକଙ୍କ ବିବାହ ଅନ୍ୟତ୍ର କରିବାକୁ ତାଙ୍କ ପରିବାର ଲୋକେ ଯୋଜନା କରିଥିଲେ। ଏହା ଜାଣି ଯୁବତୀ ସୋମବାର ରାତି ପ୍ରାୟ ୧୦ଟାରେ ମୋବାଇଲ ଫୋନ ଯୋଗେ ତାଙ୍କୁ ଡାକିଥିଲେ। ପ୍ରେମିକାଙ୍କ ଫୋନ୍ କଲ୍ ପାଇ ଯୁବକ ତାଙ୍କ ପାଖକୁ ଆସିଥିଲେ। ପରିବାର ଲୋକେ ଅନ୍ୟତ୍ର ତାଙ୍କର ବିବାହ ସ୍ଥିର କରିଛନ୍ତି। ତେଣୁ ତୁମେ ମଧ୍ୟ ଅନ୍ୟତ୍ର ବିବାହ କରିଦିଅ ବୋଲି ଯୁବକ ଯୁବତୀଙ୍କୁ କହିଥିଲେ। ମାତ୍ର ଯୁବତୀ ଏଥିରେ ରାଜି ହୋଇ ନ ଥିଲେ। ପୋଲିସ ଏକ ମାମଲା ରୁଜୁ କରି ଯୁବତୀଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚୁରା କରୁଛି।

# ଓଡ଼ିଶାରେ ଗୋ ଚାଲାଣକୁ ନେଇ ମାନେକାଙ୍କ ଉଦ୍‌ବେଗ

**କଟକ ଅଫିସ,୨୫।୯**




ଜାତୀୟ ଆଲୋଚନାଚକ୍ରରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀଙ୍କ ସହ ଅନ୍ୟମାନେ।

- ସରକାର, ପୋଲିସ ଓ ଜନସାଧାରଣଙ୍କୁ ଦାୟୀ କଲେ
- ଜୀବହତ୍ୟା ପ୍ରଥା ବନ୍ଦ ହେବା ଦରକାର
- ଓଟ ଚାଲାଣ ଯୋଗୁ ସୁରକ୍ଷା ବିପନ୍ନ ହେଉଛି

ବେଆଇନ ଗୋ-ଚାଲାଣ କ୍ଷେତ୍ରରେ ଓଡ଼ିଶା ବହୁ ଆଗରେ। ପ୍ରତିଦିନ ଓଡ଼ିଶାରୁ ଗୋରୁ ବୋଝେଇ ଗାଡ଼ି ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଆଦି ପଡୋଶୀ ରାଜ୍ୟକୁ ଯାଉଛି। ସେଠାରୁ ବାଂଲାଦେଶ ଓ ଅନ୍ୟ ଦେଶକୁ ପଠାଯାଉଛି। ଏହି କାରବାରକୁ ରୋକିବା ପାଇଁ ଦାବି ହୋଇ ଆସୁଥିବାବେଳେ ଅନେକ ଥର ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ହେଲେ ଏହାକୁ ରୋକାଯିବା ପରିବର୍ତ୍ତେ ପରୋକ୍ଷ ପ୍ରୋତ୍ସାହନ ଦିଆଯାଉଛି। ପୋଲିସର ଜ୍ଞାତସାରରେ ଚାଲିଥିବା ଏହି ବେଆଇନ କାରବାର ଏବେ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ସ୍ଥିତିକୁ ଜାହିର କରୁଛି। ଏ ନେଇ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ଉଦ୍‌ବେଗ ପ୍ରକାଶ କରିବା ସହ ଓଡ଼ିଶା ସରକାର ଏ ଦିଗରେ ସଚେତନ ହୋଇ ତୁରନ୍ତ ଏହି କାରବାରକୁ ବନ୍ଦକରିବା ଦରକାର ବୋଲି କହିଛନ୍ତି।

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍ୟୁ) ଓ ହ୍ୟୁମାନ ସୋସାଇଟି ଇଣ୍ଟରନ୍ୟାଶନାଲ (ଏଚ୍‌ଏସ୍‌ଆଇ)ର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ବିଶ୍ୱବିଦ୍ୟାଳୟଠାରେ 'ପ୍ରାଣୀ ଓ ପରିବେଶ ମଙ୍ଗଳ' ଉପରେ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ମାନେକା ଯୋଗଦେଇ ରାଜ୍ୟର ଗୋ-ଚାଲାଣ ସ୍ଥିତିକୁ ନେଇ ସିଧାସଳଖ ଓଡ଼ିଶା ପୋଲିସ, ପ୍ରାଣୀ ସମ୍ପଦ ବିଭାଗ ଓ ଜନସାଧାରଣଙ୍କୁ ଦୋଷ ଦେଇଛନ୍ତି। ଜାଣିଶୁଣି ଏଭଳି ବେଆଇନ ଓ ଘୃଣ୍ୟ କାର୍ଯ୍ୟକୁ ଏଠାରେ ପ୍ରଶ୍ରୟ ଦିଆଯାଉଛି ବୋଲି ମାନେକା କହିଛନ୍ତି। ବାଂଲାଦେଶ ୱେବ୍‌ସାଇଟରେ ୨୦ହଜାର ଟନ୍ ଗୋମାଂସ ବିଦେଶୀକୁ ରପ୍ତାନି ହେଉଛି ବୋଲି ଦର୍ଶାଯାଇଛି। ଯେଉଁ ଦେଶରେ ଗୋରୁ ନାହାନ୍ତି ସେଠାରୁ ରପ୍ତାନୀ ହେଉଥିବା ଏତେ ପରିମାଣର ଗୋ ମାଂସ କୁଆଡୁ ଆସୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରାଣୀ ସମ୍ପଦର ସୁରକ୍ଷା ନ କଲେ ମଣିଷ ସମ୍ପଦ ବିପଦରେ ପଡ଼ିବ। ପରସ୍ପର ଉପରେ ନିର୍ଭର କରି ଏ ପୃଥିବୀ ତିଷ୍ଠିରହିଛି। ସୁସ୍ଥ ଜୀବନ ଶୈଳୀରେ କିପରି ବଞ୍ଚିବାକୁ ହେବ ସେ ଦିଗରେ ଲୋକମାନେ ଏବେଠାରୁ ଚେଷ୍ଟାକରିବା ଉଚିତ ବୋଲି ମାନେକା କହିଛନ୍ତି।

ଖାଦ୍ୟ ପ୍ରସ୍ତୁତିରେ ହେଉଥିବା ଦୁର୍ନୀତି ସମ୍ପର୍କରେ ମାନେକା କହିଲେ, ଦେଶର ବିଭିନ୍ନ ସ୍ଥାନ ବୁଲିବା ବେଳେ କିପରି ବିଷଦ୍ୱାରା ଖାଦ୍ୟ ସାମଗ୍ରୀ ତିଆରି ହେଉଛି ତାହାକୁ ନିଜ ଆଖିରେ ଦେଖିଛି। ମାରାତ୍ମକ ସଲ୍‌ଫ୍ୟୁରିକି ଏସିଡ ବ୍ୟବହାର କରାଯାଇ ପନିର, କୁକୁର ଓ ଘୁଷୁରିଙ୍କ ଚମଡ଼ାକୁ ତରଳାଯାଇ ଘିଅ ପ୍ରସ୍ତୁତ ହେଉଥିବା ଭଳି ସଙ୍ଗିନ ତଥ୍ୟ ସେ ଉପସ୍ଥାପନ କରିଥିଲେ। ଦିନକୁ ଦିନ ନୂଆ ନୂଆ ରୋଗ ସୃଷ୍ଟି ହେଉଛି। ରୋଗୀଙ୍କ ସଂଖ୍ୟା ବଢୁଛି। ରୋଗକୁ ପ୍ରତିହତ କରିବା ପାଇଁ ନୂତନ ଆଣ୍ଟିବାୟୋଟିକ ଉଦ୍ଭାବନ ହୋଇପାରୁନି। ଜୀବଙ୍କୁ ବିନାଶ କରି ସମୃଦ୍ଧ ହେଉଥିବା ମଣିଷ ସମାଜ ଜୀବରକ୍ଷା ଦିଗରେ ଚେଷ୍ଟା ନ କଲେ ବିପତ୍ତିରେ ପଡ଼ିବ ବୋଲି ମାନେକା କହିଛନ୍ତି। ଏଥିସହ ସେ କୁକୁଡ଼ା ମାଂସରୁ ସୃଷ୍ଟି ହେଉଥିବା ରୋଗ ସମ୍ପର୍କରେ କହିଥିଲେ।

ସେହିଭଳି ରାଜସ୍ଥାନରୁ ହେଉଥିବା ଓଟ ଚାଲାଣକୁ ନେଇ ମାନେକା କ୍ଷୋଭ ପ୍ରକାଶ କରି କହିଲେ, ଗୁଜରାଟର ସୀମାନ୍ତ କଚ୍ଛ ଅଞ୍ଚଳରେ ସେନା ଯାତାୟାତ କ୍ଷେତ୍ରରେ ଓଟ ବ୍ୟବହାର କରନ୍ତି। ମାତ୍ର ଚାଲାଣ ଯୋଗୁ ଏବେ ଓଟ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି। ଏଥିଯୋଗୁ କଚ୍ଛଠାରେ ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଆଗାମୀ ଦିନରେ ସମସ୍ୟାରେ ପଡ଼ିବ। ତେଣୁ ଅର୍ଥ ଲାଳସାରେ ଗୋରୁ ଓ ଓଟ ଆଦି ପ୍ରାଣୀମାନଙ୍କୁ ବିକ୍ରି କରିବା ପରିବର୍ତ୍ତେ ସାଧାରଣ ଲୋକେ ନିଜର ତଥା ଦେଶର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଜୀବହତ୍ୟାକୁ ନେଇ ପୂର୍ବରୁ ରହି ଆସିଥିବା ପ୍ରଥା ବନ୍ଦ ହେଉ ବୋଲି ମାନେକା କହିଛନ୍ତି। ଏହି ଆଲୋଚନାଚକ୍ରରେ ଏନଏଲୟୁ କୁଳପତି ପ୍ରଫେସର ଡ. କ୍ରୀଷ୍ଣା ଦେବା ରାଓ, ଜୀବବିଜ୍ଞାନୀ ପ୍ରଫେସର ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦୀ, ଏଚ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ ଏନ୍.ଜି. ଜୟସିହ୍ନା, ବନ୍ୟପ୍ରାଣୀ ପ୍ରଚାର ନିର୍ଦ୍ଦେଶକ ସୁମନ୍ତ ବିନ୍ଦୁମାଧବ, ପିପୁଲ ଫର୍ ଆନିମଲର ଟ୍ରଷ୍ଟି ଗୌରୀ ମଲେଖୀ, ଏମ୍‌ଏଡିର ପ୍ରତିଷ୍ଠାତା ଅଭିଜୟ ନେଗୀ ପ୍ରମୁଖ ଉପସ୍ଥିତ ଥିଲେ।

ଦିବ୍ୟାଙ୍ଗ ଭୋଟରଙ୍କ ସୁଗମ ମତଦାନ ଲାଗି କର୍ମଶାଳା

### ଅଧିକ ଦିବ୍ୟାଙ୍ଗ ବୁଥରେ ହେବ ସ୍ୱତନ୍ତ୍ର ର୍‍ୟାମ୍ପ

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ରାଜ୍ୟରେ ଥିବା ଦିବ୍ୟାଙ୍ଗମାନଙ୍କ ମତଦାନ ଅଧିକାରକୁ ସାକାର କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଜିଲାସ୍ତରର ସମସ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଦିବ୍ୟାଙ୍ଗଙ୍କ ଲାଗିକାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସିଭିଲ୍ ସୋସାଇଟିର କର୍ମକର୍ତ୍ତାମାନଙ୍କୁ ନେଇ ରାଜ୍ୟସ୍ତରୀୟ ଦିନିକିଆ କର୍ମଶାଳା ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଶୁଭାରମ୍ଭ କରିଛନ୍ତି। ଜାତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟର ଦିବ୍ୟାଙ୍ଗ ଭୋଟରମାନଙ୍କ ନାମ ପଞ୍ଜୀକରଣ କରିବା ସହ ଆଗାମୀ ନିର୍ବାଚନରେ ସେମାନଙ୍କ ସୁଗମ ମତଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଚଳିତ ମାସ ଶେଷ ସୁଦ୍ଧା ପ୍ରତ୍ୟେକ ଜିଲାରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲାସ୍ତରୀୟ ଷ୍ଟିୟରିଂ କମିଟି ଗଠନ କରିବା ସହ ଦିବ୍ୟାଙ୍ଗ ଭୋଟରଙ୍କୁ ଚିହ୍ନଟ କରାଯିବ। ଆସନ୍ତା ଅକ୍ଟୋବର ୫ରେ ଗ୍ରାମପଞ୍ଚାୟତସ୍ତରରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ପଞ୍ଜୀକରଣ କ୍ୟାମ୍ପ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ସବୁ ଜିଲାପାଳମାନଙ୍କୁ ଚିଠି ଦ୍ୱାରା ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ବୁଥ୍‌ରେ ଅଧିକ ଦିବ୍ୟାଙ୍ଗ ଭୋଟର ଥିବେ ସେଠାରେ ସ୍ୱତନ୍ତ୍ର ର୍‍ୟାମ୍ପ ନିର୍ମାଣ ସହ ଗୋଟିଏ ଲେଖା ହ୍ୱିଲ୍ ଚେୟାରର ବ୍ୟବସ୍ଥା କରାଯିବ। ଏହି କର୍ମଶାଳାରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଚିନ ଆର୍ ଯାଦବ ଯୋଗଦେଇ ଦିବ୍ୟାଙ୍ଗ ଭୋଟରଙ୍କ ନାମ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି।

## 'ସତ୍ୟ, ଅହିଂସାର ପ୍ରାସଙ୍ଗିକତା ବହୁ ଅଧିକ'

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଚାରାରେ ପାଣି ଦେଇ ପ୍ରସ୍ତୁତି ବୈଠକକୁ ଉଦ୍‌ଘାଟନ କରୁଛନ୍ତି।

**ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ**

- ୨ ବର୍ଷ ପାଳନ କରିବେ ରାଜ୍ୟ ସରକାର
- ଗଠନ ହେଲା ୫ ସବ୍ କମିଟି

ଚଳିତ ବର୍ଷ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମଗ୍ର ଦେଶରେ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ମଧ୍ୟ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀକୁ ଆସନ୍ତା ୨ ବର୍ଷ ପର୍ଯ୍ୟନ୍ତ ପାଳନ କରିବେ। ମଙ୍ଗଳବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଅକ୍ଟୋବର ୨ ତାରିଖରୁ ୨୦୨୦ ଅକ୍ଟୋବର ୨ ତାରିଖ ଯାଏ ଏହା ପାଳନ କରାଯିବ। ସବୁ ବର୍ଗର ଲୋକଙ୍କୁ ନେଇ ଜୟନ୍ତୀ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ୫ଟି ସବ୍ କମିଟି ଗଠନ କରାଯାଇଛି। ଅନେକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଜୟନ୍ତୀ କମିଟିର ସଦସ୍ୟମାନଙ୍କ ମତାମତ ଗ୍ରହଣ କରାଯାଇଛି।

ବୈଠକ ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାତ୍ମା ଗାନ୍ଧୀ ଥିଲେ ଯୁଗପୁରୁଷ। ଭାରତର ଆତ୍ମାର ପୁନଃ ଜାଗରଣ ପାଇଁ ସେ ଉଦ୍ୟମ କରିଥିଲେ। ଦେଶର ସ୍ୱାଧୀନତା ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା। ସମାଜର ମୌଳିକ ମୂଲ୍ୟବୋଧର ବିକାଶ ଥିଲା ତାଙ୍କର ପ୍ରକୃତ ଉଦ୍ଦେଶ୍ୟ। ସେଥିପାଇଁ ସେ ସତ୍ୟ ଓ ଅହିଂସା ଉପରେ ଗୁରୁତ୍ୱ ଦେଉଥିଲେ। ଆଜିର ଯୁଗରେ ଏହି ଦୁଇଟି ମନ୍ତ୍ରର ଗୁରୁତ୍ୱ ଅନେକ ବଢ଼ିଯାଇଛି। ସେଥିପାଇଁ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସାମିଲ କରିବା ପାଇଁ ସେ ପ୍ରସ୍ତାବ ଦେଉଛନ୍ତି। ସାମାଜିକ ଅନ୍ୟାୟ ଓ ଦାରିଦ୍ର୍ୟ ବିରୋଧରେ ଅହିଂସା ହେଉଛି ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମହାତ୍ମା ଗାନ୍ଧୀ ସମୁଦାୟ ୮ଥର ଓଡ଼ିଶା ଆସି ବହୁ ଅଞ୍ଚଳ ବୁଲି ଓଡ଼ିଶାର ବାସ୍ତବ ସ୍ଥିତି ଅନୁଭବ କରିଥିଲେ। ଖଦି କାର୍ଯ୍ୟକ୍ରମର ପ୍ରସାର ପାଇଁ ସେ ଓଡ଼ିଶାରୁ ହିଁ ପ୍ରେରଣା ପାଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ନେତା ଭବାନୀ ଚରଣ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ମନ୍ତ୍ରୀ, ଏମ୍‌ପି, ବିଧାୟକ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଉପସ୍ଥିତ ଥିଲେ।

### ଏୟାର ଓଡ଼ିଶାର ଉଡ଼ାନ୍ ବାତିଲ

ଗୋଟିଏ ଦିନ ଚାଲିଲା, ତା' ପରେ ବନ୍ଦ

**ଝାରସୁଗୁଡ଼ା ଅଫିସ,୨୫।୯**

ଉଡାନ୍ ଯୋଜନାରେ ସୋମବାର ବିମାନ ସେବା ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ବନ୍ଦ ହୋଇଯାଇଛି। ମେଣ୍ଟେନାନ୍ସ କାରଣରୁ ମଙ୍ଗଳବାର ବିମାନ ଚଳାଚଳ ବନ୍ଦ ରଖାଯାଇଥିବା ନେଇ ଏୟାର ଓଡ଼ିଶାଠାରୁ ସୂଚନା ପାଇଥିବା କହିଛନ୍ତି ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ନିର୍ଦ୍ଦେଶକ ଏସ୍.କେ. ଚୌହାନ। ତେବେ କେବେ ସୁଦ୍ଧା ବିମାନ ଚଳାଚଳ ପୁନଶ୍ଚ ଆରମ୍ଭ ହେବ ସେ ସମ୍ପର୍କରେ ଏୟାର ଓଡ଼ିଶା ପକ୍ଷରୁ କୌଣସି ନିଶ୍ଚିତ କରାଯାଇ ନ ଥିବା ନିର୍ଦ୍ଦେଶକ ଚୌହାନ କହିଛନ୍ତି। ସେପ୍ଟେମ୍ବର ୨୨ରେ ବିମାନବନ୍ଦର ଉଦ୍‌ଘାଟନ ହୋଇଥିଲା। ୨୪ ତାରିଖରେ ଏୟାର ଓଡ଼ିଶାର ଏକ ବିମାନ ୪ ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ଝାରସୁଗୁଡ଼ା ଏବଂ ସମାନ ଯାତ୍ରୀଙ୍କୁ ନେଇ ଝାରସୁଗୁଡ଼ାରୁ ରାୟପୁର ଅଭିମୁଖେ ଯାଇଥିଲା। କିନ୍ତୁ ୨୪ ତାରିଖରେ ବିମାନଟି ରାୟପୁରରୁ ଫେରି ନ ଥିଲା। ୨୫ ତାରିଖରେ ଫେରିବା ଯୋଜନା ରହିଥିଲେ ମଧ୍ୟ ମେଣ୍ଟେନାନ୍ସ ପାଇଁ କୋଲକାତା ପଠାଇ ଦିଆଯାଇଥିବା ସୂଚନା ମିଳିଛି। ଅପରପକ୍ଷରେ ଅଫ୍‌ଲାଇନରେ ଟିକଟ ବୁକିଂ ହେଉଥିବାରୁ ଯାତ୍ରୀମାନେ ବିମାନଯାତ୍ରା ସମ୍ପର୍କରେ ସୂଚନା ପାଇପାରୁ ନାହାନ୍ତି। ଅନ୍‌ଲାଇନ୍ ବୁକିଂ ପାଇଁ ଏୟାର ଓଡ଼ିଶା ପକ୍ଷରୁ ବୈଷୟିକ କାମ ଚାଲିଛି। ଖୁବ୍‌ଶୀଘ୍ର ଅନ୍‌ଲାଇନ୍ ବୁକିଂ ହୋଇପାରିବ ବୋଲି କୁହାଯାଉଛି।

- ଦାମଙ୍କ କୁନ୍ଦୁଲି ବାଣ

## ବିଜେଡି କହିଲା ତଥ୍ୟ ଥିଲେ ତଦନ୍ତକୁ ଦିଅ

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

କୁନ୍ଦୁଲି ଗଣବଳାତ୍କାର ପ୍ରସଙ୍ଗରେ ବରିଷ୍ଠ ନେତା ଦାମୋଦର ରାଉତ ଚାଞ୍ଚଲ୍ୟକର ତଥ୍ୟ ରଖିଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦାମ କହିଛନ୍ତି ଯେ, ଜଣେ ତାମିଲ କନଷ୍ଟେବଲଙ୍କୁ ବଞ୍ଚାଇବା ପାଇଁ କୁନ୍ଦୁଲି ଗଣବଳାତ୍କାର ଘଟଣାକୁ ଦବାଇ ଦିଆଯାଇଛି। ୧୪ବର୍ଷର ଆଦିବାସୀ ଝିଅକୁ ୩ଜଣ ଯବାନ୍ ଟେକି ନେଇ ବଳାତ୍କାର କରିଥିଲେ। ଏପରି ଏକ ସମ୍ବେଦନଶୀଳ ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କଲା। ଅନ୍ୟପଟେ ଏସ୍‌ସି ସେଲ୍ ଅଧ୍ୟକ୍ଷ ବିଷ୍ଣୁ ଦାସ ଦଳବଳ ସହ ଘଟଣାର ତଦନ୍ତ କରିବା ପାଇଁ ଯାଇଥିଲେ। ପୀଡ଼ିତା ବଳାତ୍କାରର ଶିକାର ହୋଇଥିଲା ବୋଲି ବିଷ୍ଣୁ ସ୍ୱୀକାର କରିଥିଲେ। ପରବର୍ତ୍ତୀ ସମୟରେ ପୀଡିତାଙ୍କ ପୋଷାକ ଲାବୋରେଟୋରିକୁ ପଠାଯାଇଥିଲା। ସେଥିରେ ଦୁଇଜଣଙ୍କ ସିମେନ୍ ଥିବା ମିଳିଥିଲା। ବଳାତ୍କାର କରିଥିବା ଯୁବକଙ୍କ ମଧ୍ୟରୁ ଜଣେ ତାମିଲ କନ୍‌ଷ୍ଟେବଲ ଥିଲେ। ସେଥିପାଇଁ ଘଟଣାକୁ ଲୁଚାଇବା ପାଇଁ ଚେଷ୍ଟା କରାଗଲା। ସେଥିଲାଗି ଏହା ଠିକ୍ ରିପୋର୍ଟ ନୁହେଁ ବୋଲି କହି ଅନ୍ୟ ଏକ ପୋଷାକ ପଠାଇଥିଲେ। ଶେଷରେ ରିପୋର୍ଟ ଆସିଲା ପୀଡିତାଙ୍କୁ ବଳାତ୍କାର ହୋଇନି। ସରକାରଙ୍କ ବିରୋଧରେ ଦାମ ଏଭଳି ଅଭିଯୋଗ ଆଣିବା ପରେ ବିଜେଡି ଏହାର କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ଏକଥାରେ କୌଣସି ସତ୍ୟତା ନାହିଁ। ଏହି ମାମଲା ଏବେ ହାଇକୋର୍ଟରେ ଅଛି। ଦାମବାବୁଙ୍କ ନିକଟରେ ସେ ବାବଦରେ ଯଦି କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଅଛି ତେବେ ସେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ। ବିଷ୍ଣୁ ଦାସ ତଦନ୍ତ କରିବାକୁ ଯାଇ କ'ଣ କହିଥିଲେ ସେନେଇ ମୋ ପାଖରେ କୌଣସି ଖବର ନାହିଁ ବୋଲି ସମୀର କହିଛନ୍ତି।

## ଡାକ୍ତରଙ୍କ ଘରୁ ୨୦ ଲକ୍ଷର ସୁନାଗହଣା ଲୁଟ୍

**ଭଦ୍ରକ ଅଫିସ,୨୫।୯**

ଭଦ୍ରକ ଜିଲାରେ ଲୁଟେରାମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିକ ପରେ ଗୋଟିଏ ବଡଧରଣର ଲୁଟ ଘଟାଇ ଚାଲିଛନ୍ତି। ସୋମବାର ଅପରାହ୍ନରେ ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ୩୦ ଲକ୍ଷ ଟଙ୍କା ଲୁଟି ନେବା ପରେ ବିଳମ୍ବିତ ରାତିରେ ଜଣେ ମହିଳା ଡାକ୍ତରଙ୍କ ଘରୁ ୨୦ ଲକ୍ଷ ଟଙ୍କାର ସୁନା ଗହଣା ଲୁଟ ହୋଇଛି। ଅପର୍ତ୍ତିବିନ୍ଧା ନିୟୁ କଲୋନୀରେ ରହୁଥିବା କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସସ୍ମିତା ଖିଲାରଙ୍କ ଘରୁ ଲୁଟେରାମାନେ କଳାକନା ବୁଲାଇଛନ୍ତି। ଲୁଟେରାମାନେ ରୋଷେଇ ଘର ଦେଇ ଭିତରକୁ ପଶି ଆଲମିରାରୁ ନଗଦ ୧୫ ହଜାର ଟଙ୍କା, ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନା ଓ ହୀରା ଖଚିତ ଅଳଙ୍କାର ଲୁଟିନେଇଛନ୍ତି।

- ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଉଦ୍‌ଯାପିତ

# ପ୍ରତି ବୁଥ୍‌କୁ ଯିବ ମହିଳା ମୋର୍ଚ୍ଚା

**ସବୁ ରାଜ୍ୟରେ ହେବ ଶକ୍ତିକେନ୍ଦ୍ର ମହିଳା ସମ୍ମିଳନୀ**

**ପୁରୀ ଅଫିସ, ୨୫।୯**




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

୨୦୧୯ରେ ହୋଇପାରେ ସାଧାରଣ ନିର୍ବାଚନ। ଏହି ନିର୍ବାଚନ ବୈତରଣୀ ପାରହେବା ଲାଗି ମହିଳା ଭୋଟରଙ୍କୁ ଟାର୍ଗେଟ କରିଛି ଭାଜପା। ମହିଳା ଭୋଟରଙ୍କୁ କିଭଳି ଦଳ ଆଡ଼କୁ ଆକର୍ଷିତ କରାଯାଇପାରିବ ସେଥିଲାଗି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ଯୋଜନା ପ୍ରସ୍ତୁତ ହୋଇଛି। ନରେନ୍ଦ୍ର ମୋଦି ସରକାରଙ୍କ ମହିଳା କଲ୍ୟାଣକାରୀ ଯୋଜନାକୁ ନେଇ ଭାଜପା ମହିଳା ମୋର୍ଚ୍ଚା କର୍ମୀ ବୁଥ୍‌ସ୍ତରରେ ପହଞ୍ଚିବେ। ପ୍ରତି ଘରକୁ ଯାଇ କେନ୍ଦ୍ରର କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବୁଝାଇବେ। ରାଜ୍ୟ ସରକାରଙ୍କ ବିଫଳତାକୁ ବଖାଣି ଭୋଟରଙ୍କୁ ଭାଜପାଭିମୁଖୀ କରିବା ଲାଗି ଦୁଇଦିନ ଧରି ପୁରୀ ଠାରେ ଚାଲିଥିବା ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ପରାମର୍ଶ ଦିଆଯାଇଛି।

ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ବୈଠକରେ ରାଜନୈତିକ ଚିଠା ପ୍ରସ୍ତାବ ପାରିତ ହୋଇଛି। ବୈଠକର ଆଲୋଚନା ସଂକ୍ରାନ୍ତରେ ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡ଼ା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଏଣିକି ପ୍ରତି ରାଜ୍ୟରେ ଶକ୍ତିକେନ୍ଦ୍ରସ୍ତରୀୟ ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି ଅନୁଷ୍ଠିତ ହେବ। ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନାରୁ ଯେଉଁ ମହିଳାମାନେ ବଞ୍ଚିତ ହୋଇଛନ୍ତି ଆଗାମୀ ୩ମାସ ମଧ୍ୟରେ ଏହି ଯୋଜନା ସେମାନଙ୍କ ପାଖରେ ପହଞ୍ଚାଯିବ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଉପସ୍ଥିତି ଏମ୍‌ପି ମୀନାକ୍ଷୀ ଲେଖି କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ଜନଧନ ଯୋଜନାରେ ୧୬କୋଟି ମହିଳାଙ୍କ ଆକାଉଣ୍ଟ ଖୋଲାଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୫କୋଟି ମହିଳାଙ୍କୁ ମାଗଣାରେ ଗ୍ୟାସ ସଂଯୋଗ ଯୋଗାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହିଳାମାନଙ୍କୁ ପ୍ରାଥମିକତା ଦିଆଯାଇଛି। ଇନ୍ଦ୍ରଧନୁଷ୍ ଏବଂ ସୁରକ୍ଷିତ ମାତୃତ୍ୱ ଯୋଜନାରେ ଉଭୟ ମା' ଏବଂ ଶିଶୁ ଲାଭବାନ ହେଉଛନ୍ତି। ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ଦରମା ବୃଦ୍ଧି କରାଯାଇଛି। ବେଟି ପଢାଓ, ବେଟି ବଚାଓ, ମୁଦ୍ରା ଆଦି ଯୋଜନାରେ ମହିଳାମାନେ ଉପକୃତ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ମହିଳା କଲ୍ୟାଣ ଯୋଜନାକୁ ଘରେ ଘରେ ପହଞ୍ଚାଇବା ଲାଗି ମହିଳା ମୋର୍ଚ୍ଚା କାମ କରିବ। ଟ୍ରିପଲ ତଲାକ୍ ବିରୋଧରେ କେନ୍ଦ୍ର ସରକାର କଡ଼ା ନିୟମ ଆଣିଛନ୍ତି। ମହିଳାଙ୍କ ସୁରକ୍ଷା କେନ୍ଦ୍ର ସରକାରଙ୍କ ପ୍ରାଥମିକତା ବୋଲି ସେ କହିଥିଲେ। ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନଙ୍କୁ ସମର୍ପଣ ଓ ନିଷ୍ଠାର ସହ ଲୋକମାନଙ୍କ ପାଇଁ କାର୍ଯ୍ୟ କରିବାକୁ ଲେଖି ପରାମର୍ଶ ଦେଇଥିଲେ। ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ବିଜୟା ରାହାତ୍‌କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ ଯୋଗ ଦେଇଥିଲେ।

- ଓକିଲଙ୍କ ଆନ୍ଦୋଳନ, ମିଳିଲାନି ଜାମିନ

### ବାପାଙ୍କ ଶବାଧାରରେ ଯୋଗ ଦେଲେନି ମାଛୁ

**କେନ୍ଦ୍ରାପଡା ଅଫିସ, ୨୫।୯**

ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ ଉସମାନ ଅଲ୍ଲୀଙ୍କ ସହଯୋଗୀ ମାଛୁ ଓରଫ ସୟଦ ସେକ୍ ଆଶାଦୁଲ କାଦିରଙ୍କୁ ଜାମିନ ନ ମିଳିବାରୁ ସେ ବାପାଙ୍କ ଶବାଧାର (ଜନାଜା)ରେ ଯୋଗଦେଇ ପାରି ନଥିବା ଜଣାପଡିଛି। ସୂଚନା ଅନୁଯାୟୀ, ମାଛୁଙ୍କ ବାପା ସେକ୍ କରିମ ବକ୍ସଙ୍କର ମଙ୍ଗଳବାର ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ଖବରପାଇ ବାପାଙ୍କ ଜନାଜାରେ ସାମିଲ ପାଇଁ ମାଛୁ ଉଦ୍ୟମ କରିଥିଲେ। ତେବେ ଓକିଲଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁ ଏହା ସମ୍ଭବ ହୋଇପାରି ନଥିଲା। ସୂଚନାଯୋଗ୍ୟ, ଗତ ଜୁନ ୩୦ ତାରିଖରେ କ୍ରାଇମବ୍ରାଞ୍ଚ ଟିମ୍ ଟିଟୋଙ୍କୁ ଗିରଫ କରିଥିବା ବେଳେ ଜୁଲାଇ ୩୧ରେ ତାଙ୍କ ପ୍ରମୁଖ ସହଯୋଗୀ ମାଛୁଙ୍କୁ ଗିରଫ କରିଥିଲା।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୬ ସେପ୍ଟେମ୍ବର, ୨୦୧୮



ମୋ ନିଜ ପରିବାରକୁ ଯଦି ମୁଁ ସଜାଡି ଦେବି, ତେବେ ଗୋଟିଏ ରାଜ୍ୟ ସଜାଡିବାର ପରାମର୍ଶ ବା ଦାୟିତ୍ୱ ନିଶ୍ଚୟ ଅନ୍ୟକୁ ଦେଇପାରିବି ।

-ଫ୍ରାନ୍ସିସ୍ ବାକନ୍



## ସଂକ୍ଷେପରେ

### ଭସାଣିକୁ କେନ୍ଦ୍ରକରି ଯୁବକଙ୍କୁ ଛୁରା ମାଡ଼

ଭୁବନେଶ୍ୱର, ୨୫।୯(ବ୍ୟୁରୋ): କ୍ୟାପିଟାଲ ଥାନା ୟୁନିଟ-୫ କେଶରୀନଗର ଅଞ୍ଚଳରେ ଖୁଦୁରୁକୁଣୀ ଭସାଣିକୁ କେନ୍ଦ୍ରକରି କାଳୁଚରଣ ପାତ୍ରୀ ନାମକ ଯୁବକଙ୍କୁ ମଙ୍ଗଳବାର ସଂଘବଦ୍ଧ ଭାବେ ଛୁରାମାଡ଼ କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କୁ ପପୁ, କେଦାର ଓ ମଙ୍ଗଳା ନାମକ ଯୁବକ ଛୁରାମାଡ କରିଥିବା କାଳୁଚରଣ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ କେଶରୀନଗର ଅଞ୍ଚଳରେ ଯୁବତୀମାନେ ଖୁଦୁରୁକୁଣୀ ଭସାଣି କରୁଥିଲେ। ଏହି ସମୟରେ ଯୁବତୀଙ୍କୁ କମେଣ୍ଟମରାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀ କାଳୁଚରଣ ଉପରେ ରାଗ ରଖିଥିଲେ। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ କାଳୁ ଘର ନିକଟରେ ଯାଉଥିବା ବେଳେ ୪ଜଣ ଯୁବକ ତାଙ୍କୁ ଛୁରାମାଡ କରିଥିଲେ। ତାଙ୍କର ପେଟ, ଛାତି ଓ ହାତରେ ଗଭୀର ଆଘାତ ଲାଗିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ କାଳୁଚରଣ ତଳେ ପଡିଥିବା ବେଳେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

### ରାସ୍ତାରୋକୋ କରି ହିଂସା ସୃଷ୍ଟି ଘଟଣାରେ ୨ ଗିରଫ

ଭୁବନେଶ୍ୱର, ୨୫।୯(ବ୍ୟୁରୋ): ଉଦ୍ଦେଶ୍ୟମୂଳକ ଭାବେ ରାସ୍ତାରୋକୋ କରି ହିଂସା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କୁ ହଇରାଣ ହରକତ କରିବା ଘଟଣାରେ ଇନ୍‌ଫୋସିଟି ପୋଲିସ ମଙ୍ଗଳବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଶିଖରଚଣ୍ଡୀ ନଗର ଅଞ୍ଚଳର ରବି ପୃଷ୍ଟି ଓ ବନଫୁଲ ବସ୍ତି ଅଞ୍ଚଳର ନାରାୟଣ ନାୟକ। ସୂଚନା ମୁତାବକ, ଗତ ଜୁନ ୮ରେ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ରାସ୍ତାରୋକୋ କରାଯାଇଥିଲା। ଏଥିରେ ଜୟଦେବ ବିହାର ଓ ନନ୍ଦନକାନନ ମୁଖ୍ୟ ରାସ୍ତାରେ ଟାୟାର ଜାଳି ଅବରୋଧ କରାଯିବାରୁ ବହୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀମାନଙ୍କୁ ଠେଲାପେଲା କରିବା ସହ ଖରାପ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ବେଆଇନ ଭାବେ ରାସ୍ତାରୋକୋ କରି ହିଂସାତ୍ମକ କାର୍ଯ୍ୟକରିବା ନେଇ ଇନ୍‌ଫୋସିଟି ଥାନା ପକ୍ଷରୁ ଏକ ମାମଲା(୭୩/୧୮) ରୁଜୁ କରାଯାଇଥିଲା। ଏହି ମାମଲାରେ ପୋଲିସ ମଙ୍ଗଳବାର ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଯାତ୍ରୀଙ୍କୁ ନିଶା ଦେଇ ଲୁଟ୍
### ବରମୁଣ୍ଡା ବସଷ୍ଟାଣ୍ଡରୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର

ଭୁବନେଶ୍ୱର, ୨୫।୯(ବ୍ୟୁରୋ): ରାଜଧାନୀରେ ନିଶା ଦିଆ ଲୁଟେରା ଗ୍ୟାଙ୍ଗ ପୁଣି ସକ୍ରିୟ ହୋଇଛନ୍ତି। ବରମୁଣ୍ଡା ବସଷ୍ଟାଣ୍ଡରେ ୧୫ ଦିନ ତଳେ ଜଣେ ଅବସରପ୍ରାପ୍ତ ଆଇଏଏସ ଅଫିସରଙ୍କୁ ନିଶାଦେଇ ଲୁଟ୍ କରାଯାଇଥିବାବେଳେ ମଙ୍ଗଳବାର ଆଉ ଜଣେ ଯାତ୍ରୀ ଏହାର ଶିକାର ହୋଇଛନ୍ତି। ବସ୍‌ଷ୍ଟାଣ୍ଡ ପରିସରରୁ ପୂର୍ବାହ୍ନରେ ସମ୍ପୃକ୍ତ ଯାତ୍ରୀଙ୍କୁ ଅଚେତ ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ତାଙ୍କ ନାମ ପ୍ରଭୁଦେବ ମଲ୍ଲିକ ଏବଂ ଘର ଗଞ୍ଜାମ ଜିଲାର କାଙ୍କିଆ ଅଞ୍ଚଳରେ ବୋଲି ତାଙ୍କ ପକେଟରୁ ମିଳିଥିବା ଆଧାର କାର୍ଡରୁ ଜଣାପଡ଼ିଛି। ପୋଲିସ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ତାଙ୍କୁ ମାତ୍ରାଧିକ ନିଶା ଦିଆଯାଇଥିବା ଡାକ୍ତର କହିଛନ୍ତି। ଚେତା ଫେରିବା ପରେ ସେ କିପରି ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଆସିଲେ ଏବଂ କେଉଁଠିକୁ ଯିବାର ଥିଲା ତାହା ଜଣାପଡ଼ିବ ବୋଲି ପୋଲିସ କହିଛି।

■ ହକି ବିଶ୍ୱକପ୍ ପ୍ରସ୍ତୁତି

# ୧୦ ବର୍ଷ ପରେ ପୁଣି ଆରମ୍ଭ ହେବ ହପ୍-ଅନ୍ ଆଣ୍ଡ ହପ୍-ଅଫ୍ ବସ୍ ସେବା

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ରାଜଧାନୀରେ ପୁଣିଥରେ ଆରମ୍ଭ ହେବ ହପ୍-ଅନ୍ ଆଣ୍ଡ ହପ୍-ଅଫ୍ ବସ୍ ସେବା। ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଦେଶ ଏବଂ ଦେଶ ବାହାରୁ ଆସିବାକୁ ଥିବା ପର୍ଯ୍ୟଟକଙ୍କୁ ସହରର ପର୍ଯ୍ୟଟନସ୍ଥଳୀ ବୁଲାଇ ଦେଖାଇବା ପାଇଁ ଏଭଳି ଯୋଜନା କରାଯାଇଛି। ଏ ନେଇ ଗତ ଜୁଲାଇରେ ପ୍ରାରମ୍ଭିକ ଆଲୋଚନା ମଧ୍ୟ ସରିଛି। ପ୍ରଥମ ପର୍ଯ୍ୟାୟରେ ୪ରୁ ୬ଟି ବସ୍ ଚଳାଚଳ କରିବାକୁ ସ୍ଥିର ହୋଇଛି। ନଭେମ୍ବର ୨୮ରୁ ହକି ବିଶ୍ୱକପ୍ ଆରମ୍ଭ ହେଉଥିବାରୁ ନଭେମ୍ବର ପ୍ରଥମ ସପ୍ତାହରେ ବସ୍ ଚଳାଚଳ କରିବାକୁ ଲକ୍ଷ୍ୟ ରଖାଯାଇଛି।

୨୦୦୮ ସେପ୍ଟେମ୍ବରରେ ପ୍ରଥମଥର ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ହପ୍-ଅନ୍ ଆଣ୍ଡ ହପ୍-ଅଫ୍ ବସ୍ ସେବା ଆରମ୍ଭ ହୋଇଥିଲା। ୩ ବର୍ଷ ଧରି ସବୁକିଛି ଠିକ୍‌ଠାକ୍ ଚାଲିବା ବେଳେ ୨୦୧୧ରେ ଏହି ସେବାକୁ ବନ୍ଦ କରିଦିଆଯାଇଥିଲା। ସେତେବେଳେ ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ, ଆବଶ୍ୟକ ପର୍ଯ୍ୟଟକ ନ ହେବାରୁ

ODISHA HOCKEY MEN'S WORLD CUP BHUBANESWAR 2018

■ ପର୍ଯ୍ୟଟକଙ୍କୁ ପର୍ଯ୍ୟଟନ ସହ ଯୋଡ଼ିବାକୁ ପ୍ରୟାସ

ଯେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା ସେ ଆଉ ଆଗ୍ରହ ଦେଖାଇଲା ନାହିଁ, ଯେଉଁଥିପାଇଁ ସେବାକୁ ବନ୍ଦ କରାଗଲା। ଭୁବନେଶ୍ୱରର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିବା ପାଇଁ ପର୍ଯ୍ୟଟକଙ୍କ ସୁବିଧା ଲାଗି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ଏହି ସେବା ଆରମ୍ଭ ହୋଇଥିଲା। ଏକ ବେସରକାରୀ ସଂସ୍ଥା ଦ୍ୱାରା ଏହା ପରିଚାଳିତ ହେଉଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧ଟି ଲକ୍ସୁରିଅସ୍ ବସ୍ ଚାଲିଥିବା ବେଳେ ପରବର୍ତ୍ତୀ ସମୟରେ ୧୩ସିଟ୍ ବିଶିଷ୍ଟ ୭ଟି ଟେମ୍ପୋ ଟ୍ରାଭେଲର୍ ଓ ୫୨ସିଟ୍ ବିଶିଷ୍ଟ ୪ଟି ବଡ଼ ବସ୍ ଚାଲିଥିଲା। ଭୁବନେଶ୍ୱରକୁ 'ହେରିଟେଜ୍ ଟୁର୍' ଏବଂ 'ସିଟି ଟୁର୍' ଭଳି ଦୁଇଟି ସର୍କଲ୍‌ରେ ବିଭକ୍ତ କରାଯାଇ ହପ୍-ଅନ୍ ଆଣ୍ଡ ହପ୍-ଅଫ୍ ବସ୍ ଚଳାଚଳ କରୁଥିଲା। ହେରିଟେଜ୍ ଟୁର୍ ଅଧୀନରେ ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର, ଭାସ୍କରେଶ୍ୱର, ବ୍ରହ୍ମେଶ୍ୱର, କେଦାରଗୌରୀ, ଲିଙ୍ଗରାଜ ମନ୍ଦିର, ବିନ୍ଦୁସାଗର ଓ ପାପନାଶିନୀ ପୁଷ୍କରିଣୀ ରହିଥିଲା। ସେହିଭଳି ସିଟି ଟୁର୍‌ରେ ଯାଉଥିବା ପର୍ଯ୍ୟଟକ ରାଜ୍ୟ ସଂଗ୍ରହାଳୟ, ରାଜମହଲ, ମାଷ୍ଟରକ୍ୟାଣ୍ଟିନ୍ ଛକ, ରାମମନ୍ଦିର, ଏକାମ୍ର ହାଟ, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଇସ୍କନ ମନ୍ଦିର, ଆଦିବାସୀ ସଂଗ୍ରହାଳୟ, ପ୍ଲାନେଟାରିୟମ୍, ଆଞ୍ଚଳିକ ପ୍ରାକୃତିକ ସଂଗ୍ରହାଳୟ, ଖଣ୍ଡଗିରି-ଉଦୟଗିରି ଗୁମ୍ଫା, ନିକୋ ପାର୍କ ଆଦି ଦେଖିବାର ସୁଯୋଗ ପାଉଥିଲେ। ପ୍ରତି ସ୍ଥାନରେ ବସ୍ ୩୦ରୁ ୪୫ ମିନିଟ୍ ରହୁଥିଲା। ଗୋଟିଏ ଦିନ ପାଇଁ ଟିକେଟ୍‌ର ମୂଲ୍ୟ ୨୫୦ ଟଙ୍କା ଥିଲା। ମାତ୍ର ପର୍ଯ୍ୟଟକଙ୍କ ପକ୍ଷରୁ ଏହି ବସ୍‌କୁ ସେଭଳି ଭଲ ରେସ୍‌ପନ୍ସ ନ ମିଳିବାରୁ ଏହାକୁ ଚଳାଉଥିବା ସଂସ୍ଥାକୁ ବିପୁଳ କ୍ଷତି ସହିବାକୁ ପଡ଼ିଲା। ଅଧିକାଂଶ ସମୟରେ ଖାଲି ବସ୍ ରାସ୍ତାରେ ଚାଲୁଥିଲା। ତେଣୁ ପ୍ରଥମେ ଓଟିଡିସି ପକ୍ଷରୁ କେତେକ ବସ୍‌କୁ ଉଠାଇ ଦିଆଯାଇଥିଲା। ହେଲେ ଏହାପରେ ବି ସ୍ଥିତିରେ ସୁଧାର ଆସି ନ ଥିଲା। ତେଣୁ କ୍ରମାନ୍ୱୟରେ ସମସ୍ତ ବସ୍ ଚଳାଚଳ ବନ୍ଦ ହୋଇଯାଇଥିଲା।

ପୁଣିଥରେ ବସ୍ ଚଳାଚଳ ପ୍ରସଙ୍ଗରେ ପର୍ଯ୍ୟଟନ ବିଭାଗର ଜଣେ ଅଧିକାରୀ କହିଛନ୍ତି, ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ହପ୍-ଅନ୍ ଆଣ୍ଡ ହପ୍-ଅଫ୍ ବସ୍ ସେବା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। କ୍ୟାପିଟାଲ ରିଜନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ(ସିଆର୍‌ୟୁଟି) ଏହି ସେବା ଯୋଗାଇବ। ସିଟି ବସ୍ ମଡର୍ନାଇଜେଶନ ପ୍ରୋଜେକ୍ଟରେ ଯେଉଁଭଳି ପ୍ୟାକେଜ୍ ରହିଛି, ସେହିଭଳି ଭାବେ ସିଆର୍‌ୟୁଟି ସେବା ଯୋଗାଇବ। ଏହି ସେବା ମାଧ୍ୟମରେ ପର୍ଯ୍ୟଟକ ସହର ଭିତରେ ଥିବା ଏକାମ୍ର ହାଟ, ସଚିବାଳୟ, ନନ୍ଦନକାନନ, ବିଧାନସଭା, ପୁରୁଣା ଭୁବନେଶ୍ୱର, ଧଉଳି, ଏକାମ୍ରକାନନ, ଶିଖରଚଣ୍ଡୀ, ଖଣ୍ଡଗିରି, ଜୟଦେବ ବାଟିକା, ରାଜ୍ୟ ସଂଗ୍ରହାଳୟ, କଳାଭୂମି, ପ୍ଲାନେଟାରିୟମ୍, ଆଦିବାସୀ ସଂଗ୍ରହାଳୟ ଆଦି ପର୍ଯ୍ୟଟନସ୍ଥଳୀ ବୁଲିପାରିବେ। ରୁଟ୍ ଚାର୍ଟ ଓ ସମୟ ସାରଣୀ ଖୁବ୍‌ଶୀଘ୍ର ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି। ଏ ନେଇ ଓଟିଡିସି ଅଧ୍ୟକ୍ଷ ଦିଲୀପ ତିର୍କୀଙ୍କୁ ପଚାରିବାରୁ ରାଜ୍ୟ ସରକାର ହକି ବିଶ୍ୱକପ୍ ପାଇଁ କେତୋଟି ହପ୍-ଅନ୍ ଆଣ୍ଡ ହପ୍-ଅଫ୍ ବସ୍ ଚଳାଇବାକୁ ଯୋଜନା ରଖିଥିବା କହିଛନ୍ତି।



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଏବିଭିପି ପକ୍ଷରୁ ସଭାପତି ପ୍ରାର୍ଥୀ ଭାବେ ଇପ୍‌ସିତା ତ୍ରିପାଠୀ(ମଝି) ଓ ଅନ୍ୟ ପ୍ରାର୍ଥୀମାନଙ୍କର ନାମ ଘୋଷଣା ପରେ ଛାତ୍ରୀମାନେ ଖୁସି ମନାଉଛନ୍ତି।



ଛାତ୍ର ବିଜେଡି ପକ୍ଷରୁ ସ୍ୱୀକୃତି ମିଶ୍ର(ଡାହାଣ)ଙ୍କୁ ସଭାପତି ଓ ମଧୁସ୍ମିତା ନାୟକଙ୍କୁ ସାଧାରଣ ସମ୍ପାଦିକା ଭାବେ ପ୍ରାର୍ଥୀ ଘୋଷଣା କରାଯିବା ପରେ ସହପାଠିନୀମାନେ ତାଙ୍କୁ ଖୁସିରେ ଟେକିଧରିଛନ୍ତି।

### ରମାଦେବୀରେ ଏବିଭିପିର ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଛାତ୍ର ବିଜେଡି ପକ୍ଷରୁ ସୋମବାର ପ୍ରାର୍ଥୀ ଘୋଷଣା କରାଯାଇଥିବା ବେଳେ ମଙ୍ଗଳବାର ଏବିଭିପି ପ୍ରାର୍ଥୀ ଘୋଷଣା କରିଛି। ଛାତ୍ର ବିଜେଡି ପକ୍ଷରୁ ସ୍ୱୀକୃତି ମିଶ୍ର ସଭାପତି ଏବଂ ମଧୁସ୍ମିତା ନାୟକଙ୍କୁ ସାଧାରଣ ସମ୍ପାଦିକା ପ୍ରାର୍ଥୀ ଭାବେ ଚୟନ କରାଯାଇଛି। ସେହିପରି ଏବିଭିପି ପକ୍ଷରୁ ଇପ୍‌ସିତା ତ୍ରିପାଠୀ ସଭାପତି, ଅର୍ପିତା ପ୍ରିୟଦର୍ଶିନୀ ଡ୍ରାମାଟିକ୍ ସେକ୍ରେଟାରି ଏବଂ ସୁଚରିତାଙ୍କୁ ଆଥଲେଟିକ୍ ସେକ୍ରେଟାରି ପ୍ରାର୍ଥୀ ଭାବେ ମନୋନୀତ କରାଯାଇଛି।

### ଓଡ଼ିଶା ଢାଞ୍ଚାରେ ଆଇଟିଆଇର ଆଧୁନିକୀକରଣ କରିବ ଆନ୍ଧ୍ର

■ ଦକ୍ଷତା ସଂଗ୍ରହାଳୟ ବୁଲି ଦେଖିଲେ ଆନ୍ଧ୍ରପ୍ରଦେଶ ଶ୍ରମମନ୍ତ୍ରୀ

କଟକ ଅଫିସ,୨୫।୯

ଆନ୍ଧ୍ରପ୍ରଦେଶର ଶ୍ରମମନ୍ତ୍ରୀ ତଥା ଟିଡିପି ନେତା ପିଠାନୀ ସତ୍ୟନାରାୟଣ ମଙ୍ଗଳବାର ଅପରାହ୍ନରେ କଟକ ଖପୁରିଆସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ଓ ଏହା ପରିସରରେ ଥିବା ଦେଶର ପ୍ରଥମ ଦକ୍ଷତା ସଂଗ୍ରହାଳୟ ପରିଦର୍ଶନ ଆସିଥିଲେ। ତାଙ୍କ ସହ ଆନ୍ଧ୍ର ପ୍ରଦେଶର ମୁଖ୍ୟ ଶାସନ ସଚିବ ଜେ.ଏସ୍.ଭି. ପ୍ରସାଦ ଥିଲେ। ତେବେ ସେମାନେ ଏଠାରେ ଥିବା ଭିତ୍ତିଭୂମି, ୱାର୍କଶପ୍ ଓ ସ୍ମାର୍ଟ କ୍ଲାସ୍ ରୁମ୍ ବୁଲି ଦେଖିବା ସହ ବେଶ୍ ପ୍ରଶଂସା କରିଥିଲେ। ଏହି ଅବସରରେ ମନ୍ତ୍ରୀ ପିଠାନୀ କହିଲେ, ଏହା ଏକ ବିଶ୍ୱସ୍ତରୀୟ ପ୍ରତିଷ୍ଠାନ। ଏଠାରେ ସ୍ମାର୍ଟ କ୍ଲାସ୍ ରୁମ୍‌ରେ ଅଧ୍ୟାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଓ ଶିଳ୍ପ ତାଲିମ କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କର ବେଶ ଆଗ୍ରହ ରହିଥିବା ମୁଁ ଅନୁଭବ କରିଛି। ଆନ୍ଧ୍ର ପ୍ରଦେଶର ୭୯ଟି ଆଇଟିଆଇର ଆଧୁନିକୀକରଣ କରାଯିବ। ଆଗକୁ ଆମ ରାଜ୍ୟରେ ଥିବା ସବୁ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଏହିଭଳି ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ କରିବାକୁ ଚେଷ୍ଟା କରିବୁ ବୋଲି ସେ କହିଥିଲେ। ଏହି ତାଲିମ କେନ୍ଦ୍ରରେ ଦେଢଘଣ୍ଟାରୁ ଅଧିକ ସମୟ ବିତାଇବା ମଧ୍ୟରେ ମନ୍ତ୍ରୀ ପିଠାନୀ ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତି, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତେବେ ଡ. ମହାନ୍ତି କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ଶ୍ରମମନ୍ତ୍ରୀ ସ୍ମାର୍ଟ କ୍ଲାସ ରୁମଠାରୁ ଆରମ୍ଭ କରି ସଂଗ୍ରହାଳୟ ବୁଲି ଦେଖିବା ପରେ ପ୍ରଶଂସା କରିଛନ୍ତି। ତଥାପି ଆଗକୁ ଆମେ ଆମ ଶିଳ୍ପ ତାଲିମ କେନ୍ଦ୍ରର କର୍ମଶାଳାରେ ଆହୁରି ଅଧିକ ଉନ୍ନତି ଆଣିବା ସହ ପ୍ଲେସମେଣ୍ଟ ରେକର୍ଡ ଆହୁରି ବଢାଇବାକୁ ଚେଷ୍ଟା କରିବୁ ବୋଲି ମହାନ୍ତି ଜଣାଇଛନ୍ତି।

■ ଓସିଏ ସମ୍ବିଧାନ ସଂଶୋଧନ ପ୍ରସଙ୍ଗ

## ବିସିସିଆଇ, ସିଓଏକୁ ଦାବିପତ୍ର ଦେଲେ ବିଦ୍ରୋହୀ

କଟକ ଅଫିସ, ୨୫।୯

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସମ୍ବିଧାନ ସଂଶୋଧନ ରିପୋର୍ଟ ବିସିସିଆଇକୁ ପଠାଯିବା ପରେ ରାଜ୍ୟ କ୍ରିକେଟରେ ଏକ ଅନିଶ୍ଚିତତା ଝଡ଼ ଅପେକ୍ଷା କରି ରହିଛି। ମଙ୍ଗଳବାର ସମ୍ବିଧାନ ସଂଶୋଧନ ରିପୋର୍ଟଗୁଡ଼ିକର ଯାଞ୍ଚ ଶେଷ ହୋଇଥିବା ବେଳେ ଏ ଯାଏଁ କୌଣସି ଉତ୍ତର ମିଳିନାହିଁ ବୋଲି ଓସିଏ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ କହିଛନ୍ତି। ଅନ୍ୟପକ୍ଷରେ ଏହି ରିପୋର୍ଟକୁ ରଦ୍ଦ କରିବା ପାଇଁ ଦାବି କରୁଥିବା ଜଣେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସିଇଓ ରାହୁଲ ଜୋହରୀ ଓ କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ)ର ଅଧ୍ୟକ୍ଷ ବିନୋଦ ରାୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀମାନଙ୍କ ସହ ଆଲୋଚନା କରି ଆଇନଗତ ପରାମର୍ଶ ନିଆଯାଉଥିବା ଜଣେ ବରିଷ୍ଠ କ୍ରୀଡ଼ା ସଂଗଠକ କହିଛନ୍ତି।

ଯଦି ଓସିଏର ସମ୍ବିଧାନ ସଂଶୋଧନ ରିପୋର୍ଟକୁ ସବୁଜ ସଙ୍କେତ ମିଳେ ତେବେ ଏହାକୁ ବିରୋଧ କରୁଥିବା କ୍ଲବର କର୍ମକର୍ତ୍ତା ତଥା ବରିଷ୍ଠ କ୍ରୀଡ଼ା ସଂଗଠକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଜଣଙ୍କ କହିଛନ୍ତି। ଅନ୍ୟପକ୍ଷରେ ଏହି ରିପୋର୍ଟକୁ ଅଗ୍ରାହ୍ୟ କରାଯାଏ ତେବେ ଓସିଏ ନିର୍ବାଚନ ଅନିଶ୍ଚିତତା ଭିତରକୁ ଠେଲି ହୋଇଯିବ। ୨୦ଟି କ୍ଲବ ଓସିଏର ଅନୁବନ୍ଧିତ ୟୁନିଟ ମାନ୍ୟତା ଲାଭ କରିଥିଲେ। ସେଗୁଡ଼ିକ ହେଲା, ଟାଉନ କ୍ଲବ, ରୋଭର୍ସ କ୍ଲବ, ଜୟଦୁର୍ଗା କ୍ଲବ, ସନରାଇଜ କ୍ଲବ, ସନସାଇନ କ୍ଲବ, କିଶୋର କ୍ଲବ, ରୟାଲ କ୍ଲବ, ବିସିୟୁ, ମଙ୍ଗଳା କ୍ଲବ, ଶହୀଦ ସ୍ପୋର୍ଟିଂ କ୍ଲବ, ଏଲଆଇସି ସ୍ପୋର୍ଟ୍ସ କ୍ଲବ, ରାଇଜିଂ ଷ୍ଟାର କ୍ଲବ, ଓଜିପି କ୍ଲବ, ଜଗତ୍‌ପୁର ଆଥ୍‌ଲେଟିକ ଆସୋସିଏଶନ, ଏସିସି, ଏସ୍‌ବିଆଇ ସ୍ପୋର୍ଟ୍ସ କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ୟୁନିୟନ ସ୍ପୋର୍ଟିଂ କ୍ଲବ, ବିଶ୍ୱଭାରତୀ କ୍ଲବ ଓ ଜୁଭେନାଇଲ କ୍ଲବ। ଏହି କ୍ଲବଗୁଡ଼ିକ ପୂର୍ଣ୍ଣ ସଦସ୍ୟତା ପାଇଥିଲେ ମଧ୍ୟ ସମ୍ବିଧାନ ସଂଶୋଧନ ରିପୋର୍ଟରେ ସେମାନଙ୍କୁ ଆସୋସିଏଟ ସଦସ୍ୟ ଭାବେ ଗ୍ରହଣ କରିବାକୁ ଉଲ୍ଲେଖ କରାଯାଇଛି। ଆସୋସିଏଟ ସଦସ୍ୟ ରହିଲେ ଭୋଟ ଦେବା ଅଧିକାର ରହିବ ନାହିଁ।

# ୨ ଦିନ ହେଲା ଉପାସରେ ଅର୍ବାନ୍ ହଷ୍ଟେଲ ଅନ୍ତେବାସୀ

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ରାଜଧାନୀ ମହାବିଦ୍ୟାଳୟ ଶାଖା ତରଫରୁ ମଙ୍ଗଳବାର ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସମ୍ ହସ୍ପିଟାଲ ନିକଟରେ ଥିବା ଅର୍ବାନ ହଷ୍ଟେଲରେ ସୋମବାର ରାତିରୁ ଅଣଛାତ୍ର ପ୍ରବେଶ କରି କ୍ୟାଣ୍ଟିନ୍‌ରେ ଗଣ୍ଡଗୋଳ କରିଥିଲେ। ପରେ କ୍ୟାଣ୍ଟିନ ଚଳାଉଥିବା ବ୍ୟକ୍ତି କ୍ୟାଣ୍ଟିନ ବନ୍ଦ କରିଦେଇଥିଲେ। ହଷ୍ଟେଲରେ ରହୁଥିବା ୩୦୦ରୁ ଉର୍ଦ୍ଧ୍ୱ ଛାତ୍ର ଉପାସରେ ରହିଥିଲେ।



ଏବିଭିପି ପକ୍ଷରୁ ରାଜଧାନୀ ମହାବିଦ୍ୟାଳୟ ସମ୍ମୁଖରେ କୁଶପୁତ୍ତଳିକା ଦାହ କରାଯାଉଛି।

ହଷ୍ଟେଲରେ ଅଣଛାତ୍ରଙ୍କ ପ୍ରବେଶ ଏବଂ ଖାଦ୍ୟପେୟରେ ଅନିୟମିତତା ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ଏହା ପ୍ରତିବାଦରେ ଜ୍ୟୋତିରଞ୍ଜନ ନାୟକଙ୍କ

■ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କଲା ଏବିଭିପି

ନେତୃତ୍ୱରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରିବା ସହିତ ହଷ୍ଟେଲର ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ କଲେଜ ଅଧ୍ୟକ୍ଷାଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। କ୍ଷୀରୋଦ ପଟ୍ଟନାୟକ, ପ୍ରୀତମ ପଣ୍ଡା, ମହେଶ ପତି, ସୋମୁ ଦେ, ପ୍ରଭାତ ପ୍ରଧାନ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ରାହୁଲ



@ ପପୁନ



@ କୃଷ୍ଣା



@ ଲିପିକା



@ ପ୍ରଜ୍ଞାନିତା



@ ସୁବ୍ରତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଭଙ୍ଗା କୁଡ଼ିଆରେ ରହି ଦରିଦ୍ର ଭାବରେ ଚଳିଲେ ମଧ ସ୍ୱାଧୀନ ଲୋକ ଯେପରି ସୁଖ ଅନୁଭବ କରେ, ପରାଧୀନ ଲୋକ ସବୁ ସୁଖରୁ ବଞ୍ଚିତ ରହେ।
-ହାରିଏଟ୍ ବିଚର ଷ୍ଟୋ



## ସଂକ୍ଷେପରେ

### ମହିଳାଙ୍କୁ ମାଡ଼ ମାରି ତିନିଭାଇ ଗଲେ ଜେଲ

ବାରଙ୍ଗ,୨୫।୯(ଡି.ଏନ୍.ଏ.): ଚନ୍ଦକାଥାନା ଅନ୍ତର୍ଗତ ବିଂଝଗିରି ଗ୍ରାମର ଜଣେ ମହିଳା ଓ ତାଙ୍କ ପରିବାରକୁ ମାଡ଼ ମାରିବା ସହ ମାରିଦେବାକୁ ଧମକଦେବା ଅଭିଯୋଗରେ ପୋଲିସ ମଙ୍ଗଳବାର ତିନିଭାଇଙ୍କୁ ଗିରଫକରି କୋର୍ଟଚାଲାଣ କରିଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ସଞ୍ଜୟ ଦେଉରୀ, ରଞ୍ଜନ ଦେଉରୀ ଓ ବିଜୟ ଦେଉରୀ।

ପୋଲିସ ସୂଚନା ଅନୁଯାୟୀ, ଦେଶୀମଦ ବିକ୍ରି ଅଭିଯୋଗରେ ଜଣେ ବ୍ୟକ୍ତି ଗତକିଛି ଦିନ ତଳେ ଜେଲ ଯାଇ ଜାମିନରେ ଆସିଥିଲେ। ମଦବିକ୍ରି ବିଷୟରେ ପୋଲିସଙ୍କୁ ସୂଚନା ଦେଇଥିବା ସନ୍ଦେହରେ ସେ ଗ୍ରାମର କଲ୍ୟାଣୀ ନାୟକ ନାମ୍ନୀ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପୁଣି ସୋମବାର ରାତିରେ ମହିଳାଙ୍କୁ ଖରାପ ବ୍ୟବହାର କରୁଥିବାବେଳେ ମହିଳାଜଣଙ୍କ ପ୍ରତିବାଦ କରିଥିଲେ। ଏହାପରେ ସେ ଓ ତାଙ୍କର ତିନିପୁଅ ସଞ୍ଜୟ, ରଞ୍ଜନ, ବିଜୟ ମିଶି କଲ୍ୟାଣୀଙ୍କ ଘରକୁ ଯାଇ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବା ସହ ତାଙ୍କ ଶାଶୁ ଓ ସ୍ୱାମୀଙ୍କୁ ମାଡ଼ ମାରିଥିଲେ। ଏନେଇ କଲ୍ୟାଣୀ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ୧୩୬/୧୮ରେ ଏକ ମାମଲା ରୁଜୁକରି ସଞ୍ଜୟ, ରଞ୍ଜନ, ବିଜୟଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଏମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ଯିବାକୁ ପଡିଛି।

### ଶିକ୍ଷା ଋଣ କରାଇଦେବା ଆଳରେ ଛାତ୍ରଙ୍କଠାରୁ ଠକେଇ

ଭୁବନେଶ୍ୱର, ୨୫।୯(ବ୍ୟୁରୋ) ଇଣ୍ଟରନେଟ ଜରିଆରେ ଶିକ୍ଷା ଋଣ କରାଇଦେବାକୁ କହି ଏକ ସଂସ୍ଥା ଜଣେ ଛାତ୍ରଙ୍କଠାରୁ ପ୍ରାୟ ୩୦ ହଜାର ଟଙ୍କା ଠକି ନେଇଛି। ଠକେଇର ଶିକାର ଛାତ୍ର ମଇପାଲ ଶବର ସ୍ଥାନୀୟ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ତେବେ ପୋଲିସ ତାଙ୍କୁ ସାଇବର ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଛି। ମଇପାଲଙ୍କ ଘର ଖୋର୍ଦ୍ଧା ଜିଲାରେ ହୋଇଥିବାବେଳେ ସେ ଆଇଆରସି ଭିଲେଜ ଅଞ୍ଚଳରେ ଭଡ଼ା ନେଇ ରହୁଥିଲେ। ସେ ଫାର୍ମାସୀରେ ଅଧ୍ୟୟନ କରୁଥିଲେ। ଅଭିଯୋଗ ମୁତାବକ, ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଶିକ୍ଷାଋଣ ପାଇଁ ଇଚ୍ଛା କରିଥିଲେ। ସେଥିପାଇଁ ସେ ଇଣ୍ଟରନେଟ ଜରିଆରେ ସମୃଦ୍ଧି ଇଣ୍ଡିଆ କ୍ରେଡିଟ୍ ଲିମିଟେଡ୍ ନାମକ ଏକ ସଂସ୍ଥା ସମ୍ପର୍କରେ ଜାଣିବାକୁ ପାଇବା ପରେ ଦିଆଯାଇଥିବା ଫୋନ୍ ନମ୍ବରରେ ଯୋଗାଯୋଗ କରିଥିଲେ। ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷାଋଣ ପାଇଁ ପ୍ରଥମେ ୮ ହଜାର ଟଙ୍କା ଜମା କରିବାକୁ ପଡିବ ବୋଲି ଜଣେ ବ୍ୟକ୍ତି ମଇପାଲଙ୍କୁ କହିଥିଲେ। ଫଳରେ ମଇପାଲ ଗତ ୮ତାରିଖରେ ଉକ୍ତ ବ୍ୟକ୍ତି ଦେଇଥିବା ଆକାଉଣ୍ଟ ନମ୍ବରରେ ୮ହଜାର ଟଙ୍କା ଜମା କରିଥିଲେ। କିନ୍ତୁ କୌଣସି ଋଣ ମିଳି ନ ଥିଲା। ପୁଣି ମଇପାଲ ଉକ୍ତ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିବାରୁ ଟଙ୍କା ଜମା କରିବାରେ ବିଳମ୍ବ ହୋଇଛି, ତେଣୁ ପୁଣି ଟଙ୍କା ଜମା କରିବାକୁ କହିଥିଲେ। ଏଭଳି ବିଭିନ୍ନ ଉପାୟରେ ସମ୍ପୃକ୍ତ ସଂସ୍ଥା ମଇପାଲଙ୍କଠାରୁ ୩୦ ହଜାର ଟଙ୍କା ନେଇଯାଇଥିଲା, କିନ୍ତୁ କୌଣସି ଋଣ ମିଳି ନ ଥିଲା। ଶେଷରେ ଠକେଇର ଶିକାର ହୋଇଥିବା ଜାଣି ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

■ ସ୍ୱଚ୍ଛ ଇ-ଭୁବନେଶ୍ୱର କାର୍ଯ୍ୟକ୍ରମକୁ ବର୍ଷେ ପୂରିଲା

# ବର୍ଷକରେ ସଂଗ୍ରହ ହୋଇଛି ୯ ଟନ୍ ଇ-ବର୍ଜ୍ୟବସ୍ତୁ

**ଭୁବନେଶ୍ୱରରେ ବାର୍ଷିକ ୨୭୦୦ ଟନ ଇ-ବର୍ଜ୍ୟ ସୃଷ୍ଟି ହେଉଛି**

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ଭୁବନେଶ୍ୱରରେ ବାର୍ଷିକ ୨୭୦୦ ଟନ୍ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଛି। ବିଶେଷ କରି ଘରୋଇ ଏବଂ ବିଭିନ୍ନ ଅନୁଷ୍ଠାନରୁ ଏସବୁ ବାହାରୁଛି। ଗତ ଏକ ବର୍ଷ ମଧ୍ୟରେ ସହରର ୬୦ଟି ସଂସ୍ଥାରୁ ପ୍ରାୟ ୯ ଟନ୍ ଇ-ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଛି। ଏହାକୁ ପାର୍ଟନର ପ୍ରଡ୍ୟୁସର ରେସ୍ପନ୍‌ସିବିଲିଟି ଅର୍ଗାନାଇଜେଶନ(ପିଆରଓ) ମାଧ୍ୟମରେ ପ୍ରମାଣିତ ରିସାଇକେଲରଙ୍କ ଜରିଆରେ ଉପଯୁକ୍ତ ପରିଚାଳନା କରାଯାଇଛି ବୋଲି ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସ୍ୱଚ୍ଛ ଇ-ଭୁବନେଶ୍ୱର କାର୍ଯ୍ୟକ୍ରମର ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି।

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି), ଇଣ୍ଟରନ୍ୟାଶନାଲ୍ ଫାଇନାନ୍ସ କର୍ପୋରେଶନ(ଆଇଏଫ୍‌ସି) ଏବଂ ବିଶ୍ୱ ବ୍ୟାଙ୍କ ଗ୍ରୁପ୍‌ର ମିଳିତ ସହଯୋଗରେ ସ୍ୱଚ୍ଛ ଇ-ଭୁବନେଶ୍ୱର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାର ୧ ବର୍ଷ ପୂର୍ତ୍ତିକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମର ବିଭିନ୍ନ ଅଂଶୀଦାରଙ୍କୁ ନେଇ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ଉପରୋକ୍ତ ସଂସ୍ଥା ସମେତ ବିଭିନ୍ନ ସରକାରୀ ସଂସ୍ଥା, ଘରୋଇ ଉଦ୍ୟୋଗ, ଶିକ୍ଷାବିତ୍‌ମାନଙ୍କ ସହିତ ରେସିଡେଣ୍ଟ ୱେଲ୍‌ଫେୟାର ଆସୋସିଏଶନର ପ୍ରତିନିଧିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ଉଲ୍ଲେଖନୀୟ ଅବଦାନ ରଖିଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଇଏଫ୍‌ସିର ଭାରତ ମୁଖ୍ୟ ଜନ୍ ଝାଙ୍ଗ୍ କହିଥିଲେ, ୨୦୧୧ ଠାରୁ ଆଇଏଫ୍‌ସି ଭୁବନେଶ୍ୱର ସହର ଏବଂ ଓଡ଼ିଶା ସରକାରଙ୍କ ସହିତ ସହଯୋଗ ରକ୍ଷା କରିଆସୁଛି। ଘରୋଇ ଉଦ୍ୟୋଗର ପୁଞ୍ଜି ସହାୟତାରେ ଅନେକ ପ୍ରକଳ୍ପ ହାତକୁ ନିଆଯାଇଛି ଏବଂ ତାହାକୁ ରାଜ୍ୟ ତଥା ମହାନଗର ନିଗମର କାର୍ଯ୍ୟ ସହିତ ସାମିଲ କରାଯାଇଛି। ଆଗାମୀ ଦିନରେ ଇ-ବର୍ଜ୍ୟବସ୍ତୁ ପରିଚାଳନା ଲାଗି ୟୁରୋପିଆନ ୟୁନିୟନ ସହାୟତାପ୍ରାପ୍ତ ଇକୋ-ସିଟିଜ୍ ପ୍ରୋଗ୍ରାମ୍‌କୁ ବ୍ୟାପକ କରାଯିବ ବୋଲି ସେ କହିଥିଲେ।

ସ୍ୱଚ୍ଛ ଇ-ଭୁବନେଶ୍ୱର କାର୍ଯ୍ୟକ୍ରମ ଜରିଆରେ ଗତବର୍ଷ ସାରା ସହରରେ ୭୪ଟି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲେ। ଏଥିରେ ୩୫ଟି ସ୍କୁଲ୍ ଓ ୧୭ଟି କଲେଜର ୧୦ ହଜାର ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଛି। ଏଥିସହ ୧୭୫ ଟି ସରକାରୀ ଓ କର୍ପୋରେଟ୍ ଅନୁଷ୍ଠାନ ଏବଂ ରେସିଡେଣ୍ଟ ୱେଲ୍‌ଫେୟାର ଆସୋସିଏଶନଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା କର୍ମଶାଳାରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଇ-ବର୍ଜ୍ୟର ବିପଦ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଇ-ବର୍ଜ୍ୟରୁ ପ୍ରସ୍ତୁତ ରାବଣର ଏକ ପ୍ରତିକୃତିକୁ ଜୟଦେବ ବିହାରଠାରେ ସ୍ଥାପନ କରାଯାଇଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମଞ୍ଚସ୍ଥ ନାଟକ 'ସବୁ ସକାଳ ଅଛିରେ' ର ଏକ ଦୃଶ୍ୟ।

## ଆଇନଜୀବୀଙ୍କୁ ମାଡ଼ ଘଟଣା: ୨ ଗିରଫ

### ସରକାରୀ ଅଫିସରେ ତାଲା ପକାଇଲେ

କଟକ ଅଫିସ, ୨୫।୯

ମାଡ଼ ଘଟଣାକୁ ନେଇ କଟକରେ ଆଇନଜୀବୀ ଓ ପୋଲିସ ମଧ୍ୟରେ ଉପୁଜିଥିବା ବିବାଦ ତେଜୁଥିବାବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ୨ଜଣଙ୍କୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀଙ୍କଠାରୁ ଜଣାପଡିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନାରେ କାର୍ଯ୍ୟରତ ହୋମ୍‌ଗାର୍ଡ ଦିଲୀପ ସିଂ ଓ ଆଇନଜୀବୀଙ୍କ ଗାଡି ସହ ଧକ୍କା ହୋଇଥିବା ବାଇକ୍ ଚାଳକଙ୍କ ଅଭିଭାବକ କିଶୋର ଜେନା। ଏହି ଘଟଣାରେ ପୂର୍ବରୁ ଦୁଇଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା। ମାତ୍ର ଗିରଫ ଦାବିରେ ଆଇନଜୀବୀମାନେ ଆନ୍ଦୋଳନ ଚଳାଇଛନ୍ତି। ଏଥିସହ ଡିସିପି ଓ ଥାନାଧିକାରୀଙ୍କୁ ଗିରଫ କରିବାକୁ ଦାବି କରି ଆସୁଛନ୍ତି।

ଏପରିସ୍ଥଳେ ମଙ୍ଗଳବାର ଆଇନଜୀବୀମାନେ ହାଇକୋର୍ଟ ସନ୍ନିକଟ ଅଞ୍ଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଆଇନଜୀବୀମାନେ ଏକ ପଟୁଆରରେ ଆସି ହାଇକୋର୍ଟ ନିକଟରେ ଥିବା ଜିଲାପାଳଙ୍କ କାର୍ଯ୍ୟାଳୟ, ବୋର୍ଡ ଅଫ୍ ରେଭିନ୍ୟୁ, ଆର୍‌ଟିଓ ଅଫିସ, ଆର୍‌ଡିସି ଅଫିସ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ସହିତ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। କୌଣସି କର୍ମଚାରୀଙ୍କୁ ଅଫିସ ଭିତରୁ ବାହାରକୁ କିମ୍ବା ଅଫିସ ବାହାରୁ ଭିତରକୁ ଛଡ଼ାଯାଇ ନ ଥିଲା। ଫଳରେ ଉପରୋକ୍ତ ଅଫିସଗୁଡ଼ିକ ଦିନତମାମ ବନ୍ଦ ହୋଇଯାଇଥିଲା। ହାଇକୋର୍ଟ ବାର୍ ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ସତ୍ୟବ୍ରତ ମହାନ୍ତିଙ୍କ ନେତୃତ୍ୱରେ ସଂଘବଦ୍ଧ ଆଇନଜୀବୀମାନେ ସରକାର ଓ ପୋଲିସ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେବା ସହିତ ପୋଲିସ କମିଶନର ଓ କଟକ ଡିସିପିଙ୍କ ଇସ୍ତଫା ଦାବି କରିଥିଲେ।

### ପ୍ରୋଷ୍ଟେଟ୍ ସମ୍ପର୍କିତ ସଚେତନତା ଜରୁରୀ

ଭୁବନେଶ୍ୱର,୨୫-୯

ବୟସ ବଢିବା ସହ ପୁରୁଷଙ୍କ କ୍ଷେତ୍ରରେ ପ୍ରୋଷ୍ଟେଟ ଭଳି ରୋଗ ଦେଖିବାକୁ ମିଳିଥାଏ। ହାରାହାରି ୫୦ ରୁ ୫୫ ବର୍ଷ ବୟସ୍କ ପୁରୁଷଙ୍କ କ୍ଷେତ୍ରରେ ଏହା ସାଧାରଣତଃ ଦେଖା ଯାଇଥାଏ। କେତେକ କ୍ଷେତ୍ରରେ ୪୫ ବର୍ଷରେ ଏହା ଦେଖାଯାଇଥାଏ। ଉକ୍ତ ରୋଗର ନିରାକରଣ ମେଡିଶିନ ଓ ସର୍ଜରି ଦ୍ୱାରା ହୋଇପାରିବ। ୮୦% କ୍ଷେତ୍ରରେ ମେଡିସିନ ଦ୍ୱାରା ଉକ୍ତ ରୋଗ ଉପଶମ ହେଉଥିବା ବେଳେ ୨୦% କ୍ଷେତ୍ରରେ ସର୍ଜରିର ଆବଶ୍ୟକତା ରହିଛି। ବର୍ତ୍ତମାନ ଏହି ସର୍ଜରି ଲାଗି ଏଣ୍ଡୋସ୍କପିକ ଚିକିତ୍ସା ଉପଲବ୍ଧ ହେଉଛି। ବ୍ୟକ୍ତି ଠିକ୍ ହେବା ଲାଗି ୨ରୁ ୩ ଦିନ ସମୟ ଲାଗିଥାଏ। ଅପରପକ୍ଷରେ ଓପନ ସର୍ଜରି କ୍ଷେତ୍ରରେ ଏହା ୮-୧୦ ଦିନ ଲାଗିବ। ସ୍ଥାନୀୟ ଏକ ହୋଟେଲରେ ଏ ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମରେ କଳିଙ୍ଗ ହସ୍ପିଟାଲର ୟୁରୋଲୋଜିଷ୍ଟ କନସଲଟାଣ୍ଟ ଡ. ମାନସ ପ୍ରଧାନ ଏହି ସୂଚନା ଦେଇଛନ୍ତି। ବୟସ ବୃଦ୍ଧି ସହ ପ୍ରୋଷ୍ଟେଟରେ ବୃଦ୍ଧି ଘଟିଥାଏ। କ୍ୟାନସର ବିନା ମଧ ପ୍ରୋଷ୍ଟେଟରେ ବୃଦ୍ଧି ଘଟିଥାଏ। ଏହାକୁ ବେନାଇନ ପ୍ରୋଷ୍ଟେଟିକ୍ ହାଇପରପ୍ଲେସିଆ (ବିପିଏଚ୍) କୁହାଯାଏ। ବର୍ତ୍ତମାନ ଏହା ଯୁବବର୍ଗଙ୍କଠାରେ ଦେଖିବାକୁ ମିଳୁଛି। ବିଶେଷ ଭାବେ ୫୦ ବର୍ଷ ପରେ ଦେଖା ଯାଉଛି। ଏହା ସାରା ବିଶ୍ୱରେ ନିୟୁତାଧିକ ଲୋକଙ୍କଠାରେ ଦେଖାଯାଉଥିବା ପ୍ରଧାନ କହିଛନ୍ତି।

## 'ତପସ୍ୱିନୀ'ରେ ନାରୀ ସଶକ୍ତୀକରଣ ବାର୍ତ୍ତା

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାବ୍ୟ 'ତପସ୍ୱିନୀ'କୁ ଆଧାର କରି ନାଟକ 'ତପସ୍ୱିନୀ' ସୋମବାର ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଛି। ନାଟକରେ ନାରୀ ସଶକ୍ତୀକରଣ ଏବଂ ମଣିଷ ସହ ପରିବେଶର ସମ୍ପର୍କକୁ କଳାକାରମାନେ ଅଭିନୟ ମାଧ୍ୟମରେ ଦର୍ଶାଇଥିଲେ। ଏହାର କାହାଣୀ ରଚନା ଅଶୋକ କୁମାର ବହିଦାର କରିଥିବା ବେଳେ ପରିକଳ୍ପନା, ନାଟ୍ୟରୂପ ସହ ନିର୍ଦ୍ଦେଶନା ଦେଇଥିଲେ ଅତିଶ କୁମାର ଶତପଥୀ। ବିଭିନ୍ନ ଭୂମିକାରେ ନରେନ୍ଦ୍ର ବେହେରା, ମୀନା ବୋଷ, ରାମଶିଷ ତ୍ରିପାଠୀ, ଶୁଭଶ୍ରୀ ଶୁଭସ୍ମିତା ଠାକୁର, ସୁବ୍ରତ ଅମାତ, ରାଜଶ୍ରୀ ରାଉତ, ଶୁଭମ ମେହେର, ଆଦିତ୍ୟ ଶାହା, କୃଷ୍ଣ ମେହେର, ବିକାଶ ପ୍ରଧାନ ପ୍ରମୁଖ ଅଭିନୟ କରିଥିଲେ। ସନ୍ଧ୍ୟାରେ ନିର୍ଦ୍ଦେଶକ ତଥା ଅଭିନେତା ଅଜିତ ଦାସ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. କମଳକାନ୍ତ ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱଭାବ କବିଙ୍କ ଦାୟାଦ ମନୀନ୍ଦ୍ର ମେହେର ଓ ମିହିର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଶାନ୍ତିସ୍ତୂପ ପାଦଦେଶରେ ଚାରାରୋପଣ କରୁଛନ୍ତି।

## ୧ରେ କଂଗ୍ରେସ ସ୍କ୍ରିନିଂ କମିଟି ବୈଠକ

ଭୁବନେଶ୍ୱର୨୫।୯(ବ୍ୟୁରୋ) ଆଗାମୀ ନିର୍ବାଚନ ପାଇଁ ଅଗଷ୍ଟ ଶେଷ ସୁଦ୍ଧା ୫୦ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ। କିନ୍ତୁ ଏ ଯାବତ୍ ୫୦ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇପାରୁ ନାହିଁ। ଅକ୍ଟୋବର ୧ରେ ଓଡିଶାରେ ସ୍କ୍ରିନିଂ କମିଟି ବସିବାକୁ ଥିବାରୁ ଏହି ଅବସରରେ ୫୦ଟିକେଟ ଚୁଡାନ୍ତ ହୋଇପାରେ ବୋଲି କୁହାଯାଉଛି। ସେହିପରି ଆସନ୍ତା ୨୮ ତାରିଖରେ ଏଆଇସିସି ସମ୍ପାଦକ ଜି. ରୁଦ୍ର ରାଜୁ ଓଡିଶା ଗସ୍ତରେ ଆସିବେ। ୨୯ତାରିଖରେ ସେ ନୟାଗଡ ଜିଲା ଗସ୍ତ କରି ଦଳର ସାଙ୍ଗଠନିକ କାର୍ଯ୍ୟ ଉପରେ ତର୍ଜମା କରିବେ। ୩୦ ତାରିଖରେ ଓଡିଶା ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭି.ଡି. ଶାଥେସାନ ଏବଂ ଅନ୍ୟ ଦୁଇଜଣ ସଦସ୍ୟ ଜିତିନ୍ ପ୍ରସାଦ ଓ ନୌସାଦ୍ ସୋଲାଙ୍କି ଓଡିଶାରେ ପହଞ୍ଚିବେ। ଏହାର ଗୋଟିଏ ଦିନ ପରେ ପିଇସି(ପ୍ରଦେଶ ଇଲେକ୍ସନ କମିଟି) ବୈଠକ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏହାପରେ ସ୍କ୍ରିନିଂ କମିଟି ବୈଠକ ବସିବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

■ ବାଣୀବିହାରରେ ଅମୁନି ଉତ୍ତେଜନା

## ହଷ୍ଟେଲରେ ଜୁନିୟର ଛାତ୍ରଙ୍କୁ ଆକ୍ରମଣ

**୨ ସିନିୟର ଛାତ୍ର ଅଟକ**

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ(ବାଣୀବିହାର)ରେ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ତାହା ଠିକ୍ ହୋଇନାହିଁ। କିନ୍ତୁ ଏବେଠୁ କ୍ୟାମ୍ପସରେ ଦୁଇ ପ୍ରମୁଖ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଦେଖିବାକୁ ମିଳିଛି। ସୋମବାର ଗେଟ୍ ଖୋଲିବାକୁ କେନ୍ଦ୍ରକରି ଫାର୍ମାସୀ ଛାତ୍ର ଏବଂ ପୂର୍ବତନ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏପରି କି ସେମାନଙ୍କୁ ଅଟକାଇବାକୁ ଯାଇ ପୋଲିସ ମଧ ମାଡ ଖାଇଥିଲା। ଏହି ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ପୁଣି ମଙ୍ଗଳବାର ରାତିରେ ବାଣୀବିହାର ୬ନମ୍ବର ହଷ୍ଟେଲରେ ଗଣ୍ଡଗୋଳ ଘଟିଛି। ଆଇଏମ୍‌ବିଏ ବିଭାଗର ତୃତୀୟ ବର୍ଷର ଜଣେ ଛାତ୍ର ଓ ତାଙ୍କ ସହଯୋଗୀ ପ୍ରଥମ ବର୍ଷର ରାକେଶ ବେହେରା ନାମକ ଛାତ୍ରଙ୍କୁ ଆକ୍ରମଣ କରିଛନ୍ତି। ଏଥିରେ ରାକେଶ ଆହତ ହୋଇଥିବାବେଳେ ସେ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଆକ୍ରମଣ କରିଥିବା ୨ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି।

ସୂଚନା ଅନୁଯାୟୀ, ବାଣୀବିହାର ୬ନମ୍ବର ହଷ୍ଟେଲରେ ରାକେଶ ଏବଂ ଆକ୍ରମଣକାରୀ ଛାତ୍ର ରହୁଛନ୍ତି। ମାର୍କଶିଟ୍ ନେବାକୁ କେନ୍ଦ୍ରକରି ୨ଦିନ ତଳେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ସିନିୟର ଛାତ୍ର ରାଗ ସୁଝାଇବା ପାଇଁ ସୁଯୋଗ ଖୋଜୁଥିଲେ। ମଙ୍ଗଳବାର ରାତି ପ୍ରାୟ ୯ଟାରେ ଉକ୍ତ ସିନିୟର ଛାତ୍ର କେତେଜଣ ସହଯୋଗୀଙ୍କ ସହ ମଦ ପିଇ ରୁମ୍ ଆସି ରାକେଶଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ପିଲାମାନେ ଆକ୍ରମଣକାରୀଙ୍କୁ ଅଟକାଇବାକୁ ଉଦ୍ୟମ କରିବାରୁ ସେମାନଙ୍କୁ ମଧ ଆକ୍ରମଣ କରାଯାଇଥିଲା। ଖବର ପାଇ ପୋଲିସ ପହଞ୍ଚିବା ପରେ ଆକ୍ରମଣକାରୀ ଛାତ୍ର ଫେରାର ହୋଇଯାଇଥିଲେ। ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଗାଳିଗୁଲଜ କରିବାକୁ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ଘଟଣାର ତଦନ୍ତ କରୁଛୁ।

### ବିଧବାଙ୍କୁ ମିଳିବ ହବିଷ ଖର୍ଚ୍ଚ

ପୁରୀ ଅଫିସ, ୨୫।୯

ଶ୍ରୀମନ୍ଦିର ସେବାୟତ କଲ୍ୟାଣ ଯୋଜନାରେ ସେବାୟତ ପରିବାରର ବିଧବା ମହିଳାଙ୍କୁ ଦିଆଯିବ ହବିଷ ଖର୍ଚ୍ଚ। ଶ୍ରୀମନ୍ଦିର ପ୍ରଶାସନ ବିଧବା ଭତ୍ତା ପାଉଥିବା ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ଲେଖାଏ ପ୍ରଦାନ କରିବ। ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଥମଥର ଲାଗି ଏହି ନିଷ୍ପତ୍ତି ନିଆଯାଇଛି। ଗତ ଜୁଲାଇ ୪ରେ ଅନୁଷ୍ଠିତ ସେବକ କଲ୍ୟାଣ ସବ୍‌କମିଟି ଏବଂ ଅଗଷ୍ଟ ୧୮ରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ନିଷ୍ପତ୍ତିକ୍ରମେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି।

## ଫାଷ୍ଟ ରେସ୍‌ପଣ୍ଡର ଟ୍ରେନିଂ ପ୍ରୋଗ୍ରାମ ଆୟୋଜିତ

ଭୁବନେଶ୍ୱର,୨୫।୯

ଇଗ୍ନୋ ରିଜିଅନାଲ୍ ସେଣ୍ଟର ଭୁବନେଶ୍ୱର ଅଧ୍ୟୟନ କେନ୍ଦ୍ର ଚେତନା ମହାବିଦ୍ୟାଳୟ ସେମିନାର ପ୍ରକୋଷ୍ଠରେ ଏକ 'ଫାଷ୍ଟ ରେସପଣ୍ଡର ଟ୍ରେନିଂ ପ୍ରୋଗ୍ରାମ' ଅନୁଷ୍ଠିତ ହୋଇଯାଇଛି। ଇଗ୍ନୋ ଭୁବନେଶ୍ୱର, ଆର୍ଟ ଅଫ୍ ଲିଭିଂ ଆଣ୍ଡ କଲ୍ ଆମ୍ବୁଲାନ୍ସର ମିଳିତ ସହଯୋଗରେ ଏହା ଆୟୋଜନ କରାଯାଇଥିଲା। ଏଥିରେ ଇଗ୍ନୋ ଦୂର ନିରନ୍ତର ଶିକ୍ଷା ଅନ୍ତର୍ଗତ ଅଧ୍ୟୟନରତ ମନୋବିଜ୍ଞାନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଦୂର ନିରନ୍ତର ଛାତ୍ରୀଛାତ୍ରଙ୍କ ଲାଗି ପ୍ରଥମଥର ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଇଗ୍ନୋ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଇଗ୍ନୋର ସହ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ପାଣିଗ୍ରାହୀ , ଆର୍ଟ ଅଫ୍ ଲିଭିଂ କଲ୍ ଆମ୍ବୁଲାନ୍ସର ରାଜ୍ୟ ସଂଯୋଜକ ଭିମଲ କୁମାର ସିଂ, ମୁଖ୍ୟ ପ୍ରଶିକ୍ଷକ ପ୍ରଣବ କୁମାର ଭୋଇ, ଇଗ୍ନୋ ଅଧ୍ୟୟନ କେନ୍ଦ୍ର ସଂଯୋଜକ ବିନୟ ମହାପାତ୍ର, ଅନୁଷ୍ଠାନର ଅଧ୍ୟାପକ ଡ. ଭାଗୀରଥି ମହାପାତ୍ର, ଡ. ବିଚିତ୍ରା ନନ୍ଦ ସ୍ୱାଇଁ ଏବଂ ଅଭିଳାଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଭାଜପା କାର୍ଯ୍ୟାଳୟରେ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ




ଭୁବନେଶ୍ୱର,୨୫।୯(ବ୍ୟୁରୋ) ଭାଜପା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଦଳୀୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଦୀନଦୟାଲଙ୍କ ପ୍ରତିମୂର୍ତ୍ତିରେ ଦଳର ସମସ୍ତ ନେତା ଓ କର୍ମୀମାନେ ଏକତ୍ରିତ ହୋଇ ମାଲ୍ୟାର୍ପଣ କରିଛନ୍ତି। ଏହି ଅବସରରେ ଦଳୀୟ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭା କରାଯାଇ ଦୀନଦୟାଲଙ୍କ ଜୀବନଶୈଳୀ ଉପରେ ଆଲୋଚନା କରାଯାଇଛି। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ପ୍ରଭାରୀ ଅରୁଣ ସିଂ ଏବଂ ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

### ଖୋର୍ଦ୍ଧା ଜିଲାପାଳଙ୍କୁ ଶ୍ରୀମନ୍ଦିର ପ୍ରଶାସନର ଚିଠି: ଖାଲି ଜମି ଚିହ୍ନଟ କରି ତାଲିକା ଦିଅ

ପୁରୀ ଅଫିସ, ୨୫।୯: ଖୋର୍ଦ୍ଧା ଜିଲାରେ ଶ୍ରୀଜଗନ୍ନାଥଙ୍କ ଅବ୍ୟବହୃତ ଓ ଖାଲି ରହିଥିବା ଜମି ଚିହ୍ନଟ କରି ତାଲିକା ଦେବା ଲାଗି ଖୋର୍ଦ୍ଧା ଜିଲାପାଳଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚିଠି ଲେଖାଯାଇଛି। ଉକ୍ତ ଜମି ତାଲିକା ଆସିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାହାକୁ ବିକ୍ରି କରାଯିବାର ଯୋଜନା ରହିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ରାଜ୍ୟର ୨୩ଟି ଜିଲାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୬୦ ହଜାର ୪୧୦ ଏକର ୦୭୩ ଡିସିମିଲ ଜମି ଚିହ୍ନଟ ହୋଇଛି। ଏଥିରୁ ପ୍ରାୟ ୩୫ ହଜାର ଏକର ମହାପ୍ରଭୁଙ୍କ ନାମରେ ଓ ବାକି ଜମିର ରେକର୍ଡ ମାର୍ଫତଦାର ସ୍ୱତ୍ୱରେ ରହିଛି। ମହାପ୍ରଭୁଙ୍କ ସମୁଦାୟ ଜମି ମଧ୍ୟରୁ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୯ ହଜାର ୭୫୨ ଏକର ୯୦୭ ଡିସିମିଲ ଚିହ୍ନଟ ହୋଇ ଥିବାବେଳେ ୧୫୯୦୮.୨୧୦ ଏକରର ରେକର୍ଡ ଠାକୁରଙ୍କ ନାମରେ ରହିଛି।

■ ମହିଳାଙ୍କୁ ତଣ୍ଟିକାଟି ହତ୍ୟା ଘଟଣା

## ଅଭିଯୁକ୍ତ ଠିକାଦାର ସମ୍ବଲପୁରରୁ ଗିରଫ

**ମଜୁରି ଟଙ୍କା ମାଗିବାରୁ ହତ୍ୟା କରିଥିଲେ**

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ଅଶୋକନଗର କାଳିବାରି ବସ୍ତିରେ ଗତ ରବିବାର ରାତିରେ ଖୋର୍ଦ୍ଧା ଜିଲା ବାଣପୁର ନଇରି ଗ୍ରାମର ସୀତା ଦେଇ(୪୫) ନାମ୍ନୀ ମହିଳାଙ୍କୁ ତଣ୍ଟି କାଟି ହତ୍ୟା କରାଯାଇଥିଲା। ଏହି ଘଟଣାର ଅଭିଯୁକ୍ତ ଠିକାଦାର ଶୁକଦେବ କେଉଟ(୪୦)ଙ୍କୁ ପୋଲିସ ସୋମବାର ରାତିରେ ସମ୍ବଲପୁରରୁ ଗିରଫ କରିଛି। ଶୁକଦେବଙ୍କ ଘର ମଧ୍ୟପ୍ରଦେଶର କେନ୍ଦୁଖେଡ଼ ଅଞ୍ଚଳରେ। ତାଙ୍କ ବିରୋଧରେ ପୋଲିସ ଏକ ମାମଲା(୪୦୦/୧୮) ରୁଜୁ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ପୋଲିସ ଏକ ମୋବାଇଲ ଫୋନ ଏବଂ ଏକ ଟାଙ୍ଗିଆକୁ ଜବତ କରିଛି। ମଜୁରି ଟଙ୍କା ମାଗିବାରୁ ଶୁକଦେବ ସୀତାଙ୍କୁ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।



ସୂଚନା ମୁତାବକ, ଅଭିଯୁକ୍ତ ଶୁକଦେବ ଜଣେ ଠିକାଦାରଭାବେ କାମ କରନ୍ତି। ସେ ଏକ ମାସ ହେବ ଅଶୋକନଗର କାଳିବାରି ବସ୍ତିରେ କେ. ପାପା ନାମକ ବ୍ୟକ୍ତିଙ୍କ ଘର ଭଡା ନେଇ ରହୁଥିଲେ। ଶୁକଦେବଙ୍କ ଅଧୀନରେ ସୀତା ମଜୁରିଆ ଭାବେ କାମ କରନ୍ତି। କିନ୍ତୁ ଶୁକଦେବ ତାଙ୍କୁ କିଛିଦିନର ମଜୁରି ଦେଇ ନ ଥିଲେ। ସୀତା ତାଙ୍କୁ ବାରମ୍ବାର ଟଙ୍କା ମାଗୁଥିଲେ ମଧ ସେ ଧରାଛୁଆଁ ଦେଉ ନ ଥିଲେ। ବରଂ ଆଜିକାଲି କହି ଦିନ ଗଡାଉଥିଲେ। ରବିବାର ଶୁକଦେବ ଘରେ ଥିବା ଖବର ପାଇ ସୀତା ସେଠାକୁ ଟଙ୍କା ଆଣିବାକୁ ଯାଇଥିଲେ। କିନ୍ତୁ ଶୁକଦେବ ଟଙ୍କା ଦେବା ବାହାନାରେ ତାଙ୍କୁ ଘର ଭିତରକୁ ଡାକି ନେଇଥିଲେ। ପରେ ଘର ଭିତରପଟୁ କବାଟ ବନ୍ଦ କରି ଏକ ଟାଙ୍ଗିଆରେ ତାଙ୍କ ବେକକୁ ହାଣିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଶୁକଦେବ କବାଟ ଦେଇ ଫେରାର ହୋଇଯାଇଥିଲେ। ରାତି ପ୍ରାୟ ୭ଟାରେ ଜଣେ ପଡୋଶୀ ଉକ୍ତ ଘରକୁ ଯାଇଥିବାବେଳେ ସୀତାଙ୍କ ମୃତଦେହ ତଳେ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସୋମବାର ସକାଳୁ ପୋଲିସ ଫୋରେନସିକ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। କ୍ୟାପିଟାଲ ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଶୁକଦେବଙ୍କ ଫୋନ୍ ନମ୍ବରକୁ ଟ୍ରାକ୍ କରିବା ପରେ ସେ ସମ୍ବଲପୁରରେ ଲୁଚିଥିବା ଜାଣିବାକୁ ପାଇଥିଲା। ଏକ ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା।



ଉପକାର କରି କୌଣସି ଆଶା ରଖିବା ନିଜର ସତ୍‌କର୍ମ ଉପରେ ଆଞ୍ଚ ଆଣିବା ଛଡ଼ା ଅନ୍ୟ କିଛି ନୁହେଁ।
- ମହାତ୍ମା ଗାନ୍ଧୀ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଜାତୀୟ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ, କଳିଙ୍ଗ ଷ୍ଟାଡିୟମ୍, ସକାଳ ୭ଟାରୁ ଆରମ୍ଭ।
- ଓଡ଼ିଶା ସିଏସ୍‌ଆର୍ କନ୍‌କ୍ଲେଭ-୨୦୧୮, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ସକାଳ ୯ଟା ୩୦।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ନ୍ୟାଶନାଲ୍ ସିଲ୍କ ଏକ୍ସପୋ, ହୋଟେଲ ନ୍ୟୁ ମାରିୟନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା।
- ସିଲ୍କ ଫାବ୍ ପ୍ରଦର୍ଶନୀ, ହୋଟେଲ କଳିଙ୍ଗ ଅଶୋକ, ଗୌତମ ନଗର, ପୂର୍ବାହ୍ନ ୧୧ଟାରୁ ରାତି ୮ଟା।
- ପୁରୁଷ ହକି ଖେଳାଳିଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମ, ସାଣ୍ଡିସ୍ ଟାୱାର, ଅପରାହ୍ନ ୨ଟା ୩୦।
- ଶାରଳା ସ୍ମାରକ ପକ୍ଷରୁ ଗଣେଶ ପରିଜା ସ୍ମାରକୀ ବକ୍ତୃତା ଓ ସ୍ମୃତିସଭା, ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।
- ମନୋମାନିନୀର ୨୬ତମ ସମ୍ମାନ ଓ ସମ୍ବର୍ଦ୍ଧନା ଉତ୍ସବ 'ବର୍ଣ୍ଣାଳି-୨୦୧୮', ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ୩ରୁ ସିବିଏସ୍‌ଇ କ୍ଲଷ୍ଟର-୨ ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ



**ଭୁବନେଶ୍ୱର, ୨୫।୯(ବ୍ୟୁରୋ):** ଆସନ୍ତା ଅକ୍ଟୋବର ୩ରୁ ସିବିଏସ୍‌ଇ କ୍ଲଷ୍ଟର-୨ ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ(ବାଳିକା ଓ ବାଳକ) ଅନୁଷ୍ଠିତ ହେବ। ବିଜେଇଏମ୍ ସ୍କୁଲ ପରିସର ଏବଂ ୟୁନିଟ୍-୧ ଇନ୍‌ଡୋର ହଲ୍‌ରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଛତିଶଗଡ଼, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ୯୯ଟି ଟିମ୍ (ବାଳିକା ୩୪ଟି ଓ ବାଳକ ୬୫)ରୁ ପ୍ରାୟ ୧ହଜାର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ୧୭ବର୍ଷରୁ କମ୍ ଏବଂ ୧୯ବର୍ଷରୁ କମ୍ ବାଳିକା ଓ ବାଳକ କ୍ୟାଟେଗୋରିରେ ପ୍ରତିଯୋଗିତା ହେବ। ଖେଳ ମାଧ୍ୟମରେ ଏକତାର ବାର୍ତ୍ତା ଓ କ୍ରୀଡ଼ାର ପ୍ରଚାର ପ୍ରସାର କରିବା ହେଉଛି ଟୁର୍ଣ୍ଣାମେଣ୍ଟର ମୂଳ ଲକ୍ଷ୍ୟ। ୩ଦିନ ଧରି ସିବିଏସ୍‌ଇ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ(ବିଜେଇଏମ୍) ସ୍କୁଲ ପରିଚାଳନା କରିବ। ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ବାସ୍କେଟବଲ ଦଳର ଅଧିନାୟକ ବିଶେଷ ଭୃଗୁବଂଶୀ, ସିବିଏସ୍‌ଇର ଆଞ୍ଚଳିକ ଅଧିକାରୀ ଟି. ମାଟେ ଏବଂ ଉଦ୍‌ଯାପନୀ ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ବିଜେଇଏମ୍ ସ୍କୁଲ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍କୁଲ ଅଧକ୍ଷା ସନ୍ଧ୍ୟା ଜେନା ସୂଚନା ଦେଇଛନ୍ତି। ସ୍କୁଲ ଉପାଧକ୍ଷା ପଲ୍ଲବୀ ମହାପାତ୍ର, ପରିଚାଳନା କମିଟି ଅଧକ୍ଷ ରଘୁନାଥ ମିଶ୍ର, ମ୍ୟାନେଜର ପ୍ରତାପ କୁମାର ଜେନା, ଆଡିଶନାଲ ମ୍ୟାନେଜର ଚିତ୍ତରଞ୍ଜନ ବୈରିଶାଲ, କ୍ରୀଡ଼ା ବିଭାଗ ମୁଖ୍ୟ ସତ୍ୟନାରାୟଣ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଟୁର୍ଣ୍ଣାମେଣ୍ଟର ମାସ୍କଟ ଉନ୍ମୋଚିତ ହୋଇଥିଲା। ଓଡ଼ିଶାର ରାଜ୍ୟ ପକ୍ଷୀ 'ନୀଳକଣ୍ଠ'କୁ ମାସ୍କଟ ଭାବେ ନିଆଯାଇଛି। ନୀଳକଣ୍ଠ ଲୋପ ପାଇଯାଉଥିବା ପ୍ରାଣୀ ତାଲିକାରେ ଥିଲେ ମଧ ଓଡ଼ିଶାରେ ବହୁଳ ମାତ୍ରାରେ ଦେଖାଯାଆନ୍ତି। ନୀଳକଣ୍ଠ ଦେଖିବାକୁ ଅତି ଛୋଟ ହେଲେ ବି ଏହା ଅତି ଚଞ୍ଚଳ ଓ ଅନେକ ପ୍ରକାରର ଚମକପ୍ରଦ ଭଙ୍ଗୀ ପ୍ରଦର୍ଶନ କରିଥାଏ। ତେଣୁ ଏହାକୁ ବିଭିନ୍ନ ଖେଳ ସହ ସଂଯୋଗ କରାଯାଇ ମାସ୍କଟ ଭାବେ ଚୟନ କରାଯାଇଛି ବୋଲି ପଲ୍ଲବୀ ମହାପାତ୍ର କହିଛନ୍ତି।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ୍‌ର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ ସ୍ୱସ୍ତି ଜ୍ୟୋତି ସ୍କୁଲ୍ ଅଫ୍ ବେସିକ୍ ସାଇନ୍ସ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ଅନ୍ୟମାନେ।




ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନରେ ନିଜକୁ ସାମିଲ କରି ସଚେତନତା ସ୍ଲୋଗାନ ସହ ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି ନୟାପଲ୍ଲୀ ବ୍ରିଟ୍ କଲୋନୀ ଉନ୍ନୟନ କମିଟିର ସଦସ୍ୟ ବୃନ୍ଦ।



'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନରେ ସାମିଲ୍ ହୋଇଥିବା ବାଲିଅନ୍ତା ବ୍ଲକ୍ ଭିଙ୍ଗାରପୁରସ୍ଥିତ ଶ୍ରୀ ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ।

## ପଥରଖାଦାନରେ ପଡ଼ି ଯୁବକ ମୃତ

**ବାରଙ୍ଗ,୨୫।୯(ଡି.ଏନ୍.ଏ.)**

ମାଉସୀଘରକୁ ବୁଲିବାକୁ ଆସିଥିବା ଜଣେ ଯୁବକ ମଙ୍ଗଳବାର ଚନ୍ଦକା ଥାନା ଅର୍ନ୍ତଗତ ଭଗବତୀପୁର କଣ୍ଟାବାଡ ଗ୍ରାମମୁଣ୍ଡରେ ଥିବା ପଥରଖାଦାନରେ ପଡି ମୃତ୍ୟୁ ହୋଇଛି। ସେ ହେଲେ ପିପିଲି ଖୋରାପଦା ଗ୍ରାମର ଜୟନ୍ତି ନାୟକଙ୍କ ପୁଅ ସୁମନ ନାୟକ(୨୦)। ପ୍ରକାଶ ଯେ, ସୁମନ ଗତ କିଛିଦିନ ହେବ ମାଉସୀଘରକୁ ବୁଲିବାକୁ ଆସିଥିଲେ । ମଙ୍ଗଳବାର ସକାଳେ ଭଗବତୀପୁର କଣ୍ଟାବାଡ ଗ୍ରାମମୁଣ୍ଡରେ ଥିବା ପଥରଖାଦାନକୁ ଶୌଚ ପାଇଁ ଯାଇଥିବାବେଳେ ପାଣିରେ ପଡିଯାଇଥିଲେ । ଏହି ବାଟରେ ଯାଉଥିବା କେତେକ ଲୋକ ଦେଖି ପରିବାରଲୋକଙ୍କୁ ଜଣାଇବା ପରେ ପାଣିରୁ ସୁମନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଣ୍ଢାଶାଳ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମାଉସୀ କୁହନ୍ତି, ସୁମନଙ୍କୁ ବାତ ରୋଗ ହୋଇଥିଲା। ମଙ୍ଗଳବାର ଆମମାନଙ୍କ ଅଗୋଚରରେ ପଥରଖାଦାନକୁ ଶୌଚ ପାଇଁ ଯାଇଥିବା ବେଳେ ତାଙ୍କୁ ସେଠାରେ ବାତ ମାରିଥିବା ଯୋଗୁ ମୃତ୍ୟୁ ହୋଇଛି। ଏନେଇ ଚନ୍ଦକା ଥାନା ପୋଲିସ ନଂ ୧୪/୧୮ରେ ଏକ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ ଅଫିସ, ୨୫।୯**

ଶ୍ରୀମନ୍ଦିର ଗର୍ଭଗୃହରେ ପଡିଛି ରକ୍ତଛିଟା। ଜଣେ ସେବକଙ୍କ ଗୋଡ଼ ଖସିଯିବାରୁ ସେ ପଡିଯାଇଥିଲେ। ତାଙ୍କ ମୁହଁରେ ଗଭୀର ଆଘାତ ଲାଗିଥିବା ବେଳେ ଗର୍ଭଗୃହରେ ରକ୍ତ ପଡିଥିଲା। ଫଳରେ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଛି। ମଙ୍ଗଳବାର ସକାଳ ଧୂପ ସରି ଭୋଗମଣ୍ଡପ ବସିଥିବା ବେଳେ ଏହି ଘଟଣା ଘଟିଥିଲା। ବଡ଼ ମହାସ୍ନାନ ପାଇଁ ନୀତିରେ ପ୍ରାୟ ୧ ଘଣ୍ଟା ବିଳମ୍ବ ହୋଇଥିବା ଜଣାପଡିଛି।

ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କ ସୂଚନା ମୁତାବକ, ପୂର୍ବାହ୍ନ ୧୧ଟା ୧୫ ସୁଦ୍ଧା ସକାଳ ଧୂପ ସରିଥିଲା। ଭୋଗମଣ୍ଡପ ବସିଥିବା ବେଳେ ପ୍ରାୟ ୧୧ଟା ୪୦ରେ ଦଇତା ସେବକ ଗଙ୍ଗାଧର ଦାସମହାପାତ୍ର ଦର୍ଶନ ପାଇଁ ଯାଇଥିଲେ। ଗର୍ଭଗୃହରେ ତାଙ୍କ ଗୋଡ଼ ଖସିଯିବାରୁ ସେ ତଳେ ପଡିଯାଇଥିଲେ। ତାଙ୍କ ମୁହଁରେ ଆଘାତ ଲାଗି ରକ୍ତଛିଟା ପଡିଥିଲା। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ସେହିଠାରେ ନୀତି ଅଟକିଥିଲା। ଏହାପରେ ବଡ଼ ମହାସ୍ନାନ କରାଯାଇଥିଲା।

ସୂଚନାଥାଉ କି, ପାଳିଆ ସେବକଙ୍କ ଛଡା ଅନ୍ୟ କେହି ଠାକୁରଙ୍କୁ ଛୁଇଁଦେଲେ କିମ୍ବା ଠାକୁରଙ୍କ ଲାଗି ଜିନିଷ ଛୁଆଁ ହୋଇଗଲେ ଛୁଆଁ ଦୋଷ ହୋଇଥାଏ। ଏ କ୍ଷେତ୍ରରେ ମହାପ୍ରଭୁଙ୍କର ମହାସ୍ନାନ ହୋଇଥାଏ। ଛୁଆଁ ହେତୁ ମହାସ୍ନାନ ହେଲେ ମନ୍ଦିର ଧୁଆଯାଏ ନାହିଁ। କେବଳ ପୂଜାପଣ୍ଡା ଆସି ମନ୍ତ୍ର ପଢି ପଞ୍ଚାମୃତରେ ମହାସ୍ନାନ ପୂଜା କରିଥାନ୍ତି। ସୋମବାର ମଧ ଏହିପରି ଭାବେ ମହାପ୍ରଭୁଙ୍କ ମହାସ୍ନାନ ହୋଇଥିଲା। ସନ୍ଧ୍ୟା ଆଳତି ପରେ ଠାକୁରଙ୍କ ମଇଲମ ହୋଇ ବେଶ ସମୟରେ ଶ୍ରୀମନ୍ଦିରର ଜଣେ କର୍ମଚାରୀ (ଚର୍ଚ୍ଚା)ଙ୍କ ହାତ ଫୁଲମାଳରେ ବାଜି ଯାଇଥିଲା। ସେହିଠାରେ ନୀତି ଅଟକିଥିଲା। ମହାପ୍ରଭୁଙ୍କ ମହାସ୍ନାନ ପରେ ଅଟକିଥିବା ନୀତି ପୁଣି ଆରମ୍ଭ ହୋଇଥିଲା।

### ଗର୍ଭଗୃହରେ ରକ୍ତଛିଟା



### କାହିଁକି ହୁଏ ବଡ଼ ମହାସ୍ନାନ

ସ୍ୱତ୍ୱଲିପି ମୁତାବକ, ଶ୍ରୀମନ୍ଦିରରେ ଅକସ୍ମାତ୍ ଦୁର୍ଘଟଣା ଘଟିଲେ ଅର୍ଥାତ୍ କୁକୁର ପ୍ରବେଶ କଲେ କିମ୍ବା ଶ୍ରୀମନ୍ଦିର ହତାରେ ମୃତଦେହ ଓ ଅସ୍ଥି ଦେଖାଗଲେ ଠାକୁରଙ୍କ ନୀତି ବନ୍ଦ ରୁହେ। ନୀତିର ଉପକରଣମାନ ବାହାରକୁ ବାହାର କରାଯାଇ ଠାକୁରଙ୍କ ବଡ଼ ମହାସ୍ନାନ ହୋଇଥାଏ। ଜୟ ବିଜୟ ଦ୍ୱାରଠାରୁ ଭିତର ପୋଖରିଆ ପର୍ଯ୍ୟନ୍ତ ଧୁଆଯାଇ ଚୂନପାଣି ପଡେ। ରତ୍ନସିଂହାସନରେ ପୋଛା ମରାଯିବା ପରେ ସିଂହାସନ ତଳେ ମହାସ୍ନାନ ପୂଜା ବଢିଥାଏ। ଏହି ମହାସ୍ନାନ ପୂର୍ବରୁ ସମସ୍ତ ରୋଷ ଧୁଆଯାଏ। ରୋଷଘରେ ଥିବା ସମସ୍ତ ଜିନିଷ ବାହାର କରାଯାଏ। ପୁନର୍ବାର ରୋଷରେ ହୋମ ହୁଏ। ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ହୋଇଥାଏ। ସେହିପରି ଭିତରକାଠ ପାଖରୁ ସିଂହାସନ ପର୍ଯ୍ୟନ୍ତ କୌଣସି ସ୍ଥାନରେ ଯଦି ଝାଡ଼ା, ପରିସ୍ରା ଓ ଛେପ ଆଦି ପଡେ ତେବେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ହୁଏ। କୌଣସି କାରଣବଶତଃ ରକ୍ତଛିଟା ପଡିଲେ ବି ବଡ଼ ମହାସ୍ନାନ ହୋଇଥାଏ। ଏଥିରେ ରତ୍ନ ସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୁଆ ହୋଇ ଚୂନପାଣି ପଡେ। ପୂଜାପଣ୍ଡା ବଡ଼ ମହାସ୍ନାନ ପୂଜା କରିବା ପରେ ପୁଣି ନୀତି ଆରମ୍ଭ ହୁଏ।

## ନନ୍ଦନକାନନରେ ପର୍ଯ୍ୟଟକ ଅଚେତ
### ୪୫ମିନିଟ ପରେ ଡାକ୍ତରଖାନାକୁ ପଠାଗଲା

**ବାରଙ୍ଗ,୨୫।୯(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ରାଜ୍ୟ ତଥା ରାଜ୍ୟବାହାରୁ ପର୍ଯ୍ୟଟକ ଆସୁଥିଲେ ମଧ ସେମାନଙ୍କ ସୁରକ୍ଷାରେ ଅବହେଳା ହୋଇଥିବା ମଙ୍ଗଳବାର ଜଣାପଡ଼ିଛି। ଜଣେ ପର୍ଯ୍ୟଟକ ପରିଭ୍ରମଣ କରୁଥିବା ସମୟରେ ଅଚାନକ ତଳେ ପଡିଯାଇ ଅଚେତ ହୋଇ ଯାଇଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ଯେ ପର୍ଯ୍ୟଟକ ଜଣକ ଅଚେତ ଅବସ୍ଥାରେ ପଡିଥିଲେ ମଧ ଉଦ୍ଧାର ପାଇଁ କୌଣସି ସିକ୍ୟୁରିଟି ବିଭାଗ ଅଧିକାରୀଙ୍କ ଦେଖା ମିଳି ନଥିଲା। ପ୍ରାୟ ୪୫ମିନିଟ ପରେ ଜନ୍ତୁ ବିଭାଗର ରେଞ୍ଜର ପହଞ୍ଚି ନନ୍ଦନକାନନର ଏକ ଗାଡି ଯୋଗେ ତାଙ୍କୁ ଚିକିତ୍ସା ପାଇଁ ପଠାଇଥିଲେ।

ପ୍ରକାଶ ଯେ, ମଧ୍ୟପ୍ରଦେଶରୁ ଆସିଥିବା ଅଙ୍କିତ ତିୱାରୀ(୫୪)ନାମକ ପର୍ଯ୍ୟଟକ ସପରିବାର ନନ୍ଦନକାନନ ପରିଭ୍ରମଣ କରୁଥିଲେ। ଅପରାହ୍ନ ୪ଟାରେ କୁତ୍ରା ଏନକ୍ଲୋଜର ପାଖରେ ବୁଲୁଥିବାବେଳେ ହଠାତ ଅଙ୍କିତ ତଳେ ପଡି ଅଚେତ ହୋଇଯାଇଥିଲେ। ସେହିବାଟେ ଯାଉଥିବା ଅନ୍ୟ ପର୍ଯ୍ୟଟକମାନେ ଥିଲେ ମଧ ଅଚେତ ଅଙ୍କିତକୁ ଡାକ୍ତରଖାନା ନେବାର କୌଣସି ବ୍ୟବସ୍ଥା ହୋଇପାରି ନଥିଲା। ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କ ମୁଣ୍ଡରେ ପାଣି ମାରିବା ସହ କାନ୍ଦିକାନ୍ଦି ଗୋଡ ଘଷୁଥିବାର ଦେଖିବାକୁ ମିଳିଥିଲା। ଜଣେ ପର୍ଯ୍ୟଟକର ଜୀବନମରଣ ସମସ୍ୟା ଥିବାବେଳେ ସିକ୍ୟୁରିଟି ବିଭାଗ ରେଞ୍ଜରଙ୍କ ପତ୍ତା ମିଳି ନଥିଲା। ଘଟଣାର ୪୫ମିନିଟ ପରେ ଜନ୍ତୁବିଭାଗ ରେଞ୍ଜର ଅଶୋକ କୁମାର ଦାସ ସେହିବାଟ ଦେଇଯାଉଥିବାବେଳେ ଭିଡଦେଖି ଆସିବା ପରେ ପର୍ଯ୍ୟଟକଜଣଙ୍କ ଅଚେତ ଥିବାର ଜାଣିବାକୁ ପାଇଥିଲେ। ଏହାପରେ ନନ୍ଦନକାନନର ଏକ ଗାଡି ଯୋଗେ ଅଙ୍କିତକୁ ଚିକିତ୍ସା ପାଇଁ ପଠାଇଥିଲେ।ଏବିଷୟରେ ସିକ୍ୟୁରିଟି ବିଭାଗ ରେଞ୍ଜର ମନୋରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ମୁଁ ଜାଣିଛି ଆମ କର୍ମଚାରୀମାନେ ଆହତଙ୍କୁ ଚିକିତ୍ସା ପାଇଁ ପଠାଇଛନ୍ତି।

## ଶ୍ରୀମନ୍ଦିରରେ ଇନ୍ଦ୍ର, ଚନ୍ଦ୍ର, ଗୋବିନ୍ଦ ବନ୍ଦାପନା ନୀତି
## ହରଚଣ୍ଡୀ ସାହିରୁ ବାହାରିଲା ଐରାବତ ହସ୍ତୀ

**ପୁରୀ ଅଫିସ, ୨୫।୯**

ମଙ୍ଗଳବାର ଶ୍ରୀମନ୍ଦିରରେ ଭାଦ୍ରବ ପୂର୍ଣ୍ଣିମା ନୀତି ପାଳିତ ହୋଇଛି। ଏହି ପବିତ୍ର ତିଥିରେ ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କ ବନ୍ଦାପନା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଖଣ୍ଡିଏ ଆଜ୍ଞାମାଳ ଲାଗି ହୋଇଥିଲା। ଦକ୍ଷିଣୀ ଘର ଭୋଗ ସରିବା ପରେ ଦୋଳଗୋବିନ୍ଦଙ୍କୁ ମହାଜନ ସେବକ ହସ୍ତରେ ବିଜେ କରାଇ ରତ୍ନସିଂହାନକୁ ନେଇଥିଲେ। ସେଠାରେ ପୂଜାପଣ୍ଡା ଦୋଳଗୋବିନ୍ଦଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରିଥିଲେ। ଏହାପରେ ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ଦୋଳଗୋବିନ୍ଦଙ୍କୁ ବିଜେ କରାଯାଇଥିଲା। ବିମାନବଡୁମାନେ ଘଣ୍ଟ, ଛତା, କାହାଳି ସହିତ ପାଲିଙ୍କିକୁ ନେଇ ସିଂହଦ୍ୱାର ନିକଟରେ ଥିବା ବଡ଼ଛତା ମଠ ପାର୍ଶ୍ୱରେ ରଖିଥିଲେ। ସେଠାରେ ଶୀତଳ ଭୋଗ ହେବା ପରେ ଭିତରଛ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର ଏବଂ ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ। ଏହି ଅବସରରେ ହରଚଣ୍ଡୀ ସାହି ଆଖଡ଼ାରୁ ସୁସଜ୍ଜିତ ଐରାବତୀ ହସ୍ତୀ ବାହାରିଥିଲା। ଏହି ହସ୍ତୀ ଉପରେ ଇନ୍ଦ୍ର ଏବଂ ମାହୁନ୍ତ ବେଶରେ ଦୁଇଜଣ ସିଂହଦ୍ୱାର ନିକଟକୁ ଆସି ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦ ବନ୍ଦାପନା ନୀତିରେ ସାମିଲ ହୋଇଥିଲେ। ବନ୍ଦାପନା ପରେ ଠାକୁର ବଡ଼ଦେଉଳକୁ ବିଜେ କରିଥିଲେ।



## ଡ୍ରେସ୍‌କୋଡ୍ ବର୍ଜନ କଲା ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ

**ଭୁବନେଶ୍ୱର, ୨୫।୯(ବ୍ୟୁରୋ):** ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଧାରଣା ମଙ୍ଗଳବାର ୨୦ ଦିନରେ ପହଞ୍ଚିଛି। ମଙ୍ଗଳବାରଠାରୁ ଶିକ୍ଷକମାନେ ଡ୍ରେସ୍‌କୋଡ୍ ବର୍ଜନ କରିଛନ୍ତି। ଆସନ୍ତା ୨୯ ତାରିଖରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ମହାସମାବେଶ ଓ ଅହୋରାତ୍ର ଧାରଣା ଅନୁଷ୍ଠିତ ହେବ ବୋଲି ମହାସଂଘର ମୁଖ୍ୟ ଆବାହକ ବଙ୍କିମ ଚନ୍ଦ୍ର ସାଗର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗ୍ରେଡ୍ ପେ' ୨୮୦୦ ଟଙ୍କା କରାଯିବା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଷୟଭିତ୍ତିକ ଶିକ୍ଷକ ନିଯୁକ୍ତି ସମେତ ୬ଦଫା ଦାବି ନେଇ ମହାସଂଘ ପକ୍ଷରୁ ଧାରଣା ଜାରି ରହିଛି। ସରକାରଙ୍କ ପକ୍ଷରୁ ଦାବି ପୂରଣ ନିମନ୍ତେ ସବୁଜ ସଙ୍କେତ ମିଳିଥିଲେ ମଧ ବିଜ୍ଞପ୍ତି ପ୍ରକାଶ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

# ଚତୁର୍ମାସ୍ୟା ବ୍ରତ ଶେଷ କଲେ ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ, ୨୫।୯**

ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଭାଦ୍ରବ ପୂର୍ଣ୍ଣିମାରେ ମଙ୍ଗଳବାର ଚତୁର୍ମାସ୍ୟା ବ୍ରତ ସମାପନ କରିଛନ୍ତି। ଏହି ଅବସରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ମଠରୁ ବାହାରି ମା' ବାଟମଙ୍ଗଳାଙ୍କୁ ଦର୍ଶନ କରିଥିଲେ। ସେଠାରୁ ଫେରି ସନ୍ଧ୍ୟାରେ ସମୁଦ୍ର ଆଳତି କରି ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଏ ସମ୍ପର୍କରେ ଗୋବର୍ଦ୍ଧନ ପୀଠର ପ୍ରବକ୍ତା ମନୋଜ ରଥ କୁହନ୍ତି, ଆଷାଢ ପୂର୍ଣ୍ଣିମାଠାରୁ ଭାଦ୍ରବ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମୟକୁ ଚତୁର୍ମାସ୍ୟା କୁହାଯାଏ। ଏହି ଚାରିପକ୍ଷକୁ ଚାରିମାସ ଭାବେ ଅଭିହିତ କରାଯାଏ। ଏହି ସମୟରେ ସାଧୁ, ସନ୍ଥମାନେ ଆଶ୍ରମ ଛାଡି ବାହାରକୁ ଯାନ୍ତି ନାହିଁ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଧ ପୁରୀ ସୀମା ପାର୍ ହୋଇ ନ ଥାନ୍ତି। ପୀଠରେ ରହି ଶିଷ୍ୟ, ସାଧକଙ୍କୁ ଅଦ୍ୱୈତ ବେଦାନ୍ତର ଶିକ୍ଷା ପ୍ରଦାନ କରିଥାନ୍ତି। ଚତୁର୍ମାସ୍ୟାର ଶେଷ ଦିନ ଭାଦ୍ରବ ପୂର୍ଣ୍ଣିମାରେ ଶଙ୍କରାଚାର୍ଯ୍ୟ ମା' ବାଟମଙ୍ଗଳାଙ୍କୁ ଦର୍ଶନ କରି ପୀଠକୁ ଫେରନ୍ତି। ଏହାକୁ ସୀମା ପାର୍ ବୋଲି କୁହାଯାଏ। ବୁଧବାର ଗୁରୁଜୀ କଟକ ଗସ୍ତରେ ଯିବେ। ଏହାପରେ ପ୍ରାୟ ଦେଢମାସ ଧର୍ମ ପ୍ରଚାର କାର୍ଯ୍ୟରେ ବାହାରକୁ ଯାଇ ନଭେମ୍ବର ୫ରେ ପୁରୀ ଫେରିବେ ବୋଲି ରଥ ସୂଚନା ଦେଇଛନ୍ତି।

### ସୀମା ପାର୍ ହେଲେ, ସମୁଦ୍ର ଆଳତି କଲେ



ଶଙ୍କରାଚାର୍ଯ୍ୟ ସମୁଦ୍ର ଆଳତି କରୁଛନ୍ତି।

# ଆୟରଙ୍କୁ ଜେରା ପାଇଁ ପୋଲିସର ପ୍ରସ୍ତୁତି

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)**

ଓଡିଶା ସମ୍ପର୍କରେ ଅରୁଚିକର ମନ୍ତବ୍ୟ ଦେଇ ଗିରଫ ହେବା ପରେ ଜାମିନରେ ଆସିଥିବା ଅଭିଜିତ୍ ଆୟର ମିତ୍ର ଆସନ୍ତା ୨୮ ତାରିଖରେ କୋଣାର୍କ ଥାନାରେ ହାଜର ହେବେ। ତେଣୁ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପର୍କରେ ଓଡ଼ିଶା ପୋଲିସ ପକ୍ଷରୁ କିଭଳି ପଦକ୍ଷେପ ନିଆଯିବ, ଜେରା ସମୟରେ କ'ଣ ପ୍ରଶ୍ନ କରାଯିବ ସେନେଇ ପ୍ରସ୍ତୁତି ହୋଇଛି। ଏଥିଲାଗି ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ ଅଫିସରେ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ବୈଠକରେ ଅଭିଜିତଙ୍କ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହାସହ ଅଭିଜିତ୍ ଓଡିଶା ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ତାଙ୍କୁ ଅନେକ ସଂଗଠନ ରାଜ୍ୟରେ ପୂରାଇ ନ ଦେବା ପାଇଁ ଚେତାବନୀ ଦେଇଛନ୍ତି। ତେଣୁ ସେ ଥାନାରେ ହାଜର ହେବା ସମୟରେ ଯେପରି କିଛି ଅପ୍ରୀତିକର ପରିସ୍ଥିତି ନ ଘଟେ ସେଥିଲାଗି କି ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ସେନେଇ ମଧ ଆଲୋଚନା ହୋଇଛି। କେଉଁଦିନ ଏବଂ କେତେ ସମୟରେ ସେ ହେଲିକପ୍ଟରରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ସହ ବୁଲିଥିଲେ, କେଉଁ ସ୍ଥାନକୁ ଯାଇଥିଲେ ଏବଂ ଚିଲିକା ଉପରେ ବୁଲିବା ବିଷୟରେ ପଚରାଉଚରା କରାଯିବ ବୋଲି ଜଣାପଡିଛି। ଡିଜିସିଏ ରିପୋର୍ଟ ଉପରେ ମଧ ଆଲୋଚନା କରାଯାଇଛି। ଅଭିଜିତଙ୍କ ବିରୋଧରେ ଶହୀଦନଗର ଥାନା ଓ କୋଣାର୍କ ଥାନାରେ ଦୁଇଟି ମାମଲା ରହିଛି। କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ବୈଠକରେ ବିଭିନ୍ନ ଆପରାଧିକ ମାମଲା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାସହ ଆୟରଙ୍କ ବିଷୟରେ ମଧ ଆଲୋଚନା କରାଯାଇଛି। କିନ୍ତୁ ସେନେଇ ଗଣମାଧ୍ୟମକୁ କିଛି କହିହେବ ନାହିଁ ବୋଲି ଆଇଜି କହିଥିଲେ।



> ଏ ସଂସାରରେ ଯଦି ଜଣେ ହେଲେ ଲୋକ ଉପରେ ତୁମେ ବିଶ୍ୱାସ ସ୍ଥାପନ କରିପାରିଛ, ତେବେ ତୁମେ କେବେହେଲେ ଅସହାୟ ନୁହଁ।
> - ଜର୍ଜ ଏଲିଏଟ୍



## ସଂକ୍ଷେପରେ

### ରାସ୍ତାରେ ଜଳିଗଲା ଚଳନ୍ତା କାର ୩ଦିନରେ ୨ ଘଟଣା



**ଖୋର୍ଦ୍ଧା ଅଫିସ/ଯାଁଳା/ବାରଙ୍ଗ, ୨୫।୯(ଡି.ଏନ.ଏ.):** ପିତାପଲ୍ଲୀ-ବାରଙ୍ଗ ରାସ୍ତାର ଗଙ୍ଗପଡା ନିକଟରେ ମଙ୍ଗଳବାର ଭୋରରେ ଏକ ଚଳନ୍ତା କାର ଜଳିଯାଇଛି। ଘଟଣାଟି ଚନ୍ଦକା ଥାନା ମେଣ୍ଢାଶାଳା ଫାଣ୍ଡି ଅଞ୍ଚଳରେ ଘଟିଛି। ରାସ୍ତା ଉପରେ ପୋଡି ଯାଇଥିବା କାରଟି ରହିଛି। ଏ ନେଇ ଫାଣ୍ଡି କି ଥାନାରେ କୌଣସି ଅଭିଯୋଗ ହୋଇନାହିଁ। କାର କାହାର ସେ ନେଇ କେହି ମଧ ଦାବିଦାର ନ ଥିବା ଥାନା ସୂତ୍ରରୁ ଜଣାପଡିଛି। ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗତ ୩ ଦିନ ମଧରେ ରାସ୍ତା ଉପରେ ୨ଟି କାର ଜଳିଗଲାଣି। ପ୍ରକାଶ ଥାଉ କି କଲିକତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ଗଙ୍ଗପଡା ନିକଟରେ (ନଂ. ଓଡି ୩୩ ସି ୩୬୭୩)ର କାର ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ଜଳି ଯାଇଥିଲା। କାର ଜଳିବାର କାରଣ ଏଯାବତ ଜଣାପଡିନି। କାରରେ ଯାଉଥିବା ଭୁବନେଶ୍ୱର ଚନ୍ଦ୍ରଶେଖରପୁର ବିଡିଏ କଲୋନୀର ଭଉଣୀଭାଇ ବର୍ତ୍ତି ଯାଇଥିଲେ। ଘଟଣାଟି ଜଟଣୀ ଥାନାର ଯାଁଳା ଫାଣ୍ଡି ଅଞ୍ଚଳରେ ଘଟିଥିଲା।

## ରୋଗୀଙ୍କ ଜୀବନ ସହ ଖେଳ

# ଏ ପଜିଟିଭ୍ ବଦଳରେ ଦିଆଗଲା ବି ପଜିଟିଭ୍ ରକ୍ତ

**କଟକ ଅଫିସ,୨୫।୯**

ରୋଗୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ଘରୋଇ ହସ୍ପିଟାଲ। ଅସ୍ତ୍ରୋପଚାର ହୋଇଥିବା ଜଣେ ରୋଗୀଙ୍କୁ ଏ ପଜିଟିଭ୍ ବଦଳରେ ଦିଆଯାଇଛି ବି ପଜିଟିଭ୍ ରକ୍ତ। ଫଳରେ ସମ୍ପୃକ୍ତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଛି। ମାଲଗୋଦାମ ଥାନା ଅନ୍ତର୍ଗତ ଛତ୍ରବଜାର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଘଟିଛି ଏହି ସ୍ପର୍ଶକାତର ଘଟଣା। ଏନେଇ ରୋଗୀଙ୍କ ପରିବାର ଲୋକେ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି।

### ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

ଅଭିଯୋଗ ଅନୁସାରେ, ଭଦ୍ରକ ଜିଲା ଚରମ୍ପା ଅଞ୍ଚଳର ସରୋଜିନୀ ଦାସ ନାମ୍ନୀ ଜଣେ ମହିଳା ପେଟରୋଗରେ ପୀଡିତ ଥିଲେ। ଚିକିତ୍ସା ପାଇଁ ଶୁକ୍ରବାର ତାଙ୍କୁ ପରିବାର ଲୋକେ କଟକ ଆଣି ମାଲଗୋଦାମ ଥାନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରୀକ୍ଷା ପରେ ସରୋଜିନୀଙ୍କ ପେଟରେ ଟ୍ୟୁମର ହୋଇଥିବା ଜଣାପଡିଥିଲା। ରବିବାର ଉକ୍ତ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦେଖି ୨ ୟୁନିଟ୍ ରକ୍ତ ଦିଆଯିବା ଆବଶ୍ୟକ ବୋଲି ଡାକ୍ତର କହିଥିଲେ। ସୋମବାର ହସ୍ପିଟାଲ ତରଫରୁ ତାଙ୍କୁ ରକ୍ତ ଦିଆଯାଇଥିଲା। ହେଲେ ସରୋଜିନୀଙ୍କ ବ୍ଲଡ ଗ୍ରୁପ୍-ଏ ପଜିଟିଭ୍ ହୋଇଥିବାବେଳେ ହସ୍ପିଟାଲ ତରଫରୁ ତାଙ୍କୁ ବି-ପଜିଟିଭ୍ ରକ୍ତ ଦିଆଯାଇଥିଲା। ୩୦ ମିନିଟ୍ ପର୍ଯ୍ୟନ୍ତ ବି-ପଜିଟିଭ୍ ରକ୍ତ ସରୋଜୀନିଙ୍କ ଶରୀରକୁ ଯାଇଥିଲା। ପାଖରେ ଥିବା ତାଙ୍କ ଝିଅ ଦିଆଯାଉଥିବା ଉକ୍ତ ରକ୍ତ ପାଉଚରେ ବି ପଜିଟିଭ୍ ଲେଖା ହୋଇଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଜଣାଇବାରୁ ଡାକ୍ତର ପହଞ୍ଚି ରକ୍ତ ଦେବା ବନ୍ଦ କରିଥିଲେ। କିନ୍ତୁ ସେତେବେଳକୁ ସରୋଜିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡି ଯାଇଥିଲା। ପରେ ଜଣାପଡିଲା ଯେ, ନର୍ସଙ୍କ ଖାମଖିଆଲ ଯୋଗୁ ସରୋଜିନୀଙ୍କୁ ଭୁଲ ରକ୍ତ ଦିଆଯାଇଥିଲା। ସରୋଜୀନିଙ୍କୁ ଦିଆଯିବାକୁ ଥିବା ରକ୍ତ ଅନ୍ୟ ଜଣେ ରୋଗୀଙ୍କୁ ଦିଆଯାଇଥିଲା। ଏହି ଘଟଣା କଟକରେ ଘରୋଇ ହସ୍ପିଟାଲରେ ଚାଲିଥିବା ଚିକିତ୍ସା ସେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆରମ୍ଭ ହେଲା ପିତୃପକ୍ଷ

**ପୁରୀ ଅଫିସ, ୨୫।୯**

ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ପିତୃପକ୍ଷ। ଏହା ୧୫ ଦିନ ଅର୍ଥାତ୍ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ୧୫ ଦିନରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ଏଥିଲାଗି ଶ୍ରୀକ୍ଷେତ୍ରକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି। ପିତୃପକ୍ଷ ପ୍ରଥମ ଦିନରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ସ୍ନାନକରି ତିଳତର୍ପଣ କରିଛନ୍ତି। ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ ପିତୃପକ୍ଷ କୁହାଯାଏ। ପିତୃପୁରୁଷଙ୍କ ମୃତ୍ୟୁ ତିଥିରେ ତାଙ୍କ ଉତ୍ତର ପୁରୁଷ ତିଳତର୍ପଣ ସହ ମହାଳୟା ବିଧିରେ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି। ଯେଉଁମାନେ ତିଥିରେ ଶ୍ରାଦ୍ଧ କରିପାରନ୍ତି ନାହିଁ ସେମାନେ ମହାଳୟା ଦିନ ଶ୍ରାଦ୍ଧ ଦେଇଥାନ୍ତି। ତର୍ପଣ ଓ ଶ୍ରାଦ୍ଧ କରିବା ଦ୍ୱାରା ପିତୃଲୋକ ସନ୍ତୁଷ୍ଟ ହୋଇ ପରିବାରର ସୁଖ, ଶାନ୍ତି, ସମୃଦ୍ଧି ବୃଦ୍ଧି କରିଥାନ୍ତି। ଅନେକ ବ୍ୟକ୍ତି ଯେଉଁମାନେ ଘରେ ଶ୍ରାଦ୍ଧ ଦେଇ ନ ପାରନ୍ତି ସେମାନେ ବାଇଶି ପାହାଚରେ ପିଣ୍ଡଦାନ କରିଥାନ୍ତି। ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ ଅନ୍ଧାରରେ ଆସ ଆଲୁଅରେ ଯାଅ ବୋଲି କୁହାଯାଇ ବିଦାୟ ଦିଆଯାଏ।



ନରେନ୍ଦ୍ର ପୁଷ୍କରିଣୀରେ ପିତୃପୁରୁଷଙ୍କୁ ତିଳତର୍ପଣ କରାଯାଉଛି।

## ୨୭ରେ ଖୋଲିବ ବ୍ରହ୍ମବିଭ୍ରାଟ ଗୁମର

# ରିପୋର୍ଟରେ ୬ ଜଣଙ୍କ ନାମ

**ପୁରୀ ଅଫିସ,୨୫।୯**

ଆସନ୍ତା ୨୭ ତାରିଖରେ ଖୋଲିବ ବ୍ରହ୍ମବିଭ୍ରାଟ ରିପୋର୍ଟ। ସେହିଦିନ ଅନୁଷ୍ଠିତ ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ସବ୍ କମିଟି ଦ୍ୱାରା ପ୍ରଦତ୍ତ ରିପୋର୍ଟ ସାର୍ବଜନୀନ ହେବ ବୋଲି ଜଣାପଡିଛି। ପରିଚାଳନା କମିଟି ବୈଠକ ଏଜେଣ୍ଡାରେ ସ୍ଥାନ ପାଇଛି ବ୍ରହ୍ମବିଭ୍ରାଟ ପ୍ରସଙ୍ଗ। କେଉଁ ପରିସ୍ଥିତିରେ ଏବଂ କିଭଳି ବ୍ରହ୍ମ ସଂସ୍ଥାପନରେ ବିଭ୍ରାଟ ହୋଇଥିଲା, ଏଥିପାଇଁ ଦାୟୀ କିଏ, କ'ଣ ହେବ କାର୍ଯ୍ୟାନୁଷ୍ଠାନ ଏସବୁ ପଦାକୁ ଆସିବ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ରିପୋର୍ଟରେ ୬ ଜଣଙ୍କ ନାମ ରହିଛି। ବ୍ରହ୍ମବିଭ୍ରାଟ ଘଟଣା ପରେ ଦୁଇଜଣ ଦଇତା ସେବକଙ୍କୁ ନିଲମ୍ବନ କରାଯାଇଥିଲା। ବର୍ତ୍ତମାନ ଯେଉଁ ରିପୋର୍ଟ ଆସିବ ତାହା କେବଳ ତାଗିଦ୍ ଭିତରେ ହିଁ ସୀମିତ ରହିବ। ଦୋଷୀଙ୍କ ବିରୋଧରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେବନାହିଁ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ମୂଳ ରିପୋର୍ଟ ନେଇ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଉପଯୁକ୍ତ ତଥ୍ୟ ନ ଥିବା କୁହାଯାଉଛି। ଦୀର୍ଘ ୩ ବର୍ଷ ପରେ ଏହି ରିପୋର୍ଟ ଆସିବାକୁ ଯାଉଥିବା ବେଳେ ଏହାକୁ ନେଇ ସମସ୍ତଙ୍କ ମଧରେ ଉତ୍କଣ୍ଠା ରହିଛି। ଅନ୍ୟପକ୍ଷରେ ୨୭ରେ ହେବାକୁ ଥିବା ପରିଚାଳନା କମିଟିରେ ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ସେଗୁଡ଼ିକ ହେଲା ୟୁନିଫର୍ମ ପଲିସି ସଂଶୋଧନକୁ ଅନୁମୋଦନ ଏବଂ ସୁପ୍ରିମ୍‌କୋର୍ଟଙ୍କ ପ୍ରସ୍ତାବ ଉପରେ ଗଠିତ ୩ଟି ସବ୍‌କମିଟିର ରିପୋର୍ଟ ଉପସ୍ଥାପନ ଏବଂ ତର୍ଜମା।

### ତାଗିଦ୍‌ରେ ସୀମିତ ରହିପାରେ କାର୍ଯ୍ୟାନୁଷ୍ଠାନ

ସୂଚନାଯୋଗ୍ୟ, ୨୦୧୫ ଜୁନ୍ ୧୫ରେ ମହାପ୍ରଭୁଙ୍କ ବ୍ରହ୍ମ ସଂସ୍ଥାପନ କାର୍ଯ୍ୟ ସମ୍ପନ୍ନ ହେବାର ଥିଲା। କିନ୍ତୁ ଏଥିରେ ଅହେତୁକ ବିଳମ୍ବ ଘଟିଥିଲା। ଜୁନ୍ ୧୬ ତାରିଖ ସ୍ପଷ୍ଟ ଦିବାଲୋକରେ ହୋଇଥିଲା ବ୍ରହ୍ମ ସଂସ୍ଥାପନ। ବ୍ରହ୍ମବିଭ୍ରାଟକୁ ନେଇ ସରକାର ତତ୍କାଳୀନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଦୁଇବର୍ଷ ବିତିଯାଇଥିଲେ ବି ସେ ରିପୋର୍ଟ ଦେଇ ନ ଥିଲେ। ଏହାପରେ ତାଙ୍କର ବଦଳି ହୋଇଯାଇଥିଲା। ପ୍ରଦୀପ ଜେନା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା ସମୟରେ ବ୍ରହ୍ମବିଭ୍ରାଟ ତଦନ୍ତ ରିପୋର୍ଟ ଆସିଥିଲା। ଗତ ମାର୍ଚ୍ଚ ୨୦ ତାରିଖରେ ନବଗଠିତ ପରିଚାଳନା କମିଟି ପ୍ରଥମ ବୈଠକରେ ଏହି ରିପୋର୍ଟ ଉପରେ ଆଲୋଚନା ହୋଇଥିଲା। ହେଲେ ପରିଚାଳନା କମିଟି ୩ ଜଣିଆ ସବ୍‌କମିଟି ଗଠନ କରି ବ୍ରହ୍ମବିଭ୍ରାଟ ରିପୋର୍ଟ ଭାଗ୍ୟ ସେମାନଙ୍କ ହାତରେ ଛାଡିଦେଇଥିଲା। ଗତ ଅଗଷ୍ଟ ୧୮ ବୈଠକରେ କମିଟି ରିପୋର୍ଟ ଦେଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେପ୍ଟେମ୍ବର ୩୦ ସୁଦ୍ଧା ରିପୋର୍ଟ ସାର୍ବଜନୀନ ହେବ ବୋଲି ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ। ଇତିମଧ୍ୟରେ ସବ୍‌କମିଟି ରିପୋର୍ଟ ଦେଇଥିବା କୁହାଯାଉଛି।


No.III-35

# ଓଡ଼ିଶା ସରକାର

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-BLS-0032-2018/21199 R&DM — Dated : 11.06.2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ମିରିଗିଣି, ଥାନା- ନୀଳଗିରି ସଂ-୯୪, ତହସିଲ-ନୀଳଗିରି, ଜିଲ୍ଲା-ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୨୬.୯୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013)ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ସୋରୋ କେନାଲ ଡିଭିଜନ, ସୋରୋ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପଜିଲ୍ଲାପାଳ, ନୀଳଗିରି।
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ନୀଳଗିରି | ମିରିଗିଣି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୪୮.୮୧ | ଏ. ୨୬.୯୬ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ)
ଯୁଗ୍ମ ଶାସନ ସଚିବ

# LAND SCHEDULE

Land Acquisition for excavation of Salandi Left Main Cenal of Anandapur Barrage Project of Vill- Mirigini, P.S.- Nilagiri No.-94, Tahasil-Nilagiri, Dist- Balasore.

L.A. Case No.- 64/17

| କ୍ରମିକ ନଂ | ଖାତା ନଂ | ଜମି ମାଲିକଙ୍କ ନାମ-ପିତା, ଜାତି, ବାସସ୍ଥାନ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯ | ଅପର୍ତ୍ତି ଚରଣ ପରିଡା, ପି: ଦାମୋଦର ପରିଡା, ଜା- ଖଣ୍ଡାୟତ, ବା- ନିଜଗାଁ | ୯୫୧ | ଶାରଦ-୩ | ୦.୧୨ | ୦.୧୨ |
| | | | ୯୫୨ | ଶାରଦ-୨ | ୦.୧୯ | ୦.୧୯ |
| ୨ | ୨୦ | ଉଦୟ ନାରାୟଣ ରଥ, ପି- ବଳଭଦ୍ର ରଥ, ଜା : ବ୍ରାହ୍ମଣ, ବା: ନିଜଗାଁ | ୧୧୭୬ | ଶାରଦ-୧ | ୦.୨୧ | ୦.୦୧ |
| ୩ | ୫୫ | କେଶବ ଚନ୍ଦ୍ର ପରିଡା, ପି: ରାମଚନ୍ଦ୍ର ପରିଡା, ଜା- ଖଣ୍ଡାୟତ, ବା- ନିଜଗାଁ | ୧୦୧୮/ ୧୫୭୦ | ଶାରଦ-୨ | ୦.୮୧ | ୦.୦୬ |
| ୪ | ୭୮ | ଗୋବିନ୍ଦ ପାତ୍ର, ପି- ଜଗା ପାତ୍ର, ଜା: ପାଣ, ବା- ନିଜଗାଁ | ୯୮୮ | ଶାରଦ-୨ | ୦.୬୯ | ୦.୦୧ |
| | | | ୧୧୮୯ | ଶାରଦ-୨ | ୦.୯୫ | ୦.୯୦ |
| ୫ | ୯୬ | ଚକ୍ରଧର ବିଶ୍ୱାଳ, ପି: ଆନନ୍ଦ ବିଶ୍ୱାଳ, ଅର୍ଜୁନି ବିଶ୍ୱାଳ, ପି: ରାଧୁ ବିଶ୍ୱାଳ, ବଂଶୀଧର ବିଶ୍ୱାଳ, ପି- ପଞ୍ଚୁ ବିଶ୍ୱାଳ, ଲକ୍ଷ୍ମୀଧର ବିଶ୍ୱାଳ, ପି- ପାଣ୍ଡବ ବିଶ୍ୱାଳ, ଜେମା ବେୱା, ସ୍ୱା: ପାଣ୍ଡବ ବିଶ୍ୱାଳ, ସୁକୁମାର ବିଶ୍ୱାଳ, ଭାନୁ ବିଶ୍ୱାଳ, ଭାରତୀ ବିଶ୍ୱାଳ, ବାବୁଲା ବିଶ୍ୱାଳ, ପି- ଭୀମ ବିଶ୍ୱାଳ, ଶାନ୍ତି ବିଶ୍ୱାଳ, ସ୍ୱା: ଭୀମ ବିଶ୍ୱାଳ, ଜା: ଖଣ୍ଡାୟତ, ବା: ନିଜଗାଁ | ୧୧୬୬ | ଶାରଦ-୧ | ୦.୫୬ | ୦.୫୬ |
| | | | ୧୧୭୦ | ଶାରଦ-୧ | ୦.୧୬ | ୦.୧୨ |
| | | | ୧୧୭୪ | ଶାରଦ-୧ | ୦.୧୨ | ୦.୧୨ |
| ୬ | ୧୦୮ | ଜଗବନ୍ଧୁ ଲେଙ୍କା, ପି: ଭଗବାନ ଚନ୍ଦ୍ର ଲେଙ୍କା, ଜା: ଖଣ୍ଡାୟତ, ବା: ରାଇପୁର | ୧୦୦୬ | ଶାରଦ-୨ | ୦.୬୮ | ୦.୪୫ |
| | | | ୧୦୦୭ | ଶାରଦ-୧ | ୦.୨୬ | ୦.୦୧ |
| ୭ | ୧୧୧ | ଜନାର୍ଦ୍ଦନ ମିଶ୍ର, ପି: ଜଗନ୍ନାଥ ମିଶ୍ର, ବାଞ୍ଛାନିଧି ମିଶ୍ର, ବନମାଳୀ ମିଶ୍ର, ପି: କୃଷ୍ଣଚନ୍ଦ୍ର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୧୯୦ | ଶାରଦ-୨ | ୨.୯୦ | ୧.୯୮ |
| ୮ | ୧୨୧ | ଯୋଗେନ୍ଦ୍ର ପରିଡା, ଶିବ ପରିଡା, କେଶବ ପରିଡା, ପି: ରାମଚନ୍ଦ୍ର ପରିଡା, ଚାନ୍ଦ ବେୱା, ସ୍ୱା: ରାମଚନ୍ଦ୍ର ପରିଡା, ଅପ୍ରତି ପରିଡା, କାଶୀନାଥ ପରିଡା, ପି: ଦାମ ପରିଡା, ଜେମା ବେୱା, ସ୍ୱା: ଦାମ ପରିଡା, ବିଦ୍ୟାଧର ପରିଡା, ପି- ସୁଦାମ ପରିଡା, ଜା: ଖଣ୍ଡାୟତ , ବା: ନିଜଗାଁ | ୯୫୮ | ଶାରଦ-୨ | ୧.୨୮ | ୧.୧୮ |
| | | | ୯୯୦ | ଶାରଦ-୨ | ୧.୦୮ | ୦.୭୨ |
| | | | ୧୦୧୪ | ଶାରଦ-୨ | ୦.୪୫ | ୦.୦୯ |
| ୯ | ୧୨୩ | ଯୋଗେନ୍ଦ୍ର ପରିଡା, ଶିବ ପରିଡା, କେବଶ ପରିଡା, ପି: ରାମଚନ୍ଦ୍ର ପରିଡା, ଚାନ୍ଦ ବେୱା, ସ୍ୱା: ରାମଚନ୍ଦ୍ର ପରିଡା, ଅପର୍ତ୍ତି ପରିଡା, କାଶୀନାଥ ପରିଡା, ପି: ଦାମ ପରିଡା, ସାଗରୀ ପରିଡା, ସ୍ୱା: ଦାମ ପରିଡା, ବିଶ୍ୱମ୍ବର ପରିଡା, ପି: ସୁଦାମ ପରିଡା, ଉମା ବେୱା, ସ୍ୱା: ଘନ ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୯୪୫ | ଶାରଦ-୩ | ୧.୬୦ | ୦.୬୭ |
| ୧୦ | ୧୨୫ | ଯୋଗେନ୍ଦ୍ର ପରିଡା, ଶିବ ପରିଡା, କେଶବ ପରିଡା, ପି: ରାମ ପରିଡା, ଚାନ୍ଦ ବେୱା, ସ୍ୱା: ରାମ ପରିଡା, ଅପର୍ତ୍ତି ପରିଡା, କାଶୀନାଥ ପରିଡା, ପି: ଦାମ ପରିଡା, ଜେମା ବେୱା, ସ୍ୱା: ଦାମ ପରିଡା, ବିଦ୍ୟାଧର ପରିଡା, ପି: ସୁଦାମ ପରିଡା, ଉମା ବେୱା, ସ୍ୱା: ଘନ ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୧୦୧୨ | ଶାରଦ-୨ | ୦.୧୭ | ୦.୦୫ |
| ୧୧ | ୧୪୬ | ନରସିଂହ ଜେନା, ଅଭିରାମ ଜେନା, ନେଗେନ୍ଦ୍ର ଜେନା, ପି: ବିଦ୍ୟାଧର ଜେନା, ଜା: ଖଣ୍ଡାୟତ, ବା: ଛୋଟକାନପୁର | ୧୦୨୪ | ଶାରଦ-୨ | ୦.୬୫ | ୦.୬୫ |
| | | | ୧୧୬୨ | ଶାରଦ-୨ | ୦.୪୪ | ୦.୧୨ |
| | | | ୧୦୨୯/ ୧୬୦୧ | ଶାରଦ-୨ | ୦.୪୬ | ୦.୨୬ |
| ୧୨ | ୧୫୨ | ନାରାୟଣ ଦିବେଦୀ, ପି: ରଘୁନାଥ ଦିବେଦୀ, ରାଧାକୃଷ୍ଣ ଦିବେଦୀ, ପି: କାଶୀନାଥ ଦିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୧୮୭ | ଶାରଦ-୨ | ୦.୧୮ | ୦.୧୭ |
| | | | ୧୧୯୨ | ଶାରଦ-୧ | ୧.୪୯ | ୦.୧୦ |
| ୧୩ | ୧୬୮ | ପାସନ ପାତ୍ର, ସ୍ୱା: ଗଣନାଥ ପାତ୍ର, ଜା: ପାତ୍ର ତନ୍ତି, ବା: ଛୋଟକାନପୁର | ୯୫୬ | ଶାରଦ-୩ | ୦.୧୬ | ୦.୧୦ |
| ୧୪ | ୧୭୧ | ପିତେଇ ପ୍ରଧାନ, ସ୍ୱା: ଯଦୁନାଥ ପ୍ରଧାନ, ଜା: ଖଣ୍ଡାୟତ, ବା: ଗାଙ୍ଗପୁରା | ୧୦୧୦ | ଶାରଦ-୧ | ୦.୬୫ | ୦.୧୬ |
| ୧୫ | ୧୭୨ | ପୂର୍ଣ୍ଣଚନ୍ଦ୍ର ପରିଡା, ପି: କସ୍ତୁରି ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୯୬୨ | ଶାରଦ-୨ | ୦.୪୯ | ୦.୦୬ |
| | | | ୧୦୦୩ | ଶାରଦ-୨ | ୦.୭୦ | ୦.୬୬ |
| ୧୬ | ୧୮୦ | ପୁରସ୍ତମ ଦଳେଇ, ପି: ଭରଥ ଦଳେଇ, ଜା: ଖଣ୍ଡାୟତ, ବା: ନିଜଗାଁ | ୯୫୭ | ପତିତ | ୦.୧୮ | ୦.୦୩ |
| ୧୭ | ୧୯୫ | ବାଇଧର ସେଠୀ, କୈଳାସ ସେଠୀ, ପି: ହରି ସେଠୀ, ସାରଦା ବେୱା, ସ୍ୱା: ହରି ସେଠୀ, ଜା: ଧୋବା, ବା: ନିଜଗାଁ, ଖ: ସୂ:ଦ: ରାମଚନ୍ଦ୍ର ପାତ୍ର, ଲକ୍ଷ୍ମଣ ପାତ୍ର, କୃଷ୍ଣ ପାତ୍ର, ପି: ବନମାଳୀ ପାତ୍ର, ଜା:ପାତ୍ର ତନ୍ତୀ, ବା: ଛୋଟକାନପୁର, ରେ: ଦ: ନ- ୫୮୩, ତା ୨୫.୦୨.୭୨ ରିଖ ଓ ୨୧୫୧ ତା ୨୦.୦୫.୭୧ରିଖ | ୯୪୨/ ୧୫୨୮ | ଶାରଦ-୨ | ୦.୨୬ | ୦.୦୪ |
| ୧୮ | ୨୧୯ | ବୁଧିଆ ପାତ୍ର, ପି: ହରିଆ ପାତ୍ର, ଜା: ପାତ୍ର ତନ୍ତୀ, ବା: ନିଜଗାଁ | ୧୦୪୫ | ଶାରଦ-୨ | ୧.୧୮ | ୦.୩୩ |
| ୧୯ | ୨୨୮ | ଭଗବାନ ମହାପାତ୍ର ଓରଫ ପରିଡା, ପି: ଫକିର ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୧୦୨୨ | ଶାରଦ-୨ | ୦.୧୬ | ୦.୧୨ |
| ୨୦ | ୨୫୭ | ଭିକା ପାତ୍ର, କୁଶ ପାତ୍ର, ପି: ଶାମ ପାତ୍ର, ଗୁରୁବାରୀ ଦେଇ, ସ୍ୱା: ଭିକା ପାତ୍ର, ଜା: ପାତ୍ର ତନ୍ତୀ, ବା: ନିଜଗାଁ | ୧୦୪୪ | ଶାରଦ-୨ | ୦.୨୩ | ୦.୨୩ |
| ୨୧ | ୨୬୭ | ମଦନ ମୋହନ ପରିଡା, ପି: ପ୍ରାଣବନ୍ଧୁ ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୯୩୭ | ଶାରଦ-୩ | ୦.୦୨ | ୦.୦୨ |
| ୨୨ | ୨୭୦ | ମଦନ ମୋହନ ପରିଡା, ପି: ପ୍ରାଣବନ୍ଧୁ ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୯୩୪ | ଶାରଦ-୩ | ୦.୭୧ | ୦.୩୪ |
| | | | ୯୩୫ | ଶାରଦ-୩ | ୦.୨୮ | ୦.୨୮ |
| | | | ୯୩୬ | ଶାରଦ-୩ | ୦.୧୦ | ୦.୧୦ |
| | | | ୯୩୮ | ଶାରଦ-୩ | ୦.୧୧ | ୦.୧୧ |
| | | | ୯୪୧ | ଶାରଦ-୨ | ୦.୮୧ | ୦.୮୧ |
| | | | ୧୦୬୩ | ଶାରଦ-୨ | ୦.୮୩ | ୦.୦୭ |
| ୨୩ | ୩୦୦ | ମୋହନା ପାତ୍ର, ପି: ପୁରସ୍ତମ ପାତ୍ର, ଜା: ପାଣ, ବା: ଛୋଟକାନପୁର | ୯୫୪ | ଶାରଦ-୩ | ୦.୧୫ | ୦.୧୫ |
| ୨୪ | ୩୨୧ | ରାଧାମୋହନ ଆଚାର୍ଯ୍ୟ, ପି: ଭଗବାନ ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୧୪୨ | ଶାରଦ-୨ | ୦.୪୨ | ୦.୩୫ |
| | | | ୧୧୭୧ | ଶାରଦ-୩ | ୦.୧୫ | ୦.୧୫ |
| | | | ୧୧୮୫ | ଶାରଦ-୨ | ୦.୪୭ | ୦.୪୦ |
| | | | ୧୧୮୬ | ଶାରଦ-୨ | ୦.୩୮ | ୦.୩୨ |
| ୨୫ | ୩୨୩ | ରାଧାମଣି ଦିବ୍ୟା, ସ୍ୱା: ପୁରସ୍ତମ ପାଣି, ରମାମଣି ଦେବୀ, ପି: ପୁରସ୍ତମ ପାଣି, ଜା : ବ୍ରାହ୍ମଣ, ବା: ନିଜଗାଁ | ୧୧୪୧ | ଶାରଦ-୨ | ୦.୯୦ | ୦.୧୨ |
| | | | ୧୧୬୫ | ଶାରଦ-୨ | ୦.୨୪ | ୦.୧୦ |
| ୨୬ | ୩୪୬ | ଲକ୍ଷ୍ମୀ ନାରାୟଣ ମିଶ୍ର, ବିଷ୍ଣୁ ମୋହନ ମିଶ୍ର, ବ୍ରଜ ମୋହନ ମିଶ୍ର, ପି: ରଘୁନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗଡ | ୧୦୧୫ | ଶାରଦ-୧ | ୧.୫୨ | ୧.୩୪ |
| ୨୭ | ୩୬୨ | ସଙ୍କୁରି ନାଏକ, ପି: ହାଡି ନାଏକ, ଜା: ଖଣ୍ଡାୟତ, ବା: ନିଜଗାଁ | ୧୧୮୪ | ଶାରଦ-୧ | ୦.୬୬ | ୦.୫୪ |
| ୨୮ | ୩୬୩ | ଶଚିମଣି ଦିବ୍ୟା, ସ୍ୱା: ଭାଗବତ ଶତପଥୀ, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୧୯୧ | ଶାରଦ-୧ | ୧.୯୮ | ୦.୦୧ |
| ୨୯ | ୩୭୩ | ସରୋଜିନୀ ଦେଇ, ସ୍ୱା: ପଦ୍ମଲୋଚନ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗଡ | ୧୦୧୧ | ଶାରଦ-୩ | ୦.୪୧ | ୦.୪୧ |
| ୩୦ | ୩୭୭ | ସାର ବେୱା, ସ୍ୱା: କାଳି ନାୟକ, ଜା : ଖଣ୍ଡାୟତ, ବା: ନିଜଗାଁ | ୧୦୨୯ / ୧୫୧୨ | ଶାରଦ-୨ | ୦.୦୧ | ୦.୦୧ |
| ୩୧ | ୩୮୪ | ଶ୍ରୀ ଦହିଖାଇ ଠାକୁରାଣୀ ବିଜେ, ନିଜଗାଁ ମାର୍ଫତ- ସାର ବେୱା, ସ୍ୱା: ଶତ୍ରୁଘ୍ନ ମଳିକ, ଜା: ଭୂମିଜ, ବା: ନିଜଗାଁ | ୯୪୩ | ବିଜେସ୍ଥଳୀ | ୦.୦୨ | ୦.୦୨ |
| ୩୨ | ୩୮୯ | ଶ୍ରୀମତୀ ଦେଇ, ସ୍ୱା: କେଶବ ଚନ୍ଦ୍ର ପରିଡା, ଜା: ଖଣ୍ଡାୟତ, ବା : ନିଜଗାଁ | ୯୫୫ | ଶାରଦ-୩ | ୦.୧୯ | ୦.୧୯ |
| ୩୩ | ୩୯୧ | ଶ୍ରୀମତୀ ପରିଡା, ସ୍ୱା: କେଶବ ଚନ୍ଦ୍ର ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୧୦୨୩ | ଶାରଦ-୨ | ୦.୪୩ | ୦.୩୪ |
| ୩୪ | ୩୯୩ | ଶିବ ଓଝା, ଶୁକ ଓଝା, ପି: କୃଷ୍ଣ ଓଝା, ଜା: କମାର, ବା: ନିଜଗାଁ | ୧୦୧୦ / ୧୫୧୫ | ଶାରଦ-୧ | ୦.୧୫ | ୦.୧୫ |
| ୩୫ | ୪୦୦ | ସୁଶୀଳାମଣି ଦେବୀ, ସ୍ୱା: ରାଧାମୋହନ ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୧୭୭ | ଶାରଦ-୩ | ୦.୬୩ | ୦.୧୭ |
| ୩୬ | ୪୧୧ / ୧ | ସୁଶୀଳାମଣି ପାତ୍ର, ସ୍ୱା: ବିଶ୍ୱନାଥ ପାତ୍ର, ବିଶ୍ୱନାଥ ପାତ୍ର, ପି: ଚୌଧୁରୀ ପାତ୍ର, ଜା: ତନ୍ତି, ବା: ନିଜଗାଁ | ୧୦୨୭ | ଶାରଦ-୨ | ୦.୬୧ | ୦.୫୬ |
| ୩୭ | ୪୧୧ /୮ | ଶ୍ରୀ ଗୌରୀମଣି ପଣ୍ଡା, ପି: ଶ୍ୟାମ ସୁନ୍ଦର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୧୬୭ | ଶାରଦ-୧ | ୦.୧୦ | ୦.୧୦ |
| | | | ୧୧୬୮ | ଶାରଦ-୧ | ୦.୦୮ | ୦.୦୮ |
| ୩୮ | ୪୧୧ /୧୦ | ନାଗେନ୍ଦ୍ର ଜେନା, ପି: ବିଦ୍ୟାଧର ଜେନା, ଜା: ଖଣ୍ଡାୟତ, ବା : ଛୋଟ କାନପୁର | ୧୦୦୫ | ଶାରଦ-୨ | ୦.୨୯ | ୦.୨୯ |
| | | | ୧୦୪୩ | ଶାରଦ-୨ | ୦.୬୬ | ୦.୦୧ |
| | | | ୧୦୦୯ / ୧୫୮୩ | ଶାରଦ-୧ | ୧.୨୫ | ୦.୨୦ |
| ୩୯ | ୪୧୧ / ୧୭ | ଶ୍ୟାମ ସୁନ୍ଦର ପଣ୍ଡା, ପି: ଜଗନ୍ନାଥ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୦୨୫ | ଶାରଦ-୨ | ୦.୪୭ | ୦.୩୦ |
| ୪୦ | ୪୧୧ / ୨୩ | ପ୍ରଦିପ କୁମାର ପ୍ରଧାନ, ଦିଲ୍ଲୀପ କୁମାର ପ୍ରଧାନ, ଶିଶିର କୁମାର ପ୍ରଧାନ, ପି: ଅନାଦୀ ଚରଣ ପ୍ରଧାନ, ଜା: ଖଣ୍ଡାୟତ, ବା: ନିଜଗାଁ | ୧୦୨୮ | ଶାରଦ-୨ | ୦.୩୩ | ୦.୩୩ |
| ୪୧ | ୪୧୧/ ୪୬ | ଅନନ୍ତ ପାତ୍ର, ପ୍ରଫୁଲ୍ଲ ପାତ୍ର, ପି: ଭଗବାନ ପାତ୍ର, ଜା: ପାତ୍ର ତନ୍ତି, ବା: ନିଜଗାଁ | ୧୦୪୪ / ୧୫୭୮ | ଶାରଦ-୨ | ୦.୧୦ | ୦.୧୦ |
| ୪୨ | ୪୧୧/ ୪୮ | ପୂର୍ଣ୍ଣଚନ୍ଦ୍ର ରାଉତ, ଉଦୟ ନାଥ ରାଉତ, ପି: ଭଗବାନ ରାଉତ, ବା: ନିଜଗାଁ | ୧୦୧୩ | ଶାରଦ-୨ | ୦.୬୩ | ୦.୪୩ |
| ୪୩ | ୪୧୧/ ୫୦ | ଶ୍ରୀମତୀ ଶାନ୍ତିଲତା ଯେନା, ସ୍ୱା : ଅମୂଲ୍ୟ ଚରଣ ଯେନା, ଜା: କଣ୍ଡରା, ବା: ବେଡପାଳ, ଥାନା: ବାଲିଆପାଳ | ୧୦୨୬ | ଶାରଦ-୨ | ୦.୫୩ | ୦.୦୫ |
| ୪୪ | ୪୧୧/ ୫୨ | ପୁରସ୍ତମ ସେଠି, ପି: ଭରତ ସେଠି, ଜା: ଧୋବା, ବା: ମିରିଗିଣି | ୯୪୨ | ଶାରଦ-୨ | ୦.୭୮ | ୦.୬୩ |
| | | | ୯୪୪ | ଶାରଦ-୨ | ୧.୨୪ | ୧.୧୬ |
| ୪୫ | ୪୧୧/ ୫୩ | ସାରଥି ବେହେରା, ପି: ଗୋବିନ୍ଦ ଚନ୍ଦ୍ର ବେହେରା, ଜା: ଖଣ୍ଡାୟତ, ବା: ମିରିଗିଣି | ୯୮୯ | ଶାରଦ-୨ | ୦.୨୧ | ୦.୦୫ |
| | | | ୯୮୯ / ୧୫୪୩ | ଶାରଦ-୨ | ୦.୨୦ | ୦.୧୧ |
| ୪୬ | ୪୧୧/ ୬୪ | ପ୍ରଦୀପ କୁମାର ପ୍ରଧାନ, ଦିଲ୍ଲୀପ କୁମାର ପ୍ରଧାନ, ଶିଶିର କୁମାର ପ୍ରଧାନ, ଅନାଦି ଚରଣ ପ୍ରଧାନ, ଜା: ଖଣ୍ଡାୟତ, ବା: ନିଜଗାଁ | ୧୧୭୫ | ଶାରଦ-୧ | ୦.୨୫ | ୦.୦୧ |
| ୪୭ | ୪୧୧/ ୭୦ | ଶ୍ୟାମ ସୁନ୍ଦର ପଣ୍ଡା, ପି: ଜଗନ୍ନାଥ ପଣ୍ଡା, ଜା: ବ୍ରାହ୍ମଣ, ବା: ମିରିଗିଣି | ୧୨୨୬ | ଶାରଦ-୧ | ୦.୪୧ | ୦.୦୪ |
| ୪୮ | ୪୧୧/ ୭୫ | ସୁଦର୍ଶନ ଆଚାର୍ଯ୍ୟ, ପି: ଯୁଧିଷ୍ଠିର ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୧୭୨ | ଶାରଦ-୩ | ୦.୦୬ | ୦.୦୬ |
| | | | ୧୧୭୩ | ଶାରଦ-୩ | ୦.୨୦ | ୦.୨୦ |
| | | | ୧୧୮୩ | ଶାରଦ-୧ | ୦.୭୭ | ୦.୬୩ |
| ୪୯ | ୪୧୧/ ୮୬ | ଉପେନ୍ଦ୍ର ବିଶ୍ୱାଳ, ଦେବେନ୍ଦ୍ର ବିଶ୍ୱାଳ, ପି: ଚକ୍ରଧର ବିଶ୍ୱାଳ, ଜା: ଖଣ୍ଡାୟତ, ବା: ନିଜଗାଁ | ୧୧୬୬/ ୧୫୯୭ | ଶାରଦ-୧ | ୦.୧୭ | ୦.୦୭ |
| | | | ୧୧୭୪ / ୧୫୯୮ | ଶାରଦ-୧ | ୦.୦୮ | ୦.୦୮ |
| ୫୦ | ୪୧୧ / ୧୦୬ | ବଂଶୀଧର ବିଶ୍ୱାଳ, ପି: ପଞ୍ଚୁ ବିଶ୍ୱାଳ, ଜା: ଖଣ୍ଡାୟତ, ବା : ନିଜଗାଁ | ୧୧୬୯/ ୧୪୬୪ | ଶାରଦ-୨ | ୦.୧୦ | ୦.୦୩ |
| ୫୧ | ୪୧୧/ ୧୧୭ | ନୀଳକଣ୍ଠ ରାଉତ, ପି: ପୂର୍ଣ୍ଣଚନ୍ଦ୍ର ରାଉତ, ଜା: ଖଣ୍ଡାୟତ, ବା: ମିରିଗିଣି | ୧୦୦୪ | ଶାରଦ-୨ | ୦.୪୬ | ୦.୪୬ |
| ୫୨ | ୪୧୧/୧୨୪ | ବୀଣାପାଣି ଶତପଥୀ, ପି: ଗଙ୍ଗାଧର ଶତପଥୀ, ଜା: ବ୍ରାହ୍ମଣ, ବା: ମିରିଗିଣି | ୧୦୬୨ | ଶାରଦ-୧ | ୦.୪୪ | ୦.୧୭ |
| ୫୩ | ୪୧୧/ ୧୨୫ | ବୀଣାପାଣି ନନ୍ଦ, ସ୍ୱା: ଭଗବାନ ନନ୍ଦ, ଜା: ବ୍ରାହ୍ମଣ, ବା: ମିରିଗିଣି | ୧୧୮୮ | ଶାରଦ-୨ | ୦.୫୯ | ୦.୫୯ |
| ୫୪ | ୪୧୧/ ୧୩୧ | ଦୀନବନ୍ଧୁ ପରିଡା, ହାଡିବନ୍ଧୁ ପରିଡା, ପି: ନାଲୁ ପରିଡା, ଜା: ଖଣ୍ଡାୟତ, ବା: ମିରିଗିଣି | ୧୦୨୯ / ୧୬୨୪ | ଶାରଦ-୨ | ୦.୦୯ | ୦.୦୯ |
| ୫୫ | ୪୧୧/ ୧୩୭ | କୃଷ୍ଣ ଚନ୍ଦ୍ର ପରିଡା, ପି: କେଶବ ଚନ୍ଦ୍ର ପରିଡା, ଜା: ଖଣ୍ଡାୟତ, ବା: ମିରିଗିଣି | ୧୦୧୨ / ୧୬୩୩ | ଶାରଦ-୨ | ୦.୩୩ | ୦.୩୧ |
| ୫୬ | ୪୧୧/ ୧୪୨ | ରଘୁନାଥ ଦଳେଇ, ପି: ଉଦୟ ନାଥ ଦଳେଇ, ରତନୀ ଦେଇ, ସ୍ୱା: ଉଦୟନାଥ ଦଳେଇ. ନିରଞ୍ଜନ ଦଳେଇ, ଶଶଧର ଦଳେଇ, ପି-ଭୋଳାନାଥ ଦଳେଇ, ଲାବଣ୍ୟ ବେୱା, ସ୍ୱା: ଭୋଳାନାଥ ଦଳେଇ, ପୂର୍ଣ୍ଣଚନ୍ଦ୍ର ଦଳେଇ, ପୂର୍ଣ୍ଣ ଚନ୍ଦ୍ର ଦଳେଇ, ପି: ଅପର୍ତ୍ତି ଦଳେଇ, ଜା: ଖଣ୍ଡାୟତ, ବା: ମିରିଗିଣି | ୧୧୫୫ | ଶାରଦ-୧ | ୦.୪୬ | ୦.୦୯ |
| ୫୭ | ୪୧୧/ ୧୫୬ | ଭାଗବତ ସେଠୀ, ଗୋପାଳ ସେଠୀ, ସନ୍ତୋଷ କୁମାର ସେଠୀ, ରଘୁନାଥ ସେଠୀ, ପି: ବାଇଧର ସେଠୀ, ଜା: ଧୋବା, ବା: ନିଜଗାଁ | ୧୦୫୭/ ୧୬୫୪ | ଶାରଦ-୨ | ୦.୩୧ | ୦.୦୬ |
| ୫୮ | ୪୧୧/ ୧୬୮ | ନିରଞ୍ଜନ ପ୍ରଧାନ, ପି: ଭାସ୍କର ଚନ୍ଦ୍ର ପ୍ରଧାନ, ଜା: ଖଣ୍ଡାୟତ, ବା: ମଧୁବନ ସାମିଲ ମୌଜା- ମିରିଗିଣି | ୧୧୬୩/ ୧୬୬୧ | ଶାରଦ-୨ | ୦.୩୦ | ୦.୨୪ |
| ୫୯ | ୪୧୧/ ୧୬୯ | ରତ୍ନମଣି ପ୍ରଧାନ, ସ୍ୱା: ଭାସ୍କର ଚନ୍ଦ୍ର ପ୍ରଧାନ, ଜା: ଖଣ୍ଡାୟତ, ବା: ମଧୁବନ ସାମିଲ ମିରିଗିଣି | ୧୧୬୩ | ଶାରଦ-୨ | ୦.୩୦ | ୦.୨୪ |
| ୬୦ | ୪୧୧/ ୧୭୯ | ଅନାଦି ପାତ୍ର, ପି: ଗୋପୀନାଥ ପାତ୍ର, ଜା: ପାତ୍ର ତନ୍ତି, ବା: ଡେଙ୍ଗା ପିଆଶାଳ ସାମିଲ ମୌଜା ପୋଡାଶୁଳ | ୧୦୪୪/ ୧୬୬୮ | ଶାରଦ-୨ | ୦.୩୩ | ୦.୨୮ |
| ୬୧ | ୪୧୧/ ୨୨୭ | କୃଷ୍ଣ ଚନ୍ଦ୍ର ପରିଡା, ପି: କେଶବ ଚନ୍ଦ୍ର ପରିଡା, ଜା: ଖଣ୍ଡାୟତ, ବା: ନିଜଗାଁ | ୧୦୧୩/ ୧୬୯୩ | ଶାରଦ-୨ | ୦.୫୮ | ୦.୫୭ |
| | | | ୧୦୧୫/ ୧୬୯୪ | ଶାରଦ-୧ | ୧.୮୮ | ୦.୪୧ |
| ୬୨ | ୪୧୧/ ୨୩୯ | ଭାଗବତ ସେଠୀ, ଗୋପାଳ ଚନ୍ଦ୍ର ସେଠୀ, ସନ୍ତୋଷ କୁମାର ସେଠୀ, ରଘୁନାଥ ସେଠୀ, ପି: ବାଇଧର ସେଠୀ, ଜା: ଧୋବା, ବା: ମିରିଗିଣି | ୧୦୨୭/ ୧୬୯୯ | ଶାରଦ-୨ | ୦.୩୨ | ୦.୩୨ |
| ୬୩ | ୪୧୧/ ୨୪୬ | ପ୍ରଦୀପ କୁମାର ଜେନା, ପି: ନାଗେନ୍ଦ୍ର ଜେନା, ଜା: ଖଣ୍ଡାୟତ, ବା: ଛୋଟ କାନପୁର | ୧୦୦୫/ ୧୫୧୧ | ଶାରଦ-୨ | ୦.୧୮ | ୦.୧୬ |
| ୬୪ | ୪୧୧/ ୨୬୪ | ରବୀନ୍ଦ୍ର ନାଥ ବେହେରା, ପି: ଉପେନ୍ଦ୍ର ନାଥ ବେହେରା,ଜା: କୁବେର, ବା: ମିରିଗିଣି | ୯୪୬ | ଶାରଦ-୩ | ୦.୦୭ | ୦.୦୭ |
| | | | ୯୪୭ | ଶାରଦ-୩ | ୦.୨୯ | ୦.୧୦ |
| | | | ୯୫୩ | ଶାରଦ-୨ | ୦.୩୧ | ୦.୩୧ |
| ୬୫ | ୪୧୧/ ୨୬୬ | ମହେନ୍ଦ୍ର ନାଥ ବେହେରା, ପି: ଉପେନ୍ଦ୍ର ନାଥ ବେହେରା, ଜା : କୁବେର, ବା: ନିଜଗାଁ | ୧୦୦୨ | ଶାରଦ-୨ | ୦.୭୭ | ୦.୦୧ |
| ୬୬ | ୪୧୧/ ୨୯୨ | ପ୍ରମୋଦିନୀ ଦାଶ, ସ୍ୱା: ସୁଦର୍ଶନ ଦାଶ, ଜା: ବ୍ରାହ୍ମଣ, ବା: କାହାଳିଆ | ୧୧୪୩ | ଶାରଦ-୨ | ୦.୨୫ | ୦.୧୯ |
| | | 24001/14/0279/1819 | | ମୋଟ | ୪୮.୮୧ | ୨୬.୯୬ |



ସେନାରେ ନିୟୋଜିତ ଟ-୭୨ ଟ୍ୟାଙ୍କଗୁଡ଼ିକରେ ପ୍ରାୟ ୧,୦୦୦ ଅତ୍ୟାଧୁନିକ ଇଞ୍ଜିନ ଖଞ୍ଜାଯିବ। ଏଥିପାଇଁ ମଙ୍ଗଳବାର ୨,୩୦୦ କୋଟି ଟଙ୍କାର ବ୍ୟୟ ମଞ୍ଜୁର କରିଛନ୍ତି ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି)। ପ୍ରତିରକ୍ଷା ସାମଗ୍ରୀ କ୍ରୟ ସଂକ୍ରାନ୍ତ ବିଧିରେ ମଧ୍ୟ ଅନେକ ସଂଶୋଧନ ଆଣିଛି ଡିଏସି।

## ସଂକ୍ଷେପରେ

### ମାସକ ପରେ ମଶାଣିରୁ ପୋତା ହୋଇଥିବା ମୃତଦେହ ଉଦ୍ଧାର

ଚାନ୍ଦବାଲି,୨୫।୯(ଡି.ଏନ.ଏ.): ଗାଁ ମଶାଣିରେ ପୋତି ଦିଆଯାଇଥିବା ୮ବର୍ଷର ଜଣେ ବାଳକଙ୍କ ମୃତଦେହକୁ ମାସକ ପରେ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜଣେ ଘରୋଇ ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ବାଳକଙ୍କ ମୃତ୍ୟୁ ଘଟିଥିବା ପରିବାର ବର୍ଗ ଅଭିଯୋଗ କରିବା ପରେ ପୋଲିସ ଏଭଳି ପଦକ୍ଷେପ ନେଇଛି। ଭଦ୍ରକ ଜିଲା ବାଂଶଡା ଥାନା ଅଧୀନ ଜଳେଶ୍ୱରପୁର ଗାଁର ଅମୂଲ୍ୟ ମହାନ୍ତିଙ୍କ ପୁଅ ଆୟୁଷ୍ମାନ(୮)ଜ୍ୱରରେ ପୀଡିତ ହୋଇ ଜଣେ ଘରୋଇ ଡାକ୍ତରଙ୍କ ନିକଟରେ ଚିକିତ୍ସିତ ହୋଇଥିଲେ। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ତାଙ୍କ ପୁଅର ମୃତ୍ୟୁ ଘଟିଛି ବୋଲି ଦର୍ଶାଇ ସେ ଥାନାରେ ଅଭିଯୋଗ କରିଥିଲେ।

■ ପାରିବାରିକ ବିବାଦର ସମାଧାନ ପାଇଁ ଥାନାକୁ ଆସିଥିଲେ ମହିଳା

# ଶାରୀରିକ ସମ୍ପର୍କ ରଖିବାକୁ ପ୍ରସ୍ତାବ ଦେଲେ ଏଏସ୍‌ଆଇ

■ ଖାକିରେ କଳା ଦାଗ
■ ୩ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ ଏସ୍‌ପିଙ୍କ ନିର୍ଦ୍ଦେଶ
■ ଫସାଇବାକୁ ଏକ ଚାଲ୍ ବୋଲି କହିଲେ ପୋଲିସ ଏଏସ୍‌ଆଇ

**ବରଗଡ଼ ଅଫିସ୍,୨୫।୯**

ବରଗଡ଼ ଜିଲା ପୋଲିସକୁ ବିବାଦ ପିଛା ଛାଡୁନି । ପୁଣିଥରେ ଜିଲା ପୋଲିସର ଖାକିରେ ଲାଗିଛି କଳାଦାଗ । ଏକ ପାରିବାରିକ ବିବାଦର ସମାଧାନ ପାଇଁ ଥାନାକୁ ଆସିଥିଲେ ଜଣେ ମହିଳା। ହେଲେ ଏହି ସୁଯୋଗରେ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ଜଣେ ପୋଲିସ ଏଏସ୍‌ଆଇ କହିଥିବା ଅଭିଯୋଗ ହୋଇଛି । ବରଗଡ଼ ଜିଲା ବରପାଲି ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ପ୍ରମୋଦ କୁମାର ପାତ୍ରଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି ସଂପୃକ୍ତା ମହିଳା । ସେ ଏ ସଂକ୍ରାନ୍ତରେ ସୋମବାର ବରଗଡ଼ ଏସ୍‌ପିଙ୍କୁ ଫେରାଦ ହୋଇଛନ୍ତି। ଏସ୍‌ପି ମୁକେଶ କୁମାର ଭାମୁ ମହିଳାଙ୍କ ଅଭିଯୋଗକୁ ଗୁରୁତ୍ୱର ସହିତ ନେଇଛନ୍ତି। ଉକ୍ତ ଅଭିଯୋଗର ତଦନ୍ତ କରି ୩ଦିନ ମଧ୍ୟରେ ରିପୋର୍ଟ ଦେବାକୁ ସେ ବରଗଡ଼ ଏସ୍‌ଡ଼ିପିଓ ସୁରେଶ କୁମାର ନାଏକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିଏସ୍‌ପି ନଗେନ୍ଦ୍ର ପ୍ରସାଦ ନାୟକ କହିଛନ୍ତି, ଏସ୍‌ଡ଼ିପିଓ ତଦନ୍ତ ରିପୋର୍ଟ ଦେବା ପରେ ଏସ୍‌ପି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତେବେ ଏ ନେଇ ବରପାଲି ଥାନା ଏଏସ୍‌ଆଇ ପାତ୍ରଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସ୍ୱାମୀଙ୍କ ବିରୋଧରେ ସମ୍ପୃକ୍ତ ମହିଳା ଆଣିଥିବା ଅଭିଯୋଗ ଉପରେ ଥାନାର ଅନ୍ୟଜଣେ ଅଧିକାରୀ ତଦନ୍ତ କରୁଥିଲେ ଏବଂ ତାଙ୍କ ସହିତ ସମ୍ପୃକ୍ତ ମହିଳାଙ୍କ ଦେଖା ମଧ୍ୟ ହୋଇ ନ ଥିଲା ବୋଲି ପାତ୍ର କହିଛନ୍ତି । ଅଯଥାରେ ତାଙ୍କୁ ଫସାଇବା ପାଇଁ ଏହା ଏକ ସୁଚିନ୍ତିତ ଚାଲ୍ ଏବଂ ଏସ୍‌ପି ଯେହେତୁ ତଦନ୍ତ ନିର୍ଦ୍ଦେଶ ଦେଇ ସାରିଛନ୍ତି, ତଦନ୍ତରୁ ସତ୍ୟ ନିଶ୍ଚିତ ସାମ୍ନାକୁ ଆସିବ ବୋଲି ସେ କହିଥିଲେ।

ପ୍ରକାଶ ଯେ, ସୋନପୁର ଜିଲା ଲଛିପୁର ଥାନା ଅଞ୍ଚଳର ଜଣେ ଯୁବତୀ ୩ ବର୍ଷ ତଳେ ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ଅଞ୍ଚଳରେ ପ୍ରେମ ବିବାହ କରିଥିଲେ । ତାଙ୍କର ଏକ ପୁତ୍ର ସନ୍ତାନ ଅଛି । ଗତ ୨ବର୍ଷ ହେବ, ଏହି ଦମ୍ପତି ବରଗଡ଼ ଜିଲା ବରପାଲି ଥାନା ଅଞ୍ଚଳରେ ଆସି ରହୁଥିଲେ। ମହିଳାଙ୍କ ସ୍ୱାମୀ ଜଣେ ମିସ୍ତ୍ରି ଭାବେ କାମ କରିବା ସହିତ ଏକ ଦଣ୍ଡପାର୍ଟିର ମ୍ୟାନେଜର ଭାବେ ରହି ସେଥିରୁ ଉପାର୍ଜିତ ଟଙ୍କାରେ ପରିବାର ଚଳାଉ ଥିଲେ। ତେବେ ଗତ କିଛିଦିନ ତଳେ ଏହି ଦମ୍ପତିଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇଥିଲା । ସ୍ୱାମୀ ତାଙ୍କୁ କିଛି ଭରଣପୋଷଣ ଖର୍ଚ୍ଚ ଦେଉ ନ ଥିବା ମହିଳା ଜଣକ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ନେଇ ଗତ ଗଣେଶ ପୂଜା ଦିନ ସେ ବରପାଲି ଥାନାକୁ ଆସିଥିଲେ । ସେତେବେଳେ ଥାନାରେ ଏଏସ୍‌ଆଇ ପାତ୍ର ଅଭିଯୋଗର ସମାଧାନ ଦିଗରେ ପଦକ୍ଷେପ ନେବା ପରିବର୍ତ୍ତେ ତାଙ୍କୁ ଶାରୀରିକ ସମ୍ପର୍କ ପାଇଁ ପ୍ରସ୍ତାବ ଦେଇଥିଲେ ବୋଲି ମହିଳା ଜଣକ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ଥାନାକୁ ଅଭିଯୋଗ କରିବା ପାଇଁ ଆସିଥିବାବେଳେ ଏଏସ୍‌ଆଇ ପାତ୍ର ତାଙ୍କୁ ଥାନା ପରିସରରେ ଥିବା ବଗିଚା ପାଚେରି ପଟକୁ ଡାକି ନେଇଥିଲେ। ତୁମ ସ୍ୱାମୀ ଆଉ କେବେ ତୁମକୁ ନେବାକୁ ଆସିବ ନାହିଁ କିମ୍ବା ଭରଣପୋଷଣ ଖର୍ଚ୍ଚ ଦେବ ନାହିଁ, ଫଳରେ ତୁମେ ଠିକ୍ କରିଥିବା ଲୋକଙ୍କ ସହିତ ରହିବ । ଆବଶ୍ୟକ ହେଲେ ମୋ ସହିତ ଶାରୀରିକ ଶୋଷ ମେଣ୍ଟାଇ ପାରିବ ବୋଲି କୁଆଡ଼େ ଏଏସ୍‌ଆଇ ପାତ୍ର ତାଙ୍କୁ କହିଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି। ଏପରି କି ଏ କଥା ଅନ୍ୟ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଏଏସ୍‌ଆଇ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ଏହି ଦମ୍ପତିଙ୍କ ମଧ୍ୟରେ ରହିଥିବା ବିବାଦର ସମାଧାନ ହୋଇଯାଇଛି । ମହିଳା ଜଣକ ସ୍ୱାମୀଙ୍କ ସହିତ ଏସ୍‌ପିଙ୍କ ଅଫିସକୁ ଆସି ଏଏସ୍‌ଆଇ ପାତ୍ରଙ୍କ ବିରୋଧରେ ଏପରି ଅଭିଯୋଗ ଆଣିଛନ୍ତି।

# ଜିଲାପାଳଙ୍କ ଅଫିସରେ ପଶିଲେ ଓକିଲ

■ ଲୁଚାଛପାରେ ଚାଲିଥିବା ସରକାରୀ କାର୍ଯ୍ୟ ବନ୍ଦ କଲେ



ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ପଶିଥିବା ଓକିଲମାନଙ୍କୁ ପୋଲିସ ଅଟକାଇବାକୁ ଚେଷ୍ଟା କରୁଛି।

**ସମ୍ବଲପୁର,୨୫।୯(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ମଙ୍ଗଳବାର ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିଲା। ସମ୍ବଲପୁର ସହର କଚେରି ଛକରେ ଆନ୍ଦୋଳନରତ ଥିଲେ ଓକିଲ। ଜୁଡିସିଆଲ୍, ରାଜସ୍ୱ କୋର୍ଟ ମଧ୍ୟ ବନ୍ଦ ରହିଥିଲା। ବିଚାରପତିମାନେ ମଧ୍ୟ କାର୍ଯ୍ୟରେ ଯୋଗ ଦେଇନଥିଲେ। ଓକିଲମାନେ ଶାନ୍ତିପୂର୍ଣ୍ଣ ଧର୍ମଘଟ ଚଳାଇଥିଲେ। ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ କିନ୍ତୁ କଚେରି ଅଞ୍ଚଳ ଅଶାନ୍ତ ହୋଇଉଠିଥିଲା। ଜିଲାପାଳଙ୍କ ଅଫିସ ପରିସରରେ ଓକିଲମାନଙ୍କ 'ଆନ୍ଦୋଳନ ତାତି' ହଟଚମଟ ସୃଷ୍ଟି କରିଥିଲା। ଜିଲାପାଳ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ତହସିଲ ଅଫିସରେ ଲୁଚାଛପାରେ କେତେକ ଅଧିକାରୀ ଓ କର୍ମଚାରୀ ସରକାରୀ କାର୍ଯ୍ୟ କରୁଥିବା ଖବର ପାଇ ଓକିଲ ସଂଘ ନିଆଁବାଣ ହୋଇଉଠିଥିଲା। ଶତାଧିକ ଓକିଲ ଜିଲାପାଳଙ୍କ ଅଫିସ ପରିସରକୁ ପଶି ଆସି ହୋହାଲ୍ଲା କରିଥିଲେ। ଅଫିସ ପରିସରସ୍ଥ ବିଭିନ୍ନ ବିଭାଗକୁ ଯାଇ ଅଧିକାରୀ ଓ କର୍ମଚାରୀଙ୍କୁ କାମ କରୁଥିବା ଦେଖି କମ୍ପମାନ ହୋଇଥିଲେ। ସେମାନଙ୍କୁ ଅଫିସରୁ ବାହାରକୁ ଚାଲିଯିବାକୁ ଅନୁରୋଧ କରିଥିଲେ। ଜିଲାପାଳ ସମର୍ଥ ବର୍ମାଙ୍କ ନିକଟରେ ଏହି ଖବର ପହଞ୍ଚିଥିଲା। ସେ ଘଟଣାସ୍ଥଳରେ ପହଞ୍ଚି ଓକିଲ ସଂଘ ପ୍ରତିନିଧିମାନଙ୍କ ସହ ବୈଠକ କରିଥିଲେ। ଅଫିସ ପରିସରରେ ରାଜସ୍ୱ କାମ ଚାଲିଥିବା ଜାଣି ନଥିବା ଜିଲାପାଳ କହିଥିଲେ। ଅନ୍ୟପଟେ, ଅତିରିକ୍ତ ତହସିଲଦାର ଓକିଲମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ପରେ ଓକିଲମାନେ ଉପଜିଲାପାଳ ଅଫିସ ଯାଇ ବନ୍ଦ କରିଥିଲେ।

# ନାସାରେ ବୈଜ୍ଞାନିକ ହେବେ ବାରିପଦାର ସୁମିତ

**ବାରିପଦା ଅଫିସ,୨୫।୯**



ମା ଙ୍କ ସହିତ ସୁମିତ ।

■ ଡାଟା ସାଇଣ୍ଟିଷ୍ଟ ଭାବେ କାର୍ଯ୍ୟ କରିବେ
■ ସଫଳତା ନେଇ ପ୍ରଶଂସାର ସୁଅ
■ ଏଣିକି ପାଠପଢ଼ା ଦାୟିତ୍ୱ ନେବ ନାସା

ସାବାସ ସୁମିତ ସାବାସ। ସମସ୍ତଙ୍କ ମୁହଁରେ ଏବେ ତାଙ୍କ ପ୍ରଶଂସା। ମୟୂରଭଞ୍ଜ ଜିଲା ବାରିପଦା ସହର ଶ୍ରୀ ସତ୍ୟସାୟୀ ବିଦ୍ୟା ବିହାରର ନବମ ଷ୍ଟାଣ୍ଡର୍ଡରେ ପଢ଼ୁଥିବା ଛାତ୍ର ସୁମିତ କୁମାର ସାହୁ ଆଗକୁ ନ୍ୟାସନାଲ ଏରୋନଟିକସ୍ ସ୍ପେସ ଆଡମିନିଷ୍ଟ୍ରେସନ (ନାସା)ରେ ଡାଟା ସାଇଣ୍ଟିଷ୍ଟ ଭାବେ କାର୍ଯ୍ୟ କରିବାକୁ ମନୋନୀତ ହୋଇଥିବା ଜଣାପଡିଛି। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଅନ୍ତର୍ଜାତୀୟ ସ୍ତରରେ ପରୀକ୍ଷା ଦେଇ ସୁମିତ ଏଭଳି ସଫଳତା ହାସଲ କରିବା ଜିଲା ପାଇଁ ଗୌରବ ଆଣିଛି ବୋଲି ଶୁଭେଚ୍ଛୁମାନେ କହିଛନ୍ତି।

ବାରିପଦା ସହର ୧୯ ନମ୍ବର ୱାର୍ଡ ଅଧୀନ ଦାରୋଗାଡାହି ଗୋଲେଇ ଅଞ୍ଚଳର ଶିବ ସାହୁଙ୍କ ପୁଅ ସୁମିତ। ବାପା ଶିବ ସାଉଦି ଆରବରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ମା' ନାଇଟ କୁଇନ ଜଣେ ଗୃହିଣୀ। ସ୍ଥାନୀୟ ସତ୍ୟସାଇ ଛକ ନିକଟରେ ଥିବା ଶ୍ରୀ ସତ୍ୟସାଇ ବିଦ୍ୟାବିହାର ସ୍କୁଲରେ ସୁମିତ ଏବେ ପାଠ ପଢ଼ୁଛନ୍ତି। ଭୁବନେଶ୍ୱରସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟରରେ ସପ୍ତାହକୁ ୨ ଦିନ ଅନ୍‌ଲାଇନ ଯୋଗେ କୋଚିଂ ନେଉଛନ୍ତି। ଉକ୍ତ କୋଚିଂ ସେଣ୍ଟର ସହଯୋଗକ୍ରମେ ସେ ଅନ୍‌ଲାଇନ ପରୀକ୍ଷା ଦେଇ ନାସାରେ କାମ କରିବାର ସୁଯୋଗ ପାଇଛନ୍ତି। ତାଙ୍କ ପ୍ରତିଭା ଓ ବିଜ୍ଞାନ ପ୍ରତି ଆଗ୍ରହକୁ ନାସା ପକ୍ଷରୁ ପ୍ରଶଂସା କରାଯାଇଛି।

ଗତ ଜୁଲାଇ ପହିଲାରେ ସୁମିତ ପ୍ରଥମେ ଅନ୍‌ଲାଇନ ପରୀକ୍ଷା ଦେଇ ରାଜ୍ୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଗତ ଅଗଷ୍ଟ ୧୨ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ସର୍ବ ଭାରତୀୟ ସ୍ତରରେ ପରୀକ୍ଷା ଦେଇ ସେ ୧ମ ସ୍ଥାନ ଅଧିକାର କରି ଅର୍ନ୍ତଜାତୀୟ ସ୍ତରରେ ପରୀକ୍ଷା ଦେବା ପାଇଁ ମନୋନୀତ ହୋଇଥିଲେ। ଏହାପରେ ସେହି ମାସ ୩୧ ତାରିଖରେ ସେ ଦିଲ୍ଲୀରେ ଅର୍ନ୍ତଜାତୀୟ ସ୍ତରରେ ପରୀକ୍ଷା ଦେଇ ୨ୟ ସ୍ଥାନ ହାସଲ କରିଥିଲେ। ଗଣିତ, ବିଜ୍ଞାନ ଓ କମ୍ପ୍ୟୁଟର ସମ୍ପର୍କିତ ପରୀକ୍ଷାରେ ସୁମିତ ସଫଳତା ପାଇଥିବାରୁ ନାସା ପକ୍ଷରୁ ତାଙ୍କୁ ଛାତ୍ରବୃତ୍ତି ପ୍ରଦାନ ସହ ଆଗକୁ ଚାକିରି ଦେବା ଲାଗି ପ୍ରସ୍ତାବ ଦିଆଯାଇଛି। ନାସା ଏଥିସକାଶେ କେତେକ ସର୍ତ୍ତ ରଖିଛି। ମାଟ୍ରିକ ପରୀକ୍ଷାରେ ସୁମିତଙ୍କୁ ୬୧ ପ୍ରତିଶତ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ପ୍ରତିଶତ ନମ୍ବର ରଖି ପାସ କରିବାକୁ ପଡିବ। ଧାର୍ଯ୍ୟ ପ୍ରତିଶତ ରଖି ପାସ କଲେ ତାଙ୍କୁ ଟେକ୍ସିଲା ଆମେରିକାନ ୟୁନିଭର୍ସିଟିରେ ପାଠ ପଢ଼ାଇବା ପାଇଁ ନାସା ସମସ୍ତ ଦାୟିତ୍ୱ ନେବ। ସେଥିଲାଗି ତାଙ୍କୁ ୧୦ କୋଟି ଟଙ୍କାର ଛାତ୍ରବୃତ୍ତି ଦେବା ସକାଶେ ନାସା ମଧ୍ୟ ଚୁକ୍ତି କରିଛି । ଏହାଛଡା ଚଳିତ ଶିକ୍ଷାବର୍ଷଠାରୁ ତାଙ୍କୁ ମିଳିବ ଛାତ୍ର ବୃତ୍ତି । ପାଠପଢ଼ା ସାରିବା ପରେ ସିଧାସଳଖ ସୁମିତ ନାସାରେ ଡାଟା ସାଇଣ୍ଟିଷ୍ଟ ଭାବେ ଯୋଗ ଦେବେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ମା'ବାପାଙ୍କ ପ୍ରେରଣା ଯୋଗୁଁ ସେ ଏହି ସ୍ଥାନକୁ ଆସିପାରିଛନ୍ତି ବୋଲି ସୁମିତ ତାଙ୍କ ପ୍ରତିକ୍ରିୟାରେ ଖୁସି ଜାହିର କରି କହିଛନ୍ତି। ନାସା ଭଳି ଏକ ସ୍ଥାନକୁ ଯାଇ ସୁମିତ ବିଶ୍ୱ ପାଇଁ ସେବା କରିବ ଏ କଥା ଭାବି ସେ ଆତ୍ମହରା ହୋଇ ପଡିଛନ୍ତି ବୋଲି ତାଙ୍କ ମା' ନାଇଟ କୁଇନ କହିଛନ୍ତି।

■ ହରିୟାଣାରେ ଛାତ୍ରୀଙ୍କୁ ଗଣବଳାତ୍କାର: ଆଉ ୩ ଗିରଫ

# ଗଞ୍ଜାମରୁ ଧରାପଡ଼ିଲେ ସେନା କର୍ମଚାରୀ

**ଚଣ୍ଡିଗଡ଼, ୨୫।୯(ପି.ଟି.)**

ହରିୟାଣାର ରେୱାରି ନିବାସୀ ଜଣେ ୧୯ ବର୍ଷୀୟା ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ପ୍ରଘଟ ହେବା ପରେ ଦେଶବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏହି ମାମଲାରେ ରାଜ୍ୟ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି)କୁ ମଙ୍ଗଳବାର ବଡ଼ ସଫଳତା ମିଳିଛି। ଜଣେ ସେନା ଯବାନଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି ପୋଲିସ ଟିମ୍ । ସେନା କର୍ମଚାରୀ ନବୀନ ଓରଫ ନିକ୍କୁ ଓଡ଼ିଶାର ଗଞ୍ଜାମ ଜିଲାରୁ ଧରାପଡ଼ିଛନ୍ତି। ଅନ୍ୟ ଦୁଇ ଅଭିଯୁକ୍ତ ଅଭିଷେକ (ମେହନ୍ଦରଗଡ଼) ଏବଂ ମନ୍‌ଜିତ୍ (ରାଜସ୍ଥାନ) ସନ୍ଧ୍ୟାରେ ଗିରଫ ହୋଇଛନ୍ତି। ଏଥିସହିତ ଏହି ମାମଲାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୮ ହୋଇଛି। ପୋଲିସ ସୂଚନା ମୁତାବକ, ଛାତ୍ରୀଙ୍କୁ ଅପହରଣ ପରେ ଗଣବଳାତ୍କାର କରାଯିବା ବେଳେ ଘଟଣାସ୍ଥଳରେ ସେନା କର୍ମଚାରୀ ନବୀନ ଉପସ୍ଥିତ ଥିଲେ। ମୁଖ୍ୟ ଅଭିଯୁକ୍ତଙ୍କୁ ସାହାଯ୍ୟ କରିବା ସହ ଘଟଣା ସମ୍ପର୍କରେ ପୋଲିସକୁ ସୂଚନା ଦେଇ ନ ଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। ଚଳିତବର୍ଷ ସୁରକ୍ଷାବଳରେ ନିଯୁକ୍ତ ହୋଇଥିବା ନବୀନ ଓଡ଼ିଶାରେ ପ୍ରଶିକ୍ଷଣ ନେଉଥିଲେ। ଅନେକ ଖୋଜାଖୋଜି କରିବା ପରେ ଗଞ୍ଜାମ ଜିଲା ଗୋଳାବନ୍ଧସ୍ଥିତ ଆର୍ମି ଏଡି କଲେଜରୁ ତାଙ୍କୁ ପୋଲିସ ଟିମ୍ ଗିରଫ କରିଛି। ସେହିପରି ରବିବାର ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ମନୀଷ୍ ଓ ପଙ୍କଜଙ୍କୁ ଆଶ୍ରୟ ଦେବା ସହ ଖାଦ୍ୟ ଓ ଅର୍ଥ ସହଯୋଗ କରିଥିଲେ ଅଭିଷେକ ଏବଂ ମନ୍‌ଜିତ। ତେଣୁ ଉଭୟଙ୍କୁ ପୋଲିସ ଗିରଫ କରିଛି। ମାମଲାର ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ନିଶୁ। ମଙ୍ଗଳବାର ମହେନ୍ଦରଗଡ଼ସ୍ଥିତ ଏକ କୋର୍ଟ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନିରଞ୍ଜନ

■ ରାଜ୍ୟରେ ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ଅନୁରୋଧ

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟରେ ଦେଖାଦେଇଥିବା ଓକିଲମାନଙ୍କ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି, ଦଳୀୟ ରାଜନୈତିକ କାର୍ଯ୍ୟରେ ଅତ୍ୟଧିକ ବ୍ୟସ୍ତ ରହୁଥିବା ଯୋଗୁ ବୋଧହୁଏ ରାଜ୍ୟର ଲକ୍ଷାଧିକ ଲୋକ କିଭଳି ପ୍ରଶାସନିକ ଓ ନ୍ୟାୟପାଳିକା ସେବାରୁ ବଞ୍ଚିତ ହେଉଛନ୍ତି, ତାହା ଆପଣଙ୍କ ଦୃଷ୍ଟିଗୋଚର ହେଉନାହିଁ। ବିଗତ ୨୫ଦିନ ହେବ ରାଜ୍ୟ ହାଇକୋର୍ଟ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇପଡିଛି। ଜଣେ ଆଇନଜୀବୀଙ୍କୁ ମାଡ଼ ମାରିବା ଅଭିଯୋଗରେ ହାଇକୋର୍ଟ ବାର ଆସୋସିଏଶନ ଓକିଲମାନେ ଆନ୍ଦୋଳନ କରୁଛନ୍ତି। ସମାଧାନ ଦିଗରେ ସରକାରଙ୍କ ଖାମଖିଆଲ ନୀତି ଯୋଗୁ ରାଜ୍ୟର ସମସ୍ତ ବାର ଆସୋସିଏଶନର ସଦସ୍ୟ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ବହୁ ଲୋକ ଆଇନସେବାରୁ ବଞ୍ଚିତ ହେବା ସହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ପଶ୍ଚିମ ଓଡ଼ିଶା ବାର୍ ଆସୋସିଏଶନ ପକ୍ଷରୁ ବହୁଦିନରୁ ଆନ୍ଦୋଳନ ଚାଲୁ ରହିଛି। ଏଥିପାଇଁ ମଧ୍ୟ ସମ୍ପୃକ୍ତ ଅଞ୍ଚଳବାସୀ ନ୍ୟାୟସେବାରୁ ବଞ୍ଚିତ ହେଉଛନ୍ତି। ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କ ବର୍ଷ ବର୍ଷର ଦାବି ପୂରଣ ଦିଗରେ ସରକାରଙ୍କ ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି। ଏଥିପାଇଁ ସରକାରୀ ସ୍କୁଲ, କଲେଜରେ ପାଠପଢ଼ା ଏକ ପ୍ରକାର ବନ୍ଦ ହୋଇଯାଇଛି। ଆଜିକୁ ୩୯ଦିନ ଧରି ରାଜ୍ୟ ମୁଖ୍ୟ ଦପ୍ତର କର୍ମଚାରୀ ଓ ଜିଲା କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟ ଅଚଳ ହୋଇପଡ଼ିଛି। ଏହି ସମସ୍ୟା କିପରି ହଟିବ ସେ ଦିଗରେ ଧ୍ୟାନ ଦେବାକୁ ନିରଞ୍ଜନ ଅନୁରୋଧ କରିଛନ୍ତି।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**URGENT REQUIRED**
A renowned financial institution required Experience & Fresher Collection Executives in BHUBANESWAR, CUTTACK & PURI. Any interested candidate can call
M-8249100064 Or Email- manasnayak06@gmail.com

Wanted following Staffs for our office around Cuttack.
• ACCOUNTANT
• SUPERVISORS
• CAR DRIVERS
Only Male: CONTACT:
9437496020
7381075901

**APPOINTMENT**
VIGEN INDIA Requied Smart Boys and Girls Candidates for Office Job. Age: 18 to 28. Edu: 10th to Graduate.
➢ For Lewis Road Candidates: 8249082502
➢ For Sastri Nagar Candidates: 9348916882
Fully Office Job. Fix Salary + Incentives. Contact within 4 days.

**DRIVER REQUIRED**
Requires Driver for Private Business House for 407 & 709 goods carrying vehicle at Bhubaneswar.
Contact:
9437022584, 9437460875

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**WALKING INTERVIEW**
❖ BANKING
❖ BACK OFFICE
❖ HR/ADMIN
❖ SALES / MARKETING
Qual.: 10, +2, Graduation, MBA
Male / Female
8480280229, 9583279596

**SMD TECHNOLOGIES**
(NSDC Partner)
invites job application from Graduates for teaching up to Class VIII/X in Kakatpur, Bhubaneswar and Project Coordinator.
Send Resume to:
hr@smdtech.co.in / Ph: (033) 2590- 7788

A diversified group having interest in mining, logistics requires:
**SENIOR SAFETY OFFICER**
Location : Kalinga Nagar, Orissa
Candidates should have Diploma in Industrial Safety from a recognized institution and at least 8 – 10 years experience in a reputed organization, knowledge of Oriya essential.
Apply : hrkol@ircl.in

**୪୫ ଜଣ କର୍ମଚାରୀ ଆବଶ୍ୟକ**
(FOR A BOOK SALES COMPANY)
ବିନା ଖର୍ଚ୍ଚରେ ରହିବା ସୁବିଧା ସହିତ ମାସିକ ରୋଜଗାର Rs.8000/- ରୁ Rs.17000/- & more. Qualification - 10th ରୁ Graduation ଏବଂ ବୟସ (18-30) ବର୍ଷ ହୋଇଥିବା ଆବଶ୍ୟକ । ନିଜର Bio-Data ଏବଂ Aadhar Card ସହିତ ଆସନ୍ତା ୪ ଦିନ ମଧ୍ୟରେ ସାକ୍ଷାତ କରନ୍ତୁ ।
OFFICE ADDRESS : MICRO EXPANSION
N/6-315, Jaydev Vihar, Bhubaneswar.
Ph : 9238100178

**URGENTLY REQUIRED**
FIELD INVESTIGATION EXECUTIVES for all Odisha location & BACK OFFICE EXECUTIVES having Computer Knowledge for BBSR Office.
Add: Flat No. 307, Nirmala Plaza, Forest Park, BBSR-9.
CONTACT MOB: 7504008200
Send Resume to above address & email
dillipkumar00@gmail.com

**ଆବଶ୍ୟକ**
ଲୋଡର୍ - ଅନ୍‌ଲୋଡର୍
ଡେଲିଭରୀ ବଏଜ୍ ଏକ୍ସି.
ବାଇକ୍/ଡିଏଲ୍/ସ୍ମାର୍ଟ ଫୋନ୍ ଥିବା ଜରୁରୀ, ପାରିତୋଷିକ + ପିଏଫ୍ + ଇଏସ୍‌ଆଇସି + ପେଟ୍ରୋଲ ସୁବିଧା
ଆଗ୍ରହୀ ବ୍ୟକ୍ତିମାନେ ଯୋଗାଯୋଗ କରନ୍ତୁ:
8109036707, 89820 66707

**AREA MANAGER**
LAVITA WARE PVT. LTD. a leading sanitary & Bath fittings company urgently required a Area Manager for Odisha. Candidates having a experience of 2-3 yrs in channel & corporate sales through Dealer & Distributor.
Salary Negotiable with TA/DA
Contact: 9861033823, 9937144418

**URGENT REQUIREMENT**
**NIGAM SERVICES**
Official Job:
❖ BACK OFFICE EXECUTIVE
❖ FRONT OFFICE EXECUTIVE
❖ ACCOUNTANT
❖ DATA ENTRY OPERATOR
Monthly Salary: 10000/- to 15000/-
Website address: www.nigamservices.com
Contact: 7064617593, 7064617542

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍,
ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

See Career Appointment on every Wednesday & Saturday

**WANTED**
Candidates with 55% of marks at PG Level may attend the Walk-in-Interview for the Post of LECT. IN ZOOLOGY (against leave vacancy) at the College at 11.00 A.M. on Dt.29.09.2018.
Principal I/C/Secy.
Balanga College, Balanga, Puri
Mob.: 9776428131

**URGENT REQUIREMENT**
**NIGAM SERVICES**
❖ HOUSE MAID
❖ PEON ❖ DRIVER
❖ SECURITY GUARD
❖ SECURITY SUPERVISOR
Monthly Salary: 10000/- to 15000/-
Website address: www.nigamservices.com
Contact: 7064617593, 7064617542

**URGENTLY REQUIRED**
For Ladies Garment Showroom
1. SALESMAN / SALES GIRL
2. PEON
RIAZ Collections, Shop No.-5, Plot No.-616/4449, Shree Vihar, Patia, Bhubaneswar
Ph.- 9853715701, 9116923462

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above.
Monthly Income upto Rs.25000/-.
Part Time / Full Time
Contact: 9938676412

**CANDIDATES REQUIRED FOR TRUST**
ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ।
POST: • DIST HEAD (15), • AREA MANAGER (10)
• MARKETING EXECUTIVE (30) • PEON (1)
• TELECALLER-Female (2)
• DESIGNER (1) Must have knowledge of Photoshop & CorelDRAW
SALARY: 5000/- to 25,000/-
Interested Candidates may walk in Interview within 7 days from the date of publication. TIME: 10.30 A.M. to 5 P.M.
Office Address: SAHAYAKA, Plot No: 246, Kharvel Nagar, Unit-3, BBSR,
Ph: 9437820775, 9078206566

**ସ୍ଥାୟୀ ନିଯୁକ୍ତି**
ଭାରତ ସରକାରଙ୍କ NSDL ର PAN, TAN, GST, NPS ଓ Micro Credit କାର୍ଯ୍ୟ ନିମନ୍ତେ ନିମ୍ନ ପଦବୀ ପାଇଁ ବ୍ଲକସ୍ତରୀୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| | Post | Qualification | Salary |
|---|---|---|---|
| (1) | JUNIOR B.C | 10th Pass | 7300/- |
| (2) | INSPECTOR CUM A.O. | +2 or Above | 11000/- |

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ସେମାନଙ୍କର Biodata ସହ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ
ADDRESS-1
Plot No: 355, Sishupalgarh, BBSR
Ph. No: 9776934602
ADDRESS-2
Forest Colony, Gandhinagar, Koraput
Ph. No: 9438767252, 8637288711

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ପନିପରିବାରେ ପୋକ ଦମନ କରିବେ କିପରି

ବାଇଗଣରେ ଫଳ ଓ କାଣ୍ଡ ବିନ୍ଧା ପୋକର ଦମନ ପାଇଁ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ହଜାର ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ଲିଟର ହିସାବରେ ପ୍ରୟୋଗ କରନ୍ତୁ। ଅଥବା ପ୍ରତି ଲିଟର ପାଣିରେ ୫ଗ୍ରାମ୍ କାର୍ବାରିଲ୍ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ଲାଗି ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ୍ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍ (୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ଔଷଧ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉ ପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।



# ସୁସ୍ଥକାରୀ ସଜନା



ଡ. ପରେଶ କୁମାର ପଣ୍ଡା

ସାଧାରଣତଃ ସଜନାକୁ ଏକ ପନିପରିବା ଭାବେ ବ୍ୟବହାର କରାଯାଏ। ଡାଲିରେ ସଜନା ନାଡି ପଡି ରନ୍ଧା ହୋଇଥିଲେ ଖୁବ୍ ସ୍ୱାଦଯୁକ୍ତ ହୋଇଥାଏ। ଏଥିରେ ପ୍ରଚୁର ଖଣିଜତତ୍ତ୍ୱ ଥିବାରୁ ତାହାକୁ 'ଶକ୍ତିର ଘର' କୁହାଯାଏ। ସଜନାରେ ପ୍ରଚୁର ଜୀବନିକା ଥାଇ ୪୬ ପ୍ରକାରର ଆଣ୍ଟିଅକ୍ସିଡାଣ୍ଟ ଓ ଆମିନୋ ଏସିଡ୍ ରହିଥାଏ, ଏଥିରେ ଲେମ୍ବୁ ତୁଳନାରେ ଅଧିକ ଜୀବନିକା 'ଗ', ଗାଜର ତୁଳନାରେ ଅଧିକ ଜୀବନିକା 'କ', କ୍ଷୀର ତୁଳନାରେ ଅଧିକ କ୍ୟାଲସିୟମ୍, କଦଳୀ ତୁଳନାରେ ଅଧିକ ପୋଟାସିୟମ ଓ ପାଳଙ୍ଗ ଶାଗ ତୁଳନାରେ ଅଧିକ ଲୌହ ରହିଥାଏ। ଏପରି କି ଏହାର ମଞ୍ଜିକୁ ମଟର ପରି ଖିଆଯାଏ, ଯେଉଁଥିରେ ଜୀବନିକା 'ଖ' ଓ 'ଗ' ଏବଂ ଖଣିଜ ଲବଣ ଅଧିକ ମାତ୍ରରେ ରହିଥାଏ। ସଜନା ଚେରକୁ ମସଲା ସହ ମଧ୍ୟ ବ୍ୟବହାର କରାଯାଏ।

ଏହାର ଔଷଧୀୟ ଗୁଣଗୁଡିକ ମଧ୍ୟରେ ରକ୍ତହୀନତା, ଚର୍ମରୋଗ, କୃମି ସଂକ୍ରମଣ, ରକ୍ତ ଅପରିଷ୍କାର, ହାଡ଼ ଛିଦ୍ରାଳ, ଆଜମା, ବ୍ରୋଙ୍କାଇଟିସ୍, ଟାଇଫଏଡ୍, ଖାଦ୍ୟ ହଜମ ସମସ୍ୟା, ପରିସ୍ରାଜନିତ ଓ ଅମ୍ଳଦୋଷ ନିରାକରଣ ନିମନ୍ତେ ବ୍ୟବହାର ବେଶ୍ ଉଲ୍ଲେଖଯୋଗ୍ୟ।

ଏହା ବୃକ୍ଷ ଜାତୀୟ ପନିପରିବା। ଏହାର କଅଁଳ ପତ୍ର ଶାଗ ହେବା ସହ ଛୁଇଁ ଉତ୍କୃଷ୍ଟ ତଥା ପନିପରିବା ରୂପେ ଆଦୃତ ହୋଇଥାଏ। ଉଭୟ ମଞ୍ଜି ଓ କଟା ଡାଳକୁ ଲଗାଯାଏ। ସଜନା/ମୁଗୁନା ମଞ୍ଜି ଲାଗିବାର ୬-୮ମାସ ମଧ୍ୟରେ ଫଳ ଆରମ୍ଭ ହୋଇ ବର୍ଷସାରା ଫଳ ଫଳିଥାଏ। ୫୦ ସେ.ମି.-୫୦ ସେ.ମି.-୫୦.ସେ.ମି.ର ଗାତ ଖୋଳି ଖତଦେଇ



ଡାଳ ଖଣ୍ଡ ପୋତାଯାଏ।

ସଜନା ଓଡ଼ିଶାର ଗାଁ ଗହଳିରେ ବେଶ୍ ପରିଚିତ। ସଜନା ଛୁଇଁ ଓ ପତ୍ରର ଚାହିଦା ସବୁବେଳେ ରହିଥାଏ। ତେଣୁ ସଜନା ଚାଷ କରି ଚାଷୀ ଲାଭବାନ ହୋଇପାରିବେ। ଜୁଲାଇ-ଅଗଷ୍ଟରେ ସଜନା ଲଗାଇଲେ ଭଲ। ଯଦି ପାଣିର ସୁବିଧା ଥାଏ, ତେବେ ଅନ୍ୟ ଋତୁରେ ମଧ୍ୟ ଏହାକୁ ଲଗାଯାଇପାରିବ। ଜାଫନା ଓ ସିଲୋନ୍ କିସମ ବେଶ୍ ଲୋକପ୍ରିୟ।

ଏହା ସାଧାରଣତଃ ମଞ୍ଜି ଓ ଡାଳ ଦ୍ୱାରା ବଂଶ ବିସ୍ତାର କରେ। ପ୍ରଥମ ବର୍ଷ ୩୦୦ ପର୍ଯ୍ୟନ୍ତ ଛୁଇଁ ଓ ୨ୟ ବର୍ଷ ୫୦୦ ପର୍ଯ୍ୟନ୍ତ



ଛୁଇଁ ଗଛ ପ୍ରତି ଧରିଥାଏ। ମଞ୍ଜି ଅପେକ୍ଷା କଟା ଡାଳରୁ ଗଛ କରିବା ସୁବିଧାଜନକ। ଫଳନ୍ତି ଗଛର ୩-୪ ଫୁଟ୍ ଲମ୍ବା ମୋଟା ଡାଳ କାଟି ହାତେ ଗଭୀର ଗାତରେ ବର୍ଷା ଦିନେ ପୋତି ଦିଆଯାଏ। ଏହାର ଅଗରେ ଗୋବର ବୋଳି ଦେଲେ କଟାମୁହଁ ଶୁଖି ନ ଥାଏ ଓ ଶୀଘ୍ର ପତ୍ର ଦେଇଥାଏ।

ଏକ ଏକର ପାଇଁ ୨୫୦ ଗ୍ରାମ ବିହନ ଆବଶ୍ୟକ ହୋଇଥାଏ । ସଙ୍କର ସଜନା ଚାଷ ବେଶ୍ ଲାଭଜନକ। ସଙ୍କର ଗଛରେ ୬ ମାସ ମଧ୍ୟରେ ଛୁଇଁ ଧରିଥାଏ। ପ୍ରଥମେ ଆବଶ୍ୟକ ପରିମାଣ ଖତ ଓ ମାଟି ଦେଇ ମଞ୍ଜି ବୁଣି ପଲିଥିନ୍ ମୁଣିରେ ଚାରା ପ୍ରସ୍ତୁତ କରନ୍ତୁ। ୪୦ ଦିନର ଚାରା ରୋଇବା ଉପଯୋଗୀ ହୋଇଥାଏ। ଏକ ଏକର ଜମିରେ ପ୍ରାୟ ୨.୫ ମିଟର ବ୍ୟବଧାନରେ ହାରାହାରି ୬୪୦ଟି ଚାରା ଲଗାନ୍ତୁ। ଏକର ପ୍ରତି ୧୦୦ କୁଇଣ୍ଟାଲ ଖତ ସହ ୩୦:୧୨:୪୦ କି.ଗ୍ରା. ଏନ୍:ପି:କେ ଦିଅନ୍ତୁ। ଲଗାଇବା ସମୟରେ ପ୍ରତି ଗଛରେ ୧୫ କି.ଗ୍ରା. ଖତ ଦିଆଯାଏ। ଏହା ସହ ୫୦ ଗ୍ରାମ ଡି.ଏ.ପି ଓ ୫୦ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ ଦେଇ ଗାତରେ ଚାରା ଲଗାଇଲେ ଗଛ ଭଲ ବୃଦ୍ଧି ହୁଏ। ଏହାର ଦୁଇ ମାସ ପରେ ୮୦ ଗ୍ରାମ୍ ୟୁରିଆ ୫୦ ଗ୍ରାମ ମ୍ୟୁରେଟ୍ ଅଫ୍ ପଟାସ ଦେଇ ହୁଡା ଟେକି ଦିଅନ୍ତୁ। ଗଛର ଅଗ ଡାଳକୁ ଛୋଟ ଅବସ୍ଥାରେ କାଟିଦେଲେ ଗଛ ଝଙ୍କାଳିଆ ହୁଏ ଓ ଭଲ ଫଳିଥାଏ। ଗଛରେ ଫୁଲ ଓ ଫଳ ନ ଝଡିବା ପାଇଁ ପ୍ଲାନୋଫିକ୍ସ ୨ମି.ଲି. ପ୍ରତି ଗୋଳାଇ ସିଞ୍ଚନ କରନ୍ତୁ। ଏହାର ମୂଳରେ ପ୍ରଚୁର ପାଣି ଦେବା ଆବଶ୍ୟକ। ପାଣି ଯେପରି ଜମି ନ ରୁହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଗଛରେ ଶଁବାଳୁଆ ନ ହେବା ପାଇଁ ଗଛ ମୂଳରେ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ। ଫଳ ମାଛି ପାଇଁ ଏକ ଲିଟର ପାଣିରେ ୧ମିଲି ହିସାବରେ ନ୍ୟୁଭାନ୍ ମିଶାଇ ସିଞ୍ଚନ କରିବା ଆବଶ୍ୟକ। ସଙ୍କର ଜାତୀୟ ଚାଷ କରୁଥିଲେ ଏକ ଏକର ଜମିରୁ ବର୍ଷକୁ ପ୍ରାୟ ୧୨୦ କୁଇଣ୍ଟାଲ ଛୁଇଁ ମିଳେ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ: ୭୨୦୫୦୯୬୦୮୦*

# ସୋରିଷର ରୋଗ, କୀଟ ନିୟନ୍ତ୍ରଣ

ସୋରିଷ ମୁଖ୍ୟତଃ ତୈଳ ବୀଜ ଫସଲ ଭାବେ ଚାଷ କରାଯାଏ। କିନ୍ତୁ କେତେକ କ୍ଷେତ୍ରରେ ବିଭିନ୍ନ ରୋଗ ଓ କୀଟ ଆକ୍ରମଣ ଯୋଗୁ ଉତ୍ପାଦନ ହ୍ରାସ ପାଇଥାଏ। ସୋରିଷର ମୁଖ୍ୟ ରୋଗ, କୀଟର କିପରି ଦମନ ତଥା ପରିଚାଳନା କରିବେ ସେ ସମ୍ପର୍କରେ ଏଠାରେ ଉଲ୍ଲେଖ କରାଯାଉଛି...

**ସୋରିଷରେ ଲାଗୁଥିବା କୀଟ**

**ଜଉ ପୋକ:** ଏହା ସୋରିଷ ଫସଲର ଅତ୍ୟନ୍ତ କ୍ଷତିକାରକ ପୋକ। ଜଉ ପୋକ ସଂଖ୍ୟା ଗଛ ପ୍ରତି ୫୦ ଗୋଟି ଦେଖାଦେଲେ କିମ୍ବା ସୋରିଷ କିଆରିର ଶତକଡା ୩୦ ଭାଗ ଏହି ପୋକ ଲାଗିଲେ ଏକର ପ୍ରତି ୪୦୦ ମି.ଲି ଡାଇମିଥୋଏଟ କିମ୍ବା ମିଥାଇଲ ଡିମେଟନ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆବଶ୍ୟକ ସ୍ଥଳେ ୧୫ ଦିନ ପରେ ଆଉଥରେ ଔଷଧ ପ୍ରୟୋଗ କରନ୍ତୁ। ଔଷଧ ପକାଇବାର ୧୫ ଦିନ ମଧ୍ୟରେ ଡାଳ କିମ୍ବା ପତ୍ର ନେଇ ଶାଗ ହିସାବରେ ବ୍ୟବହାର କରିବା ଅନୁଚିତ।

**କରତିଆ ମାଛି:** ଏହି ପୋକ ଗଛର ପତ୍ର ଓ କଅଁଳିଆ କାଣ୍ଡକୁ ଖାଇ ଥାଏ। ଏହାକୁ ଦମନ ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍ ଔଷଧ ସିଞ୍ଚନ କରନ୍ତୁ।

**ସବୁଜ ଶୁକ:** ଏହା ପତ୍ରର ସବୁଜ ଅଂଶକୁ କୋରି ଖାଇଥାଏ। ଏହାକୁ ଦମନ ପାଇଁ ଏକର ପ୍ରତି ୨୦୦ ମିଲି ଡିଡି କିମ୍ବା ୪୦୦ ମିଲି କ୍ଲୋରୋପାଇରିଫସ୍ ଔଷଧ ସିଞ୍ଚନ କରନ୍ତୁ।

**ରୋଗ-**

**ପତ୍ରପୋଡା:** ଏହି ରୋଗ ହେଲେ ପତ୍ରର କାଣ୍ଡ ଓ ଛୁଇଁରେ ପ୍ରଥମେ ହଳଦିଆ ଦାଗମାନ ଦେଖାଯାଏ। ପରେ ଏହି ଦାଗଗୁଡିକ ବାଦାମୀ ବା ଧୂସର ହୋଇଥାଏ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ୮୦୦ ଗ୍ରାମ ମାଙ୍କୋଜେବ୍‌କୁ ୨୦୦ ଲିଟର ପାଣିରେ ପକାଇ ସିଞ୍ଚନ କରନ୍ତୁ।

**ନିମ୍ନମୁଖୀ ପାଉଁଶିଆ ରୋଗ:** ଏହି ରୋଗ ହେଲେ ପତ୍ରର ତଳଭାଗରେ ଧୂସର ବର୍ଣ୍ଣର ଚିହ୍ନମାନ ଦେଖାଯାଏ ଏବଂ ଏହି ଚିହ୍ନଗୁଡିକ ଠିକ ବିପରୀତ ଭାଗରେ ଅର୍ଥାତ ପତ୍ରର ଉପର ଭାଗରେ ଧଳା ରଙ୍ଗର ଦାଗ ଦେଖିବାକୁ ମିଳେ ଏବଂ ପରେ ପତ୍ର ଶୁଖିଯାଏ। ଏହି ଦାଗ ଗଛର କାଣ୍ଡରେ ମଧ୍ୟ ଦେଖାଯାଏ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ୧ କିଗ୍ରା କପରଅକ୍ସି କ୍ଲୋରାଇଡ୍ କିମ୍ବା ୧କିଗ୍ରା ଥିରାମ ଫସଲରେ ପକାଇବା ଆବଶ୍ୟକ।



**ପାଉଁଶିଆ ରୋଗ-** ଏହି ରୋଗ ଦେଖାଦେଲେ ଏକର ପ୍ରତି ୧ କିଗ୍ରା ସଲଫର ସେଟିଡଗୁଣ୍ଡ ପତ୍ରରେ ସିଞ୍ଚନ କରନ୍ତୁ।

*-ଡି. ଶୁଭମ, ଏମ.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି*

# ମୂଷା ଉପଦ୍ରବର ନିରାକରଣ



ଡ. ବିଷ୍ଣୁ ଚରଣ ଜେନା





ଚାଷୀଙ୍କର ଫସଲକୁ କୀଟ, ପତଙ୍ଗ, ବିହଙ୍ଗ, ଭାଲୁ, ମାଙ୍କଡ଼, ହାତୀ ଓ ଅନ୍ୟାନ୍ୟ ସୂକ୍ଷ୍ମାତିସୂକ୍ଷ୍ମ ଜୀବ ଯଥା ଅଷ୍ଟପଦୀ, ଦ୍ୱିପଦୀ ଓ ସୂତ୍ରଜୀବ ଫସଲର ଭିନ୍ନ ଭିନ୍ନ ଅବସ୍ଥାରେ ଆକ୍ରମଣ କରନ୍ତି। ମୂଷା ଏମାନଙ୍କ ପରି ମଧ୍ୟ ଫସଲକୁ ଆକ୍ରମଣ କରେ। ଏହା ସହିତ ଏମାନେ ମଧ୍ୟ ଭଣ୍ଡାରଘରେ ସାଇତା ହୋଇଥିବା ଖାଦ୍ୟଶସ୍ୟକୁ ଓ ରୋଷେଇ ଘରେ ରହିଥିବା ଖାଦ୍ୟଦ୍ରବ୍ୟକୁ ମଧ୍ୟ ଖାଇଥାନ୍ତି। ଏତଦ୍‌ବ୍ୟତୀତ ମୂଷା ଖାଦ୍ୟଶସ୍ୟ ଓ ଖାଦ୍ୟଦ୍ରବ୍ୟରେ ନିଜର ମଳ, ମୂତ୍ର ଓ ଲୋମ ତ୍ୟାଗ କରନ୍ତି। ଏହାଯୋଗୁ ଖାଦ୍ୟଶସ୍ୟ ଓ ଖାଦ୍ୟଦ୍ରବ୍ୟ ଖାଦ୍ୟୋପଯୋଗୀ ହୋଇପାରେ ନାହିଁ।

**ମୂଷା ଉପଦ୍ରବ ବୃଦ୍ଧିର କାରଣ:** ମୂଷା ଫସଲ କିଆରିରେ ରହିବା ସହିତ ଭଣ୍ଡାରଘରେ, ଗୋଦାମଘରେ, ରୋଷେଇଘରେ, ନଡ଼ାଗଦା ଓ କୁଟାଗଦା ତଳେ ଓ ପରିତ୍ୟକ୍ତ ଘରେ ରହିପାରନ୍ତି। ମୂଷା ଅଳ୍ପଦିନ ବ୍ୟବଧାନରେ ନିଜର ବଂଶ ବୃଦ୍ଧି କରିପାରନ୍ତି। ମୂଷା ଗଣେଶଙ୍କ ବାହନ ହୋଇଥିବାରୁ ଅନେକ ଲୋକ ମୂଷା ମାରିବାକୁ ପସନ୍ଦ କରନ୍ତି ନାହିଁ। ବରଂ ମୂଷାମାନଙ୍କୁ ପୂଜା କରନ୍ତି।

**ମୂଷା ବାହିତ ରୋଗ:** ମୂଷା ଦ୍ୱାରା ମନୁଷ୍ୟ ଶରୀରରେ ଅନେକ ପ୍ରକାର ଜୀବାଣୁଜନିତ, ଭୂତାଣୁଜନିତ, ରିକେଟସିଆ ଓ ପ୍ରୋଟୋଜୋଆନଜନିତ ରୋଗ ଦେଖାଯାଏ। ଲେପ୍ଟୋସ୍ପାଇରୋସ୍, ପ୍ଲେଗ, ସାଲମୋନିଲୋସ ଓ ର୍‌ୟାଟ୍ ବାଇଟ ଫିଭର ଆଦି ରୋଗ ଜୀବାଣୁଜନିତ। ଏହି ରୋଗର ଜୀବାଣୁ ମୂଷାଙ୍କର ଶରୀରରେ ବଂଶବୃଦ୍ଧି କରେ। ମନୁଷ୍ୟ ଶରୀରକୁ ଏହି ଜୀବାଣୁମାନେ ମୂଷା ମାଧ୍ୟମରେ ସ୍ଥାନାନ୍ତରିତ ହୁଅନ୍ତି।

**ଆର୍ଥିକ କ୍ଷୟକ୍ଷତି:** ଧାନ ଫସଲର ପ୍ରତ୍ୟେକ ଅବସ୍ଥାରେ ମୂଷାମାନେ କ୍ଷତି ଘଟାନ୍ତି। ସର୍ବଭାରତୀୟ ଗବେଷଣାରୁ ଜଣାପଡ଼େ ଯେ, ଗୋଟିଏ ମୂଷା ଗାତରେ ପ୍ରାୟ ୦୪ କିଲୋଗ୍ରାମ ଶସ୍ୟ ରଖିପାରେ। ମୂଷାମାନେ ଧାନର ତଳି ଅବସ୍ଥା ଓ ଗହମର ପିଲ ଅବସ୍ଥାରେ କ୍ଷତି ଘଟାନ୍ତି। ଆଖୁ ଫସଲରେ ମଧ୍ୟ ମୂଷାମାନେ କ୍ଷତି ଘଟାନ୍ତି। ଏମାନେ ଆଖୁ ଖଣ୍ଡର ଆଖିଗୁଡ଼ିକୁ ଖାଇ ଦିଅନ୍ତି। ମୂଷା କ୍ଷତ କରିଥିବା ପବ ଓ ଗଣ୍ଠିରେ ଉଇ ଓ ନାଳି ଶଢ଼ା ରୋଗର ଜୀବାଣୁ ପ୍ରବେଶ କରନ୍ତି ଓ କ୍ଷତି ଘଟାନ୍ତି। ଚିନାବାଦାମ, ନଡ଼ିଆ, ମସଲା ଓ ତାଳ ଜାତୀୟ ଫସଲରେ ଏମାନଙ୍କର ଭୟାବହତା ଦେଖାଯାଏ। ଶୁଷ୍କାଞ୍ଚଳର ଫସଲରେ ମୂଷା ଉତ୍ପାତ ବୃଦ୍ଧି ପାଏ। ଏତଦ୍‌ବ୍ୟତୀତ ମୂଷାମାନେ ଇଲେକ୍ଟ୍ରିକ ତାର ଓ ଘରେ ଥିବା ଟେଲିଭିଜନ, ରେଡ଼ିଓ ଆଦି ଯନ୍ତ୍ରପାତି ତାରଗୁଡ଼ିକୁ କାଟିଦିଏ। ଫସଲ ଅମଳ ପୂର୍ବରୁ ଫସଲର ଶସ୍ୟାଦି ଖାଇ ଫସଲ କିଆରିରେ ଗତ ତିଆରି କରି ସେଥିରେ ଶସ୍ୟଗୁଡ଼ିକୁ ସାଇତି ରଖନ୍ତି ଓ ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ଖାଇଦିଅନ୍ତି। ଭଣ୍ଡାର ଘରେ ରଖାଯାଉଥିବା ଖାଦ୍ୟଶସ୍ୟକୁ ମୂଷାମାନେ ଖାଇଦିଅନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଆକଳନାନୁଯାୟୀ, ମୂଷାଙ୍କର ଉତ୍ପାତରୁ ଖାଦ୍ୟଶସ୍ୟଗୁଡ଼ିକୁ ରକ୍ଷା କରିପାରିଲେ ସେହି ଶସ୍ୟ ସବୁକୁ ୯୦ ହଜାର ଲୋକ ଖାଇ ଏକବର୍ଷ ବଞ୍ଚିପାରିବେ। ଭାରତ ସରକାରଙ୍କ ଦ୍ୱାରା ଗଠନ କରାଯାଇଥିବା ପାନସ୍ କମିଟିର ସନ୍ଦର୍ଭରୁ ଜଣାପଡ଼େ ଯେ, ଭଣ୍ଡାର ଘରରେ ରଖାଯାଉଥିବା ଶସ୍ୟର ୦୨.୫ ପ୍ରତିଶତ କ୍ଷତି ଘଟେ। ଯାହାର ଆକଳନ ହେଉଛି ୦୨.୯୬ ନିୟୁତ ଟନ।

**ବିଭିନ୍ନ ପ୍ରଜାତିର ମୂଷା:** ପୃଥିବୀରେ ପ୍ରାୟ ୫୨ ପ୍ରଜାତିର ମୂଷା ଦେଖାଦିଅନ୍ତି। ତନ୍ମଧ୍ୟରୁ ୦୫ ପ୍ରଜାତିର ମୂଷାମାନେ କ୍ଷତିକାରକ। ସେଗୁଡ଼ିକ ହେଲା: ଛୋଟ ବାଣ୍ଡିକୁଟ, ବଡ଼ ବାଣ୍ଡିକୁଟ, ଘରୋଇ ମୂଷା, କୋମଳ ଲୋମଯୁକ୍ତ ବିଲ ମୂଷା ଓ ଭାରତୀୟ ବିଲ ମୂଷା। ଏମାନଙ୍କର ଶରୀରର ଗଠନ ଭିନ୍ନ ଭିନ୍ନ ପ୍ରକାରର କିନ୍ତୁ ଖାଇବାର ପଦ୍ଧତି ପ୍ରାୟ ଏକ ପ୍ରକାରର।

**ନିରାକରଣର ଉପାୟ:** ରୋଷେଇଘର, ଖାଦ୍ୟଶସ୍ୟ ସାଇତା ହୋଇ ରହୁଥିବା ଭଣ୍ଡାର ଘର ଓ ଗୋଦାମ ଘର ଅନ୍ଧାର ହେବା ଉଚିତ ନୁହେଁ। ଭାଡ଼ିରେ ରଖାଯାଉଥିବା ବସ୍ତା ମଧ୍ୟରେ ଫାଙ୍କା ରଖନ୍ତୁ। ଏହାଦ୍ୱାରା ଭଣ୍ଡାରଘର ପରିଷ୍କାର ପରିଚ୍ଛନ୍ନ ହୋଇପାରିବ। ସେହିପରି ଭଣ୍ଡାରଘର ଓ ଗୋଦାମଘରେ ବ୍ରୋମାଡିଓଲନ ନାମକ ଏକ ବିଷ ଦ୍ରବ୍ୟ ଯେଉଁଠି ବିସ୍କୁଟ ପରି ଦେଖାଯାଏ ତାହାକୁ ଖଣ୍ଡ ଖଣ୍ଡ କରି ମୂଷାମାନେ ବୁଲାବୁଲି କରୁଥିବା ସ୍ଥାନରେ ରଖାଯାଏ। ଏହି ବିଷ ଖଣ୍ଡଗୁଡ଼ିକୁ ଲଗାତର ୦୩ ଦିନ ରଖିବାକୁ ପଡ଼େ। ୩ ଦିନ ଏହି ବିଷକୁ ଖାଇବା ପରେ ମୂଷା ବାହାରକୁ ଯାଇ ମୃତ୍ୟୁମୁଖରେ ପଡ଼ନ୍ତି। ଏହାବ୍ୟତୀତ ବଜାରରେ ମୂଷାଙ୍କୁ ମାରିବା ପାଇଁ ଟ୍ରବୁଲଗମ୍ ନାମକ ଏକ ବ୍ୟାଟ ମିଳେ। ଏଥିରେ ଅଠା ଲାଗି ରହିଥାଏ। ଏହା ଉପରେ ମୂଷାମାନେ ପଡ଼ିଲେ ସେମାନେ ଅଠାଦ୍ୱାରା ଛନ୍ଦି ହୁଅନ୍ତି ଏବଂ ଏଥିରୁ ମୁକୁଳିପାରନ୍ତି ନାହିଁ। ଏହାବ୍ୟତୀତ ବିଭିନ୍ନ ଯନ୍ତାରେ କଦଳୀ, ବିସ୍କୁଟ ଓ ପାଉଁରୁଟି ରଖି ମୂଷାମାନଙ୍କୁ ଯନ୍ତାକୁ ଆକର୍ଷଣ କରି ବିନାଶ କରାଯାଏ। ଘରେ ମଧ୍ୟ ବିରାଡ଼ି ପୋଷି ମୂଷାଙ୍କୁ ମଧ୍ୟ ଦମନ କରିପାରିବେ।

*-ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, ଓୟୁଏଟି, ଭୁବନେଶ୍ୱର, ମୋ: ୯୭୭୬୪୦୪୪୦୬*

# ଗେଣ୍ଡୁ ଫୁଲ ସମ୍ପର୍କରେ

ବର୍ତ୍ତମାନ ଆଫ୍ରିକୀୟ ଗେଣ୍ଡୁ ଲଗାନ୍ତୁ। ଏହି ଗେଣ୍ଡୁର କିସମଗୁଡିକ ଯଥା- ଜାଏଣ୍ଟବଲ୍ ଆଫ୍ରିକାନ୍ ଏଲୋ, ଜାଏଣ୍ଟବଲ୍ ଆଫ୍ରିକାନ ଅରେଞ୍ଜ, ଏରଲି ଏଲୋ, ଏରଲି ଅରେଞ୍ଜ, ସେରାକୋଲା, ଆଫ୍ରିକଟ୍, ସନ୍‌ଜାଏଣ୍ଟ, କ୍ରାଉନ୍ ଅଫ୍ ଗୋଲ୍ଡ, ସ୍ୱନ୍ ଗୋଲ୍ଡ, କ୍ୟୁପ୍ରିଡ୍ ଏଲୋ ଇତ୍ୟାଦି ବ୍ୟବହାର କରନ୍ତୁ। ୨୫ରୁ ୩୦ଦିନର ତଳି ବା ଡାଳ କଲମୀ ଉପରବେଳା ରୁଅନ୍ତୁ। ତଳିକୁ ଧାଡିକୁ ଧାଡି ୩୦ସେ.ମି. ଓ ଗଛକୁ ଗଛ ୨୦ସେ.ମି. ବ୍ୟବଧାନରେ ଲଗାନ୍ତୁ। ଚାରାଗୁଡିକ ଜମିରେ ଭଲଭାବରେ ଲାଗିଯିବା ପାଇଁ ତଳି ଲଗାଇବା ପରେ ହାଲୁକା ଜଳସେଚନ କରନ୍ତୁ। ଗଛଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ , ୪୦ କିଗ୍ରା ଯବକ୍ଷାରଜାନ, ୮୦କି.ଗ୍ରା. ଫସଫରସ ଓ ୮୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।



## ପ୍ରଥମ ପୃଷ୍ଠାରୁ...

### ନିର୍ବାଚନ ଲଢ଼ିପାରିବେ ...

କରିବା ପାଇଁ ଦଳଗୁଡ଼ିକୁ ବାଧ୍ୟ କରାଯାଇପାରିବ। ଏହାସହ ଦଳଗୁଡ଼ିକ ଏଭଳି ବ୍ୟକ୍ତିଙ୍କୁ ପାର୍ଲାମେଣ୍ଟ ଓ ବିଧାନସଭା ନିର୍ବାଚନ ବେଳେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସୁଯୋଗ ଦେବେ ନାହିଁ ବୋଲି ଅଦାଲତ ସୁପାରିସ କରିଛନ୍ତି।

ପୀଠ ଆହୁରି ନିର୍ଦ୍ଦେଶ ଦେଇଛନ୍ତି ଯେ, ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତ୍ୟେକ ପ୍ରାର୍ଥୀଙ୍କୁ ନିଜ ବିରୋଧରେ ବିଚାରାଧୀନ ଥିବା ମାମଲାଗୁଡ଼ିକ ସମ୍ପର୍କରେ ସୁସ୍ପଷ୍ଟ ଭାବେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଧାରିତ ଫର୍ମରେ ପୂରଣ କରିବାକୁ ପଡ଼ିବ। ଏକ ନିର୍ଦ୍ଦିଷ୍ଟ ଦଳର ଟିକେଟରେ ଜଣେ ପ୍ରାର୍ଥୀ ଲଢୁଥିଲେ ସେ ତାଙ୍କ ବିରୋଧରେ ଥିବା ମାମଲାଗୁଡ଼ିକ ସମ୍ପର୍କରେ ସମ୍ପୃକ୍ତ ଦଳକୁ ଅବଗତ କରାଇବେ। ପ୍ରାର୍ଥୀ ନିଜ ସମ୍ପର୍କରେ ଦେଇଥିବା ଆପରାଧିକ ତଥ୍ୟ ଓ ସୂଚନାକୁ ସେହି ଦଳ ତା' ୱେବ୍‌ସାଇଟ୍‌ରେ ସାର୍ବଜନୀନ କରିବ। ଏହାସହ ପ୍ରାର୍ଥୀ ଓ ଦଳ ସେନେଇ ସମ୍ପୃକ୍ତ ଅଞ୍ଚଳରେ ବହୁଳ ପ୍ରସାରିତ ଖବରକାଗଜ ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ଏକ ଘୋଷଣାନାମା ଜାରି କରିବେ। ନାମାଙ୍କନପତ୍ର ଦାଖଲ ପରେ ଦଳ ଓ ପ୍ରାର୍ଥୀଙ୍କୁ ଅନ୍ୟୂନ ୩ ଥର ଏପରି କରିବାକୁ ପଡ଼ିବ। ଏପରି କରାଗଲେ ନାଗରିକମାନେ ପ୍ରାର୍ଥୀମାନଙ୍କ ବିରୋଧରେ ଥିବା ମାମଲାଗୁଡ଼ିକ ସମ୍ପର୍କରେ ଭଲ ଭାବେ ଅବଗତ ହୋଇ ମତଦାନ ପୂର୍ବରୁ ବିଜ୍ଞ ନିଷ୍ପତ୍ତି ନେଇପାରିବେ। ଫଳରେ ରାଜନୈତିକ ପ୍ରବାହକୁ ପ୍ରଦୂଷଣମୁକ୍ତ କରାଯାଇ ପାରିବ। ଆପରାଧିକ ପୃଷ୍ଠଭୂମିସମ୍ପନ୍ନ ବ୍ୟକ୍ତିମାନେ ରାଜନୀତିରେ ପ୍ରବେଶ କରିବାକୁ ଚିନ୍ତା ମଧ୍ୟ କରିବେ ନାହିଁ। ସାଧାରଣ ଜୀବନକୁ ଆସୁଥିବା ଓ ଆଇନ ପ୍ରଣୟନରେ ଭାଗ ନେଉଥିବା ଲୋକେ ସମସ୍ତ ପ୍ରକାର ଗମ୍ଭୀର ଆପରାଧିକ ଅଭିଯୋଗରୁ ଊର୍ଦ୍ଧ୍ୱରେ ରହିବା ଉଚିତ। ଏଥିପାଇଁ ଏଭଳି ପଦକ୍ଷେପ ଜରୁରୀ ହୋଇପଡ଼ିଛି ବୋଲି ପୀଠ ସ୍ପଷ୍ଟ କରିଛନ୍ତି।

ଅଦାଲତ ଲକ୍ଷ୍ମଣରେଖା ଅତିକ୍ରମ କରିବା ଅନୁଚିତ। କୋର୍ଟ ଆଇନ ପ୍ରଣୟନ କରିପାରିବେ ନାହିଁ ବୋଲି ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଯୁକ୍ତି ବାଢ଼ିଥିଲେ। ପୀଠ ଏହାକୁ ଗ୍ରହଣ କରିଥିଲେ। ଏନ୍‌ଜିଓ ପବ୍ଲିକ୍ ଇଣ୍ଟ୍ରେଷ୍ଟ ଫାଉଣ୍ଡେଶନ୍, ଭାଜପା ନେତା ଅଶ୍ୱିନୀ କୁମାରଙ୍କ ସମେତ ଅନ୍ୟ କେତେଜଣ ଆବେଦନକାରୀଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକାଧିକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା।

### ସବୁ ସହର ପାଣି ...

ଆଣ୍ଡ ଅର୍ବାନ ଟ୍ରାନ୍ସଫର୍ମେଶନ(ଅମୃତ) ଯୋଜନାରେ ରାଜ୍ୟର ୯ ସହର କଟକ, ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା, ପୁରୀ, ବାଲେଶ୍ୱର, ସମ୍ବଲପୁର, ବାରିପଦା ଓ ଭଦ୍ରକକୁ ସାମିଲ କରିଛନ୍ତି । ଉକ୍ତ ଯୋଜନାରେ ସହରଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେବା ସହ ଏ ବାବଦରେ ପାଣି ଭଳି ଟଙ୍କା ବୁହାଇ ଦେଉଛନ୍ତି। ଲୋକମାନଙ୍କ ତୁଣ୍ଡରେ ପାଣି ପହଞ୍ଚିବା ପୂର୍ବରୁ ଏହାର ନମୁନା ପରୀକ୍ଷା କରିବାକୁ ବ୍ୟବସ୍ଥା କରାଯାଇଛି। ସରକାରଙ୍କ ଜଳ ପରୀକ୍ଷାଗାର ଓ କର୍ମଚାରୀ ଥାଇ ମଧ୍ୟ ଏକ ଘରୋଇ ସଂସ୍ଥା ହାତକୁ ନମୁନା ପରୀକ୍ଷା ଭାର ଟେକି ଦିଆଯାଇଛି। ଘରୋଇ ସଂସ୍ଥା ସ୍ୱେକଟ୍ରା ଆନାଲିଟିକାଲ ଲାବ୍ ସହ ରାଜ୍ୟ ନଗର ଉନ୍ନୟନ ବିଭାଗ ୨୦୧୬ ଡିସେମ୍ବର ୨୦ରେ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ସେହି ସଂସ୍ଥାକୁ ଜଳ ନମୁନା ପରୀକ୍ଷା ପାଇଁ ୧୦ ବର୍ଷ ସକାଶେ ୬୬.୨୧ କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ନିଆଯାଇଛି। ଚୁକ୍ତି ମୁତାବକ ଏହି ସଂସ୍ଥା ଦୈନିକ ୪୨ଟି ନମୁନା ସଂଗ୍ରହ କରିବା ସହ ପରୀକ୍ଷା କରି ଜନସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ଦେବ। ୨୦୧୮ ମାର୍ଚ୍ଚ ୧୨ରୁ ଉକ୍ତ ସଂସ୍ଥା ଜଳ ନମୁନା ପରୀକ୍ଷା ଆରମ୍ଭ କରିଛି। ନମୁନା ପିଛା ୮୫୦ ଟଙ୍କା ହିସାବରେ ଦୈନିକ ୩୫,୭୦୦ ଟଙ୍କା ପ୍ରଦାନ କରିବାକୁ ବ୍ୟବସ୍ଥା ହୋଇଛି। ତେବେ ସେହି ସଂସ୍ଥା କେଉଁଠାରୁ ଜଳ ନମୁନା ସଂଗ୍ରହ କରୁଛି ତାହାର କିଛି ହିସାବକିତାବ ଜନସ୍ୱାସ୍ଥ୍ୟ ବିଭାଗ ପାଖରେ ନାହିଁ। ଚୁକ୍ତି ଅନୁଯାୟୀ ଜଳ ନମୁନା ସଂଗ୍ରହ କରିବା ବେଳେ ସ୍ଥାନୀୟ କର୍ପୋରେଟର, କାଉନସିଲର ଓ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ସ୍ୱାକ୍ଷର ସହ ଉକ୍ତ ନମୁନାର ଫଟୋଚିତ୍ର କିମ୍ବା ଭିଡିଓଗ୍ରାଫି କରାଯିବ। ମାତ୍ର ଏହି ବ୍ୟବସ୍ଥାକୁ ଦଳିମକଚି ଦିଆଯାଉଛି। ଜଳ ନମୁନା ସଂଗ୍ରହ କେବଳ କାଗଜ କଲମରେ ସୀମିତ ହୋଇଯାଉଛି। ବିଭାଗୀୟ ଯନ୍ତ୍ରୀ କିମ୍ବା କୌଣସି ଅଧିକାରୀ ନମୁନା ସଂଗ୍ରହ ତଦାରଖ କରୁ ନ ଥିବା ଅଭିଯୋଗ ହେଉଛି। ଜନସ୍ୱାସ୍ଥ୍ୟ ବିଭାଗର ଏଭଳି ସାଂଘାତିକ ବେପରୁଆ ମନୋଭାବକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ଯେଉଁ ସରକାରୀ ପରୀକ୍ଷାଗାର ହାତରୁ ଜଳ ନମୁନା ଛଡାଇ ନେବାକୁ ମସୁଧା କରାଯାଉଛି, ସେହି ସଂସ୍ଥା ଗତ ଦଶନ୍ଧିଦଶନ୍ଧି ଧରି ଜଳର ମାନ ଶତ ପ୍ରତିଶତ ପରୀକ୍ଷା କରି ଦେଉଥିଲା। ବିଧାନସଭାର ବିଭିନ୍ନ ଅଧିବେଶନ କାଳରେ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ସମସ୍ତ ସହରକୁ ୯୦ରୁ ୧୦୦ ପ୍ରତିଶତ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ତଥ୍ୟ ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ ଯେଉଁ ସରକାରୀ ସଂସ୍ଥା ୧୦୦ ପ୍ରତିଶତ ବିଶୁଦ୍ଧ ଜଳ ଯୋଗାଇ ଦେଉଥିଲା ଏବେ କେଉଁ କାରଣରୁ ହଠାତ୍ ଅଯୋଗ୍ୟ ହୋଇଗଲା ସେ ନେଇ ମଧ୍ୟ ସନ୍ଦେହ ଘନୀଭୂତ ହୋଇଛି। ଅମୃତ ସହର ଜଳ ନମୁନା ପରୀକ୍ଷା ଏଭଳି ଅବସ୍ଥାରେ ପହଞ୍ଚିଥିବା ବେଳେ ଅନ୍ୟ ସହରକୁ ଘରୋଇ ସଂସ୍ଥା ହାତରେ ଟେକିଦେବାର ଯେଉଁ ମସୁଧା କରାଯାଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

ଜନସ୍ୱାସ୍ଥ୍ୟ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଏସ୍. ଲକ୍ଷ୍ମୀପତି କୁହନ୍ତି, ଅନ୍ୟ ସହରଗୁଡ଼ିକର ଜଳ ନମୁନା ପରୀକ୍ଷା ପିପିପି ମୋଡରେ କରିବାକୁ ଚିନ୍ତା କରାଯାଉଛି। ବର୍ତ୍ତମାନ ଏ ନେଇ କୌଣସି ନିଷ୍ପତ୍ତି ହୋଇ ନାହିଁ। ସହରାଞ୍ଚଳର କଳେବର ବୃଦ୍ଧି ପାଉଥିବାରୁ ସରକାରୀ ବିଜ୍ଞାନାଗାର ଦ୍ୱାରା ଜଳ ନମୁନା ପରୀକ୍ଷା କରିବା ସମ୍ଭବ ହେଉ ନାହିଁ। ସେଥିପାଇଁ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାକୁ ଚିନ୍ତା କରାଯାଉଛି। ଅମୃତ ସହର ଜଳ ନମୁନା ସଂଗ୍ରହ ସମ୍ପର୍କରେ ସେ କହିଛନ୍ତି ଯେ ଦିନକୁ ୪୨ଟି ନମୁନା ସଂଗ୍ରହ କରାଯାଉଛି। ଆମ ଚିଫ୍ ଇଞ୍ଜିନିୟରମାନେ ତଦାରଖ କରୁଛନ୍ତି। ସବୁ ଜଳ ନମୁନା ଦେଖିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

### ଖାତକୁ ଖସିଲା ଗାଡ଼ି, ...

ବାପା କେ. ମୁରଲୀଙ୍କ ଅସ୍ଥି ବିସର୍ଜନ ଲାଗି ପୁଅ କେ. ଜଗଦୀଶ ପରିବାର ଓ ସମ୍ପର୍କୀୟଙ୍କୁ ନେଇ ଦୁଇଟି ଟାଟା ମ୍ୟାଜିକରେ ପୁରୀ ଆସୁଥିଲେ। ପ୍ରଥମ ଗାଡ଼ିରେ ୧୧ ଜଣ ଓ ଅନ୍ୟ ଗାଡ଼ିରେ ୧୨ଜଣ ଥିଲେ। ଆଗ ପଛ ହୋଇ ଟାଟା ମ୍ୟାଜିକ ଦୁଇଟି ପୁରୀ ଯାଉଥିଲେ। ଭୋର ପ୍ରାୟ ସାଢେ ୪ଟା ସମୟରେ ଭାଇଲିପୁର ଛକ ନିକଟରେ ଆଗରେ ଯାଉଥିବା ଟାଟା ମ୍ୟାଜିକଟି ଭାରସାମ୍ୟ ହରାଇ ରାସ୍ତା କଡ଼ ଖାତକୁ ଖସିପଡିଥିଲା। ସେଠାରେ ଅଣ୍ଟାଏ ଉଚ୍ଚର ବର୍ଷାପାଣି ଜମି ରହିଥିଲା। ଗାଡ଼ିରେ ଥିବା ଯାତ୍ରୀମାନେ ଚାପି ହୋଇ ଅଣନିଃଶ୍ୱାସୀ ହୋଇପଡିଥିଲେ। କିଛି ସମୟରେ ପଛରେ ଆସୁଥିବା ଅନ୍ୟ ଟାଟା ମ୍ୟାଜିକ ସେଠାରେ ପହଞ୍ଚିଥିଲା। ସେହିଗାଡ଼ିରେ ଥିବା ଯାତ୍ରୀମାନେ ଦୁର୍ଘଟଣାଗ୍ରସ୍ତ ଗାଡ଼ିର ଲୋକମାନଙ୍କୁ ଉଦ୍ଧାର କରିଥିଲେ। ଟାଟା ମ୍ୟାଜିକରେ ଆହତମାନଙ୍କୁ ଚନ୍ଦନପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ୫ଜଣଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଘୋଷଣା କରିଛନ୍ତି। ଅପରପକ୍ଷରେ ମୃତ୍ୟୁ ଖବର ପାଇ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଉଷା ଦେବୀ ଏବଂ ଭାଜପା ଯୁବ ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା ମଧ୍ୟ ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

Dollar 72.69 (6) | Sensex 36,652.06 (347.04) | Nifty 11,067.45 (100.05) | Gold 31,725.00 (₹175) | Silver 38,290.00 (₹190)

## ସଂକ୍ଷେପରେ

### ସରକାରୀ କମ୍ପାନୀ ହେବ ଜିଏସ୍‌ଟିଏନ୍
#### ନିଷ୍ପତ୍ତି ଆଜି

ନୂଆଦିଲ୍ଲୀ, ୨୫-୯(ପି.ଟି.): ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି)ର ଆଇଟି ବ୍ୟାକ୍‌ବୋନ୍ କୁହାଯାଉଥିବା ସଂସ୍ଥା ଜିଏସ୍‌ଟି ନେଟ୍‌ୱର୍କ ସରକାରୀ କମ୍ପାନୀରେ ପରିଣତ ହେବ। ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କରେ ଆଲୋଚନା ହେବ। କେନ୍ଦ୍ର ସରକାରଙ୍କର ୫୦% ଏବଂ ସମସ୍ତ ରାଜ୍ୟ ସରକାରଙ୍କର ମିଳିତ ଭାବେ ୫୦% ଅଂଶ ରହିବ। ଆସନ୍ତା କାଲିର ବୈଠକ ସମ୍ପର୍କରେ ସୂଚନା ରଖିଥିବା ଜଣେ ବରିଷ୍ଠ ଅଧିକାରୀ ଏହା କହିଛନ୍ତି। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏଥିରେ ମୋଟ ୪୯% ଅଂଶ ରହିଛି। ବାକି ୫୧% ଅଂଶ ଏଚ୍‌ଡିଏଫ୍‌ସି ଲିମିଟେଡ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍, ଆଇସିଆଇସିଆଇ ବ୍ୟାଙ୍କ, ଏନ୍‌ଏସ୍‌ଇ ଷ୍ଟ୍ରାଟେଜିକ୍ ଇନ୍‌ଭେଷ୍ଟମେଣ୍ଟ୍ ଏବଂ ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ ଭଳି ୫ଟି ଅଣସରକାରୀ ଆର୍ଥିକ ପ୍ରତିଷ୍ଠାନ ଅଧୀନରେ ଅଛି।

### ୮୩୧ ଭାରତୀୟଙ୍କ ନିକଟରେ ଜିଡିପିର ଏକ ଚତୁର୍ଥାଂଶ ସମ୍ପତ୍ତି

ନୂଆଦିଲ୍ଲୀ, ୨୫-୯: ଦେଶରେ ଧନୀ-ଦରିଦ୍ରଙ୍କ ମଧ୍ୟରେ ଅସମାନତା ଦୂର ପାଇଁ ନୀତି ନିର୍ଦ୍ଧାରକମାନେ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ଅନ୍ୟପକ୍ଷରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଦେଶରେ ୧ ହଜାର କୋଟି ଟଙ୍କା ଅଥବା ତଦୂର୍ଦ୍ଧ୍ୱ ସମ୍ପତ୍ତି ରଖିଥିବା ଧନୀଙ୍କ ସଂଖ୍ୟା ୩୪% ବଢ଼ି ୮୩୧ରେ ପହଞ୍ଚିଗଲାଣି। ସେମାନଙ୍କ ମୋଟ୍ ସମ୍ପତ୍ତିର ପରିମାଣ ୭୧୯୦୦ କୋଟି ଡଲାର, ଯାହାକି ଜିଡିପିର ଏକ ଚତୁର୍ଥାଂଶ। ୩.୭୧ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ସହ ରିଲାଏନ୍ସ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଧନୀ ତାଲିକାରେ ଶୀର୍ଷରେ ରହିଥିବା ବେଳେ ଚଳିତ ବର୍ଷ ଜାନୁୟାରୀ ସୁଦ୍ଧା ୮୩୧ ଜଣ ଭାରତୀୟଙ୍କ ନିକଟରେ ୧ ହଜାର କୋଟି ଅଥବା ତଦୂର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ରହିଛି। ମୁକେଶ ଅମ୍ବାନୀଙ୍କ ସମ୍ପତ୍ତିରେ ଦୈନିକ ୩୦୦ କୋଟି ଟଙ୍କା ଯୋଡି ହୋଇଯାଉଛି। ବାର୍କଲେଜ-ହୁରୁନ ଇଣ୍ଡିଆ ଧନୀ ତାଲିକା ଅନୁଯାୟୀ ୨୦୧୭ରେ ଦେଶରେ ଏଭଳି ଧନୀଙ୍କ ସଂଖ୍ୟା ୨୧୪ ଥିଲା। ବିଶ୍ୱ ଆର୍ଥିକ ମଞ୍ଚରେ ମଙ୍ଗଳବାର ଉପସ୍ଥାପିତ ଏହି ରିପୋର୍ଟରେ ଭାରତରେ ଅସମାନତା ବୃଦ୍ଧି ପାଇବା ନେଇ ଚିନ୍ତାବ୍ୟକ୍ତ କରାଯାଇଛି।

> ଟେଲିକମ୍ୟୁନିକେଶନ କ୍ଷେତ୍ରରେ ଫରେନ୍ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ(ଏଫ୍‌ଡିଆଇ) ପରିମାଣ ୪ ବର୍ଷ ମଧ୍ୟରେ ୬ ଗୁଣା ବୃଦ୍ଧି ପାଇଛି।
> – ମନୋଜ ସିହ୍ନା, ଟେଲିକମ ମନ୍ତ୍ରୀ



> ଗ୍ରାମପଞ୍ଚାୟତ ସ୍ତରରେ ୱାଇ-ଫାଇ ସୁବିଧା ପାଇଁ ଚଳିତ ବର୍ଷ ଶେଷ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ।
> – ଅରୁଣା ସୁନ୍ଦରରାଜନ, ଟେଲିକମ୍ ସଚିବ



## ମୁଣ୍ଡବ୍ୟଥା ହୋଇପାରେ ୯୧ ହଜାର କୋଟି
# ଋଣ ଭାରରେ ଆଇଏଲ୍ ଆଣ୍ଡ ଏଫ୍‌ଏସ୍

ନୂଆଦିଲ୍ଲୀ, ୨୫-୯

- ଏକଦା ଋଣ ଦେଉଥିବା ଆଇଏଲ୍ ଆଣ୍ଡ ଏଫଏସ୍ ଏବେ ଋଣୀ
- ଉଦ୍ଧାର ପାଇଁ ଆଗେଇ ଆସିଲା ଏଲ୍‌ଆଇସି
- ଏନ୍‌ଏଚ୍‌ଏଆଇର ୭୦୦କୋଟି ସହାୟତା




ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଋଣ ପ୍ରଦାନକାରୀ ଅଗ୍ରଣୀ କମ୍ପାନୀ ଇନଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ (ଆଇଏଲ୍ ଆଣ୍ଡ ଏଫ୍‌ଏସ୍) ଗ୍ରୁପ୍ ଏବେ ନିଜେ ୯୧ହଜାର କୋଟି ଟଙ୍କାର ଋଣଗ୍ରସ୍ତ ହୋଇଛି। ଅର୍ଥ ସଙ୍କଟ କାରଣରୁ ଏହା ଏବେ ଋଣ ଫେରାଇପାରୁନି। କମ୍ପାନୀ ଏବେ ଅର୍ଥନୀତି ପାଇଁ ମୁଣ୍ଡବିନ୍ଧାର କାରଣ ହେଲାଣି। କାରଣ ଏହା ଯୋଗୁ ଅନ୍ୟ କମ୍ପାନୀମାନେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଥିରେ ନିବେଶ କରିଥିବା ଏଲ୍‌ଆଇସି, ଏସ୍‌ବିଆଇ ସମେତ ଅନ୍ୟମାନଙ୍କ ନିବେଶ ଏବେ ବୁଡ଼ିଯିବାକୁ ବସିଛି। କେବଳ ଆଇଏଲ୍ ଆଣ୍ଡ ଏଫ୍‌ଏସ୍ ଉପରେ ୩୫ ହଜାର କୋଟି ଏବଂ ଏହାର ସହାୟକ କମ୍ପାନୀ ଆଇଏଲ ଆଣ୍ଡ ଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସ୍ ଉପରେ ୧୭ହଜାର କୋଟି ଟଙ୍କାର ଋଣ ବୋଝ ରହିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଏହାକୁ ୫୨ହଜାର କୋଟି ଟଙ୍କା ଋଣ ଦେଇଛନ୍ତି। ସୋମବାର ତୃତୀୟ ଥର ପାଇଁ କମ୍ପାନୀ ସୁଧ ପ୍ରଦାନ କରିବାରେ ବିଫଳ ହୋଇଛି। ଚଳିତ ମାସ ଆରମ୍ଭରେ ଏହା ସ୍ମଲ୍ ଇଣ୍ଡଷ୍ଟ୍ରିଜ ଡେଭଲପ୍‌ମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ସିଡ୍‌ବି)କୁ ୧୦୦୦କୋଟି ଟଙ୍କାର ସ୍ୱଳ୍ପ ମିଆଦି ଋଣ ଫେରାଇ ପାରି ନ ଥିଲା। ସେହିପରି ଏହାର ଆର୍ଥିକ ସେବା ଯୋଗାଣକାରୀ କମ୍ପାନୀ ୫୦୦ କୋଟି ଟଙ୍କା ଫେରାଇବାରେ ଅସମର୍ଥ ହୋଇଛି। ଇତିମଧ୍ୟରେ କମ୍ପାନୀ ୪୯୦ କୋଟି ଟଙ୍କା ଫେରାଇ ନ ଥିବାବେଳେ ଅକ୍ଟୋବର ସୁଦ୍ଧା ସୁଧ ବାବଦରେ ଆହୁରି ୨୨୦ କୋଟି ଟଙ୍କା ଦେବ। ପରିସ୍ଥିତି ଏପରି ଯେ, କମ୍ପାନୀଙ୍କୁ ଋଣ ଓ ସୁଧ ବାବଦରେ ଆସନ୍ତା ୬ ମାସ ମଧ୍ୟରେ ୩୬୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି। ସିଡ୍‌ବି ଦେଇ ଥିବା ଋଣ ଅର୍ଥ ଫେରିପାଇବା ଲାଗି ଇତିମଧ୍ୟରେ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ସବୁଠୁ ବଡ଼ ଚିନ୍ତା ଏହି ଯେ, କମ୍ପାନୀ ଋଣ କରିଥିବା ମୋଟ୍ ଅର୍ଥର ୬୦ ପ୍ରତିଶତ ନନ୍ କନଭର୍ଟିବୁଲ୍ ଡିବେଞ୍ଚର ରହିଛି, ଯାହାକୁ ବଦଳାଯାଇପାରିବ ନାହିଁ। ଏଥିପାଇଁ କୌଣସି ସମ୍ପତ୍ତିକୁ ବନ୍ଧକ ରଖାଯାଇନି। ତେଣୁ ଆଇଏଲ୍ ଆଣ୍ଡ ଏଫ୍‌ଏସ୍ ସମସ୍ତଙ୍କୁ ଠକିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି କମ୍ପାନୀର ଅଧିକାଂଶ ଡିବେଞ୍ଚରକୁ ବୀମା କମ୍ପାନୀ, ପେନସନ ଫଣ୍ଡ୍ ଏବଂ ପ୍ରୋଭିଡେଣ୍ଟ ଫଣ୍ଡ କିଣିଛନ୍ତି। ଏଠାରେ ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ ଯେ, ବୀମା କମ୍ପାନୀ, ପେନସନ ଓ ପ୍ରୋଭିଡେଣ୍ଟ ଫଣ୍ଡରେ ସାଧାରଣ ଲୋକଙ୍କ ନିବେଶ ରହିଛି। ଏକ ଆକଳନରୁ ଜଣାପଡିଛି ଯେ, ଚଳିତ ବର୍ଷ ମେ' ୩୦ ସୁଦ୍ଧା ଜିଆଇସି, ପୋଷ୍ଟାଲ ଲାଇଫ୍ ଇନସ୍ୟୁରାନ୍ସ ଫଣ୍ଡ, ଏନ୍‌ପିଏସ୍, ସିବିଟି ଇପିଏଫ୍, ଏଲ୍‌ଆଇସି, ଏସ୍‌ବିଆଇ ଏମ୍ପ୍ଲୟିଜ ପେନସନ ଫଣ୍ଡ, ଦି ଏସବିଆଇ ଏମ୍ପ୍ଲୟିଜ ପ୍ରୋଭିଡେଣ୍ଟ ଫଣ୍ଡ, ରୁରାଲ୍ ପୋଷ୍ଟାଲ ଲାଇଫ, ଇନସ୍ୟୁରାନ୍ସ ଫଣ୍ଡ, ଇଣ୍ଡିଆ ଲଙ୍ଗ୍ ଟର୍ମ ଡେବ୍ଟ ଫଣ୍ଡ ମିଶି ପ୍ରାୟ ୪୬୩୦ କୋଟି ଟଙ୍କାର ନିବେଶ କରିଛନ୍ତି। ଆଇଏଲ୍ ଆଣ୍ଡ ଏଫଏସ୍ ନେଇଥିବା ଋଣ ଫେରାଇ ନ ପାରିଲେ ମଧ୍ୟବିତ୍ତଙ୍କ ଅର୍ଥ ନିଶ୍ଚିତ ବୁଡ଼ିଯିବ।

ଅନ୍ୟପକ୍ଷରେ ଜୀବନ ବୀମା କ୍ଷେତ୍ରରେ ଦେଶର ସର୍ବବୃହତ କମ୍ପାନୀ ଏଲ୍‌ଆଇସି କମ୍ପାନୀକୁ ସହାୟତା କରିବାକୁ ଆଗେଇ ଆସିଛି। ଏହାକୁ ବୁଡ଼ିବାକୁ ଦିଆଯିବନି ବୋଲି ଅଧ୍ୟକ୍ଷ ଭି.କେ ଶର୍ମା କହିଛନ୍ତି। କମ୍ପାନୀକୁ ସବୁପ୍ରକାର ସହାୟତା ଦେବା ନେଇ ସମସ୍ତ ପ୍ରକାର ବିକଳ୍ପ ରହିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ) କମ୍ପାନୀକୁ ପ୍ରାୟ ୭୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା କରିଥିବା ଜଣାପଡିଛି।

## ଏମ୍‌ସିଏଲ୍‌ର ନୂତନ ଅଧ୍ୟକ୍ଷ ହେଲେ ରାଜୀବ ରଞ୍ଜନ ମିଶ୍ର

ସମ୍ବଲପୁର, ୨୫-୯



ମହାନଦୀ କୋଲଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ର ନୂତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ରାଜୀବ ରଞ୍ଜନ ମିଶ୍ର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ମିଶ୍ର ବର୍ତ୍ତମାନ ୱେଷ୍ଟର୍ନ କୋଲ୍ ଫିଲ୍ଡ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି। ଏହା ପୂର୍ବରୁ ସେ ସେଣ୍ଟ୍ରାଲ୍ କୋଲଫିଲ୍ଡ ଲିମିଟେଡର କାର୍ମିକ ନିର୍ଦ୍ଦେଶକ, ସେଣ୍ଟ୍ରାଲ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନଷ୍ଟିଚ୍ୟୁଟ୍(ସିଏମ୍‌ପିଡିଆଇ)ରେ କାର୍ମିକ ଓ ପ୍ରଶାସନିକ ବିଭାଗର ମୁଖ୍ୟ ଭାବେ ମଧ୍ୟ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ଏମ୍‌ସିଏଲ୍ ପକ୍ଷରୁ ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବା ପରେ ଏମ୍‌ସିଏଲ୍‌ର ସମସ୍ତ ଅଧିକାରୀ ଓ କର୍ମଚାରୀ ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

## ମୃତ୍ୟୁଞ୍ଜୟ ମହାପାତ୍ର ସିଣ୍ଡିକେଟ୍ ବ୍ୟାଙ୍କର ନୂତନ ସିଇଓ

ଭୁବନେଶ୍ୱର, ୨୫-୯



ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସିଣ୍ଡିକେଟ୍‌ର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ତଥା ପ୍ରବନ୍ଧନ ନିର୍ଦ୍ଦେଶକ(ଏମ୍‌ଡି) ଭାବେ ମୃତ୍ୟୁଞ୍ଜୟ ମହାପାତ୍ର ନିଯୁକ୍ତି ପାଇଛନ୍ତି। ଏହା ପୂର୍ବରୁ ମହାପାତ୍ର ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ର ଉପମହାନିର୍ଦ୍ଦେଶକ ପଦରେ ଥିଲେ। ଦେଶର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଦୀର୍ଘ ତିନି ଦଶନ୍ଧିର ଅଭିଜ୍ଞତା ସମ୍ପନ୍ନ ମହାପାତ୍ର କର୍ପୋରେଟ କ୍ରେଡିଟ୍, ଲିଜିଙ୍ଗ୍, ଗ୍ଲୋବାଲ୍ ଷ୍ଟ୍ରାଟେଜି, ପେମେଣ୍ଟ୍, ଟ୍ରାଞ୍ଜାକ୍ସନ ଏବଂ ଇନଫରମେଶନ ଟେକ୍ନୋଲୋଜି କ୍ଷେତ୍ରରେ ସୁଚାରୁରୂପେ ଦାୟିତ୍ୱ ତୁଲାଇଛନ୍ତି। ଚଳିତ ମାସ ୨୧ରେ ସେ ଏହି ନୂତନ ପଦରେ ନିୟୋଜିତ ହୋଇଛନ୍ତି ବୋଲି ସିଣ୍ଡିକେଟ୍ ବ୍ୟାଙ୍କ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

## 'ଋଣଖିଲାପୀଙ୍କ ଉପରେ ନିଅ ଦୃଢ଼ କାର୍ଯ୍ୟାନୁଷ୍ଠାନ'

ନୂଆଦିଲ୍ଲୀ, ୨୫-୯

କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ମଙ୍ଗଳବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ଭେଟିଛନ୍ତି। ସେ ଏହି ଅବସରରେ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିର ସମୀକ୍ଷା କରିଛନ୍ତି। ଜାଣିଶୁଣି ଋଣ ପରିଶୋଧ କରୁ ନ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେ ବ୍ୟାଙ୍କ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜେଟ୍‌ଲୀ ବ୍ୟାଙ୍କ ମୁଖ୍ୟମାନଙ୍କୁ କହିଛନ୍ତି ଯେ, ବ୍ୟାଙ୍କଗୁଡିକର କାର୍ଯ୍ୟକଳାପ ସଂଗଠିତ ଭାବେ ହୋଇପାରିଲେ ଦେଶର ଆର୍ଥିକ ଅଭିବୃଦ୍ଧି ୮ ପ୍ରତିଶତ ହାରରେ ବୃଦ୍ଧି ପାଇବ। ଅର୍ଥ ମନ୍ତ୍ରୀ ତାଙ୍କ ଟୁଇଟ୍‌ରେ କହିଛନ୍ତି ଯେ, ବ୍ୟାଙ୍କଗୁଡିକ ଠିକ୍ ଭାବେ ଋଣ ଦିଅନ୍ତୁ ଏବଂ ଜାଣିଶୁଣି ଋଣ ପରିଶୋଧ କରୁ ନ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଏହାଦ୍ୱାରା ସେମାନଙ୍କ ଉପରେ କେନ୍ଦ୍ର ସରକାର ଯେଉଁ ଭରସା ଜାହିର କରିଛନ୍ତି ତାହା ଯେପରି ବଳବତ୍ତର ରହିବ। ଋଣ ପ୍ରଦାନ ଓ ଆଦାୟରେ ଯେପରି ସ୍ୱଚ୍ଛତା ଆସିବ ସେ ଦିଗରେ ବ୍ୟାଙ୍କମାନେ ପଦକ୍ଷେପ ନେବାକୁ ଜେଟ୍‌ଲୀ ତାଗିଦ କରିଛନ୍ତି। ଏହି ଅବସରରେ ବ୍ୟାଙ୍କ ଅଫ୍ ବରୋଦା, ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ମିଶ୍ରଣ ନେଇ ଆଲୋଚନା ହୋଇଥିଲା। ଉଲ୍ଲେଖଥାଉ କି, ବ୍ୟାଙ୍କଗୁଡିକ ଇତିମଧ୍ୟରେ ମୋଟ୍ ଅନାଦାୟ ଋଣ ମଧ୍ୟରୁ ଆଜିସୁଦ୍ଧା ପ୍ରଥମ ତ୍ରୈମାସରେ ୩୬,୫୫୧ କୋଟି ଟଙ୍କା ଫେରିପାଇଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ୭୪,୫୬୨ କୋଟି ଟଙ୍କା ଆଦାୟ ହୋଇପାରିଛି। ବୈଠକ ଶେଷରେ ଜେଟ୍‌ଲୀ କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ହ୍ରାସ ପାଉଛି। ଅନାଦାୟ ଋଣ ଆଦାୟ ବଢ଼ିଛି।

## ଏପ୍ରିଲ-ଅଗଷ୍ଟରେ ବିତ୍ତୀୟ ନିଅଣ୍ଟ ୯୪.୭%

ନୂଆଦିଲ୍ଲୀ, ୨୫-୯

ଚଳିତ ବର୍ଷର ଏପ୍ରିଲ-ଅଗଷ୍ଟ ୫ମାସର ଅବଧିରେ ଦେଶର ବିତ୍ତୀୟ ନିଅଣ୍ଟ ପରିମାଣ ସୁଧାର ହୋଇ ୫.୯୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ସମ୍ପୂର୍ଣ୍ଣ ବର୍ଷର ୯୪.୭%। ସରକାର ମଙ୍ଗଳବାର ଏ ସମ୍ପର୍କରେ ତଥ୍ୟ ଜାରି କରିଛନ୍ତି। ଗତ ବର୍ଷର ଏହି ଅବଧିରେ ବିତ୍ତୀୟ ନିଅଣ୍ଟ ପରିମାଣ ୯୬.୧ ପ୍ରତିଶତ ଥିଲା ବୋଲି ସିଜିଏ ପକ୍ଷରୁ ଜାରି ତଥ୍ୟରେ କୁହାଯାଇଛି।

## ରାଣା କପୁରଙ୍କ କାର୍ଯ୍ୟକାଳ ବୃଦ୍ଧି ଲାଗି ଚିଠି ଲେଖିବ ୟେସ୍ ବ୍ୟାଙ୍କ

ନୂଆଦିଲ୍ଲୀ, ୨୫-୯

ପ୍ରତିଷ୍ଠାତା ସିଇଓ ତଥା ଏମ୍‌ଡି ରାଣା କପୁରଙ୍କ କାର୍ଯ୍ୟକାଳ ଆସନ୍ତା ବର୍ଷ ସେପ୍ଟେମ୍ବର ଯାଏ ବୃଦ୍ଧି କରିବାକୁ ୟେସ୍ ବ୍ୟାଙ୍କ ଆର୍‌ବିଆଇକୁ ଚିଠି ଲେଖିବ। ଅନ୍ୟପକ୍ଷରେ ନୂଆ ସିଇଓ ଖୋଜିବା ଲାଗି ବ୍ୟାଙ୍କ ପକ୍ଷରୁ ଏକ ୫ ଜଣିଆ କମିଟି ଗଠନ କରାଯାଇଛି, ଯେଉଁଥିରେ ବାହାରୁ ୨ ଜଣ ସଦସ୍ୟ ରହିବେ। ଏସମ୍ପର୍କରେ ବ୍ୟାଙ୍କ ବୋର୍ଡ ନିଷ୍ପତ୍ତି ନେଇଛି। ୨୦୧୯ ଜାନୁୟାରୀ ୩୧ ଯାଏ କପୁରଙ୍କ କାର୍ଯ୍ୟକାଳ ରହିବ ବୋଲି ଆର୍‌ବିଆଇ ପୂର୍ବରୁ ନିର୍ଦ୍ଦେଶ ଦେଇ ସାରିଛନ୍ତି। ଷ୍ଟକ୍ ଏକ୍ସଚେଞ୍ଜକୁ ପଠାଯାଇଥିବା ପତ୍ରରେ ୟେସ୍ ବ୍ୟାଙ୍କ କହିଛି ଯେ, ଏହା ନୂଆ ସିଇଓ ଖୋଜିବା ଲାଗି ୫ ଜଣିଆ କମିଟି ଗଠନ କରିଛି, ଯେଉଁଥିରେ ବ୍ୟାଙ୍କର ମନୋନୀତ ୩ ସଦସ୍ୟ ରହିବେ।

## ଭରସାଯୋଗ୍ୟ ସେବାକୁ ଗୁରୁତ୍ୱ ଦେଉଛି ରାଜ୍ ଇଲେକ୍‌ଟ୍ରୋନିକ୍ସ

**ସମୟ ସହ ଲୋକଙ୍କ ରୁଚିରେ ପରିବର୍ତ୍ତନ ଆସିଛି। ଟିଭି, ଫ୍ରିଜ ଏବଂ ୱାଶିଂମେଶିନ ଚାହିଦା ଏବେ ଦ୍ରୁତ ହାରରେ ବଢ଼ୁଛି। କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳରେ ହ୍ୱାଇଟଗୁଡ୍ ବିକ୍ରି ଏବେ ବଢ଼ିଛି। ଏଭଳି ଉତ୍ପାଦ ମାନୁଫାକ୍ଚର କରୁଥିବା କମ୍ପାନୀଗୁଡିକ ତୃଣମୂଳ ସ୍ତରର ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ ଜାରି କରିଛନ୍ତି। ହ୍ୱାଇଟଗୁଡ ରିଟେଲିଂ କ୍ଷେତ୍ରରେ ରାଜ୍ ଇଲେକଟ୍ରୋନିକ୍ସ ଏକ ଅନ୍ୟତମ ପ୍ରମୁଖ ନାମ। ରିଟେଲିଂ ଅଭିଜ୍ଞତାକୁ ନେଇ ଏହାର ସ୍ୱତ୍ତ୍ୱାଧିକାରୀ ପ୍ରକାଶ ବିଶ୍ୱାଳ ଧରିତ୍ରୀକୁ ଦେଇଥିବା ସାକ୍ଷାତକାର...**



**ହ୍ୱାଇଟଗୁଡ ବାଣିଜ୍ୟକୁ କିଭଳି ଆସିଲେ?**

ଆମ ପରିବାର ପୂର୍ବରୁ ବାଣିଜ୍ୟ କାରବାରରେ ସମ୍ପୃକ୍ତ। ୧୯୮୦ ବେଳକୁ ଯାଜପୁର ରୋଡ୍‌ରେ ମାନୁଫାକଚରିଂ ଶିଳ୍ପ ସହ ଜଡିତ ଥିଲି। ସମୟ ପରିବର୍ତ୍ତନ ସହ ଟିଭି, ଫ୍ରିଜ ଭଳି ସାମଗ୍ରୀର ଚାହିଦା ବଢିବାରୁ ଏଭଳି ବାଣିଜ୍ୟକୁ ପ୍ରବେଶ ଲାଗି ନିଷ୍ପତ୍ତି ନେଇଥିଲୁ। ୧୯୯୦ରେ ଯାଜପୁରରେ କଞ୍ଜ୍ୟୁମର ଡ୍ୟୁରେବଲ ବାଣିଜ୍ୟରେ ପ୍ରଥମେ ପ୍ରବେଶ କରିଥିଲୁ। ଗୋଦରେଜ୍ ରେଫ୍ରିଜରେଟରରୁ ବାଣିଜ୍ୟ ଆରମ୍ଭ। ଏହା ପରେ ୱେଷ୍ଟର୍ନ ଟିଭି ଏବଂ ୧୯୯୩ରେ ବିପିଏଲ୍ ଟିଭି ସହ ଯୋଡି ହେଲୁ। ଏହା ପରବର୍ତ୍ତୀ ସମୟରେ ଭୁବନେଶ୍ୱର ବାପୁଜୀ ନଗରରେ ଶୋ'ରୁମ ସ୍ଥାପନ ହୋଇଥିଲା। ବାପା(ରାଜ କିଶୋର ବିଶ୍ୱାଳ)ଙ୍କ ନାମ ଅନୁସାରେ ରାଜ୍ ଇଲେକଟ୍ରୋନିକ୍ସ ନାମ ଚୟନ କରିଛୁ।

**ରାଜ୍ୟରେ ରାଜ୍ ଇଲେକଟ୍ରୋନିକ୍ସର ସ୍ଥିତିକୁ ନେଇ କ'ଣ କହିବେ?**

ଆମେ ବର୍ତ୍ତମାନ ୨୦ ନିଜସ୍ୱ ଶୋ'ରୁମ ଦ୍ୱାରା ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ରିଟେଲ ବ୍ୟବସାୟରେ ସକ୍ରିୟ ଅଛୁ। ଏହା ବାଦ୍ ୩ କମ୍ପାନୀର ବିତରଣ ଦାୟିତ୍ୱ ମଧ୍ୟ ନେଇଛୁ। ହ୍ୱାଇଟ୍‌ଗୁଡ କ୍ଷେତ୍ରରେ ପ୍ରାୟ କମ୍ପାନୀ ସହ ଯୋଡି ହୋଇଛୁ। ଭୁବନେଶ୍ୱରରେ ପଟିଆ, ବରମୁଣ୍ଡା, ସିଆର୍‌ପି ଏବଂ ବାପୁଜୀ ନଗରରେ ୨ ଶୋ'ରୁମ ସହ ମୋଟ୍ ୫ ଶୋ'ରୁମ ଦ୍ୱାରା ସେବା ଦେଉଛୁ। ସେହିଭଳି କଟକରେ ୨, ଯାଜପୁର ଟାଉନ, ଯାଜପୁର ରୋଡ, ଭଦ୍ରକରେ ବିଶ୍ୱାଳ ସେଲସ୍, ବାଲେଶ୍ୱର, ତାଳଚେର, ଅନୁଗୋଳ, ରାଉରକେଲା, ଝାରସୁଗୁଡା, ବନ୍ତ, କେନ୍ଦୁଝରର କେଶଦୁରାପାଳ ଭଳି ସ୍ଥାନଗୁଡିକରେ ଶୋ'ରୁମ ମାନ ରହିଛି।

**ବାଣିଜ୍ୟ ସମ୍ପ୍ରସାରଣ ନେଇ କିଛି ଯୋଜନା ରହିଛି କି?**

ହଁ, ଏ ଦିଗରେ ବିଭିନ୍ନ ଯୋଜନାମାନ ହାତକୁ ନିଆଯାଉଛି। ଯାଜପୁର ରୋଡ୍‌ରେ ଏକ ନୂଆ ଷ୍ଟୋର ଖୋଲିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟର ଦକ୍ଷିଣ ଭାଗରେ ବଜାର ସ୍ଥିତିକୁ ଅନୁଧ୍ୟାନ କରାଯାଉଛି। ସ୍ଥିତିକୁ ବିଚାର କରି ଆଗାମୀ ଦିନରେ ନୂଆ ଷ୍ଟୋର ଖୋଲିବା ନେଇ ନିଷ୍ପତ୍ତି ହେବ।

**ରାଜ୍ ଇଲେକ୍‌ଟ୍ରୋନିକ୍ସ ଶୋ'ରୁମର ସ୍ୱତନ୍ତ୍ରତା ସମ୍ପର୍କରେ କ'ଣ ମତ ଦେବେ?**

ଲୋକଙ୍କୁ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ ଇଲେକଟ୍ରୋନିକ୍ସ ଉପରେ ଗ୍ରାହକଙ୍କର ଭରସା ରହିଆସିଛି। ଆମେ ବିଶ୍ୱାସଯୋଗ୍ୟ ସେବା ପ୍ରଦାନକୁ ଗୁରୁତ୍ୱ ଦେଉଛୁ। ବର୍ତ୍ତମାନ ଶୋ'ରୁମ ଗୁଡିକରେ ଫାଇନାନ୍ସ ଦ୍ୱାରା ଅଧିକାଂଶ ସାମଗ୍ରୀ ବିକ୍ରି ହେଉଛି। ସୁବିଧାରେ ଫାଇନାନ୍ସ ଲାଗି ଏଚ୍‌ଡିଏଫ୍‌ସି, ବଜାଜ ଏବଂ କ୍ୟାପିଟାଲ ଫାଷ୍ଟ ଭଳି ସଂସ୍ଥା ସହ ଯୋଡି ହୋଇଛୁ। ଗ୍ରାହକଙ୍କୁ ୫ ସେକେଣ୍ଡରେ ଫାଇନାନ୍ସ ସୁବିଧା ଉପଲବ୍ଧ କରାଯାଉଛି। ସେହିଭଳି ୦% ଇଣ୍ଟ୍ରେଷ୍ଟ, ୦% ପ୍ରୋସେସିଂ ଭଳି ଅନ୍ୟାନ୍ୟ ସୁବିଧା ପ୍ରଦାନ କରୁଛୁ। କମ୍ପାନୀ ବାଦ ଶୋ'ରୁମରେ ପାର୍ବଣ କ୍ରୟ ଉପରେ ପ୍ରତି କ୍ରୟରେ ଉପହାର ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଆମେ ନିଜସ୍ୱ ଅନ୍‌ଲାଇନ ପ୍ଲାଟଫର୍ମରେ ସାମଗ୍ରୀ ବିକ୍ରି କରୁଛୁ। ଫେସ୍‌ବୁକ ପ୍ରମୋଶନ, ହୋମ୍ ଡେଲିଭରି ଭଳି ପଦକ୍ଷେପ ନେଇଛୁ। ପାର୍ବଣ ବାଦ ବିବାହ ଏବଂ ଗ୍ରୀଷ୍ମ ସମୟରେ ସାମଗ୍ରୀ କ୍ରୟ ଉପରେ ଡିସ୍‌କାଉଣ୍ଟ, ଗ୍ରାହକଙ୍କ ଅଭିଯୋଗର ସମାଧାନକୁ ନଜରରେ ରଖାଯାଉଛି।

**ଓଡିଶାରେ କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ବଜାରର ଟ୍ରେଣ୍ଡ କିଭଳି ରହିଛି?**

ବଜାର ସ୍ଥିତିରେ ଏବେ ଦ୍ରୁତ ପରିବର୍ତ୍ତନ ଆସିଛି। ହାଇଏଣ୍ଡ ପ୍ରଡକ୍ଟ ଆଡକୁ ଗ୍ରାହକମାନେ ଏବେ ଢଳୁଛନ୍ତି। ସେହିଭଳି ସ୍ମାର୍ଟ ପ୍ରଡକ୍ଟ ଚାହିଦା ବଢୁଛି। ଏହି ପ୍ରଡକ୍ଟ ଲାଗି ସୁବିଧାରେ ଇଏମ୍‌ଆଇ ସୁବିଧା ପ୍ରଦାନ କରୁଛୁ। ସହରୀକରଣ ସହ ଯୁବବର୍ଗଙ୍କ ଚାହିଦାରେ ପରିବର୍ତ୍ତନ ଦେବା ସହ ଏବେ ବଜାର ଟ୍ରେଣ୍ଡରେ ପରିବର୍ତ୍ତନ ଆସିଛି। ଟିଭି, ୱାଶିଂମେଶିନ, ରେଫ୍ରିଜରେଟରର ହାଇଏଣ୍ଡ ମଡେଲଗୁଡିକ ଉପରେ ଏବେ ଗ୍ରାହକଙ୍କ ନଜର। ବିଭିନ୍ନ କମ୍ପାନୀର ହାଇଏଣ୍ଡ ଟିଭି ଉପରେ ଶୋ'ରୁମରେ ୩୦ ମାସର ଇଏମ୍‌ଆଇ ସୁବିଧା ରହିଛି। କଞ୍ଜ୍ୟୁମର ଇଲେକଟ୍ରୋନିକ୍ସର ଉପଲବ୍ଧତା ଏବେ ମଧ୍ୟ ୧୫%ରୁ ନିମ୍ନ ରହିଛି। ଆମେ ଏହି କ୍ଷେତ୍ରରେ ପ୍ରତିବର୍ଷ ୧୫ରୁ୨୦% ଅଭିବୃଦ୍ଧି କରୁଛୁ। ଅପରପକ୍ଷରେ ଓଡିଶା ବଜାରର ଉକ୍ତ ବର୍ଗର ବାର୍ଷିକ ଅଭିବୃଦ୍ଧି ୧୫% ରହିଛି। ଏ କ୍ଷେତ୍ରରେ ଅଭିବୃଦ୍ଧିର ବିଶେଷ ସୁଯୋଗ ରହିଛି। ଗ୍ରାହକଙ୍କ ସହ ଯୋଡି ହୋଇ ରହିବା ଲାଗି ସର୍ବଦା ପ୍ରୟାସରତ। ସ୍ୱଳ୍ପ ମାର୍ଜିନରେ ବ୍ୟବସାୟ ସହ ଲୋକଙ୍କ ଭରସାକୁ ଆଧାର କରିଛୁ। ଅନଲାଇନ ପ୍ଲାଟଫର୍ମର ପ୍ରଭାବ ଏହି ବାଣିଜ୍ୟ ଉପରେ ବିଶେଷ ଭାବେ ପଡିବ ନାହିଁ। ସର୍ଭିସ ଭଳି ପ୍ରମୁଖ ପ୍ରସଙ୍ଗକୁ ଧ୍ୟାନରେ ରଖି ଲୋକମାନେ ଟଚ୍ ଆଣ୍ଡ ଫିଲ୍‌କୁ କ୍ରୟ ବେଳେ ଅଗ୍ରାଧିକାର ଦେଉଛନ୍ତି।

DSPL-167

# ଜାତୀୟ କୃମିନାଶ ଦିବସ
୨୬ ସେପ୍ଟେମ୍ବର, ୨୦୧୮ (ବୁଧବାର)

ଏହିଦିନ ୧ -୧୯ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ନିରାପଦ କୃମି ନାଶକ ଔଷଧ ବିନାମୂଲ୍ୟରେ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ମାନଙ୍କରେ ଖାଇବାକୁ ଦିଆଯିବ । ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଜୀକୃତ ହୋଇନଥିବା କିମ୍ବା ବିଦ୍ୟାଳୟ ଯାଉନଥିବା ପିଲାମାନଙ୍କୁ ମଧ୍ୟ ଏହି ଔଷଧ ଖାଇବାକୁ ଦିଆଯିବ ।

ଏହା ସହିତ ନିମ୍ନ ପ୍ରଦତ୍ତ ଉପାୟ ଦ୍ୱାରା ନିଜକୁ କୃମି ସଂକ୍ରମଣରୁ ରକ୍ଷା କରନ୍ତୁ ।




ଏଣୁ, ସମସ୍ତ ପିଲାଙ୍କୁ (୧-୧୯ ବର୍ଷ) ତା ୨୬ ସେପ୍ଟେମ୍ବର୨୦୧୮ ରିଖରେ କୃମିନାଶକ ଔଷଧ ନିଷ୍ଚୟ ଖୁଆଇ ସେମାନଙ୍କୁ ପୁଷ୍ଟିହୀନତା, ରକ୍ତହୀନତାରୁ ଦୂରେଇ ରଖିବା ସହିତ ସେମାନଙ୍କ ମାନସିକ ତଥା ଶାରୀରିକ ଅଭିବୃଦ୍ଧିରେ ସହାୟକ ହୁଅନ୍ତୁ ।

**ଧ୍ୟାନ ଦିଅନ୍ତୁ :**
ଖୋର୍ଦ୍ଧା, କଟକ ଓ ଢେଙ୍କାନାଳ ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯିବ । ତା ୨୬-୦୯-୨୦୧୮ ରିଖରେ ବାଦ୍ ପଡିଥିବା ପିଲାମାନେ ତା ୦୩.୧୦.୨୦୧୮ ରିଖରେ କୃମିନାଶକ ଔଷଧ ଖାଇପାରିବେ ।

1000З/13/0080/1819

ଅଧିକ ସୂଚନା ପାଇଁ ଆଶାଦିଦି /ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha | http://www.health.odisha.gov.in/ | @HFWOdisha



“ ଭାରତର ଯୁବ ଫୁଟ୍‌ବଲ ଦଳ ଭବିଷ୍ୟତରେ ଏକ ବଡ଼ ସଫଳତା ହାସଲ କରିପାରେ ବୋଲି ବର୍ତ୍ତମାନର ପ୍ରଦର୍ଶନରୁ ମୋର ଦୃଢ଼ ବିଶ୍ୱାସ ହେଉଛି।

–ସୁନୀଲ ଛେତ୍ରୀ, ଭାରତ ଫୁଟ୍‌ବଲ ଅଧିନାୟକ

“ ବୁଝାମଣା ଅଭାବରୁ ଯୋଗ୍ୟତା ଥାଇ ମଧ୍ୟ ଆଦିତୀ ଅଶୋକ ଏଥର ଅର୍ଜୁନ ପୁରସ୍କାର ପାଇବାରୁ ବଞ୍ଚିତ ହୋଇଛନ୍ତି ।

–ଚମ୍ପିକା ସାୟଲ

ଭାରତୀୟ ମହିଳା ଗଲ୍‌ଫ ଆସୋସିଏଶନ ସାଧାରଣ ସମ୍ପାଦିକା



# ପାରା ଏସିଆନ୍ ଗେମ୍ସରେ ଭାଗ ନେବେ ପ୍ରମୋଦ

**ଭୁବନେଶ୍ୱର, ୨୫।୯(ସ୍ପୋର୍ଟ୍ସ ବ୍ୟୁରୋ):** ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରେ ଆସନ୍ତା ଅକ୍ଟୋବର ୬ରୁ ୧୩ ତାରିଖ ମଧ୍ୟରେ ଆୟୋଜନ ହେବାକୁଥିବା ପାରା ଏସିଆନ୍ ଗେମ୍ସ- ୨୦୧୮ରେ ଓଡ଼ିଶାର ପ୍ରମୋଦ ଭଗତ ଅଂଶଗ୍ରହଣ କରିବେ। ପ୍ରମୋଦ ପାରା ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ସେ ସିଙ୍ଗଲ୍ସ, ଡବଲ୍ସ ଓ ଟିମ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେ ପ୍ରଥମ ଭାରତୀୟ ଭାବେ ତୃତୀୟଥର ପାଇଁ ପାରା ଏସିଆନ ଗେମ୍ସରେ ଅଂଶଗ୍ରହଣ କରିବେ। ଏହା ପୂର୍ବରୁ ସେ ୨୦୧୦ ଗୁଆନଝୌଉ, ୨୦୧୪ ଇଞ୍ଚିଅନ୍ ପାରା ଏସିଆନ ଗେମ୍ସରେ ଅଂଶଗ୍ରହଣ କରିଥିଲେ। ଇଞ୍ଚିଅନ୍ ଏସିଆନ ଗେମ୍ସରେ ସେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ଏଥର ଏହି ମେଗା ଇଭେଣ୍ଟରେ ୧୮ଜଣିଆ ଭାରତୀୟ ଦଳ ଭାଗନେବ। ପ୍ରମୋଦ ଭଲ ପ୍ରଦର୍ଶନ କରି ପଦକ ହାସଲ କରିବେ ବୋଲି ଆଶା କରାଯାଉଛି।



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ଅର୍ଜୁନ ପୁରସ୍କାର ଗ୍ରହଣ କରୁଛନ୍ତି (ବାମରୁ) ଜିନ୍ସନ୍ ଜନ୍ସନ, ହିମା ଦାସ, ନିରଜ ଚୋପ୍ରା ଏବଂ ଖେଳରତ୍ନ ମୀରାବାଇ ଚାନୁ।

# ମହିଳା ହକି କ୍ୟାମ୍ପରେ ଓଡ଼ିଶାର ୭

**ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି):** ଆଗାମୀ ଦିନରେ ହେବାକୁଥିବା ଅନ୍ତର୍ଜାତୀୟ ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ଅକ୍ଟୋବର ୧ରୁ ଆରମ୍ଭ ହେବ ଭାରତୀୟ ମହିଳା କୋର୍ ଗ୍ରୁପ ଖେଳାଳିଙ୍କ କୋଚିଂ କ୍ୟାମ୍ପ। ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି କ୍ୟାମ୍ପରେ ୪୮ କୋର୍ ଗ୍ରୁପ ଖେଳାଳଙ୍କ ସହ ୧୨ କୋଚ୍ ଓ ସପୋର୍ଟ ଷ୍ଟାଫ୍ ଯୋଗଦେବେ। କୋର ଗ୍ରୁପରେ ଓଡ଼ିଶାର ମୋଟ ୭ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଦୀପ୍ ଗ୍ରେସ୍ ଏକ୍କା, ସୁନୀତା ଲାକ୍ରା, ରଶ୍ମିତା ମିଞ୍ଜ, ଲିଲିମା ମିଞ୍ଜ, ନମିତା ଟପ୍ପୋ, ଅନୁପା ବାର୍ଲା ଓ ବିରାଜୀନୀ ଏକ୍କା।

# କୋହଲି, ଚାନୁଙ୍କୁ ଖେଳରତ୍ନ

**ନୂଆଦିଲ୍ଲୀ, ୨୫।୯(ପି.ଟି.)**

ରାଷ୍ଟ୍ରପତି ଭବନରେ ମଙ୍ଗଳବାର ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ଓ ୱେଟଲିଫ୍ଟିଂ ବିଶ୍ୱ ଚାମ୍ପିୟନ ମୀରାବାଇ ଚାନୁ ଯୁଗ୍ମ ଭାବେ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ହାସଲ କରିଛନ୍ତି। ସେହିପରି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆ ଗେମ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ତାରକା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଓ ଜୁନିୟର ବିଶ୍ୱ ଚାମ୍ପିୟନ ଧାବିକା ହିମା ଦାସଙ୍କ ସମେତ ୨୦ଜଣ କ୍ରୀଡ଼ାବିତ୍ ଅର୍ଜୁନ ପୁରସ୍କାର ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ କ୍ରୀଡ଼ାବିତମାନଙ୍କୁ ପୁରସ୍କୃତ କରିଛନ୍ତି।

ପାରମ୍ପରିକ ଭାବେ ଏହି ପୁରସ୍କାର ଅଗଷ୍ଟ ୨୯ ତାରିଖରେ ହକି ଲିଜେଣ୍ଡ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସରେ ପାଳନ କରାଯିବା ଅବସରରେ ପ୍ରଦାନ କରାଯାଇଥାଏ। ତେବେ ଜାକର୍ତ୍ତା ଓ ପାଲେମବାଙ୍ଗରେ ଅନୁଷ୍ଠିତ ୧୮ତମ ଏସିଆନ ଗେମ୍ସ ଏକା ସମୟରେ ପଡିବାରୁ ପୁରସ୍କାର ପ୍ରଦାନ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା। ଏସିଆନ ଗେମ୍ସ ଅଗଷ୍ଟ ୧୮ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨ ତାରିଖରେ ଶେଷ ହୋଇଥିଲା।

ପୁରସ୍କାର ପ୍ରଦାନ ଉତ୍ସବରେ କୋହଲିଙ୍କ ସମେତ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା, ମା ସରୋଜ କୋହଲି ଓ ବଡ଼ଭାଇ ବିକାଶ ଉପସ୍ଥିତ ଥିଲେ। ତୃତୀୟ କ୍ରିକେଟର ଭାବେ କୋହଲି ଖେଳରତ୍ନ ପୁରସ୍କାର ହାସଲ କରିଛନ୍ତି। ପୂର୍ବରୁ ବ୍ୟାଟିଂ ଲିଜେଣ୍ଡ ସଚିନ ତେନ୍ଦୁଲକର ୧୯୯୭– ୧୯୯୮ ପାଇଁ ଓ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୨୦୦୭ ବର୍ଷ ଲାଗି ଖେଳରତ୍ନ ପୁରସ୍କାର ହାସଲ କରିଥିଲେ। ଗତ ୩ ବର୍ଷ ହେବ କୋହଲି ଜବରଦସ୍ତ ପ୍ରଦର୍ଶନ କରୁଛନ୍ତି ଓ ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ୨୦୧୬ ଓ ୨୦୧୭ରେ କୋହଲିଙ୍କ ନାମ ସୁପାରିସ୍ କରାଯାଇଥିଲେ ମଧ୍ୟ ସେ ଏହି ପୁରସ୍କାର ପାଇଁ ମନୋନୀତ ହୋଇ ନ ଥିଲେ। ୨୯ ବର୍ଷୀୟ କୋହଲି ଏପର୍ଯ୍ୟନ୍ତ ୭୧ଟି ଟେଷ୍ଟ ଖେଳି ୨୩ଟି ଶତକ ସହ ୬୧୪୭ ରନ ସଂଗ୍ରହ କରିଛନ୍ତି। ସେହିପରି ସେ ୨୧୧ଟି ଦିନିକିଆ ମ୍ୟାଚ୍ ଖେଳି ୩୫ଟି ଶତକ ସହ ୯୭୭୯ ରନ ସଂଗ୍ରହ କରିଛନ୍ତି। ପୂର୍ବରୁ ୨୦୧୩ରେ କୋହଲିଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା ଓ ଗତବର୍ଷ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

କୋହଲିଙ୍କ ସହ ଖେଳରତ୍ନ ପୁରସ୍କାର ହାସଲ କରିଥିବା ଚାନୁ ମଧ୍ୟ ଚଳିତ ବର୍ଷ ପଦ୍ମଶ୍ରୀରେ ସମ୍ମାନିତ ହୋଇଥିଲେ। ଗତବର୍ଷ ବିଶ୍ୱ ୱେଟଲିଫ୍ଟିଙ୍ଗ୍ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ତାଙ୍କୁ ଖେଳରତ୍ନ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ସେ ମଧ୍ୟ ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ଇଞ୍ଜୁରି କାରଣରୁ ସେ ଏସିଆନ ଗେମ୍ସରେ ଅଂଶଗ୍ରହଣ କରି ନ ଥିଲେ। ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ବାବଦରେ ଯଥାକ୍ରମେ ୭.୫ ଓ ୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥାଏ। ଖେଳରତ୍ନ ଓ ଅର୍ଜୁନ ପୁରସ୍କାରକୁ ବାଦ୍ ଦେଲେ ରାଷ୍ଟ୍ରପତି କୋଚ୍‌ମାନଙ୍କୁ ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ସେହିପରି ତେନଜିଂ ନରଗେ ନ୍ୟାଶନାଲ ଆଡ୍‌ଭେଞ୍ଚର ପୁରସ୍କାର, ମୌଲାନା ଅବୁଲ କଲାମ ଆଜାଦ ଟ୍ରଫି ଓ ରାଷ୍ଟ୍ରୀୟ ପ୍ରୋତ୍ସାହନ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ।

## ଜାତୀୟ କ୍ରୀଡ଼ା ପୁରସ୍କାର ତାଲିକା

- **ରାଜୀବ ଗାନ୍ଧୀ ଖେଳରତ୍ନ:** ବିରାଟ କୋହଲି, ମୀରାବାଇ ଚାନୁ।
- **ଅର୍ଜୁନ ପୁରସ୍କାର:** ନୀରଜ ଚୋପ୍ରା, ଜିନସନ ଜନସନ ଓ ହୀମା ଦାସ (ଆଥଲେଟିକ୍ସ), ଏନ. ସିକ୍କି ରେଡ୍ଡୀ (ବ୍ୟାଡମିଣ୍ଟନ), ସତୀଶ କୁମାର (ବକ୍ସିଂ), ସ୍ମୃତି ମନ୍ଧାନା (କ୍ରିକେଟ), ଶୁଭଙ୍କର ଶର୍ମା (ଗଲ୍ଫ), ମନପ୍ରୀତ ସିଂ, ସବିତା (ହକି), ରବି ରାଠୋର (ପୋଲୋ), ରାହି ସାର୍ନୋବତ, ଅଙ୍କୁର ମିତ୍ତଲ, ଶ୍ରେୟାସି ସିଂ (ଶୁଟିଂ), ମନୀକା ବାତ୍ରା, ଜି. ସାଥିୟାନ (ଟେବୁଲ ଟେନିସ୍), ରୋହନ ବୋପାନ୍ନା (ଟେନିସ୍), ସୁମିତ (ରେସଲିଂ), ପୂଜା କାଡିଆନ (ଉଷୁ), ଅଙ୍କୁର ଧାମ (ପାରା -ଆଥଲେଟିକ୍ସ), ମନୋଜ ସରକାର (ପାରା-ବ୍ୟାଡମିଣ୍ଟନ)।
- **ଦ୍ରୋଣାଚାର୍ଯ୍ୟ ପୁରସ୍କାର:** ସିଏ କଟାପ୍ପା (ବକ୍ସିଂ), ବିଜୟ ଶର୍ମା (ୱେଟଲିଫ୍ଟିଙ୍ଗ୍), ଏ. ଶ୍ରୀନିବାସ ରାଓ (ଟେବୁଲ ଟେନିସ), ସୁଖଦେବ ସିଂ ପାନ୍ନୁ (ଆଥଲେଟିକ୍ସ), କ୍ଲାରେନ୍ସ ଲୋବୋ (ହକି, ଲାଇଫଟାଇମ୍), ତରକ ସିହ୍ନା (କ୍ରିକେଟ, ଲାଇଫ୍ ଟାଇମ), ଜୀବନ କୁମାର ଶର୍ମା (ଜୁଡୋ, ଲାଇଫ୍ ଟାଇମ), ଭି.ଆର. ବିଦ୍ଦୁ (ଆଥଲେଟିକ୍ସ, ଲାଇଫ୍‌ଟାଇମ)।

**ଧ୍ୟାନଚାନ୍ଦ ପୁରସ୍କାର:** ସତ୍ୟଦେବ ପ୍ରସାନ (ଆର୍ଚେରୀ), ଭାରତ କୁମାର ଛେତ୍ରୀ (ହକି), ବବି ଆଲୋୟିସିଅସ୍ (ଆଥଲେଟିକ୍ସ), ଚୌଗାଲେ ଦାଦୁ ଦତ୍ତାତ୍ରୟ (ରେସଲିଂ)।

- **ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର:** ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ, ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ, ଇଶା ଆଉଟ୍‌ରିଚ୍।
- **ମୌଲାନା ଅବୁଲ କଲାମ ଆଜାଦ ଟ୍ରଫି:** ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ, ଅମୃତଶର।

# ଭାରତ–ଆଫଗାନିସ୍ତାନ ମ୍ୟାଚ୍ ଟାଇ

**ଦୁବାଇ, ୨୫।୯(ପି.ଟି.)**

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଅନୁଷ୍ଠିତ ଏସିଆ କପ୍ ସୁପର–୪ ପର୍ଯ୍ୟାୟର ପଞ୍ଚମ ମ୍ୟାଚ୍ ଟାଇ ଭାବେ ଶେଷ ହୋଇଛି। ସ୍ଥାନୀୟ ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୫୨ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ଗୋଟିଏ ବଲ ବାକିଥାଇ ୨୫୨ ରନ କରି ଅଲଆଉଟ ହୋଇଯାଇଥିଲା। ୨୫୩ ରନର ପିଛା କରି ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ୩ଟି ରନ୍ ଆଉଟ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଦଳ ତରଫରୁ ଓପନର ଲୋକେଶ ରାହୁଲ ୬୦, ଅମ୍ବାତି ରାୟୁଡୁ ୫୭, ଦୀନେଶ କାର୍ତ୍ତିକ ୪୪, ରବୀନ୍ଦ୍ର ଜାଡେଜା ୨୫, କେଦାର ଯାଦବ ୧୯, ଦୀପକ ଚହର ୧୨ ରନ କରି ଆଉଟ ହୋଇଥିଲେ। ଆଫଗାନିସ୍ତାନ ପକ୍ଷରୁ ଅଫତାବ ଆଲମ, ମହମ୍ମଦ ନବି, ରସିଦ ଖାଁ ଦୁଇଟି ଲେଖାଏ, ଜାଭେଦ ଅହମଦି ଗୋଟିଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ତରଫରୁ ଦୁଇ ଓପନର ଜାଭେଦ ଅହମଦି ଓ ମହମ୍ମଦ ଶାହଜାଦ ପ୍ରଥମ ଉଇକେଟ ଯୋଡିରେ ୬୫ ରନ ସଂଗ୍ରହ କରିଥିଲେ। ଅହମଦି ୫ ରନ କରି ପ୍ରଥମେ ଆଉଟ ହୋଇଥିବା ବେଳେ ଶାହଜାଦ ୧୧୬ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୭ ଛକା ସହାୟତାରେ ୧୨୪ ରନର ଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ସେହିପରି ମହମ୍ମଦ ନବି ୫୬ଟି ବଲର ସାମନା କରି ୩ ଚୌକା ଓ ୪ ଛକା ସହ ୬୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ଗୁଲବଦିନ ନାଇବ ୧୫, ନାଜିବୁଲ୍ଲା ଜଦ୍ରାନ ୨୦ ରନ କରି ଆଉଟ ହୋଇଥିବା ବେଳେ ତାରକା ଅଲରାଉଣ୍ଡର ରସିଦ ଖାଁ ୧୨ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଶାହଜାଦ ଓ ନବି ଦୃଢ଼ତାର ସହ ବ୍ୟାଟିଂ କରିଥିବା ବେଳେ ଅନ୍ୟପଟେ ନିୟମିତ ବ୍ୟବଧାନରେ ଉଇକେଟର ପତନ ହୋଇଥିଲା। ତେବେ ଦଳ ଅଢେଇ ଶହ ରନ ପାର କରିବାରେ ସକ୍ଷମ ହୋଇଥିଲା। ଭାରତ ତରଫରୁ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ସର୍ବାଧିକ ୩, କୁଲଦୀପ ଯାଦବ ୨, ଖଲିଲ ଅହମ୍ମଦ, ଦୀପକ ଚହର ଓ କେଦାର ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ଆଜିର ଏସିଆ କପ୍ ମ୍ୟାଚ**
ପାକିସ୍ତାନ ବନାମ ବାଂଲାଦେଶ
ସ୍ଥାନ: ଆବୁଧାବି
ସମୟ: ସନ୍ଧ୍ୟା ୫ଟା
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**

## ସଂକ୍ଷିପ୍ତ ସ୍କୋର

ଆଫଗାନିସ୍ତାନ ଇନିଂସ ୫୦ ଓଭରରେ ୨୫୨/୮, (ଶାହଜାଦ– ୧୨୪, ନବି– ୬୪, ଜାଡେଜା– ୩/୪୬, କୁଲଦୀପ– ୨/୩୮)। ଭାରତ ୪୯.୫ ଓଭରରେ ୨୫୨(ରାହୁଲ– ୬୦, ରାୟୁଡୁ– ୫୭, କାର୍ତ୍ତିକ– ୪୪, ଜାଡେଜା– ୨୫, କେଦାର– ୧୯, ଆଲମ– ୨/୫୩, ନବି– ୨/୪୦, ରସିଦ– ୨/୪୧)।

## ଧୋନୀଙ୍କ ଦ୍ୱିଶତକ

ଏସିଆ କପ୍ ସୁପର୍ –୪ରେ ଭାରତ ତା’ର ଅନ୍ତିମ ମ୍ୟାଚ୍‌ରେ ମଙ୍ଗଳବାର ଆଫଗାନିସ୍ତାନକୁ ଭେଟିଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରିଛି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ମହେନ୍ଦ୍ର ସିଂ ଧୋନୀଙ୍କୁ ଏହି ମ୍ୟାଚ୍‌ରେ ଭାରତୀୟ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଭାରତ ଫାଇନାଲରେ ସ୍ଥାନ ପକ୍କା କରିସାରିଥିବାରୁ ଅଧିନାୟକ ରୋହିତ୍ ଶର୍ମାଙ୍କ ସମେତ ଶିଖର ଧାୱନ, ଭୁବନେଶ୍ୱର କୁମାର, ଯଶପ୍ରୀତ୍ ବୁମ୍‌ରାଙ୍କୁ ଏହି ମ୍ୟାଚ୍‌ରୁ ବିଶ୍ରାମ ଦିଆଯାଇଛି। ତେଣୁ ରୋହିତ୍‌ଙ୍କ ସ୍ଥାନରେ ଭେଟେରାନ ଧୋନୀଙ୍କୁ ଦଳର ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ଧୋନୀ ଏକଦିବସୀୟ କ୍ରିକେଟରେ ୨୦୦ ମ୍ୟାଚ୍‌ର ନେତୃତ୍ୱ ନେବାର କୃତିତ୍ୱ ଲାଭ କରିଛନ୍ତି। ଧୋନୀ ଦୀର୍ଘ ୬୯୬ ଦିନ ପରେ ପୁଣିଥରେ ଅଧିନାୟକ ପଦ ସମ୍ଭାଳିଛନ୍ତି। ଗତବର୍ଷ ଜାନୁୟାରୀ ୫ରେ ସେ ଅଧିନାୟକ ପଦରୁ ଇସ୍ତଫା ଦେଇଥିଲେ। ସେହିଭଳି ଏହି ମ୍ୟାଚ୍ ଜରିଆରେ ଅଲ୍‌ରାଉଣ୍ଡର ଦୀପକ ଚହର ଦିନିକିଆ କ୍ୟାରିୟର ଆରମ୍ଭ କରିଛନ୍ତି। କୋଚ୍ ରବି ଶାସ୍ତ୍ରୀ ଚହରଙ୍କୁ ଦିନିକିଆ କ୍ୟାପ୍ ପ୍ରଦାନ କରିଥିଲେ।

# ଭାଷ୍ୟକାର ଯଶଦେବଙ୍କ ପରଲୋକ

**ନୂଆଦିଲ୍ଲୀ, ୨୫।୯ (ପି.ଟି.):** ପୂର୍ବତନ ବିଶିଷ୍ଟ ଲୋକପ୍ରିୟ ଭାଷ୍ୟକାର ଯଶଦେବ ସିଂଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ୭୦ ଦଶକ ଏବଂ ୮୦ ଦଶକ ପ୍ରାରମ୍ଭରେ ଖେଳ ପ୍ରସାରଣ କ୍ଷେତ୍ରରେ ଦୂରଦର୍ଶନର ବିଶେଷ ଭୂମିକା ରହିଥିଲା। ସେ ସମୟରେ ରବି ଚତୁର୍ବେଦୀ ଓ ସୁଶୀଲ ଦୋଶିଙ୍କ ସମେତ ଯଶଦେବ ସିଂ ଦୂରଦର୍ଶନର କ୍ରୀଡ଼ା ଭାଷ୍ୟକାର ଭାବେ ଘରେ ଘରେ ପରିଚିତ ଥିଲେ। ଯଶଦେବ ୧୯୫୫ରେ ଅଲ୍ ଇଣ୍ଡିଆ ରେଡ଼ିଓରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ସେ ଦୀର୍ଘଦିନ ଧରି ଅଲଇଣ୍ଡିଆ ରେଡ଼ିଓର ‘ଭଏସ୍ ଅଫ୍ ସ୍ପୋର୍ଟ୍ସ’ ଭାବେ ପରିଚିତ ଥିଲେ। କେନ୍ଦ୍ର କ୍ରୀଡ଼ା ଏବଂ ସୂଚନା ପ୍ରସାରଣ ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଯଶଦେବଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଚତୁର୍ବେଦୀ ଓ ଦୋଶି ବିଶେଷ କରି କ୍ରିକେଟ କମେଣ୍ଟ୍ରି କରିଥାନ୍ତି। କିନ୍ତୁ ଯଶଦେବ ହେଲସେଙ୍କି (୧୯୬୮)ରୁ ଆରମ୍ଭ କରି ମେଲବୋର୍ନ (୨୦୦୦) ପର୍ଯ୍ୟନ୍ତ ଅଲିମ୍ପିକ ଗେମ୍ସର ୯ଟି ସଂସ୍କରଣରେ ଭାଷ୍ୟକାର ଦାୟିତ୍ୱ ତୁଲାଇଛନ୍ତି। ପୂର୍ବତନ ଇଣ୍ଟରନ୍ୟାଶନାଲ ଅଲିମ୍ପିକ କାଉନ୍‌ସିଲ ମୁଖ୍ୟ ଜୁଆନ ଆଣ୍ଟୋନିଓ ସମରଞ୍ଚ ୧୯୮୮ ସିଓଲ ସଂସ୍କରଣରେ ଯଶଦେବଙ୍କୁ ‘ଅଲିମ୍ପିକ ଅର୍ଡର’ ସମ୍ମାନରେ ସମ୍ମାନିତ କରିଥିଲେ। ସେ ଆହୁରି ମଧ୍ୟ ୬ଟି ଏସିଆନ ଗେମ୍ସ ଏବଂ ସମାନ ସଂଖ୍ୟକ ହକି ବିଶ୍ୱକପ୍‌ର ଧାରା ବିବରଣୀ ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ୧୯୬୩ରୁ ଦୀର୍ଘ ୪୮ ବର୍ଷ ଧରି ସାଧାରଣତନ୍ତ୍ର ଦିବସ ଉତ୍ସବର ଭାଷ୍ୟକାର ଭାବେ କାର୍ଯ୍ୟ କରିଥିଲେ। ତାଙ୍କୁ ୧୯୮୫ରେ ପଦ୍ମଶ୍ରୀ ଏବଂ ୨୦୦୮ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।



# ପୁରୀରେ ଆନ୍ତଃ ମହାବିଦ୍ୟାଳୟ ବକ୍ସିଂ

**ପୁରୀ ଅଫିସ, ୨୫।୯:** ପୁରୀସ୍ଥିତ ଜି.ଏମ୍. ଆଇନ ମହାବିଦ୍ୟାଳୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ବକ୍ସିଂ ପ୍ରତିଯୋଗିତା ସ୍ଥାନୀୟ ଇନଡୋର ଷ୍ଟାଡିୟମଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର କ୍ରୀଡା ସଂସଦର ନିର୍ଦ୍ଦେଶକ ଡ. କବୀର ମୋହନ ସେଠୀ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଏସ.କେ. ଆଜାଦ୍, ଅଧ୍ୟାପକ ଡ. ଶେଷଦେବ ମହାରଣା, ଡ. କୈଳାସ ଚନ୍ଦ୍ର ରଥ, ପୁରୀ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ପୂର୍ବତନ କ୍ରୀଡ଼ା ଅଧିକାରୀ ରବୀନ୍ଦ୍ର ସେନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୪୫ କେଜି ବର୍ଗରେ ଏସସିଏସ୍ କଲେଜର ସନ୍ତୋଷ କୁମାର ପ୍ରଧାନ, ୪୮କେଜି ବର୍ଗରେ କଟକ ରଘୁନାଥ ଜୀଉ କଲେଜର ସସ୍ମିତ କୁମାର ସାହୁ, ୫୪ କେଜିରେ ଭୁବନେଶ୍ୱର ଡିଏନ୍ କଲେଜର ସରୋଜ ରାଉତ, ୫୭ କେଜିରେ ଗୋପୀନାଥ ଦେବ କଲେଜର ଦୀପକ କୁମାର ପରିଡ଼ା, ୬୦ କେଜିରେ କଟକର ସୌଭାଗ୍ୟ ରଞ୍ଜନ ରାଉତ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପରିଚାଳନାରେ ବକ୍ସିଂ ଏକାଡେମୀ ସଭାପତି ସୁଦର୍ଶନ ସାହୁ, ପ୍ରଶାନ୍ତ କୁମାର ମହାନ୍ତି, ବାପି ପ୍ରସାଦ ନାୟକ, ପ୍ରମୋଦ ଜେନା, ବିଶ୍ୱଭୂଷଣ ପରିଡା, ଶଙ୍କର ଅଧିକାରୀ, ଅଞ୍ଜନ ଦାସ ଏବଂ କଲେଜର କ୍ରୀଡା ଶିକ୍ଷକ ରାଜକିଶୋର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ମୋଡ୍ରିକ୍ ଫିଫା ଶ୍ରେଷ୍ଠ ଖେଳାଳି

**ଲଣ୍ଡନ, ୨୫।୯(ଏଏଫ୍‌ପି)**

ଗତ ଦଶନ୍ଧି ଧରି ଫୁଟ୍‌ବଲର ସର୍ବୋଚ୍ଚ ପୁରସ୍କାର ‘ଫିଫା ବେଷ୍ଟ ପ୍ଲେୟାର ଅଫ୍ ଦି ଇୟର’ ଟ୍ରଫି ଜିତି ଆସୁଥିବା ଦୁଇ ମହାନ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ଯୁଗର ଅନ୍ତ ଘଟିଛି। ଏହି ଧାରାରେ ପୂର୍ଣ୍ଣଚ୍ଛେଦ ପକାଇ କ୍ରୋଏସିଆର ଲୁକା ମୋଡ୍ରିକ୍ ଚଳିତ ବର୍ଷ ଲାଗି ଫିଫାର ଶ୍ରେଷ୍ଠ ପୁରୁଷ ଖେଳାଳି ପୁରସ୍କାର ହାତେଇ ନେଇଛନ୍ତି। ୩୩ ବର୍ଷୀୟ ରିୟଲ ମାଡ୍ରିଡ୍ ତାରକା ମୋଡ୍ରିକ୍ ପ୍ରାକ୍ତନ ଟିମ୍‌ମେଟ୍ ତଥା ବର୍ତ୍ତମାନ ଜୁଭେଣ୍ଟସ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଭରପୁଲର ମହମ୍ମଦ ସଲାହ୍‌ଙ୍କୁ ପଛରେ ପକାଇ ଫୁଟ୍‌ବଲର ଏହି ସମ୍ମାନଜନକ ପୁରସ୍କାର ଜିତିବାରେ ସଫଳ ହୋଇଛନ୍ତି। ଗତ ମାର୍ଚ୍ଚରେ ମୋଡ୍ରିକ୍ କ୍ୟାରିୟରର ୩ୟଥର ପାଇଁ ଚାମ୍ପିୟନ୍ସ ଲିଗ୍ ଟାଇଟଲ ହାସଲ କରିଥିଲେ। ସେହିଭଳି କ୍ରୋଏସିଆକୁ ପ୍ରଥମଥର ଲାଗି ଫୁଟ୍‌ବଲର ମହାକୁମ୍ଭ ଫିଫା ବିଶ୍ୱକପ୍ ଫାଇନାଲରେ ପହଞ୍ଚାଇବାରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ବହୁତ ଲୋକ ମୋତେ ସମର୍ଥନ ଦେଇଥିବାରୁ ସମସ୍ତଙ୍କୁ ମୋଡ୍ରିକ୍ ଧନ୍ୟବାଦ୍ ଜଣାଇଛନ୍ତି। ୨୦୦୮ରୁ ରୋନାଲ୍ଡୋ ଓ ମେସି ଲଗାତର ଭାବେ ଫିଫାର ଏହି ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତି ଆସୁଥିଲେ। ଉଭୟ ମେସି ଓ ରୋନାଲ୍ଡୋ ମିଳିତ ଭାବେ ୫ଥର ଲେଖାଏ ଏହି ସମ୍ମାନଜନକ ଟ୍ରଫି ହାସଲ କରିଛନ୍ତି। ଲଣ୍ଡନରେ ଅନୁଷ୍ଠିତ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ରାଜିଲର ୩୨ ବର୍ଷୀୟା ଫର୍‌ୱାର୍ଡ ମାର୍ଟା ଭିଏରା ଡା ସିଲ୍‌ଭା ଫିଫାର ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଛନ୍ତି। ଉଭୟ ରୋନାଲ୍ଡୋ ଓ ସଲାହ୍ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ମଧ୍ୟ ମେସିଙ୍କୁ ଦେଖିବାକୁ ମିଳି ନ ଥିଲା। ବିଶ୍ୱକପ୍ ଫାଇନାଲରେ କ୍ରୋଏସିଆକୁ ୪–୨ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିବା ଫ୍ରାନ୍ସର ଡିଡିଅର ଡେସଚାମ୍ପ୍ସଙ୍କୁ ବର୍ଷର ଶ୍ରେଷ୍ଠ ପୁରୁଷ କୋଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।



ଟ୍ରଫି ସହ ଲୁକା ମୋଡ୍ରିକ୍, ଡିଡିଅର ଡେସଚାମ୍ପ, ମାର୍ଟା ଭିଏରା।

## ୱାର୍ଲ୍ଡ ଟିମ୍ ଅଫ୍ ଦି ଇୟର

ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ଫିଫା ୱାର୍ଲ୍ଡ ଟିମ୍ ଅଫ୍ ଦି ଇୟର ଚୟନ କରାଯାଇଛି। ଆଶ୍ଚର୍ଯ୍ୟଜନକ ଭାବେ ‘ପ୍ଲେୟାର ଅଫ୍ ଦି ଇୟର’ ପୁରସ୍କାର ଦୌଡ଼ରେ ରହିଥିବା ମହମ୍ମଦ ସଲାହ ଏବଂ ବର୍ଷର ଶ୍ରେଷ୍ଠ ଗୋଲକିପର ଟ୍ରଫି ଜିତିଥିବା ବେଲଜିୟମର ଥିବାଉଟ୍ କର୍ଟୋଇଜଙ୍କୁ ଫିଫା ୱାର୍ଲ୍ଡ ଟିମ୍‌ରେ ସ୍ଥାନ ମିଳିନାହିଁ।

## ଖେଳାଳି ତାଲିକା

ଗୋଲକିପର– ଡେଭିଡ୍ ଡି ଗି (ସ୍ପେନ), ଡିଫେଣ୍ଡର– ଡାନି ଅଲ୍‌ଭେସ (ବ୍ରାଜିଲ), ରାଫେଲ ଭରାନେ (ଫ୍ରାନ୍ସ), ସର୍ଜିଓ ରୋମେସ (ସ୍ପେନ), ମାର୍ସେଲୋ (ବ୍ରାଜିଲ), ମିଡ୍‌ଫିଲ୍ଡର– ଲୁକା ମୋଡ୍ରିକ (କ୍ରୋଏସିଆ), ଏନ୍ ଗୋଲୋ କାଣ୍ଟେ (ଫ୍ରାନ୍ସ), ଇଡେନ ହାଜାର୍ଡ (ବେଲଜିୟମ), ଫର୍‌ୱାର୍ଡ– କିଲିୟାନ ଏମ୍‌ବାପ୍ପେ (ଫ୍ରାନ୍ସ), ଲିଓନେଲ ମେସି (ଆର୍ଜେଣ୍ଟିନା), କ୍ରିଷ୍ଟିଆନୋ ରୋନାଲ୍ଡୋ (ପର୍ତ୍ତୁଗାଲ)।

## ଥିବଟ୍ ଶ୍ରେଷ୍ଠ ଗୋଲକିପର

ବେଲ୍‌ଜିୟମର ଥିବଟ୍ କୋର୍ଟିସ ଫିଫାର ଶ୍ରେଷ୍ଠ ଗୋଲ୍‌କିପର ବିବେଚିତ ହୋଇଛନ୍ତି। ଫିଫା ବିଶ୍ୱକପ୍‌ରେ ଇଂଲଣ୍ଡକୁ ୨–୦ ଗୋଲରେ ହରାଇ ବେଲ୍‌ଜିୟମ ବ୍ରୋଞ୍ଜ ପଦକ ଜିତିଥିଲା। ବେଲଜିୟମକୁ ବିଶ୍ୱକପ୍‌ରେ ପଦକ ସଫଳତା ଦେବାରେ ଥିବାଉଟ୍‌ଙ୍କ ଅବଦାନ ଉଲ୍ଲେଖନୀୟ ରହିଥିଲା। ଏହି ରିୟଲ ମାଡ୍ରିଡ୍ ତାରକା ମଧ୍ୟ ବିଶ୍ୱକପ୍‌ରେ ଗୋଲ୍‌ଡେନ ଗ୍ଲୋଭ୍ସ ପୁରସ୍କାର ହାସଲ କରିଥିଲେ।

> ଫୁଟବଲରେ କୋଚ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଇପାରେ କିନ୍ତୁ କ୍ରିକେଟରେ କୋଚ୍‌ଙ୍କ ଅପେକ୍ଷା ଅଧିନାୟକଙ୍କର ବିଶେଷ ଗୁରୁତ୍ୱ ରହିବା ଉଚିତ୍।
> —ସୌରଭ ଗାଙ୍ଗୁଲି, ଭାରତର ପୂର୍ବତନ କ୍ରିକେଟ ଅଧିନାୟକ



> ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡରେ ଲୋକେ କ୍ରିକେଟକୁ ଭଲରୂପେ ବୁଝନ୍ତି, ତେଣୁ ଏହି ଦେଶଗୁଡ଼ିକରେ ଟେଷ୍ଟ ମ୍ୟାଚ ପ୍ରତି ଆଦର ରହିଛି।
> —ବିରାଟ କୋହଲି, ଭାରତୀୟ ଅଧିନାୟକ



## ସଂକ୍ଷେପରେ

### ୪-୦ରେ ସିରିଜ ଜିତିଲା ଭାରତ

**କଲମ୍ବୋ, ୨୫।୯:** ଘରୋଇ ଶ୍ରୀଲଙ୍କା ବିପକ୍ଷ ଅନ୍ତିମ ତଥା ୫ମ ଟି୨୦ ମ୍ୟାଚ୍‌କୁ ଭାରତୀୟ ମହିଳା କ୍ରିକେଟ ଦଳ ୫୧ ରନରେ ଜିତିନେଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୧୫୭ ରନର ଟାର୍ଗେଟ୍‌କୁ ପିଛା କରିଥିବା ଶ୍ରୀଲଙ୍କା ମହିଳା କ୍ରିକେଟ ଦଳ ୧୭.୪ ଓଭରରେ ୧୦୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଏହି ବିଜୟ ସହ ହର୍‌ମନ୍‌ପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜକୁ ୪-୦ରେ ଜିତିନେଇଛି। ବର୍ଷା ଯୋଗୁ ୨ୟ ଟି୨୦ ମ୍ୟାଚ୍ ଫଳାଫଳ ବାହାରି ନ ଥିଲା। ପୂର୍ବରୁ ଭାରତ ଦିନିକିଆ ସିରିଜକୁ ୨-୧ରେ ମଧ ହାତେଇଥିଲା। ମଙ୍ଗଳବାର ଏଠାରେ ଅନୁଷ୍ଠିତ ୫ମ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରାରମ୍ଭରୁ ଅଭିଜ୍ଞ ମିଥାଲି ରାଜ (୧୨ ରନ) ଓ ସ୍ମୃତି ମନ୍ଧାନା (୦)ଙ୍କ ଉଇକେଟ୍ ହରାଇଥିଲା। କିନ୍ତୁ ୩ୟ ଓ ୪ର୍ଥ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଜେମିମା ରୋଡ୍ରିଗୁଏଜ ଓ ଅଧିନାୟିକା ହର୍‌ମନ୍‌ପ୍ରୀତ୍ ଶତକୀୟ ଭାଗୀଦାରି କରି ଭାରତକୁ ବଡ଼ ସ୍କୋର ଅଭିମୁଖେ ଅଗ୍ରସର କରିଥିଲେ। ସିରିଜରେ ଦମ୍‌ଦାର ଫର୍ମରେ ଥିବା ଜେମିମା ୩୧ ବଲରୁ ୪୬ ଓ ହରମନ୍‌ପ୍ରୀତ୍ ୩୮ ବଲରୁ ୬୩ ରନର ଦ୍ରୁତ ଇନିଂସ ଖେଳିବା ଯୋଗୁ ଭାରତ ୧୮.୩ ଓଭରରେ ୧୫୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଆଠଜଣ ଖେଳାଳି ଦୁଇଅଙ୍କ ଛୁଇଁପାରି ନ ଥିଲେ। ଶ୍ରୀଲଙ୍କା ପକ୍ଷରୁ ଶଶୀକଳା ସିରିୱର୍ଦ୍ଧନେ ଓ ଇନୋସି ପ୍ରିୟଦର୍ଶିନୀ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଶ୍ରୀଲଙ୍କା ୧୭.୪ ଓଭରରେ ୧୦୫ ରନ କରି ସୀମିତ ରହିଥିଲା। ଅନୁଷ୍କା ସଞ୍ଜିବନୀ ସର୍ବାଧିକ ୨୯ ରନ କରିଥିଲେ। ବିଜୟୀ ଭାରତ ପକ୍ଷରୁ ପୁନମ ଯାଦବ ୩ଟି ଏବଂ ଦୀପ୍ତି ଶର୍ମା ଓ ରାଧା ଯାଦବ ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ।

### କ୍ୱାର୍ଟରରେ ପଶ୍ଚିମବଙ୍ଗକୁ ଭେଟିବ ଓଡ଼ିଶା

**କଟକ ଅଫିସ, ୨୫।୯:** କଟକରେ ଚାଲିଥିବା ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ଘରୋଇ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପଶ୍ଚିମବଙ୍ଗକୁ ଭେଟିବ। ହରିୟାଣା-ଭାରତୀୟ ରେଲୱେ, ଦିଲ୍ଲୀ-ତାମିଲନାଡ଼ୁ, ମଣିପୁର-ପଞ୍ଜାବ ମଧରେ ଅନ୍ୟ କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ମଙ୍ଗଳବାର ଆସାମ ଓ ପଞ୍ଜାବ ମଧରେ ଅନୁଷ୍ଠିତ ଅନ୍ତିମ ଲିଗ ମ୍ୟାଚ୍ ଗୋଲଶୂନ୍ୟ ରହିଥିଲେ ମଧ ପଏଣ୍ଟ ଭିତ୍ତିରେ ପଞ୍ଜାବ ଅନ୍ତିମ ଦଳ ଭାବେ କ୍ୱାର୍ଟରରେ ପ୍ରବେଶ କରିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ବିହାର ୧-୦ ଗୋଲରେ କେରଳକୁ ହରାଇଥିଲେ ମଧ ପ୍ରତିଯୋଗିତାରୁ ବାଦ୍ ପଡ଼ିଛି।

### ଫେରିଲେ ଦୁଇ ଫୁଟ୍‌ବଲ ପ୍ରତିଭା

**କଟକ ଅଫିସ, ୨୫।୯:** ମଙ୍ଗୋଲିଆଠାରେ ଅନୁଷ୍ଠିତ ହୋଇଥିବା ଏଏଫ୍‌ସି ୧୬ ବର୍ଷରୁ କମ୍ ବାଳିକା ଫୁଟବଲ ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିବା ୨ ଓଡ଼ିଆ ଖେଳାଳି ମଙ୍ଗଳବାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେମାନେ ହେଲେ କଟକ ସାଇ କେନ୍ଦ୍ରର ଜ୍ୟୋତି କୁମାରୀ ଓ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲର ସଙ୍ଗୀତା ସୋରେଙ୍ଗ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଯୁଗ୍ମ ସମ୍ପାଦିକା ସଙ୍ଗୀତା ଶର୍ମା ଭୁବନେଶ୍ୱର ଏୟାରପୋର୍ଟରେ ଉଭୟଙ୍କୁ ସ୍ୱାଗତ ଜଣାଇଥିଲେ। ଫାଓ ସମ୍ପାଦକ ସଞ୍ଜୟ ବେହେରା ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜାତୀୟ ଓପନ ଆଥଲେଟିକ୍ସ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି)**



ଉଦ୍‌ଘାଟନୀ ଉତ୍ସବରେ ଆଥଲେଟ୍‌ଙ୍କ ପକ୍ଷରୁ ଶପଥପାଠ କରୁଛନ୍ତି ପୂର୍ଣ୍ଣିମା ହେମ୍ବ୍ରମ।

ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୫୮ତମ ସଂସ୍କରଣ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ସକାଳ ୭ଟାରେ ପୁରୁଷ ୧୫୦୦ ମିଟରରୁ ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ସନ୍ଧ୍ୟାରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଆନୁଷ୍ଠାନିକଭାବେ ଏହାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ଖୁବ୍ ଶିଘ୍ର ଏକ ହାଇ ପରଫରମାନ୍ସ ସ୍ପୋର୍ଟ୍ସ ଏକାଡେମୀ ହେବାକୁ ଯାଉଛି, ଏଥିରୁ ବିଭିନ୍ନ କ୍ରୀଡ଼ାରେ ବିଶ୍ୱ ଚାମ୍ପିୟନ ସୃଷ୍ଟି ହୋଇ ପାରିବେ। ଓଡ଼ିଶାରେ ବିଶ୍ୱଶ୍ରେଣୀୟ କ୍ରୀଡ଼ା ଭିତ୍ତିଭୂମି ଦିନକୁ ଦିନ ବଢ଼ିବାରେ ଲାଗିଛି। ତେଣୁ ଅଭ୍ୟାସ ଜାରି ରଖି ଏଠାରୁ ଆଗାମୀ ଦିନରେ ମଧ ଅଲିମ୍ପିକ୍ସ ପଦକ ବିଜୟୀ ଆଥଲେଟ୍ ବାହାରି ପାରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ପାରମ୍ପରିକ ବ୍ୟାଣ୍ଡ ବାଦ୍ୟ ସହ ପ୍ରତିଯୋଗୀଙ୍କ ମାର୍ଚ୍ଚ ପାଷ୍ଟ ସମାରୋହକୁ ମନୋଜ୍ଞ କରିଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ କ୍ରୀଡ଼ା ସଚିବ ବିଶାଲ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ଆଥଲେଟିକ୍ ଫେଡେରେଶନ ଅଫ ଇଣ୍ଡିଆର ମହାସଚିବ ସି.କେ. ଭାଲସନ ଓ ଭାରତୀୟ ଆଥଲେଟିକ୍ସ ମୁଖ୍ୟ କୋଚ୍ ବାହାଦୁର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ମୋଟ ୭୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ଭାଲସନ ସୂଚନା ଦେଇଥିଲେ। ପ୍ରତିଯୋଗିତାର ମହିଳା ୧୦୦ ମିଟର ହର୍ଡଲ୍ସରେ ଭାଗ ନେଉଥିବା ଓଡ଼ିଆ ହେପ୍‌ଟାଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ୍ ଶପଥପାଠ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୧୦,୦୦୦, ରୌପ୍ୟ ବିଜୟୀଙ୍କୁ ୭,୫୦୦ ଓ ବ୍ରୋଞ୍ଜ ବିଜେତାଙ୍କୁ ୫,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ଏହି ଅବସରରେ ଘୋଷଣା କରାଯାଇଥିଲା।

### ପୂର୍ଣ୍ଣିମା ଫାଇନାଲରେ

**ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି):** ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ହର୍ଡଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଆ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ। ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପୂର୍ଣ୍ଣିମା ମଙ୍ଗଳବାର ହିଟ୍ ନମ୍ବର ୨ରେ ଦୌଡ଼ିଥିଲେ ଏବଂ ୧୪.୨୩ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ଆଥଲେଟ୍‌ମାନେ ହେଲେ ଏଲିଜାବେଥ୍ ଆନ୍ଥୋନୀ, ଅନୁରୂପା କୁମାରୀ, ଅରବିନ୍ଦା ରଥ୍ୱା, ଜାପାନର ହିତୋମି ଶିମୁରା, ସି.କାନିମୋଝି, ଆର.ନିତ୍ୟା ଓ କେ.କୀର୍ଥନା। ପୁରୁଷ ୧୦୦ ମିଟର ରେସ୍‌ରେ କିନ୍ତୁ ଓଡ଼ିଶାର ଅମିୟ ମଲିକ ଫାଇନାଲରେ ପ୍ରବେଶ କରିବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବାହ୍ନରେ ହିଟ୍‌ରେ ୧୦.୭୨ ସେକେଣ୍ଡ ସମୟ ନେଇ ସେମିଫାଇନାଲରେ ପ୍ରବେଶ କରିଥିବା ଅମିୟ ସନ୍ଧ୍ୟାରେ ଅନୁଷ୍ଠିତ ସେମିଫାଇନାଲରେ ୧୦.୭୩ ସେକେଣ୍ଡ ସମୟ ନେଇଥିଲେ। ଅନ୍ୟତମ ଓଡ଼ିଆ ଆଥଲେଟ୍ ଅଭିଜିତ ସାହୁ ୧୧.୩୫ ସେକେଣ୍ଡ ସମୟ ନେଇ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।

## ଶର୍ମିଳା କୁମାରୀଙ୍କୁ ପ୍ରଥମ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଶର୍ମିଳା କୁମାରୀ। ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ଜାଭେଲିନ ଥ୍ରୋରେ ରେଲୱେ ଆଥଲେଟ୍‌ମାନେ ବାଜି ମାରି ମେଡାଲ ସୁଇପ୍ କରିଥିବାବେଳେ ଶର୍ମିଳା ୫୪.୮୫ ମିଟର ଦୂରକୁ ଜାଭେଲିନ ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନୁ ରାଣୀ ୫୨.୯୮ ଓ କେ.ରଶ୍ମି ୫୦.୧୬ ମିଟର ଦୂରକୁ ଜାଭେଲିନ ପକାଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### ପୁରୁଷ ୧୦,୦୦୦ ମିଟର

ପୁରୁଷ ୧୦୦୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଗୁଜରାଟର ମୁରଲୀ କୁମାର ଗାଭିଟ। ସେ ୨୯:୪୯.୭୯ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ରେଲୱେରୁ ପ୍ରତିନିଧିତ୍ୱ କରୁଥିବା ରଞ୍ଜିତ ପଟେଲ ୨୯:୫୦.୪୩ ସେକେଣ୍ଡ ସମୟ ସହ ରୌପ୍ୟ ଓ ସର୍ଭିସେସ୍‌ର ପ୍ରଦୀପ ସିଂ ୨୯:୫୨.୩୭ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିରେ ଭାଗ ନେଇଥିବା ଓଡ଼ିଶାର ଅଶୋକ ଦଣ୍ଡସେନା ୩୨:୧୨.୫୭ ସେକେଣ୍ଡ ସମୟ ନେଇ ୯ମ ସ୍ଥାନରେ ରହିଥିଲେ।

### ମହିଳା ୧୦,୦୦୦ ମିଟର

ମହିଳା ୧୦,୦୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ରେଲୱେର ଏଲ.ସୂର୍ଯ୍ୟା। ସେ ୩୪.୧୮.୬୨ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଛନ୍ତି। ରାଜସ୍ଥାନର ମୀନୁ ୩୪:୫୯.୭୩ ସେକେଣ୍ଡ ସମୟ ନେଇ ରୌପ୍ୟ ଏବଂ ଏଲଆଇସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ମୋନିକା ଆଥାରେ ୩୫:୦୯.୮୩ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### ପୁରୁଷ ପୋଲଭଲ୍ଟ

ପୁରୁଷ ପୋଲଭଲ୍ଟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ସର୍ଭିସେସର ଏସ.ଶିବା। ସେ ୫.୧୦ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ରେଲୱେର ଜେ,ପ୍ରୀତ୍ ୫.୦୫ ଓ ଗୋଆର ଆନାସ ବାବୁ ୪.୯୫ ମିଟର ଉଚ୍ଚକୁ ଡେଇଁ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।

### ମହିଳା ଟ୍ରିପଲ ଜମ୍ପ

ମହିଳା ଟ୍ରିପଲ ଜମ୍ପରେ ହରିୟାଣାର ରେଣୁ ରେଣୁ ୧୩.୬୩ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାମିଲନାଡୁର ଏମ.ଏ. ଶିବା ଅନବାରାସି ୧୩.୨୦ ମିଟର ସହ ରୌପ୍ୟ ଏବଂ ରେଲୱେର ଭୈରବୀ ଦାସ ୧୨.୯୪ ମିଟର କ୍ଲିୟର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।


ମହିଳା ଟ୍ରିପଲ ଜମ୍ପରେ ପଦକ ବିଜୟିନୀ ପ୍ରତିଯୋଗୀମାନେ।


ବାମରୁ ଅନୁ ରାଣୀ, ଶର୍ମିଳା କୁମାରୀ ଓ କେ.ରଶ୍ମି ପଦକ ସହ।



ଓଡ଼ିଶା ଦଳର ମାର୍ଚ୍ଚପାଷ୍ଟ।

## ‘ଅର୍ଜ୍ଜୁନ ପୁରସ୍କାରକୁ ନେଇ ବିବାଦ ଅନାବଶ୍ୟକ’

**ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି)**

‘‘ଅର୍ଜ୍ଜୁନ ପୁରସ୍କାରକୁ ନେଇ ବିବାଦ ହେବା ଅନାବଶ୍ୟକ। ଗୋଟିଏ ବର୍ଷରେ ସମସ୍ତଙ୍କୁ ଏହି ପୁରସ୍କାର ମିଳିବା ସମ୍ଭବ ନୁହେଁ। ଏସିଆଡ୍‌ରେ ସ୍ୱର୍ଣ୍ଣ ପଦକ ବିଜେତା ଏହି ପୁରସ୍କାର ପାଇଁ ହକ୍‌ଦାର ହୋଇଥାନ୍ତି। ଏ ବର୍ଷ ନ ହେଲେ ମଧ ପୁରସ୍କାର ଆସନ୍ତା ବର୍ଷକୁ ମିଳିବ। ତେଣୁ ଧୈର୍ଯ୍ୟର ସହ ଅପେକ୍ଷା କରାଯିବା ଉଚିତ। ପ୍ରଦର୍ଶନ ଭଲ ଥିଲେ ସମ୍ମାନ ଆପେ ଆପେ ଆସିବ। ମୋତେ ୧୦ ବର୍ଷ ପରେ ଅର୍ଜ୍ଜୁନ ପୁରସ୍କାର ମିଳିଥିଲା। ଏହି ପୁରସ୍କାର ପାଇଁ ଗୋଟିଏ ବର୍ଷର କିମ୍ବା ଗୋଟିଏ ଟୁର୍ନାମେଣ୍ଟର ପ୍ରଦର୍ଶନ ନୁହେଁ ବରଂ ବର୍ଷେ ଦୁଇବର୍ଷର ପ୍ରଦର୍ଶନକୁ ବିଚାରକୁ ନିଆଯାଇଥାଏ। ତେଣୁ ବିବାଦ ସୃଷ୍ଟି କରିବା ଅପେକ୍ଷା ସମସ୍ତେ ସମୟକୁ ଅପେକ୍ଷା କରିବା ଶ୍ରେୟସ୍କର’’ ବୋଲି ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ସମାରୋହ ଅବସରରେ ପ୍ରକାଶ କରିଛନ୍ତି ଭାରତୀୟ ଆଥଲେଟିକ୍ସ ଦଳର ମୁଖ୍ୟ କୋଚ୍ ପଦ୍ମଶ୍ରୀ ବାହାଦୁର ସିଂ ଚୌହାନ।

ଆଥଲେଟ୍‌ଙ୍କ ପାଇଁ ପ୍ରତି ଟୁର୍ନାମେଣ୍ଟ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ବାହାଦୁର। ତେଣୁ ଏସିଆନ ଗେମ୍ସ ଶେଷ ହୋଇଯାଇଥିଲେ ହେଁ ଏହି ପ୍ରତିଯୋଗିତାକୁ କେହି ହେୟ ମନେ କରିବା ଉଚିତ ନୁହେଁ। ଏଥିପାଇଁ ସେ ହିମା ଦାସଙ୍କୁ ଉଦାହରଣ ଭାବେ ନେଇଥିଲେ। ଗତବର୍ଷ ହିମା ଏଥିରେ ଅଂଶଗ୍ରହଣ କରିଥିବାବେଳେ ଏବେ ବର୍ଷକ ମଧ୍ୟରେ ବିଶ୍ୱ ଜୁନିୟର ଚାମ୍ପିୟନ ହୋଇପାରିଛନ୍ତି ବୋଲି କହିଛନ୍ତି। ଏହି ଅବସରରେ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିବାକୁ ଭୁଲି ନ ଥିଲେ ଏହି ମୁଖ୍ୟ କୋଚ୍। ହରିୟାଣା ସରକାର ଖେଳ ପାଇଁ ବହୁତ କିଛି କରୁଥିଲେ, ଏବେ ଓଡ଼ିଶା ସରକାର ଏଥିରେ ଆଗକୁ ବଢ଼ୁଛନ୍ତି। ସରକାର ଖେଳର ଉନ୍ନତି ପାଇଁ ଯେପରି ଚିନ୍ତାଧାରା ରଖିଛନ୍ତି ମୋତେ ଲାଗୁଛି ଓଡ଼ିଶା ଭାରତରେ ନମ୍ବର ୱାନ ହୋଇଯିବ। ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ଆଥଲେଟ୍‌ମାନଙ୍କୁ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରିବ। ତେବେ ମୋର ଏକ ଅନୁରୋଧ ହେଲା ପ୍ରତି ରାଜ୍ୟ ଗାଁମାନଙ୍କରେ ସ୍କୁଲ ପିଲାଙ୍କୁ ଖେଳିବାକୁ ପଡ଼ିଆ ଯୋଗାଇଦିଅନ୍ତୁ। ଏଥିରେ ଅଧିକ ଅର୍ଥ ଖର୍ଚ୍ଚ ହେବନି, ବରଂ ପିଲାମାନେ ତୃଣମୂଳସ୍ତରରେ ଅଭ୍ୟାସ କରି ଆଗକୁ ଭଲ ଖେଳାଳି ହୋଇପାରିବେ। ଚାଇନା, ରୁଷିଆ ଆଦି ଦେଶରେ ଏପରି କରାଯାଉଥିବାରୁ ସେମାନଙ୍କ ଆଥଲେଟ୍ ପ୍ରଭାବୀ ପ୍ରଦର୍ଶନ କରୁଛନ୍ତି।


ବାହାଦୁର ସିଂ ଚୌହାନ

ତେଣୁ ଏହା ତୃଣମୂଳସ୍ତରକୁ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ସେ କହିଛନ୍ତି।

ଆଗାମୀ ଅଲିମ୍ପିକ୍ସରେ ଭାରତୀୟ ଆଥଲେଟ୍‌ଙ୍କ ସମ୍ଭାବନା ସମ୍ପର୍କରେ ସେ କହିଲେ ଯେ, ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ କୌଣସି ଆଥଲେଟ୍‌ଙ୍କୁ ଅତିକମ୍‌ରେ ୬ ବର୍ଷ ଲାଗିଥାଏ। ତା ପରେ ଯାଇ ପଦକ ସମ୍ଭାବନା ରହିଥାଏ। ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ଖେଳାଳି ଗୋଟିଏ ବର୍ଷରେ ମଧ ଏହି ସଫଳତା ପାଇପାରେ, ମାତ୍ର ଦୀର୍ଘଦିନ ଅଭ୍ୟାସ ଆବଶ୍ୟକ ହୋଇଥାଏ। ଗୋଟିଏ ଦିନ ଟ୍ରେନିଂ ବନ୍ଦ କଲେ ଚଳିବନି। ବର୍ଷା, ଶୀତ, ଖରା ସବୁଦିନେ ଅଭ୍ୟାସ ଜାରି ରଖିବା ଆବଶ୍ୟକ। ଆମ ନିକଟରେ କ୍ୱାଲିଟି ଖେଳାଳି ଓ କୋଚ୍ ଅଛନ୍ତି। ତେଣୁ ଠିକ୍‌ଭାବେ ଅଭ୍ୟାସ କଲେ ନିଶ୍ଚିତ ଅଲିମ୍ପିକ୍ସରେ ସଫଳତା ମିଳିପାରିବ।

ଭାରତର ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କୁ ନେଇ ଅନେକ ଆଶା ରଖିଛନ୍ତି ବାହାଦୁର। ଦୂତୀ ଜଣେ ପ୍ରତିଭାସମ୍ପନ୍ନ ଆଥଲେଟ୍। ସେ ଯଦି ଇଞ୍ଜୁରିକୁ ନ ଆସି ଟ୍ରେନିଂ ଜାରି ରଖିବେ ତେବେ ତାଙ୍କ ପାଇଁ ମଧ ଅଲିମ୍ପିକ୍ସ ପଦକ ସମ୍ଭାବନା ରହିବ। ଦୂତୀଙ୍କ ଟାଇମିଂରେ ଉନ୍ନତି ହେଉଛି। ପଦକ ହାସଲ କଥା ଏବେଠାରୁ କହିଲେ ବୋଧେ ଶୀଘ୍ର ହୋଇଯିବ। ତେବେ ଆଗାମୀ ଦିନରେ ତାଙ୍କ ପାଇଁ ନିଶ୍ଚିତ ସମ୍ଭାବନା ରହିଛି ବୋଲି ଅର୍ଜ୍ଜୁନ ପୁରସ୍କାରପ୍ରାପ୍ତ ବାହାଦୁର ପ୍ରକାଶ କରିଛନ୍ତି।

୧୯୪୬ ଫେବୃୟାରୀ ୮ରେ ଜନ୍ମିତ ବାହାଦୁର ୧୯୭୩ରୁ ୧୯୮୫ ପର୍ଯ୍ୟନ୍ତ ଭାରତର ଜଣେ ଶଟ୍‌ପୁଟ୍ ତାରକାଭାବେ ପରିଚିତ ଥିଲେ। ସେ ଏସିଆନ ଗେମ୍ସ ଓ ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପ୍ରଭାବୀ ପ୍ରଦର୍ଶନ ପାଇଁ ସେ ପଦ୍ମଶ୍ରୀ ଓ ଅର୍ଜ୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ପରେ ଦ୍ରୋଣାଚାର୍ଯ୍ୟ ପୁରସ୍କାରରେ ସମ୍ମାନିତ ହୋଇଥିବା ବାହାଦୁର ଏବେ ଭାରତୀୟ ଆଥଲେଟିକ୍ସ ଟିମ୍‌ର ମୁଖ୍ୟ କୋଚ୍ ଭାବେ କାର୍ଯ୍ୟରତ।



ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ୧୦୦ ମିଟର ରେସ୍। (ଫଟୋ: ମୌସମ ନନ୍ଦ)

# ରାସ୍ତାକଡ଼କୁ ଅଟୋ ଓଲଟି ୮ ଛାତ୍ରୀଛାତ୍ର ଆହତ

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

■ ଅନ୍ୟଜଣେ ମଦ୍ୟପ ଅଟୋ ଚାଳକଙ୍କ ପାଇଁ ଘଟିଲା ଦୁର୍ଘଟଣା





ଆହତ ଛାତ୍ରୀଛାତ୍ର।

ଅଟୋରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ପରିବହନ ନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ହେଁ ତାହାକୁ ବାରମ୍ବାର ଉଲ୍ଲଂଘନ କରାଯାଉଛି। ସ୍କୁଲ କର୍ତ୍ତୃପକ୍ଷ ଏ ଦିଗରେ ଗୁରୁତ୍ୱ ଦେଉ ନ ଥିବାବେଳେ ପ୍ରଶାସନ ମଧ୍ୟ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ଅନେକ ସମୟରେ କୋମଳମତି ଛାତ୍ରୀଛାତ୍ରମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ମଙ୍ଗଳବାର ଏଭଳି ଏକ ଦୁର୍ଘଟଣା ଖଣ୍ଡଗିରି ଥାନା ଭରତପୁର ଛକ ନିକଟରେ ଘଟିଛି। ଏକ ଅଟୋ ରାସ୍ତାକଡ଼କୁ ଓଲଟି ପଡ଼ିବା ଫଳରେ ସେଥିରେ ଥିବା ୮ ଛାତ୍ରୀଛାତ୍ର ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ବରମୁଣ୍ଡାର ଏକ ସରସ୍ୱତୀ ଶିଶୁ ମନ୍ଦିର ଛୁଟି ହେବା ପରେ ଗୋଟିଏ ଅଟୋ(ଓଆର-୦୨ଏଏକ୍ସ-୯୪୭୬) ୮ ଛାତ୍ରୀଛାତ୍ରଙ୍କୁ ନେଇ ନାକାଗେଟ ଦେଇ ଭରତପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଥିବା ଅନ୍ୟ ଜଣେ ଅଟୋ ଚାଳକ ରାସ୍ତାରେ ଯାଉଥିବା ଲୋକଙ୍କୁ ଗାଳିଗୁଲଜ କରୁଥିଲେ। ରାସ୍ତା ଉପରେ ଅଟୋକୁ ବୁଲାଇ ଷ୍ଟଣ୍ଟ କରୁଥିଲେ। ପରେ ସମ୍ପୃକ୍ତ ଅଟୋ ଚାଳକ ରାସ୍ତାରେ ଅଟୋକୁ ବୁଲାଇ ସ୍କୁଲ ପିଲାମାନେ ଯାଉଥିବା ଅଟୋକୁ ସାଇଡ୍ ମାରିଥିଲେ। ଫଳରେ ପିଲାମାନେ ଯାଉଥିବା ଅଟୋଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। କେତେଜଣ ଛାତ୍ରୀଛାତ୍ର ଅଟୋରୁ ବାହାରି ରାସ୍ତାପାର୍ଶ୍ୱ ବଣବୁଦାକୁ ଛିଟିକି ପଡ଼ିଥିଲେ। ଅନ୍ୟ କେତେଜଣ ଅଟୋ ଭିତରେ ଚାପି ହୋଇଯାଇଥିଲେ। ପିଲାଙ୍କ ଚିତ୍କାର ଶୁଣି ନିକଟରେ ପାଟ୍ରୋଲିଂ କରୁଥିବା ଏକ ପିସିଆର ଭ୍ୟାନର କର୍ମଚାରୀମାନେ ତୁରନ୍ତ ସେଠାରେ ପହଞ୍ଚିଥିଲେ। ସେମାନେ ପିଲାଙ୍କୁ ଉଦ୍ଧାର କରି ପିସିଆର ଭ୍ୟାନ୍‌ରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆହତଙ୍କ ମଧ୍ୟରେ ୪ ଛାତ୍ରୀ ଏବଂ ୪ ଛାତ୍ର ରହିଛନ୍ତି। ଚିକିତ୍ସା ପରେ ସେମାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି, ଦୁଇଟି ଅଟୋକୁ ଜବତ କରି ଘଟଣାର ତଦନ୍ତ କରାଯାଉଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ଡ୍ରାଇଭରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

# ଭାଗଚାଷ ଆଇନ ନ କରିବାକୁ ଜଣେ ସରକାରୀ ଅଫିସର ମନା କରିଥିଲେ: ଦାମ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ପ୍ରସ୍ତାବିତ ଭାଗଚାଷ ଆଇନ ରାଜ୍ୟରେ ଲାଗୁ ନ ହେବା ନେଇ ନୂଆ ତଥ୍ୟ ରଖିଛନ୍ତି ବରିଷ୍ଠ ନେତା ଦାମୋଦର ରାଉତ। ଏହି ଆଇନ ଲାଗୁ ନ ହେବା ପଛରେ ଜଣେ ସରକାରୀ କର୍ମଚାରୀଙ୍କ ନିର୍ଦ୍ଦେଶ ରହିଥିବା ସେ ଅଭିଯୋଗ ଆଣିଛନ୍ତି। ଦାମ କହିଛନ୍ତି ଯେ, ଭାଗଚାଷ ଆଇନ କାର୍ଯ୍ୟକାରୀ କମିଟିରେ ମୁଁ ସଦସ୍ୟ ଥିଲି। ୨୦୧୭ ସେପ୍ଟେମ୍ବର ୧୭ରେ ଆଇନ ପାଇଁ ଅଧ୍ୟାଦେଶ ନିଷ୍ପତ୍ତି ହୋଇଥିଲା, ମାତ୍ର ତାହା କାର୍ଯ୍ୟକାରୀ ହେଲା ନାହିଁ। ସେହି ସମୟରେ ଏହା କାହିଁକି ହେଲା ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କୁ ପଚାରିଥିଲି। ଜଣେ ସରକାରୀ କର୍ମଚାରୀ ଏଥିପାଇଁ ମନା କରିଛନ୍ତି, ଆମେ ଏଥିରେ ପଶିବାନି ବୋଲି ମହାନ୍ତି ଉତ୍ତର ଦେଇଥିବା ଦାମ କହିଛନ୍ତି। ଉକ୍ତ କମିଟିରେ ଅନ୍ୟଜଣେ ସଦସ୍ୟ ଥିବା ସମବାୟ ମନ୍ତ୍ରୀ ସୂର୍ଯ୍ୟ ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ସାର୍ କରିବାକୁ ମନା କରିଛନ୍ତି। ତୁମେ କ'ଣ କରିବାକୁ ଲାଗିଛ କି ବୋଲି ଓଲଟା ପାତ୍ର ପ୍ରଶ୍ନ ପଚାରିଥିଲେ ବୋଲି ଦାମ କହିଛନ୍ତି।

## ଅଭିଯୋଗକୁ ସୂର୍ଯ୍ୟ, ମହେଶ୍ୱରଙ୍କ ଖଣ୍ଡନ

ଦାମଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ମନ୍ତ୍ରୀ ସୂର୍ଯ୍ୟ ପାତ୍ର କହିଛନ୍ତି ଯେ, ଦାମ ଯାହା କହୁଛନ୍ତି ସେ ବିଷୟରେ ମୁଁ କିଛି ଜାଣି ନାହିଁ। ଅସତ୍ୟ କହିବାରେ ଦାମ ମାଷ୍ଟର। ଅନ୍ୟପକ୍ଷରେ ଦାମ ରାଉତ ଯାହା କହୁଛନ୍ତି ତାହା ଭୁଲ୍ ବୋଲି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି।

■ ରାଜ୍ୟ ଉପଦେଷ୍ଟା ବୋର୍ଡର ପ୍ରଥମ ବୈଠକ

# ସୁଗମ ହେବ ମତଦାନ କେନ୍ଦ୍ର

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ଭିନ୍ନକ୍ଷମ ଅଧିକାର ଆଇନ-୨୦୧୬ ଅଧୀନରେ ଗଠିତ ରାଜ୍ୟ ଉପଦେଷ୍ଟା ବୋର୍ଡର ପ୍ରଥମ ବୈଠକ ମଙ୍ଗଳବାର ସଚିବାଳୟଠାରେ ଅନୁଷ୍ଠିତ ହୋଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିତେନ ଚନ୍ଦ୍ରା ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗର ପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଏବଂ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଓ ମନୋନୀତ ପ୍ରତିନିଧିମାନେ ଯୋଗ ଦେଇଛନ୍ତି। ଆଲୋଚନା ଆରମ୍ଭ କାଳରେ ମନ୍ତ୍ରୀ ସାମଲ କହିଛନ୍ତି ଯେ, ଭିନ୍ନକ୍ଷମ ଅଧିକାର ଆଇନ-୨୦୧୬ ଅନୁଯାୟୀ ଓଡ଼ିଶାରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାରର ସୁରକ୍ଷା ଦିଗରେ ରାଜ୍ୟ ସରକାର ପ୍ରତିବଦ୍ଧ ଅଛନ୍ତି।

ଭିନ୍ନକ୍ଷମ ବ୍ୟକ୍ତିଙ୍କ ଗମନାଗମନକୁ ସହଜ କରିବା ଉଦ୍ଦେଶ୍ୟରେ ସମସ୍ତ ପୁରାତନ ଓ ନୂତନ ସରକାରୀ କୋଠାଗୁଡ଼ିକୁ ସୁଗମ୍ୟ କରାଯିବ। ସେମାନଙ୍କ ଲାଗି ସୁଗମ୍ୟ ୱେବସାଇଟ୍ ଓ ଲେଖାରୁ କଥାକୁ ପରିବର୍ତ୍ତନ କରିପାରୁଥିବା ସଫ୍ଟୱେୟାର ତିଆରି କରାଯିବ। ବ୍ୟାଙ୍କିଂ ଓ ଅନ୍ୟ ଆର୍ଥିକ ଅନୁଷ୍ଠାନ, ଶିକ୍ଷା ପାଠ୍ୟକ୍ରମ ଓ ପ୍ରତିଷ୍ଠାନ, ଏମ୍‌ଜିଏନଆର୍‌ଜିଏ, ଗୃହନିର୍ମାଣ, ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ, ସାଧାରଣ ବଣ୍ଟନ ବ୍ୟବସ୍ଥା, ପରିବହନ, ନିରାପଦ ପାନୀୟ ଜଳ, ଅନ୍‌ଲାଇନ୍ ସରକାରୀ ସେବା, ଆଧାର କାର୍ଡ, ପଡି କାର୍ଡ, ଭୋଟ ପରିଚୟପତ୍ର, ବିପିଏଲ୍ କାର୍ଡ ଆଦି ସେବା ଓ କ୍ରୀଡ଼ା କାର୍ଯ୍ୟକ୍ରମକୁ ସେମାନଙ୍କ ପାଇଁ ସହଜଲବ୍ଧ କରାଯିବ। ଆଗାମୀ ୨୦୧୯ ସାଧାରଣ ନିର୍ବାଚନରେ ଭିନ୍ନକ୍ଷମମାନଙ୍କ ପାଇଁ ମତଦାନ କେନ୍ଦ୍ରଗୁଡ଼ିକୁ ସୁଗମ କରିବା ସହିତ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ସେମାନଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ଦିଗରେ ପଦକ୍ଷେପ ନିଆଯିବ। ସମସ୍ତ ବିଦ୍ୟାଳୟରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନିଯୁକ୍ତି ଓ ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ସମସୁଯୋଗ ପ୍ରକୋଷ୍ଠ କରାଯିବ। ରାଜ୍ୟବ୍ୟାପୀ ଭିନ୍ନକ୍ଷମମାନଙ୍କୁ ସୁବିଧାରେ ସରକାରୀ ସେବା ପ୍ରଦାନ ପାଇଁ ସାଙ୍କେତିକ ଭାଷା ଅନୁବାଦକ ନିଯୁକ୍ତି କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି। ୩ଲକ୍ଷ ୩୯ହଜାର ୮୧୫ ଜଣ ଭିନ୍ନକ୍ଷମ ୟୁଡିଆଇଡି ପୋର୍ଟାଲରେ ପଞ୍ଜୀକୃତ ହୋଇଛନ୍ତି। ନିକଟରେ ୧ଲକ୍ଷ ୩୧ହଜାର ୩୬୨ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇଛି। ଭୀମଭୋଇ ସାମର୍ଥ୍ୟ ଅଭିଯୋଗରେ ୩୬୯ଟି ଶିବିର ଆୟୋଜନ କରାଯାଇ ୨ଲକ୍ଷ ୧୩ହଜାର ୮୪୦ ଭିନ୍ନକ୍ଷମଙ୍କୁ ପଞ୍ଜୀକୃତ କରାଯାଇଛି। ୩୬୭ଜଣ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକମାନଙ୍କୁ ପ୍ରଶିକ୍ଷିତ କରାଯାଇଛି। ଏହାସହ ୫୨ଟି ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ୧୦ହଜାର ୪୭୫ଭିନ୍ନକ୍ଷମଙ୍କୁ ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରରେ ଚିକିତ୍ସା ସେବା ଯୋଗାଯାଉଛି ଏବଂ ୬୪ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ୨୬୨୦ଜଣ ବୌଦ୍ଧିକ ଭିନ୍ନକ୍ଷମଙ୍କୁ ସେବା ପ୍ରଦାନ କରାଯାଇଛି। ସରକାରୀ କ୍ଷେତ୍ରରେ ସେମାନଙ୍କ ଲାଗି ୪ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରଖାଯାଇ ଏହି ସୁବିଧା ଫଳରେ ୪୧୩ଜଣ ସରକାରୀ ଚାକିରି ପାଇଛନ୍ତି। ବିବାହ ପ୍ରୋତ୍ସାହନ ଯୋଜନାରେ ୪୬୪ ଭିନ୍ନକ୍ଷମ ଦମ୍ପତି ଉପକୃତ ହୋଇଛନ୍ତି। ୩ଲକ୍ଷ ୫୦ହଜାର ଭିନ୍ନକ୍ଷମଙ୍କୁ ସରକାର ଭତ୍ତା ଯୋଗାଇ ଦେଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୨କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଭିନ୍ନକ୍ଷମମାନଙ୍କ ଲାଗି ସୃଷ୍ଟି କରାଯାଇଛି। ବୈଠକ ଶେଷରେ ବିଭାଗୀୟ ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଲେଖାରୁ କଥାକୁ ପରିବର୍ତ୍ତନ କରିବା ସଫ୍ଟୱେୟାର ଆସିବ



ରାଜ୍ୟ ଉପଦେଷ୍ଟା ବୋର୍ଡର ବୈଠକ।







Honda Motorcycle and Scooter India Pvt. Ltd., Registered Office: Commerical Complex II, Sector-49-50, Golf Course Extension Road, Gurugram - 122 018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

*Rs 1,100 Cashback Scheme is available till 30th September 2018 & Cashback is a sole discretion of the dealers. #Finance scheme available with select financiers at their sole discretion. Up to 95% finance as per financier policy and subject to income documentation of customer. Saving has been calculated on finance scheme and depends on specific loan amount, tenure and Rate of interest against general scheme available in the market. Scheme is available for limited time period only and can be withdrawn from market without any prior notice. ^Only available in disc variant. **Conditions apply. Accessories shown in the picture are not a part of the standard equipment. Product shown in the picture may vary from actual product in market.

BEST DEAL HONDA Buy. Sell. Exchange | ALWAYS WEAR HELMET WHILE RIDING | Also available: Annual Maintenance Contract** Road Side Assistance** Engine Health Assurance**

Follow us on

Honda Exclusive Authorized Dealerships: ATTAGHAR: Sidhivinayak Honda - 9124260000, 9658080060; BALUGOAN: Khimji Honda - 7735734881, 7735737648; BANKI: Shree Honda - 06723-240099, 9658201234; BHUBANESWAR: Shivam Honda - 0674-2546296, 7873024320; Gugnani Honda - 0674-2313716, 7852930865; PGL Honda - 0674-2354418, 9090912345; Khimji Honda - 7735734884, 7077726314; CHANDIKHOL: Basanti Honda - 06725-227011, 9658482265; CUTTACK: Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; JAJPUR: TEZ Honda - 06726-221847, 7504994444; JAGATSINGHPUR: Kanchan Murali Honda - 06724-222122, 223112, 7381348387, 7504237557; JAGATPUR: Durga Honda - 9337390774, 0671-2490462; JATNI: PGL Honda - 0674-2492419, 7788001027; KENDRAPADA: Baldev Honda - 9937129275, 9437167191; KEONJHAR: Pritam Honda - 06766 - 254138,8908881717; KHURDA: Sai Honda - 07852930002, 06755-223555; NAYAGRAH: Pattnaik Honda - 7205028044, 9937083142; NIALI: Hindustan Honda - 9937075187, 0671-2803355; PURI: Shivam Honda - 06752-225555, 9040088747; PARADIP: Anil Honda - 06722-220909, 9438523425; RAHAMA: Navjyoti Honda - 9938339189; UTTARA: Gugnani Honda - 0674-3272244; PATTAMUNDAI: Satya Honda - 9937711139; SALEPUR: S.N.Honda - 9437439076.

For Bulk/Institutional enquiries, please write us at: institutionalsales@honda2wheelersindia.com

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୬ ସେପ୍ଟେମ୍ବର, ୨୦୧୮



ମୋ ନିଜ ପରିବାରକୁ ଯଦି ମୁଁ ସଜାଡି ଦେବି, ତେବେ ଗୋଟିଏ ରାଜ୍ୟ ସଜାଡିବାର ପରାମର୍ଶ ବା ଦାୟିତ୍ୱ ନିଶ୍ଚୟ ଅନ୍ୟକୁ ଦେଇପାରିବି ।
-ଫ୍ରାନ୍‌ସିସ୍ ବାକନ୍



## ସଂକ୍ଷେପରେ

### ମାଙ୍କଡ଼ ଉପଦ୍ରବ: ୨ ଆହତ

ନିଆଳି, ୨୫।୯ (ଡି.ଏନ.ଏ.): ନିଆଳି ଥାନା ଅନ୍ତର୍ଗତ ମାଧବକୂଳ ଓ କୂଳ ପିତାପଡା ଗ୍ରାମରେ ଗତ ୧ ସପ୍ତାହ ହେବ ମାଙ୍କଡ଼ ଉପଦ୍ରବ ଦେଖିବାକୁ ମିଳିଛି। ଏହାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ମାଙ୍କଡ କାମୁଡାରେ ଜଣେ ଛାତ୍ରୀ ଓ ଜଣେ ବୃଦ୍ଧ ଆହତ ହୋଇଛନ୍ତି। ଚିକିତ୍ସାଲାଗି ସେମାନଙ୍କୁ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉକ୍ତ ମାଙ୍କଡକୁ ଧରିବା ପାଇଁ ସ୍ଥାନୀୟ ଲୋକେ ବନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ଫଳରେ ସୋମବାର ୨ଜଣ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମାଙ୍କଡ଼ର ଗତିବିଧି ଉପରେ ନଜର କରିଥିଲେ ମଧ କାବୁ କରିବାରେ ବିଫଳ ହୋଇଥିଲେ। ଏ ସମ୍ପର୍କରେ ବନବିଭାଗ ଅଧିକାରୀ ପି.କେ. ମିଶ୍ରଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ମୁଁ ଅବଗତ ଅଛି। ଘଟଣାସ୍ଥଳକୁ ବନ କର୍ମଚାରୀଙ୍କୁ ପଠାଯାଇଛି। ଉକ୍ତ ମାଙ୍କଡକୁ ଖୁବ୍‌ଶୀଘ୍ର ଧରିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ।

### ପରିବେଶ ସଚେତନତା କାର୍ଯ୍ୟକ୍ରମ

କଟକ ଅଫିସ, ୨୫।୯: ପଦ୍ମଶ୍ରୀ ଯୋଗ ସ୍ପୋର୍ଟ୍ସ ସଙ୍ଗଠନ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ 'ସବୁଜ ସଂଗ୍ରାମ' ନାମରେ ଏକ ପଲିଥିନମୁକ୍ତ ସଚେତନ କାର୍ଯ୍ୟକ୍ରମ ବାଖରାବାଦସ୍ଥିତ ଗାନ୍ଧୀଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜଷ୍ଟିସ ଏ.ଏସ୍. ନାଇଡୁ ଉଦ୍‌ଘାଟନ କରିଥିଲେ। ସ୍ତମ୍ଭକାର ଅରୁଣ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ଦେ, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର କୁମାର ସାହୁ, ସମ୍ପାଦକ ଭିକାରୀ ଚରଣ ଦାସ, ସାମାଜିକ କର୍ମୀ ପ୍ରହଲ୍ଲାଦ ଖଣ୍ଡେଲୱାଲ, ହାଇକୋର୍ଟ ବାର୍‌ର ପୂର୍ବତନ ସମ୍ପାଦକ ବିଜୟ କୁମାର ରଗଡ଼ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଡ. ନିରଞ୍ଜନ ତ୍ରିପାଠୀ ପଲିଥିନ ବ୍ୟବହାରର ଭୟାବହତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକର ବିଭିନ୍ନ ସ୍କୁଲର ପିଲାମାନଙ୍କ ଦ୍ୱାରା ପଲିଥିନମୁକ୍ତ ଚିତ୍ରାଙ୍କନ ପ୍ରଦର୍ଶନୀ ହୋଇଥିଲା। ସେଥିରେ ଶ୍ରୀଭାରତୀ ସ୍କୁଲ ଚାନ୍ଦିନୀଚୌକର ମଙ୍ଗଳଦୀପ ଦାସ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲୁବଜାରର ଓମ୍ ଆତ୍ମନ ଜ୍ୟୋତି ଦ୍ୱିତୀୟ, ବାପୁଜୀ ଶିକ୍ଷା ନିକେତନର ଶ୍ରୀୟା ପ୍ରତ୍ୟୁଷା ତୃତୀୟ ସ୍ଥାନ ଅଧିକାର କରିଥିଲେ।

### ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ସ୍ୱନକ୍ଷତ୍ର ଉତ୍ସବ

ଚୌଦ୍ୱାର,୨୫।୯(ଡି.ଏନ.ଏ.): ଚୌଦ୍ୱାର ପୌରପାଳିକା ଅଧୀନ କପାଳେଶ୍ୱରସ୍ଥିତ ଦିବ୍ୟ ଜୀବନ ସଂଘ ଆଶ୍ରମରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ସ୍ୱନକ୍ଷତ୍ର ଉତ୍ସବ ସଂଘ ସଭାପତି କେଦାର ନାଥ ଷଡଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ପ୍ରଭାତଫେରି, ଦିବ୍ୟଧ୍ୱଜା ଉତ୍ତୋଳନ, ନିତ୍ୟପୂଜା, ଭଜନକୀର୍ତ୍ତନ ଆଦି କରାଯାଇଥିଲା। ଏଥିରେ ବୀରେନ୍ଦ୍ର କିଶୋର ପଣ୍ଡା ଯୋଗଦେଇ ସ୍ୱାମୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ମିଶ୍ର, ବାଳକୃଷ୍ଣ ମହାନ୍ତି, ସୁକାନ୍ତ ମହାନ୍ତି, ବିଭୁ ପ୍ରସାଦ ରଥ, ଦୁର୍ଯ୍ୟୋଧନ ରାଉତ, ଶରତ କୁମାର ଖୁଣ୍ଟିଆ, ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜୟକୃଷ୍ଣ ପରିଡା, ଧରଣୀଧର ବାରିକ, ବିପ୍ର ଚରଣ ନାୟକ ,ଅଚ୍ୟୁତାନନ୍ଦ ପରିଡା ଓ ରବୀନ୍ଦ୍ର ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଏନ୍‌ବିଡବ୍ଲ୍ୟୁ ବଳରେ ଅଭିଯୁକ୍ତ ଗିରଫ

କଟକ ଅଫିସ,୨୫।୯: ମଙ୍ଗଳବାର ବାଦାମବାଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଦାମବାଡି ଥାନା ଅନ୍ତର୍ଗତ ରାଜାବଗିଚା ସୁଇପର କଲୋନୀ ଅଞ୍ଚଳର ରହିଲି ନାୟକ(୩୫)। ତାଙ୍କ ନାମରେ ବାଦାମବାଡି ଥାନାରେ ବହୁ ଆପରାଧିକ ମାମଲା ରହିଥିବା ପୋଲିସ ରହିଛି। ତେବେ ଏହି ସବୁ ମାମଲାର ବିଚାର ଚାଲିଥିବାବେଳେ ରହିଲିଙ୍କୁ କୋର୍ଟରେ ହାଜର ହେବାକୁ ନୋଟିସ୍ ଜାରି ହୋଇଥିଲା। ହେଲେ ସେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ତାଙ୍କ ବିରୋଧରେ ଜାମିନ୍ ବିହିନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିବା ସହ ତାଙ୍କୁ ଗିରଫ କରିବା ପାଇଁ ବାଦାମବାଡି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେପୋଲିସ ରାଜାବଗିଚା ଅଞ୍ଚଳରେ ଚଢାଉ କରି ରହିଲିଙ୍କୁ ଗିରଫ କରିଥିଲା।

# ପୂଜାରେ ଦୁଃଖ ଦେବ ଜାଇକା

କଟକ ଅଫିସ,୨୫।୯

ପୂଜାକୁ ମାସକରୁ ମଧ କମ୍ ସମୟ ବାକି ରହିଛି। ହେଲେ ଜାଇକା କାମ ସରିଥିବା ବିଡାନାସୀ, ବାଦାମବାଡି, କଲେଜଛକ, ମଙ୍ଗଳାମନ୍ଦିର ଭଳି ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନର କିଛି ରାସ୍ତାରେ ଏବେ ବି ମାଟି ଧସିବା ଯୋଗୁ ଦୁର୍ଘଟଣା ଘଟୁଛି। ବୁଧବାର ସିଏମ୍‌ସିର ସ୍ୱତନ୍ତ୍ର ବୈଠକ ବସିବ। ଏହି ସମସ୍ୟାକୁ ଅଧିକାଂଶ କର୍ପୋରେଟର ପ୍ରସଙ୍ଗ କରିବେ ବୋଲି ଜଣାପଡିଛି।

ମିଳିଥିବା ସୂଚନା ମୁତାବକ, ଜାଇକା ଦ୍ୱାରା ନିୟୋଜିତ ଠିକାଦାରମାନେ ଭାଇବ୍ରେଟର ମେଶିନ ଦ୍ୱାରା ରାସ୍ତାରେ ୪ ଫୁଟରୁ ୨୦ ଫୁଟ ମଧ୍ୟରେ ଖୋଳି କାମ କରନ୍ତି। କାମ ସରିବା ପରେ ଏହାକୁ ଭଲଭାବେ ମରାମତି କରି ରାସ୍ତାକୁ ପୁଣି ଯାତାୟାତ ଉପଯୋଗୀ କରିବା ଆବଶ୍ୟକ। ହେଲେ ଜାଇକା କାମ ସରିଥିବା ଅଧିକାଂଶ ସ୍ଥାନରେ ଏବେ ରାସ୍ତାରୁ ମାଟି ଧସି ବିପଦପୂର୍ଣ୍ଣ ମ୍ୟାନ୍‌ହୋଲ ସୃଷ୍ଟି ହେଉଛି। ଫଳରେ ଜାଇକା ଦ୍ୱାରା ନିୟୋଜିତ ଠିକାଦାରଙ୍କ ଅବହେଳା ସାମ୍ନାକୁ ଆସିଛି। ଉଦାହରଣ ସ୍ୱରୂପ, ସୋମବାର ୫୨ନଂ. ୱାର୍ଡ ମଙ୍ଗଳାମନ୍ଦିର ନିକଟରେ ଜାଇକା କାମ ସରିଥିବା ସ୍ଥାନରେ ମାଟି ଧସିଯିବାରୁ ଜଣେ ସ୍କୁଲ ଛାତ୍ରଙ୍କ ଦୁର୍ଘଟଣା ଘଟିଥିଲା, ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଘଟଣାସ୍ଥଳକୁ ସ୍ଥାନୀୟ କର୍ପୋରେଟର ଆସି ଜାଇକା କାମ କରୁଥିବା ଠିକାଦାର ସଂସ୍ଥାକୁ ଦୋଷ ଦେଇ ଚାଲିଯାଇଥିଲେ। ଏବେ ପ୍ରଶ୍ନ ଉଠୁଛି ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିବା ରାସ୍ତାକୁ ଯଦି ଠିକାଦାର

### ଏକାଧିକ ସ୍ଥାନରେ ଧସୁଛି ରାସ୍ତା



ସିଏମ୍‌ସି ୫୨ନଂ. ୱାର୍ଡ ମଙ୍ଗଳା ମନ୍ଦିର ନିକଟରେ ରାସ୍ତା ଧସେଇ ଯାଇଛି।

ଖୋଳି କାମ କଲା ପରେ ମରାମତି ନ କରି ଛାଡିଦେଇ ଯାଉଛନ୍ତି, ତେବେ ଏଥିପାଇଁ ଦାୟୀ କିଏ ରହିବ।

ଆଗକୁ ପୂଜାରେ କଟକ ସହରରେ ଆହୁରି ଜନଗହଳି ବଢିବ। ତେଣୁ ଏଭଳି ପରିସ୍ଥିତିରେ ଯଦି ଜାଇକା ଦ୍ୱାରା ପୂର୍ବରୁ କାମ ସରିଥିବା କୌଣସି ରାସ୍ତାରୁ ମାଟି ଧସିଯାଏ, ତେବେ ଅଘଟଣ ସାଙ୍ଗକୁ ଅଯଥା ଟ୍ରାଫିକ ସମସ୍ୟା ଉପୁଜିବ। ସ୍ୱେରେଜ ବୋର୍ଡର ଜଣେ ଅଧିକାରୀଙ୍କ କହିବା କଥା ହେଉଛି, ଜାଇକା ଦ୍ୱାରା ନିୟୋଜିତ ଠିକାଦାରି ସଂସ୍ଥାକୁ ଆମର ନିର୍ଦ୍ଦେଶ ରହିଛି କି କାମ ସରିବା ପରେ ସେହି ରାସ୍ତାକୁ ଭଲଭାବେ ମରାମତି କରିବେ। ହେଲେ ଜାଇକା କାମ ସାରିଥିବା କିଛି ସ୍ଥାନରେ ପରବର୍ତ୍ତୀ ସମୟରେ ମାଟି ଧସୁଛି। ଏଭଳି ଘଟଣା ଆମ ନଜରକୁ ଆସିଲେ ଆମେ ତାଙ୍କୁ ତୁରନ୍ତ ମରାମତି କରିବାକୁ କହୁଛୁ ବୋଲି ଅଧିକାରୀ ଜଣକ କହିଛନ୍ତି। ଦୁର୍ଗାପୂଜା ପୂର୍ବରୁ ସିଏମ୍‌ସି ଏହିଭଳି ଅନେକ ସମସ୍ୟା ବିଷୟରେ ଆଲୋଚନା କରିବା ପାଇଁ ଜାଇକା କର୍ତ୍ତୃପକ୍ଷଙ୍କୁ ସ୍ୱତନ୍ତ୍ର ବୈଠକରେ ଯୋଗଦେବାକୁ ଚିଠି କରିଥିଲେ ସୁଦ୍ଧା କର୍ତ୍ତୃପକ୍ଷ ଯୋଗଦେଇ ନ ଥିଲେ। ତେଣୁ ଯଦି ଆଗକୁ ପୂଜାରେ ଜାଇକାର ବେପରୁଆ କାର୍ଯ୍ୟ ହୋଇଥିବା ରାସ୍ତାରେ କିଛି ଅଘଟଣ ଘଟେ, ତେବେ ଏହା ସହରବାସୀଙ୍କ ପାଇଁ ଦୁଃଖ ଆଣିଦେବ। ଏ ନେଇ ସିଏମ୍‌ସି କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ କହିଛନ୍ତି, ସହରରେ ଜାଇକା ଅଧୀନରେ କାମ କରୁଥିବା ଠିକାଦାରୀ ସଂସ୍ଥାର ଅବହେଳା ପାଇଁ ସହରବାସୀ କିଭଳି ସମସ୍ୟା ନ ଭୋଗିବେ ସେ ନେଇ ଜାଇକାକୁ ତାଗିଦ କରାଯିବ।

ସୂଚନାଯୋଗ୍ୟ, ଗତବର୍ଷ ଜାଇକା ଦ୍ୱାରା ନିୟୋଜିତ ଠିକାଦାରଙ୍କ ବେପରୁଆ କାର୍ଯ୍ୟ ଯୋଗୁ ଜଣେ ୭ ବର୍ଷର ଛାତ୍ରଙ୍କର ମୃତ୍ୟୁ ଘଟିଥିଲା। ଏଭଳି ଅଘଟଣ ସମୟରେ ଜାଇକା କହୁଛି, ଆହତ କିମ୍ବା ମୃତକଙ୍କ ପରିବାରକୁ କାମ ନେଇଥିବା ଠିକାଦାର କ୍ଷତିପୂରଣ ଦେବ। ଅନ୍ୟପଟେ ଠିକାଦାର କହୁଛନ୍ତି, ସରକାରଙ୍କଠାରୁ ମୂଳ କାମ ଜାଇକା ନେଇଥିବାରୁ କ୍ଷତିପୂରଣ ଜାଇକା ଦେବ।

# ଆଇନଜୀବୀଙ୍କୁ ମାଡ଼ ଘଟଣା: ୨ ଗିରଫ

■ ସରକାରୀ ଅଫିସରେ ତାଲା ପକାଇଲେ

କଟକ ଅଫିସ, ୨୫।୯

ମାଡ଼ ଘଟଣାକୁ ନେଇ କଟକରେ ଆଇନଜୀବୀ ଓ ପୋଲିସ ମଧ୍ୟରେ ଉପୁଜିଥିବା ବିବାଦ ତେଜୁଥିବାବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ୨ଜଣଙ୍କୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀଙ୍କଠାରୁ ଜଣାପଡିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନାରେ କାର୍ଯ୍ୟରତ ହୋମ୍‌ଗାର୍ଡ ଦିଲୀପ ସିଂ ଓ ଆଇନଜୀବୀଙ୍କ ଗାଡି ସହ ଧକ୍କା ହୋଇଥିବା ବାଇକ୍ ଚାଳକଙ୍କ ଅଭିଭାବକ କିଶୋର ଜେନା। ଏହି ଘଟଣାରେ ପୂର୍ବରୁ ଦୁଇଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା। ମାତ୍ର ଗିରଫ ଦାବିରେ ଆଇନଜୀବୀମାନେ ଆନ୍ଦୋଳନ ଚଳାଇଛନ୍ତି। ଏଥିସହ ଡିସିପି ଓ ଥାନାଧିକାରୀଙ୍କୁ ଗିରଫ କରିବାକୁ ଦାବି କରି ଆସୁଛନ୍ତି। ଏପରିସ୍ଥଳେ ମଙ୍ଗଳବାର ଆଇନଜୀବୀମାନେ ହାଇକୋର୍ଟ ସନ୍ନିକଟ ଅଞ୍ଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଆଇନଜୀବୀମାନେ ଏକ ପଟୁଆରରେ ଆସି ହାଇକୋର୍ଟ ନିକଟରେ ଥିବା ଜିଲାପାଳଙ୍କ କାର୍ଯ୍ୟାଳୟ, ବୋର୍ଡ ଅଫ୍ ରେଭିନ୍ୟୁ, ଆର୍‌ଟିଓ ଅଫିସ, ଆର୍‌ଡିସି ଅଫିସ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ସହିତ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। କୌଣସି କର୍ମଚାରୀଙ୍କୁ ଅଫିସ ଭିତରୁ ବାହାରକୁ କିମ୍ବା ଅଫିସ ବାହାରୁ ଭିତରକୁ ଛଡ଼ାଯାଇ ନ ଥିଲା। ଫଳରେ ଉପରୋକ୍ତ ଅଫିସଗୁଡ଼ିକ ଦିନତମାମ ବନ୍ଦ ହୋଇଯାଇଥିଲା। ହାଇକୋର୍ଟବାର୍‌ ସଭାପତିଶ୍ରୀକାନ୍ତ ନାୟକ, ସମ୍ପାଦକ ସତ୍ୟବ୍ରତ ମହାନ୍ତିଙ୍କ ନେତୃତ୍ୱରେ ସଂଘବଦ୍ଧ ଆଇନଜୀବୀମାନେ ସରକାର ଓ ପୋଲିସ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେବା ସହିତ ପୋଲିସ କମିଶନର ଓ କଟକ ଡିସିପିଙ୍କ ଇସ୍ତଫା ଦାବି କରିଥିଲେ।



ଆଇନଜୀବୀମାନେ କଚେରୀ ରୋଡ୍‌କୁ ସିଲ୍ କରି ଆନ୍ଦୋଳନ କରୁଛନ୍ତି।

# ସାଙ୍ଗଙ୍କୁ ସାହାଯ୍ୟ କରି ଫସିଲେ ସାଙ୍ଗ

■ଗିରଫ କରିବାକୁ ଖୋଜୁଛି ପୋଲିସ

କଟକ ଅଫିସ,୨୫।୯

ଅସୁବିଧାରେ ପଡ଼ିଥିବା ଜଣେ ସାଙ୍ଗଙ୍କୁ ସାହାଯ୍ୟ କରିବାକୁ ଯାଇ ଜଣେ ଯୁବକ ଶେଷରେ ଫସି ଯାଇଛନ୍ତି। ତାଙ୍କୁ ଗିରଫ ପାଇଁ ପୋଲିସ ଖୋଜୁଥିବାବେଳେ ସେ ଏବେ ଥାନାର ଦ୍ୱାରସ୍ଥ ହୋଇ ସବୁକଥା କହିଛନ୍ତି। ସୂଚନାନୁସାରେ, କଟକ ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୭ ଅଞ୍ଚଳରେ ରହୁଥିବା ଜଣେ ଯୁବକଙ୍କ ସହ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏମ୍‌ପି ଅଞ୍ଚଳରେ ରହୁଥିବା ଅସିତ୍ ଚକ୍ରବର୍ତ୍ତୀ(୩୦)ଙ୍କର ବହୁ ଦିନର ବନ୍ଧୁତା। ଦୁହେଁ ସ୍କୁଲବେଳୁ ସାଙ୍ଗ ଥିଲେ। ଗତ ମାର୍ଚ୍ଚ ମାସରେ ସାଙ୍ଗ ଜଣକ କିସ୍ତିରେ ଏକ ସ୍କୁଟି କିଣିବା ପାଇଁ ସହାୟତା ମାଗିଥିଲେ। ନିଜର ବ୍ୟାଙ୍କ୍ ଆକାଉଣ୍ଟ୍ ନ ଥିବାରୁ ଅସିତ୍‌ଙ୍କ ନାଁରେ ଗାଡି କିଣିବାକୁ କହିଥିଲେ। କିସ୍ତି ବାବଦ ଟଙ୍କା ସେ ଅସିତଙ୍କ ଆକାଉଣ୍ଟ୍‌ରେ ଜମା କରିଦେବେ ବୋଲି କଥା ଦେଇଥିଲେ। ଏହାକୁ ବିଶ୍ୱାସ କରି ଅସିତ୍ ନିଜ ବ୍ୟାଙ୍କ୍ ଆକାଉଣ୍ଟ୍ କାଗଜପତ୍ର ଦେଇ ସାଙ୍ଗଙ୍କୁ କ୍ୟାଣ୍ଟନମେଣ୍ଟ୍ ରୋଡ୍‌ସ୍ଥିତ ଏକ ଶୋରୁମ୍‌ରୁ ସ୍କୁଟି କିଣାଇ ଦେଇଥିଲେ। ହେଲେ ସାଙ୍ଗ ଜଣକ ୨୧ହଜାର ଟଙ୍କା ଦେଇ ସ୍କୁଟି କିଣିସାରିବା ପରେ ଆଉ କିସ୍ତି ଶୁଝି ନ ଥିଲେ। ଅସିତ୍‌ଙ୍କ ନାଁରେ ସ୍କୁଟି କିଣାଯାଇଥବାରୁ ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ତାଙ୍କ ଘରେ ପହଞ୍ଚି କିସ୍ତି ଟଙ୍କା ଦେବାକୁ କହିଥିଲେ। ଅସିତ୍ ତାଙ୍କ ସାଙ୍ଗକୁ ଯୋଗାଯୋଗ କରିବାରୁ ସେ ଆଉ ସହଯୋଗ କରି ନ ଥିଲେ। ଏପଟେ ଅସିତ୍‌ଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ମଧ କିସ୍ତି ଟଙ୍କା ଶୁଝି ପାରି ନ ଥିଲେ। ୫ ମାସର କିସ୍ତି ଟଙ୍କା ବାକିଥିବାବେଳେ ଫାଇନାନ୍ସ କମ୍ପାନୀର ଅଭିଯୋଗକ୍ରମେ ଗତ ଶନିବାର ପୋଲିସ ଅସିତ୍‌ଙ୍କ ଘରକୁ ଯାଇ ପଚରାଉଚରା କରିଥିଲା। ଅସିତ୍‌ଙ୍କୁ ଗିରଫ କରିବା ପାଇଁ ପୋଲିସ ଖୋଜୁଥିବା ବେଳେ ସେ ଏନେଇ ମଙ୍ଗଳବାର ମର୍କତନଗର ଥାନାରେ ଅଭିଯୋଗ କରିଛନ୍ତି।

# ଓଡ଼ିଶା ଢାଞ୍ଚାରେ ଆଇଟିଆଇର ଆଧୁନିକୀକରଣ କରିବ ଆନ୍ଧ୍ର

■ ଦକ୍ଷତା ସଂଗ୍ରହାଳୟ ବୁଲି ଦେଖିଲେ ଆନ୍ଧ୍ରପ୍ରଦେଶ ଶ୍ରମମନ୍ତ୍ରୀ

କଟକ ଅଫିସ,୨୫।୯

ଆନ୍ଧ୍ରପ୍ରଦେଶର ଶ୍ରମମନ୍ତ୍ରୀ ତଥା ଟିଡିପି ନେତା ପିଠାନୀ ସତ୍ୟନାରାୟଣ ମଙ୍ଗଳବାର ଅପରାହ୍ନରେ କଟକ ଖପୁରିଆସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ଓ ଏହା ପରିସରରେ ଥିବା ଦେଶର ପ୍ରଥମ ଦକ୍ଷତା ସଂଗ୍ରହାଳୟ ପରିଦର୍ଶନ ଆସିଥିଲେ। ତାଙ୍କ ସହ ଆନ୍ଧ୍ର ପ୍ରଦେଶର ମୁଖ୍ୟ ଶାସନ ସଚିବ ଜେ.ଏସ୍.ଭି. ପ୍ରସାଦ ଥିଲେ। ତେବେ ସେମାନେ ଏଠାରେ ଥିବା ଭିତ୍ତିଭୂମି, ୱାର୍କଶପ୍ ଓ ସ୍ମାର୍ଟ କ୍ଲାସ୍ ରୁମ୍ ବୁଲି ଦେଖିବା ସହ ବେଶ୍ ପ୍ରଶଂସା କରିଥିଲେ। ଏହି ଅବସରରେ ମନ୍ତ୍ରୀ ପିଠାନୀ କହିଲେ, ଏହା ଏକ ବିଶ୍ୱସ୍ତରୀୟ ପ୍ରତିଷ୍ଠାନ। ଏଠାରେ ସ୍ମାର୍ଟ କ୍ଲାସ୍ ରୁମ୍‌ରେ ଅଧାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଓ ଶିଳ୍ପ ତାଲିମ କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କର ବେଶ ଆଗ୍ରହ ରହିଥିବା ମୁଁ ଅନୁଭବ କରିଛି। ଆନ୍ଧ୍ର ପ୍ରଦେଶର ୭୯ଟି ଆଇଟିଆଇର ଆଧୁନିକୀକରଣ କରାଯିବ। ଆଗକୁ ଆମ ରାଜ୍ୟରେ ଥିବା ସବୁ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଏହିଭଳି ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ କରିବାକୁ ଚେଷ୍ଟା କରିବୁ ବୋଲି ସେ କହିଥିଲେ। ଏହି ଶିଳ୍ପ ତାଲିମ କେନ୍ଦ୍ରରେ ଦେଢଘଣ୍ଟାରୁ ଅଧିକ ସମୟ ବିତାଇବା ମଧ୍ୟରେ ମନ୍ତ୍ରୀ ପିଠାନୀ ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତି, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତେବେ ଡ. ମହାନ୍ତି କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ଶ୍ରମମନ୍ତ୍ରୀ ସ୍ମାର୍ଟ କ୍ଲାସ ରୁମଠାରୁ ଆରମ୍ଭ କରି ସଂଗ୍ରହାଳୟ ବୁଲି ଦେଖିବା ପରେ ପ୍ରଶଂସା କରିଛନ୍ତି। ତଥାପି ଆଗକୁ ଆମେ ଆମ ଶିଳ୍ପ ତାଲିମ କେନ୍ଦ୍ରର କର୍ମଶାଳାରେ ଆହୁରି ଅଧିକ ଉନ୍ନତି ଆଣିବା ସହ ପ୍ଲେସମେଣ୍ଟ ରେକର୍ଡ ଆହୁରି ବଢାଇବାକୁ ଚେଷ୍ଟା କରିବୁ ବୋଲି ମହାନ୍ତି ଜଣାଇଛନ୍ତି।



ଦକ୍ଷତା ସଂଗ୍ରହାଳୟ ପରିଦର୍ଶନରେ ଆସିଥିବା ଆନ୍ଧ୍ରପ୍ରଦେଶର ଶ୍ରମମନ୍ତ୍ରୀ ପିଠାନୀ ସତ୍ୟନାରାୟଣ ଓ ଅନ୍ୟମାନେ।

# ବିସିସିଆଇ, ସିଓଏକୁ ଦାବିପତ୍ର ଦେଲେ ବିଦ୍ରୋହୀ

### ଓସିଏ ସମ୍ବିଧାନ ସଂଶୋଧନ ପ୍ରସଙ୍ଗ

କଟକ ଅଫିସ,୨୫।୯

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ସମ୍ବିଧାନ ସଂଶୋଧନ ରିପୋର୍ଟ ବିସିସିଆଇକୁ ପଠାଯିବା ପରେ ରାଜ୍ୟ କ୍ରିକେଟରେ ଏକ ଅନିଶ୍ଚିତତା ଝଡ଼ ଅପେକ୍ଷା କରି ରହିଛି। ମଙ୍ଗଳବାର ସମ୍ବିଧାନ ସଂଶୋଧନ ରିପୋର୍ଟଗୁଡ଼ିକର ଯାଞ୍ଚ ଶେଷ ହୋଇଥିବା ବେଳେ ଏ ଯାଏଁ କୌଣସି ଉତ୍ତର ମିଳିନାହିଁ ବୋଲି ଓସିଏ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ କହିଛନ୍ତି। ଅନ୍ୟପକ୍ଷରେ ଏହି ରିପୋର୍ଟକୁ ରଦ୍ଦ କରିବା ପାଇଁ ଦାବି କରୁଥିବା ଜଣେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସିଇଓ ରାହୁଲ ଜୋହରୀ ଓ କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ)ର ଅଧ୍ୟକ୍ଷ ବିନୋଦ ରାୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀମାନଙ୍କ ସହ ଆଲୋଚନା କରି ଆଇନଗତ ପରାମର୍ଶ ନିଆଯାଉଥିବା ଜଣେ ବରିଷ୍ଠ କ୍ରୀଡ଼ା ସଂଗଠକ କହିଛନ୍ତି ।

ଯଦି ଓସିଏର ସମ୍ବିଧାନ ସଂଶୋଧନ ରିପୋର୍ଟକୁ ସବୁଜ ସଙ୍କେତ ମିଳେ ତେବେ ଏହାକୁ ବିରୋଧ କରୁଥିବା କ୍ଲବର କର୍ମକର୍ତ୍ତା ତଥା ବରିଷ୍ଠ କ୍ରୀଡ଼ା ସଂଗଠକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଜଣଙ୍କ କହିଛନ୍ତି। ଅନ୍ୟପକ୍ଷରେ ଏହି ରିପୋର୍ଟକୁ ଅଗ୍ରାହ୍ୟ କରାଯାଏ ତେବେ ଓସିଏ ନିର୍ବାଚନ ଅନିଶ୍ଚିତତା ଭିତରକୁ ଠେଲି ହୋଇଯିବ। ୨୦ଟି କ୍ଲବ ଓସିଏର ଅନୁବନ୍ଧିତ ୟୁନିଟ ମାନ୍ୟତା ଲାଭ କରିଥିଲେ। ସେଗୁଡ଼ିକ ହେଲା, ଟାଉନ କ୍ଲବ, ରୋଭର୍ସ କ୍ଲବ, ଜୟଦୁର୍ଗା କ୍ଲବ, ସନରାଇଜ କ୍ଲବ, ସନସାଇନ କ୍ଲବ, କିଶୋର କ୍ଲବ, ରୟାଲ କ୍ଲବ, ବିସିୟୁ, ମଙ୍ଗଳା କ୍ଲବ, ଶହୀଦ ସ୍ପୋର୍ଟିଂ କ୍ଲବ, ଏଲଆଇସି ସ୍ପୋର୍ଟ୍ସ କ୍ଲବ, ରାଇଜିଂ ଷ୍ଟାର କ୍ଲବ, ଓଜିପି କ୍ଲବ, ଜଗତ୍‌ପୁର ଆଥ୍‌ଲେଟିକ ଆସୋସିଏଶନ, ଏସିସି, ଏସ୍‌ବିଆଇ ସ୍ପୋର୍ଟ୍ସ କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ୟୁନିୟନ ସ୍ପୋର୍ଟିଂ କ୍ଲବ, ବିଶ୍ୱଭାରତୀ କ୍ଲବ ଓ ଜୁଭେନାଇଲ କ୍ଲବ। ଏହି କ୍ଲବଗୁଡ଼ିକ ପୂର୍ଣ୍ଣ ସଦସ୍ୟତା ପାଇଥିଲେ ମଧ ସମ୍ବିଧାନ ସଂଶୋଧନ ରିପୋର୍ଟରେ ସେମାନଙ୍କୁ ଆସୋସିଏଟ ସଦସ୍ୟ ଭାବେ ଗ୍ରହଣ କରିବାକୁ ଉଲ୍ଲେଖ କରାଯାଇଛି। ଆସୋସିଏଟ ସଦସ୍ୟ ରହିଲେ ଭୋଟ ଦେବା ଅଧିକାର ରହିବ ନାହିଁ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ରାହୁଲ



@ ପପୁନ



@ କୃଷ୍ଣା



@ ଲିପିକା



@ ପ୍ରଜ୍ଞାନିତା



@ ସୁବ୍ରତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଭଙ୍ଗା କୁଡ଼ିଆରେ ରହି ଦରିଦ୍ର ଭାବରେ ଚଳିଲେ ମଧ ସ୍ୱାଧୀନ ଲୋକ ଯେପରି ସୁଖ ଅନୁଭବ କରେ, ପରାଧୀନ ଲୋକ ସବୁ ସୁଖରୁ ବଞ୍ଚିତ ରହେ। -ହାରିଏଟ୍ ବିଚର ଷ୍ଟୋ



## ସଂକ୍ଷେପରେ

### ଭାଗବତ ଜନ୍ମୋତ୍ସବ ପାଳିତ



**ନେମାଳ,୨୫।୯(ଡି.ଏନ.ଏ.):** ମଙ୍ଗଳବାର ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ଇନ୍ଦୁ ପୂର୍ଣ୍ଣିମା ଓ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟା ଆଳତି ଓ ଅଷ୍ଟଗୁଜରୀ ପ୍ରାର୍ଥନା କରାଯାଇଥିଲା। ଏହାପରେ ଭାଗବତ ପାଠ, ଭାଗବତ ଜନ୍ମର ମାହାତ୍ମ୍ୟ ଓ ପାଠର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୀଠସ୍ଥଳରେ ଅକ୍ଷୟ କୁମାର ଦେଙ୍କ ତତ୍ତ୍ୱାବଧାନରେ ଦୀର୍ଘ ଦିନ ହେବ ଭାଗବତ ପାଠ କରାଯାଉଥିଲା ବେଳେ ଶ୍ରୀଶ୍ରୀଗୋପୀନାଥ ଜୀଉ ଓ ମହାପୁରୁଷ ଅଚ୍ୟୁତାନନ୍ଦ ଆଶ୍ରମ ଟ୍ରଷ୍ଟ ଏବଂ ବହୁ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ।

### ସରକାରୀ କାର୍ଯ୍ୟାଳୟ ବନ୍ଦକଲେ ଆଇନଜୀବୀ

**ଆଠଗଡ଼,୨୫।୯(ସ୍ୱ.ପ୍ର.):** ହାଇକୋର୍ଟ ଆଇନଜୀବୀଙ୍କୁ ପୋଲିସର ଆକ୍ରମଣ ପ୍ରତିବାଦରେ ୨୭ଦିନ ଧରି ଚାଲିଥିବା ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ଉଗ୍ରରୂପ ଧାରଣ କରିଛି। ହାଇକୋର୍ଟ ବାର ଆସୋସିଏଶନ ନିଷ୍ପତ୍ତି ଅନୁଯାୟୀ ଆଠଗଡ଼ ଓକିଲ ସଂଘ ତରଫରୁ ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବା ସହ କାର୍ଯ୍ୟାଳୟ ଗୁଡ଼ିକୁ ବନ୍ଦ କରାଯାଇଥିଲା। ଫଳରେ ସରକାରୀ କାର୍ଯ୍ୟ ଠପ୍ ହୋଇଯାଇଥିଲା। ବିଭିନ୍ନ କାମ ନେଇ ଗ୍ରାମାଞ୍ଚଳରୁ ଆସିଥିବା ଜନସାଧାରଣ ନିରାଶ ହୋଇ ଫେରିଥିଲେ। ଓକିଲ ସଂଘ ସଭାପତି ସତ୍ୟେନ ପଣ୍ଡାଙ୍କ ନେତୃତ୍ୱରେ ସମ୍ପାଦକ ବନବିହାରୀ ସାହୁ, କୋଷାଧ୍ୟକ୍ଷ ସରୋଜ କୁମାର ପଟ୍ଟନାୟକ, ଦୀପକ କୁମାର ମାନସିଂହ, ପୂର୍ବତନ ଓକିଲ ସଂଘ ସଭାପତି ବିନୟ ଶୁକ୍ଳା, ଜଗଦାନନ୍ଦ ତ୍ରିପାଠୀ, ନୋଟାରୀ ବିରଞ୍ଚି ନାରାୟଣ ମହାପାତ୍ର, ଗୋପରଞ୍ଜନ ପ୍ରଧାନ, ଜ୍ଞାନରଞ୍ଜନ ମହାପାତ୍ର, ଯଶୋବନ୍ତ ବାରିକ ଓ ଜ୍ଞାନପ୍ରକାଶ ଧଳ ସାମନ୍ତଙ୍କ ସମେତ ଶତାଧିକ ଆଇନଜୀବୀ ଏଥିରେ ସାମିଲ ହୋଇଥିଲେ।
**ଟିଗିରିଆ,(ଡି.ଏନ.ଏ.):** ଓଡ଼ିଶା ହାଇକୋର୍ଟ ଓକିଲ ସଂଘ ଆହ୍ୱାନକ୍ରମେ ଟିଗିରିଆ ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବା ସହ କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା। ସଂଘ ସଭାପତି ସୁରୋଜ କୁମାର ସାହୁ, ଉପସଭାପତି ସୁବାସ ସାହୁ, ସମ୍ପାଦକ ଶ୍ରୀକାନ୍ତ ସାହୁ, ସହସମ୍ପାଦକ ଶାନ୍ତନୁ ଦାଶ, ରମେଶ ଚନ୍ଦ୍ର ମାଝି ଓ ରଞ୍ଜନ କୁମାର ମାଝି ପ୍ରମୁଖ ଟିଗିରିଆ ଅଦାଲତ, ତହସିଲ କାର୍ଯ୍ୟାଳୟ, ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଦି ବନ୍ଦ କରିଥିଲେ।

### ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ମିଳିବ ଏଲ୍ଇଡି ବଲ୍ବ

**ଆଠଗଡ଼,୨୫।୯(ସ୍ୱ.ପ୍ର.):** ସରକାରୀ ନିଷ୍ପତ୍ତି ମୁତାବକ ଅକ୍ଟୋବରରୁ ଜାତୀୟ ଖାଦ୍ୟସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ୨ଟି ପର୍ଯ୍ୟାୟରେ ୪ଟି ଏଲଇଡି ବଲ୍ବ ମିଳିବ। ଶକ୍ତି ସଞ୍ଚୟ ନିମନ୍ତେ ସରକାର ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଆଠଗଡ ଉପଖଣ୍ଡର ଗୋଟିଏ ଏନଏସି ଓ ୪ଟି ବ୍ଲକର ୧ଲକ୍ଷ ୧୦ହଜାର ୭ଶହ ୮୪ କାର୍ଡଧାରୀଙ୍କ ପରିବାରକୁ ଏହି ବଲ୍ବ ଯୋଗାଇ ଦିଆଯିବ। ଏନଏସିରେ ୨୬ଶହ କାର୍ଡଧାରୀଙ୍କୁ ୫ଟି କେନ୍ଦ୍ରରେ ବଲ୍ବ ଯୋଗାଣ ହେବ। ଆଠଗଡ଼ ବ୍ଲକର ୨୯ହଜାର ୧୫୭ହିତାଧିକାରୀଙ୍କୁ ୫୧ଟି କେନ୍ଦ୍ରରେ, ଟିଗିରିଆ ବ୍ଲକର ୧୪ହଜାର ୧୬୭ହିତାଧିକାରୀଙ୍କୁ ୨୩ଟିକେନ୍ଦ୍ରରେ, ବଡମ୍ବାର ୩୨ହଜାର ୫୮୧ହିତାଧିକାରୀଙ୍କୁ ୫୭ଟି କେନ୍ଦ୍ରରେ ଓ ନରସିଂହପୁର ବ୍ଲକର ୩୨ହଜାର ୨୭୯ହିତାଧିକାରୀଙ୍କୁ ୫୮ଟି କେନ୍ଦ୍ରରେ ବଲ୍ବ ଯୋଗାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରତି କାର୍ଡ ଧାରୀଙ୍କୁ ୨ଟି ବଲ୍ବ ଯୋଗାଣ ହେବାକୁ ଥିଲା ବେଳେ ଡିସେମ୍ବରର ୨ୟ ପର୍ଯ୍ୟାରେ ଆଉ ୨ଟି ଲେଖାଏ ବଲ୍ବ ଯୋଗାଣ କରାଯିବ ବୋଲି ଉପଜିଲାପାଳ ଅମୀୟ କୁମାର ସାହୁ ସୂଚନା ଦେଇଛନ୍ତି।

## ଶିକ୍ଷା ବିଭାଗର ଖାମଖିଆଲି ମନୋଭାବ

# ସିଲେକ୍ସନ କଲେ, ଆଡ୍ମିଶନ କଲେନି

- ଶାରୀରିକ ଓ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ କରାଇଲେ
- ସାର୍ଟିଫିକେଟ ଯାଞ୍ଚବେଳେ ଅଯୋଗ୍ୟ ଦର୍ଶାଇଲେ
- ନାମ ଲେଖାଇବାକୁ ମେସେଜ୍ ଦିଆଯାଇଥିଲା
- ୩ ଛାତ୍ରଙ୍କୁ ହଇରାଣ ଅଭିଯୋଗ

**ନରସିଂହପୁର,୨୫।୯(ସ୍ୱ.ପ୍ର.)**

ଶିକ୍ଷା ବିଭାଗର ଖାମଖିଆଲି ମନୋଭାବ ଯୋଗୁ ଚଳିତ ବର୍ଷ ବିପିଏଡ୍ (ବ୍ୟାଚଲର ଅଫ୍ ଫିଜିକାଲ ଏଜୁକେଶନ୍)ପାଠ୍ୟକ୍ରମରେ ନାମ ଲେଖାଇବାକୁ ଯୋଗ୍ୟତା ନ ଥିବା ୩ ଛାତ୍ର ଆବେଦନ କରି ସିଲେକ୍ସନ ହେବାପରେ ପୁଣି ନାମ ଲେଖାରୁ ବଞ୍ଚିତ ହୋଇଛନ୍ତି। ସୂଚନା ଅନୁସାରେ, କଟକ ଜିଲା ନରସିଂହପୁରଠାରେ ସ୍ଥାପିତ ଓ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ଦ୍ୱାରା ପରିଚାଳିତ ବିପିଏଡ ପାଠ୍ୟକ୍ରମରେ ୨୦୧୮/୧୯ ଶିକ୍ଷା ବର୍ଷରେ ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ରଙ୍କଠାରୁ ଅନଲାଇନ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। ଏହି ପାଠ୍ୟକ୍ରମକୁ ଷ୍ଟେଟ୍ କାଉନ୍ସିଲ ଅଫ୍ ଏଜୁକେଶନାଲ ରିଶର୍ଚ ଆଣ୍ଡ୍ ଟ୍ରେନିଂ (ଏସ୍ସିଇଆର୍ଟି)ନିୟନ୍ତ୍ରଣ କରୁଥିବାବେଳେ ଏଥିରେ ଦଳିତ ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ୪୫ ଶତକଡ଼ା ନମ୍ବର ନିର୍ଦ୍ଧାରିତ ଥିଲା। କିନ୍ତୁ ୪୫ ଶତକଡ଼ାରୁ କମ୍ ନମ୍ବର ରଖିଥିବା ଛାତ୍ରୀଛାତ୍ର ଏଥିରେ ଆବେଦନ କରିଥିଲେ। ଏସ୍ସିଇଆର୍ଟି ପକ୍ଷରୁ ଆବେଦନକାରୀ ଛାତ୍ରୀଛାତ୍ରଙ୍କଠାରୁ ଶାରୀରିକ ଓ ଲିଖିତ ପରୀକ୍ଷା ନିଆଯିବା ପରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ନିକଟକୁ ମେସେଜ୍ ଯୋଗେ ସିଲେକ୍ସନ ଓ ନାମ ଲେଖାଇବା ତାରିଖ ଜଣାଇ ଦିଆଯାଇଥିଲା। ସେହି ଅନୁସାରେ ଗତ ଶନିବାର ଆଠଗଡ଼ର ମାନସ ରଞ୍ଜନ ବେହେରା (୨୨), ବଲାଙ୍ଗୀରରୁ ଶ୍ରୀକ୍ଷେତ୍ର ନାଗ ଓ ରାକେଶ ନାଗ (୨୦) ଆଡ୍ମିଶନ କରିବାକୁ ଆସିଥିଲେ। ହେଲେ ନରସିଂହପୁର ଡିଆଇଇଟି ପକ୍ଷରୁ ସେମାନଙ୍କୁ ନାମ ଲେଖା ପାଇଁ ଅଯୋଗ୍ୟ ଘୋଷଣା କରାଯାଇଥିଲା। କାରଣ ସେମାନଙ୍କ ୪୫ ପ୍ରତିଶତରୁ କମ୍ ନମ୍ବର ରହିଛି ବୋଲି ସାର୍ଟିଫିକେଟ ଯାଞ୍ଚବେଳେ ଜଣା ପଡ଼ିଥିଲା।

ଫଳରେ ସେମାନେ ନିରାଶ ହୋଇ ଫେରିଥିଲେ। ଏପରି କି ସେମାନଙ୍କୁ ଏସ୍ସିଇଆର୍ଟ ମନୋନୀତ କରିଥିଲା ବୋଲି ଦର୍ଶାଇଥିଲେ। କିନ୍ତୁ କାହିଁକି ନାମ ଲେଖାଇବାରୁ ବାଦ୍ ପଡିବୁ ବୋଲି ଡିଆଇଇଟି ଭାରପ୍ରାପ୍ତ ଅଧ୍ୟକ୍ଷା ବିଦ୍ୟୁଲତା ମିଶ୍ରଙ୍କୁ ପଚାରିଥିଲେ, ହେଲେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଘଟଣା ସମ୍ପର୍କରେ ମଙ୍ଗଳବାର ଗଣମାଧ୍ୟମ ପ୍ରତିନିଧି ଡିଆଇଇଟି ଭାରପ୍ରାପ୍ତ ଅଧ୍ୟକ୍ଷା ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ସରକାରଙ୍କ ନିୟମ ଅନୁଯାୟୀ ୪୫ ଶତକଡା ଧାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର ନାମ ଲେଖାଇ ପାରିବେ। ସେହି ପିଲାଙ୍କ ୪୫ଶତକଡ଼ାରୁ କମ୍ ନମ୍ବର ଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇଛି। ତେବେ ୪୫ ଶତକଡ଼ାରୁ କମ୍ ଥିବା ଆବେଦନକାରୀଙ୍କୁ କେଉଁଭଳି ମନୋନୀତ କରାଗଲା ? ଏପରି କି ଦୂର ଦୁରାନ୍ତରୁ ଆସିଥିବା ଛାତ୍ରମାନେ କାହିଁକି ନିରାଶ ହୋଇ ଫେରିଲେ ? ସେଥିପାଇଁ ଦାୟୀ କିଏ ପଚାରିବାରୁ ସେ ଡିଆଇଇଟି ନିର୍ଦ୍ଦେଶିକାଙ୍କୁ ପଚାରିବାକୁ କହିଥିଲେ, ଡିଆଇଇଟି ନିର୍ଦ୍ଦେଶିକା ସ୍ନିଗ୍ଧା ମହାପାତ୍ର କହିଛନ୍ତି, କେତେକ ପିଲା ଅନ୍ଲାଇନରେ ୪୫ଶତକଡ଼ା ନମ୍ବର ଥିବା ଦର୍ଶାଇଥିଲେ। ସେହି ଅନୁସାରେ ସେମାନଙ୍କୁ ମନୋନୀତ କରାଯାଇଥିଲା। ଅଡ୍ମିଶନ ସମୟରେ ଜଣାପଡ଼ିବାରୁ ନାମ ଲେଖାରୁ ବାଦ୍ ଦିଆଯାଇଛି ବୋଲି କହିଥିଲେ। ଛାତ୍ରମାନେ ଏଥିଯୋଗୁ ଖର୍ଚ୍ଚାନ୍ତ ହେବା ସହ ହଇରାଣ ହୋଇଥିବା ଅଭିଯୋଗ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯଦି ସେମାନେ ଅନ୍ଲାଇନରେ ଭୁଲ ତଥ୍ୟ ଦେଇଥିଲେ ପରେ କାହିଁକି ଯାଞ୍ଚ କରା ନ ଯାଇ ସିଲେକ୍ସନ କରାଯାଇଥିଲା।



ଔଷଧ ବଣ୍ଟନ ନିମନ୍ତେ ତାଲିମ ପ୍ରଦାନ କରାଯାଉଛି।

# ଫାଇଲେରିଆ, କୃମି ଔଷଧ ବଣ୍ଟନ ତାଲିମ

**ଆଠଗଡ଼.୨୫।୯(ସ୍ୱ.ପ୍ର.)**

ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ମଙ୍ଗଳବାର ଫାଇଲେରିଆ ଓ କୃମି ଔଷଧ ବଣ୍ଟନ ନିମନ୍ତେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଉପଖଣ୍ଡ ଡାକ୍ତରଖାନା ଅଧୀକ୍ଷକ ଡା. ବିଜୟ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରି ଆସନ୍ତା ୨୬ରୁ୨୮ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ଅଙ୍ଗନୱାଡି ଓ ଆଶାକର୍ମୀ ଔଷଧ କିପରି ବଣ୍ଟନ କରିବେ ଏବଂ କେଉଁ ପ୍ରକାର ସତର୍କତା ଅବଲମ୍ବନ କରିବେ ସେ ସମ୍ପର୍କରେ ବୁଝାଇଥିଲେ। ୨ରୁ ୫ ବର୍ଷ ମଧ୍ୟରେ ପିଲାଙ୍କୁ ଗୋଟିଏ ଲେଖାଏ ୧୦୦ ମିଲିଗ୍ରାମର ଫାଇଲେରିଆ ବଟିକା ଓ କୃମି ବଟିକା ଦିଆଯିବ। ସେହିପରି ୬ରୁ ୧୪ ବର୍ଷ ପିଲାଙ୍କୁ ୨ଟି ଫାଇଲେରିଆ ଓ ଗୋଟିଏ କୃମି ବଟିକା ଏବଂ ୧୪ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ୩ଟି ଫାଇଲେରିଆ ଓ ଗୋଟିଏ କୃମି ଔଷଧ ଖାଇବାକୁ ଦିଆଯିବ। ଯେଉଁମାନେ ଏହି ବଟିକା ଖାଇବେ ସେମାନେ ପୁରାପେଟ ଖାଇସାରିଲା ପରେ ବଟିକା ଖାଇବା ପାଇଁ କୁହାଯାଇଛି। ସେହିପରି ଦୁଇ ବର୍ଷରୁ କମ, ଗର୍ଭବତୀ ଓ ଗୁରୁତର ଅସୁସ୍ଥ ବ୍ୟକ୍ତିଙ୍କୁ ଏହି ବଟିକା ଖାଇବା ମନା ବୋଲି ଅଧୀକ୍ଷକ ଡା. ମିଶ୍ର ସୂଚନା ଦେଇଥିଲେ। ବ୍ରହ୍ମପୁର ଉନ୍ନୀତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସଂଖ୍ୟାନ ସହାୟକ ମନମୋହନ ଦାଶ ଏହି ଔଷଧ ସେବନ ଓ ବଣ୍ଟନ ପ୍ରକ୍ରିୟା ସମ୍ପର୍କରେ ଅଙ୍ଗନୱାଡି ଓ ଆଶା କର୍ମୀଙ୍କୁ ବୁଝାଇଥିଲେ।

## ହାଇୱା ଚାପାରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା

# ୨୧ ଘଣ୍ଟା ପଡ଼ିରହିଲା ମୃତଦେହ



ଆନ୍ଦୋଳନକାରୀଙ୍କ ସହ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

**ବାଙ୍କୀ,୨୫।୯(ସ୍ୱ.ପ୍ର.)**

ବାଙ୍କୀ-ସିମର ମୁଖ୍ୟରାସ୍ତାର ଭୋକାଶଙ୍ଖ ନିକଟ ଅଚ୍ୟୁତା ପୋଖରୀ ନିକଟରେ ସୋମବାର ଅପରାହ୍ନ ୫ଟାରେ ଏକ ହାଇୱା ଧକ୍କାରେ ବାଙ୍କୀ ଥାନା ଢିଁସର ଗ୍ରାମ ପାଟଣା ସାହିର ଦୀନବନ୍ଧୁ ସ୍ୱାଇଁ (୬୪)ଙ୍କ ମୃତ୍ୟୁ ଘଟିଥିଲା। ଦୀନବନ୍ଧୁ ସାଇକେଲ୍ ଯୋଗେ ଗ୍ରାମକୁ ଯାଉଥିବା ବେଳେ ଏକ ବାଲିବୋଝେଇ ହାଇୱା ତାଙ୍କୁ ଚାପି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଦୁର୍ଘଟଣା ଘଟାଇଥିବା ହାଇୱା ଖସି ପଳାଉଥିବାବେଳେ ଗ୍ରାମବାସୀ ତାକୁ ଧରିବା ସହ ଚାଳକଙ୍କୁ ଅଟକ ରଖିଥିଲେ। ଖବର ପାଇ ବାଙ୍କୀ ପୋଲିସ୍ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରିଥିଲା। ପରେ ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ଦୀନବନ୍ଧୁଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସନ୍ଧ୍ୟା ୬ଟାରୁ ଢିଁସରଠାରେ ମୃତଦେହ ରଖି ଧାରଣା ଦେବା ସହ ବାଙ୍କୀ-ଖୋର୍ଦ୍ଧାରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଗାଡିମୋଟର ଯାତାୟାତ ଠପ୍ ହୋଇ ଯାଇଥିଲା। ରାତିରେ ପ୍ରଶାସନ ପକ୍ଷରୁ ବାଙ୍କୀ ତହସିଲଦାର, ଉପଖଣ୍ଡ ପୋଲିସ ଅଧିକାରୀ ଓ ଥାନା ଅଧିକାରୀ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇ ପାରି ନ ଥିଲା। ଫଳରେ ସକାଳୁ ହରିହରଭେଟ ଛକଠାରେ ପୁଣି କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରାଯାଇଥିଲା। ଦୀର୍ଘ ୨୧ଘଣ୍ଟାଧରି ଦୀନବନ୍ଧୁଙ୍କ ମୃତଦେହ ପଡିରହିବା ପରେ ବାଙ୍କୀ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ, ତହସିଲଦାର ପଦ୍ମଚରଣ ସାହୁ, ଉପଖଣ୍ଡ ପୋଲିସ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ବାଙ୍କୀ ଥାନା ଅଧିକାରୀ ସମୀର କୁମାର ପଣ୍ଡା ଅପରାହ୍ନ ୨ଟାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ସହାୟତା ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବାଙ୍କୀ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବାଙ୍କୀ ଥାନାରେ ଏକ ମାମଲା (ନଂ-୨୫୭/୧୮) ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ହାଇୱା ଚାଳକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

### ଜପକୁଦରେ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ସାଲେପୁର,୨୫।୯(ଡି.ଏନ.ଏ.)**

ସାଲେପୁର ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ଜପକୁଦ ମହିଳା କଲେଜଠାରେ ମଙ୍ଗଳବାର ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜୁ ଯୁବବାହିନୀ ସଭାପତି ବିଶ୍ୱଜିତ୍ ଚାଟାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲାପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଜିଲାପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, କଲେଜ ଅଧ୍ୟକ୍ଷା ନବଘନ ନନ୍ଦ, ବ୍ଲକ୍ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି ଓ ବ୍ଲକ୍ ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଁ ହିରୋ, ମୁଁ ଓଡ଼ିଶା ରଥକୁ ବିଜୁ ଯୁବବାହିନୀ ସଭାପତି ଚାଟାର୍ଜୀ ସ୍ୱାଗତ କରିଥିଲେ। କ୍ରୀଡ଼ା, ଶିକ୍ଷା ଓ ସମାଜସେବା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୫ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଲେପୁର ବ୍ଲକ୍ ବିଜୁ ଯୁବବାହିନୀ ସଂଯୋଜିକା ସର୍ମିଷ୍ଠା ଦାସ ସଂଯୋଜନା କରିଥିବା ବେଳେ ପ୍ରୋଗ୍ରାମ୍ ଅଧିକାରୀ ଭାବେ ସରୋଜ ସ୍ୱାଇଁ ଉପସ୍ଥିତ ରହି ପରିଚାଳନା କରିଥିଲେ। ଯୁବବାହିନୀର ବିଭିନ୍ନ ପଞ୍ଚାୟତ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ସାମିଲ୍ ହୋଇଥିଲେ।

# ଭାଗବତ ଜନ୍ମ ଉପଲକ୍ଷେ ଆଠଗଡ଼ ଉତ୍ସବ ମୁଖର

**ଆଠଗଡ଼,୨୫।୯(ସ୍ୱ.ପ୍ର.)**

ମଙ୍ଗଳବାର ଶ୍ରୀମଦ୍ ଭାଗବତ ଜନ୍ମଦିନ ଉପଲକ୍ଷେ ଆଠଗଡ଼ ପୁରପଲ୍ଲି ଉତ୍ସବ ମୁଖର ହୋଇଛି। ବିଭିନ୍ନ ଗ୍ରାମରେ ଭାଗବତ ପାରାୟଣ, ସଂକୀର୍ତ୍ତନ, ଭଜନ, କୀର୍ତ୍ତନ, ମେଳା, ମହୋତ୍ସବ ଓ ସାମୂହିକ ପଂକ୍ତି ଭୋଜନ ଅନୁଷ୍ଠିତ ହୋଇଛି। ସକାଳୁ ଗ୍ରାମ ମାନଙ୍କରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହେବା ସହ ଶ୍ରୀମଦ୍ଭାଗବତ ପୂଜାର୍ଚ୍ଚନା କରାଯାଇଥିଲା। ଆଠଗଡ ସହର, ନିକଟ ଗ୍ରାମ ଓ ମଠ ଭାଗବତ ଟୁଙ୍ଗିରେ ଏହି ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ଆଠଗଡ ଜଗନ୍ନାଥ ଭାଗବତ ମହାମଣ୍ଡଳ ଆନୁକୂଲ୍ୟରେ ରାଧାଗୋବିନ୍ଦପୁରସ୍ଥିତ ଅଭିରାମ ପରମହଂସ ପୀଠସ୍ଥଳରେ ଭାଗବତ ସଂକୀର୍ତ୍ତନ ମେଳା ଅନୁଷ୍ଠିତ ହୋଇଛି। ମେଳାରେ ରାଧାମାଧବପୁର, ଗୋବିନ୍ଦପୁର, ରାଧାଗୋବିନ୍ଦପୁର ଓ ରାଉତରାପୁର ଚାରିମଣ୍ଡଳ ତରଫରୁ ନାମ ଭଜନ ଓ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ଭାଗବତ ମହାମଣ୍ଡଳ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ବ୍ରହ୍ମଙ୍କ ଅଧ୍ୟକ୍ଷତାରେ ଉପସଭାପତି ଧୋବିରାଉତ, କୋଷାଧ୍ୟକ୍ଷ ବିଚିତ୍ରାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ଆଠଗଡ଼ ବ୍ଲକର ସମସରପୁରସ୍ଥିତ ଗୁରୁଣ୍ଡିଗୋପାଳ ମନ୍ଦିର, ନଡୁଆପଡାସ୍ଥିତ ଗୌରହରୀ ଆଶ୍ରମ, ରାଧାପତିପୁରସ୍ଥିତ ଶିଳଧାମ ଆଶ୍ରମ, ଆଠଗଡ ରାସରସିକପୁରସ୍ଥିତ ରାଧାରସିକ ଦେବ ମଠ, କୃଷ୍ଣରସିକ ମଠ, ପୁରୁଣା ରାଜବାଟୀସ୍ଥିତ ରାଧାଗୋବିନ୍ଦ ଜୀଉ ମନ୍ଦିର ଓ କନ୍ଦୋଲସ୍ଥିତ ଭାଗବତ ସାହି ଭାଗବତ ଟୁଙ୍ଗି ଆଦିରେ ଭାଗବତ ଜନ୍ମ ପାଳିତ ହୋଇଛି।

# ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ

**ସାଲେପୁର,୨୫।୯(ଡି.ଏନ୍.ଏ)**

ସାଲେପୁର ଫାର୍ମାସୀ କଲେଜ ପକ୍ଷରୁ ଅଲ୍ ଓଡ଼ିଶା ବିପିୟୁଟି ଫାର୍ମାସୀ ଛାତ୍ରସଂଘ ସଭାପତି ଅବଦୁଲ୍ ୱାହିଦ୍ ଖାନ୍ଙ୍କ ନେତୃତ୍ୱରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଲେପୁର ଫାର୍ମାସୀ କଲେଜଠାରୁ ଏକ ଶୋଭାଯାତ୍ରା ବାହାରି ସାଲେପୁର ବଜାର ପରିକ୍ରମା କରିଥିଲା। ଏଥିରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳନ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ପରେ କଲେଜ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଫାର୍ମାସିଷ୍ଟ ଇଓର୍ ମେଡିସିନ୍ସ ଏକ୍ସପର୍ଟ୍ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରକୁ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ୟୁ.ଏଲ୍. ନାରାୟଣନ୍ ଉଦ୍ଘାଟନ କରିଥିଲେ।

# ସାଲେପୁର କଲେଜରେ ସ୍ୱଚ୍ଛତା ଶିବିର

**ସାଲେପୁର,୨୫।୯(ଡି.ଏନ.ଏ.)**

ସାଲେପୁର କଲେଜ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ସ୍ୱଚ୍ଛତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହାକୁ କଲେଜ ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ମହାନ୍ତି ଉଦ୍ଘାଟନ କରିଥିଲେ। ଶିବିର ସଂଯୋଜିକା ଅଧ୍ୟାପିକା ଜୟନ୍ତୀବାଳା ପରିଜା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରି କଲେଜ ପରିସର, ଲକ୍ଷ୍ମୀନାରାୟଣ ମନ୍ଦିର ଓ ଲାଇବ୍ରେରି ପରିସର ଆଦି ସଫେଇ କରିଥିଲେ। ଏହାପରେ ଅଧ୍ୟକ୍ଷ ମହାନ୍ତିଙ୍କ ପୌରୋହିତ୍ୟରେ କଲେଜ ଅଡିଟୋରିୟମ୍ ହଲ୍ଠାରେ ସ୍ୱଚ୍ଛତା ଶିବିର ସମ୍ପର୍କରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଧ୍ୟାପିକା ଡ. ସଙ୍ଗୀତା ମିଶ୍ର, ଡ. ସୁଶାନ୍ତ ନାୟକ, ଡ. ପ୍ରସନ୍ନ ମହାପାତ୍ର, ଡ. ଦେବେନ୍ଦ୍ର ପତ୍ରୀ, ମଞ୍ଜୁ ଦାସ ଓ ଜୀବନଜ୍ୟୋତି ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ଆମ କର୍ତ୍ତବ୍ୟ ବୋଲି ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା 'ସ୍ୱଚ୍ଛ ଭାରତ' ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟାଳୟ ସହକାରୀ ହରପ୍ରିୟା ସିଂ ସହାୟତା କରିଥିବା ବେଳେ ମେଜର୍ ପ୍ରଭାସିନୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।




ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

## ଦେବୀ ଭଟ୍ଟାରିକାଙ୍କ ଶାରଦୀୟ ପୂଜା ପ୍ରସ୍ତୁତି ବୈଠକ

# ମହାଷ୍ଟମୀ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସୁନାବେଶ

**ବଡ଼ମ୍ବା,୨୫।୯(ଡି.ଏନ.ଏ.)**

ବଡ଼ମ୍ବା ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ଶାରଦୀୟ ପୂଜା ଓ ୧୯ତମ ଭଟ୍ଟାରିକା ମହୋତ୍ସବ ନିମନ୍ତେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭଟ୍ଟାରିକା ପାନ୍ଥନିବାସରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଦେବୋତ୍ତର ଅଧିକାରୀ ତଥା ତହସିଲଦାର ଅନିଲ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ବୈଠକରେ ମା'ଙ୍କ ୧୬ଦିନ ପୂଜା ଅବସରରେ ଦୈନନ୍ଦିନ ଦେବନୀତି, ପୀଠ ସୌନ୍ଦର୍ଯ୍ୟକରଣ, ସଡ଼କ ମରାମତି, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ଶୃଙ୍ଖଳା ରକ୍ଷା, ସୁରକ୍ଷା ବ୍ୟବସ୍ଥା ଓ ସାମୟିକ ସ୍ୱାସ୍ଥ୍ୟ ଶିବିର ସମେତ ଅନ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ଏସବୁ ଦିଗରେ ଯାତ୍ରା ପୂର୍ବରୁ ବିହିତ ପଦକ୍ଷେପ ନେବାକୁ ମୁଖ୍ୟ ଅତିଥି ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଡିଓ ସଦାନନ୍ଦ ସେଠୀ, ବ୍ଲକ ଅଧ୍ୟକ୍ଷା ଅନସୂୟା ନାଏକ, ସ୍ୱାସ୍ଥ୍ୟ ଅଧିକାରୀ ଡା. ସଂକଳ୍ପ କେଶରୀ



ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟମନେ।

ଭୋଳ, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ସେଠୀ, ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମିଶ୍ର, ଆଠଗଡ଼ ଏସଡିପିଓ ପ୍ରକାଶଚନ୍ଦ୍ର ପାଲ, ଥାନା ଆଇଆଇସି ସସ୍ମିତା ରଣା ଓ ସରପଞ୍ଚ ବାସନ୍ତୀ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଦେବୀଙ୍କ ପୂଜା ଅକ୍ଟୋବର ୨ ମୂଳାଷ୍ଟମୀ ତିଥିରୁ ଆରମ୍ଭ ହୋଇ ୧୭ ତାରିଖ ମହାନବମୀ ପର୍ଯ୍ୟନ୍ତ ପାଳନ ହେବ। ୧୬ରେ ପୀଠରେ ମହାଷ୍ଟମୀ ପାଳନ କରାଯିବାସହ ଠାକୁରାଣୀଙ୍କ ବାର୍ଷିକୋତ୍ସବ ଏବଂ ସନ୍ଧ୍ୟାରେ ମନ୍ଦିର ନିକଟ ନାଟ ମଣ୍ଡପରେ ସଂସ୍କୃତି ବିଭାଗ ସହଯୋଗରେ ବାର୍ଷିକ ଭଟ୍ଟାରିକା ମହୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ମରଣିକା ଉନ୍ମୋଚନ ଓ ଆତସବାଜି ଫୁଟାଯିବା କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ୧୬ ତାରିଖ ମହାଷ୍ଟମୀ ପର୍ଯ୍ୟନ୍ତ ମା'ଙ୍କ ପ୍ରତ୍ୟହ ସ୍ୱତନ୍ତ୍ର ସୁନାବେଶ କରାଯିବ। ଏଥି ନିମନ୍ତେ ପୋଲିସ ପକ୍ଷରୁ ମନ୍ଦିରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ଯାତ୍ରା ସମୟରେ ହଜାରହଜାର ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ଉପଦେଷ୍ଟା ଦୁର୍ଗାମାଧବ ରଥ, ରବୀନ୍ଦ୍ର କୁମାର ସାହୁ, ସରୋଜ ପଟ୍ଟନାୟକ, ଦୀପକ କୁମାର ସାହୁ, ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ମନୋରଞ୍ଜନ ମହାନ୍ତି, ଭଟ୍ଟାରିକା ଉନ୍ନୟନ ପରିଷଦ ସଭାପତି ଭ୍ରମରବର ନାୟକ, ସମ୍ପାଦକ ସନାତନ ବେହେରା, ମନ୍ଦିର ସେବାୟତ କମିଟି ସଭାପତି ହରି ରଣା ଓ ଦେବୋତ୍ତର ସୁପରଭାଇଜର ବିପିନି ବିହାରୀ ପୂର୍ବରାଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୬ ସେପ୍ଟେମ୍ବର, ୨୦୧୮



ମୋ ନିଜ ପରିବାରକୁ ଯଦି ମୁଁ ସଜାଡି ଦେବି, ତେବେ ଗୋଟିଏ ରାଜ୍ୟ ସଜାଡିବାର ପରାମର୍ଶ ବା ଦାୟିତ୍ୱ ନିଶ୍ଚୟ ଅନ୍ୟକୁ ଦେଇପାରିବି ।
-ଫ୍ରାନ୍‌ସିସ୍ ବାକନ୍



## ସଂକ୍ଷେପରେ

### ମାଙ୍କଡ଼ ଉପଦ୍ରବ: ୨ ଆହତ

**ନିଆଳି, ୨୫।୯ (ଡି.ଏନ.ଏ.):** ନିଆଳି ଥାନା ଅନ୍ତର୍ଗତ ମାଧବକୂଳ ଓ କୂଳ ପିତାପଡା ଗ୍ରାମରେ ଗତ ୧ ସପ୍ତାହ ହେବ ମାଙ୍କଡ଼ ଉପଦ୍ରବ ଦେଖିବାକୁ ମିଳିଛି। ଏହାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ମାଙ୍କଡ କାମୁଡାରେ ଜଣେ ଛାତ୍ରୀ ଓ ଜଣେ ବୃଦ୍ଧ ଆହତ ହୋଇଛନ୍ତି। ଚିକିତ୍ସାଲାଗି ସେମାନଙ୍କୁ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉକ୍ତ ମାଙ୍କଡକୁ ଧରିବା ପାଇଁ ସ୍ଥାନୀୟ ଲୋକେ ବନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ଫଳରେ ସୋମବାର ୨ଜଣ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମାଙ୍କଡ଼ର ଗତିବିଧି ଉପରେ ନଜର କରିଥିଲେ ମଧ କାବୁ କରିବାରେ ବିଫଳ ହୋଇଥିଲେ। ଏ ସମ୍ପର୍କରେ ବନବିଭାଗ ଅଧିକାରୀ ପି.କେ. ମିଶ୍ରଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ମୁଁ ଅବଗତ ଅଛି। ଘଟଣାସ୍ଥଳକୁ ବନ କର୍ମଚାରୀଙ୍କୁ ପଠାଯାଇଛି। ଉକ୍ତ ମାଙ୍କଡକୁ ଖୁବ୍‌ଶୀଘ୍ର ଧରିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ।

### ପରିବେଶ ସଚେତନତା କାର୍ଯ୍ୟକ୍ରମ

**କଟକ ଅଫିସ, ୨୫।୯:** ପଦ୍ମଶ୍ରୀ ଯୋଗ ସ୍ପୋର୍ଟ୍ସ ସଙ୍ଗଠନ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ 'ସବୁଜ ସଂଗ୍ରାମ' ନାମରେ ଏକ ପଲିଥିନମୁକ୍ତ ସଚେତନ କାର୍ଯ୍ୟକ୍ରମ ବାଖରାବାଦସ୍ଥିତ ଗାନ୍ଧୀଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜଷ୍ଟିସ ଏ.ଏସ୍. ନାଇଡୁ ଉଦ୍‌ଘାଟନ କରିଥିଲେ। ସ୍ତମ୍ଭକାର ଅରୁଣ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ଦେ, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର କୁମାର ସାହୁ, ସମ୍ପାଦକ ଭିକାରୀ ଚରଣ ଦାସ, ସାମାଜିକ କର୍ମୀ ପ୍ରହଲ୍ଲାଦ ଖଣ୍ଡେଲୱାଲ, ହାଇକୋର୍ଟ ବାର୍‌ର ପୂର୍ବତନ ସମ୍ପାଦକ ବିଜୟ କୁମାର ରଗଡ଼ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଡ. ନିରଞ୍ଜନ ତ୍ରିପାଠୀ ପଲିଥିନ ବ୍ୟବହାରର ଭୟାବହତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକର ବିଭିନ୍ନ ସ୍କୁଲର ପିଲାମାନଙ୍କ ଦ୍ୱାରା ପଲିଥିନମୁକ୍ତ ଚିତ୍ରାଙ୍କନ ପ୍ରଦର୍ଶନୀ ହୋଇଥିଲା। ସେଥିରେ ଶ୍ରୀଭାରତୀ ସ୍କୁଲ ଚାନ୍ଦିନୀଚୌକର ମଙ୍ଗଳଦୀପ ଦାସ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲୁବଜାରର ଓମ୍ ଆତ୍ମନ ଜ୍ୟୋତି ଦ୍ୱିତୀୟ, ବାପୁଜୀ ଶିକ୍ଷା ନିକେତନର ଶ୍ରୀୟା ପ୍ରତ୍ୟୁଷା ତୃତୀୟ ସ୍ଥାନ ଅଧିକାର କରିଥିଲେ।

### ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ସ୍ୱନକ୍ଷତ୍ର ଉତ୍ସବ

**ଚୌଦ୍ୱାର, ୨୫।୯(ଡି.ଏନ.ଏ.):** ଚୌଦ୍ୱାର ପୌରପାଳିକା ଅଧୀନ କପାଳେଶ୍ୱରସ୍ଥିତ ଦିବ୍ୟ ଜୀବନ ସଂଘ ଆଶ୍ରମରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ସ୍ୱନକ୍ଷତ୍ର ଉତ୍ସବ ସଂଘ ସଭାପତି କେଦାର ନାଥ ଷଡଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ପ୍ରଭାତଫେରି, ଦିବ୍ୟଧ୍ୱଜା ଉତ୍ତୋଳନ, ନିତ୍ୟପୂଜା, ଭଜନକୀର୍ତ୍ତନ ଆଦି କରାଯାଇଥିଲା। ଏଥିରେ ବୀରେନ୍ଦ୍ର କିଶୋର ପଣ୍ଡା ଯୋଗଦେଇ ସ୍ୱାମୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ମିଶ୍ର, ବାଳକୃଷ୍ଣ ମହାନ୍ତି, ସୁକାନ୍ତ ମହାନ୍ତି, ବିଭୁ ପ୍ରସାଦ ରଥ, ଦୁର୍ଯ୍ୟୋଧନ ରାଉତ, ଶରତ କୁମାର ଖୁଣ୍ଟିଆ, ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜୟକୃଷ୍ଣ ପରିଡା, ଧରଣୀଧର ବାରିକ, ବିପ୍ର ଚରଣ ନାୟକ ,ଅଚ୍ୟୁତାନନ୍ଦ ପରିଡା ଓ ରବୀନ୍ଦ୍ର ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଏନ୍‌ବିଡବ୍ଲ୍ୟୁ ବଳରେ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୫।୯:** ମଙ୍ଗଳବାର ବାଦାମବାଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଦାମବାଡି ଥାନା ଅନ୍ତର୍ଗତ ରାଜାବଗିଚା ସୁଇପର କଲୋନୀ ଅଞ୍ଚଳର ରହିଲି ନାୟକ(୩୫)। ତାଙ୍କ ନାମରେ ବାଦାମବାଡି ଥାନାରେ ବହୁ ଆପରାଧିକ ମାମଲା ରହିଥିବା ପୋଲିସ ରହିଛି। ତେବେ ଏହି ସବୁ ମାମଲାର ବିଚାର ଚାଲିଥିବାବେଳେ ରହିଲିଙ୍କୁ କୋର୍ଟରେ ହାଜର ହେବାକୁ ନୋଟିସ୍ ଜାରି ହୋଇଥିଲା। ହେଲେ ସେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ତାଙ୍କ ବିରୋଧରେ ଜାମିନ୍ ବିହିନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିବା ସହ ତାଙ୍କୁ ଗିରଫ କରିବା ପାଇଁ ବାଦାମବାଡି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେପୋଲିସ ରାଜାବଗିଚା ଅଞ୍ଚଳରେ ଚଢାଉ କରି ରହିଲିଙ୍କୁ ଗିରଫ କରିଥିଲା।

# ପୂଜାରେ ଦୁଃଖ ଦେବ ଜାଇକା

**କଟକ ଅଫିସ,୨୫।୯**

ପୂଜାକୁ ମାସକରୁ ମଧ କମ୍ ସମୟ ବାକି ରହିଛି। ହେଲେ ଜାଇକା କାମ ସରିଥିବା ବିଡାନାସୀ, ବାଦାମବାଡି, କଲେଜଛକ, ମଙ୍ଗଳାମନ୍ଦିର ଭଳି ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନର କିଛି ରାସ୍ତାରେ ଏବେ ବି ମାଟି ଧସିବା ଯୋଗୁ ଦୁର୍ଘଟଣା ଘଟୁଛି। ବୁଧବାର ସିଏମ୍‌ସିର ସ୍ୱତନ୍ତ୍ର ବୈଠକ ବସିବ। ଏହି ସମସ୍ୟାକୁ ଅଧିକାଂଶ କର୍ପୋରେଟର ପ୍ରସଙ୍ଗ କରିବେ ବୋଲି ଜଣାପଡିଛି।

ମିଳିଥିବା ସୂଚନା ମୁତାବକ, ଜାଇକା ଦ୍ୱାରା ନିୟୋଜିତ ଠିକାଦାରମାନେ ଭାଇବ୍ରେଟର ମେଶିନ ଦ୍ୱାରା ରାସ୍ତାରେ ୪ ଫୁଟରୁ ୨୦ ଫୁଟ ମଧରେ ଖୋଳି କାମ କରନ୍ତି। କାମ ସରିବା ପରେ ଏହାକୁ ଭଲଭାବେ ମରାମତି କରି ରାସ୍ତାକୁ ପୁଣି ଯାତାୟାତ ଉପଯୋଗୀ କରିବା ଆବଶ୍ୟକ। ହେଲେ ଜାଇକା କାମ ସରିଥିବା ଅଧିକାଂଶ ସ୍ଥାନରେ ଏବେ ରାସ୍ତାରୁ ମାଟି ଧସି ବିପଦପୂର୍ଣ୍ଣ ମ୍ୟାନ୍‌ହୋଲ ସୃଷ୍ଟି ହେଉଛି। ଫଳରେ ଜାଇକା ଦ୍ୱାରା ନିୟୋଜିତ ଠିକାଦାରଙ୍କ ଅବହେଳା ସାମ୍ନାକୁ ଆସିଛି। ଉଦାହରଣ ସ୍ୱରୂପ, ସୋମବାର ୫୨ନଂ. ୱାର୍ଡ ମଙ୍ଗଳାମନ୍ଦିର ନିକଟରେ ଜାଇକା କାମ ସରିଥିବା ସ୍ଥାନରେ ମାଟି ଧସିଯିବାରୁ ଜଣେ ସ୍କୁଲ ଛାତ୍ରଙ୍କ ଦୁର୍ଘଟଣା ଘଟିଥିଲା, ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଘଟଣାସ୍ଥଳକୁ ସ୍ଥାନୀୟ କର୍ପୋରେଟର ଆସି ଜାଇକା କାମ କରୁଥିବା ଠିକାଦାର ସଂସ୍ଥାକୁ ଦୋଷ ଦେଇ ଚାଲିଯାଇଥିଲେ। ଏବେ ପ୍ରଶ୍ନ ଉଠୁଛି ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିବା ରାସ୍ତାକୁ ଯଦି ଠିକାଦାର ଖୋଳି କାମ କଲା ପରେ ମରାମତି ନ କରି ଛାଡିଦେଇ ଯାଉଛନ୍ତି, ତେବେ ଏଥିପାଇଁ ଦାୟୀ କିଏ ରହିବ।

**ଏକାଧିକ ସ୍ଥାନରେ ଧସୁଛି ରାସ୍ତା**



ସିଏମ୍‌ସି ୫୨ନଂ. ୱାର୍ଡ ମଙ୍ଗଳା ମନ୍ଦିର ନିକଟରେ ରାସ୍ତା ଧସେଇ ଯାଇଛି।

ଆଗକୁ ପୂଜାରେ କଟକ ସହରରେ ଆହୁରି ଜନଗହଳି ବଢିବ। ତେଣୁ ଏଭଳି ପରିସ୍ଥିତିରେ ଯଦି ଜାଇକା ଦ୍ୱାରା ପୂର୍ବରୁ କାମ ସରିଥିବା କୌଣସି ରାସ୍ତାରୁ ମାଟି ଧସିଯାଏ, ତେବେ ଅଘଟଣ ସାଙ୍ଗକୁ ଅଯଥା ଟ୍ରାଫିକ ସମସ୍ୟା ଉପୁଜିବ। ସ୍ୱେରେଜ ବୋର୍ଡର ଜଣେ ଅଧିକାରୀଙ୍କ କହିବା କଥା ହେଉଛି, ଜାଇକା ଦ୍ୱାରା ନିୟୋଜିତ ଠିକାଦାରି ସଂସ୍ଥାକୁ ଆମର ନିର୍ଦ୍ଦେଶ ରହିଛି କି କାମ ସରିବା ପରେ ସେହି ରାସ୍ତାକୁ ଭଲଭାବେ ମରାମତି କରିବେ। ହେଲେ ଜାଇକା କାମ ସାରିଥିବା କିଛି ସ୍ଥାନରେ ପରବର୍ତ୍ତୀ ସମୟରେ ମାଟି ଧସୁଛି। ଏଭଳି ଘଟଣା ଆମ ନଜରକୁ ଆସିଲେ ଆମେ ତାଙ୍କୁ ତୁରନ୍ତ ମରାମତି କରିବାକୁ କହୁଛୁ ବୋଲି ଅଧିକାରୀ ଜଣକ କହିଛନ୍ତି। ଦୁର୍ଗାପୂଜା ପୂର୍ବରୁ ସିଏମ୍‌ସି ଏହିଭଳି ଅନେକ ସମସ୍ୟା ବିଷୟରେ ଆଲୋଚନା କରିବା ପାଇଁ ଜାଇକା କର୍ତ୍ତୃପକ୍ଷଙ୍କୁ ସ୍ୱତନ୍ତ୍ର ବୈଠକରେ ଯୋଗଦେବାକୁ ଚିଠି କରିଥିଲେ ସୁଦ୍ଧା କର୍ତ୍ତୃପକ୍ଷ ଯୋଗଦେଇ ନ ଥିଲେ। ତେଣୁ ଯଦି ଆଗକୁ ପୂଜାରେ ଜାଇକାର ବେପରୁଆ କାର୍ଯ୍ୟ ହୋଇଥିବା ରାସ୍ତାରେ କିଛି ଅଘଟଣ ଘଟେ, ତେବେ ଏହା ସହରବାସୀଙ୍କ ପାଇଁ ଦୁଃଖ ଆଣିଦେବ। ଏ ନେଇ ସିଏମ୍‌ସି କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ କହିଛନ୍ତି, ସହରରେ ଜାଇକା ଅଧୀନରେ କାମ କରୁଥିବା ଠିକାଦାରୀ ସଂସ୍ଥାର ଅବହେଳା ପାଇଁ ସହରବାସୀ କିଭଳି ସମସ୍ୟା ନ ଭୋଗିବେ ସେ ନେଇ ଜାଇକାକୁ ତାଗିଦ କରାଯିବ।

ସୂଚନାଯୋଗ୍ୟ, ଗତବର୍ଷ ଜାଇକା ଦ୍ୱାରା ନିୟୋଜିତ ଠିକାଦାରଙ୍କ ବେପରୁଆ କାର୍ଯ୍ୟ ଯୋଗୁ ଜଣେ ୭ ବର୍ଷର ଛାତ୍ରଙ୍କର ମୃତ୍ୟୁ ଘଟିଥିଲା। ଏଭଳି ଅଘଟଣ ସମୟରେ ଜାଇକା କହୁଛି, ଆହତ କିମ୍ବା ମୃତକଙ୍କ ପରିବାରକୁ କାମ ନେଇଥିବା ଠିକାଦାର କ୍ଷତିପୂରଣ ଦେବ। ଅନ୍ୟପଟେ ଠିକାଦାର କହୁଛନ୍ତି, ସରକାରଙ୍କଠାରୁ ମୂଳ କାମ ଜାଇକା ନେଇଥିବାରୁ କ୍ଷତିପୂରଣ ଜାଇକା ଦେବ।

## ଆଇନଜୀବୀଙ୍କୁ ମାଡ଼ ଘଟଣା: ୨ ଗିରଫ

■ ସରକାରୀ ଅଫିସରେ ତାଲା ପକାଇଲେ

**କଟକ ଅଫିସ, ୨୫।୯**

ମାଡ଼ ଘଟଣାକୁ ନେଇ କଟକରେ ଆଇନଜୀବୀ ଓ ପୋଲିସ ମଧ୍ୟରେ ଉପୁଜିଥିବା ବିବାଦ ତେଜୁଥିବାବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ୨ଜଣଙ୍କୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀଙ୍କଠାରୁ ଜଣାପଡିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନାରେ କାର୍ଯ୍ୟରତ ହୋମ୍‌ଗାର୍ଡ ଦିଲୀପ ସିଂ ଓ ଆଇନଜୀବୀଙ୍କ ଗାଡି ସହ ଧକ୍କା ହୋଇଥିବା ବାଇକ୍ ଚାଳକଙ୍କ ଅଭିଭାବକ କିଶୋର ଜେନା। ଏହି ଘଟଣାରେ ପୂର୍ବରୁ ଦୁଇଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା। ମାତ୍ର ଗିରଫ ଦାବିରେ ଆଇନଜୀବୀମାନେ ଆନ୍ଦୋଳନ ଚଳାଇଛନ୍ତି। ଏଥିସହ ଡିସିପି ଓ ଥାନାଧିକାରୀଙ୍କୁ ଗିରଫ କରିବାକୁ ଦାବି କରି ଆସୁଛନ୍ତି। ଏପରିସ୍ଥଳେ ମଙ୍ଗଳବାର ଆଇନଜୀବୀମାନେ ହାଇକୋର୍ଟ ସନ୍ନିକଟ ଅଞ୍ଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଆଇନଜୀବୀମାନେ ଏକ ପଟୁଆରରେ ଆସି ହାଇକୋର୍ଟ ନିକଟରେ ଥିବା ଜିଲାପାଳଙ୍କ କାର୍ଯ୍ୟାଳୟ, ବୋର୍ଡ ଅଫ୍ ରେଭିନ୍ୟୁ, ଆର୍‌ଟିଓ ଅଫିସ, ଆର୍‌ଡିସି ଅଫିସ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ସହିତ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। କୌଣସି କର୍ମଚାରୀଙ୍କୁ ଅଫିସ ଭିତରୁ ବାହାରକୁ କିମ୍ବା ଅଫିସ ବାହାରୁ ଭିତରକୁ ଛଡ଼ାଯାଇ ନ ଥିଲା। ଫଳରେ ଉପରୋକ୍ତ ଅଫିସଗୁଡ଼ିକ ଦିନତମାମ ବନ୍ଦ ହୋଇଯାଇଥିଲା। ହାଇକୋର୍ଟବାର୍‌ସଭାପତିଶ୍ରୀକାନ୍ତ ନାୟକ, ସମ୍ପାଦକ ସତ୍ୟବ୍ରତ ମହାନ୍ତିଙ୍କ ନେତୃତ୍ୱରେ ସଂଘବଦ୍ଧ ଆଇନଜୀବୀମାନେ ସରକାର ଓ ପୋଲିସ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେବା ସହିତ ପୋଲିସ କମିଶନର ଓ କଟକ ଡିସିପିଙ୍କ ଇସ୍ତଫା ଦାବି କରିଥିଲେ।



ଆଇନଜୀବୀମାନେ କଚେରୀ ରୋଡ୍‌କୁ ସିଲ୍ କରି ଆନ୍ଦୋଳନ କରୁଛନ୍ତି।

## ସାଙ୍ଗଙ୍କୁ ସାହାଯ୍ୟ କରି ଫସିଲେ ସାଙ୍ଗ

■ଗିରଫ କରିବାକୁ ଖୋଜୁଛି ପୋଲିସ

**କଟକ ଅଫିସ,୨୫।୯**

ଅସୁବିଧାରେ ପଡ଼ିଥିବା ଜଣେ ସାଙ୍ଗଙ୍କୁ ସାହାଯ୍ୟ କରିବାକୁ ଯାଇ ଜଣେ ଯୁବକ ଶେଷରେ ଫସି ଯାଇଛନ୍ତି। ତାଙ୍କୁ ଗିରଫ ପାଇଁ ପୋଲିସ ଖୋଜୁଥିବାବେଳେ ସେ ଏବେ ଥାନାର ଦ୍ୱାରସ୍ଥ ହୋଇ ସବୁକଥା କହିଛନ୍ତି। ସୂଚନାନୁସାରେ, କଟକ ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୭ ଅଞ୍ଚଳରେ ରହୁଥିବା ଜଣେ ଯୁବକଙ୍କ ସହ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏମ୍‌ପି ଅଞ୍ଚଳରେ ରହୁଥିବା ଅସିତ୍ ଚକ୍ରବର୍ତ୍ତୀ(୩୦)ଙ୍କର ବହୁ ଦିନର ବନ୍ଧୁତା। ଦୁହେଁ ସ୍କୁଲବେଳୁ ସାଙ୍ଗ ଥିଲେ। ଗତ ମାର୍ଚ୍ଚ ମାସରେ ସାଙ୍ଗ ଜଣକ କିସ୍ତିରେ ଏକ ସ୍କୁଟି କିଣିବା ପାଇଁ ସହାୟତା ମାଗିଥିଲେ। ନିଜର ବ୍ୟାଙ୍କ୍ ଆକାଉଣ୍ଟ୍ ନ ଥିବାରୁ ଅସିତ୍‌ଙ୍କ ନାଁରେ ଗାଡି କିଣିବାକୁ କହିଥିଲେ। କିସ୍ତି ବାବଦ ଟଙ୍କା ସେ ଅସିତଙ୍କ ଆକାଉଣ୍ଟ୍‌ରେ ଜମା କରିଦେବେ ବୋଲି କଥା ଦେଇଥିଲେ। ଏହାକୁ ବିଶ୍ୱାସ କରି ଅସିତ୍ ନିଜ ବ୍ୟାଙ୍କ୍ ଆକାଉଣ୍ଟ୍ କାଗଜପତ୍ର ଦେଇ ସାଙ୍ଗଙ୍କୁ କ୍ୟାଣ୍ଟନମେଣ୍ଟ୍ ରୋଡ୍‌ସ୍ଥିତ ଏକ ଶୋରୁମ୍‌ରୁ ସ୍କୁଟି କିଣାଇ ଦେଇଥିଲେ। ହେଲେ ସାଙ୍ଗ ଜଣକ ୨୧ହଜାର ଟଙ୍କା ଦେଇ ସ୍କୁଟି କିଣିସାରିବା ପରେ ଆଉ କିସ୍ତି ଶୁଝି ନ ଥିଲେ। ଅସିତ୍‌ଙ୍କ ନାଁରେ ସ୍କୁଟି କିଣାଯାଇଥବାରୁ ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ତାଙ୍କ ଘରେ ପହଞ୍ଚି କିସ୍ତି ଟଙ୍କା ଦେବାକୁ କହିଥିଲେ। ଅସିତ୍ ତାଙ୍କ ସାଙ୍ଗଙ୍କୁ ଯୋଗାଯୋଗ କରିବାରୁ ସେ ଆଉ ସହଯୋଗ କରି ନ ଥିଲେ। ଏପଟେ ଅସିତ୍‌ଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ମଧ କିସ୍ତି ଟଙ୍କା ଶୁଝି ପାରି ନ ଥିଲେ। ୫ ମାସର କିସ୍ତି ଟଙ୍କା ବାକିଥିବାବେଳେ ଫାଇନାନ୍ସ କମ୍ପାନୀର ଅଭିଯୋଗକ୍ରମେ ଗତ ଶନିବାର ପୋଲିସ ଅସିତ୍‌ଙ୍କ ଘରକୁ ଯାଇ ପଚରାଉଚରା କରିଥିଲା। ଅସିତ୍‌ଙ୍କୁ ଗିରଫ କରିବା ପାଇଁ ପୋଲିସ ଖୋଜୁଥିବା ବେଳେ ସେ ଏନେଇ ମଙ୍ଗଳବାର ମର୍କତନଗର ଥାନାରେ ଅଭିଯୋଗ କରିଛନ୍ତି।

## ଓଡ଼ିଶା ଢାଞ୍ଚାରେ ଆଇଟିଆଇର ଆଧୁନିକୀକରଣ କରିବ ଆନ୍ଧ୍ର

■ ଦକ୍ଷତା ସଂଗ୍ରହାଳୟ ବୁଲି ଦେଖିଲେ ଆନ୍ଧ୍ରପ୍ରଦେଶ ଶ୍ରମମନ୍ତ୍ରୀ

**କଟକ ଅଫିସ,୨୫।୯**

ଆନ୍ଧ୍ରପ୍ରଦେଶର ଶ୍ରମମନ୍ତ୍ରୀ ତଥା ଟିଡିପି ନେତା ପିଠାନୀ ସତ୍ୟନାରାୟଣ ମଙ୍ଗଳବାର ଅପରାହ୍ନରେ କଟକ ଖପୁରିଆସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ଓ ଏହା ପରିସରରେ ଥିବା ଦେଶର ପ୍ରଥମ ଦକ୍ଷତା ସଂଗ୍ରହାଳୟ ପରିଦର୍ଶନ ଆସିଥିଲେ। ତାଙ୍କ ସହ ଆନ୍ଧ୍ର ପ୍ରଦେଶର ମୁଖ୍ୟ ଶାସନ ସଚିବ ଜେ.ଏସ୍.ଭି. ପ୍ରସାଦ ଥିଲେ। ତେବେ ସେମାନେ ଏଠାରେ ଥିବା ଭିତ୍ତିଭୂମି, ୱାର୍କଶପ୍ ଓ ସ୍ମାର୍ଟ କ୍ଲାସ୍ ରୁମ୍ ବୁଲି ଦେଖିବା ସହ ବେଶ୍ ପ୍ରଶଂସା କରିଥିଲେ। ଏହି ଅବସରରେ ମନ୍ତ୍ରୀ ପିଠାନୀ କହିଲେ, ଏହା ଏକ ବିଶ୍ୱସ୍ତରୀୟ ପ୍ରତିଷ୍ଠାନ। ଏଠାରେ ସ୍ମାର୍ଟ କ୍ଲାସ୍ ରୁମ୍‌ରେ ଅଧାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଓ ଶିଳ୍ପ ତାଲିମ କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କର ବେଶ ଆଗ୍ରହ ରହିଥିବା ମୁଁ ଅନୁଭବ କରିଛି। ଆନ୍ଧ୍ର ପ୍ରଦେଶର ୭୯ଟି ଆଇଟିଆଇର ଆଧୁନିକୀକରଣ କରାଯିବ। ଆଗକୁ ଆମ ରାଜ୍ୟରେ ଥିବା ସବୁ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଏହିଭଳି ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ କରିବାକୁ ଚେଷ୍ଟା କରିବୁ ବୋଲି ସେ କହିଥିଲେ। ଏହି ଶିଳ୍ପ ତାଲିମ କେନ୍ଦ୍ରରେ ଦେଢଘଣ୍ଟାରୁ ଅଧିକ ସମୟ ବିତାଇବା ମଧରେ ମନ୍ତ୍ରୀ ପିଠାନୀ ଅଧକ୍ଷ ଡ. ହୃଷୀକେଶ ମହାନ୍ତି, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତେବେ ଡ. ମହାନ୍ତି କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ଶ୍ରମମନ୍ତ୍ରୀ ସ୍ମାର୍ଟ କ୍ଲାସ ରୁମଠାରୁ ଆରମ୍ଭ କରି ସଂଗ୍ରହାଳୟ ବୁଲି ଦେଖିବା ପରେ ପ୍ରଶଂସା କରିଛନ୍ତି। ତଥାପି ଆଗକୁ ଆମେ ଆମ ଶିଳ୍ପ ତାଲିମ କେନ୍ଦ୍ରର କର୍ମଶାଳାରେ ଆହୁରି ଅଧିକ ଉନ୍ନତି ଆଣିବା ସହ ପ୍ଲେସମେଣ୍ଟ ରେକର୍ଡ ଆହୁରି ବଢାଇବାକୁ ଚେଷ୍ଟା କରିବୁ ବୋଲି ମହାନ୍ତି ଜଣାଇଛନ୍ତି।



ଦକ୍ଷତା ସଂଗ୍ରହାଳୟ ପରିଦର୍ଶନରେ ଆସିଥିବା ଆନ୍ଧ୍ରପ୍ରଦେଶର ଶ୍ରମମନ୍ତ୍ରୀ ପିଠାନୀ ସତ୍ୟନାରାୟଣ ଓ ଅନ୍ୟମାନେ।

## ବିସିସିଆଇ, ସିଓଏକୁ ଦାବିପତ୍ର ଦେଲେ ବିଦ୍ରୋହୀ

**ଓସିଏ ସମ୍ବିଧାନ ସଂଶୋଧନ ପ୍ରସଙ୍ଗ**

**କଟକ ଅଫିସ,୨୫।୯**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ସମ୍ବିଧାନ ସଂଶୋଧନ ରିପୋର୍ଟ ବିସିସିଆଇକୁ ପଠାଯିବା ପରେ ରାଜ୍ୟ କ୍ରିକେଟରେ ଏକ ଅନିଶ୍ଚିତତା ଝଡ଼ ଅପେକ୍ଷା କରି ରହିଛି। ମଙ୍ଗଳବାର ସମ୍ବିଧାନ ସଂଶୋଧନ ରିପୋର୍ଟଗୁଡ଼ିକର ଯାଞ୍ଚ ଶେଷ ହୋଇଥିବା ବେଳେ ଏ ଯାଏଁ କୌଣସି ଉତ୍ତର ମିଳିନାହିଁ ବୋଲି ଓସିଏ କାର୍ଯ୍ୟକାରୀ କମିଟି ଅଧକ୍ଷ ଧୀରେନ ପଲାଇ କହିଛନ୍ତି। ଅନ୍ୟପକ୍ଷରେ ଏହି ରିପୋର୍ଟକୁ ରଦ୍ଦ କରିବା ପାଇଁ ଦାବି କରୁଥିବା ଜଣେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସିଇଓ ରାହୁଲ ଜୋହରୀ ଓ କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ)ର ଅଧକ୍ଷ ବିନୋଦ ରାୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀମାନଙ୍କ ସହ ଆଲୋଚନା କରି ଆଇନଗତ ପରାମର୍ଶ ନିଆଯାଉଥିବା ଜଣେ ବରିଷ୍ଠ କ୍ରୀଡ଼ା ସଂଗଠକ କହିଛନ୍ତି ।

ଯଦି ଓସିଏର ସମ୍ବିଧାନ ସଂଶୋଧନ ରିପୋର୍ଟକୁ ସବୁଜ ସଙ୍କେତ ମିଳେ ତେବେ ଏହାକୁ ବିରୋଧ କରୁଥିବା କ୍ଲବର କର୍ମକର୍ତ୍ତା ତଥା ବରିଷ୍ଠ କ୍ରୀଡ଼ା ସଂଗଠକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଜଣଙ୍କ କହିଛନ୍ତି। ଅନ୍ୟପକ୍ଷରେ ଏହି ରିପୋର୍ଟକୁ ଅଗ୍ରାହ୍ୟ କରାଯାଏ ତେବେ ଓସିଏ ନିର୍ବାଚନ ଅନିଶ୍ଚିତତା ଭିତରକୁ ଠେଲି ହୋଇଯିବ। ୨୦ଟି କ୍ଲବ ଓସିଏର ଅନୁବନ୍ଧିତ ୟୁନିଟ ମାନ୍ୟତା ଲାଭ କରିଥିଲେ। ସେଗୁଡ଼ିକ ହେଲା, ଟାଉନ କ୍ଲବ, ରୋଭର୍ସ କ୍ଲବ, ଜୟଦୁର୍ଗା କ୍ଲବ, ସନରାଇଜ କ୍ଲବ, ସନସାଇନ କ୍ଲବ, କିଶୋର କ୍ଲବ, ରୟାଲ କ୍ଲବ, ବିସିୟୁ, ମଙ୍ଗଳା କ୍ଲବ, ଶହୀଦ ସ୍ପୋର୍ଟିଂ କ୍ଲବ, ଏଲଆଇସି ସ୍ପୋର୍ଟ୍ସ କ୍ଲବ, ରାଇଜିଂ ଷ୍ଟାର କ୍ଲବ, ଓଜିପି କ୍ଲବ, ଜଗତ୍‌ପୁର ଆଥ୍‌ଲେଟିକ ଆସୋସିଏଶନ, ଏସିସି, ଏସ୍‌ବିଆଇ ସ୍ପୋର୍ଟ୍ସ କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ୟୁନିୟନ ସ୍ପୋର୍ଟିଂ କ୍ଲବ, ବିଶ୍ୱଭାରତୀ କ୍ଲବ ଓ ଜୁଭେନାଇଲ କ୍ଲବ। ଏହି କ୍ଲବଗୁଡ଼ିକ ପୂର୍ଣ୍ଣ ସଦସ୍ୟତା ପାଇଥିଲେ ମଧ ସମ୍ବିଧାନ ସଂଶୋଧନ ରିପୋର୍ଟରେ ସେମାନଙ୍କୁ ଆସୋସିଏଟ ସଦସ୍ୟ ଭାବେ ଗ୍ରହଣ କରିବାକୁ ଉଲ୍ଲେଖ କରାଯାଇଛି। ଆସୋସିଏଟ ସଦସ୍ୟ ରହିଲେ ଭୋଟ ଦେବା ଅଧିକାର ରହିବ ନାହିଁ।


**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ଣ୍ଣର



@ ରାହୁଲ



@ ପପୁନ



@ କୃଷ୍ଣା



@ ଲିପିକା



@ ପ୍ରଜ୍ଞାନିତା



@ ସୁବ୍ରତ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଭଙ୍ଗା କୁଡ଼ିଆରେ ରହି ଦରିଦ୍ର ଭାବରେ ଚଳିଲେ ମଧ ସ୍ୱାଧୀନ ଲୋକ ଯେପରି ସୁଖ ଅନୁଭବ କରେ, ପରାଧୀନ ଲୋକ ସବୁ ସୁଖରୁ ବଞ୍ଚିତ ରହେ। -ହାରିଏଟ୍ ବିଚର ଷ୍ଟୋ



## ସଂକ୍ଷେପରେ

### କଟକ ସଦର ବିଜୁ ମହିଳା ଜନତା ଦଳ ପୁନର୍ଗଠିତ

କଟକ ସଦର, ୨୫।୯ (ଡି.ଏନ.ଏ.): ସୋମବାର କଟକ ସଦର ବିଜୁ ମହିଳା ଜନତା ଦଳର ପୁନର୍ଗଠନ କରାଯାଇଛି। କଟକ ସଦର ବିଧାୟକ ତଥା କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରାଙ୍କ ସୁପାରିସକ୍ରମେ ରାଜ୍ୟ ସଭାନେତ୍ରୀ ପ୍ରମିଳା ମଲ୍ଲିକ ପଦାଧିକାରୀମାନଙ୍କୁ ନିଯୁକ୍ତି ଦେଇଛନ୍ତି। ଏଥିରେ ସଭାନେତ୍ରୀ ଭାବେ କବିତା ଦାସ ଓ ଉପସଭାନେତ୍ରୀ ଭାବେ ଝରଣା ବେହେରା, ସ୍ମିତା ମହାରଣା, ସୁଚିତ୍ରା ପାତ୍ର, କନକଲତା ମିଶ୍ର, ସରସ୍ୱତୀ ଭୋଇ ପଦଭାର ଗ୍ରହଣ କରିଛନ୍ତି। ସେହିପରି ସାଧାରଣ ସମ୍ପାଦିକା ଭାବେ ଇଲାବତୀ ବିଶୋୟୀ, ସମ୍ପାଦିକା ଭାବେ ଅନୁପମା ଦାସ, ରଞ୍ଜିତା ବେହେରା, ବବିତା ବାନ୍ଧୁ, ନିର୍ମଳା ସାହୁ ଓ ଶୈଳବାଳା ମହାନ୍ତି ମନୋନୀତ ହୋଇଛନ୍ତି।

### ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା

କଟକ ସଦର, ୨୫।୯ (ଡି.ଏନ.ଏ.): ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନଙ୍କ ବିୟୋଗରେ ରବିବାର ତାଙ୍କ ଜନ୍ମସ୍ଥାନ କଟକ ସଦର ବ୍ଲକ ଅଧୀନ ଡିହସାହି(ଗତିରାଉତପାଟଣା)ରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶାରଦା ପ୍ରସନ୍ନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁରେନ୍ଦ୍ର ନାଥ ପଣ୍ଡା, ଗତିରାଉତପାଟଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ବିଦ୍ୟାଧର ଲେଙ୍କା, କୁଞ୍ଜବିହାରୀ ଜେନା ଓ ପବିତ୍ର ରାଉତ ପ୍ରମୁଖ ଯୋଗଦେଇ ଦୋଳଗୋବିନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ଆତ୍ମାର ସଦ୍‌ଗତି କାମନା ପାଇଁ ସ୍ଥାନୀୟ ରାଧାମୋହନ ପୀଠରେ ପ୍ରାର୍ଥନା କରାଯାଇଥିଲା।

### ଚୌଦ୍ୱାର କଲେଜ ବାଣିଜ୍ୟ ବିଭାଗର ସ୍ୱାଗତ ଉତ୍ସବ

ଚୌଦ୍ୱାରା, ୨୫।୯(ଡି.ଏନ.ଏ.): ଚୌଦ୍ୱାର କଲେଜର ବାଣିଜ୍ୟ ବିଭାଗ ପକ୍ଷରୁ ନବାଗତ ଛାତ୍ରୀଛାତ୍ରମାନଙ୍କ ସ୍ୱାଗତ ଉତ୍ସବ ସୋମବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ତୁଷାରକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗୀୟ ମୁଖ୍ୟ ଅଭୟ ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପକ ରମେଶ ନାଥ ଶର୍ମା ଯୋଗଦେଇ ପ୍ରତ୍ୟେକ ଜୀବନରେ ଜନ୍ମ ଓ ମୃତ୍ୟୁକୁ ସ୍ୱାଗତ ଏବଂ ବିଦାୟ ସମ୍ବର୍ଦ୍ଧନା ବୋଲି ମତବ୍ୟକ୍ତ କରିଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ରାଉତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ପ୍ରଭାକର ମିଶ୍ର, ଆରଣ୍ୟକ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶ୍ରୀମଦ୍ ଭାଗବତ ଜନ୍ମ ମହୋତ୍ସବ ପାଳିତ

କଟକ ଅଫିସ/ନିଆଳି, ୨୫।୯ (ଡି.ଏନ.ଏ.): କଟକ ପିଠାପୁରସ୍ଥିତ ଶ୍ରୀମଦନମୋହନଜୀଉ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଭାଗବତ ପ୍ରଚାର ଅନୁଷ୍ଠାନ ଭାଗବତ ପସରାର ସ୍ୱନକ୍ଷତ୍ର ଦିବସ ଓ ଶ୍ରୀମଦ୍ ଭାଗବତ ଜନ୍ମ ମହୋତ୍ସବ ପାଳିତ ହୋଇଛି। ସପ୍ତଦିବସ ବ୍ୟାପୀ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଭାଗବତ ପାରାୟଣ, ବିଷ୍ଣୁ ସହସ୍ର ନାମ ପଠନ ଓ ପ୍ରବଚନ ଆଦି କରାଯାଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚକ ଅରୁଣ କୁମାର ଓଝା, ପ୍ରମୋଦ କୁମାର ଜେନା, ମନୋଜ କୁମାର ପ୍ରଧାନ, ଡ. ଗୁରୁପ୍ରସାଦ ମହାପାତ୍ର, ଚାରଣ କାଶୀନାଥ ଦାସ ପ୍ରମୁଖ ଭାଗବତ ବିଷୟରେ ଆଲୋଚନା କରିଥିଲେ। ପଣ୍ଡିତ ରବୀନ୍ଦ୍ର କୁମାର ଦାଶ ଭାଗବତ ପାରାୟଣ ଓ ବିଷ୍ଣୁସହସ୍ର ନାମ ପାଠ କରିଥିଲେ। ଏହି ଆଧାତ୍ମିକ କାର୍ଯ୍ୟକ୍ରମକୁ ପୂଜା କମିଟି ସଭାପତି ରାଜେନ୍ଦ୍ର କୁମାର ଖୁଣ୍ଟିଆ, ସପନ କୁମାର ବେହେରା, ବସନ୍ତ ଜେନା, ନିରଞ୍ଜନ ସ୍ୱାଇଁ, ଶୈଳେନ୍ଦ୍ର ପାତ୍ର, ଅଜୟ କୁମାର ପାଇଟାଳ, ବାଳକୃଷ୍ଣ ବେହେରା, ନିରଞ୍ଜନ ଖୁଣ୍ଟିଆ, ସନ୍ତୋଷ କୁମାର ରାଉତ, ପ୍ରଶାନ୍ତ କୁମାର ରାଉତ ପରିଚାଳନା କରିଥିଲେ।

ନିଆଳି ଅଞ୍ଚଳର ବିଭିନ୍ନ ମଠ, ମନ୍ଦିରରେ ଭାଗବତ ଜନ୍ମ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଗ୍ରାମରେ ଥିବା ଭାଗବତ ଟୁଙ୍ଗୀରେ ଭାଗବତ ପାଠ ସହ ପୂଜା କରାଯାଇଥିଲା। ବିଶେଷକରି ନିଆଳି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ଅନାଦି ଆଶ୍ରମରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହିତ ଭାଗବତ ପରାୟଣ, ହୋମଯଜ୍ଞ, ନାମ ସଂକୀର୍ତ୍ତନ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ପାଣି, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ସିଂ, ଆତ୍ମାର ଅଧ୍ୟକ୍ଷ ଆଦିତ୍ୟ ପାଣି, ବିଡ଼ିଓ ସୟଦ୍ ଆରିଫ୍ ହୁସେନ୍‌ଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

■ ହକି ବିଶ୍ୱକପ୍ ପ୍ରସ୍ତୁତି

# ୧୦ ବର୍ଷ ପରେ ପୁଣି ଆରମ୍ଭ ହେବ ହପ୍-ଅନ୍ ଆଣ୍ଡ ହପ୍-ଅଫ୍ ବସ୍ ସେବା

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ରାଜଧାନୀରେ ପୁଣିଥରେ ଆରମ୍ଭ ହେବ ହପ୍-ଅନ୍ ଆଣ୍ଡ୍ ହପ୍-ଅଫ୍ ବସ୍ ସେବା। ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଦେଶ ଏବଂ ଦେଶ ବାହାରୁ ଆସିବାକୁ ଥିବା ପର୍ଯ୍ୟଟକଙ୍କୁ ସହରର ପର୍ଯ୍ୟଟନସ୍ଥଳୀ ବୁଲାଇ ଦେଖାଇବା ପାଇଁ ଏଭଳି ଯୋଜନା କରାଯାଇଛି। ଏ ନେଇ ଗତ ଜୁଲାଇରେ ପ୍ରାରମ୍ଭିକ ଆଲୋଚନା ମଧ୍ୟ ସରିଛି। ପ୍ରଥମ ପର୍ଯ୍ୟାୟରେ ୪ରୁ ୬ଟି ବସ୍ ଚଳାଚଳ କରିବାକୁ ସ୍ଥିର ହୋଇଛି। ନଭେମ୍ବର ୨୮ରୁ ହକି ବିଶ୍ୱକପ୍ ଆରମ୍ଭ ହେଉଥିବାରୁ ନଭେମ୍ବର ପ୍ରଥମ ସପ୍ତାହରେ ବସ୍ ଚଳାଚଳ କରିବାକୁ ଲକ୍ଷ୍ୟ ରଖାଯାଇଛି।

୨୦୦୮ ସେପ୍ଟେମ୍ବରରେ ପ୍ରଥମଥର ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ହପ୍-ଅନ୍ ଆଣ୍ଡ୍ ହପ୍-ଅଫ୍ ବସ୍ ସେବା ଆରମ୍ଭ ହୋଇଥିଲା। ୩ ବର୍ଷ ଧରି ସବୁକିଛି ଠିକ୍‌ଠାକ୍ ଚାଲିବା ବେଳେ ୨୦୧୧ରେ ଏହି ସେବାକୁ ବନ୍ଦ କରିଦିଆଯାଇଥିଲା। ସେତେବେଳେ ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଥିଲା

**■ ପର୍ଯ୍ୟଟକଙ୍କୁ ପର୍ଯ୍ୟଟନ ସହ ଯୋଡ଼ିବାକୁ ପ୍ରୟାସ**

ଯେ, ଆବଶ୍ୟକ ପର୍ଯ୍ୟଟକ ନ ହେବାରୁ ଯେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା ସେ ଆଉ ଆଗ୍ରହ ଦେଖାଇଲା ନାହିଁ, ଯେଉଁଥିପାଇଁ ସେବାକୁ ବନ୍ଦ କରାଗଲା। ଭୁବନେଶ୍ୱରର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିବା ପାଇଁ ପର୍ଯ୍ୟଟକଙ୍କ ସୁବିଧା ଲାଗି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ଏହି ସେବା ଆରମ୍ଭ ହୋଇଥିଲା। ଏକ ବେସରକାରୀ ସଂସ୍ଥା ଦ୍ୱାରା ଏହା ପରିଚାଳିତ ହେଉଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧ଟି ଲକ୍‌ଜୁରିଅସ୍ ବସ୍ ଚାଲିଥିବା ବେଳେ ପରବର୍ତ୍ତୀ ସମୟରେ ୧୩ସିଟ୍ ବିଶିଷ୍ଟ ୭ଟି ଟେମ୍ପୋ ଟ୍ରାଭେଲର୍ ଓ ୫୨ସିଟ୍ ବିଶିଷ୍ଟ ୪ଟି ବଡ଼ ବସ୍ ଚାଲିଥିଲା। ଭୁବନେଶ୍ୱରକୁ 'ହେରିଟେଜ୍ ଟୁର୍' ଏବଂ 'ସିଟି ଟୁର୍' ଭଳି ଦୁଇଟି ସର୍କିଟ୍‌ରେ ବିଭକ୍ତ କରାଯାଇ ହପ୍-ଅନ୍ ଆଣ୍ଡ ହପ୍-ଅଫ୍ ବସ୍ ଚଳାଚଳ କରୁଥିଲା। ହେରିଟେଜ୍ ଟୁର୍ ଅଧୀନରେ ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର, ଭାସ୍କରେଶ୍ୱର, ବ୍ରହ୍ମେଶ୍ୱର, କେଦାରଗୌରୀ, ଲିଙ୍ଗରାଜ ମନ୍ଦିର, ବିନ୍ଦୁସାଗର ଓ ପାପନାଶିନୀ ପୁଷ୍କରିଣୀ ରହିଥିଲା। ସେହିଭଳି ସିଟି ଟୁର୍‌ରେ ଯାଉଥିବା ପର୍ଯ୍ୟଟକ ରାଜ୍ୟ ସଂଗ୍ରହାଳୟ, ରାଜମହଲ, ମାଷ୍ଟରକ୍ୟାଣ୍ଟିନ୍ ଛକ, ରାମମନ୍ଦିର, ଏକାମ୍ର ହାଟ, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଇସ୍କନ ମନ୍ଦିର, ଆଦିବାସୀ ସଂଗ୍ରହାଳୟ, ପ୍ଲାନେଟାରିୟମ୍, ଆଞ୍ଚଳିକ ପ୍ରାକୃତିକ ସଂଗ୍ରହାଳୟ, ଖଣ୍ଡଗିରି-ଉଦୟଗିରି ଗୁମ୍ଫା, ନିକୋ ପାର୍କ ଆଦି ଦେଖିବାର ସୁଯୋଗ ପାଉଥିଲେ। ପ୍ରତି ସ୍ଥାନରେ ବସ୍ ୩୦ରୁ ୪୫ ମିନିଟ୍ ରହୁଥିଲା। ଗୋଟିଏ ଦିନ ପାଇଁ ଟିକେଟ୍‌ର ମୂଲ୍ୟ ୨୫୦ ଟଙ୍କା ଥିଲା। ମାତ୍ର ପର୍ଯ୍ୟଟକଙ୍କ ପକ୍ଷରୁ ଏହି ବସ୍‌କୁ ସେଭଳି ଭଲ ରେସ୍‌ପନ୍ସ ନ ମିଳିବାରୁ ଏହାକୁ ଚଳାଉଥିବା ସଂସ୍ଥାକୁ ବିପୁଳ କ୍ଷତି ସହିବାକୁ ପଡ଼ିଲା। ଅଧିକାଂଶ ସମୟରେ ଖାଲି ବସ୍ ରାସ୍ତାରେ ଚାଲୁଥିଲା। ତେଣୁ ପ୍ରଥମେ ଓଟିଡିସି ପକ୍ଷରୁ କେତେକ ବସ୍‌କୁ ଉଠାଇ ଦିଆଯାଇଥିଲା। ହେଲେ ଏହାପରେ ବି ସ୍ଥିତିରେ ସୁଧାର ଆସି ନ ଥିଲା। ତେଣୁ କ୍ରମାନ୍ୱୟରେ ସମସ୍ତ ବସ୍ ଚଳାଚଳ ବନ୍ଦ ହୋଇଯାଇଥିଲା।

ପୁଣିଥରେ ବସ୍ ଚଳାଚଳ ପ୍ରସଙ୍ଗରେ ପର୍ଯ୍ୟଟନ ବିଭାଗର ଜଣେ ଅଧିକାରୀ କହିଛନ୍ତି, ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ହପ୍-ଅନ୍ ଆଣ୍ଡ୍ ହପ୍-ଅଫ୍ ବସ୍ ସେବା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। କ୍ୟାପିଟାଲ ରିଜନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ(ସିଆର୍‌ୟୁଟି) ଏହି ସେବା ଯୋଗାଇବ। ସିଟି ବସ୍ ମଡର୍ନାଇଜେଶନ ପ୍ରୋଜେକ୍ଟରେ ଯେଉଁଭଳି ପ୍ୟାକେଜ୍ ରହିଛି, ସେହିଭଳି ଭାବେ ସିଆର୍‌ୟୁଟି ସେବା ଯୋଗାଇବ। ଏହି ସେବା ମାଧ୍ୟମରେ ପର୍ଯ୍ୟଟକ ସହର ଭିତରେ ଥିବା ଏକାମ୍ର ହାଟ, ସଚିବାଳୟ, ନନ୍ଦନକାନନ, ବିଧାନସଭା, ପୁରୁଣା ଭୁବନେଶ୍ୱର, ଧଉଳି, ଏକାମ୍ରକାନନ, ଶିଖରଚଣ୍ଡୀ, ଖଣ୍ଡଗିରି, ଜୟଦେବ ବାଟିକା, ରାଜ୍ୟ ସଂଗ୍ରହାଳୟ, କଳାଭୂମି, ପ୍ଲାନେଟାରିୟମ୍, ଆଦିବାସୀ ସଂଗ୍ରହାଳୟ ଆଦି ପର୍ଯ୍ୟଟନସ୍ଥଳୀ ବୁଲିପାରିବେ। ରୁଟ୍ ଚାର୍ଟ ଓ ସମୟ ସାରଣୀ ଖୁବ୍‌ଶୀଘ୍ର ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି। ଏ ନେଇ ଓଟିଡିସି ଅଧ୍ୟକ୍ଷ ଦିଲୀପ ତିର୍କୀଙ୍କୁ ପଚାରିବାରୁ ରାଜ୍ୟ ସରକାର ହକି ବିଶ୍ୱକପ୍ ପାଇଁ କେତୋଟି ହପ୍-ଅନ୍ ଆଣ୍ଡ ହପ୍-ଅଫ୍ ବସ୍ ଚଳାଇବାକୁ ଯୋଜନା ରଖିଥିବା କହିଛନ୍ତି।



ଜୟ ଜଗନ୍ନାଥ ଚାରଣ ଗୋଷ୍ଠୀ ପକ୍ଷରୁ କଟକ ତେଲେଙ୍ଗାବଜାର ସ୍ଥିତ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ ଭାଗବତ ଜନ୍ମମହୋତ୍ସବ ଅବସରରେ ମହିଳାମାନଙ୍କ ପକ୍ଷରୁ ବାହାରିଥିବା କଳସ ଶୋଭାଯାତ୍ରା

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

କଟକ ଅଫିସ,୨୫।୯-

କଟକ ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟମାନଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରେଳଷ୍ଟେଶନ ଓ ଏହାର ସନ୍ନିକଟ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରାଧ୍ୟାପକ ତଥା ଏନ୍‌ସିସି ଅଫିସର ମେଜର ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଡ. କେଶବ ଚନ୍ଦ୍ର ସାହୁ, ଷ୍ଟେଶନ ମାଷ୍ଟର ସୌରଭ ମୁଖୋପାଧ୍ୟାୟ, କର୍ପୋରେଟର ରଞ୍ଜନ କୁମାର ବିଶ୍ୱାଳ, ବିନୟ କୁମାର ଓ ଡ. ରାହାମୁତୁଲା ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା ପାଇଁ ସହାୟତା କରିଥିଲେ।

### ଆଗ୍ରାହାଟରେ ବିଦ୍ୟୁତ୍ ବିଭାଗର ଚଢାଉ

**ଚୌଦ୍ୱାର, ୨୫।୯ (ଡି.ଏନ.ଏ.):** ଚୌଦ୍ୱାର ଥାନା ଅଧୀନ କେତେକ ଗ୍ରାମରେ କିଛି ଲୋକ ବେଆଇନ ଭାବେ ଘରକୁ ବିଦ୍ୟୁ ତ୍ ସଂଯୋଗ ନେଇଥିବା ଅଭିଯୋଗ ହୋଇଆସୁଥିଲା। ଏ ନେଇ ମଙ୍ଗଳବାର ସେସୁ ଚାରବାଟିଆ ସେକ୍ସନ ଅଧୀନ ଆଗ୍ରାହାଟ ଗ୍ରାମରେ କଟକ ବିଦ୍ୟୁତ୍ ଥାନା ପକ୍ଷରୁ ଚଢାଉ କରାଯାଇଥିଲା। ଉକ୍ତ ଗ୍ରାମରେ ବେଆଇନ ସଂଯୋଗ ନେଇଥିବା ଲୋକଙ୍କ ଘରୁ ବିଦ୍ୟୁତ୍ କାଟ୍ କରାଯିବା ସହ ତାର ଜବତ କରାଯାଇଥିଲା। ପରେ ସମ୍ପୃକ୍ତ ଲୋକମାନଙ୍କୁ ଏ ସମ୍ପର୍କିତ କାଗଜପତ୍ର ଚୌଦ୍ୱାର ସେସୁ ଅଫିସରେ ଦାଖଲ କରିବାକୁ କୁହାଯାଇଛି।

## ଆଲୋକୀକରଣ ପ୍ରକଳ୍ପର ଶିଳାନ୍ୟାସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ସଦର, ୨୫।୯ (ଡି.ଏନ.ଏ.):**

କଟକ-ପାରାଦୀପ ରାସ୍ତାପାର୍ଶ୍ୱ କନ୍ଦରପୁର ବଜାରରେ ଏଲଇଡି ଆଲୋକୀକରଣ ପ୍ରକଳ୍ପର ଶିଳାନ୍ୟାସ ମଙ୍ଗଳବାର ଏମ୍‌ପି ଅନୁଭବ ମହାନ୍ତିଙ୍କ ଦ୍ୱାରା କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ଓ ଜଗତ୍‌ସିଂହପୁର ଏମ୍‌ପି କୁଳମଣି ସାମଲ ଯୋଗଦେଇଥିଲେ। ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ରଜନୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବଜାର କମିଟି ସଭାପତି ସ୍ମୃତିରଞ୍ଜନ ପ୍ରଧାନ, ଜଟାଧାରୀ ସାହୁ, ପ୍ରମୋଦ ମହାପାତ୍ର ଓ କାଳିନ୍ଦୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ବଜାରର ବିଭିନ୍ନ ସମସ୍ୟା ଉପରେ ମଞ୍ଚାସୀନ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

■ ଏସ୍‌ଭି ନିରତାର କର୍ମଚାରୀ ସଂଘକୁ ମାନ୍ୟତା ପ୍ରସଙ୍ଗ

## ଦେୱାନୀ ଅଦାଲତରେ ମାମଲା କରିବାକୁ ଜିଲା ଶ୍ରମ ଆୟୁକ୍ତଙ୍କ ଆଦେଶ

କଣ୍ଟାପଡା,୨୫।୯(ଡି.ଏନ୍.ଏ.)

କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ କଟକ ଜିଲା ଓଲଟପୁରସ୍ଥିତ ଏସ୍‌ଭି ନିରତାରର କର୍ମଚାରୀ ସଂଘକୁ ମାନ୍ୟତା ପ୍ରଦାନ ଦାବି ନେଇ ସଂଘ-ଅନୁଷ୍ଠାନର ପରିଚାଳନା କର୍ତ୍ତୃପକ୍ଷ ମୁହାଁମୁହିଁ ହୋଇଥିଲେ। ଶେଷରେ ଏହି ମାମଲା କଟକ ଜିଲା ଶ୍ରମ ଆୟୁକ୍ତଙ୍କ କୋର୍ଟକୁ ଯାଇଥିଲା। ଅନୁଷ୍ଠାନର ପରିଚାଳନା କର୍ତ୍ତୃପକ୍ଷ ନିଜ ଜିଦ୍‌ରେ ଅଟଳ ରହି କର୍ମଚାରୀ ସଂଘକୁ ମାନ୍ୟତା ଦେବା ପାଇଁ ଅନିଚ୍ଛା ପ୍ରକାଶ କରିବାରୁ ଏହାର ନ୍ୟାୟିକ ସମାଧାନ ପାଇଁ ଦେୱାନୀ ଅଦାଲତର ଆଶ୍ରୟ ନେବା ଲାଗି ସଂଘକୁ କଟକ ଜିଲା ଶ୍ରମ ଆୟୁକ୍ତ ୧।୯।୨୦୧୮ରେ ଆଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ, ଏହି ପ୍ରତିଷ୍ଠାନରେ ୩୪ ବର୍ଷଧରି କର୍ମଚାରୀ ସଂଘ କାର୍ଯ୍ୟ କରୁଥିଲେ ସୁଦ୍ଧା ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ମାନ୍ୟତା ମିଳୁନାହିଁ। ଏହାର ପ୍ରତିବାଦରେ ଚଳିତବର୍ଷ ଆରମ୍ଭରୁ କର୍ମଚାରୀ ସଂଘ ଶାନ୍ତିପୂର୍ଣ୍ଣଭାବେ ଆନ୍ଦୋଳନ କରିଆସୁଥିଲା। କେନ୍ଦ୍ର ସରକାର କର୍ମଚାରୀମାନଙ୍କ ସହ ସହାନୁଭୂତି ପ୍ରଦର୍ଶନ ନ କରିବା ପ୍ରତିବାଦରେ ଶ୍ରମ ଆୟୁକ୍ତଙ୍କ କୋର୍ଟରେ ସଂଘ ମାମଲା ରୁଜୁ କରିଥିଲା। ମାମଲା ବିଚାରବେଳେ ନିରତାର କର୍ତ୍ତୃପକ୍ଷ ନିଜ ସପକ୍ଷରେ ବିଭିନ୍ନ କାଗଜପତ୍ର ଆୟୁକ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହାକୁ କର୍ମଚାରୀ ସଂଘ ବିରୋଧକରି ଭୁବନେଶ୍ୱର ସମେତ ଦେଶର ବିଭିନ୍ନ ସ୍ଥାନରେ ନିରତାର ଭଳି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଅନୁଷ୍ଠାନରେ କର୍ମଚାରୀ ସଂଘକୁ ବହୁବର୍ଷ ପୂର୍ବରୁ ମାନ୍ୟତା ମିଳିଥିବା ସମ୍ପର୍କରେ ଯୁକ୍ତି ଉପସ୍ଥାପନ କରିଥିଲେ। ଚଳିତବର୍ଷ କର୍ମଚାରୀ ସଂଘର ନିର୍ବାଚନ କରାଯାଇ କର୍ମକର୍ତ୍ତା ମନୋନୀତ କରାଯାଇଥିଲେ ସୁଦ୍ଧା ନିରତାର କର୍ତ୍ତୃପକ୍ଷ ମାନ୍ୟତା ନ ଦେବାରୁ ବିବାଦ ମୁଣ୍ଡ ଟେକିଥିଲା।

## ପ୍ରଶାସନିକ ହସ୍ତକ୍ଷେପକୁ ପରିଚାଳନା କମିଟିର ବିରୋଧ

କଟକ ଅଫିସ, ୨୫।୯

**ପି.ଏମ୍. ଏକାଡେମୀ**

ରାଜ୍ୟର ସର୍ବପୁରାତନ ଶିକ୍ଷାନୁଷ୍ଠାନ ପ୍ୟାରୀମୋହନ ଏକାଡେମୀରେ ପ୍ରଶାସନିକ ହସ୍ତକ୍ଷେପ। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ଶିକ୍ଷାନୁଷ୍ଠାନ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ବିଦ୍ୟାଳୟ ପରିଚାଳନା କମିଟି ଅଭିଯୋଗ କରିଛି। ଜିଲାପାଳ, ଜିଲା ଶିକ୍ଷାଧିକାରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନିକଟରେ କମିଟି ପକ୍ଷରୁ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମ୍ପୃକ୍ତ କର୍ମଚାରୀଙ୍କ ହସ୍ତକ୍ଷେପ ଯୋଗୁ ସ୍କୁଲରେ ବହୁତ ବିଶୃଙ୍ଖଳା ସୃଷ୍ଟି ହେଉଛି। ସ୍କୁଲର ମୁଖ୍ୟ କିରାଣିଙ୍କୁ ଦୀର୍ଘ ମାସ ହେବ ଅନ୍ୟତ୍ର ବଦଳି କରାଯାଇଛି ଏବଂ କନିଷ୍ଠ କିରାଣି ସ୍ୱାସ୍ଥ୍ୟଗତ କାରଣରୁ ବହୁତ ଦିନ ପାଇଁ ଛୁଟି ନେଇଛନ୍ତି। ଏଣୁ ଶିକ୍ଷାନୁଷ୍ଠାନର ଅନେକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ପି.ଏମ୍. ଏକାଡେମୀରେ ପ୍ରାୟ ୮୦୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏତେ ବଡ଼ ଅନୁଷ୍ଠାନର ସଂସ୍କୃତ ଶିକ୍ଷକଙ୍କୁ ୩ ଦିନ ପାଇଁ ଅନ୍ୟତ୍ର ବଦଳି କରାଯାଇଛି। ଯାହାଦ୍ୱାରା ଶିକ୍ଷାନୁଷ୍ଠାନରେ ପାଠପଢାରେ ସମସ୍ୟା ସୃଷ୍ଟି ହୋଇଛି। ସେହିପରି ସ୍କୁଲର ଜଣେ ବରିଷ୍ଠ ପିଅନଙ୍କୁ କୌଣସି କାରଣ ନ ଥାଇ ହଠାତ୍ ରାତାରାତି ଅନ୍ୟତ୍ର ବଦଳି କରିବାରୁ ଶିକ୍ଷାନୁଷ୍ଠାନର ଅଫିସ କାର୍ଯ୍ୟ ଠପ୍ ହୋଇଯାଇଛି। ଯଥାଶୀଘ୍ର ବଦଳି ହୋଇଥିବା ଶିକ୍ଷକ, ମୁଖ୍ୟ କିରାଣି ଓ ପିଅନଙ୍କ ବଦଳିକୁ ବାତିଲ କରି ପୁନର୍ବାର ଅବସ୍ଥାପିତ କରା ନ ଗଲେ ପି.ଏମ୍. ଏକାଡେମୀର ମୁଖ୍ୟ ଫାଟକରେ ତାଲା ପକାଇବା ସହିତ ଧାରଣା ଦିଆଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

■ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

## ଗୋପବନ୍ଧୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ନେଇ ବିବାଦ

କଟକ ଅଫିସ,୨୫।୯

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ସମ୍ମୁଖରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦୀର୍ଘଦିନ ଧରି ଚେଷ୍ଟା ଚାଲିଛି। ଏପରି କି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହମତି ନିଆଯାଇ ଗତ ଜୁଲାଇରୁ ୭୦ ହଜାର ଟଙ୍କା ବ୍ୟୟରେ ଏକ ପ୍ରତିମୂର୍ତ୍ତି ତିଆରି ସରିଲାଣି। ମାତ୍ର ଏବେ କର୍ତ୍ତୃପକ୍ଷ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ପଛଘୁଞ୍ଚା ଦେଉଛନ୍ତି ବୋଲି ରେଭେନ୍‌ଶା ଶିକ୍ଷା ବିଭାଗ ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ଅଭିଯୋଗ ହୋଇଛି। ବିଶ୍ୱବିଦ୍ୟାଳୟ ମୁଖ୍ୟଫାଟକ ନିକଟରେ ଗୋପବନ୍ଧୁଙ୍କ ଏକ ଛୋଟ ପ୍ରତିମୂର୍ତ୍ତି ରହିଛି। ଗୋଟିଏ ଶିକ୍ଷାନୁଷ୍ଠାନ ପରିସରରେ ଜଣେ ମହାତ୍ମାଙ୍କ ଦୁଇଟି ପ୍ରତିମୂର୍ତ୍ତି ସ୍ଥାପନ ନ କରାଯିବା ଆଳ ଦେଖାଉଛନ୍ତି ବୋଲି ଆସୋସିଏଶନ ସଭାପତି ଡ. ଯୁଧିଷ୍ଠିର ଖଟୁଆ କହିଛନ୍ତି। ଡ. ଖଟୁଆଙ୍କ କହିବାନୁଯାୟୀ, ପଣ୍ଡିତ ଗୋପବନ୍ଧୁ ଦାସ ରାଜ୍ୟର ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଓ ରେଭେନ୍‌ଶାର ପୁରାତନ ଛାତ୍ର ମଧ୍ୟ। ରାଜ୍ୟର ଅନ୍ୟ ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜଣେ ମହାତ୍ମାଙ୍କ ଦୁଇଟି ଲେଖାଏ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏଣୁ ରେଭେନ୍‌ଶା କର୍ତ୍ତୃପକ୍ଷଙ୍କ ଏହି ମନ୍ତବ୍ୟ ଅନୁଚିତ ବୋଲି ସେ କହିଥିଲେ। ଏ ନେଇ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର କହିଛନ୍ତି, ଆସନ୍ତା ୨୮ରେ ଏହି ଦାବି ସମ୍ପର୍କରେ ଇସି ବୈଠକରେ ଆଲୋଚନା କରାଯିବ। ଉକ୍ତ ବୈଠକରେ ନିଷ୍ପତ୍ତି ପରେ ପ୍ରତିମୂର୍ତ୍ତି ସ୍ଥାପନ ସମ୍ପର୍କରେ ଚୂଡ଼ାନ୍ତ କରାଯିବ।

■ ମହାକାଳପଡ଼ା ହାଜତ ମୃତ୍ୟୁ ଘଟଣା

## ତତ୍କାଳୀନ ଆଇଆଇସିଙ୍କ ଗିରଫ ଦାବି

କଟକ ଅଫିସ, ୨୫।୯

**ଆର୍‌ଡିସି, ଡିଜିପିଙ୍କୁ ଆପ୍‌ର ଦାବିପତ୍ର**

ମହାକାଳପଡ଼ା ଥାନା ହାଜତ ମୃତ୍ୟୁ ଅଭିଯୋଗ ଘଟଣାକୁ ନେଇ ଏବେବି ନ୍ୟାୟ ଅପେକ୍ଷାରେ ପରିବାର। ଏକ ମାମଲାରେ ଗିରଫ ହୋଇଥିବା ଅବିନାଶ ପାଇଟାଳଙ୍କ ସନ୍ଦେହଜନକ ମୃତ୍ୟୁ ପରେ ପୂରା ପରିବାର ଭାଙ୍ଗି ପଡିଥିବାବେଳେ ସରକାର କେବଳ ତତ୍କାଳୀନ ଥାନାଧିକାରୀଙ୍କୁ ନିଲମ୍ବିତ କରି ଚୁପ୍ ବସିଛନ୍ତି। ଏପରି ସ୍ଥଳେ ଆମ୍ ଆଦ୍‌ମୀ ପାର୍ଟି ସଙ୍ଗିନ ଅଭିଯୋଗ ଆଣିବା ସହ କେନ୍ଦ୍ରାଞ୍ଚଳ ଆର୍‌ଡିସି ଓ ଡିଜିପିଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛି। ଅବିନା ଶଙ୍କୁ ଥାନା ହାଜତରେ ନୃଶଂସ ଭାବେ ମାଡ଼ ମରାଯାଇ ହତ୍ୟା କରାଯାଇଥିବା ଦଳ ଅଭିଯୋଗ କରିଛି। ଏଥିପାଇଁ ଥାନାର ତତ୍କାଳୀନ ଥାନାଧିକାରୀ ଶ୍ୟାମଘନ ବେହେରାଙ୍କୁ ତୁରନ୍ତ ଗିରଫ କରିବା ସହ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଓ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦେବା ପାଇଁ ଦଳ ଦୃଢ଼ ଦାବି କରିଛି। ଆମ୍ ଆଦ୍‌ମୀ ପାର୍ଟିର କଟକ ନଗର ଓ ରାଜ୍ୟ ସଂଖ୍ୟାଲଘୁ ସଭାପତି ମୁସ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନବେଳେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସୂଚନାଥାଉକି, ଗତ ଅଗଷ୍ଟ ମାସରେ ଏହି ସ୍ୱର୍ଣ୍ଣକାରର ଘଟଣା ଘଟିଥିଲା। ଘଟଣା ପରଠାରୁ ମୃତ ଅବିନାଶଙ୍କ ପରିବାର ନ୍ୟାୟ ଦାବିରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ତେବେ ଏଯାଏ ଜିଲାପାଳ, ଏସ୍‌ପି କିମ୍ବା ସରକାରଙ୍କ କୌଣସି ପଦସ୍ଥ ଅଧିକାରୀ ସେମାନଙ୍କ ପାଖକୁ ଯାଇନାହାନ୍ତି କି ସମବେଦନା ମଧ୍ୟ ଜଣାଇ ନାହାନ୍ତି। ଏହି ଘଟଣାକୁ ନେଇ ଆପ୍ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଆଇପିସି ଦଫା ୩୦୨ ଅନୁଯାୟୀ ପୋଲିସ ଇନ୍ସପେକ୍ଟର ବେହେରାଙ୍କୁ ତୁରନ୍ତ ଗିରଫ କରା ନ ଗଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି।

### ବଜ୍ରପାତରେ ମହିଳା ମୃତ

ନିଆଳି/ଖୁଣ୍ଟୁଣୀ, ୨୫।୯ (ଡି.ଏନ.ଏ.)

ମଙ୍ଗଳବାର ଅପରାହ୍ନରେ ବଜ୍ରପାତରେ ନିଆଳି ବ୍ଲକ ଅନ୍ତର୍ଗତ ରାଣିଓଳା ପଞ୍ଚାୟତ ବରିଷଣ ଗ୍ରାମର ଚୁନି ଭୋଇ(୪୯)ଙ୍କ ମୃତ୍ୟୁ ଘଟିଛି। ସେ ଗ୍ରାମ ନିକଟ ଗହିରକୁ ଧାନ କାଟିବାକୁ ଯାଇଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ତଳେ ପଡିଯିବାରୁ ଚିକିତ୍ସାଲାଗି ତାଙ୍କୁ ଅଡଶପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅପରାହ୍ନରେ ବଜ୍ରପାତ ଘଟିବାରୁ ଖୁଣ୍ଟୁଣୀ ଥାନା ଅଧୀନ ମାଧପୁର ବଜାରରେ ଥିବା ସ୍ଥାନୀୟ ଗ୍ରାମର ସନାତନ ରାଉତରାୟଙ୍କ ଦୋକାନ ଜଳିଯାଇଛି। ବଜ୍ରପାତରେ ଏକ ନିମ୍ବଗଛ ଜଳିବାରୁ ଏହା ନିକଟରେ ଥିବା ଉକ୍ତ ଦୋକାନ ପୋଡିଯାଇଥିଲା। ସେହି ସମୟରେ ଦୋକାନ ନିକଟରେ ଛିଡା ହୋଇଥିବା ଆଠଗଡ ଥାନା ଅଧୀନ ହରିଡାଗହୀର ଗ୍ରାମର ସିତୁ ବେହେରା(୧୪) ସାମାନ୍ୟ ଆହତ ହୋଇଛନ୍ତି। ପରେ ସ୍ଥାନୀୟ ଚିକିତ୍ସାଳୟରେ ସେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି।

## ଗଣେଶ ଭସାଣିକୁ ନେଇ ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ

କଟକ ଅଫିସ, ୨୫।୯

**■ ଜଣେ ଆହତ, ଏସ୍‌ସିବିରେ ଭର୍ତ୍ତି**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଗଣେଶ ଭସାଣିକୁ ନେଇ ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଜଣେ ଛାତ୍ରଙ୍କ ମୁଣ୍ଡ ଫାଟିବା ସହ ଗୁରୁତର ହୋଇ ଏସ୍‌ସିବିରେ ଭର୍ତ୍ତି ହୋଇଛନ୍ତି। ଥାନାରେ କୌଣସି ଏତଲା ହୋଇ ନ ଥିବା ବେଳେ ବୁଧବାର କୁଳପତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବ ବୋଲି ଗୋଟିଏ ଛାତ୍ରଗୋଷ୍ଠୀ କହିଛି।

ସୂଚନା ମୁତାବକ, ରେଭେନ୍‌ଶା ଇଷ୍ଟ ହଷ୍ଟେଲର ମଙ୍ଗଳବାର ସନ୍ଧ୍ୟାରେ ଗଣେଶ ଭସାଣି ରହିଥିଲା। ହଷ୍ଟେଲର ଅନ୍ତେବାସୀ ଶୋଭାଯାତ୍ରାରେ ବିଶ୍ୱବିଦ୍ୟାଳୟ ପରିସର ପରିକ୍ରମା କରୁଥିଲେ। ଶୋଭାଯାତ୍ରା ନ୍ୟୁ ହଷ୍ଟେଲ ସମ୍ମୁଖରେ ହୋଇଥିବା ବେଳେ ବାଣଫୁଟାକୁ ନେଇ ନ୍ୟୁ ହଷ୍ଟେଲ ଓ ଇଷ୍ଟ ହଷ୍ଟେଲର ଅନ୍ତେବାସୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା। ଏହି ସମୟରେ ନ୍ୟୁ ହଷ୍ଟେଲର ଛାତ ଉପରୁ ଢେଲାପଥର ମାଡ଼ ଆରମ୍ଭ ହୋଇଥିଲା। ପରେ ପୋଲିସ ସହାୟତାରେ ଶୋଭାଯାତ୍ରାକୁ ଆଗକୁ ନିଆଯାଇଥିଲା।



ବିଭିନ୍ନ ଦାବି ମଙ୍ଗଳବାର କଟକ କ୍ୟାଣ୍ଟନମେଣ୍ଟ ରୋଡ ସ୍ଥିତ ବରିଷ୍ଠ ଡାକ ଅଧୀକ୍ଷକ କଟକ ନଗର ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଗ୍ରାମୀଣ ଡାକ ସେବକଙ୍କ ଧାରଣା।



ମୋ ନିଜ ପରିବାରକୁ ଯଦି ମୁଁ ସଜାଡି ଦେବି, ତେବେ ଗୋଟିଏ ରାଜ୍ୟ ସଜାଡିବାର ପରାମର୍ଶ ବା ଦାୟିତ୍ୱ ନିଶ୍ଚୟ ଅନ୍ୟକୁ ଦେଇପାରିବି । -ଫ୍ରାନ୍‌ସିସ୍ ବାକନ୍



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ସ୍ୱାମୀ ଗିରଫ

ଖୋର୍ଦ୍ଧା ଅଫିସ,୨୫।୯: ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ବାଣପୁର ଥାନା ପୋଲିସ ମାଟିଆପୋଖରୀ ଗ୍ରାମର କାଲୁ ବିଶ୍ୱାଳଙ୍କୁ ମଙ୍ଗଳବାର ଗିରଫ କରିଛି। ବୁଧବାର କୋର୍ଟ ଚାଲାଣ କରାଯିବାର ରହିଛି। ଅଭିଯୋଗ ଅନୁସାରେ, ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ପଥରାପଲ୍ଲୀ ଗ୍ରାମର ସବିତା ବିଶ୍ୱାଳ ୨୦ ବର୍ଷ ପୂର୍ବେ ବାଣପୁର ଥାନା ମାଟିଆପୋଖରୀ ଗ୍ରାମର କାଲୁଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କର ଦୁଇଟି ସନ୍ତାନ ଅଛନ୍ତି। ତେବେ ସ୍ୱାମୀଙ୍କ ଅନ୍ୟଜଣେ ସମ୍ପର୍କୀୟାଙ୍କ ସହ ସମ୍ପର୍କ ଥିବା ଜାଣିବା ପରେ ସବିତା ଏହାର ପ୍ରତିବାଦ କରିଥିଲେ। ପ୍ରତିବାଦ କରିବା ପରେ ଶ୍ୱଶୁର ଘର ଲୋକେ ମାଡମାରି ଘରୁ ବାହାର କରି ଦେବାରୁ ୬ ବର୍ଷ ହେବ ସବିତା ବାପଘରେ ରହି ଆସୁଛନ୍ତି। ତେବେ ସ୍ୱାମୀଙ୍କ ଅନ୍ୟତ୍ର ବାହାଘର ଖବର ମିଳିବା ପରେ ସ୍ତ୍ରୀ ବାଣପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୨୮/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ରେଳଧାରଣାରେ କଟି ଆତ୍ମହତ୍ୟା

ନିରାକାରପୁର,୨୫।୯(ଡି.ଏନ.ଏ.) କର୍କଟ ରୋଗର ଯନ୍ତ୍ରଣା ସହି ନ ପାରି ଜଣେ ବ୍ୟକ୍ତି ମଙ୍ଗଳବାର ପୂର୍ବାହ୍ନରେ ନିରାକାରପୁର ଷ୍ଟେଶନ ଦକ୍ଷିଣ ପାର୍ଶ୍ୱ କ୍ୟାବିନ ସମ୍ମୁଖ ରେଳଧାରଣାରେ କଟି ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ପୁରୀ ଜିଲା କଣାସ ବ୍ଲକ ଜେଇଗୁରୁ ପଞ୍ଚାୟତସ୍ଥ କାଜପଦର ଗ୍ରାମର ମଙ୍ଗୁଳି ପଲେଇ। ତାଙ୍କର ରୋଗ ଭଲ ହେବା ନିମନ୍ତେ କୌଣସି ଭରସା ନ ପାଇ ଶେଷରେ ନିଜ ଗାଁଠାରୁ ପ୍ରାୟ ୮ କିମି ସାଇକେଲ୍‌ରେ ଆସି ଏଠାରେ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏ ନେଇ ନିରାକାରପୁର ରେଳବାଇ ଫାଣ୍ଡି ଅଧିକାରୀ ଲିଙ୍ଗରାଜ ସେଠୀ କହିଥିଲେ ଖବରପାଇ ପୂର୍ବାହ୍ନ ୧୦ ଟା ବେଳେ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ମଙ୍ଗୁଳିଙ୍କ ପରିବାର ଲୋକେ ମୃତଦେହ ଉଠାଇ ନେଇଯାଇଥିଲେ।

### ଦିନ ଦ୍ୱିପହରରେ ଚୋରି

ଯାଁଳା,୨୫।୯(ଡି.ଏନ୍.ଏ.)- ଜଟଣୀ ଥାନା ଓ ଯାଁଳା ଫାଣ୍ଡି ଅନ୍ତର୍ଗତ ମଙ୍ଗଳବାର ଦିନ ଦ୍ୱିପହରରେ ଜଣଙ୍କ ଘରୁ ଚୋରି ହୋଇଛି। ୧୬ ନଂ. ଜାତୀୟ ରାଜପଥ ଯାଁଳା ଓଭରବ୍ରିଜ ପାଖ ଉତ୍ତର ମୁଣ୍ଡମୁହା ମୌଜା ଶରତ ମହାପାତ୍ରଙ୍କ ଘରୁ ଦ୍ୱିପହରେ ଘରେ ସମସ୍ତେ ବିଶ୍ରାମ ନେଉଥିବା ବେଳେ ଜଣେ ମହିଳା ଓ ଜଣେ ଯୁବତୀ ପଶି ଏକ ଦାମୀ ମୋବାଇଲ, ପନ୍ଦର ଭରି ଓଜନର ହଲେ ପାଉଁଚି ଓ ପାଞ୍ଚ ହଜାର ଟଙ୍କା ଲୁଟି ନେଇ ଯାଇଛନ୍ତି । ଚୋରି ହେବାର ଦୃଶ୍ୟ ଘର ସମ୍ମୁଖରେ ଥିବା ଏକ ସୁନା ଦୋକାନର ସିସି କ୍ୟାମେରାରେ ଜଣାପଡ଼ିଛି । ସେମାନେ ଘରର ବାରିପଟେ ଗେଟ ଖୋଲି ପଶି ଥିଲେ ।

### ବ୍ଲକ୍ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

କୃଷ୍ଣପ୍ରସାଦ,୨୫।୯(ଡି.ଏନ.ଏ.)- କୃଷ୍ଣପ୍ରସାଦ ବ୍ଲକ୍‌ରେ ଫାଇଲିନ୍ ବାତ୍ୟା କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଗୃହଯୋଗାଣ ନେଇ ଦୁର୍ନୀତି ଅଭିଯୋଗ ହୋଇଛି । ଏ ଘଟଣା ନେଇ ଜନସାଧାରଣ ଓ ବିଡିଓଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ବିଡିଓଙ୍କୁ ଭର୍ତ୍ସନା ନେଇ ବ୍ଲକ୍ କର୍ମଚାରୀ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ଆବାସ ଯୋଜନାର ପ୍ରକୃତ ହିତାଧିକାରୀଙ୍କ ନାମ ତାଲିକାରେ ରଖାଯିବା ଦାବି କରି ବିଡିଓଙ୍କୁ ଘେରିଥିଲେ କିଛି ହିତାଧିକାରୀ । ଏ ସମ୍ପର୍କରେ ବ୍ଲକ ଅଧକ୍ଷା ଆଲୋଚନା ପାଇଁ ବିଡିଓଙ୍କୁ ଡକାଇବା ପରେ ସେ ଲୋକଙ୍କ ସହ ଆଲୋଚନା ପାଇଁ ଆସି ନ ଥିଲେ। ତେଣୁ ଜନସାଧାରଣ ଓ ଅଧକ୍ଷାଙ୍କ ସ୍ୱାମୀ ବିଡିଓ ଅଶୋକ କୁମାର ମହାନ୍ତିଙ୍କୁ କଟୁ କଥା କହିଥିବା ଅଭିଯୋଗ ହୋଇଥିଲା। ଏହାକୁ ବିରୋଧ କରି ବ୍ଲକ୍ ପ୍ରଗତି ସହାୟକ ସୁବାସ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ କେତେଜଣ କର୍ମଚାରୀ ମଙ୍ଗଳବାର ସକାଳେ କଲମଛାଡ଼ ଆନ୍ଦୋଳନ କରିଛନ୍ତି।

### ସେସୁ ଅସ୍ଥାୟୀ କର୍ମଚାରୀଙ୍କ ଆନ୍ଦୋଳନ

ବାଲୁଗାଁ,୨୫।୯(ଡି.ଏନ.ଏ.)- ଓଡ଼ିଶା ପାୱାର ଏମ୍ପ୍ଲୋଇଜ୍ ୟୁନିୟନର ଆହ୍ୱାନ କ୍ରମେ ବାଲୁଗାଁ ଡ଼ିଭିଜନ ସେସୁ ବିଭାଗର ଅସ୍ଥାୟୀ କର୍ମଚାରୀ ବିଭିନ୍ନ ଦାବି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ଠିକା କର୍ମଚାରୀଙ୍କ ନାର୍ଯ୍ୟଦାବି ପୂରଣ ଏବଂ ବିଦ୍ୟୁତ୍ ଆବଣ୍ଟନ କ୍ଷେତ୍ରରେ ହୋଇଥିବା ମହାଦୁର୍ନିତି ବିରୋଧରେ ଏହି ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ପୂର୍ବରୁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇ ସମାଧାନ ପାଇଁ ନିର୍ଦ୍ଧାରିତ ସମୟ ଦିଆଯାଇଥିଲା । କୌଣସି ସୁଫଳ ନ ମିଳିବାରେ ସୋମବାର ଠାରୁ ଅନିର୍ଦ୍ଦିଷ୍ଟକାଳ ଯାଏଁ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ବିଦ୍ୟୁତ୍ ସେବା ଠପ୍ କରି ଦିଆଯିବ ବୋଲି ରାଜ୍ୟ ସଂଘର ସଭାପତି ଧୋବେଇ ସାହୁ ଚେତାବନୀ ଦେଇଛନ୍ତି।

# କଳାକାର ଭତ୍ତା ପାଇଁ ଟଙ୍କା ଆଦାୟ

- ଭତ୍ତା ହାତେଇବା ପାଇଁ ଅଣକଳାକାରଙ୍କ ଆବେଦନ
- ଚୂଡ଼ାନ୍ତ ଚୟନ ତାଲିକା ଯାଞ୍ଚର ସ୍ୱଚ୍ଛତା ନେଇ ଉଠିଲାଣି ପ୍ରଶ୍ନ

ଖୋର୍ଦ୍ଧା ଅଫିସ,୨୫।୯

ଖୋର୍ଦ୍ଧା ଜିଲାରେ କଳାକାର ଭତ୍ତା କରାଇ ଦେବାକୁ ବିଭିନ୍ନ ବ୍ଲକରେ ଲାଞ୍ଚ ଟଙ୍କା ଆଦାୟ ହେଉଥିବା ଅଭିଯୋଗ ହୋଇଛି । ଏଥିପାଇଁ ଏକ ର୍ୟାକେଟ କାର୍ଯ୍ୟ କରୁଛି। ବୋଲଗଡ ବ୍ଲକରେ ଜଣେ କଳାକାର ନିଜକୁ ଜିଲା ସଂସ୍କୃତି ଅଧିକାରୀ ଓ ସମ୍ପୃକ୍ତ କାର୍ଯ୍ୟାଳୟର କିରାଣିଙ୍କ ପାଖଲୋକ ଦର୍ଶାଇ କଳାକାର ଭତ୍ତା କରାଇବାକୁ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। କଳାକାର ହୋଇ ନ ଥିଲେ ମଧ୍ୟ ବିଭିନ୍ନ ପ୍ରମାଣପତ୍ର ସଂଗ୍ରହ କରି ଭତ୍ତାକୁ ହାତେଇବାକୁ ଆବେଦନ ବି କରାଯାଇଛି। ଏଭଳିସ୍ଥଳେ ଚୂଡ଼ାନ୍ତ ଚୟନ ତାଲିକା ଯାଞ୍ଚ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ବ୍ଲକକୁ ଆସିଛି। ଚୂଡ଼ାନ୍ତ ଚୟନ ତାଲିକାରେ କେଉଁ କଳାକାରଙ୍କ ନାଁ ରହିଛି ତାହା ଆଗୁଆ ପ୍ରଚାର ହୋଇଯିବାରୁ ଯାଞ୍ଚର ସ୍ୱଚ୍ଛତା ନେଇ ଅଙ୍ଗୁଳି ଉଠିଲାଣି।

ଆର୍ଥିକ ଦୁରବସ୍ଥାରେ କାଳ କାଟୁଥିବା କଳାକାରଙ୍କ ପାଇଁ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ଯୋଜନା ଲାଗୁ କରିଛନ୍ତି। ୫୦ ବର୍ଷର ପୁରୁଷ ଓ ୪୦ ବର୍ଷର ମହିଳା କଳାକାର ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହେଲେ ମାସକୁ ୧୨୦୦ ଟଙ୍କା ସରକାର ଯୋଗାଇ ଦେବେ। ଏ ନେଇ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇବା ପରେ ଜିଲାର କଳାକାରମାନେ ଆବେଦନ କରିଛନ୍ତି। ଖୋର୍ଦ୍ଧା ଜିଲାରେ ୨୪୬୩ ଜଣ ଭତ୍ତା ପାଇବାର ରହିଛି। କେତେଜଣ ଅଣକଳାକାର ନିଜକୁ କଳାକାର ଦର୍ଶାଇ ପ୍ରମାଣପତ୍ର ଦାଖଲ କରିଛନ୍ତି। ସେମାନଙ୍କ ପ୍ରକୃତ କାଗଜାତ ଯାଞ୍ଚ ସହ ପରିବେଷିତ କଳା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ପଚାରିଲେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସି ପାରନ୍ତା । ଏଥିରେ ରାଜନେତାଙ୍କ ପାଖ ଲୋକ, କେତେଜଣ କଳାକାର ସାମିଲ ଥିବାରୁ ଏ ଘୋଟାଲାର ତଦନ୍ତ କରାଇବା ପ୍ରଶାସନ ପାଇଁ କାଠିକର ପାଠ ହେବ। ଯାହାକି ଅଣକଳାକାରଙ୍କୁ ସୁହାଇବ। କଳାକାର ଭତ୍ତା ପାଇବାକୁ ଜଣେ ଜଣେ ଅଣକଳାକାର ୧୦ରୁ ୩୦ ହଜାର ଟଙ୍କା ହାତ ଗୁଞ୍ଜା ଦେଇଥିବା ଜଣେ ଆବେଦନକାରୀ ନାଁ ଗୋପନ ରଖି କହିଛନ୍ତି। ସମ୍ପୃକ୍ତ ଅଣକଳାକାରଙ୍କ ସୂଚନା ମୁତାବକ, ଧରପଗଡକୁ ଆଖି ଆଗରେ ରଖି ପ୍ରମାଣପତ୍ରକୁ ଅସଲି କରିବାକୁ ଲାଞ୍ଚ ଦେଇଥିବାରୁ ସମ୍ପୃକ୍ତ ଆବେଦନକାରୀ ବାଦ୍ ପଡିବେନି। କାରଣ ସେମାନଙ୍କ ନାଁ ଚୂଡ଼ାନ୍ତ ଚୟନ ତାଲିକାରେ ରହି ସାରିଲାଣି। ତଳ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ଲାଞ୍ଚ କାରବାର ହୋଇଥିବା ଅନିୟମିତତାର ଖୋଳତାଡ କୁଆଡେ ହେବନାହିଁ। ଥରେ ହୋଇଗଲେ ଆଉ କଟିବା ସମ୍ଭବ ନୁହେଁ ବୋଲି କହିଛନ୍ତି। ଏଭଳିସ୍ଥଳେ ପ୍ରକୃତ କଳାକାର ସରକାରଙ୍କ ଭତ୍ତାରେ ଅନିୟମିତତା ହେଉଥିବା ଜାଣି ନାଁ ନ କଟିବା ପାଇଁ ଲାଞ୍ଚ ଦେବାକୁ ବାଧ ହୋଇଛନ୍ତି। ଟଙ୍କା ଦେଇଥିବା କଳାକାରମାନଙ୍କ ନାଁ ଚୂଡ଼ାନ୍ତ ଚୟନ ତାଲିକାରେ ରହିଥିବା ଆଶ୍ୱସନା ଦିଆଯାଇଛି। ଅନ୍ୟପକ୍ଷେ ଚୟନ ତାଲିକାରେ ସେମାନଙ୍କ ନାଁ ରହିଥିବା ଏକ କପିକୁ ମଧ ଦଲାଲମାନେ ଦେଖାଉଛନ୍ତି। ଅନ୍ୟପକ୍ଷେ ଲାଞ୍ଚ ଦେଇ ନ ଥିବା କଳାକାରମାନେ ଭାଗ୍ୟ ଉପରେ ଭରସା କରି ତାଲିକା ଘୋଷଣାକୁ ଚାହିଁ ରହିଛନ୍ତି। ଅନ୍ୟପକ୍ଷେ ଆବେଦନ ଶେଷ ପରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ କେଉଁମାନଙ୍କୁ କଳାକାର ଭତ୍ତା ଦିଆଯିବ ସେନେଇ ଚୟନ ତାଲିକା ପ୍ରସ୍ତୁତ ହୋଇ ପାରି ନ ଥିଲା। ଏଣୁ ବ୍ଲକ କଳାକାର ସାଂସ୍କୃତିକ ସଂଘ ଚୟନ କରିବାକୁ ଆବେଦନ ପତ୍ରଗୁଡିକ ଯାଞ୍ଚ ପାଇଁ ଆସିଥିଲା। କାର୍ଯ୍ୟ ଆରମ୍ଭ ହେବା ବେଳକୁ ପୁଣି ଫେରାଇ ନିଆଗଲା। ଏବେ ଚୂଡ଼ାନ୍ତ ଚୟନ ତାଲିକା ଜିଲା ପ୍ରଶାସନ ପୁଣି ବ୍ଲକକୁ ଯାଞ୍ଚ ପାଇଁ ପଠାଇଛି। ବ୍ଲକ ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇନାହିଁ। କେତୋଟି ବ୍ଲକ ପଞ୍ଚାୟତକୁ ପଠାଇ ଯାଞ୍ଚ କରିବାକୁ ପ୍ରସ୍ତୁତି ହେଉଛନ୍ତି। ଗାନ୍ଧୀ ଜୟନ୍ତୀରେ ଏ ଯୋଜନା ଆରମ୍ଭ ହେବ। ସମୟ କମ୍ ଥିବାରୁ ଯାଞ୍ଚ କିଏ କରିବ ନିଷ୍ପତ୍ତି ହୋଇପାରିନାହିଁ। ବାଣପୁର ବ୍ଲକ ସଂସ୍କୃତି ସଂଘର ସଭାପତି ନବ କିଶୋର ମହାରଣା କୁହନ୍ତି, ଚୂଡ଼ାନ୍ତ ଚୟନ ତାଲିକା ଯାଞ୍ଚ କରି ପ୍ରକୃତ କଳାକାର ବାଛିବା ଜଟିଳ ବ୍ୟାପାର। ଚୟନ ତାଲିକା ପ୍ରସ୍ତୁତି ପାଇଁ ଗୋଟିଏ ପ୍ରକାର ନିଷ୍ପତ୍ତି ନିଆଯାଉନାହିଁ। ଏହାର ନିରପେକ୍ଷତା ନେଇ ପ୍ରଶ୍ନ ଉଠିଲାଣି। ଆବେଦନକାରୀଙ୍କ ଆବେଦନ ଓ ପ୍ରମାଣପତ୍ର ଠିକ୍ ଯାଞ୍ଚ ସହ ବରିଷ୍ଠତା ଭିତ୍ତିରେ ଚୟନ କରାଯିବ ଦରକାର। ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ବରଦା ପ୍ରସନ୍ନ ଦାସ କୁହନ୍ତି, ଭତ୍ତା କରାଇବାକୁ ଟଙ୍କା ଆଦାୟ ଅଭିଯୋଗ ହୋଇନାହିଁ। କଳାକାରମାନେ ଏଥିପାଇଁ ଲାଞ୍ଚ ଦିଅନ୍ତୁ ନାହିଁ। କାରଣ ଲାଞ୍ଚ ଆଦାୟ କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ ତାଙ୍କର କର୍ତ୍ତୃତ୍ୱ ନାହିଁ। ସରକାରଙ୍କ ନୀତି ନିୟମ ମୁତାବକ ଜିଲା ପ୍ରଶାସନ ପକ୍ଷରୁ ଠିକ ଭାବେ ଚୂଡ଼ାନ୍ତ ଚୟନ ତାଲିକା ପ୍ରସ୍ତୁତି ହୋଇଛି। ଏହା ଉପରେ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ।

- ବଡ଼କୁଳ ପାନ୍ଥନିବାସରେ ପର୍ଯ୍ୟଟନ ପର୍ବ ୨୦୧୮

# ଲୋକ କଳା ନୃତ୍ୟରେ ଦର୍ଶକ ବିଭୋର

ବାଲୁଗାଁ,୨୫।୯(ଡି.ଏନ.ଏ.)




ପର୍ଯ୍ୟଟନ ପର୍ବ ଲାଗି ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ରାଜ୍ୟ ବ୍ୟାପି ପର୍ଯ୍ୟଟନ ପର୍ବ ପାଳିତ ହେଉଛି । ୧୬ ତାରିଖରୁ ୨୭ତାରିଖ ପର୍ଯ୍ୟନ୍ତ ଏହି ପର୍ବ ପାଳିତ ହେଉଥିବା ବେଳେ ଖୋର୍ଦ୍ଧା ଜିଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ବଡ଼କୂଳ ପାନ୍ଥନିବାସ ଚିଲିକା ତଟରେ ଏହି ଉତ୍ସବ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି । ବିଶେଷକରି ବାଙ୍କି ସିଂହମ୍ ଡ୍ୟାନ୍ସ ଏକାଡ଼େମୀର ବାର ମାସ ତେର ପର୍ବ ଲୋକ କଳା ନୃତ୍ୟ ଦର୍ଶକଙ୍କ ମନମୋହିଥିଲା । ପ୍ରାତଃ ସମୟରେ ଯୋଗାସନ ଓ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଚିଲିକା ତଟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଜିଲାପାଳ ମିଶ୍ର ଉଦ୍‌ବୋଧନ ଦେଇ କହିଥିଲେ ଓଡ଼ିଶାରେ ବହୁ ପର୍ଯ୍ୟଟନ ସ୍ଥଳ ରହିଛି । ତନ୍ମଧ୍ୟରୁ ଚିଲିକା ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି । ଏଣୁ ପର୍ଯ୍ୟଟନ ଶିଳ୍ପର ଉନ୍ନତି କ୍ଷେତ୍ରରେ ଜନସଚେତନତା ଏହି ପର୍ବର ଆଭିମୁଖ୍ୟ ଅଟେ । ଏଥି ସହ ଆନ୍ତର୍ଜାତିକ ସ୍ତରରେ ଓଡ଼ିଶା ଲୋକ କଳା ନୃତ୍ୟ ଏହି କାର୍ଯ୍ୟକ୍ରମ ଦ୍ୱାରା ଆଦୃତି ଲାଭ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପ ଜିଲାପାଳ ସରୋଜ କୁମାର ସାହୁ, ଚିଲିକା ବିଡିଓ ବାଦଲ ମହାନ୍ତି ଓ ବାଣପୁର ତହସିଲଦାର ପୃଥୀରାଜ ମଣ୍ଡଳ ଉପସ୍ଥିତ ଥିଲେ । ସାଂସ୍କୃତିକ ଲୋକକଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆରାଧନା ଡ୍ୟାନ୍ସ ଗ୍ରୁପ ଭୁବନେଶ୍ୱର, ଘୋଡ଼ାନାଚ ବାଲିଅନ୍ତା, ଓଡ଼ିଶୀ ନୃତ୍ୟ ମଣ୍ଡଳ କଟକ ଓ ବାଙ୍କି ସିଂହମ୍ ଡ଼୍ୟାନ୍ସ ଏକାଡ଼େମୀ ଓଡ଼ିଶା ସଂସ୍କୃତିର ଲୋକକଳା ନୃତ୍ୟ ପରିବେଷଣ କରିଥିଲେ। ଚିଲିକା ତଟରେ ଏକ ମନୋରମ ପରିବେଶ ମଧ୍ୟରେ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଜିଲା ପର୍ଯ୍ୟଟନ ଅଧିକାରିଣୀ ରିନା ରଥ, ପାନ୍ଥନିବାସ ମୁଖ୍ୟ ପରିଚାଳକ ରବୀନ୍ଦ୍ର କୁମାର ଦାଶ ଓ ସହ ପରିଚାଳକ ବାପି ରଞ୍ଜନ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଥିଲେ ।

## ଖୋର୍ଦ୍ଧା ଜିଲାପାଳଙ୍କୁ ଶ୍ରୀମନ୍ଦିର ପ୍ରଶାସନର ଚିଠି ଖାଲି ଜମି ଚିହ୍ନଟ କରି ତାଲିକା ଦିଅ

ପୁରୀ ଅଫିସ, ୨୫।୯:

ଖୋର୍ଦ୍ଧା ଜିଲାରେ ଶ୍ରୀଜଗନ୍ନାଥଙ୍କ ଅବ୍ୟବହୃତ ଓ ଖାଲି ରହିଥିବା ଜମି ଚିହ୍ନଟ କରି ତାଲିକା ଦେବା ଲାଗି ଖୋର୍ଦ୍ଧା ଜିଲାପାଳଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚିଠି ଲେଖାଯାଇଛି। ଉକ୍ତ ଜମି ତାଲିକା ଆସିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାହାକୁ ବିକ୍ରି କରାଯିବାର ଯୋଜନା ରହିଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨୩ଟି ଜିଲାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୬୦, ୪୧୦ ଏକର ୦୭୩ ଡିସିମିଲ ଜମି ଚିହ୍ନଟ ହୋଇଛି। ଏଥିମଧ୍ୟରୁ ପ୍ରାୟ ୩୫ ହଜାର ଏକର ଜମିର ରେକର୍ଡ ମହାପ୍ରଭୁଙ୍କ ନାମରେ ରହିଛି। ବାକି ଜମିର ରେକର୍ଡ ମାର୍ଫତଦାର ସ୍ୱତ୍ୱରେ ରହିଛି। ମହାପ୍ରଭୁଙ୍କ ସମୁଦାୟ ଜମି ମଧ୍ୟରୁ ଖୋର୍ଦ୍ଧା ଜିଲାରେ ସର୍ବାଧିକ ରହିଛି। ଖୋର୍ଦ୍ଧା ଜିଲାରେ ୨୯, ୭୫୨ ଏକର ୯୦୭ ଡିସିମିଲ ଜମି ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୧୫୯୦୮.୨୧୦ ଏକର ଜମିର ରେକର୍ଡ ମହାପ୍ରଭୁଙ୍କ ନାମରେ ରହିଛି। ସେଥିରେ କେତେ ପରିମାଣର ଜମି ଖାଲି ଏବଂ ଅବ୍ୟବହୃତ ହୋଇ ପଡିରହିଛି ତାହା ଚିହ୍ନଟ କରି ତାଲିକା ଦେବାକୁ ଖୋର୍ଦ୍ଧା ଜିଲାପାଳଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଚିଠି ଲେଖିଥିବା ଜଣାପଡିଛି।

## ଭାଗବତ ଜନ୍ମ ଉତ୍ସବ

ଟାଙ୍ଗୀ,(ଖୋର୍ଦ୍ଧା)୨୫।୯(ଡି.ଏନ.ଏ.)

ଟାଙ୍ଗୀ ବ୍ଲକ୍‌ର ବିଭିନ୍ନ ଗ୍ରାମର ସାହି ବସ୍ତିରେ ଆଧ୍ୟାତ୍ମିକ ରୀତିରେ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି । ବଡପାରୀ ଗ୍ରାମର ପାଇକ ସାହି ଓ ଟାଙ୍ଗୀର ରତ୍ନମାଳୀ ପାଟଣା ଆଦି ବିଭିନ୍ନ ଭଗବତ ଠାକୁରଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ପ୍ରସାଦ ସେବନ କରାଯାଇଥିଲା ।

# ଖୋର୍ଦ୍ଧାରୋଡ ଷ୍ଟେଶନରୁ ୪ସ୍କୁଲ ଛାତ୍ର ଉଦ୍ଧାର

**ପୁରୀରୁ ଚଢ଼ିଥିଲେ, ପରିଚୟ ପତ୍ରରୁ ଧରାପଡିଲେ**

ପୁରୀ ଅଫିସ, ୨୫।୯:

୪ ସ୍କୁଲ ଛାତ୍ରଙ୍କୁ ଆରପିଏଫ ପୋଲିସ ମଙ୍ଗଳବାର ଖୋର୍ଦ୍ଧାରୋଡ ରେଳ ଷ୍ଟେଶନରୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରୁ ଜଣକ ହାତ ଭାଙ୍ଗିଥିବା ଜଣାପଡିଛି। ଉଦ୍ଧାର ଛାତ୍ରମାନଙ୍କ ଡ୍ରେସ କୋଡ ଏବଂ ପରିଚୟ ପତ୍ରରୁ ସେମାନେ ପୁରୀ ବୀରହରେକୃଷ୍ଣପୁର ସେଣ୍ଟ ଜାଭିୟର୍ସର ସ୍କୁଲର ଛାତ୍ର ବୋଲି ଜଣାପଡିଛି। ଉଦ୍ଧାର ଛାତ୍ରମାନଙ୍କୁ ସେମାନଙ୍କ ଅଭିଭାବକଙ୍କ ଜିମା ଦିଆଯାଇଥିବା ଖୋର୍ଦ୍ଧାରୋଡ ଆରପିଏଫ ସୂଚନା ଦେଇଛି। କେଉଁ ପରିସ୍ଥିତିରେ, କିପରି ଛାତ୍ରମାନେ ଏଠାକୁ ଆସିଲେ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଦ୍ଧାର ଛାତ୍ରମାନଙ୍କ ଅଭିଭାବକମାନେ ପୁରୀ ଟାଉନ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ମଙ୍ଗଳବାର ସ୍କୁଲ ଛୁଟି ପରେ ଛାତ୍ରମାନେ ସ୍କୁଲ ବସରେ ଚଢ଼ିଥିଲେ। ତେବେ ଉକ୍ତ ୪ ଛାତ୍ର ମୋଚିସାହି ଷ୍ଟପେଜ୍‌ରେ ଓହ୍ଲାଇବା ପରିବର୍ତ୍ତେ ଅନ୍ୟ ଏକ ଷ୍ଟପେଜ୍ ଓହ୍ଲାଇ ପଡିଥିଲେ। ପରେ ସେମାନେ ଟ୍ରେନ ଯୋଗେ ଖୋର୍ଦ୍ଧାରୋଡ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ଏଣେତେଣେ ବୁଲୁଥିବା ବେଳେ ପ୍ଲାଟଫର୍ମରେ ଡ୍ୟୁଟି କରୁଥିବା ଆରପିଏଫ ପୋଲିସ ସନ୍ଦେହରେ ସେମାନଙ୍କୁ ଧରିଥିଲା। ସେପଟେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପିଲାମାନେ ଘରକୁ ନ ଫେରିବାରୁ ଅଭିଭାବକମାନେ ବ୍ୟତିବ୍ୟସ୍ତ ହୋଇପଡିଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହି ସମୟରେ ଖୋର୍ଦ୍ଧାରୋଡରୁ ସେମାନଙ୍କ ପିଲାମାନେ ଉଦ୍ଧାର ହୋଇଥିବା ଖବର ପାଇଥିଲେ। ଖବର ପାଇ ଅଭିଭାବକ ମାନେ ସେଠାରେ ପହଞ୍ଚିଥିଲେ। ଚଳନ୍ତା ଟ୍ରେନରୁ ଓହ୍ଲାଇବାକୁ ଚେଷ୍ଟା କରିବା ବେଳେ ଜଣେ ଛାତ୍ରର ହାତ ଭାଙ୍ଗିଥିବା ଜଣାପଡିଛି।

- ଆଜି ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ

# ଫାଇଲେରିଆମୁକ୍ତ ହେବ ଖୋର୍ଦ୍ଧା ଜିଲା

ଖୋର୍ଦ୍ଧା ଅଫିସ,୨୫।୯:




ଖବରଦାତା ସମ୍ମିଳନୀରେ ପ୍ରଶାସନିକ ଅଧିକାରୀମାନେ।

ଫାଇଲେରିଆ ଓ ଗୋଦର ରୋଗର ନିପାତ ପାଇଁ ଚଳିତ ମାସ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ସାମୂହିକ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲାରେ ହେବ। ଜିଲାର ୨୩ ଲକ୍ଷ ୯୮,୬୬୦ ବାସିନ୍ଦାଙ୍କ ମଧ୍ୟରୁ ୨୨ ଲକ୍ଷ ୮୯, ୭୩୫ ଲୋକଙ୍କୁ ଡିଇସି ବଟିକା ସମେତ ଆଲବେଣ୍ଡାଜଲ ବଟିକା ଦିଆଯିବ। ୨୦୨୦ ସୁଦ୍ଧା ଜିଲାରୁ ଏହି ରୋଗ ସମ୍ପୂର୍ଣ୍ଣ ନିରାକରଣ ହେବ ବୋଲି ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଡିଏମଓଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ମିଳନୀରେ ଭାରପ୍ରାପ୍ତ ଜିଲା ମ୍ୟାଲେରିଆ ଅଧିକାରୀ ଡ. ପ୍ରବୋଧ ପାଲ ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଜିଲାର ୨୦୨ଟି ସବ୍‌ସେଣ୍ଟରରେ ୧୩୫୮ ଆଶା ଏବଂ ୩୨୬୨ ଅଙ୍ଗନୱାଡି ଓ ସାମାଜିକ କର୍ମୀ ଏପରି ମୋଟରେ ୪୬୨୦ ଜଣ ୫୬ଲକ୍ଷ ୩୭ହଜାର ଡିଇସି ଓ ୨୨ ଲକ୍ଷ ୮୯, ୭୩୫ ଆଲବେଣ୍ଡାଜଲ ବଟିକା ଘରକୁ ଘର ଯାଇ ଲୋକଙ୍କୁ ଖୁଆଇବେ। ଖାଦ୍ୟ ଖାଇବା ପରେ ଏହି ବଟିକା ଚୋବେଇ ଚୋବେଇ ଖାଇବାକୁ ପଡିବ। ଆଲବେଣ୍ଡାଜଲ ଓ ଡିଇସି ବଟିକା ଖାଇବା ଦ୍ୱାରା କିଛି ସମୟ ମୁଣ୍ଡ ବୁଲାଇବା ସହ ବାନ୍ତି ଓ ଝାଡା ହୋଇଥାଏ। କିଛି ସମୟ ପରେ ଆପେ ଆପେ ଠିକ୍ ହୋଇଯାଏ। ଏଥିରେ ଭୟ କରିବାର କିଛି କାରଣ ନାହିଁ। ଗତବର୍ଷ ଔଷଧ ଖାଇଥିବା ୧୬୬ ଜଣଙ୍କର ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଇଥିଲା। ତେବେ ଏହା ଭଲ ହୋଇ ଯାଇଥିଲା। ଦୁଇବର୍ଷରୁ କମ ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥ ରୋଗ ଏହି ଔଷଧ ଖାଇବେ ନାହିଁ। ୪୬୨ଜଣ ସୁପରଭାଇଜର ଏହାର ତଦାରଖ କରିବେ। ଦେଶକୁ ଫାଇଲେରିଆମୁକ୍ତ କରିବାକୁ ଭାରତ ସରକାରଙ୍କ ପକ୍ଷରୁ ୨୦୦୪ରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ତେବେ ୨୦୧୨, ୨୦୧୪ ଓ ୨୦୧୬କୁ ବାଦ ଦେଲେ ୧୨ଥର ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲାରେ କରାଯାଇଛି। ଗତବର୍ଷ ରାଜ୍ୟର ୧୧ଟି ଜିଲାରେ ଏହି ଅଭିଯାନ ହୋଇଥିଲା। ଚଳିତବର୍ଷ ଖୋର୍ଦ୍ଧା, କଟକ ଓ ଢ଼େଙ୍କାନାଳରେ କେବଳ ଏହି କାର୍ଯ୍ୟକ୍ରମ କରାଯାଉଛି। ଅପରପକ୍ଷେ ଗତବର୍ଷ ଏହି କାର୍ଯ୍ୟକ୍ରମରେ ୮୭ ପ୍ରତିଶତ ସଫଳତା ମିଳିଥିଲାବେଳେ ଚଳିତବର୍ଷ ୯୦ ପ୍ରତିଶତ ସଫଳତା ମିଳିବାକୁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଫାଇଲେରିଆ ରୋଗ ମଶା ଓ କୃମି ଜାତୀୟ ରୋଗ ଅଟେ। ଏହି ରୋଗର ମୁଖ୍ୟ ବାହକ ଭାବେ କ୍ୟୁଲେକ୍ସ ମଶା ଦ୍ୱାରା ହୋଇଥାଏ। ଜିଲାରେ ୧୧, ୫୭୦ଜଣ ଫାଇଲେରିଆ ରୋଗୀ ଥିବା ୨୦୧୭ରେ ଚିହ୍ନଟ କରାଯାଇଥିଲା ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଭେକ୍ଟର ବାହିତ ରୋଗର ସୂଚନା ଅଧିକାରୀ ଚାରୁଚନ୍ଦ୍ର ମହାପାତ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ର, ଡିପିଏମ ଗୀତାଞ୍ଜଳି ଦାଶ, ରାଜ୍ୟ ସ୍ୱାସ୍ଥ୍ୟ ସୋସିଆଲ ମିଡିଆ ଅଧିକାରୀ ଦେବକାନ୍ତ ସନ୍ଧି ବିଗ୍ରହ ପ୍ରମୁଖ ଉପସ୍ଥିତ ଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ରାହୁଲ



@ ପପୁନ



@ କୃଷ୍ଣା



@ ଲିପିକା



@ ପ୍ରଜ୍ଞାନିତା



@ ସୁବ୍ରତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଭଙ୍ଗା କୁଡ଼ିଆରେ ରହି ଦରିଦ୍ର ଭାବରେ ଚଳିଲେ ମଧ୍ୟ ସ୍ୱାଧୀନ ଲୋକ ଯେପରି ସୁଖ ଅନୁଭବ କରେ, ପରାଧୀନ ଲୋକ ସବୁ ସୁଖରୁ ବଞ୍ଚିତ ରହେ।
-ହାରିଏଟ୍ ବିଚର ଷ୍ଟୋ





ଜଟଣୀ ଗଣେଶ ଭସାଣି ଉତ୍ସବରେ ଆଦିବାସୀ ନୃତ୍ୟ।



ଚଇତି ଘୋଡ଼ାନାଚ।



ମୟୂର ନୃତ୍ୟ।



ରାଜା ବଜାର।

## ଗଣେଶ ଭସାଣିରେ ଦୁଲୁକିଲା ଜଟଣୀ ମୁଖ୍ୟ ରାସ୍ତା

# ମେଲାଣି ନେଲେ ଗଜାନନ

ଜଟଣୀ, ୨୫।୯(ଡି.ଏନ୍.ଏ.)

ଚତୁର୍ଥୀରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜାର ଭସାଣି ଉତ୍ସବ ମଙ୍ଗଳବାର ପୂର୍ଣ୍ଣିମୀରେ ଅନୁଷ୍ଠିତ ହୋଇଥିଲା। ଗଜାନନଙ୍କର ୧୨ ଦିନ ଧରି ଚାଲିଥିବା ଉତ୍ସବ ଶେଷ ହୋଇଛି। ଭସାଣିରେ ସୀତାରାମ ଛକରୁ ଆରମ୍ଭ କରି ମୁଖ୍ୟ ରାସ୍ତାର ଉଭୟପାର୍ଶ୍ୱରେ ଛୋଟରୁ ବଡ଼ ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ଠାକୁରଙ୍କୁ ଅଶ୍ରୁପୂର୍ଣ୍ଣ ନୟନରେ ମେଲାଣି ଦେଇଥିଲେ। ଏଥିପାଇଁ ଗଣପତି ବାପା ମୋରିଆ... ଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ବିଭିନ୍ନ ପେଣ୍ଡାଲର ବିସର୍ଜନ ଶୋଭାଯାତ୍ରାରେ ପରିବେଷିତ ହୋଇଥିବା ବାଜା ରୋଶଣି ନୃତ୍ୟଗୀତ ମଧ୍ୟ ଲୋକଙ୍କୁ ମନୋରଞ୍ଜନ ଦେଇଥିଲା। ଜାତି,ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସ୍ଥାନୀୟ ଅଞ୍ଚଳ ସମେତ ଦୂରଦୂରାନ୍ତରୁ ଆସିଥିବା ବ୍ୟକ୍ତିବିଶେଷ ଏଥିରେ ସାମିଲ ହୋଇଥିଲେ। ସନ୍ଧ୍ୟା ସାତଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଭସାଣି ଶୋଭାଯାତ୍ରା ଚାଲିଥିଲା। ଗୋଟିଏ ଧାଡ଼ିରେ ଆଗପଛ ହୋଇ ବିଭିନ୍ନ ପୂଜା ପେଣ୍ଡାଲର ମେଢ଼ ଶୋଭାଯାତ୍ରା ମୁଖ୍ୟ ରାସ୍ତାଦେଇ ଯିବା ଦୃଶ୍ୟ ବେଶ୍ ଚିତ୍ତାକର୍ଷକ ଥିଲା। ସମସ୍ତ ମେଢ଼ ଶୋଭାଯାତ୍ରା ସୀତାରାମ ଛକରେ ପହଞ୍ଚିବା ପରେ ସେଠାରୁ ଷଣ୍ଢପୁର ଗ୍ରାମ ନିକଟ କେନ୍ଦ୍ରୀୟ ପଣ୍ୟାଗାର ପଛପଟରେ ହୋଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜିତ ହୋଇଥିଲେ। ବିଭିନ୍ନ ପୂଜାମଣ୍ଡପରେ ଗଣେଶ ମୂର୍ତ୍ତି ଶୋଭାଯାତ୍ରା ଜଟଣୀ ମୁଖ୍ୟ ରାସ୍ତାକୁ ଦୁଲୁକେଇ ଦେଇଥିଲା। ଭସାଣି ଶୋଭାଯାତ୍ରାରେ ଭାଙ୍ଗଡ଼ା ନୃତ୍ୟ, ସମ୍ବଲପୁରୀ, ସିଂହବାଜା, ଢ଼ୋଲ, ଚାଙ୍ଗୁ, ଆଦିବାସୀ ନୃତ୍ୟ, ଛଉ ନୃତ୍ୟ, ବଗୁଲାବଗୁଲି ନୃତ୍ୟ ସହ ଘଣ୍ଟ ଘଣ୍ଟା ଶବ୍ଦରେ ପୂଜା ପେଣ୍ଡାଲଠାରୁ ଭସାଣି ସ୍ଥଳ ପର୍ଯ୍ୟନ୍ତ ପ୍ରକମ୍ପିତ ହୋଇ ଉଠିଥିଲା। ସେହିପରି ନିଆଁହୁଳାରେ ବନାଟି ଖେଳ, ଉଭୟ ମହିଳାପୁରୁଷଙ୍କ ଦାଣ୍ଡିଆ, ମୟୂର, ଚଇତିଘୋଡ଼ା, ଓଟ, ବୃଷଭ, ବାଘ ଓ ନାଗା ନୃତ୍ୟ ସହ ଶିବ ତାଣ୍ଡବ, ମହିଳାଙ୍କ କଳସ ଯାତ୍ରା ଭଳି ଅନେକ ଦୃଶ୍ୟ ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା। ଏଥିସହ ରଙ୍ଗବେରଙ୍ଗର ଆଲୋକମାଳା ଓ ଆତସବାଜି ପ୍ରଦର୍ଶନରେ ସହର ଆଲୋକମୟ ହୋଇଯାଇଥିଲା। ସେହିପରି କୁଦିଆରୀ ଗ୍ରାମରେ ହୋଇଥିବା ୧୧ଟି ପୂଜା ପେଣ୍ଡାଲର ଗଜାନନଙ୍କ ମୃଣ୍ମୟ ମୂର୍ତ୍ତି ଭସାଣି ପୃଥକ୍ ଭାବେ ଆୟୋଜିତ ହୋଇଥିଲା। ଗ୍ରାମ ନିକଟରେ ଥିବା ପଥରଖଣି ପାଣିରେ ଠାକୁରଙ୍କୁ ଶୋଭାଯାତ୍ରାରେ ନେଇ ବିସର୍ଜିତ କରାଯାଇଥିଲା।

### ଭୋଗ, ଫୁଲମାଳ ଦେଇ ଭସାଣି ଶୋଭାଯାତ୍ରାକୁ ସ୍ୱାଗତ

ଭସାଣି ଶୋଭାଯାତ୍ରାରୁ ଫାଇଦା ଉଠାଇବାକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାକୁ ସ୍ୱାଗତ କରିବାକୁ ମୁଖ୍ୟ ରାସ୍ତାର ଆନ୍ଧ୍ରବ୍ୟାଙ୍କ ଛକରେ ହୋଇଥିବା ମଞ୍ଚରେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଓ କର୍ମୀମାନେ ଉପସ୍ଥିତ ରହି ଶ୍ରୀଗଣେଶଙ୍କ ମୃଣ୍ମୟ ମୂର୍ତ୍ତିରେ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ସେହିପରି ଧର୍ମଶାଳା ଛକରେ ସ୍ୱାଗତ କରିବାକୁ ବିଜେଡ଼ିର ହୋଇଥିବା ମଞ୍ଚରେ ଖୋର୍ଦ୍ଧା ଜିଲା ବିଜେଡ଼ି ସଭାପତି ବିଭୂତି ବଳବନ୍ତରାୟ ଓ ସମର୍ଥକମାନେ ଉପସ୍ଥିତ ରହିଥିଲେ। ଭାଜପାର ତିନିଜଣ ନେତା ସୁଦୀପ୍ତ ରାୟ, ସନ୍ତୋଷ ଜେନା, ବିଶ୍ୱରଞ୍ଜନ ବଡ଼ଜେନା ଓ ସମର୍ଥକମାନଙ୍କ ପକ୍ଷରୁ ପୃଥକ୍ ଭାବେ ମହୁଲଗୁଡ଼ିଆ ଛକ, ହରିଭାଇନା ଛକ, ପିଏନ୍‌ବି ଛକ ନିକଟରେ ହୋଇଥିବା ୩ଟି ଷ୍ଟେଜରେ ମେଢ଼ ଶୋଭାଯାତ୍ରାକୁ ଫୁଲମାଳ ଦେଇ ଗଣେଶଙ୍କୁ ବିଦାୟ ଦେଇଥିଲେ। ସ୍ଥାନୀୟ ସୀତାରାମ ଛକରେ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ ଓ ସହକର୍ମୀଙ୍କୁ ଧରି ସମସ୍ତ ପୂଜା ପେଣ୍ଡାଲର ମେଢରେ ଫୁଲମାଳ ଓ ଫଗୁ ସିଞ୍ଚନ କରି ସ୍ୱାଗତ କରିଥିଲେ। ମହୁଲଗୁଡ଼ିଆ ଛକରେ ମାରୱାଡି ଯୁବମଞ୍ଚ ଜଟଣୀ ସିଟି ପକ୍ଷରୁ ଟେଣ୍ଟ କରାଯାଇ ପାଣି ଓ ଖାଦ୍ୟପୁଡ଼ିଆ ବଣ୍ଟନ କରାଯାଇଥିଲା। ଅନ୍ୟପକ୍ଷରେ ରାମଚନ୍ଦ୍ରପୁର ବଜାର କମିଟି ପକ୍ଷରୁ ଭସାଣି ଶୋଭାଯାତ୍ରାକୁ ମେଲାଣି ଦେବା ସହ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସିଦ୍ଧିବିନାୟକ କ୍ଲବ୍।



ଲୋକୋ କଲୋନୀ।



ବାଛରା ପୂଜା ମଣ୍ଡପ।



ଥାନା ଛକ।



ବଡ଼ବଜାର।



ପୋଷ୍ଟଅଫିସ୍ ଛକ।



ସୀତାରାମ ଛକ।



ହରିଭାଇନା ଛକ।



କୁଦିଆରୀ ବଜାର।



ବିନାୟକ କ୍ଲବ୍।



ରନିଂ ରୁମ୍।



ମାଛ ମାର୍କେଟ।



ଗୋଲେଇ ମାର୍କେଟ।



ଗୋପବନ୍ଧୁ ବଜାର।



"ମୋ ନିଜ ପରିବାରକୁ ଯଦି ମୁଁ ସଜାଡି ଦେବି, ତେବେ ଗୋଟିଏ ରାଜ୍ୟ ସଜାଡିବାର ପରାମର୍ଶ ବା ଦାୟିତ୍ୱ ନିଶ୍ଚୟ ଅନ୍ୟକୁ ଦେଇପାରିବି ।
–ଫ୍ରାନ୍ସିସ୍ ବାକନ୍



## ସଂକ୍ଷେପରେ

### ଖୋର୍ଦ୍ଧା ଜିଲାପାଳଙ୍କୁ ଶ୍ରୀମନ୍ଦିର ପ୍ରଶାସନର ଚିଠି
## ଖାଲି ଜମି ଚିହ୍ନଟ କରି ତାଲିକା ଦିଅ

**ପୁରୀ ଅଫିସ, ୨୫।୯:** ଖୋର୍ଦ୍ଧା ଜିଲାରେ ଶ୍ରୀଜଗନ୍ନାଥଙ୍କ ଅବ୍ୟବହୃତ ଓ ଖାଲି ରହିଥିବା ଜମି ଚିହ୍ନଟ କରି ତାଲିକା ଦେବା ଲାଗି ଖୋର୍ଦ୍ଧା ଜିଲାପାଳଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚିଠି ଲେଖାଯାଇଛି। ଉକ୍ତ ଜମି ତାଲିକା ଆସିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାହାକୁ ବିକ୍ରି କରାଯିବାର ଯୋଜନା ରହିଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨୩ଟି ଜିଲାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୬୦ ହଜାର ୪୧୦ ଏକର ୦୭୩ ଡିସିମିଲ ଜମି ଚିହ୍ନଟ ହୋଇଛି। ଏଥିମଧ୍ୟରୁ ପ୍ରାୟ ୩୫ ହଜାର ଏକର ଜମିର ରେକର୍ଡ ମହାପ୍ରଭୁଙ୍କ ନାମରେ ରହିଛି। ବାକି ଜମିର ରେକର୍ଡ ମାର୍ଫତଦାର ସ୍ୱତ୍ୱରେ ରହିଛି। ମହାପ୍ରଭୁଙ୍କ ସମୁଦାୟ ଜମି ମଧ୍ୟରୁ ଖୋର୍ଦ୍ଧା ଜିଲାରେ ସର୍ବାଧିକ ରହିଛି। ଖୋର୍ଦ୍ଧା ଜିଲାରେ ୨୯ ହଜାର ୭୫୨ ଏକର ୯୦୭ ଡିସିମିଲ ଜମି ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୧୫୯୦୮.୨୧୦ ଏକର ଜମିର ରେକର୍ଡ ମହାପ୍ରଭୁଙ୍କ ନାମରେ ରହିଛି। ସେଥିରେ କେତେ ପରିମାଣର ଜମି ଖାଲି ଏବଂ ଅବ୍ୟବହୃତ ହୋଇ ପଡିରହିଛି ତାହା ଚିହ୍ନଟ କରି ତାଲିକା ଦେବାକୁ ଖୋର୍ଦ୍ଧା ଜିଲାପାଳଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଚିଠି ଲେଖିଥିବା ଜଣାପଡିଛି।

## ବୋହୂଙ୍କୁ ବଳାତ୍କାର ଉଦ୍ୟମ କରି ଶ୍ୱଶୁର ଗିରଫ

**ନିମାପଡ଼ା,୨୫।୯(ଡି.ଏନ୍.ଏ.):** ନିମାପଡ଼ା ଥାନା ଅଞ୍ଚଳର ଜଣେ ବିବାହିତ ମହିଳାଙ୍କୁ ତାଙ୍କ ଶ୍ୱଶୁର ବଳାତ୍କାର ଉଦ୍ୟମ କରିଛନ୍ତି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଶ୍ୱଶୁରଙ୍କୁ ମଙ୍ଗଳବାର ଗିରଫ କରିଛି। ସୂଚନା ଅନୁଯାୟୀ, ଗତ ୧୫ତାରିଖ ରାତିରେ ଉକ୍ତ ମହିଳାଙ୍କ ସ୍ୱାମୀ ଘରେ ନ ଥିଲେ। ଏହାର ସୁଯୋଗ ନେଇ ଶ୍ୱଶୁର ବୋହୂଙ୍କ ଶୋଇବା ଘରେ ପଶି ତାଙ୍କୁ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ଘଟଣା ସଂକ୍ରାନ୍ତରେ ବୋହୂ ସୋମବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ନଂ ୨୮୧/୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ପରେ ଅଭିଯୁକ୍ତ ଶ୍ୱଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ଜେଲ ପଠାଇ ଦେଇଛନ୍ତି। ପୋଲିସ ମଙ୍ଗଳବାର ଉଭୟ ଶ୍ୱଶୁର ଓ ବୋହୂଙ୍କୁ ଡାକ୍ତରୀ ମାଇନା ପାଇଁ ନିମାପଡ଼ା ମେଡିକାଲକୁ ପଠାଇଛି ।

## ଯୁବକଙ୍କ ଆତ୍ମହତ୍ୟା

**ନିମାପଡ଼ା,୨୫।୯(ଡି.ଏନ୍.ଏ.):** ନିମାପଡ଼ା ଥାନା ଅନ୍ତର୍ଗତ ଭାଟବନ୍ଧ ବଣିଆ ସାହି ଗ୍ରାମର ଶୁଭକାନ୍ତ ମହାନ୍ତି(୩୩) ଜଣେ ବିବାହିତ ଯୁବକ ନିଜ ଘରେ ବେକରେ ଲୁଗା ବାନ୍ଧି ଫ୍ୟାନରେ ଝୁଲି ସୋମବାର ରାତିରେ ଆତ୍ମହତ୍ୟା କରିଥିବା ପୋଲିସ କହିଛି । ଏ ସମ୍ପର୍କରେ ମୃତକଙ୍କ ଭାଇ ଉମାକାନ୍ତ ମହାନ୍ତି ସ୍ଥାନୀୟ ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି । ପୋଲିସ ନିମାପଡ଼ା ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି । ଏ ନେଇ ନଂ ୨୧/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ଥିବାବେଳେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ । ମୃତ ଶୁଭକାନ୍ତ ଜଣେ ପରୋପକାରୀ ଓ ଧର୍ମପରାୟଣ ଯୁବକ ଥିଲେ। ତାଙ୍କ ଅକାଳ ବିୟୋଗରେ ଗ୍ରାମରେ ଶୋକରଛାୟା ଖେଳିଯାଇଛି।

## ପୁରୀ ବାଇପାସ୍‌ରେ ଯାନବାହନ ଚଳାଚଳ ଆରମ୍ଭ

**ପୁରୀ ଅଫିସ, ୨୫।୯:** ସୁଜାତା ନଗର ଜଳବନ୍ଦୀ ରହିଥିବାରୁ ପୁରୀ ବାଇପାସ୍‌କୁ କଟାଯାଇ ଜଳ ନିଷ୍କାସନ କରାଯାଇଥିଲା। ଏଥିଯୋଗୁ ଏହି ବାଟ ଦେଇ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ବର୍ତ୍ତମାନ କଟାଯାଇଥିବା ସ୍ଥାନରେ ହ୍ୟୁମ୍ ପାଇପ୍ ପକାଯାଇ ଏକ ଅସ୍ଥାୟୀ କଲଭର୍ଟ ତିଆରି ହୋଇଛି। ଏହାସହିତ ରାସ୍ତା ନିର୍ମାଣ ହୋଇଥିବାରୁ ଗାଡ଼ି ଚଳାଚଳ ଆରମ୍ଭ କରିଛି। ଖରା ଋତୁରେ ସେଠାରେ ସ୍ଥାୟୀ କଲଭର୍ଟ ସହ ରାସ୍ତା ନିର୍ମାଣ ହେବ ବୋଲି ଜଣାପଡିଛି।

### ■ପୋଲିସ ରଖୁନି ମାମଲା
# ରାସ୍ତାରେ ବିତୁଛି ଜୀବନ

**ପୁରୀ ଅଫିସ, ୨୫।୯**

ପୁରୀ ଜିଲାର ବିଭିନ୍ନ ବ୍ଲକରେ ଶତାଧିକ ପରିବାର ଗ୍ରାମରୁ ବାସନ୍ଦ ହୋଇ ରାସ୍ତାକଡ଼ରେ ଆଶ୍ରୟ ନେଇଛନ୍ତି। ଏ ନେଇ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ମଙ୍ଗଳବାର ଗାନ୍ଧୀଘାଟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛି ବାସନ୍ଦ ବିରୋଧୀ ସଂଗ୍ରାମ ମଞ୍ଚ। ମଞ୍ଚର ଆବାହକ ଦେବେନ୍ଦ୍ର ସୂତାର କହିଛନ୍ତି, ବ୍ରହ୍ମଗିରି ବ୍ଲକର ୩ଟି ଅସବର୍ଣ୍ଣ ପରିବାରକୁ ଗ୍ରାମବାସୀ ଗ୍ରାମରୁ ବାସନ୍ଦ କରିଛନ୍ତି। ସେମାନଙ୍କ ଘରଦ୍ୱାର ଭାଙ୍ଗି ଗ୍ରାମରୁ ତଡ଼ିଦେଇଛନ୍ତି। ବୁଢାକେରା ଗ୍ରାମରେ ୧୪ଟି ପରିବାରକୁ କେତେଜଣ ଗ୍ରାମବାସୀ ବାସନ୍ଦ କରିଛନ୍ତି। ସେମାନଙ୍କ ଚାଷଜମିକୁ ପାଣି ଛାଡୁନାହାନ୍ତି। ଗୋପୀନାଥପୁର ଗ୍ରାମର ବିଶ୍ୱନାଥ ବାରିକ ବାଳ କାଟିବାକୁ ମନା କରିବାକୁ ତାଙ୍କ ପରିବାରକୁ ବାସନ୍ଦ କରାଯାଇଛି। ଡୁମୁଡୁମା ଗ୍ରାମର ଗୁରୁବାରୀ ବାରିକ, ରବୀନ୍ଦ୍ର ବାରିକଙ୍କୁ ଗୋତିମୁକ୍ତ

### ୨୭ରୁ ଜିଲାର ୫୯ ବାସନ୍ଦ ପରିବାର ଦେବେ ଧାରଣା



ପୁରୀ ଗାନ୍ଧୀଘାଟଠାରେ ବାସନ୍ଦ ବିରୋଧୀ ସଂଗ୍ରାମ ମଞ୍ଚର କର୍ମକର୍ତ୍ତା।

ପ୍ରମାଣପତ୍ର ମିଳିଥିଲେ ମଧ୍ୟ ସେମାନଙ୍କ ପରିବାର ୧୮ବର୍ଷ ଧରି ବାସନ୍ଦ ଜୀବନ ବିତାଉଛନ୍ତି। ଗଡିଶାଗୋଦା ଥାନା ବୀରକିଶୋରପୁର ଗ୍ରାମର ୩, ଗୋପ ଥାନା ଅଧୀନ ମାହାପୁର ଗ୍ରାମର ୧୮, ସତ୍ୟବାଦୀ ଥାନା ଅନ୍ତର୍ଗତ ମାର୍କଣ୍ଡପଡା ଗ୍ରାମର ଗୋଟିଏ ବାରିକ ପରିବାର, ପୁରୀ ସଦର ଥାନା ଅଧୀନ ଗୋରୁଆଳର ୧୭ଟି ପରିବାର ଦୀର୍ଘଦିନ ଧରି ବାସନ୍ଦ ଜୀବନ ବିତାଉଛନ୍ତି। ଗ୍ରାମ ଏବଂ କୌଳିକ ବୃତ୍ତିଠାରୁ ଦୂରେଇ ରହିବାରୁ ଏମାନଙ୍କ ଜୀବନ ଦୁର୍ବିଷହ ହୋଇପଡିଛି ବୋଲି ମଞ୍ଚର ଆବାହକ ସୂତାର କହିଛନ୍ତି। ଜିଲାର ୫୯ଟି ପରିବାର ବାସନ୍ଦ ଜୀବନ ବିତାଉଛନ୍ତି। କିଏ ରାସ୍ତାକଡ଼ରେ ତମ୍ବୁ ଟାଣି ଆଶ୍ରୟ ନେଇଛି ତ ଆଉ କିଏ ଗଛତଳେ ଜୀବନ ଏବଂ ପୁଣି କିଏ ବାତ୍ୟା ଆଶ୍ରୟସ୍ଥଳରେ ପରିବାର ସହ ରହୁଛନ୍ତି। ଭୋକ ଉପାସରେ ଅଧିକାଂଶ ପରିବାର ଜୀବନ ବିତାଉଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୨୭ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବାସନ୍ଦ ବିରୋଧୀ ସଂଗ୍ରାମ ମଞ୍ଚ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ ବୋଲି ସେ କହିଛନ୍ତି।

ମଞ୍ଚର ଅନ୍ୟତମ ସଦସ୍ୟ ବାଘାମ୍ବର ପଟ୍ଟନାୟକ କୁହନ୍ତି, ଜାତିଆଣ ସମସ୍ୟା ନେଇ ମାମଲା ରୁଜୁ କରିବା ଲାଗି ଓଡ଼ିଶା ପୋଲିସ ମୁଖ୍ୟାଳୟ ଚିଠି ନଂ. ୬୧୫୬/୨୪।୧୧।୨୦୧୦ ପ୍ରକାରେ ସମସ୍ତ ଏସ୍‌ପିଙ୍କ ନିକଟକୁ ଚିଠି ଆସିଛି। ଅଥଚ ପୁରୀ ଜିଲାର କୌଣସି ଥାନାରେ ବର୍ତ୍ତମାନ ସୁଦ୍ଧା ମାମଲା ରୁଜୁ କରାଯାଉନାହିଁ। ଜାତିଆଣ ନିରୋଧ ଆଇନ ୧୭ ଧାରା ପ୍ରକାରେ ନିର୍ଯାତନା ଦିଆଯାଉଥିବା ଗ୍ରାମକୁ ନିର୍ଯାତନାପ୍ରବଣ ସ୍ଥାନ ଘୋଷଣା ଲାଗି ବ୍ୟବସ୍ଥା ରହିଛି। କ୍ଷତିଗ୍ରସ୍ତ ପରିବାର, ନିର୍ଯାତିତ ଲୋକଙ୍କୁ ସୁରକ୍ଷା, ନିର୍ଯାତନା ନିରୋଧ ଆଇନ ଓ ନିୟମାବଳୀ ଅନୁସାରେ ତଦନ୍ତ ଲାଗି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମଞ୍ଚର ସଦସ୍ୟ ଦିବାକର ବାରିକ, ଉମାକାନ୍ତ ସାହୁ, ବଟକୃଷ୍ଣ ପ୍ରଧାନ ଓ ସୁମିତ୍ରା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରରେ ମରିସସ୍‌ର ପୂର୍ବତନ ରାଷ୍ଟ୍ରପତି

**ପୁରୀ ଅଫିସ,୨୫।୯**

ମରିସସ୍‌ର ପୂର୍ବତନ ରାଷ୍ଟ୍ରପତି ରାଜକେଶ୍ୱର ପର୍‌ୟାଗ୍ ସପତ୍ନୀକ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୧୦ରେ ପର୍‌ୟାଗ୍ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ସୂଚନା ଅଧିକାରୀ ସୁଦୀପ୍ ଚାଟାର୍ଜୀ ସ୍ୱାଗତ ଜଣାଇ ମନ୍ଦିରକୁ ପାଛୋଟି ନେଇଥିଲେ । ପର୍‌ୟାଗ୍ ଦମ୍ପତି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢା ପରିସର ବୁଲି ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପ୍ରାୟ ୪୦ ମିନିଟ୍ ମନ୍ଦିରରେ ବିତାଇବା ପରେ ସିଂହଦ୍ୱାର ନିକଟରେ ପର୍‌ୟାଗ୍ ଗଣମାଧ୍ୟମକୁ କହିଥିଲେ ଯେ, ମହାପ୍ରଭୁଙ୍କୁ ଦର୍ଶନ କରି ବହୁତ ଖୁସି ଲାଗିଲା । ଦେଶ ଭଲ ଭାବେ ଆଗକୁ ବଢୁ ଏବଂ ଦେଶର ଜନସାଧାରଣ ସୁଖରେ ରୁହନ୍ତୁ ବୋଲି ଭଗବାନଙ୍କ ପାଖରେ ପ୍ରାର୍ଥନା କଲି। ଭାରତ ଏବଂ ମରିସସ୍ ମଧ୍ୟରେ ସୁସମ୍ପର୍କ ଅକ୍ଷୁଣ୍ଣ ରହୁ ଏବଂ ଭାରତବାସୀ ସୁଖ ଶାନ୍ତିରେ ରୁହନ୍ତୁ ମହାପ୍ରଭୁଙ୍କ ନିକଟରେ କାମନା କଲି। ଶ୍ରୀମନ୍ଦିର ସଂସ୍କାର ପ୍ରଶ୍ନରେ ସେ କହିଲେ, ଏହା ଭାରତର ଆଭ୍ୟନ୍ତରୀଣ ବ୍ୟାପାର। କିନ୍ତୁ ସଂସ୍କାର ଯାହା ହେଉନା କାହିଁକି ସମସ୍ତେ ମହାପ୍ରଭୁଙ୍କୁ ଭଲରେ ଦର୍ଶନ କରିବା ଦରକାର।



ମରିସସ୍‌ର ପୂର୍ବତନ ରାଷ୍ଟ୍ରପତି ସପରିବାର ଶ୍ରୀମନ୍ଦିରରୁ ଶ୍ରୀଜୀଉଙ୍କ ଦର୍ଶନ ସାରି ଫେରୁଛନ୍ତି।

## ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

**ପିପିଲି, ୨୫।୯(ଡି.ଏନ୍.ଏ.)**

ପିପିଲି ଏନ୍‌ଏସି ଅଧୀନ ଭବାନିପୁର ସାହିରେ ଦିନ ଦ୍ୱିପ୍ରହରେ ଘରେ କେହି ନ ଥିବାବେଳେ ଲକ୍ଷାଧିକ ଟଙ୍କାର ଚୋରି ହୋଇଥିବା ପିପିଲି ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ପିପିଲି ବଜାରର ବ୍ୟବସାୟୀ ସଞ୍ଜିବ କୁମାର ଅଗ୍ରୱାଲ ଭବାନୀପୁର ସାହିରେ ସପରିବାର ରହି ଆସୁଛନ୍ତି। ମଙ୍ଗଳବାର ସେ ପରିବାର ସହିତ ଭୁବନେଶ୍ୱର ଯାଇଥିଲେ। ସନ୍ଧ୍ୟାରେ ଘରେ ପହଞ୍ଚିବା ପରେ ଚୋର ଗ୍ରୀଲ ଚାବି ଭାଙ୍ଗି ଘରେ ଥିବା ଗଡରେଜ୍ ଭାଙ୍ଗି ପ୍ରାୟ ୫ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାର ସହ ନଗଦ ୯୦ହଜାର ଟଙ୍କା ଚୋରି କରି ନେଇଥିବାର ଅଭିଯୋଗରେ ଦର୍ଶାଇଛନ୍ତି। ପିପିଲି ଆଇଆଇସି ଶରତ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ରବୀନ୍ଦ୍ର ନାୟକ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।





ପରୀକ୍ଷା ବାତିଲ ଦାବିରେ ଛାତ୍ରମାନେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

## ଛାତ୍ରଙ୍କ ବିକ୍ଷୋଭ ପରେ ପରୀକ୍ଷା ବାତିଲ

**ପୁରୀ ଅଫିସ,୨୫।୯**

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟରେ ମଙ୍ଗଳବାର ଛାତ୍ର ଅଶାନ୍ତି ଦେଖାଦେଇଥିଲା। ଯୁକ୍ତ ୨ ଓ ୩ର ଇଣ୍ଟରନାଲ ପରୀକ୍ଷା ବାତିଲ ଦାବିରେ ଶତାଧିକ ଛାତ୍ର କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଟ୍ରେନ୍ ବାତିଲ ଯୋଗୁ ବହୁ ଛାତ୍ରୀଛାତ୍ର ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଇଣ୍ଟରନାଲ ପରୀକ୍ଷା ଦେବାକୁ ଆସିପାରି ନ ଥିଲେ। ଏହି ଖବର ପାଇବା ପରେ କେତେଜଣ ଛାତ୍ର କଲେଜ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରୀକ୍ଷା ବାତିଲ କରିବାକୁ ସେମାନେ ଅଡ଼ି ବସିଥିଲେ। କର୍ତ୍ତୃପକ୍ଷ ରାଜି ନ ହେବାରୁ କ୍ୟାମ୍ପସ୍‌ରେ ଉତ୍ତେଜନା ପ୍ରକାଶ ପାଇଥିଲା। ପିଲାଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ପରୀକ୍ଷା ବାତିଲ କରାଯାଇଛି ବୋଲି ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କହିଛନ୍ତି। ସାକ୍ଷୀଗୋପାଳ ଓ ଡେଲାଙ୍ଗ ପଟୁ ଶତାଧିକ ଛାତ୍ରୀଛାତ୍ର ଏସ୍‌ସିଏସ କଲେଜରେ ଅଧ୍ୟୟନ କରୁଛନ୍ତି। ଟ୍ରେନ୍ ସମ୍ପ୍ରସାରଣ ଲାଗି ପୁରୀ–ଭୁବନେଶ୍ୱର ମଧ୍ୟରେ ଯାତାୟାତ କରୁଥିବା କେତେକ ଟ୍ରେନ୍‌ର ସମୟ ସାରଣୀରେ ପରିବର୍ତ୍ତନ କରାଯାଇଛି। ମଙ୍ଗଳବାରଠାରୁ କଲେଜରେ ଯୁକ୍ତ ୨ ଓ ୩ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ଇଣ୍ଟରନାଲ ପରୀକ୍ଷା ଆରମ୍ଭ ହୋଇଛି।

# ଜାଗୁଲେଇଙ୍କ ପ୍ରସିଦ୍ଧ କାଠିଯାତ୍ରା

**ସାକ୍ଷୀଗୋପାଳ, ୨୫।୯(ଡି.ଏନ୍.ଏ.)**

ପୁରୀଜିଲା ସତ୍ୟବାଦୀ ବ୍ଲକ ଅଳଗୁମ ଗ୍ରାମର ପ୍ରତ୍ୟକ୍ଷ ଦେବୀ ମା'ଜାଗୁଲେଇଙ୍କ ପାରମ୍ପରିକ କାଠିଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବର୍ଷକୁ ଥରେ ଏହି ଯାତ୍ରା କରାଯାଉଥିବାରୁ ମାନସିକଧାରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କର ଭିଡ ଲାଗିଥିଲା। ୧୨ପଡାରେ ଭୋଗ ଖାଇ ମା'ଙ୍କର ବିଜେ ପ୍ରତିମା ମଧ୍ୟାହ୍ନରେ ମନ୍ଦିରକୁ ଫେରିବା ପରେ କାଠିଯାତ୍ରା ଆରମ୍ଭ ହୋଇଥିଲା। ଝୁଣାଧୁପ, ଦୀପ, ଆଳତି, ଘଣ୍ଟ, କାହାଳୀ, ଢୋଲ, ମହୁରି, ହରିବୋଲ, ହୁଳହୁଳି ଧ୍ୱନି ମଧ୍ୟରେ ମା'ଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଅଣାଯାଇ ୨୨ ହାତ ୨୨ ଅଙ୍ଗୁଳ ଲମ୍ବ ଏବଂ ଗୋଲାକାର ବିଶିଷ୍ଟ ଏକ କାଠିରେ (ଖୁମ୍ବ) ଲାଗି କରାଯାଇଥିଲା। ମା'ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ଅର୍ପଣ କରିଥିବା ଶହ ଶହ ସଂଖ୍ୟାରେ ଶାଢ଼ି କୁଞ୍ଚକରି ମହାରଣା ସେବକମାନେ ଉକ୍ତ କାଠିରେ ବାନ୍ଧିଥିଲେ। ଶାଢି ବନ୍ଧା ସେବାରେ ଗ୍ରାମର ରଜକ ସେବକମାନେ ସହଯୋଗ କରିଥିଲେ। କାଠି ମା'ଙ୍କ ଶ୍ରୀଅଙ୍ଗରେ ଲାଗି କରାଯିବା ପରେ ସେବକମାନେ କାଠିକୁ କାନ୍ଧରେ ବୋହି ଗଡିଶ୍ୱର ଦେବଙ୍କ ମନ୍ଦିର ବେଢା ପରିକ୍ରମା କରିଥିଲେ। ଅପରାହ୍ନରେ ବର୍ଷା ହେବାରୁ କାଠି ବିଳମ୍ବରେ ବାରବାଟୀ ପଡିଆକୁ ବିଜେ କରିଥିଲା। ପଡିଆରେ ପୋତାଯିବା ପରେ ଭକ୍ତମାନେ ହରିବୋଲ ହୁଳହୁଳି ଦେଇ ଦେବୀଙ୍କୁ ମହାପ୍ରସାଦ, ପଣା, ପଇଡ ଓ ଫୁଲମାଳ ଅର୍ପଣ କରିଥିଲେ। ପରେ କାଠି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲା। ରାତିରେ ଜାଗେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ବିଜେ ପ୍ରତିମା ପୁନଶ୍ଚ ସୁରାଲାଗି ନିମନ୍ତେ ସୁରାଲାଗି ବରଗଛ ମୂଳରେ ରାତ୍ରି ଯାପନ କରିଥିଲେ। ଅସ୍ଥାୟୀ ବଜାରରେ କିଣାବିକା ସାଙ୍ଗକୁ ମନ୍ଦିର ବେଢ଼ାରେ ସ୍ଥାନୀୟ କଳାକାର ମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଗ୍ରାମବାସୀ, ପୋଲିସ ପ୍ରଶାସନ ଓ ସ୍ୱେଚ୍ଛାସେବୀ ମାନଙ୍କର ସହଯୋଗରେ ଏହିଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରାଯାଇଥିଲା।



ଅଳଗୁମ ଜାଗୁଲେଇଙ୍କ କାଠିଯାତ୍ରା।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ରାହୁଲ



@ ପପୁନ



@ କୃଷ୍ଣା



@ ଲିପିକା



@ ପ୍ରଜ୍ଞାନିତା



@ ସୁବ୍ରତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଭଙ୍ଗା କୁଡ଼ିଆରେ ରହି ଦରିଦ୍ର ଭାବରେ ଚଳିଲେ ମଧ୍ୟ ସ୍ୱାଧୀନ ଲୋକ ଯେପରି ସୁଖ ଅନୁଭବ କରେ, ପରାଧୀନ ଲୋକ ସବୁ ସୁଖରୁ ବଞ୍ଚିତ ରହେ।
-ହାରିଏଟ୍ ବିଚର ଷ୍ଟୋ



## ସଂକ୍ଷେପରେ



### ଭାଗବତ ଜନ୍ମ ପାଇଁ ପ୍ରାଚୀ ଉପତ୍ୟକା ଉତ୍ସବମୁଖର

**କାକଟପୁର, ୨୫।୯(ଡି.ଏନ୍.ଏ.):** ଇନ୍ଦୁ ପୂର୍ଣ୍ଣିମା ବା ଭାଗବତ ଜନ୍ମ ଦିବସ ଅବସରରେ ମଙ୍ଗଳବାର ପ୍ରାଚୀ ଉପତ୍ୟକାର ମଠ ଓ ମନ୍ଦିର ମାନଙ୍କରେ ଆଧାମ୍ଭିକ ପରିବେଶ ସୃଷ୍ଟି ହୋଇଥିଲା। ହିନ୍ଦୁ ଧର୍ମର ଅଷ୍ଟାଦଶ ପୁରାଣ ମଧରେ ଶ୍ରୀମଦ୍ ଭାଗବତ ହେଉଛି ଶ୍ରେଷ୍ଠ ପୁରାଣ। ପଣ୍ଡିତ ତ୍ରିଲୋଚନ ମିଶ୍ର କୁହନ୍ତି ଯେ, ଶ୍ରୀମଦ୍‌ଭାଗବତ ଗ୍ରନ୍ଥକୁ ସଂସ୍କୃତରେ ବ୍ୟାସଦେବ ରଚନା କରିଥିଲେ। ସଂସ୍କୃତ ଭାଗବତ କେବଳ ସଂସ୍କୃତ ଭାଷା ଜାଣିଥିବା ପଣ୍ଡିତମାନେ ପଢ଼ିପାରୁଥିଲେ। ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ସନ୍ଥ ଅତିବଡ଼ୀ ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ସର୍ବଜନପ୍ରିୟ ହେବା ପରି ଶ୍ରୀମଦ୍‌ଭାଗବତ ଗ୍ରନ୍ଥ ରଚନା କରିଥିଲେ। ଯାହା କାଳକ୍ରମେ ଉତ୍କଳୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ପାଲଟି ଯାଇଥିଲା। ମଠ ମନ୍ଦିର ମାନଙ୍କରେ ଭାଗବତ ପଠନ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିପାଇଁ ପ୍ରାଚୀ ଉପତ୍ୟକା ଉତ୍ସବ ମୁଖର ହୋଇପଡ଼ିଛି।

### ତିନିଜଣିଆ କମିଟି ରିପୋର୍ଟ ସୁପ୍ରିମ୍‌କୋର୍ଟଙ୍କୁ ପୁଣି ଅଭିଯୋଗ ପଠାଇଲେ ଭକ୍ତ

ପୁରୀ ଅଫିସ, ୨୫।୯: ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା ନେଇ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ତିନିଜଣିଆ କମିଟି ତାଙ୍କ ରିପୋର୍ଟ ଦେଇସାରିଛନ୍ତି। ଶୃଙ୍ଖଳିତ ଦର୍ଶନ ପାଇଁ ଧାଡି ବ୍ୟବସ୍ଥା ଲାଗି କମିଟି ସୁପାରିସ କରିଛି। ଧାଡି ସହିତ କମିଟି ଟିକେଟ ଦର୍ଶନ ବ୍ୟବସ୍ଥା କଥା ଉଲ୍ଲେଖ କରିଛି। ଭକ୍ତମାନେ ନିଜ ଇଚ୍ଛା ମୁତାବକ ଟିକେଟ କାଟି ଦର୍ଶନ କରିପାରିବେ। ଟିକେଟ କାଟିଥିବା ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଧାଡି ରହିବ ବୋଲି କମିଟି ପ୍ରସ୍ତାବ ଦେଇଛି। ତେବେ ଏହି ଟିକେଟ ବ୍ୟବସ୍ଥାକୁ ନେଇ ଅନେକ ଭକ୍ତ ଓ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ପ୍ରସ୍ତାବକୁ ବିରୋଧ କରି ମଙ୍ଗଳବାର ଉମାଶଙ୍କର ମହାନ୍ତି ନାମକ ଜଣେ ଭକ୍ତ ସୁପ୍ରିମ୍‌କୋର୍ଟଙ୍କୁ ରେଜିଷ୍ଟ୍ରି ଡାକ ଯୋଗେ ଅଭିଯୋଗ ପତ୍ର ପଠାଇଛନ୍ତି। ମହାନ୍ତି ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଟିକେଟ ଦର୍ଶନ ବ୍ୟବସ୍ଥା ଲାଗୁ ହେଲେ ବିଶେଷ ପର୍ବପର୍ବାଣି ଦିନରେ ବହୁ ସଂଖ୍ୟାରେ ସାଧାରଣ ଭକ୍ତ ଦର୍ଶନରୁ ବଞ୍ଚିତ ହେବେ। ସେହିପରି ଭିଡ଼କୁ ନିୟନ୍ତ୍ରଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଯାତ୍ରୀ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ କରିପାରେ ବୋଲି କମିଟି ସୁପାରିସ କରିଛି। ଏହା ଲାଗୁ ହେଲେ ବହୁ ଭକ୍ତ ଦର୍ଶନରୁ ବଞ୍ଚିତ ହେବେ। ତେଣୁ ସୁପ୍ରିମ୍‌କୋର୍ଟ ଏହି ପ୍ରସ୍ତାବକୁ ଗ୍ରହଣ କରନ୍ତୁ ନାହିଁ ବୋଲି ମହାନ୍ତି ତାଙ୍କ ଅଭିଯୋଗ ପତ୍ରରେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଦିଲୀପ ବରାଳ ନାମକ ଜଣେ ଭକ୍ତ ସମାନ ଅଭିଯୋଗ ରେଜିଷ୍ଟ୍ରି ଡାକ ଯୋଗେ ସୁପ୍ରିମ୍‌କୋର୍ଟଙ୍କୁ ପଠାଇଥିଲେ।

# ଶୌଚାଳୟ ନିର୍ମାଣରେ ପଛରେ ଗୋପ ବ୍ଲକ

■ ହିତାଧିକାରୀଙ୍କୁ ମିଳୁନି ପ୍ରୋତ୍ସାହନ ରାଶି
■ ସରିନି ୫୦ପ୍ରତିଶତ କାର୍ଯ୍ୟ

**ଗୋପ, ୨୫।୯(ଡି.ଏନ୍.ଏ.)**

ପୁରୀ ଜିଲାର ଅନ୍ୟତମ ବଡ଼ ବ୍ଲକ ଗୋପ ବ୍ଲକ ଶୌଚାଳୟ ନିର୍ମାଣରେ ବହୁତ ପଛରେ ପଡ଼ିଯାଇଛି। ହିତାଧିକାରୀମାନଙ୍କୁ ଶୌଚାଳୟ ନିର୍ମାଣର ପ୍ରାପ୍ୟ ମିଳୁ ନ ଥିବାବେଳେ ଏ ପର୍ଯ୍ୟନ୍ତ ୫୦ପ୍ରତିଶତ କାର୍ଯ୍ୟ ସରି ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୨୦୧୪ ମସିହାରେ ଶୌଚାଳୟ ସର୍ଭେ ଶେଷ କରାଯାଇ ଗୋପ ବ୍ଲକର ୩୧ଟି ପଞ୍ଚାୟତ ଲାଗି ୪୧ହଜାର ୫୩୪ଟି ଶୌଚାଳୟ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହି ଯୋଜନାରେ ୨୦୧୪-୧୫ ମସିହା ଆର୍ଥିକ ବର୍ଷରେ ୨୮୨ଟି ଶୌଚାଳୟ ନିର୍ମାଣ କରାଯାଇଥିବାବେଳେ ୨୦୧୫-୧୬ ଆର୍ଥିକ ବର୍ଷରେ ୩୦୮୯ଟି, ୨୦୧୬-୧୭ରେ ୨୦୮୪ଟି, ୨୦୧୭-୧୮ ଆର୍ଥିକ ବର୍ଷରେ ୨୪୨୨ଟି ଏବଂ ଚଳିତ ଆର୍ଥିକ ବର୍ଷରେ ୯୪୪୫ଟି ଶୌଚାଳୟ ନିର୍ମାଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ବ୍ଲକରେ ୧୭୩୭୨ଟି ଶୌଚାଳୟ ନିର୍ମାଣ କରାଯାଇଛି। ଶୌଚାଳୟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ତାଗିଦ କରାଯାଉଥିଲେ ମଧ୍ୟ କର୍ମଚାରୀମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ଶୌଚାଳୟ ନିର୍ମାଣ କାର୍ଯ୍ୟ ୨୦୧୯ରେ ସାରିବାକୁ ଲକ୍ଷ୍ୟ ରଖି ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ୩୪ ଜଣ ମୋଟିଭେଟର ଏବଂ ବ୍ଲକ ସ୍ତରରେ ଦୁଇ ଜଣ ସଂଯୋଜକ ନିଯୁକ୍ତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଅଚ୍ୟୁତପୁର, ଅଣ୍ଟରା ଇଚ୍ଛାପୁର, ବଡ଼ଗାଁ, ବଣିଆସାହି, ଛଇତନା, ରାହାଙ୍ଗୋରଡ଼ା, ଗଡ଼ଭିଙ୍ଗୁରା ଆଦି ପଞ୍ଚାୟତରେ ୨୦ପ୍ରତିଶତ କାର୍ଯ୍ୟ ସରିନାହିଁ। ଅଚ୍ୟୁତପୁର ପଞ୍ଚାୟତରେ ୯୬୦ଟି ଶୌଚାଳୟ ନିର୍ମାଣ କରିବାକୁ ଥିବାବେଳେ ୧୮୪ଟି ନିର୍ମାଣ ହୋଇଛି, ଅଣ୍ଟରା ଇଚ୍ଛାପୁରରେ ୧୧୦୧ରୁ ୨୯୯, ବଡ଼ଗାଁ ୧୦୯୨ରୁ ୪୨୪, ବଡ଼ତରା ୧୩୭୭ରୁ ୭୭୮, ବନାଖଣ୍ଡି ୧୩୯୭ରୁ ୬୨୬, ବଣିଆସାହି ୧୧୪୪ରୁ ୨୦୩, ବନ୍ତଲୀ ଗ୍ରାମରେ ୧୨୯୩ରୁ ୧୮୩, ବୀରତୁଙ୍ଗ ୧୬୮୦ରୁ ୬୦୨, ବେଦପୁର ୧୪୦୮ରୁ ୭୫୯, ବଉଲାଙ୍ଗ ୧୫୧୦ରୁ ୯୧୮, ଛଇତନା ୧୨୦୫ରୁ ୧୮୭, ଡ଼ଭାର ୬୦୯ରୁ ୨୨୭, ଦେସ୍ଥଳୀ ୧୩୨୮ରୁ ୫୦୨, ଏରବଙ୍ଗ ୧୫୯୯ରୁ ୩୫୨, ଗଡ଼ଭିଙ୍ଗୁରା ୬୭୩ରୁ ୧୩୫, ଗଣେଶ୍ୱରପୁର ୨୧୮୬ରୁ ୪୭୦, ଗୋପ ୩୦୭୭ରୁ ୧୫୯୯, ଇଡିଭୂଆଁ ୬୬୪ରୁ ୧୬୮, ଜଙ୍ଗଲବୋରି ୧୫୫୩ରୁ ୮୬୯, କୁଆଁପଡ଼ା ୧୪୧୫ରୁ ୩୧୮, ମହଲପଡ଼ା ୧୩୮୩ରୁ ୪୪୯, ନାଗପୁର ୨୬୩୯ରୁ ୬୩୭, ନୂଆଖୋଲମରା ୯୨୪ରୁ ୪୦୮, ପୟରା ୧୦୬୫ରୁ ୪୫୦, ରାହାଙ୍ଗୋରଡ଼ା ୯୭୯ରୁ ୧୬୪, ଶିମିଳି ୧୪୪୮ ରୁ ୮୯୫, ତରକୋରରେ ୧୨୪୮ଟି ଶୌଚାଳୟ ମଧ୍ୟରୁ ୩୪୦ଟି, ଇଶାଣପୁର ଗ୍ରାମ ପଞ୍ଚାୟତରେ ୮୧୦ଟି ଶୌଚାଳୟ ମଧ୍ୟରୁ ୪୫୯ଟି ଶୌଚାଳୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଧୂମାଳ ପଞ୍ଚାୟତରେ ସମସ୍ତ ଶୌଚାଳୟ ନିର୍ମାଣ କରାଯାଇ ବାହ୍ୟ ମଳମୁକ୍ତ ପଞ୍ଚାୟତ ଘୋଷଣା କରାଯାଇଥିବାବେଳେ ସୁତନ ଓ ସୋରଭା ଗ୍ରାମପଞ୍ଚାୟତରେ ସମସ୍ତ ଶୌଚାଳୟ କାର୍ଯ୍ୟ ନିର୍ମାଣ ସରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଗୋପ ବ୍ଲକ ବିଡିଓ ଦାୟିତ୍ୱରେ ଥିବା ରାମଚନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରେ ଏପରି ଅଭିଯୋଗକୁ ନେଇ ମୁଁ ଦୃଷ୍ଟି ଦେବା ସହ କିପରି ହିତାଧିକାରୀମାନେ ସେମାନଙ୍କ ନିର୍ମାଣାଧୀନ ଶୌଚାଳୟର ପ୍ରାପ୍ୟ ପାଇବେ ସେଥିପ୍ରତି ଦୃଷ୍ଟି ଦେବି ବୋଲି କହିଥିଲେ।



ବିଧାୟକ ଏବଂ ପୂର୍ତ୍ତ ବିଭାଗ ଟିମ୍ ନୂତନ ବସ୍‌ଷ୍ଟାଣ୍ଡ ପରିଦର୍ଶନ କରୁଛନ୍ତି।

## ପୂର୍ତ୍ତ ବିଭାଗ ଏସ୍‌ଇଙ୍କ ନିମାପଡ଼ା ନୂତନ ବସ୍‌ଷ୍ଟାଣ୍ଡ ପରିଦର୍ଶନ

■ ୨୮ରେ ହେବ ଲୋକାର୍ପିତ

**ନିମାପଡ଼ା,୨୫।୯(ଡି.ଏନ୍.ଏ.)**

ନିମାପଡ଼ା ଏନ୍‌ଏସି ପକ୍ଷରୁ ପ୍ରାୟ ୨କୋଟି ୫୮ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ହେଉଥିବା ନୂତନ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟକୁ ମଙ୍ଗଳବାର ପୂର୍ତ୍ତବିଭାଗର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର(ଏସ୍‌ଇ) ପ୍ରଶାନ୍ତ ପାତ୍ର ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ ବେଳେ ନିର୍ମାଣ କାର୍ଯ୍ୟକୁ ଦେଖି ଓ ସମୀକ୍ଷା କରି ଏସ୍‌ଇ ପାତ୍ର ସନ୍ତୋଷ ପ୍ରକାଶ କରିଛନ୍ତି। ଏସଇ ପାତ୍ରଙ୍କ ସହ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରାୟ, ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ରୀକାନ୍ତ ସାମଲ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାସ, ବିଧାୟକ ସମୀର ରଞ୍ଜନ ଦାଶ, ଏନଏସି ଅଧ୍ୟକ୍ଷ ସନାତନ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତ ପ୍ରମୁଖ ଏହି ନୂତନ ପ୍ରକଳ୍ପର ପରିଦର୍ଶନ କରିଛନ୍ତି । ଆସନ୍ତା ୨୮ତାରିଖରେ ଏହି ନବନିର୍ମାଣ ବସଷ୍ଟାଣ୍ଡ ଲୋକାର୍ପିତ ହୋଇ ଉଦ୍‌ଘାଟନ ହେବ ବୋଲି ବିଧାୟକ ଦାଶ କହିଛନ୍ତି । ଅନ୍ୟପକ୍ଷରେ ବସଷ୍ଟାଣ୍ଡ ଭଳି ଏକ ବୃହତ ନୂତନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ନହୋଇ ତରବରିଆ ଭାବେ ଉଦ୍‌ଘାଟିତ ହେବା ଘଟଣା ଅତ୍ୟନ୍ତ ହାସ୍ୟାସ୍ପଦ ଓ ରାଜନୈତିକ ଅଭିସନ୍ଧିମୂଳକ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ଶାସକ ଦଳର ନେତାମାନେ କେବଳ ବାହାବା ନେବା ପାଇଁ ଏହି ନୂତନ ବସଷ୍ଟାଣ୍ଡର ତରବରିଆ ଭାବେ ଉଦ୍‌ଘାଟନ କରିବାକୁ ଜୋରଦାର ମସୁଧା ଚଳାଇଥିବା ଜଣାପଡ଼ିଛି ।

## ଡାକ୍ତରଖାନା, ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କଲା ଜିଲା ଷ୍ଟାଣ୍ଡିଂ କମିଟି



ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଙ୍ଗୱାଡି କେନ୍ଦ୍ର ଜିଲା ଷ୍ଟାଣ୍ଡିଂ କମିଟି ସଦସ୍ୟାମାନେ।

**ସାକ୍ଷୀଗୋପାଳ, ୨୫।୯(ଡି.ଏନ୍.ଏ.)**

ପୁରୀ ଜିଲାପରିଷଦ ମହିଳା, ଶିଶୁ କଲ୍ୟାଣ ଓ ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଅଧକ୍ଷା କୁଞ୍ଜଲତା ସାମଲଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟା ଓ ସଦସ୍ୟ ମାନେ ସତ୍ୟବାଦୀ ବ୍ଲକର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଙ୍ଗୱାଡି କେନ୍ଦ୍ର ମଙ୍ଗଳବାର ପରିଦର୍ଶନ କରିଛନ୍ତି। ସାକ୍ଷୀଗୋପାଳ ସରକାରୀ ଡାକ୍ତରଖାନା, ଅଳଗୁମ, ଶୁକଳ, ଗବକୁଣ୍ଡ ଓ ପାଣିଛତ୍ର ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିବାପରେ ସ୍ୱାସ୍ଥ୍ୟସେବା ନୈରାଶ୍ୟ ଜନକ ବୋଲି ମତ ଦେଇଥିଲେ। ସେହିପରି ଜୟପୁର, ବାସୁଦେଇପୁର, ବଁପାଳ, ବଳପୁର ଶାସନ, ପଥୁରିଆ ସାହି ଆଦି ଅଙ୍ଗନୱାଡି କେନ୍ଦ୍ର କମିଟି ସଦସ୍ୟମାନେ ପରିଦର୍ଶନ କରି ସ୍ୱଚ୍ଛତା ପ୍ରତି ଅଧିକ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଷ୍ଟାଣ୍ଡିଂ କମିଟିର ସଦସ୍ୟ ପ୍ରହ୍ଲାଦ ଘଟୁଆରୀ, ସଦସ୍ୟା ରାଧାମଣି ପ୍ରଧାନ, ବନ୍ଦନା ପ୍ରଧାନ ଓ ଛବି ପରିଡାଙ୍କ ସହିତ ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ, ଉପାଧକ୍ଷ ବିକ୍ରମ ଜେନା, ଜିଲାପରିଷଦ ସଭ୍ୟ ଧ୍ରୁବ ଚରଣ ଦାସ, ସିଡିପିଓ ପ୍ରେମବାଳା ତ୍ରିପାଠୀ, ଜିଲା ପ୍ରୋଗ୍ରାମ ଅଧିକାରୀ ସନ୍ଧ୍ୟାରାଣୀ ଦାସ, ସାମାଜିକ କର୍ମୀ କନକଲତା ପଣ୍ଡା, ସୁପରଭାଇଜର ଦେବକୀ ସାହୁ ପ୍ରମୁଖ ଏହି ପରିଦର୍ଶନରେ ସାମିଲ ହୋଇଥିଲେ।

## ଜୟଦେବ ଫାଉଣ୍ଡେଶନ ପୁରୀ ଶାଖା ଉଦ୍‌ଘାଟିତ

**ପୁରୀ ଅଫିସ, ୨୫।୯:**

ଷ୍ଟେଶନ ରୋଡ୍‌ସ୍ଥିତ ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ସୋମବାର ଜୟଦେବ ଫାଉଣ୍ଡେଶନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀର ପ୍ରାକ୍ତନ ଜିଲାପାଳ ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଫାଉଣ୍ଡେଶନର ପ୍ରତିଷ୍ଠାତା ସମ୍ପାଦକ ତଥା ଗବେଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କବି ଜୟଦେବଙ୍କ ଦର୍ଶନ ଓ ଆଦର୍ଶକୁ ପ୍ରଚାର ପ୍ରସାର କରିବା ଲକ୍ଷ୍ୟରେ ପୁରୀ ଜିଲା ଶାଖା କମିଟି ଗଠନ କରାଯାଇଥିଲା। ଏଥିରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ସଭାପତି, ସତ୍ୟନାରାୟଣ ଗୁରୁ କାର୍ଯ୍ୟକାରୀ ସଭାପତି, ବିଜୟ କୁମାର ପଣ୍ଡା ଉପସଭାପତି, ପ୍ରଫୁଲ୍ଲ କୁମାର ସାମନ୍ତରାୟ ସାଧାରଣ ସମ୍ପାଦକ, ପ୍ରସନ୍ନ କୁମାର ମିଶ୍ର କୋଷାଧକ୍ଷ, ଅନାମ ଚନ୍ଦ୍ର ସାହୁ ସଙ୍ଗଠନ ସମ୍ପାଦକ, ଶ୍ୟାମପ୍ରକାଶ ସେନାପତିଙ୍କୁ ଲୋକସମ୍ପର୍କ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ରୂପେ ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର, ଜଟାଧାରୀ ମିଶ୍ର, ଡ. ଭାସ୍କର ମିଶ୍ର, ବଦ୍ରି ମିଶ୍ର, ଚକ୍ରଧର ମହାପାତ୍ର, ଦେବୀପ୍ରସନ୍ନ ନନ୍ଦ, ସୁନୀଲ ରଥ, ଦେବଦତ୍ତ ଷଡ଼ଙ୍ଗୀଙ୍କୁ ମନୋନୀତ କରାଯାଇଥିବା ବେଳେ ଉପଦେଷ୍ଟା ରୂପେ ଦିଗମ୍ବର ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଓ ରବିନାରାୟଣ ଗୁରୁଙ୍କୁ ମନୋନୀତ କରାଯାଇଛି। ସଭା ପର୍ବ ଶେଷରେ କଣ୍ଠଶିଳ୍ପୀ ଗୀତା ବେହେରା ଜୟଦେବଙ୍କ ଶ୍ରୀଗୀତଗୋବିନ୍ଦ ପରିବେଷଣ କରିଥିଲେ।

■ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାତିଛନ୍ତି ଲୁଟେରା

## ଗୋଟିଏ ରାତିରେ ୧୦ ମୋବାଇଲ ଲୁଟ୍

**ପୁରୀ ଅଫିସ, ୨୫।୯:**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏବେ ଲୁଟେରା ମାତିଛନ୍ତି। ଗତ କିଛିଦିନ ହେଲା ମେଡିକାଲରୁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କଠାରୁ ଟଙ୍କା ଏବଂ ମୋବାଇଲ ଫୋନ୍ ଚୋରି ହେଉଥିବା ଅଭିଯୋଗ ହୋଇଆସୁଛି। ସୋମବାର ବିଳମ୍ବିତ ରାତିରେ ୧୦ଜଣଙ୍କ ନିକଟରୁ ମୋବାଇଲ ଓ ଟଙ୍କା ଚୋରି ହୋଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ଚୋରିର ଶିକାର ହୋଇଥିବା କେତେଜଣ ରୋଗୀଙ୍କ ସମ୍ପର୍କୀୟ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିସହିତ ଏକ ଲିଖିତ ଅଭିଯୋଗ କରିଥିଲେ।

ମଙ୍ଗଳବାର ରାତିରେ ନୂଆପାଟଣାର ବିଷ୍ଣୁଚରଣ ପ୍ରଧାନଙ୍କଠାରୁ ୨ହଜାର, ବାଲିଗୁଆଳିର ରଞ୍ଜନ ବାରିକଙ୍କଠାରୁ ୧୫ଶହ ଟଙ୍କା, ରୁପା ଚେନ୍ ଓ ଗୋଟିଏ ମୋବାଇଲ, ବ୍ରହ୍ମଗିରିର ସତ୍ୟନାରାୟଣ କାଣ୍ଡଙ୍କଠାରୁ ଗୋଟିଏ ମୋବାଇଲ ଏବଂ ୫ ହଜାର ଟଙ୍କା, ସୁଧୀର ଦଳାଇଙ୍କର ୨ହଜାର ଟଙ୍କା, କଟକର ସଂଗ୍ରାମ ସାହୁଙ୍କଠାରୁ ୫୦୦ ଟଙ୍କା ସହ ମନିପର୍ସ, ବଳରାମ ପୃଷ୍ଟି, ଗଦାଧର ସାହୁ, ଲକ୍ଷ୍ମୀଧର ବେହେରା, ମିଟୁ ସେନାପତି ଓ ପ୍ରମୋଦ ସାହୁ ପ୍ରମୁଖଙ୍କ ପକେଟରୁ ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ମେଡିକାଲ ପରିସରରେ ସିକ୍ୟୁରିଟି ବ୍ୟବସ୍ଥା କଡାକଡି କରିବାକୁ ସେମାନେ ଦାବି କରିଥିଲେ। ମେଡିକାଲ ପରିସରରେ ସିକ୍ୟୁରିଟି ଗାର୍ଡ ବ୍ୟବସ୍ଥା ରହିଛି। ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସିଡିଏମ୍‌ଓ ଭାସ୍କର ସାମନ୍ତରାୟ କହିଛନ୍ତି।

## କୋଣାର୍କ ଏନ୍‌ଏସିର ୨ଟି ୱାର୍ଡ ଖୋଲା ଶୌଚମୁକ୍ତ ଘୋଷଣା

**କୋଣାର୍କ, ୨୫।୯(ଡି.ଏନ୍.ଏ.)**

କୋଣାର୍କସ୍ଥିତ ରାଉଳପାଟଣା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କୋଣାର୍କ ଏନ୍‌ଏସି ପକ୍ଷରୁ ଖୋଲା ଶୌଚମୁକ୍ତ ୱାର୍ଡ ଘୋଷଣା ଅବସରରେ ସ୍ୱଚ୍ଛତା ସମ୍ବନ୍ଧୀୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ ସଭାପତିତ୍ୱ କରିଥିବାବେଳେ ଯୁବ ସଂଗଠକ ତଥା କାଉନ୍‌ସିଲର ଉପେନ୍ଦ୍ର କୁମାର କାଣ୍ଡି ଯୋଗଦେଇ ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା, ଖୋଲାରେ ମଳତ୍ୟାଗ ନ କରି ସମସ୍ତ ଜନସାଧାରଣ ପାଇଖାନ ବ୍ୟବହାର କରି ନୀରୋଗ ଓ ସୁସ୍ଥ ଜୀବନଯାପନ କରିବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏନ୍‌ଏସିର ୬ ଓ ୭ ନଂ ୱାର୍ଡ଼କୁ ଖୋଲା ଶୌଚମୁକ୍ତ ୱାର୍ଡ ଭାବେ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ଯୁବ କର୍ମୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ କାଉନସିଲର ବିଜୟ ନନ୍ଦି, ପ୍ରଧାନଶିକ୍ଷକ ଗନ୍ଧର୍ବ ସେନାପତି, କାଉନ୍‌ସିଲର ମମତା ନାୟକ ଓ ଏନ୍‌ଏସି ଗୋଷ୍ଠୀ ସଂଗଠିକା ଶୁଭଲକ୍ଷ୍ମୀ ହୋତା ପ୍ରମୁଖ ପରିଚାଳନା କରିଥିଲେ।

■ ଶ୍ରୀମନ୍ଦିର ସେବାୟତ କଲ୍ୟାଣ ଯୋଜନା

## ବିଧବାଙ୍କୁ ମିଳିବ ହବିଷ ଖର୍ଚ୍ଚ

**ପୁରୀ ଅଫିସ, ୨୫।୯:**

ଶ୍ରୀମନ୍ଦିର ସେବାୟତ କଲ୍ୟାଣ ଯୋଜନାରେ ସେବାୟତ ପରିବାରର ବିଧବା ମହିଳାଙ୍କୁ ଦିଆଯିବ ହବିଷ ଖର୍ଚ୍ଚ। ଶ୍ରୀମନ୍ଦିର ପ୍ରଶାସନ ବିଧବା ଭତ୍ତା ପାଉଥିବା ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ଲେଖାଏ ପ୍ରଦାନ କରିବ। ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଥମଥର ଲାଗି ଏହି ନିଷ୍ପତ୍ତି ନିଆଯାଇଛି। ଗତ ଜୁଲାଇ ୪ରେ ଅନୁଷ୍ଠିତ ସେବକ କଲ୍ୟାଣ ସବ୍‌କମିଟି ଏବଂ ଅଗଷ୍ଟ ୧୮ରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ନିଷ୍ପତ୍ତିକ୍ରମେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି।

# ପ୍ରହସନ ପାଲଟିଛି ଜନଶୁଣାଣି ଶିବିର

**ଗୋପ, ୨୫।୯(ଡି.ଏନ୍.ଏ.)**

ଗୋପ ବ୍ଲକ ବୈଠକ ଗୃହଠରେ ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିବାବେଳେ ଏହି ଶିବିରରେ ବ୍ୟାପକ ଅବ୍ୟବସ୍ଥା ନେଇ ସାଧାରଣ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବିଡିଓ ଦାୟିତ୍ୱରେ ଥିବା ଆକାଉଣ୍ଟାଣ୍ଟ ଅଫିସର ରାମଚନ୍ଦ୍ର ସ୍ୱାଇଁ ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ପ୍ରକାଶ ଯେ, ୨୦୧୭-୧୮ ଆର୍ଥିକ ବର୍ଷରେ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ହୋଇଥିଲା। ଏଥିରେ ବ୍ୟାପକ ଅନିୟମିତତା ହେବା ସହ ଏ ପର୍ଯ୍ୟନ୍ତ କେତେକ ଗ୍ରାମପଞ୍ଚାୟତରେ ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳି ନ ଥିବା ଭଳି ଅଭିଯୋଗ ହୋଇଥିଲା। ୨୦୧୭-୧୮ ଆର୍ଥିକ ବର୍ଷରେ ଅର୍ଥାତ୍ ୨୦୧୭ସେପ୍ଟେମ୍ବର ରୁ ୩୧ ମାର୍ଚ୍ଚ ୨୦୧୮ ମଧରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟ କରାଯାଇଥିଲା। ଏଥିରେ ଦୁର୍ନିତୀ ଓ ଅନିୟମିତତା ନେଇ ଜିଲାପାଳ ଏବଂ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ଅଧିକାରୀମାନେ ଏଥିପ୍ରତି ଧ୍ୟାନ ଦେଇ



ଜନଶୁଣାଣି ଶିବିରରେ ଅଧିକାରୀମାନେ ଅନୁପସ୍ଥିତ ରହିଛନ୍ତି।

**ଆସିଲେନି ଅଧିକାରୀ**

ନ ଥିଲେ। ପରେ ବ୍ଲକ ପକ୍ଷରୁ ନିୟୋଜିତ ଭିଆର୍‌ପି(ଭିଲେଜ ରିସର୍ଚ୍ଚ ପର୍ସନ)ମାନେ ୩୧ଟିପଞ୍ଚାୟତରେ ଚଳିତ ଜୁଲାଇ ମାସରେ ଅଗଷ୍ଟ ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତରେ ଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଫାଇଲ୍ ଗୁଡ଼ିକ ସମୀକ୍ଷା କରିବାକୁ ଯାଇଥିଲେ। ମାତ୍ର ସେ ସମୟରେ ଗ୍ରାମ ପଞ୍ଚାୟତ ଦାୟିତ୍ୱରେ ଥିବା ଅଧିକାରୀମାନେ ଫାଇଲ୍ ପତ୍ର ଠିକ୍ ଭାବରେ ଦେଖାଇ ନ ଥିଲେ। ମଙ୍ଗଳବାର ଅନୁଷ୍ଠିତ ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର କାର୍ଯ୍ୟ ପ୍ରଣାଳୀ ଉପରେ କୌଣସି ସୂଚନା ଠିକ୍ ଭାବରେ ମିଳୁ ନ ଥିବା ସହ ଏହି ଯୋଜନାର ଆଦୌ ସଚେତନତା ହେଉ ନ ଥିବାରୁ ଯୋଜନା କ'ଣ ଆମେ କିଛି ଜାଣିପାରୁ ନ ଥିବା ନେଇ ସରପଞ୍ଚ ଦେବବ୍ରତ ସାହୁ, ବିଭୂତି ଭୂଷଣ ସାହୁ, ସମିତି ସଭ୍ୟ କରୁଣାକର ସାହୁ ପ୍ରମୁଖ ଅଭିଯୋଗ କରିଥିଲେ। ସେହିପରି ଏହି ଜନଶୁଣାଣୀ ଶିବିରକୁ ଭିଆରପିମାନଙ୍କୁ ଡକାଯାଇ ନ ଥିଲା। ଏହି ଶିବିରରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ଆସି ନ ଥିବାବେଳେ ଜିଲା ସାମାଜିକ ସମୀକ୍ଷକ ରାଜକିଶୋର ପରିଡ଼ା ଯୋଗ ଦେଇ ଏହି ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ସୂଚନା ଦେଇଥିବାବେଳେ ଅନିୟମିତତା ସମ୍ପର୍କରେ ଜିଲାପାଳଙ୍କୁ ଜଣାଇବେ ବୋଲି କହିଥିଲେ। ପ୍ରଚାର ପ୍ରସାର ଅଭାବରୁ ସାଧାରଣ ଲୋକେ ଆସିପାରି ନ ଥିବା ଭଳି ଅଭିଯୋଗ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗୋପ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା, ଏପିଓ ମୋନାଲିସା ଶତପଥୀ, ବ୍ଲକ ସାମାଜିକ ସମୀକ୍ଷକ ଯଯାତି କେଶରୀ ସାମନ୍ତରାୟଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଖୋର୍ଦ୍ଧାରୋଡ୍ ଷ୍ଟେଶନରୁ ୪ ସ୍କୁଲ ଛାତ୍ର ଉଦ୍ଧାର

■ ପୁରୀରୁ ଚଢ଼ିଥିଲେ, ପରିଚୟ ପତ୍ରରୁ ଧରାପଡ଼ିଲେ

**ପୁରୀ ଅଫିସ, ୨୫।୯:**

୪ ସ୍କୁଲ ଛାତ୍ରଙ୍କୁ ଆରପିଏଫ୍ ପୋଲିସ ମଙ୍ଗଳବାର ଖୋର୍ଦ୍ଧାରୋଡ ରେଳଷ୍ଟେଶନରୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରୁ ଜଣକ ହାତ ଭାଙ୍ଗିଥିବା ଜଣାପଡିଛି। ଉଦ୍ଧାର ଛାତ୍ରମାନଙ୍କ ଡ୍ରେସ୍ କୋଡ୍ ଏବଂ ପରିଚୟ ପତ୍ରରୁ ସେମାନେ ପୁରୀ ବୀରହରେକୃଷ୍ଣପୁର ସେଣ୍ଟ ଜାଭିୟର୍ସର ସ୍କୁଲର ଛାତ୍ର ବୋଲି ଜଣାପଡିଛି। ଉଦ୍ଧାର ଛାତ୍ରମାନଙ୍କୁ ସେମାନଙ୍କ ଅଭିଭାବକଙ୍କ ଜିମା ଦିଆଯାଇଥିବା ଖୋର୍ଦ୍ଧାରୋଡ ଆରପିଏଫ୍ ସୂଚନା ଦେଇଛି। କେଉଁ ପରିସ୍ଥିତିରେ, କିପରି ଛାତ୍ରମାନେ ଏଠାକୁ ଆସିଲେ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଦ୍ଧାର ଛାତ୍ରମାନଙ୍କ ଅଭିଭାବକମାନେ ପୁରୀ ଟାଉନ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

ମଙ୍ଗଳବାର ସ୍କୁଲ ଛୁଟି ପରେ ଛାତ୍ରମାନେ ସ୍କୁଲ ବସ୍‌ରେ ଚଢ଼ିଥିଲେ। ତେବେ ଉକ୍ତ ୪ ଛାତ୍ର ମୋଚିସାହି ଷ୍ଟପେଜ୍‌ରେ ଓହ୍ଲାଇବା ପରିବର୍ତ୍ତେ ଅନ୍ୟ ଏକ ଷ୍ଟପେଜ୍‌ରେ ଓହ୍ଲାଇ ପଡିଥିଲେ। ପରେ ସେମାନେ ଟ୍ରେନ୍ ଯୋଗେ ଖୋର୍ଦ୍ଧାରୋଡ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ଏଣେତେଣେ ବୁଲୁଥିବା ବେଳେ ପ୍ଲାଟ୍‌ଫର୍ମରେ ଡ୍ୟୁଟି କରୁଥିବା ଆରପିଏଫ୍ ପୋଲିସ ସନ୍ଦେହରେ ସେମାନଙ୍କୁ ଧରିଥିଲା। ସେପଟେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପିଲାମାନେ ଘରକୁ ନ ଫେରିବାରୁ ଅଭିଭାବକମାନେ ବ୍ୟତିବ୍ୟସ୍ତ ହୋଇପଡିଥିଲେ। ଏ ନେଇ ସେମାନେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହି ସମୟରେ ଖୋର୍ଦ୍ଧାରୋଡରୁ ସେମାନଙ୍କ ପିଲାମାନେ ଉଦ୍ଧାର ହୋଇଥିବା ଖବର ପାଇଥିଲେ। ଖବର ପାଇ ଅଭିଭାବକମାନେ ସେଠାରେ ପହଞ୍ଚିଥିଲେ। ଚଳନ୍ତା ଟ୍ରେନ୍‌ରୁ ଓହ୍ଲାଇବାକୁ ଚେଷ୍ଟା କରିବା ବେଳେ ଜଣେ ଛାତ୍ରଙ୍କ ହାତ ଭାଙ୍ଗିଥିବା ଜଣାପଡିଛି।